# ଭାରତର
# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ପ୍ରତିବେଦନ

## 31 ମାର୍ଚ୍ଚ 2009 ରେ ସମାପ୍ତ ବର୍ଷ ପାଇଁ

## ରାଜସ୍ୱ ପ୍ରାପ୍ତି

## ଓଡ଼ିଶା ସରକାର

# ଭାରତର
# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ପ୍ରତିବେଦନ

## 31 ମାର୍ଚ୍ଚ 2009 ରେ ସମାପ୍ତ ବର୍ଷ ପାଇଁ

## ରାଜସ୍ୱ ପ୍ରାପ୍ତି

## ଓଡ଼ିଶା ସରକାର

## ସୂଚୀପତ୍ର



| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| ▶ | ମୁଖବନ୍ଧ | | vii |
| ▶ | ବିହଙ୍ଗାବଲୋକନ | | ix to xv |
| | **ଅଧ୍ୟାୟ I: ସାଧାରଣ** | | |
| ▶ | ରାଜସ୍ୱ ପ୍ରାପ୍ତିର ଧାରା | 1.1 | 1 |
| ▶ | ବଜେଟ ଅଟକଳ ଓ ବାସ୍ତବ ରାଜସ୍ୱ ମଧ୍ୟରେ ଭିନ୍ନତା | 1.2 | 4 |
| ▶ | ସଂଗ୍ରହର ବିଶ୍ଳେଷଣ | 1.3 | 5 |
| ▶ | ସଂଗ୍ରହ ଜନିତ ବ୍ୟୟ | 1.4 | 6 |
| ▶ | ବକେୟା ରାଜସ୍ୱର ବିଶ୍ଳେଷଣ | 1.5 | 6 |
| ▶ | ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା | 1.6 | 9 |
| ▶ | କର ଫାଙ୍କି | 1.7 | 10 |
| ▶ | ଦାୟିତ୍ୱାଧୀନତା ପ୍ରର୍ବନ ଓ ସରକାରଙ୍କ ସ୍ୱାର୍ଥରକ୍ଷା କରିବାରେ ବିଫଳତା | 1.8 | 11 |
| ▶ | ବିଭାଗୀୟ ସମୀକ୍ଷା କମିଟି ବୈଠକ | 1.9 | 12 |
| ▶ | ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ପ୍ରତି ବିଭାଗମାନଙ୍କ ଜବାବ | 1.10 | 13 |
| ▶ | ସମୀକ୍ଷା ପ୍ରତିବେଦନ ଉପରେ ପରର୍ବୀ କାର୍ଯ୍ୟାନୁଷ୍ଠାନ - ସଂକ୍ଷିପ୍ତ ସ୍ଥିତି | 1.11 | 14 |
| ▶ | ସମୀକ୍ଷା ପ୍ରତିବେଦନର ଅନୁପାଳନ | 1.12 | 15 |
| ▶ | ସମୀକ୍ଷାର ପରିଣାମ | 1.13 | 16 |
| | **ଅଧ୍ୟାୟ II: ବିକ୍ରୟ କର, ମୂଲ୍ୟଯୁକ୍ତ କର ଏବଂ ପ୍ରବେଶ କର** | | |
| ▶ | ସମୀକ୍ଷାର ପରିଣାମ | 2.1 | 17 |
| ▶ | **ବିକ୍ରୟ କରରୁ ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନ** | 2.2 | 18 |
| ▶ | ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ | 2.3 | 38 |
| ▶ | ଶିଳ୍ପାନୁଷ୍ଠାନମାନଙ୍କ ଦ୍ୱାରା ସ୍ଥାପିତ ନିଜସ୍ୱ ବିଦ୍ୟୁତ କେନ୍ଦ୍ରଗୁଡିକୁ ଅନୁଚିତ ରିଆତି ମଞ୍ଜୁରୀ | 2.4 | 38 |
| ▶ | ଅଧିନିୟମ/ନିୟମାବଳୀର ବ୍ୟବସ୍ଥା ପାଳନ ନହେବା | 2.5 | 39 |
| ▶ | କର ଓ ଜୋରିମାନା ଅନାରୋପଣ | 2.5.1 | 40 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| ▶ | ସମୀକ୍ଷିତ ହିସାବ ଉପସ୍ଥାପନ ନହେବା/ବିଳମ୍ବରେ ଉପସ୍ଥାପନ ହେବା ବାବଦରେ ଜୋରିମାନା ଅନାରୋପଣ | 2.5.2 | 41 |
| ▶ | ନିମ୍ନତର କର ହାର ପ୍ରୟୋଗ ହେତୁ ଅବନିର୍ଦ୍ଧାରଣ | 2.5.3 | 42 |
| ▶ | ଜୋରିମାନା ଅନାରୋପଣ | 2.5.4 | 44 |
| ▶ | ବିକ୍ରୟ କର ପ୍ରୋତ୍ସାହନ ପରିକଳ୍ପନାରେ ଅଧିକ ଅବ୍ୟାହତି ମଞ୍ଜୁରୀ | 2.5.5 | 45 |
| ▶ | କଞ୍ଚା ତମାଖୁ ଉପରେ କର ଅନାରୋପଣ | 2.5.6 | 46 |
| ▶ | ବିଳମ୍ବରେ କର ପ୍ରଦାନ/ଅପ୍ରଦାନ ବାବଦରେ ସୁଧ ଓ ଜୋରିମାନା ଅନାରୋପଣ | 2.5.7 | 46 |
| ▶ | ପ୍ରବେଶ କର ଅନାରୋପଣ/ସ୍ୱଳ୍ପାରୋପଣ | 2.5.8 | 47 |
| ▶ | ଅନିୟମିତ ବିୟୋଗୀକରଣ ମଞ୍ଜୁରୀ ହେତୁ କର ଅବନିର୍ଦ୍ଧାରଣ | 2.5.9 | 48 |
| ▶ | ଚଳନ ବିକ୍ରୟର ଅନିୟମିତ ମଞ୍ଜୁରୀ ହେତୁ କର ଅବନିର୍ଦ୍ଧାରଣ | 2.5.10 | 48 |
| ▶ | ଅଧିଭାର ଅନାରୋପଣ | 2.5.11 | 49 |
| ▶ | ଉଚିତ ଯାଞ୍ଚ ନହେବା ହେତୁ ଅଧିକ ନିବେଶ କର ଜମାର ସମାୟୋଜନ | 2.5.12 | 49 |
| ▶ | ଦାବି ଉତ୍ଥାପନ ନହେବା | 2.5.13 | 50 |
| ▶ | କର ଛାଡ ହୋଇଥିବା ବିକ୍ରୟ ଉପରେ ଅନିୟମିତ ନିବେଶ କର ଜମା ମଞ୍ଜୁରୀ | 2.5.14 | 50 |
| ▶ | ଅଧିନିୟମ/ନିୟମାବଳୀର ଅନୁପାଳନ ନହେବା | 2.6 | 51 |
| ▶ | କରଯୋଗ୍ୟ କାରବାରର ସ୍ୱଳ୍ପଅବଧାରଣ ହେତୁ ପ୍ରବେଶ କର ଅବନିର୍ଦ୍ଧାରଣ | 2.6.1 | 51 |
| ▶ | ବିକ୍ରୟ ଗୋପନ ହେତୁ କର ନିସ୍ତାର | 2.6.2 | 52 |
| ▶ | ସରକାରଙ୍କ ଅଧିସୂଚନା ଗୁଡିକ ପାଳନ ନହେବା | 2.7 | 53 |
| ▶ | ବିକ୍ରୟ ଉପରେ ଅନିୟମିତ କର ଛାଡ ମଞ୍ଜୁରୀ | 2.7.1 | 53 |
| ▶ | ଭ୍ରମାତ୍ମକ ରିଆତି କର ହାର ପ୍ରୟୋଗ ହେତୁ ଅବନିର୍ଦ୍ଧାରଣ | 2.7.2 | 55 |
| **ଅଧ୍ୟାୟ III: ମୋଟର ଯାନ କର** | | | |
| ▶ | ସମୀକ୍ଷାର ପରିଣାମ | 3.1 | 57 |
| ▶ | **ଓଡିଶା ପରିବହନ ବିଭାଗର 'ବାହନ' ଉପରେ ସୂଚନା ପ୍ରଯୁକ୍ତିବିଦ୍ୟା ସମୀକ୍ଷା** | 3.2 | 58 |
| ▶ | ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ | 3.3 | 75 |

| | | ପ୍ରସଙ୍ଗ ସୂଚ଼ନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| ▸ | ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥାର ଅନୁପାଳନ ନହେବା | 3.4 | 75 |
| ▸ | ମୋଟର ଯାନ କର ଏବଂ ଅତିରିକ୍ତ କରର ଅନାଦାୟ/ସ୍ୱଳ୍ପାଦାୟ | 3.4.1 | 76 |
| ▸ | ଚ଼ଳାଚ଼ଳ ରହିତ ଘୋଷଣାନାମାକୁ ଅବଜ୍ଞା କରିଥିବା ବାବଦ ମୋଟର ଯାନକର/ଅତିରିକ୍ତ କର ଅନାଦାୟ | 3.4.2 | 77 |
| ▸ | ପରମିଟ ବିନା ଚ଼ଳାଚ଼ଳ କରୁଥିବା ଯାତ୍ରୀବାହୀ ଗାଡ଼ିଗୁଡ଼ିକ ବାବଦ କର ଅନାଦାୟ/ସ୍ୱଳ୍ପାଦାୟ | 3.4.3 | 77 |
| ▸ | ବିଳମ୍ବରେ ପୈଠ ହୋଇଥିବା ମୋଟର ଯାନ କର ଏବଂ ଅତିରିକ୍ତ କର ବାବଦରେ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ | 3.4.4 | 78 |
| ▸ | ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକ ବାବଦ ମୋଟରଯାନ କର/ଅତିରିକ୍ତ କର ଅନାଦାୟ/ସ୍ୱଳ୍ପାଦାୟ | 3.4.5 | 79 |
| ▸ | ବ୍ୟବସାୟିକ ପ୍ରମାଣପତ୍ର ଉପରେ କର/ଫିସ୍ ଅନାଦାୟ | 3.4.6 | 79 |
| ▸ | ସରକାରୀ ଅଧିସୂଚନା/ନିଷ୍ପତ୍ତିର ଅନୁପାଳନ ନହେବା | 3.5 | 80 |
| ▸ | ପ୍ରତିସ୍ୱାକ୍ଷରିତ ଫିସ୍/ପ୍ରକ୍ରିୟା ଫିସ୍‌ର ସ୍ୱଳ୍ପାଦାୟ/ଅନାଦାୟ | 3.5.1 | 80 |
| ▸ | ପାରସ୍ପରିକ ରାଜିନାମା ଅନ୍ତର୍ଗତ ମାଲବାହୀ ଗାଡିଗୁଡିକ ବାବଦ ମିଶ୍ରିତ କର ଅନାଦାୟ | 3.5.2 | 81 |
| | **ଅଧ୍ୟାୟ IV: ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍** | | |
| ▸ | ସମୀକ୍ଷାର ପରିଣାମ | 4.1 | 83 |
| ▸ | ସମୀକ୍ଷା ମନ୍ତବ୍ୟ | 4.2 | 84 |
| **ଭୂ-ରାଜସ୍ୱ** | | | |
| ▸ | ସରକାରଙ୍କ ଆଦେଶ/ଅନୁଦେଶ ପାଳନ ନହେବା | 4.3 | 84 |
| ▸ | ସରକାରୀ ଜମି ହସ୍ତାନ୍ତକରଣରେ ରାଜସ୍ୱ ଅନାଦାୟ/ସ୍ୱଳ୍ପାଦାୟ | 4.3.1 | 84 |
| ▸ | ସରକାରୀ ଜମିର ଅପ୍ରାଧିକୃତ ଦଖଲ ଉପରେ ଦାବି ଉତ୍ଥାପିତ ନହେବା | 4.3.2 | 87 |
| ▸ | କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ପରିବର୍ତ୍ତନରେ ଅଧିମୂଲ୍ୟ ସ୍ୱଳ୍ପାଦାୟ | 4.4 | 88 |
| **ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍** | | | |
| ▸ | ଅଧିନିୟମ/ନିୟମାବଳୀ/ସରକାରଙ୍କ ଅନୁଦେଶ ପାଳନ ନହେବା | 4.5 | 89 |
| ▸ | ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍‌ର ଆରୋପଣ ଓ ଆଦାୟ | 4.6 | 89 |
| ▸ | ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାଦାୟ | 4.7 | 97 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| **ଅଧ୍ୟାୟ V: ଅନ୍ୟାନ୍ୟ କର ପ୍ରାପ୍ତି** | | | |
| ▸ | ସମୀକ୍ଷାର ପରିଣାମ | 5.1 | 99 |
| ▸ | ସମୀକ୍ଷା ମନ୍ତବ୍ୟ | 5.2 | 100 |
| **ବୃତ୍ତି କର** | | | |
| ▸ | ବୃତ୍ତି କର ଅନାରୋପଣ | 5.3 | 100 |
| **ରାଜ୍ୟ ଅବକାରୀ** | | | |
| ▸ | ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଅନାରୋପଣ | 5.4 | 102 |
| **ଅଧ୍ୟାୟ VI: ବନ ପ୍ରାପ୍ତି** | | | |
| ▸ | ସମୀକ୍ଷାର ପରିଣାମ | 6.1 | 105 |
| ▸ | ସମୀକ୍ଷା ମନ୍ତବ୍ୟ | 6.2 | 106 |
| ▸ | ସରକାରଙ୍କ ଆଦେଶ ଅନୁପାଳନ ନହେବା | 6.3 | 106 |
| ▸ | ଗଡ଼ିକାଠ ଓ ଖୁଣ୍ଟ ଗୁଡିକର ଅଣନିକାଶ | 6.3.1 | 106 |
| ▸ | ବିଳମ୍ବରେ ପ୍ରଦ ରାଜଭାଗ ଉପରେ ସୁଧ ଅନାରୋପଣ | 6.3.2 | 107 |
| **ଅଧ୍ୟାୟ VII: ଖଣିଜ ପ୍ରାପ୍ତି** | | | |
| ▸ | ସମୀକ୍ଷାର ପରିଣାମ | 7.1 | 109 |
| ▸ | ସମୀକ୍ଷା ମନ୍ତବ୍ୟ | 7.2 | 110 |
| ▸ | ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁପାଳନ ନହେବା | 7.3 | 110 |
| ▸ | କୋଇଲା ଉପରେ ରାଜଭାଗ ସ୍ୱଳ୍ପାରୋପଣ | 7.3.1 | 110 |
| ▸ | ଲୁହାପଥର ଉପରେ ରାଜଭାଗ ସ୍ୱଳ୍ପାରୋପଣ | 7.3.2 | 111 |
| ▸ | ବିଳମ୍ବରେ ପ୍ରଦତ୍ତ ଖଣିଜ ଦେୟ ଉପରେ ସୁଧ ଅନାରୋପଣ | 7.3.3 | 113 |
| ▸ | ଚୂନପଥର ଉପରେ ରାଜଭାଗ ସ୍ୱଳ୍ପାଦାୟ | 7.4 | 113 |
| **ଅଧ୍ୟାୟ VIII: ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି** | | | |
| ▸ | ସମୀକ୍ଷାର ପରିଣାମ | 8.1 | 115 |
| ▸ | ସମୀକ୍ଷା ମନ୍ତବ୍ୟ | 8.2 | 116 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| **ଜଳ ସମ୍ପଦ ବିଭାଗ** | | | |
| ▸ | ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍‌ର ନିର୍ଦ୍ଧାରଣ, ଧାର୍ଯ୍ୟ ଓ ଅସୁଲ | 8.3 | 116 |
| **ଶକ୍ତି ବିଭାଗ** | | | |
| ▸ | ଅଧିସୂଚନା/ନିଷ୍ପତ୍ତିର ପାଳନ ନହେବା | 8.4 | 120 |
| ▸ | ସଂଗ୍ରହଣ ଏବଂ ବିତରଣ ଜନିତ କ୍ଷତି ଉପରେ ବିଦ୍ୟୁତ ଶୁଳ୍କ ଅନାରୋପଣ | 8.5 | 121 |
| ▸ | ନିରୀକ୍ଷଣ ଫିସ୍ ବାବଦରେ ଦାବି ଉତ୍ଥାପିତ ନହେବା | 8.6 | 121 |
| ▸ | ସୁଧ ଅନାରୋପଣ | 8.7 | 122 |
| **ଗୃହ ଓ ନଗର ଉନ୍ନୟନ ବିଭାଗ** | | | |
| ▸ | ସ୍ୱେରେଜ ଦେୟ ଅନାଦାୟ ଏବଂ ଜଳ ଦେୟ ସ୍ୱଳ୍ପାଦାୟ | 8.8 | 122 |

# ମୁଖବନ୍ଧ

ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ ନିମନ୍ତେ ସମ୍ବିଧାନର 151(2) ଧାରା ଅନୁସାରେ 31 ମାର୍ଚ୍ଚ 2009 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ କରାଯାଇଅଛି ।

ରାଜ୍ୟ ସରକାରଙ୍କର ରାଜସ୍ୱପ୍ରାପ୍ତି ସମୂହର ସମୀକ୍ଷା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1971ର ଧାରା 16 ଅନୁସାରେ କରାଯାଏ । ଏହି ପ୍ରତିବେଦନରେ ବିକ୍ରୟ କର, ମୂଲ୍ୟଯୁକ୍ତ କର (ଭାଟ୍), ପ୍ରବେଶ କର, ମୋଟର ଯାନ କର, ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍, ରାଜ୍ୟ ଅବକାରୀ, ବନ ପ୍ରାପ୍ତି, ଖଣିଜ ପ୍ରାପ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି ସମୂହର ସମୀକ୍ଷା ଫଳାଫଳ ଉପସ୍ଥାପନ କରାଯାଇଅଛି ।

ଏହି ପ୍ରତିବେଦନରେ 2008-09 ମସିହା ତଥା ପୂର୍ବବର୍ଷମାନଙ୍କରେ ନଥିପତ୍ରର ନମୁନା ଯାଞ୍ଚ ସମୟରେ ପରିଲକ୍ଷିତ ବିଷୟମାନ ଯାହା ପୂର୍ବବର୍ତ୍ତୀ ପ୍ରତିବେଦନଗୁଡ଼ିକରେ ଅନ୍ତର୍ଭୁକ୍ତ କରାଯାଇପାରିନଥିଲା, ତାହା ଉଲ୍ଲେଖ କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ବିହଙ୍ଗାବଲୋକନ

## I. ସାଧାରଣ

ଏହି ପ୍ରତିବେଦନରେ 578.83 କୋଟି ଟଙ୍କାର କର, ସୁଧ, ଜୋରିମାନା ଇତ୍ୟାଦିର ଅନାରୋପଣ କିମ୍ବା ସ୍ୱଳ୍ପାରୋପଣ, ରାଜସ୍ୱହାନି ସମ୍ବନ୍ଧୀୟ ଦୁଇଗୋଟି ପୁନର୍ବିଲୋକନ ସମେତ 47 ଟି ଅନୁଚ୍ଛେଦ ସ୍ଥାନ ପାଇଅଛି । କେତେକ ମୁଖ୍ୟ ସିଦ୍ଧାନ୍ତ ନିମ୍ନରେ ପ୍ରଦ ହେଲା:

ବିଗତ ବର୍ଷରେ ସରକାରଙ୍କ ସମୁଦାୟ ରାଜସ୍ୱପ୍ରାପ୍ତି 21,967 କୋଟି ଟଙ୍କା ହୋଇଥିବା ସ୍ଥଳେ 2008-09 ବର୍ଷରେ ଏହା 24,610[#] କୋଟି ଟଙ୍କା ହୋଇଥିଲା । ଏଥି ମଧ୍ୟରୁ 45.39 ପ୍ରତିଶତ (କର ରାଜସ୍ୱ 7,995 କୋଟି ଟଙ୍କା ଓ ଅଣକର ରାଜସ୍ୱ 3,176 କୋଟି ଟଙ୍କା) ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ହୋଇଥିଲା । ଅବଶିଷ୍ଟ 54.61 ପ୍ରତିଶତ (ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ 8,280 କୋଟି ଟଙ୍କା ଓ ସହାୟକ ଅନୁଦାନ 5,159 କୋଟି ଟଙ୍କା) ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ହୋଇଥିଲା ।

***(ଅନୁଚ୍ଛେଦ 1.1)***

31 ଡ଼ିସେମ୍ବର 2008 ସୁଦ୍ଧା ପ୍ରଦାନ କରାଯାଇଥିବା 3,168 ଗୋଟି ପ୍ରତିବେଦନରେ 3,901.84 କୋଟି ଟଙ୍କା ସମ୍ବଳିତ 8,917 ଗୋଟି ସମୀକ୍ଷା ଅବଲୋକନ 30 ଜୁନ୍ 2009 ପର୍ଯ୍ୟନ୍ତ ସଂପୃକ୍ତ ବିଭାଗ ଗୁଡ଼ିକର ଟିପ୍ପଣୀ/ଅନ୍ତିମ କାର୍ଯ୍ୟାନୁଷ୍ଠାନ ଅଭାବରୁ ନିଷ୍ପି ନହୋଇ ପଡ଼ିରହିଥିଲା ।

***(ଅନୁଚ୍ଛେଦ 1.8)***

2008-09 ବର୍ଷ ମଧ୍ୟରେ ବିକ୍ରୟ କର/ମୂଲ୍ୟଯୁକ୍ତ କର (ଭାଟ୍), ପ୍ରବେଶ କର, ମୋଟରଯାନ କର, ଭୂ-ରାଜସ୍ୱ, ରାଜ୍ୟ ଅବକାରୀ, ବନ ପ୍ରାପ୍ତି, ଖଣିଜ ପ୍ରାପ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ ଗୁଡ଼ିକର ନଥିପତ୍ରର ନମୁନା ଯାକ୍ରମେ 2,79,083 ଗୋଟି ମାମଲାରେ 1,502.69 କୋଟି ଟଙ୍କାର ଅବନିର୍ଦ୍ଧାରଣ/ ସ୍ୱଳ୍ପାରୋପଣ/ରାଜସ୍ୱ ହାନି ଇତ୍ୟାଦି ପରିଲକ୍ଷିତ ହୋଇଥିଲା । 2008-09 ବର୍ଷ ମଧ୍ୟରେ ସଂପୃକ୍ତ ବିଭାଗଗୁଡ଼ିକ 85,766 ଗୋଟି ମାମଲାରେ 118.21 କୋଟି ଟଙ୍କାର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତାକୁ ଗ୍ରହଣ କରିଥିଲେ ଯାହା 2008-09 ଓ ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ଦର୍ଶାଯାଇଥିଲା । ବିଭାଗ ଗୁଡିକ 5,495 ଗୋଟି ମାମଲାରେ 176.26 କୋଟି ଟଙ୍କା ଅସୁଲ କରିଥିଲେ ।

***(ଅନୁଚ୍ଛେଦ 1.13)***

## II. ବିକ୍ରୟ କର, ମୂଲ୍ୟଯୁକ୍ତ କର ଏବଂ ପ୍ରବେଶ କର

**"ବିକ୍ରୟ କରରୁ ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନ"** ଉପରେ କରାଯାଇଥିବା ଏକ ପୁନର୍ବିଲୋକନରେ ନିମ୍ନଲିଖିତ ବିଷୟ ଗୁଡିକ ଦୃଷ୍ଟିଗୋଚର ହୋଇଥିଲା:

# ଅଧ୍ୟାୟ -I ରେ ଦର୍ଶାଯାଇଥିବା ଅଙ୍କକୁ ବିହଙ୍ଗାବଲୋକନରେ ନିକଟର୍ବୀ କୋଟି ଟଙ୍କାରେ ପୂର୍ଣ୍ଣାଙ୍କ କରାଯାଇଛି ।

- ରେଞ୍ଜ ଓ ମଣ୍ଡଳ ଗୁଡିକର ପୁନଃସଂଗଠନ ବିଳମ୍ବରେ ହୋଇଥିଲା । କର୍ମଚାରୀ ବର୍ଗର ସ୍ୱଳ୍ପତା ଏବଂ ଅପସାରିତ ହୋଇଥିବା ଓଡିଶା ବିକ୍ରୟ କର ଅଧିନିୟମ ଅନ୍ତର୍ଗତ 2004-05 ଓ ପୂର୍ବବର୍ତ୍ତୀ ବର୍ଷ ଗୁଡିକର ବହୁ ସଂଖ୍ୟକ ନିର୍ଦ୍ଧାରଣ ମାମଲାଗୁଡିକୁ ସମ୍ଭାଳିବା ପରିବର୍ତ୍ତନ ପ୍ରକ୍ରିୟାକୁ ପ୍ରଭାବିତ କରିଥିଲା ।

**(*ଅନୁଚ୍ଛେଦ 2.2.7*)**

- ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀରେ ନାନାବିଧ ଅଭାବ ରହିଥିଲା । ବ୍ୟବସାୟୀ ମାନଙ୍କୁ ରିଟର୍ଣ୍ଣ ସହ ସମର୍ଥିତ ଦସ୍ତାବିଜ କିମ୍ବା ପ୍ରମାଣ ଦାଖଲ କରିବାର ବାଧ୍ୟତାମୂଳକ ବ୍ୟବସ୍ଥା ନଥିଲା ।

**(*ଅନୁଚ୍ଛେଦ 2.2.9*)**

- କର ସମୀକ୍ଷା ହାରର ସ୍ୱଳ୍ପତା 38 ରୁ 97 ପ୍ରତିଶତ ମଧ୍ୟରେ ରହିଥିବା ହେତୁ ବ୍ୟବସାୟୀ ମାନଙ୍କର କର ସମୀକ୍ଷା ଅବହେଳିତ ହୋଇଥିଲା । ମୂଲ୍ୟଯୁକ୍ତ କର ସୂଚନା ପଦ୍ଧତିର ସମୀକ୍ଷା ମୋଡ୍ୟୁଲ କାର୍ଯ୍ୟକ୍ଷମ ହୋଇନଥିଲା ।

**(*ଅନୁଚ୍ଛେଦ 2.2.10.3 ଏବଂ 2.2.10.4*)**

- ସମୀକ୍ଷା ପରିଦର୍ଶନ ପ୍ରତିବେଦନ ଗୁଡିକର ଉପସ୍ଥାପନା ଏବଂ ସମୀକ୍ଷା ନିର୍ଦ୍ଧାରଣ ଗୁଡିକ ଚୂଡାନ୍ତ କରିବାରେ ମାତ୍ରାତିରିକ୍ତ ବିଳମ୍ବ ହୋଇଥିଲା ।

**(*ଅନୁଚ୍ଛେଦ 2.2.10.5 ଏବଂ 2.2.14.1*)**

- 1 ଏପ୍ରିଲ 2005 ସୁଦ୍ଧା ଥିବା ପ୍ରାରମ୍ଭିକ ଭଣ୍ଡାରର ଅଂଶ ବାବଦରେ ଗ୍ରହଣଯୋଗ୍ୟ ନଥିବା 46.79 ଲକ୍ଷ ଟଙ୍କାର ନିବେଶ କର ବ୍ୟବସାୟୀମାନଙ୍କୁ ଅନୁମୋଦନ କରାଯାଇଥିଲା ।

**(*ଅନୁଚ୍ଛେଦ 2.2.11.2*)**

ନିଜସ୍ୱ ଶକ୍ତିକେନ୍ଦ୍ର ସ୍ଥାପନ କରିଥିବା ବିଭିନ୍ନ ଶିଳ୍ପସଂସ୍ଥା ମାନଙ୍କୁ ଅନୁଚିତ ରିଆତି ଅନୁମୋଦନ କରାଯାଇଥିଲା ଯେଉଁଥି ପାଇଁ 139.51 କୋଟି ଟଙ୍କାର ଭେଦାତ୍ମକ କର ବସାଣଯୋଗ୍ୟ ଥିଲା ।

**(*ଅନୁଚ୍ଛେଦ 2.4*)**

ଆଖୁ, ଚିନି ଏବଂ ବୟନଜାତ ସାମଗ୍ରୀ ଉପରେ କର ଓ ଜୋରିମାନାକୁ ମିଶାଇ 14.33 କୋଟି ଟଙ୍କାର ଦାବି କରାଯାଇ ନଥିଲା ।

**(*ଅନୁଚ୍ଛେଦ 2.5.1*)**

ବ୍ୟବସାୟୀ ମାନଙ୍କ ଦ୍ୱାରା ଦାଖଲ କରାଯାଇ ନଥିବା କିମ୍ବା ବିଳମ୍ବରେ ଦାଖଲ କରାଯାଇଥିବା ସମୀକ୍ଷା ଫର୍ଦ୍ଦ ବାବଦରେ 11.66 କୋଟି ଟଙ୍କା ଜୋରିମାନାର ଦାବି ଉପସ୍ଥାପନ କରାଯାଇ ନଥିଲା ।

**(*ଅନୁଚ୍ଛେଦ 2.5.2*)**

ବ୍ୟବସାୟୀ ମାନଙ୍କ ଦ୍ୱାରା ନିମ୍ନ ହାରରେ ପୈଠ କରାଯାଇଥିବା କରକୁ ନିର୍ଦ୍ଧାରଣ ଅଧିକାରୀମାନେ ଗ୍ରହଣ କରିନେବା ଫଳରେ 2.31 କୋଟି ଟଙ୍କାର କର ଓ ଜୋରିମାନା ସ୍ୱଳ୍ପାରୋପଣ ହୋଇଥିଲା ।

**(*ଅନୁଚ୍ଛେଦ 2.5.3*)**

ରିଟର୍ଣ୍ଣରେ 7.42 କୋଟି ଟଙ୍କାର କ୍ରୟ ବିକ୍ରୟ କାରବାର ଗୋପନ ରଖାଯାଇଥିବା ବାବଦ 1.47 କୋଟି ଟଙ୍କାର ଜୋରିମାନା ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା ସମୟରେ ଦାବି କରାଯାଇ ନଥିଲା ।

***(ଅନୁଚ୍ଛେଦ 2.5.4.1)***

ବିକ୍ରୟ କର ପ୍ରୋତ୍ସାହନ ଯୋଜନାରେ ଦୁଇଗୋଟି ଔଦ୍ୟୋଗିକ ସଂସ୍ଥାର ତ୍ରୁଟିପୂର୍ଣ୍ଣ ସଂଗଣନ ଓ ଗ୍ରହଣ ଯୋଗ୍ୟ ସୀମାରୁ ଅଧିକ ପ୍ରୋତ୍ସାହନ ଅନୁମୋଦନ କରାଯାଇଥିବାରୁ 1.40 କୋଟି ଟଙ୍କାର ଅଧିକ ବିକ୍ରୟ କର ରିଆତି ଦିଆଯାଇ ଥିଲା ।

***(ଅନୁଚ୍ଛେଦ 2.5.5)***

ପ୍ରକ୍ରିୟାକରଣ ହୋଇ ନଥିବା ତମାଖୁ ଉପରେ ବ୍ୟବସାୟୀଙ୍କ ଦ୍ୱାରା କର ପୈଠ କରାନଯିବା କିମ୍ବା କର ନିର୍ଦ୍ଧାରଣ ସମୟରେ ଦାବି ଉପସ୍ଥାପନ କରା ନଯିବା ଫଳରେ କର ଓ ଜୋରିମାନା ବାବଦକୁ 1.29 କୋଟି ଟଙ୍କାର ଦାବି ହୋଇ ନଥିଲା ।

***(ଅନୁଚ୍ଛେଦ 2.5.6)***

କର ପୈଠ କରାନଯିବା କିମ୍ବା କର ପୈଠ କରିବାରେ ଡେରି ହୋଇଥିବା ବାବଦ 89.65 ଲକ୍ଷ ଟଙ୍କା ସୁଧ ଓ ଜୋରିମାନାର ଦାବି ଉପସ୍ଥାପନ କରାଯାଇ ନଥିଲା ।

***(ଅନୁଚ୍ଛେଦ 2.5.7)***

ଦୁଇଗୋଟି ମାମଲାରେ କରଯୋଗ୍ୟ କାରବାର କମ ସ୍ଥିରିକୃତ ହୋଇଥିବାରୁ କର ଓ ଜୋରିମାନା ବାବଦକୁ 3.49 କୋଟି ଟଙ୍କା ଅବନିର୍ଦ୍ଧାରିତ ହୋଇଥିଲା ।

***(ଅନୁଚ୍ଛେଦ 2.6.1)***

ଘୋଷଣା ଫର୍ମ ଦ୍ୱାରା ସମର୍ଥିତ ହୋଇ ନଥିଲେ ମଧ୍ୟ ନିର୍ଦ୍ଧାରଣ ଅଧିକାରୀଙ୍କ ଦ୍ୱାରା ବିକ୍ରି ଉପରେ ଅନିୟମିତ ରିଆତି ଦିଆଯାଇଥିବା ଫଳରେ 1.06 କୋଟି ଟଙ୍କାର କର ଅବନିର୍ଦ୍ଧାରିତ ହୋଇଥିଲା ।

***(ଅନୁଚ୍ଛେଦ 2.7.1)***

## III. ମୋଟର ଯାନ କର

**"ମୋଟର ଯାନ ବିଭାଗରେ 'ବାହନ' ନାମିତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା"** ସମ୍ବନ୍ଧୀୟ ଏକ ପୁନର୍ବିଲୋକନରେ ନିମ୍ନଲିଖିତ ବିଷୟ ଗୁଡ଼ିକ ଦୃଷ୍ଟିଗୋଚର ହୋଇଥିଲା :

- ସ୍ମାଟ୍‌କାର୍ଡ ପରିଯୋଜନାରେ ପଞ୍ଜୀକରଣ ପ୍ରମାଣପତ୍ର ସମାପନରେ ବିଳମ୍ବ ନିମନ୍ତେ 1.87 କୋଟି ଟଙ୍କାର ଜୋରିମାନା/ଦୈନିକ କ୍ଷତି ଅନାରୋପଣ ।

***(ଅନୁଚ୍ଛେଦ 3.2.8.1)***

- ଅନୁମତିପ୍ରାପ୍ତ ରିଆତିଦାତା ଦ୍ୱାରା ନିର୍ଦ୍ଧାରିତ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ ନହେବା ନିମନ୍ତେ 1.06 କୋଟି ଟଙ୍କାର ଜୋରିମାନା ଅନାରୋପଣ ।

***(ଅନୁଚ୍ଛେଦ 3.2.8.2)***

- ଅନୁମତିପ୍ରାପ୍ତ ରିଆତିଦାତା ଦ୍ୱାରା ସ୍ମାର୍ଟକାର୍ଡ ପଞ୍ଜୀକରଣ ପ୍ରମାଣପତ୍ର ଜାରି କରାଯିବାରେ ବିଳମ୍ବ ନିମନ୍ତେ 29.31 ଲକ୍ଷ ଟଙ୍କାର ବିଳମ୍ବ ଜନିତ ଜୋରିମାନା ଅନାରୋପଣ ।

**(*ଅନୁଚ୍ଛେଦ 3.2.9*)**

- ଡାଟାବେସ୍‌ରେ ପ୍ରବେଶ କର ତଥ୍ୟ ରହିବାର ବ୍ୟବସ୍ଥା ନଥିବା ହେତୁ ଏକକାଳୀନ ଟିକସ ସ୍ୱଳ୍ପାଦାୟ ଓ ପ୍ରବେଶ କର ଅନାଦାୟ ।

**(*ଅନୁଚ୍ଛେଦ 3.2.13.1*)**

- ନିବେଶ ନିୟନ୍ତ୍ରଣର ଅପର୍ଯ୍ୟାପ୍ତତା ହେତୁ ଇଞ୍ଜିନ ଓ ଚେସିସ୍ ସଂଖ୍ୟାର ଦୋହରିକରଣ ।

**(*ଅନୁଚ୍ଛେଦ 3.2.13.2*)**

- ନିବେଶ ନିୟନ୍ତ୍ରଣର ଅପର୍ଯ୍ୟାପ୍ତତା ହେତୁ ଗୋଟିଏ ଇନସ୍ୟୁରାନସ୍ କଭର ନୋଟରେ ଦୁଇ ବା ତତୋଧିକ ଯାନର ପଞ୍ଜୀକରଣ ।

**(*ଅନୁଚ୍ଛେଦ 3.2.13.3*)**

- ଆଂଶିକ ତଥ୍ୟ ଦରଜ ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭ୍ରମାତ୍ମକ ତଥ୍ୟର ଉପସ୍ଥିତି ।

**(*ଅନୁଚ୍ଛେଦ 3.2.13.4*)**

- ବିଧିମାନ୍ୟ ନିୟନ୍ତ୍ରଣର ଅପର୍ଯ୍ୟାପ୍ତତା ହେତୁ ବିଭିନ୍ନ କ୍ଷେତ୍ରରେ ଅବାସ୍ତବ ତାରିଖ ଏବଂ ଭ୍ରମାତ୍ମକ ମୂଲ୍ୟର ପ୍ରବେଶ ଡାଟାବେସ୍‌କୁ ନିର୍ଭରଯୋଗ୍ୟ କରିନଥିଲା ।

**(*ଅନୁଚ୍ଛେଦ 3.2.13.5*)**

ବିଭିନ୍ନ କିସମର 30,521 ଗୋଟି ମୋଟର ଯାନର ଜୋରିମାନାକୁ ମିଶାଇ ମୋଟରଯାନ କର ଏବଂ ଅତିରିକ୍ତ କର ବାବଦକୁ 63.58 କୋଟି ଟଙ୍କା ଅନାଦାୟ କିମ୍ବା ସ୍ୱଳ୍ପାଦାୟ ହୋଇଥିଲା ।

**(*ଅନୁଚ୍ଛେଦ 3.4.1*)**

ପ୍ରତିସ୍ୱାକ୍ଷର ଫିସ୍/ ପ୍ରକ୍ରିୟା ଫିସ୍ ବାବଦକୁ 1.44 ଲକ୍ଷ ମାମଲାରେ 1.55 କୋଟି ଟଙ୍କା ମୋଟର ଗାଡି ମାଲିକ ମାନଙ୍କ ଠାରୁ ଆଦାୟ କରାଯାଇ ନଥିଲା ।

**(*ଅନୁଚ୍ଛେଦ 3.5.1*)**

## IV. ଭୂ ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍

ସରକାରୀ ଜମି ହସ୍ତାନ୍ତରଣ ମାମଲାଗୁଡିକ ଚୂଡାନ୍ତ କରାନଯିବା ଯୋଗୁଁ ଅଧିମୂଲ୍ୟ, ଭୂପୃଷ୍ଠ ଖଜଣା, ସେସ୍ ପୁଞ୍ଜିକୃତ ମୂଲ୍ୟ ଏବଂ ସୁଧ ବାବଦକୁ 29.26 କୋଟି ଟଙ୍କା ଆଦାୟ ହୋଇ ପାରିନଥିଲା ।

**(*ଅନୁଚ୍ଛେଦ 4.3.1.1*)**

ଦୁଇଗୋଟି ସଂସ୍ଥା ବିପକ୍ଷରେ ସେସ୍‌ର ପୁଞ୍ଜିକୃତ ମୂଲ୍ୟ ବାବଦକୁ ଦାବି ଉପସ୍ଥାପନ କରାଯାଇ ନଥିବାରୁ 3.61 କୋଟି ଟଙ୍କା ଅନାଦାୟ ହୋଇ ରହିଥିଲା ।

**(*ଅନୁଚ୍ଛେଦ 4.3.1.2*)**

ଗୋଟିଏ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ଦ୍ୱାରା ବେଆଇନ୍ ଭାବେ ଅଧିକୃତ ଜମିର ଅଧିମୂଲ୍ୟ, ଭୂପୃଷ୍ଠ ଖଜଣା ଇତ୍ୟାଦି ଦାବି କରା ନଯିବାରୁ ସୁଧ ସହିତ 1.15 କୋଟି ଟଙ୍କା ଅନାଦାୟ ରହିଥିଲା ।

*(ଅନୁଚ୍ଛେଦ 4.3.2)*

ଦଲିଲ ଗୁଡିକର ଉଚିତ ଶ୍ରେଣୀ ବିଭାଗ ହୋଇ ନପାରିବା ଫଳରେ 21.54 କୋଟି ଟଙ୍କାର ରାଜସ୍ୱ ସ୍ୱଳ୍ପାରୋପଣ କିମ୍ବା ରାଜସ୍ୱ ହାନି ଘଟିଥିଲା ।

*(ଅନୁଚ୍ଛେଦ 4.6.2)*

ଏପ୍ରିଲ 2008 ପୂର୍ବରୁ ବିକ୍ରୟ ପାଇଁ ତିନିଗୋଟି ମାମଲାରେ ରାଜିନାମା ନିଷ୍ପନ୍ନ ଓ ଚାରିଗୋଟି ମାମଲାରେ ଲିଜ୍ ଜମିର ଭୌତିକ ହସ୍ତାନ୍ତର ହୋଇଥିବା ସତ୍ତ୍ୱେ ଲିଜ ଦଲିଲ ଓ ବିକ୍ରୟ ରାଜିନାମା ଗୁଡିକର ନିବନ୍ଧନ କରାଯାଇ ନଥିବାରୁ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ବାବଦକୁ 14.80 କୋଟି ଟଙ୍କା ଅନାଦାୟ ରହିଥିଲା ।

*(ଅନୁଚ୍ଛେଦ 4.6.3)*

ଜମିର ଜରସମନରେ ଜମିକୁ ବ୍ୟବହାର ଉପଯୋଗୀ କରିବା ପାଇଁ ହୋଇଥିବା ଖର୍ଚ୍ଚ, ଭୂପୃଷ୍ଠ ଖଜଣା, ସେସ୍ ଇତ୍ୟାଦି ଅର୍ନ୍ତଭୁକ୍ତ କରାନଯିବା ଫଳରେ 1.57 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ନିସ୍ତାର ପାଇଥିଲା ।

*(ଅନୁଚ୍ଛେଦ 4.6.5.1)*

ବେଞ୍ଚମାର୍କ ମୂଲ୍ୟଠାରୁ କମ୍ ମୂଲ୍ୟକୁ ଜମିର ମୂଲ୍ୟ ବୋଲି ଗ୍ରହଣ କରାଯାଇ 52 ଟି ଦଲିଲର ନିବନ୍ଧନ କରାଯିବା ଫଳରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ବାବଦକୁ ଏକ କୋଟି ଟଙ୍କା କମ୍ ଆଦାୟ ହୋଇଥିଲା ।

*(ଅନୁଚ୍ଛେଦ 4.6.6)*

ସମାନ କିସମ ଜମିର କିଣାବିକାରେ ଉଚ୍ଚତମ ମୂଲ୍ୟକୁ ବିଚାରକୁ ନନେଇ ବିବନ୍ଧନ ଫିସ୍ ଧାର୍ଯ୍ୟ କରାଯିବା ଫଳରେ 87 ଟି ଦଲିଲରେ 97.84 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ କମ୍ ଆଦାୟ ହୋଇଥିଲା ।

*(ଅନୁଚ୍ଛେଦ 4.7)*

## V. ଅନ୍ୟାନ୍ୟ କର ପ୍ରାପ୍ତି

ବୃତ୍ତିକର ଦେବା ଯୋଗ୍ୟ ବ୍ୟକ୍ତିମାନଙ୍କୁ ତାଲିକାଭୁକ୍ତ କରାଯାଇ ନପାରିବାରୁ ସରକାର ଜୋରିମାନା ସହିତ ବୃତ୍ତିକର ବାବଦକୁ 14.00 କୋଟି ଟଙ୍କା ପାଇବାରୁ ବଞ୍ଚିତ ହୋଇଥିଲେ ।

*(ଅନୁଚ୍ଛେଦ 5.3)*

ରପ୍ତାନୀ ସୂଚିତ ବିଅର ଉପରେ ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଆଦାୟ କରା ନଯିବା ଫଳରେ 57.39 ଲକ୍ଷ ଟଙ୍କାର ରାଜସ୍ୱ ଅନାଦାୟ ହୋଇଥିଲା ।

*(ଅନୁଚ୍ଛେଦ 5.4)*

## VI. ବନ ପ୍ରାପ୍ତି

ଗଡିକାଠ ଓ ଖୁଗୁଡିକର ନିକାଶ ହୋଇ ନପାରିବାରୁ 41.66 ଲକ୍ଷ ଟଙ୍କାର ରାଜସ୍ୱ ଅବରୋଧ ହୋଇ ରହିଥିଲା ।

***(ଅନୁଚ୍ଛେଦ 6.3.1)***

ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା ବିଳମ୍ବରେ ପ୍ରଦାନ କରାଯାଇଥିବା ରାଜଭାଗ ଉପରେ ବିଭାଗ ସୁଧ ବାବଦକୁ 38.14 ଲକ୍ଷ ଟଙ୍କାର ଦାବି ଉପସ୍ଥାପନ କରିନଥିଲା ।

***(ଅନୁଚ୍ଛେଦ 6.3.2)***

## VII. ଖଣିଜ ପ୍ରାପ୍ତି

ଖଣି ଲିଜଭୁକ୍ତ ଅଞ୍ଚଳ ବାହାରକୁ ଚାଲାଣ ହୋଇଥିବା କୋଇଲା ଉପରେ ରାଜଭାଗ ଦାବି କରା ନଯିବାରୁ 1.94 କୋଟି ଟଙ୍କାର ରାଜଭାଗ କମ ସଂଗ୍ରହ ହୋଇଥିଲା ।

***(ଅନୁଚ୍ଛେଦ 7.3.1.1)***

ଅଣପ୍ରକ୍ରିୟାକୃତ ଖଣିଜ ଉପରେ ରାଜଭାଗ ଦାବି କରା ନଯାଇ ପ୍ରକ୍ରିୟାକୃତ ଖଣିଜ ଉପରେ ରାଜଭାଗ ଦାବି କରାଯିବାରୁ 1.85 କୋଟି ଟଙ୍କାର ରାଜଭାଗ ସ୍ୱଚ୍ଛାଦାୟ ହୋଇଥିଲା ।

***(ଅନୁଚ୍ଛେଦ 7.3.2.1)***

ଗୁରୁ ଖଣିଜ ପଦାର୍ଥ ଭାବରେ ଚୂନପଥର ନିଃସାରଣ ପାଇଁ ଖଣିପଟ୍ଟା ମଞ୍ଜୁର ହୋଇଥବା ସତ୍ତ୍ୱେ ସେଥିରୁ ନିଃସାରଣ କରାଯାଇଥିବା ଚୂନପଥରକୁ ଲଘୁ ଖଣିଜ ବୋଲି ବିବେଚନା କରାଯାଇ କମ୍ ହାରରେ ରାଜଭାଗ ଧାର୍ଯ୍ୟ କରାଯିବାରୁ 1.42 କୋଟି ଟଙ୍କାର ରାଜଭାଗ କମ୍ ସଂଗ୍ରହ ହୋଇଥିଲା ।

***(ଅନୁଚ୍ଛେଦ 7.4)***

## VIII. ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି

ଉପର ଇନ୍ଦ୍ରବତୀ ଜଳ ବିଦ୍ୟୁତ ପ୍ରକଳ୍ପରେ ବ୍ୟବହାର କରାଯାଇଥିବା ପାଣି ଉପରେ ସ୍ୱତନ୍ତ୍ର ଜଳକର ବାବଦକୁ ଦାବି ଉପସ୍ଥାପନା କରା ନଯିବାରୁ 200.03 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇ ପାରିନଥିଲା ।

***(ଅନୁଚ୍ଛେଦ 8.3.1)***

ଅପ୍ରାଧିକୃତ ଭାବରେ ବ୍ୟବହାର କରାଯାଇଥିବା ପାଣି ଉପରେ ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍‌ର ଦାବି ଉପସ୍ଥାପନ ନହେବାରୁ 7.09 କୋଟି ଟଙ୍କା ଆଦାୟ ହୋଇ ପାରିନଥିଲା ।

***(ଅନୁଚ୍ଛେଦ 8.3.2)***

ବିଦ୍ୟୁତ ଶକ୍ତି ସଂଗ୍ରହଣ ଓ ବଣ୍ଟନ ପ୍ରକ୍ରିୟାରେ ଗ୍ରହଣଯୋଗ୍ୟ ଅପଚୟ ଠାରୁ ଅଧିକ ଅପଚୟ ହୋଇଥିବା ଶକ୍ତି ଉପରେ ବିଦ୍ୟୁତ ଶୁଳ୍କ ଦାବି କରା ନଯିବା ଫଳରେ 6.38 କୋଟି ଟଙ୍କାର ଶୁଳ୍କ ଆଦାୟ ହୋଇ ପାରିନଥିଲା ।

***(ଅନୁଚ୍ଛେଦ 8.5)***

ନିରୀକ୍ଷଣ ଫିସ୍ ବାବଦକୁ ଦାବି ଉପସ୍ଥାପନ କରିବାରେ ବିଭାଗର ବିଫଳତା ଯୋଗୁଁ ଗୋଟିଏ ବିଦ୍ୟୁତ ଶକ୍ତି ବଣ୍ଟନ କମ୍ପାନୀ ଠାରୁ 1.18 କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇ ପାରିନଥିଲା ।

***(ଅନୁଚ୍ଛେଦ 8.6)***

ବିଳମ୍ବରେ ପୈଠ କରାଯାଇଥିବା ବିଦ୍ୟୁତ ଶୁଳ୍କ ଉପରେ ସୁଧ ଧାର୍ଯ୍ୟ କରା ନଯିବାରୁ 1.69 କୋଟି ଟଙ୍କାର ସୁଧ ଅନାଦାୟ ରହିଥିଲା ।

***(ଅନୁଚ୍ଛେଦ 8.7)***

ସରକାରୀ ବାସଗୃହ ଦଖଲରେଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ପରିମଳ ଦେୟ ଓ ସଂଶୋଧିତ ହାରରେ ପାଣି ଦେୟ ଆଦାୟ କରାଯାଇ ନଥିବାରୁ 3.49 କୋଟି ଟଙ୍କାର ରାଜସ୍ୱ ଅନାଦାୟ ରହିଥିଲା ।

***(ଅନୁଚ୍ଛେଦ 8.8)***

# ଅଧ୍ୟାୟ-I : ସାଧାରଣ

## 1.1 ରାଜସ୍ୱ ପ୍ରାପ୍ତିର ଧାରା

**1.1.1** ଓଡ଼ିଶା ସରକାରଙ୍କ ଦ୍ୱାରା 2008-09 ବର୍ଷରେ କର ଏବଂ ଅଣକର ବାବଦରେ ସଂଗୃହୀତ ରାଜସ୍ୱ ଏବଂ ସେହି ବର୍ଷ ଭାରତ ସରକାରଙ୍କଠାରୁ ପ୍ରାପ୍ତ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ ଓ ସହାୟକ ଅନୁଦାନ ତଥା ବିଗତ ଚାରିବର୍ଷର ଅନୁରୂପ ଚିତ୍ର ନିମ୍ନ ସାରଣୀରେ ପ୍ରଦାନ କରାଗଲା :

(ଟଙ୍କା କୋଟି ଆକାରରେ)

| | | 2004-05 | 2005-06 | 2006-07 | 2007-08 | 2008-09 |
|---|---|---|---|---|---|---|
| I | **ରାଜ୍ୟ** ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ | | | | | |
| | ◊ କର ରାଜସ୍ୱ | 4,176.60 | 5,002.28 | 6,065.07 | 6,856.09 | 7,995.20 |
| | ◊ ଅଣକର ରାଜସ୍ୱ | 1,345.52 | 1,531.90 | 2,588.12 | 2,653.58 | 3,176.15 |
| | **ମୋଟ** | **5,522.12** | **6,534.18** | **8,653.19** | **9,509.67** | **11,171.35** |
| II | **ଭାରତ** ସରକାରଙ୍କ ଠାରୁ ପ୍ରାପ୍ତ | | | | | |
| | ◊ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ | 3,977.66 | 4,876.75 | 6,220.42 | 7,846.50 | 8,279.96[1] |
| | ◊ ସହାୟକ ଅନୁଦାନ | 2,350.41 | 2,673.78 | 3,159.02 | 4,611.02 | 5,158.70 |
| | **ମୋଟ** | **6,328.07** | **7,550.53** | **9,379.44** | **12,457.52** | **13,438.66** |
| III | ରାଜ୍ୟ ସରକାରଙ୍କ ମୋଟ ପ୍ରାପ୍ତି **(I+II)** | **11,850.19** | **14,084.71** | **18,032.63** | **21,967.19** | **24,610.01** |
| IV | **I** ର **III** ସହିତ ଶତକଡା ହାର | **46.60** | **46.39** | **47.98** | **43.29** | **45.39** |

ଉପରୋକ୍ତ ସାରଣୀ ସୂଚିତ କରୁଅଛି ଯେ 2008-09 ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ ମୋଟ ରାଜସ୍ୱ ସଂଗ୍ରହ (24,610.01 କୋଟି ଟଙ୍କା) ର 45.39 ପ୍ରତିଶତ ଅଟେ ଯାହାକି ଗତବର୍ଷ 43.29 ପ୍ରତିଶତ ଥିଲା । 2008-09 ବର୍ଷର ଅବଶିଷ୍ଟ 54.61 ପ୍ରତିଶତ ରାଜସ୍ୱ ପ୍ରାପ୍ତି ଭାରତ ସରକାରଙ୍କଠାରୁ ପ୍ରାପ୍ତ ହୋଇଥିଲା ।

1 ବିଶଦ ବିବରଣୀ ପାଇଁ ଓଡ଼ିଶା ସରକାରଙ୍କ 2008-09 ବର୍ଷର ଅର୍ଥ ହିସାବ ପୁସ୍ତିକାଭୁକ୍ତ ବିବରଣୀ 11 - ରାଜସ୍ୱର ଲଘୁ ଶୀର୍ଷ ମୁତାବକ ପୁଙ୍ଖାନୁପୁଙ୍ଖ ହିସାବ ଦ୍ରଷ୍ଟବ୍ୟ । ଉକ୍ତ ସାରଣୀରେ ରାଜ୍ୟ ସରକାରଙ୍କ ଅର୍ଥ ହିସାବ ପୁସ୍ତିକାରେ ଦର୍ଶାଯାଇଥିବା "କ କର ରାଜସ୍ୱ ଅନ୍ତର୍ଗତ ମୁଖ୍ୟ ଶୀର୍ଷ 0020-ନିଗମ କର, 0021- ନିଗମ କର ବ୍ୟତୀତ ଆୟକର, 0028- ଆୟ ଏବଂ ବ୍ୟୟ ଉପରେ ଅନ୍ୟାନ୍ୟ କର, 0032 - ସମ୍ପଦ କର, 0037- ସୀମା ଶୁଳ୍କ, 0038-କେନ୍ଦ୍ରୀୟ ଅବକାରୀ ଶୁଳ୍କ, 0044- ସେବା କର ଏବଂ 0045- ପଣ୍ୟଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ, ଅଧିନସ୍ଥ ଲଘୁ ଶୀର୍ଷ, 901- ରାଜ୍ୟ ମାନଙ୍କୁ ଅର୍ପିତ ନିଟ ଆଗମର ଅଂଶ" ଗୁଡିକୁ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ ମଧ୍ୟରୁ ବାଦ୍ ଦିଆଯାଇ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ ସ୍ୱରୂପ ଦର୍ଶାଯାଇଅଛି ।

**1.1.2** ନିମ୍ନ ସାରଣୀ ବର୍ଷ 2004-05 ଠାରୁ 2008-09 ପର୍ଯ୍ୟନ୍ତ ସଂଗୃହୀତ କର ରାଜସ୍ୱର ଚିତ୍ର ପ୍ରଦାନ କରୁଅଛି:

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ | ରାଜସ୍ୱ ଶୀର୍ଷ | 2004-05 | 2005-06 | 2006-07 | 2007-08 | 2008-09 | 2007-08 ତୁଳନାରେ 2008-09 ରେ ଶତକଡା ବୃଦ୍ଧି (+) ହ୍ରାସ (-) |
|---|---|---|---|---|---|---|---|
| 1. | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 2,061.23 | 2,524.18 | 3,042.34 | 3,567.16 | 4,268.72 | (+) 19.67 |
| | କେନ୍ଦ୍ରୀୟ ବିକ୍ରୟ କର | 410.16 | 487.55 | 722.48 | 551.27 | 534.61 | (-) 3.02 |
| 2. | ବିଦ୍ୟୁତ୍ କର ଓ ଶୁଳ୍କ | 261.89 | 353.13 | 282.58 | 327.46 | 365.03 | (+) 11.47 |
| 3 | ଭୂ-ରାଜସ୍ୱ | 131.59 | 69.62 | 226.38 | 276.16 | 348.79 | (+) 26.30 |
| 4. | ମୋଟର ଯାନ କର | 338.11 | 405.86 | 426.54 | 459.42 | 524.43 | (+) 14.15 |
| 5. | ମାଲ ଓ ଯାତ୍ରୀକର | 384.93 | 463.34 | 574.00 | 626.90 | 638.32 | (+) 1.82 |
| 6. | ରାଜ୍ୟ ଅବକାରୀ | 306.61 | 389.33 | 430.07 | 524.93 | 660.07 | (+) 25.74 |
| 7. | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ | 197.87 | 236.06 | 260.49 | 404.76 | 495.66 | (+) 22.46 |
| 8. | ପଣ୍ୟ ଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ | 25.14 | 6.75 | 26.59 | 31.59 | 47.39 | (+) 50.02 |
| 9. | ଆୟ ଓ ବ୍ୟୟ ଉପରେ ଅନ୍ୟାନ୍ୟ କର -ବୃି, ବାଣିଜ୍ୟ, ଆଜୀବିକା ଓ ନିଯୁକ୍ତି ଉପରେ କର | 59.07 | 66.46 | 73.60 | 86.44 | 112.18 | (+) 29.78 |
| | ମୋଟ | **4,176.60** | **5,002.28** | **6,065.07** | **6,856.09** | **7,995.20** | |

ମୁଖ୍ୟ ରାଜସ୍ୱ ଶୀର୍ଷ ଗୁଡିକ କ୍ଷେତ୍ରରେ 2007-08 ତୁଳନାରେ 2008-09 ରେ ରାଜସ୍ୱ ପ୍ରାପ୍ତିର ବିଭିନ୍ନତାର କାରଣ ଗୁଡିକ ନିମ୍ନମତେ ଥିଲା ।

**ବିକ୍ରୟ କର/ମୂଲ୍ୟଯୁକ୍ତ କର:** ମୁଖ୍ୟତଃ କରଦାତା ମାନଙ୍କର ସଂଖ୍ୟା ବୃଦ୍ଧି, ପଦ୍ଧତିଗତ ବିକାଶ ଏବଂ ଉନ୍ନତ ପ୍ରଶାସନ 19.67 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

**ଭୂ ରାଜସ୍ୱ:** ଭୂମିର ସଂପରିର୍ବନ, ବିଭିନ୍ନ ଏଜେନସିକୁ ଭୂମି ହସ୍ତାନ୍ତରଣ ଜନିତ ଅଧିମୂଲ୍ୟ ସଂଗ୍ରହ ଏବଂ ଅଧିକ ରାଜଭାଗ ସଂଗ୍ରହ ମୁଖ୍ୟତଃ 26.30 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

**ମୋଟରଯାନ କର:** ମୁଖ୍ୟତଃ ମୋଟର ଯାନ ସଂଖ୍ୟା ବୃଦ୍ଧି, ଉତ୍ତମ ବାଧ୍ୟକରଣ ତତ୍ପରତା ଏବଂ ଅଧିକ ପ୍ରଭାବୀ ପର୍ଯ୍ୟବେକ୍ଷଣ 14.15 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

**ରାଜ୍ୟ ଅବକାରୀ :** ମୁଖ୍ୟତଃ ନୂତନ ବିକ୍ରୟ କେନ୍ଦ୍ର ସ୍ଥାପନ ଏବଂ ଅଧିକ ପରିମାଣ ଭାରତ ତିଆରି ବିଦେଶୀ ମଦ ଓ ବିଅର ଉଠାଣ 25.74 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

ଏପ୍ରିଲ 2009 ରେ ଅନୁରୋଧ କରାଯାଇଥିଲେ ମଧ ଅନ୍ୟ ବିଭାଗମାନେ ପୂର୍ବ ବର୍ଷ ତୁଳନାରେ ରାଜସ୍ୱ ପ୍ରାପ୍ତିରେ ବିଭିନ୍ନତାର କାରଣ ଅକ୍ଟୋବର 2009 ସୁଦ୍ଧା ଜଣାଇନଥିଲେ ।

**1.1.3** ନିମ୍ନ ସାରଣୀ 2004-05 ଠାରୁ 2008-09 ବର୍ଷ ପର୍ଯ୍ୟନ୍ତ ସଂଗୃହୀତ ଅଣକର ରାଜସ୍ୱର ଚିତ୍ର ପ୍ରଦାନ କରୁଅଛି ।

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ | ରାଜସ୍ୱ ଶୀର୍ଷ | 2004-05 | 2005-06 | 2006-07 | 2007-08 | 2008-09 | 2007-08 ତୁଳନାରେ 2008-09 ରେ ଶତକଡା ବୃଦ୍ଧି (+) ହ୍ରାସ (-) |
|---|---|---|---|---|---|---|---|
| 1. | ଅଣଲୌହ ଖଣି ଓ ଧାତବ ଶିଳ୍ପ | 670.52 | 805.03 | 936.60 | 1,126,06 | 1,380.60 | (+) 22.60 |
| 2. | ବନ ଓ ବନ୍ୟ ପ୍ରାଣୀ | 84.72 | 59.13 | 130.63 | 82.66 | 139.29 | (+) 68.51 |
| 3. | ସୁଧ ପ୍ରାପ୍ତି | 249.04 | 298.02 | 398.42 | 570.39 | 654.67 | (+) 14.78 |
| 4. | ଶିକ୍ଷା | 15.76 | 42.99 | 41.94 | 41.95 | 10.65 | (-) 74.61 |
| 5. | ଜଳ ସେଚନ ଓ ଅନ୍ତର୍ଦେଶୀୟ ଜଳ ପରିବହନ | 40.45 | 44.05 | 54.41 | 48.90 | 52.95 | (+) 8.28 |
| 6. | ପୂ ˂ | 17.05 | 18.23 | 24.96 | 31.61 | 38.31 | (+) 21.20 |
| 7. | ଆରକ୍ଷୀ ପ୍ରାପ୍ତି | 21.24 | 23.05 | 23.39 | 29.17 | 22.25 | (-) 23.72 |
| 8. | ଚିକିତ୍ସା ଓ ଜନସ୍ୱାସ୍ଥ୍ୟ | 12.98 | 9.26 | 13.07 | 14.28 | 32.18 | (+) 125.35 |
| 9. | ଶକ୍ତି | 4.19 | 2.91 | 1.23 | 1.05 | 0.63 | (-) 40.00 |
| 10. | ବିବିଧ ସାଧାରଣ ସେବା | 31.70 | 7.62 | 777.36 | 396.95 | 388.85 | (-) 2.04 |
| 11. | ଅନ୍ୟାନ୍ୟ ଅଣକର ପ୍ରାପ୍ତି | 160.97 | 212.51 | 169.28 | 290.96 | 444.38 | (+) 52.73 |
| 12. | ସମବାୟ | 2.72 | 2.13 | 2.39 | 2.29 | 2.01 | (-) 12.23 |
| 13. | ଅନ୍ୟାନ୍ୟ ପ୍ରଶାସନିକ ସେବା | 34.18 | 6.97 | 14.44 | 17.31 | 9.38 | (-) 45.81 |
| | ମୋଟ | **1,345.52** | **1,531.90** | **2,588.12** | **2,653.58** | **3,176.15** | |

ମୁଖ୍ୟ ରାଜସ୍ୱ ଶୀର୍ଷ ଗୁଡିକରେ 2007-08 ତୁଳନାରେ 2008-09 ର ରାଜସ୍ୱ ପ୍ରାପ୍ତିରେ ବିଭିନ୍ନତାର କାରଣ ଗୁଡିକ ନିମ୍ନମତେ ଥିଲା ।

**ଅଣଲୌହ ଖଣି ଓ ଧାତବ ଶିଳ୍ପ:** ପୂର୍ବ ବର୍ଷ ତୁଳନାରେ କୋଇଲା, ବକ୍ସାଇଟ୍, ମାଙ୍ଗାନିଜ ଓ ଚୂନପଥର କ୍ଷେତ୍ରରେ ଅଧିକ ପ୍ରେରଣ ଏବଂ ଲଘୁ ଖଣିଜରୁ ଅଧିକ ରାଜସ୍ୱ ଆଦାୟ 22.60 ପ୍ରତିଶତ ବୃଦ୍ଧିର ମୁଖ୍ୟ କାରଣ ଥିଲା ।

**ବନ୍ୟ ଓ ବନ୍ୟପ୍ରାଣୀ :** ଓଡିଶା ରାଜ୍ୟ ଜଙ୍ଗଲ ଉନ୍ନୟନ ନିଗମ ଦ୍ୱାରା କେନ୍ଦୁପତ୍ର ଜନିତ ଅଧିକ ରାଜସ୍ୱ ଜମା 68.51 ପ୍ରତିଶତ ବୃଦ୍ଧିର ମୁଖ୍ୟ କାରଣ ଥିଲା ।

**ଆରକ୍ଷୀ ପ୍ରାପ୍ତି:** ଦକ୍ଷିଣ ପୂର୍ବ ରେଳବାଇ, ପୂର୍ବତଟ ରେଳବାଇ, ବିମାନଚାଳନା ଗବେଷଣା କେନ୍ଦ୍ର, ଘରବାଟିଆ ଏବଂ ମାଛକୁଣ୍ଡ ନିରାପତ୍ତା ବାହିନୀଙ୍କ ଠାରୁ ବକେୟା ଅନାଦେୟ 23.72 ପ୍ରତିଶତ ହ୍ରାସର ମୁଖ୍ୟ କାରଣ ଥିଲା ।

ଏପ୍ରିଲ 2009 ରେ ଅନୁରୋଧ କରାଯାଇଥିଲେ ମଧ୍ୟ ପୂର୍ବ ବର୍ଷ ତୁଳନାରେ ରାଜସ୍ୱ ପ୍ରାପ୍ତିରେ ବିଭିନ୍ନତାର କାରଣ ଅନ୍ୟ ବିଭାଗମାନେ ଅକ୍ଟୋବର 2009 ସୁଦ୍ଧା ଜଣାଇନଥିଲେ ।

## 1.2 ବଜେଟ ଅଟକଳ ଓ ବାସ୍ତବ ରାଜସ୍ୱ ମଧ୍ୟରେ ଭିନ୍ନତା

ମୁଖ୍ୟ କର ଓ ଅଣକର ରାଜସ୍ୱ ଶୀର୍ଷରେ 2008-09 ବର୍ଷରେ ବଜେଟ ଅଟକଳ ଓ ବାସ୍ତବ ରାଜସ୍ୱ ପ୍ରାପ୍ତି ମଧ୍ୟରେ ବିଭିନ୍ନତା ନିମ୍ନରେ ଦର୍ଶାଗଲା ।

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ | ରାଜସ୍ୱ ଶୀର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବିଭିନ୍ନତା ବୃଦ୍ଧି (+) ହ୍ରାସ(-) | ବିଭିନ୍ନତାର ଶତକଡା ହାର |
|---|---|---|---|---|---|
| **କର ରାଜସ୍ୱ** | | | | | |
| 1. | ବିକ୍ରୟ କର/ମୂଲ୍ୟଯୁକ୍ତ କର | 4,770.37 | 4,803.33 | (+) 32.96 | (+) 0.69 |
| 2. | ମାଲ ଓ ଯାତ୍ରୀ କର | 580.90 | 638.32 | (+) 57.42 | (+) 9.88 |
| 3. | ବିଦ୍ୟୁତ କର ଓ ଶୁଳ୍କ | 379.72 | 365.03 | (-) 14.69 | (-) 3.87 |
| 4. | ଭୂ-ରାଜସ୍ୱ | 260.24 | 348.79 | (+) 88.55 | (+) 34.03 |
| 5. | ମୋଟର ଯାନ କର | 590.79 | 524.43 | (-) 66.36 | (-) 11.23 |
| 6. | ରାଜ୍ୟ ଅବକାରୀ ଶୁଳ୍କ | 620.76 | 660.07 | (+) 39.31 | (+) 6.33 |
| 7. | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ | 350.54 | 495.66 | (+) 145.12 | (+) 41.40 |
| **ଅଣକର ରାଜସ୍ୱ** | | | | | |
| 8. | ଖଣି ଓ ଖଣିଜ ଦ୍ରବ୍ୟ | 1,250.00 | 1,380.60 | (+) 130.60 | (+) 10.45 |
| 9. | ବନ ଓ ବନ୍ୟପ୍ରାଣୀ | 127.52 | 139.29 | (+) 11.77 | (+) 9.23 |
| 10. | ଶିକ୍ଷା | 43.86 | 10.65 | (-) 33.21 | (-) 75.72 |
| 11. | ସୁଧ ପ୍ରାପ୍ତି | 310.00 | 654.67 | (+) 344.67 | (+) 111.18 |
| 12. | ଆରକ୍ଷୀ ପ୍ରାପ୍ତି | 45.60 | 22.25 | (-) 23.35 | (-) 51.21 |

ବଜେଟ ଅଟକଳ ଓ ବାସ୍ତବ ପ୍ରାପ୍ତି ମଧ୍ୟରେ ବିଭିନ୍ନତାର କାରଣ ନିମ୍ନଲିଖିତ ମତେ ସଂପୃକ୍ତ ବିଭାଗମାନେ ଦର୍ଶାଇଥିଲେ:

**ଭୂ ରାଜସ୍ୱ:** ଭୂମିର ସଂପରିର୍ବନ, ବିଭିନ୍ନ ଏଜେନସିକୁ ଭୂମି ହସ୍ତାନ୍ତରଣ ଜନିତ ଅଧିମୂଲ୍ୟ ସଂଗ୍ରହ ଏବଂ ଅଧିକ ରାଜଭାଗ ସଂଗ୍ରହ 34.03 ପ୍ରତିଶତ ବୃଦ୍ଧିର ମୁଖ୍ୟ କାରଣ ଥିଲା ।

**ମୋଟର ଯାନ କର:** ପୂର୍ବ ବର୍ଷ ତୁଳନାରେ ନୂତନ ବାଣିଜ୍ୟିକ ଯାନର ସ୍ୱଳ୍ପ ରେଜିଷ୍ଟ୍ରୀକରଣ 11.23 ପ୍ରତିଶତ ହ୍ରାସର ମୁଖ୍ୟ କାରଣ ଥିଲା ।

**ବନ ଓ ବନ୍ୟ ପ୍ରାଣୀ :** ଓଡିଶା ରାଜ୍ୟ ବନ ଉନ୍ନୟନ ନିଗମ ଦ୍ୱାରା କେନ୍ଦୁପତ୍ର ଜନିତ ଅଧିକ ରାଜଭାଗ ଜମା 9.23 ପ୍ରତିଶତ ବୃଦ୍ଧିର ମୁଖ୍ୟ କାରଣ ଥିଲା ।

**ଆରକ୍ଷୀ ପ୍ରାପ୍ତି:** ଦକ୍ଷିଣ ପୂର୍ବ ରେଳବାଇ, ପୂର୍ବତଟ ରେଳବାଇ, ବିମାନଚଳନା ଗବେଷଣା କେନ୍ଦ୍ର, ଘରବାଟିଆ ଏବଂ ମାଛକୁଣ୍ଡ ନିରାପତ୍ତା ବାହିନୀଙ୍କ ଠାରୁ ବକେୟା ରାଜସ୍ୱ ଅନାଦେୟ 51.21 ପ୍ରତିଶତ ହ୍ରାସର ମୁଖ୍ୟ କାରଣ ଥିଲା ।

ଅନ୍ୟ ବିଭାଗମାନଙ୍କୁ ବିଭିନ୍ନତାର କାରଣ ଏପ୍ରିଲ 2009 ରେ ମଗାଯାଇଥିଲେ ମଧ୍ୟ ତାହା ଅକ୍ଟୋବର 2009 ସୁଦ୍ଧା ଜଣାଇନଥିଲେ ।

## 1.3 ସଂଗ୍ରହର ବିଶ୍ଳେଷଣ

ବିଭାଗ ଦ୍ୱାରା ଉପଲବ୍ଧ କରାଯାଇଥିବା ବିକ୍ରୟ କର/ମୂଲ୍ୟଯୁକ୍ତ କର, ବୃି କର, ପ୍ରବେଶ କର, ବିଳାସ କର ଓ ଆମୋଦ କର ଗୁଡ଼ିକର 2008-09 ବର୍ଷରେ ମୋଟ କର ସଂଗ୍ରହର ପ୍ରାକ୍ ନିର୍ଦ୍ଧାରଣ ସ୍ତର ଏବଂ ନିୟମିତ ନିର୍ଦ୍ଧାରଣ ପରବର୍ତ୍ତୀ ସ୍ତରର ବିଭାଜନ, ପୂର୍ବବର୍ତ୍ତୀ ଦୁଇ ବର୍ଷର ଅନୁରୂପ ଚିତ୍ର ସହିତ ନିମ୍ନରେ ଦର୍ଶାଗଲା ।

**(ଟଙ୍କା କୋଟି ଆକାରରେ)**

| ରାଜସ୍ୱ ଶୀର୍ଷ | ବର୍ଷ | ପ୍ରାକ୍ ନିର୍ଦ୍ଧାରଣ ସ୍ତରରେ ସଂଗୃହୀତ ରାଶି | ନିୟମିତ ନିର୍ଦ୍ଧାରଣ ପରେ ସଂଗୃହୀତ ରାଶି (ଅତିରିକ୍ତ ଦାବି) | ବକେୟା ଦାବି ରୁ ସଂଗୃହୀତ ରାଶି | ଫେଂରସ୍ତ ରାଶି | ବାସ୍ତବିକ ସଂଗ୍ରହ | ସ୍ତମ୍ଭ 2 ର ସ୍ତମ୍ଭ 6 ସହିତ ଶତକଡ଼ା ଦ୍ୱାର |
|---|---|---|---|---|---|---|---|
| | (1) | (2) | (3) | (4) | (5) | (6) | (7) |
| ବିକ୍ରୟ କର/ ମୂଲ୍ୟଯୁକ୍ତ କର | 2006-07 | 3,592.01 | 136.46 | 84.08 | 39.73 | 3,772.82 | 95.00 |
| | 2007-08 | 4,036.30 | 31.66 | 77.69 | 27.22 | 4,118.43 | 98.01 |
| | 2008-09[2] | 4,790.08 | 15.19 | 32.26 | 34.19 | 4,803.34 | 99.72 |
| ବୃିକର | 2006-07 | 69.98 | 0.10 | -- | -- | 70.08 | 99.00 |
| | 2007-08 | 76.85 | 0.11 | 0.20 | -- | 77.16 | 99.60 |
| | 2008-09[2] | 91.96 | 0.02 | 0.08 | -- | 92.06 | 99.89 |
| ପ୍ରବେଶ କର | 2006-07 | 537.82 | 30.49 | 5.39 | 0.18 | 573.52 | 93.70 |
| | 2007-08 | 612.71 | 19.84 | 8.61 | 0.29 | 640.87 | 95.61 |
| | 2008-09[2] | 629.94 | 7.52 | 2.37 | 0.84 | 638.99 | 98.58 |
| ବିଳାସ କର | 2006-07 | 0.01 | -- | -- | -- | 0.01 | 100.00 |
| | 2007-08 | 0.01 | -- | -- | -- | 0.01 | 100.00 |
| | 2008-09[2] | 0.03 | -- | -- | -- | 0.03 | 100.00 |
| ଆମୋଦ କର | 2006-07 | 2.46 | -- | 0.08 | -- | 2.54 | 97.00 |
| | 2007-08 | 2.45 | 0.01 | 0.19 | -- | 2.65 | 92.45 |
| | 2008-09[2] | 2.33 | -- | 0.07 | -- | 2.40 | 97.08 |

2 ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ଅଙ୍କ ଓ ଅର୍ଥ ହିସାବ ପୁସ୍ତିକାରେ ଥିବା ଅଙ୍କ ମଧ୍ୟରେ ଅମେଳ ଅଛି ।

ଏହିପରି ବିଗତ ତିନି ବର୍ଷରେ ପ୍ରାକ୍ ନିର୍ଦ୍ଧାରଣ ସ୍ତରରେ ରାଜସ୍ୱ ଆଦାୟ 92.45 ରୁ 100 ପ୍ରତିଶତ ମଧ୍ୟରେ ଥିଲା । ଏହା ସୂଚିତ କରୁଅଛି ଯେ ବ୍ୟବସାୟୀମାନଙ୍କ ସ୍ୱେଚ୍ଛାକୃତ କର ପ୍ରଦାନ ହାର ଖୁବ ଭଲଥିଲା ।

## 1.4 ସଂଗ୍ରହ ଜନିତ ବ୍ୟୟ

ମୁଖ୍ୟ ରାଜସ୍ୱ ଶୀର୍ଷରେ ପ୍ରାପ୍ତି ଏବଂ ତାହାର ସଂଗ୍ରହ ଜନିତ ବ୍ୟୟ ସହିତ ମୋଟ ଆଦାୟ ପାଇଁ 2006-07, 2007-08 ଏବଂ 2008-09 ବର୍ଷରେ ହୋଇଥିବା ଖର୍ଚ୍ଚର ଶତକଡ଼ା ହାର 2007-08 ବର୍ଷରେ ହୋଇଥିବା ପ୍ରାସଙ୍ଗିକ ସର୍ବଭାରତୀୟ ଖର୍ଚ୍ଚର ହାରାହାରି ଶତକଡ଼ା ହାର ସହ ତୁଳନାତ୍ମକ ଭାବେ ନିମ୍ନରେ ପ୍ରଦାନ କରାଗଲା ।

**(ଟଙ୍କା କୋଟି ଆକାରରେ)**

| ରାଜସ୍ୱ ଶୀର୍ଷ | ବର୍ଷ | ମୋଟ ଆଦାୟ | ଆଦାୟ ପାଇଁ ବ୍ୟୟ | ମୋଟ ଆଦାୟ ଉପରେ ଖର୍ଚ୍ଚର ଶତକଡା ହାର | 2007-08 ମସିହାରେ ସର୍ବଭାରତୀୟ ହାରାହାରି ଶତକଡା ହାର |
|---|---|---|---|---|---|
| ବିକ୍ରୟ କର/ ମୂଲ୍ୟଯୁକ୍ତ କର[3] | 2006-07 | 4,439.01 | 26.59 | 0.60 | 0.83 |
| | 2007-08 | 4,863.36 | 30.11 | 0.62 | |
| | 2008-09 | 5,601.22 | 44.45 | 0.79[4] | |
| ମୋଟର ଯାନ କର | 2006-07 | 426.54 | 12.25 | 2.87 | 2.58 |
| | 2007-08 | 459.42 | 14.71 | 3.20 | |
| | 2008-09 | 524.43 | 32.59 | 6.21 | |
| ରାଜ୍ୟ ଅବକାରୀ | 2006-07 | 430.07 | 15.28 | 3.55 | 3.27 |
| | 2007-08 | 524.93 | 17.54 | 3.34 | |
| | 2008-09 | 660.07 | 24.76 | 3.75 | |
| ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ | 2006-07 | 260.49 | 10.92 | 4.19 | 2.09 |
| | 2007-08 | 404.76 | 11.81 | 2.92 | |
| | 2008-09 | 495.66 | 15.23 | 3.07 | |

ଉପରୋକ୍ତ ସାରଣୀରୁ ଦେଖାଗଲାଯେ ବିକ୍ରୟ କର କ୍ଷେତ୍ରରେ ସଂଗ୍ରହ ଜନିତ ବ୍ୟୟ ସର୍ବଭାରତୀୟ ହାର ତୁଳନାରେ କମ୍ ଯାହା ଅନ୍ୟ ସମସ୍ତ କ୍ଷେତ୍ରରେ ଅଧିକତର ଥିଲା ।

ରାସ୍ତା ନିରାପତ୍ତା ସଚେତନତା, ବିଭାଗର ଆଧୁନିକୀକରଣ ଏବଂ ନୂତନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସୃଷ୍ଟି ଭଳି ଯୋଜନା ବ୍ୟୟବୃଦ୍ଧି ହେତୁ ମୋଟର ଯାନ କର କ୍ଷେତ୍ରରେ ସଂଗ୍ରହ ଜନିତ ବ୍ୟୟ 41.16 ପ୍ରତିଶତ ବୃଦ୍ଧି ହୋଇଥିଲା ।

## 1.5 ବକେୟା ରାଜସ୍ୱର ବିଶ୍ଳେଷଣ

ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ପ୍ରମୁଖ ରାଜସ୍ୱ ଶୀର୍ଷଗୁଡିକରେ 31 ମାର୍ଚ୍ଚ 2009 ସୁଦ୍ଧା 5,460.92 କୋଟି ଟଙ୍କା ବକେୟା ରାଜସ୍ୱର ସବିଶେଷ ବିବରଣ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

---

3 ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ଅଙ୍କ ଓ ଅର୍ଥ ହିସାବ ପୁସ୍ତିକାରେ ଥିବା ଅଙ୍କ ମଧ୍ୟରେ ଅମେଳ ଅଛି ।

4 2008-09 ବର୍ଷରେ ମୋଟ ଆଦାୟ ପାଇଁ ହୋଇଥିବା ବ୍ୟୟର ଶତାଂଶ ମଧ୍ୟରେ ବିକ୍ରୟ କର ସହିତ ପ୍ରବେଶ କର, ପ୍ରମୋଦ କର ଓ ବୃିକର ସାମିଲ ହୋଇଅଛି ।

(ଟଙ୍କା କୋଟି ଆକାରରେ)

| କ୍ର.ସଂ | ରାଜସ୍ୱ ଶୀର୍ଷ | 31 ମାର୍ଚ୍ଚ 2009 ସୁଦ୍ଧା ବକେୟା | 5 ବର୍ଷରୁ ଅଧିକ ପୁରାତନ ବକେୟା | ମନ୍ତବ୍ୟ | | |
|---|---|---|---|---|---|---|
| 1. | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 3,588.57 | 928.27 | **ବକେୟାର ସ୍ଥିତି ନିମ୍ନରେ ଦର୍ଶାଗଲା :** | | |
| | | | | • | କାରଣ ଦର୍ଶାଅ ଏବଂ ଜୋରିମାନା ଅନ୍ତର୍ଭୁକ୍ତ ପରିମାଣ | 1,274.34 |
| | | | | • | ଅସୁଲି ସ୍ଥଗିତ | |
| | | | | ➢ | ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା | 1,399.96 |
| | | | | ➢ | ଉଚ୍ଚତମ ନ୍ୟାୟାଳୟ/ଉଚ୍ଚ ନ୍ୟାୟାଳୟ ଦ୍ୱାରା | 617.57 |
| | | | | • | ସାର୍ଟିଫିକେଟ/କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 291.16 |
| | | | | • | ସମ୍ଭାବ୍ୟ ଅପଲିଖିତ ରାଶି | 5.54 |
| 2. | ପ୍ରବେଶ କର | 110.57 | 17.44 | **ବକେୟା ରାଶିର ସ୍ଥିତି ନିମ୍ନରେ ଦର୍ଶାଗଲା :** | | |
| | | | | • | କାରଣ ଦର୍ଶାଅ ଏବଂ ଜୋରିମାନା ଅନ୍ତର୍ଭୁକ୍ତ | 23.67 |
| | | | | • | ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅସୁଲି ସ୍ଥଗିତ | 33.96 |
| | | | | • | ଉଚ୍ଚ ନ୍ୟାୟାଳୟ ଦ୍ୱାରା ସ୍ଥଗିତ ଦାବି | 42.68 |
| | | | | • | ସାର୍ଟିଫିକେଟ/କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଭୁକ୍ତ ଦାବି | 10.26 |
| 3. | ଆମୋଦ କର | 6.56 | 5.11 | **ବକେୟା ରାଶିର ସ୍ଥିତି ନିମ୍ନରେ ଦର୍ଶାଗଲା :** | | |
| | | | | • | ସାର୍ଟିଫିକେଟ /କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 4.46 |
| | | | | • | କାରଣ ଦର୍ଶାଅ ଓ ଜୋରିମାନା ଅନ୍ତର୍ଭୁକ୍ତ | 1.80 |
| | | | | • | ଅସୁଲି ସ୍ଥଗିତ | |
| | | | | ➢ | ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା | 0.18 |
| | | | | ➢ | ଉଚ୍ଚ ନ୍ୟାୟାଳୟ ଦ୍ୱାରା | 0.12 |
| 4. | ବୃତ୍ତି କର | 0.67 | 0.01 | ସମସ୍ତ ବକେୟା କାରଣ ଦର୍ଶାଅ ଏବଂ ଜୋରିମାନା ଅନ୍ତର୍ଭୁକ୍ତ ଥିଲା । | | |
| 5. | ଭୂ-ରାଜସ୍ୱ | 30.45 | ପ୍ରାପ୍ତ ହୋଇନାହିଁ | **ଦଫାୱାରୀ ବିଭାଜନ ନିମ୍ନପରି ଥିଲା** | | |
| | | | | • | ଖଜଣା | 3.17 |
| | | | | • | ସେସ୍ | 5.01 |
| | | | | • | ନିସ୍ତାର ସେସ୍ | 0.15 |
| | | | | • | ସୈରାତ | 8.04 |
| | | | | • | ବିବିଧ ରାଜସ୍ୱ | 14.08 |
| 6. | ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି (ଘରଭଡା) ସାଧାରଣ ପ୍ରଶାସନ ବିଭାଗ | 8.37 | 3.09 | **ବକେୟା ପାଉଣା ନିମ୍ନ ସ୍ତରରୁ ପ୍ରାପ୍ୟ** | | |
| | | | | • | ଅଣଆବାସିକ ଗୃହ | 0.91 |
| | | | | • | ଆବାସିକ ଗୃହ | |
| | | | | ➢ | ଅବସର ପ୍ରାପ୍ତ ସରକାରୀ କର୍ମଚାରୀ | 3.41 |
| | | | | ➢ | ବିଧାୟକ ଓ ପୂର୍ବତନ ବିଧାୟକ | 0.50 |
| | | | | ➢ | ମଣ୍ଡଳୀ ଓ ନିଗମ | 0.50 |
| | | | | ➢ | ବେସରକାରୀ ସଂସ୍ଥା | 0.70 |
| | | | | ➢ | ବଦଳି ହୋଇଯାଇଥିବା ସରକାରୀ କର୍ମଚାରୀ | 1.18 |
| | | | | ➢ | ସାର୍ଟିଫିକେଟ ମାମଲା | 0.10 |

(ଟଙ୍କା କୋଟି ଆକାରରେ)

| କ୍ର.ସଂ | ରାଜସ୍ୱ ଶୀର୍ଷ | 31 ମାର୍ଚ୍ଚ 2009 ସୁଦ୍ଧା ବକେୟା | 5 ବର୍ଷରୁ ଅଧିକ ପୁରାତନ ବକେୟା | ମନ୍ତବ୍ୟ | | |
|---|---|---|---|---|---|---|
| | | | | ➢ | କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦ୍ୱାରା ଦଖଲ ରାଜ୍ୟ ସରକାରଙ୍କ ବାସଗୃହ ବାବଦ | 0.22 |
| | | | | ➢ | ସାଧାରଣ ଘରଭଡ଼ା | 0.69 |
| | | | | ➢ | ଉଚ୍ଚ ନ୍ୟାୟାଳୟ ଓ ଅନ୍ୟାନ୍ୟ ବିଚାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥଗିତ ଦାବି | 0.16 |
| 7. | ବନ ପ୍ରାପ୍ତି | 81.24 | ପ୍ରାପ୍ତ ହୋଇନାହିଁ | | **ବକେୟା ପାଉଣା ନିମ୍ନ ସ୍ତରରୁ ପ୍ରାପ୍ତ :** | |
| | | | | • | ଓଡ଼ିଶା ବନ ଉନ୍ନୟନ ନିଗମ | 70.16 |
| | | | | • | ଆଦିବାସି ଉନ୍ନୟନ ସମବାୟ ନିଗମ | 4.49 |
| | | | | • | ଜଙ୍ଗଲ ଠିକାଦାର | 2.98 |
| | | | | • | ଅନ୍ୟାନ୍ୟ କର୍ତ୍ତୃପକ୍ଷ | 3.61 |
| 8. | ଆରକ୍ଷୀ ପ୍ରାପ୍ତି | 39.59 | 10.80 | | ବକେୟା ରାଜସ୍ୱ ମଧ୍ୟରୁ 2.31 କୋଟି ଟଙ୍କା ପ୍ରସ୍ତାବିତ ଅପଲିଖିତ ରାଶି ଅଟେ | |
| 9. | ଜଳ କର | 154.24 | ପ୍ରାପ୍ତ ହୋଇନାହିଁ | • | ଶିଳ୍ପ ସମ୍ବନ୍ଧୀ ଜଳ କର | 118.50 |
| | | | | • | ସେଚ ଜଳ କର | 35.74 |
| 10. | ମୋଟର ଯାନ କର | 129.01 | ପ୍ରାପ୍ତ ହୋଇନାହିଁ | | **ବକେୟାର ସ୍ଥିତି ନିମ୍ନରେ ଦର୍ଶାଗଲା :** | |
| | | | | • | ସାର୍ଟିଫିକେଟ କାର୍ଯ୍ୟବିଧି ଅନ୍ତର୍ଭୁକ୍ତ ଦାବି | 51.77 |
| | | | | • | ରହିତାଦେଶରେ ଥିବା ଦାବି | |
| | | | | ➢ | ଉଚ୍ଚତମ ନ୍ୟାୟାଳୟ ଏବଂ ଅନ୍ୟାନ୍ୟ ନ୍ୟାୟପାଳିକା ଦ୍ୱାରା ସ୍ଥଗିତ | 4.50 |
| | | | | ➢ | ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥଗିତ | 1.74 |
| | | | | • | ବିବାଦୀୟ ରାଶି | 5.54 |
| | | | | • | ପ୍ରସ୍ତାବିତ ଅପଲିଖିତ ରାଶି | 0.15 |
| | | | | • | ଅନ୍ୟାନ୍ୟ ସ୍ତର ଅନ୍ତର୍ଭୁକ୍ତ | 65.31 |
| 11. | ରାଜ୍ୟ ଅବକାରୀ | 21.01 | ପ୍ରାପ୍ତ ହୋଇନାହିଁ | | **ବକେୟାର ସ୍ଥିତି ନିମ୍ନରେ ଦର୍ଶାଗଲା :** | |
| | | | | • | ସାର୍ଟିଫିକେଟ କାର୍ଯ୍ୟାବିଧି ଅନ୍ତର୍ଭୁକ୍ତ | 13.37 |
| | | | | • | ଉଚ୍ଚ ନ୍ୟାୟାଳୟ/ଉଚ୍ଚତମ ନ୍ୟାୟାଳୟ ଏବଂ ଅନ୍ୟାନ୍ୟ ନ୍ୟାୟପାଳିକା ଦ୍ୱାରା ସ୍ଥଗିତ | 3.87 |
| | | | | • | ବିବାଦୀୟ ରାଶି | 0.77 |
| | | | | • | ପ୍ରସ୍ତାବିତ ଅପଲିଖିତ ରାଶି | 0.03 |
| | | | | • | ଅନ୍ୟାନ୍ୟ ଆଦାୟ ସ୍ତର ଅନ୍ତର୍ଭୁକ୍ତ | 2.97 |
| 12. | ସୁଧ | 141.15 | ପ୍ରାପ୍ତ ହୋଇନାହିଁ | • | ସମବାୟ ବିଭାଗ | 81.20 |
| | | | | • | ବୟନ ଓ ହସ୍ତତନ୍ତ ବିଭାଗ | 24.50 |
| | | | | • | ଶିଳ୍ପ ବିଭାଗ | 35.45 |
| | | | | | **ବକେୟା ପାଉଣା ନିମ୍ନ ସ୍ତରରୁ ପ୍ରାପ୍ୟ** | |
| | | | | ➢ | ଶିଳ୍ପ ଉନ୍ନୟନ ନିଗମ | 7.53 |
| | | | | ➢ | ଇପିକଲ | 13.50 |
| | | | | ➢ | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ | 2.89 |
| | | | | ➢ | ଓଡିଶା ରାଜ୍ୟ ଚମଡା ନିଗମ | 0.85 |
| | | | | ➢ | ଓଡିଶା ଇନ୍ଷ୍ଟ୍ରୁମେଣ୍ଟ କମ୍ପାନୀ | 0.63 |
| | | | | ➢ | ଓଡିଶା ରାଜ୍ୟ ଅର୍ଥ ନିଗମ | |

(ଟଙ୍କା କୋଟି ଆକାରରେ)

| କ୍ର.ସଂ | ରାଜସ୍ୱ ଶୀର୍ଷ | 31 ମାର୍ଚ୍ଚ 2009 ସୁଦ୍ଧା ବକେୟା | 5 ବର୍ଷରୁ ଅଧିକ ପୁରାତନ ବକେୟା | ମନ୍ତବ୍ୟ | |
|---|---|---|---|---|---|
| | | | | → ରାଜ୍ୟ ଗ୍ରାମୀଣ ଶିଳ୍ପ ସହାୟକ ଋଣ ବାବଦ ସୁଧ | 1.25 |
| | | | | → ବିକ୍ରୟ କର ଋଣ ବାବଦ ସୁଧ | 5.47 |
| | | | | → ବିଦ୍ୟୁତ୍ ଶୁଳ୍କ ଋଣ ବାବଦ ସୁଧ | 2.99 |
| | | | | → ପାୟତ ସମିତି ଶିଳ୍ପ ଋଣ ବାବଦ ସୁଧ | 0.34 |
| 13. | ବିଦ୍ୟୁତ ଶୁଳ୍କ | 1,025.51 | ପ୍ରାପ୍ତ ହୋଇନାହିଁ | ବକେୟା ରାଜସ୍ୱ ମଧ 1.85 କୋଟି ଟଙ୍କା ସାର୍ଟିଫିକେଟ କାର୍ଯ୍ୟବିଧି ଅର୍ନ୍ତଭୁକ୍ତ ଥିଲା ଏବଂ 707.42 କୋଟି ଟଙ୍କା ଉଚ୍ଚ/ଉଚ୍ଚତମ ନ୍ୟାୟାଳୟ/ଅନ୍ୟାନ୍ୟ ନ୍ୟାୟ ପାଳିକାରେ ମୋକଦ୍ଦମାରେ ଆବଦ୍ଧ ଥିଲା | |
| 14. | ସାମଗ୍ରୀ ଓ ଲେଖା | 0.86 | 0.08 | ବକେୟାର ସ୍ଥିତି ଉପଲବ୍ଧ ନଥିଲା । | |
| 15. | ଗ୍ୟାରେଣ୍ଟି ଫିସ୍ | 0.45 | ପ୍ରାପ୍ତ ହୋଇନାହିଁ | **ସମବାୟ ବିଭାଗ** | |
| 16. | ସମବାୟ ପ୍ରାପ୍ତି (ଲେଖାପରୀକ୍ଷା ଫିସ୍) | 1.04 | ପ୍ରାପ୍ତ ହୋଇନାହିଁ | • ଅସୁଲ ଯୋଗ୍ୟ | 0.88 |
| | | | | • ପ୍ରସ୍ତାବିତ ଅପଲିଖିତ ରାଶି | 0.16 |
| 17. | ଲାଭାଂଶ ପ୍ରାପ୍ତି (ଶିଳ୍ପ ବିଭାଗ) | 0.14 | ପ୍ରାପ୍ତ ହୋଇନାହିଁ | ବକେୟା ପାଉଣା ନିମ୍ନ ସ୍ତରରୁ ପ୍ରାପ୍ୟ | |
| | | | | • ଓଡିଶା ଅଏଲ ଇଣ୍ଡଷ୍ଟ୍ରିଜ୍ | 0.11 |
| | | | | • ଓଡିଶା ସେରାମିକ୍ ଇଣ୍ଡଷ୍ଟ୍ରିଜ୍ | 0.01 |
| | | | | • ପଥ ପ୍ରଦର୍ଶକ ପରିକଳ୍ପିତ କମ୍ପାନୀ | 0.02 |
| 18. | ବିବିଧ ସାଧାରଣ ସେବା ପ୍ରାପ୍ତି (ଶିଳ୍ପ ବିଭାଗ) | 7.90 | ପ୍ରାପ୍ତ ହୋଇନାହିଁ | ବକେୟା ପାଉଣା ନିମ୍ନସ୍ତରରୁ ପ୍ରାପ୍ୟ | |
| | | | | • ଶିଳ୍ପ ଉନ୍ନୟନ ନିଗମ | 7.87 |
| | | | | • ପଞ୍ଚାୟତ ସମିତି ଶିଳ୍ପ ସଂସ୍ଥା | 0.01 |
| | | | | • ପଥ ପ୍ରଦର୍ଶକ ପରିକଳ୍ପିତ କମ୍ପାନୀ | 0.02 |
| 19. | ଗ୍ରାମ୍ୟ ଏବଂ କ୍ଷୁଦ୍ରଶିଳ୍ପ ପ୍ରାପ୍ତି (ଶିଳ୍ପ ବିଭାଗ) | 0.28 | ପ୍ରାପ୍ତ ହୋଇନାହିଁ | ବକେୟା ପାଉଣା ନିମ୍ନସ୍ତରରୁ ପ୍ରାପ୍ୟ | |
| | | | | • ଶିଳ୍ପ ମାହାଲ ଭଡା | 0.12 |
| | | | | • ସରକାରୀ ପୋଟେରି କେନ୍ଦ୍ର, ଝାରସୁଗୁଡା | 0.15 |
| | | | | • ବିବିଧ ପ୍ରାପ୍ତି | 0.01 |
| 20. | ଖଣିଜ ପ୍ରାପ୍ତି | 113.31 | 7.15 | ଅସୁଲର ସ୍ଥିତି ନିମ୍ନରେ ଦିଆଗଲା | |
| | | | | • ସାର୍ଟିଫିକେଟ କାର୍ଯ୍ୟବିଧି ଅନ୍ତର୍ଗତ | 1.50 |
| | | | | • ଉଚ୍ଚ ନ୍ୟାୟାଳୟ/ଅନ୍ୟାନ୍ୟ ନ୍ୟାୟପାଳିକାରେ ମାଲି ମକଦ୍ଦମା ଅନ୍ତର୍ଗତ | 1.72 |
| | | | | • ବିବାଦୀୟ ରାଶି | 3.62 |
| | | | | • ପ୍ରସ୍ତାବିତ ଅପଲିଖିତ ରାଶି | 2.34 |
| | | | | • ଅସୁଲ ଯୋଗ୍ୟ ରାଶି | 104.13 |
| | ମୋଟ | **5,460.92** | **971.95** | | |

## 1.6 ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା

ବିଭାଗଦ୍ୱାରା ଉପଲବ୍ଧ କରାଯାଇଥିବା 2008-09 ବର୍ଷପାଇଁ ବିକ୍ରୟ କର/ମୂଲ୍ୟଯୁକ୍ତ କର, ବୃତ୍ତି କର ଓ ପ୍ରବେଶ କର ସମ୍ବନ୍ଧୀୟ ବର୍ଷ ଆରମ୍ଭରେ ବିଚାରାଧୀନ ଥିବା ନିର୍ଦ୍ଧାରଣ ମାମଲା ସଂଖ୍ୟା, ସେହି ବର୍ଷ ନିର୍ଦ୍ଧାରଣ ଯୋଗ୍ୟ ହେଉଥିବା ମାମଲା ସଂଖ୍ୟା, ନିର୍ଦ୍ଧାରଣ ଶେଷ ହୋଇଥିବା ମାମଲା ସଂଖ୍ୟା ଓ ବର୍ଷ 2008-09 ଶେଷରେ

ନିର୍ଦ୍ଧାରଣ ପାଇଁ ବାକି ଥିବା ମାମଲା ସଂଖ୍ୟା ସହିତ ବିକ୍ରୟ କର ଏବଂ ପ୍ରବେଶ କର କ୍ଷେତ୍ରରେ ପୂର୍ବବର୍ତ୍ତୀ ଚାରିବର୍ଷର ଅନୁରୂପ ଚିତ୍ରର ବିଶଦ ବିବରଣ ନିମ୍ନରେ ପ୍ରଦାନ କରାଗଲା ।

| ରାଜସ୍ୱ ଶୀର୍ଷ | ବର୍ଷ | ପ୍ରାରମ୍ଭିକ ଅବଶେଷ | ବର୍ଷ ମଧ୍ୟରେ ନିର୍ଦ୍ଧାରଣ ଯୋଗ୍ୟ ହେଉଥିବା ମାମଲା ସଂଖ୍ୟା | ମୋଟ | ବର୍ଷମଧ୍ୟରେ ଚୂଡାନ୍ତ ହୋଇଥିବା ମାମଲା ସଂଖ୍ୟା | ବର୍ଷଶେଷରେ ଅନ୍ତିମ ଅବଶେଷ | ସ୍ତମ୍ଭ 6 ର ସ୍ତମ୍ଭ 5 ସହିତ ଶତକଡା ହାର |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| ବିକ୍ରୟ କର | 2004-05 | 2,84,385 | 2,70,549 | 5,54,934 | 2,09,000 | 3,45,934 | 37.66 |
| | 2005-06 | 3,45,934 | 2,49,728 | 5,95,662 | 2,21,492 | 3,74,170 | 37.18 |
| | 2006-07 | 3,74,170 | 80,863 | 4,55,033 | 2,11,261 | 2,43,772 | 46.43 |
| | 2007-08 | 2,70,487[5] | 23,342 | 2,93,829 | 2,62,609 | 31,220 | 89.37 |
| | 2008-09 | 31,220 | 9,545 | 40,765 | 22,795 | 17,970 | 55.92 |
| ମୂଲ୍ୟଯୁକ୍ତ କର | 2008-09 | 457 | 2,416 | 2,873 | 1,573 | 1,300 | 54.75 |
| ବୃି କର | 2008-09 | 96,773 | 40,567 | 1,37,340 | 32,753 | 1,04,587 | 23.85 |
| ପ୍ରବେଶ କର | 2004-05 | 58,916 | 1,44,741 | 2,03,657 | 91,773 | 1,11,884 | 45.08 |
| | 2005-06 | 1,11,884 | 1,19,836 | 2,31,720 | 83,078 | 1,48,642 | 35.85 |
| | 2006-07 | 1,48,642 | 57,218 | 2,05,860 | 89,382 | 1,16,478 | 43.42 |
| | 2007-08 | 1,16,478 | 31,899 | 1,48,377 | 1,01,024 | 47,353 | 68.09 |
| | 2008-09 | 47,353 | 7,885 | 55,238 | 53,574 | 1,664 | 96.99 |

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ 2004-05 ଠାରୁ 2008-09 ମଧରେ ନିର୍ଦ୍ଧାରଣ ମାମଲା ଗୁଡିକର ଫଂଏସଲା ହାର 23.85 ଏବଂ 96.99 ପ୍ରତିଶତ ମଧ୍ୟରେ ଥିଲା ।

## 1.7 କର ଫାଙ୍କି

ବାଣିଜ୍ୟ କର ବିଭାଗ ଦ୍ୱାରା ଉପଲବ୍ଧ କରାଯାଇଥିବା 2008-09 ବର୍ଷ ମଧରେ ସନ୍ଧାନ କରାହୋଇଥିବା କର ଫାଙ୍କି ମାମଲା ସଂଖ୍ୟା ଏବଂ ନିର୍ଦ୍ଧାରଣ ଚୂଡ଼ାନ୍ତ ହୋଇଥିବା ମାମଲା ସଂଖ୍ୟାର ବିବରଣ ନିମ୍ନରେ ଦର୍ଶାଗଲା ।

| କ୍ର.ସଂ. | କରର ନାମ | 31 ମାର୍ଚ୍ଚ 2008 ସୁଦ୍ଧା ବିଚାରାଧୀନ ଥିବା ମାମଲା | 2008-09 ମଧ୍ୟରେ ସନ୍ଧାନ କରାଯାଇଥିବା ମାମଲା | ମୋଟ | ନିର୍ଦ୍ଧାରଣ ହୋଇଥିବା/ ଅନୁସନ୍ଧାନ ସମ୍ପୂର୍ଣ୍ଣ ହୋଇଥିବା ଏବଂ ଜୋରିମାନା ସହ୍ ଅତିରିକ୍ତ ଦାବି ଉତ୍ଥାପନ ହୋଇଥିବା ମାମଲା ସଂଖ୍ୟା | | 31 ମାର୍ଚ୍ଚ 2009 ସୁଦ୍ଧା ବିଚାରାଧୀନ ଥିବା ମାମଲା ସଂଖ୍ୟା |
|---|---|---|---|---|---|---|---|
| | | | | | ମାମଲା ସଂଖ୍ୟା | ଦାବି ରାଶି (ଟଙ୍କା କୋଟିରେ) | |
| 1. | ବିକ୍ରୟ କର | 881 | 20 | 901 | 411 | 0.57 | 490 |
| 2. | ମୂଲ୍ୟଯୁକ୍ତ କର | 579 | 928 | 1,507 | 609 | 14.47 | 898 |
| 3. | କେନ୍ଦ୍ରୀୟ ବିକ୍ରୟ କର | 31 | 65 | 96 | 50 | 18.04 | 46 |
| 4. | ପ୍ରବେଶ କର | 13 | 149 | 162 | 99 | 6.05 | 63 |

5 ବିଭାଗ ଦ୍ୱାରା **2006-07** ପର୍ଯ୍ୟନ୍ତ ପ୍ରଦାନ କରାଯାଇ ନଥିବା କେନ୍ଦ୍ରୀୟ ବିକ୍ରୟ କର ଜନିତ **26,715** ଟି ମାମଲା ଏଥିରେ ସମ୍ମିଳିତ ଅଛି ।

| ମୋଟ | 1,504 | 1,162 | 2,666 | 1,169 | 39.13 | 1,497 |
|---|---|---|---|---|---|---|

ସନ୍ଧାନ କରାଯାଇଥିବା ମାମଲା ଗୁଡ଼ିକରୁ 43.85 ପ୍ରତିଶତ ମାମଲା ଫଂଏସଲା ହୋଇଥିଲା । ବିଗ୍ରାଧିନ ଥିବା ମାମଲା ଗୁଡିକରେ ଜଡିତ ରାଜସ୍ୱ ପରିମାଣ ବିଭାଗ ଦ୍ୱାରା ସୂଚିତ କରାଯାଇନଥିଲା ।

## 1.8 ଦାୟିତ୍ୱଧୀନତା ପ୍ରବ ଂନ ଓ ସରକାରଙ୍କ ସ୍ୱାର୍ଥ ରକ୍ଷାକରିବାରେ ବିଫଂଳତା

ସମୀକ୍ଷା ସମୟରେ ଦୃଷ୍ଟିଗୋଚ଼ର ହୋଇଥିବା କର, ଶୁଳ୍କ, ଫିଂସ୍ ଇତ୍ୟାଦିର ତୃଟିପୂର୍ଣ୍ଣ ନିର୍ଦ୍ଧାରଣ, ସ୍ୱଳ୍ପାରୋପଣ ତଥା ମୂଳନଥିପତ୍ର ଗୁଡ଼ିକର ରକ୍ଷଣାବେକ୍ଷଣରେ ତୃଟି ଘଟଣାସ୍ଥଳରେ ସମାଧାନ ହୋଇ ନପାରିଲେ ସେଗୁଡ଼ିକ କାର୍ଯ୍ୟାଳୟ/ ବିଭାଗ ମୁଖ୍ୟ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ତ୍ତୃପକ୍ଷ ମାନଙ୍କୁ ନିରୀକ୍ଷଣ ପ୍ରତିବେଦନ ଜରିଆରେ ଜଣାଇ ଦିଆଯାଇଥାଏ । କାର୍ଯ୍ୟାଳୟ/ବିଭାଗୀୟ ମୁଖ୍ୟ ଅଧିକାରୀମାନେ ନିରୀକ୍ଷଣ ପ୍ରତିବେଦନ ଉପରେ ରାଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ସଂଶୋଧକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଏବଂ ଉର ଏକମାସ ମଧ୍ୟରେ ପଠାଇବା ବିଧେୟ ।

ରାଜସ୍ୱ ପ୍ରାପ୍ତି ସମ୍ପର୍କିତ 31 ଡ଼ିସେମ୍ବର 2008 ସୁଦ୍ଧା ପଠାଯାଇଥିବା ନିରୀକ୍ଷଣ ପ୍ରତିବେଦନ ଓ ସମୀକ୍ଷା ଅବଲୋକନ ମଧ୍ୟରୁ 30 ଜୁନ 2009 ସୁଦ୍ଧା ନିଷ୍ପି ହୋଇନପାରି ବାକିଥିବା ଏବଂ ବିଗତ ଦୁଇବର୍ଷର ଅନୁରୂପ ତଥ୍ୟାବଳୀ ନିମ୍ନରେ ପ୍ରଦାନ କରାଗଲା ।

| | 2007 | 2008 | 2009 |
|---|---|---|---|
| ନିଷ୍ପି ନହୋଇ ବାକିଥିବା ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | 3,368 | 3,316 | 3,168 |
| ନିଷ୍ପି ନହୋଇ ବାକିଥିବା ସମୀକ୍ଷା ଅବଲୋକନ ସଂଖ୍ୟା | 9,772 | 9,429 | 8,917 |
| ଜଡ଼ିତ ଥିବା ରାଜସ୍ୱର ପରିମାଣ (ଟଙ୍କା କୋଟି ଆକାରରେ) | 2,576.21 | 3,144.73 | 3,901.84 |

ନିଷ୍ପି ନହୋଇ 30 ଜୁନ 2009 ସୁଦ୍ଧା ବାକିଥିବା ନିରୀକ୍ଷଣ ପ୍ରତିବେଦନ ଓ ସମୀକ୍ଷା ଅବଲୋକନ ଗୁଡ଼ିକର ବିଭାଗ ଅନୁଯାୟୀ ସ୍ଥିତି ନିମ୍ନରେ ପ୍ରଦ ହେଲା ।

| ବିଭାଗ | ରାଜସ୍ୱର ସ୍ୱରୂପ | ଅନିଷ୍ପନଥିବା ସଂଖ୍ୟା | | ସଂପୃକ୍ତ ରାଜସ୍ୱର ପରିମାଣ (ଟଙ୍କା କୋଟି ଆକାରରେ) | ସମ୍ପର୍କିତ ବର୍ଷ | ପ୍ରଥମ ଉ ର ମିଳିନଥିବା ପ୍ରତିବେଦନ ସଂଖ୍ୟା |
|---|---|---|---|---|---|---|
| | | ନିରୀକ୍ଷଣ ପ୍ରତିବେଦନ | ସମୀକ୍ଷା ଅବଲୋକନ | | | |
| ଅର୍ଥ | ବିକ୍ରୟ କର | 538 | 1,570 | 529.47 | 1981-82 ଠାରୁ 2008-09 | 37 |
| | ମୂଲ୍ୟଯୁକ୍ତ କର | 21 | 38 | 139.08 | 2007-08 ଏବଂ 2008-09 | 22 |
| | ଆମୋଦ କର | 44 | 59 | 1.44 | 1984-85 ଠାରୁ 2003-04 | - |
| | ପ୍ରବେଶ କର | 153 | 255 | 77.75 | 2002-03 ଠାରୁ 2008-09 | 28 |
| ବାଣିଜ୍ୟ ଓ ପରିବହନ (ପରିବହନ) | ମୋଟର ଯାନ କର | 252 | 2,525 | 416.08 | 1997-98 ଠାରୁ 2008-09 | 2 |
| | ମାଲ ଓ ଯାତ୍ରୀକର | 70 | 237 | 1.09 | 1973-74 ଠାରୁ 1987-88 | - |
| ରାଜସ୍ୱ | ଭୂ-ରାଜସ୍ୱ | 707 | 1,551 | 832.31 | 1985-86 ଠାରୁ 2008-09 | 147 |
| | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିଂସ୍ | 473 | 745 | 518.06 | 1977-78 ଠାରୁ 2008-09 | 173 |

| ବିଭାଗ | ରାଜସ୍ୱର ସ୍ୱରୂପ | ଅନିଷ୍ପନଥିବା ସଂଖ୍ୟା | | ସଂପୃକ୍ତ ରାଜସ୍ୱର ପରିମାଣ (ଟଙ୍କା କୋଟି ଆକାରରେ) | ସମ୍ପର୍କିତ ବର୍ଷ | ପ୍ରଥମ ଉ ର ମିଳିନଥିବା ପ୍ରତିବେଦନ ସଂଖ୍ୟା |
|---|---|---|---|---|---|---|
| | | ନିରୀକ୍ଷଣ ପ୍ରତିବେଦନ | ସମୀକ୍ଷା ଅବଲୋକନ | | | |
| ଅବକାରୀ | ରାଜ୍ୟ ଅବକାରୀ | 218 | 450 | 132.79 | 1991-92 ଠାରୁ 2008-09 | 18 |
| ଜଙ୍ଗଲ ଓ ପରିବେଶ | ବନ ପ୍ରାପ୍ତି | 484 | 1,107 | 267.38 | 1981-82 ଠାରୁ 2008-09 | 72 |
| ଇସ୍ପାତ ଓ ଖଣି | ଖଣିଜ ପ୍ରାପ୍ତି | 84 | 152 | 273.80 | 1980-81 ଠାରୁ 2008-09 | 18 |
| ଶକ୍ତି | ବିଦ୍ୟୁତ ଶୁଳ୍କ/ଫିସ୍ | 81 | 168 | 686.51 | 1992-03 ଠାରୁ 2008-09 | 2 |
| ସମବାୟ | ବିଭାଗୀୟ ପ୍ରାପ୍ତି | 18 | 25 | 16.08 | 1995-96 ଏବଂ 2008-09 | - |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ବିଭାଗୀୟ ପ୍ରାପ୍ତି | 20 | 30 | 3.08 | 1998-99 ଠାରୁ 2008-09 | 3 |
| ସାଧାରଣ ପ୍ରଶାସନ (ଘର ଭଡା) | ବିଭାଗୀୟ ପ୍ରାପ୍ତି | 1 | 1 | 0.02 | 2003-04 | - |
| ପୂ ́ | ବିଭାଗୀୟ ପ୍ରାପ୍ତି | 4 | 4 | 6.90 | 2003-04 ଠାରୁ 2008-09 | - |
| ମୋଟ | | **3,168** | **8,917** | **3,901.84** | | **522** |

ଏଥିରୁ ସଂକେତ ମିଳେ ଯେ ବିଭାଗ/କାର୍ଯ୍ୟାଳୟ ମୁଖ୍ୟମାନେ ଯାହାଙ୍କର ନଥିପତ୍ର ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଏବଂ ପ୍ରାପ୍ତି ସମୀକ୍ଷା) ଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିଲା ସେମାନେ ଯଥୋଚିତ ଦାୟିତ୍ୱ ନିର୍ବାହ କରିବାରେ ଅସଫଂଳ ରହିଥିଲେ ଯେହେତୁ ସେମାନେ ବହୁ ସଂଖ୍ୟକ ନିରୀକ୍ଷଣ ପ୍ରତିବେଦନ/ଅନୁଚ୍ଛେଦ ଗୁଡ଼ିକର ଉର ଦେଇନଥିଲେ ଏବଂ ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଏବଂ ପ୍ରାପ୍ତି ସମୀକ୍ଷା) ଙ୍କ ଦ୍ୱାରା ଦର୍ଶାଯାଇଥିବା ତୃଟି, ଅକୃତି ଏବଂ ଅନିୟମିତତା ନିମନ୍ତେ ପ୍ରତିକାରାତ୍ମକ ଉପାୟମାନ ଗ୍ରହଣକରିନଥିଲେ । ଅନିଷ୍ପନ ପ୍ରତିବେଦନ ଗୁଡିକରେ ବକେୟା ପରିମାଣ ଅନାଦେୟ ରାଜସ୍ୱ ହୋଇଥିବାରୁ ନିରୀକ୍ଷଣ ପ୍ରତିବେଦନ ଗୁଡିକରେ ଉଠାଯାଇଥିବା ବିଷୟ ସମ୍ବନ୍ଧରେ ସରକାର କ୍ଷିପ୍ର ଓ ପ୍ରଭାବୀ ପଦକ୍ଷେପନେବା ଆବଶ୍ୟକ ।

## 1.9 ବିଭାଗୀୟ ସମୀକ୍ଷା କମିଟି ବୈଠକ

ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକରେ ଅନ୍ତର୍ଗତ ସମୀକ୍ଷା ଅବଲୋକନ ଗୁଡ଼ିକର ମିମାଂଶା ତ୍ୱରାନ୍ୱିତ କରିବା ନିମନ୍ତେ ସରକାର ବିଭାଗୀୟ ସମୀକ୍ଷା କମିଟିମାନ ଗଠନ କରିଅଛନ୍ତି । ଅର୍ଥ ବିଭାଗ, ପ୍ରଶାସନିକ ବିଭାଗ ତଥା ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଓ ପ୍ରାପ୍ତି ସମୀକ୍ଷା)ଙ୍କ କାର୍ଯ୍ୟଳୟର ପ୍ରତିନିଧିମାନେ ଏହି କମିଟିରେ ଯୋଗଦାନ କରିଥାନ୍ତି । ଅନିଷ୍ପନ ସମୀକ୍ଷା ଅବଲୋକନ ଗୁଡ଼ିକର ମିମାଂଶା ତ୍ୱରାନ୍ୱିତ କରାଇବା ତଥା ଏକ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଅନିଷ୍ପନ ସମୀକ୍ଷା ଅବଲୋକନ ଗୁଡ଼ିକର ଅନ୍ତିମ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରାଇବା ନିମନ୍ତେ ଏହି କମିଟି ନିୟମିତ ଅନୁଷ୍ଠିତ ହେବା ଆବଶ୍ୟକ ଅଟେ । ନିମ୍ନରେ 2008-09 ବର୍ଷ ମଧ୍ୟରେ ହୋଇଥିବା ସମୀକ୍ଷା କମିଟି ବୈଠକ ଗୁଡିକର ବିଭାଗ ୱାରୀ ସ୍ଥିତି ପ୍ରଦାନ କରାଗଲା ।

| କ୍ର.ସଂ. | ବିଭାଗର ନାମ | ବିଷୟ | ହୋଇଥିବା ବୈଠକର ସଂଖ୍ୟା | ମିମାଂସା ହୋଇଥିବା ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ମିମାଂସା ହୋଇଥିବା ସମୀକ୍ଷା ଅବଲୋକନ ସଂଖ୍ୟା |
|---|---|---|---|---|---|
| 1. | ଅର୍ଥ | ବିକ୍ରୟ କର/ ମୂଲ୍ୟଯୁକ୍ତ କର/ ପ୍ରବେଶ କର | 14 | 46 | 160 |
| 2. | ପରିବହନ | ମୋଟର ଯାନ କର | 13 | -- | 99 |
| 3. | ଅବକାରୀ | ଅବକାରୀ ଶୁଳ୍କ | 2 | 17 | 51 |
| 4. | ରାଜସ୍ୱ | ଭୂ ରାଜସ୍ୱ | 15 | 39 | 167 |
| 5. | ଜଙ୍ଗଲ ଓ ପରିବେଶ | ବନ ପ୍ରାପ୍ତି | 7 | 15 | 81 |
| 6. | ଇସ୍ପାତ ଓ ଖଣି | ଖଣିଜ ପ୍ରାପ୍ତି | 1 | 10 | 21 |
| **ମୋଟ** | | | **52** | **127** | **579** |

2008-09 ବର୍ଷ ମଧ୍ୟରେ ରାଜସ୍ୱ ବିଭାଗ ଦ୍ୱାରା ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସମ୍ବନ୍ଧୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଶକ୍ତି ଏବଂ ସମବାୟ ବିଭାଗମାନଙ୍କ ଦ୍ୱାରା କୌଣସି ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ କରାହୋଇନଥିଲା । ବର୍ଷକୁ ବର୍ଷ ଅନିଷ୍ପନ ନିରୀକ୍ଷଣ ପ୍ରତିବେଦନ ଓ ସମୀକ୍ଷା ଅବଲୋକନ ଗୁଡିକର ସଂଖ୍ୟା ବୃଦ୍ଧି ହେଉଥିବା ହେତୁ ଏଗୁଡିକର ମିମାଂସା ତ୍ୱରାନ୍ୱିତ କରିବା ନିମନ୍ତେ ଅଧିକରୁ ଅଧିକ ସମୀକ୍ଷା କମିଟି ବୈଠକ କରାଇବା ପାଇଁ ସରକାର ପ୍ରତ୍ୟେକ ବିଭାଗକୁ ନିର୍ଦ୍ଦେଶ ଦେବା ଆବଶ୍ୟକ ଅଟେ ।

## 1.10 ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡିକ ପ୍ରତି ବିଭାଗ ମାନଙ୍କ ଜବାବ

ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ନିବେଶ କରିବା ନିମନ୍ତେ ମହାଲେଖାକାରଙ୍କ ଦ୍ୱାରା ପ୍ରସ୍ତାବିତ ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକର ଜବାବ ଏଗୁଡିକ ହସ୍ତଗତ ହେବାଦିନଠାରୁ ଛଅ ସପ୍ତାହ ମଧ୍ୟରେ ଦେବାପାଇଁ ରାଜ୍ୟ ସରକାର ଅର୍ଥ ବିଭାଗ ଦ୍ୱାରା ମଇ 1967 ରେ ଜାରି କରାଯାଇଥିବା ସ୍ମାରକପତ୍ର ଜରିଆରେ ବିଭିନ୍ନ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ପ୍ରତି ରାଜ୍ୟ ସରକାରଙ୍କ ମନୋଭାବ/ଜବାବ ସମ୍ପର୍କରେ ଉଚ୍ଚ କ୍ଷମତାପନ୍ନ କମିଟିର ସୁପାରିଶ ଗ୍ରହଣ କରିବା ବେଳେ ଉପରୋକ୍ତ ନିର୍ଦ୍ଦେଶକୁ ମଧ୍ୟ ଦୋହରାଯାଇଥିଲା (ଡ଼ିସେମ୍ବର 1993) । ଚିଠା ସମୀକ୍ଷା ଅନୁଚ୍ଛେଦଗୁଡ଼ିକର ତଥ୍ୟାବଳୀ ଦୃଢୀକରଣ କରିବା ସହିତ ତା ଉପରେ ନିର୍ଦ୍ଧାରିତ ଛଅ ସପ୍ତାହ ମଧ୍ୟରେ ମନ୍ତବ୍ୟ ଦେବା ନିମନ୍ତେ ସେଗୁଡ଼ିକ ସଂପୃକ୍ତ ବିଭାଗୀୟ ପ୍ରମୁଖ ସଚ଼ିବ/ସଚ଼ିବ ମାନଙ୍କ ନିକଟକୁ ଅର୍ଦ୍ଧସରକାରୀ ପତ୍ର ଜରିଆରେ ମହାଲେଖାକାରଙ୍କ ଦ୍ୱାରା ପଠାଯାଇଥାଏ ।

ଏହି ପ୍ରତିବେଦନରେ ଅନ୍ତର୍ନିବେଶ କରିବା ନିମନ୍ତେ ବିଚ଼ାରାଧିନ ଦୁଇଗୋଟି ସମୀକ୍ଷା ପୁନର୍ବିଲୋକନ ସମେତ 50 ଟି ଚ଼ିଠା ଅନୁଚ୍ଛେଦର (47 ଟି ଅନୁଚ୍ଛେଦରେ ଏକୀକୃତ) ତଥ୍ୟାବଳୀ ଦୃଢୀକରଣ କରିବା ସହିତ ତା ଉପରେ ମନ୍ତବ୍ୟ ଦେବାପାଇଁ ଅନୁରୋଧ କରି ଜାନୁୟାରୀ ଠାରୁ ଜୁଲାଇ 2009 ମଧ୍ୟରେ ସଂପୃକ୍ତ ବିଭାଗୀୟ ପ୍ରମୁଖ ସଚ଼ିବ/ସଚ଼ିବ ମାନଙ୍କ ନିକଟକୁ ଅର୍ଦ୍ଧସରକାରୀ ପତ୍ର ଜରିଆରେ ପଠାଯାଇଥିଲା । ନିର୍ଦ୍ଧାରିତ ଛଅ ସପ୍ତାହ ଅତିକ୍ରାନ୍ତ ହେବାପରେ ଜବାବ ମିଳି ନଥିବା ପ୍ରତ୍ୟେକ କ୍ଷେତ୍ରରେ ଅର୍ଦ୍ଧସରକାରୀ ପତ୍ର ଜରିଆରେ ଅନୁସ୍ମାରକମାନ ମଧ୍ୟ ପଠାଯାଇଥିଲା । ଚ଼ିଠା ଅନୁଚ୍ଛେଦ ଗୁଡ଼ିକ ପ୍ରତି ଜବାବର ସ୍ଥିତି ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ | ବିଭାଗର ନାମ/ ରାଜସ୍ୱର ସ୍ୱରୂପ | ସମୀକ୍ଷା ପୁନର୍ବିଲୋକନ ସହ ପଠାଯାଇଥିବା ଚିଠା ଅନୁଚ୍ଛେଦ ସଂଖ୍ୟା | ଜବାବ ମିଳିଥିବା ଚିଠା ଅନୁଚ୍ଛେଦ ସଂଖ୍ୟା | ଜବାବ ମିଳିନଥିବା ଚିଠା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 1. | ଅର୍ଥ(ବିକ୍ରୟ କର ଏବଂ ପ୍ରବେଶ କର) | 18 | 15 | 3 |
| 2. | ପରିବହନ (ମୋଟର ଯାନ କର) | 10 | -- | 10 |
| 3. | ଅବକାରୀ (ଅବକାରୀ ଶୁଳ୍କ ଓ ଫିସ୍) | 2 | 2 | -- |
| 4. | ଜଙ୍ଗଲ ଓ ପରିବେଶ (ବନ ପ୍ରାପ୍ତି) | 2 | 2 | -- |
| 5. | ଇସ୍ପାତ ଓ ଖଣି (ଖଣିଜ ପ୍ରାପ୍ତି ) | 4 | -- | 4 |
| 6. | ରାଜସ୍ୱ (ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍) | 8 | -- | 8[6] |
| 7. | ଜଳ ସମ୍ପଦ | 1 | 1 | -- |
| 8. | ଶକ୍ତି (ବିଭାଗୀୟ ପ୍ରାପ୍ତି) | 4 | 3 | 1 |
| 9. | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 1 | 1 | -- |
| | **ମୋଟ** | **50** | **24** | **26** |

## 1.11 ସମୀକ୍ଷା ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ-ସଂକ୍ଷିପ୍ତ ସ୍ଥିତି

ଡ଼ିସେମ୍ବର 1993 ରେ ଅର୍ଥ ବିଭାଗଦ୍ୱାରା ଜାରି ଅନୁଦେଶାନୁସାରେ ଓଡ଼ିଶା ବିଧାନ ସଭାରେ ଉପସ୍ଥାପିତ ହୋଇଥିବା ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦମାନଙ୍କର ସମୀକ୍ଷା ଦ୍ୱାରା ଯା ପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ଗୃହରେ ପ୍ରତିବେଦନ ଉପସ୍ଥାପିତ ହେବା ଦିନଠାରୁ ତିନିମାସ ମଧ୍ୟରେ ବିଧାନ ସଭାକୁ ପ୍ରଦାନ କରାଯିବା ଆବଶ୍ୟକ ।

ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ (ରାଜସ୍ୱ ପ୍ରାପ୍ତି) ରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ମାନଙ୍କର ସେପ୍ଟେମ୍ବର 2009 ସୁଦ୍ଧା ଅନିଷ୍ପନ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଗୁଡ଼ିକର ପୁର୍ନବିଲୋକନରୁ ଜଣାଗଲା କି ସମ୍ପୃକ୍ତ ବିଭାଗମାନେ 1999-2000 ଠାରୁ 2007-08 ଅବଧି ପାଇଁ 20 ଟି ଅନୁଚ୍ଛେଦର ପ୍ରତିକାର ଯୋଗ୍ୟ ବ୍ୟାଖ୍ୟାତ୍ମକ ଅନୁପାଳନ ଟିପ୍ପଣୀ ଦେଇନଥିଲେ ।

| ବର୍ଷ | ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ସଂଖ୍ୟା | ସରକାରୀ ହିସାବ କମିଟିରେ ଆଲୋଚିତ ଅନୁଚ୍ଛେଦ ସଂଖ୍ୟା | ଆଲୋଚନା ପାଇଁ ବାକିଥିବା ଅନୁଚ୍ଛେଦ ସଂଖ୍ୟା | ବିଭାଗ ମାନଙ୍କଠାରୁ ଅନୁପାଳନ ଟିପ୍ପଣୀ ଅପେକ୍ଷାରେ ଥିବା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 1991-92 | 63 | 62 | 1 | -- |
| 1992-93 | 54 | 53 | 1 | -- |
| 1993-94 | 44 | 43 | 1 | -- |
| 1994-95 | 47 | 44 | 3 | -- |
| 1997-98 | 38 | 3 | 35 | -- |
| 1998-99 | 40 | 1 | 39 | -- |
| 1999-00 | 34 | - | 34 | 3 |
| 2000-01 | 45 | 5 | 40 | -- |

6 ଗୋଟିଏ ଚିଠା ଅନୁଚ୍ଛେଦରେ ସଂଶ୍ଳିଷ୍ଟ ଥିବା ତିନିଗୋଟି ମାମଲା ମଧ୍ୟରୁ ଗୋଟିଏ ମାମଲାରେ ଜବାବ ହସ୍ତଗତ ହୋଇଥିଲା ।

| ବର୍ଷ | ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ସଂଖ୍ୟା | ସରକାରୀ ହିସାବ କମିଟିରେ ଆଲୋଚିତ ଅନୁଚ୍ଛେଦ ସଂଖ୍ୟା | ଆଲୋଚନା ପାଇଁ ବାକିଥିବା ଅନୁଚ୍ଛେଦ ସଂଖ୍ୟା | ବିଭାଗ ମାନଙ୍କଠାରୁ ଅନୁପାଳନ ଟିପ୍ପଣୀ ଅପେକ୍ଷାରେ ଥିବା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 2001-02 | 45 | 7 | 38 | -- |
| 2002-03 | 57 | 10 | 47 | 1 |
| 2003-04 | 63 | 9 | 54 | -- |
| 2004-05 | 62 | 12 | 50 | -- |
| 2005-06 | 53 | 33 | 20 | 1 |
| 2006-07 | 48 | 9 | 39 | 4 |
| 2007-08 | 44 | -- | 44 | 11 |
| **ମୋଟ** | **737** | **291** | **446** | **20** |

ଏଥିରୁ ଦେଖାଗଲା ଯେ ସମ୍ପର୍କିତ ଅବଧିରେ ବିଧାନ ସଭାରେ ଉପସ୍ଥାପନ କରାଯାଇଥିବା ମୋଟ ଅନୁଚ୍ଛେଦ (236) ର 8.47 ଶତାଂଶ ଅନୁଚ୍ଛେଦ ଉପରେ ଅନୁପାଳନ ଟିପ୍ପଣୀ ଦିଆଯାଇନଥିଲା ।

ସମୀକ୍ଷା ପ୍ରତିବେଦନ ଅନ୍ତର୍ଭୁକ୍ତ ସମସ୍ତ ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କର ଦାୟିତ୍ୱବୋଧତା ସୁନିଶ୍ଚିତ କରିବା ନିମନ୍ତେ ସରକାରୀ ହିସାବ କମିଟି ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ମାନଙ୍କୁ କମିଟିର ପ୍ରତିବେଦନ ବିଧାନସଭାରେ ଉପସ୍ଥାପନ କରାଯିବାର ଛଅ ମାସ ମଧ୍ୟରେ ଏହି କମିଟିର ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ପୁନଃ ବିଚାରାର୍ଥେ ଉପସ୍ଥାପନ କରିବାକୁ ମଇ 1966 ରେ ଅନୁଦେଶ ଜାରି କରିଥିଲେ । ଦଶମ, ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ବିଧାନ ସଭାରେ ଉପସ୍ଥାପିତ ସରକାରୀ ହିସାବ କମିଟିର ପ୍ରତିବେଦନ ଗୁଡ଼ିକରୁ ଦେଖାଗଲାଯେ ଏହି କମିଟି 1985-86 ରୁ 2005-06 ବର୍ଷମାନଙ୍କର 14 ଟି ବିଭାଗର ରାଜସ୍ୱ ପ୍ରାପ୍ତି ପ୍ରତିବେଦନ ଗୁଡ଼ିକର ପରୀକ୍ଷା କରି 501 ଗୋଟି ଅନୁଚ୍ଛେଦ/ସୁପାରିଶ ଅନ୍ତର୍ଗତ ଥିବା 56 ଗୋଟି ପ୍ରତିବେଦନ ବିଧାନସଭାରେ ଫେବୃୟାରୀ 1991 ଏବଂ ମାର୍ଚ୍ଚ 2008 ମଧ୍ୟରେ ଉପସ୍ଥାପନ କରିଥିଲେ । ମାତ୍ର ସରକାରୀ ହିସାବ କମିଟିର 53 ଗୋଟି ସୁପାରିଶ ଉପରେ ସଂପୃକ୍ତ ନଅଟି[7] ବିଭାଗମାନଙ୍କର କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ସେପ୍ଟେମ୍ବର 2009 ସୁଦ୍ଧା ପ୍ରାପ୍ତ ହୋଇନଥିଲା ।

ଏହା ସୂଚିତ କରୁଅଛିଯେ ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ପ୍ରଚୁର ଅନାଦାୟ ରାଜସ୍ୱ ସମ୍ପର୍କିତ ମୁଖ୍ୟ ବିଷୟ ଗୁଡିକରେ କାର୍ଯ୍ୟନିର୍ବାହୀ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିଲେ ।

## 1.12 ସମୀକ୍ଷା ପ୍ରତିବେଦନର ଅନୁପାଳନ

2003-04 ରୁ 2007-08 ବର୍ଷର ସମୀକ୍ଷା ପ୍ରତିବେଦନ ଗୁଡିକରେ ଅନ୍ତର୍ଭୁକ୍ତ ହୋଇଥିବା ସମୀକ୍ଷା ଅବଲୋକନ ଗୁଡିକରେ ଜଡ଼ିତ 2,257.26 କୋଟି ଟଙ୍କାର ଅବନିର୍ଦ୍ଧାରଣ, କରର ଅନାରୋପଣ/ସ୍ୱଳ୍ପାରୋପଣ, ରାଜସ୍ୱ ହାନି, ଦାବି ଜ୍ଞାପନର ବିଫଳତା ଇତ୍ୟାଦି ସ୍ଥାନ ପାଇଥିଲା । ଏହା ମଧ୍ୟରୁ ଅକ୍ଟୋବର 2009 ପର୍ଯ୍ୟନ୍ତ ବିଭାଗମାନେ 867.57 କୋଟି ଟଙ୍କାର ଅବନିର୍ଦ୍ଧାରଣ ଆଦି ଗ୍ରହଣ କରିଥିଲେ ଏବଂ 353.13 କୋଟି ଟଙ୍କା ଆଦାୟ କରିଥିଲେ । ଏହାର ସମୀକ୍ଷା ପ୍ରତିବେଦନ ୱାରୀ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

---

7 କୃଷି, ଶକ୍ତି, ଅବକାରୀ, ଜଙ୍ଗଲ ଓ ପରିବେଶ, ଘରୋଇ, ଆଇନ୍, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି ଏବଂ ଜଳ ସମ୍ପଦ ।

(ଟଙ୍କା କୋଟି ଆକାରରେ)

| କ୍ର.ସଂ | ବର୍ଷ | ସମୀକ୍ଷା ପ୍ରତିବେଦନର ଆର୍ଥିକ ମୂଲ୍ୟ | ବିଭାଗ ଦ୍ୱାରା ସ୍ୱୀକୃତିର ପରିମାଣ | ଅସୁଲିର ପରିମାଣ |
|---|---|---|---|---|
| 1. | 2003-04 | 558.63 | 37.94 | 10.02 |
| 2. | 2004-05 | 560.81 | 221.43 | 45.56 |
| 3. | 2005-06 | 136.70 | 47.37 | 21.61 |
| 4. | 2006-07 | 516.32 | 431.34 | 273.81 |
| 5. | 2007-08 | 484.80 | 129.49 | 2.13 |
| ମୋଟ | | **2,257.26** | **867.57** | **353.13** |

## 1.13 ସମୀକ୍ଷାର ପରିଣାମ

ବିକ୍ରୟ କର/ମୂଲ୍ୟଯୁକ୍ତ କର (ଭାଟ)/ପ୍ରବେଶ କର, ମୋଟର ଯାନ କର, ଭୂ-ରାଜସ୍ୱ, ରାଜ୍ୟ ଅବକାରୀ, ବନ, ଖଣି ଓ ଖଣିଜ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ ମାନଙ୍କର ନଥିପତ୍ରର 2008-09 ବର୍ଷରେ ନମୁନା ଯା ଦ୍ୱାରା 2,79,083 ଟି ମାମଲାରେ 1,502.69 କୋଟି ଟଙ୍କାର ଅବନିର୍ଦ୍ଧାରଣ/ ସ୍ୱଳ୍ପାରୋପଣ/ ରାଜସ୍ୱ ହାନି ଇତ୍ୟାଦି ଦୃଷ୍ଟିଗୋଚର ହୋଇଥିଲା । ସେହି ବର୍ଷ ମଧ୍ୟରେ ସଂପୃକ୍ତ ବିଭାଗମାନେ 85,766 ଗୋଟି ମାମଲାରେ 118.21 କୋଟି ଟଙ୍କାର ଅବନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଅନିୟମିତତା ସ୍ୱୀକାର କରିଥିଲେ ଯାହାକି 2008-09 ଏବଂ ପୂର୍ବବର୍ଷମାନଙ୍କରେ ଦର୍ଶାଯାଇଥିଲା । ଏଥି ମଧ୍ୟରୁ 5,495 ଟି ମାମଲାରେ 176.26 କୋଟି ଟଙ୍କା ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ଆଦାୟ ହୋଇଥିଲା ।

ଏହି ପ୍ରତିବେଦନରେ ଦୁଇଗୋଟି ସମୀକ୍ଷା ପୁନର୍ବିଲୋକନ ସମେତ 47 ଟି ଅନୁଚ୍ଛେଦରେ 578.83 କୋଟି ଟଙ୍କାର ଅବନିର୍ଦ୍ଧାରଣ/ ସ୍ୱଳ୍ପାରୋପଣ/ଅନାରୋପଣ ଇତ୍ୟାଦି ଦର୍ଶାଯାଇଅଛି ଯେଉଁଥିରୁ 65.64 କୋଟି ଟଙ୍କା ସରକାର/ ବିଭାଗମାନେ ଗ୍ରହଣ କରିଥିଲେ । ଏଥି ମଧରୁ ଅକ୍ଟୋବର 2009 ସୁଦ୍ଧା 3.65 କୋଟି ଟଙ୍କା ଆଦାୟ ହୋଇଥିଲା । ଏହାସବୁ ପରବର୍ତ୍ତୀ ଅଧ୍ୟାୟ II ରୁ VIII ରେ ଆଲୋଚନା କରାଯାଇଅଛି ।

# ଅଧ୍ୟାୟ- II : ବିକ୍ରୟ କର, ମୂଲ୍ୟଯୁକ୍ତ କର ଏବଂ ପ୍ରବେଶ କର

## 2.1 ସମୀକ୍ଷାର ପରିଣାମ

ବାଣିଜ୍ୟକର କାର୍ଯ୍ୟାଳୟଗୁଡ଼ିକର 2008-09 ବର୍ଷ ମଧ୍ୟରେ ବିକ୍ରୟ କର, ମୂଲ୍ୟଯୁକ୍ତ କର (ଭାଟ୍) ଓ ପ୍ରବେଶ କରର ନିର୍ଦ୍ଧାରଣ ଏବଂ ଫେଂରସ୍ତ ମାମଲା ସମ୍ବନ୍ଧୀୟ ନଥିପତ୍ରଗୁଡିକର ନମୁନା ଯାରୁ 340 ଗୋଟି ମାମଲାରେ 310.61 କୋଟି ଟଙ୍କାର କର ଅବନିର୍ଦ୍ଧାରଣ, କର/ଅଧିଭାର/ସୁଧ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ, କରଯୋଗ୍ୟ କାରବାରର ତୃଟିପୂର୍ଣ୍ଣ ହିସାବ ଓ ଭ୍ରମାତ୍ମକ କର ହାର ପ୍ରୟୋଗ ଇତ୍ୟାଦି ପରିଲକ୍ଷିତ ହୋଇଥିଲା, ଯାହାର ବର୍ଗୀକରଣ ନିମ୍ନରେ ପ୍ରଦ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ବିକ୍ରୟ କର/ମୂଲ୍ୟଯୁକ୍ତ କର (ଭାଟ୍)** | | | |
| 1. | **ବିକ୍ରୟ କରରୁ ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନ - (ଏକ ପୁନର୍ବିଲୋକନ)** | 1 | 3.39 |
| 2. | ଶିଳ୍ପାନୁଷ୍ଠାନ ମାନଙ୍କର ନିଜସ୍ୱ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡିକୁ ଅନୁଚିତ ରିଆତି | 17 | 139.51 |
| 3. | ଅନିୟମିତ ଅବ୍ୟାହତି ପ୍ରଦାନ ହେତୁ କର ଅବନିର୍ଦ୍ଧାରଣ | 68 | 51.47 |
| 4. | ଭ୍ରମାତ୍ମକ କର ହାର ପ୍ରୟୋଗ ହେତୁ କର ଅବନିର୍ଦ୍ଧାରଣ | 49 | 41.99 |
| 5. | କର ଯୋଗ୍ୟ କାରବାରର ତୃଟିପୂର୍ଣ୍ଣ ହିସାବ ହେତୁ କର ସ୍ୱଳ୍ପ ନିର୍ଦ୍ଧାରଣ | 34 | 24.04 |
| 6. | ଅଧିଭାର/ସୁଧ/ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ | 33 | 3.68 |
| 7. | ଅନ୍ୟାନ୍ୟ ଅନିୟମିତତା | 39 | 18.69 |
| | ମୋଟ | **241** | **282.77** |
| **ପ୍ରବେଶ କର** | | | |
| 1. | କରଯୋଗ୍ୟ କାରବାରର ତୃଟିପୂର୍ଣ୍ଣ ହିସାବ | 49 | 14.70 |
| 2. | ଜୋରିମାନା ଅନାରୋପଣ/ସ୍ୱଳ୍ପାରୋପଣ | 24 | 5.77 |
| 3. | ଭ୍ରମାତ୍ମକ କରହାର ପ୍ରୟୋଗ | 11 | 3.68 |
| 4. | ଅନିୟମିତ ଅବ୍ୟାହତି ପ୍ରଦାନ ହେତୁ କର ଅବନିର୍ଦ୍ଧାରଣ | 10 | 3.19 |
| 5. | ଅନ୍ୟାନ୍ୟ ଅନିୟମିତତା | 5 | 0.50 |
| | ମୋଟ | **99** | **27.84** |
| | ଗାଏମୋଟ | **340** | **310.61** |

ପୂର୍ବ ବର୍ଷମାନଙ୍କର ସମୀକ୍ଷାରେ ଦର୍ଶାଯାଇଥିବା 84 ଗୋଟି ମାମଲାରେ 4.88 କୋଟି ଟଙ୍କାର କର ଅବନିର୍ଦ୍ଧାରଣ ଇତ୍ୟାଦି ବିଭାଗ 2008-09 ବର୍ଷରେ ଗ୍ରହଣ କରିଥିଲା । ତନ୍ମଧ୍ୟରୁ ବିଭାଗ 23 ଗୋଟି ମାମଲାରେ 73.65 ଲକ୍ଷ ଟଙ୍କା ଆଦାୟ କରିଥିଲା ।

**"ବିକ୍ରୟ କରରୁ ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନ"** ବିଷୟକ ଏକ ପୁନର୍ବିଲୋକନରେ ଜଡିତ 3.39 କୋଟି ଟଙ୍କା ଏବଂ 179.35 କୋଟି ଟଙ୍କା ଜଡିତ କେତେକ ଦୃଷ୍ଟାନ୍ତଯୁକ୍ତ ସମୀକ୍ଷା ଅବଲୋକନ ନିମ୍ନ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

## 2.2 ବିକ୍ରୟ କରରୁ ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନ

**ମୁଖ୍ୟାଂଶ**

ରେଞ୍ଜ ଓ ମଣ୍ଡଳଗୁଡିକର ପୁନଃସଙ୍ଗଠନ ବିଳମ୍ବରେ ହୋଇଥିଲା । କର୍ମଚାରୀଙ୍କ ସ୍ୱଳ୍ପତା ଏବଂ ଅପସାରିତ ହୋଇଥିବା ଓଡିଶା ବିକ୍ରୟ କର ଅଧିନିୟମ ଅନ୍ତର୍ଗତ 2004-05 ଓ ପୂର୍ବବର୍ତ୍ତୀ ବର୍ଷଗୁଡିକର ନିର୍ଦ୍ଧାରଣ ମାମଲାଗୁଡିକୁ ସମ୍ଭାଳିବା ପରିବର୍ତ୍ତନ ପ୍ରକିୟାକୁ ପ୍ରଭାବିତ କରିଥିଲା ।

*(ଅନୁଛେଦ-2.2.7)*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀରେ ନାନାବିଧ ଅଭାବ ଥିଲା । ବ୍ୟବସାୟୀମାନଙ୍କୁ ରିଟର୍ଣ୍ଣ ସହ ସମର୍ଥିତ ଦସ୍ତାବିଜ କିମ୍ବା ପ୍ରମାଣ ଦାଖଲ କରିବାର ବାଧ୍ୟତାମୂଳକ ବ୍ୟବସ୍ଥା ନଥିଲା ।

*(ଅନୁଛେଦ-2.2.9)*

କର ସମୀକ୍ଷା ହାରର ସ୍ୱଳ୍ପତା 38 ରୁ 97 ପ୍ରତିଶତ ମଧ୍ୟରେ ରହିଥିବାରୁ ବ୍ୟବସାୟୀମାନଙ୍କର କର ସମୀକ୍ଷା ଅବହେଳିତ ହୋଇଥିଲା । କମ୍ପ୍ୟୁଟରାଇଜଡ୍ ଭାଟ୍ ଇନଫରମେସନ୍ ସିଷ୍ଟମ ମଧ୍ୟରେ ଥିବା ସମୀକ୍ଷା ମୋଡ୍ୟୁଲ ଆଦୌ କାର୍ଯ୍ୟକ୍ଷମ ହୋଇନଥିଲା ।

*(ଅନୁଛେଦ-2.2.10.3 ଓ 2.2.10.4)*

ସମୀକ୍ଷା ପରିଦର୍ଶନ ପ୍ରତିବେଦନ ଗୁଡିକର ଉପସ୍ଥାପନା ଏବଂ ସମୀକ୍ଷା ନିର୍ଦ୍ଧାରଣ ଗୁଡିକ ସମ୍ପୂର୍ଣ୍ଣ ହେବାରେ ମାତ୍ରାତିରିକ୍ତ ବିଳମ୍ବ ହୋଇଥିଲା ।

*(ଅନୁଛେଦ-2.2.10.5 ଓ 2.2.14.1)*

ବ୍ୟବସାୟୀ ମାନଙ୍କର 1 ଏପ୍ରିଲ 2005 ସୁଦ୍ଧା ଥିବା ପ୍ରାରମ୍ଭିକ ଭଣ୍ଡାର ବାବଦକୁ 46.79 ଲକ୍ଷ ଟଙ୍କାର ଅଗ୍ରାହ୍ୟ ନିବେଶ କର ଜମା ମଞ୍ଜୁର ହୋଇଥିଲା ।

*(ଅନୁଛେଦ-2.2.11.2)*

### 2.2.1 ଉପକ୍ରମ

ରାଜ୍ୟ ଅର୍ଥ ମନ୍ତ୍ରୀମାନଙ୍କର କ୍ଷମତାପନ୍ନ କମିଟି 16 ନଭେମ୍ବର 1999 ରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଭାରତରେ ମୂଲ୍ୟଯୁକ୍ତ କର (ଭାଟ୍) ପ୍ରବର୍ତ୍ତନ କରିବାକୁ ଏକ "ଶ୍ୱେତପତ୍ର" ଜାରି କରିଥିଲେ । ତଦନୁସାରେ କମିଟି ଜାନୁଆରୀ 2002 ରେ ସର୍ବସମ୍ମତି କ୍ରମେ ଭାଟ୍ ପ୍ରବର୍ତ୍ତନ କରିବାକୁ ନିଷ୍ପତ୍ତି ଗ୍ରହଣ କଲେ । ଶ୍ୱେତପତ୍ରରେ ଆଶାକରାଯାଇଥିଲା ଯେ ଭାଟ୍ ପ୍ରବର୍ତ୍ତନ ପରେ :-

- ଉତ୍ପାଦନରେ ବ୍ୟବହୃତ କିମ୍ବା ପୁନଃବିକ୍ରୟ ନିମନ୍ତେ କ୍ରୟ କରାଯାଇଥିବା ମାଲ ଉପରେ ପ୍ରଦତ୍ତ କରର ବ୍ୟବହାର ଫଳରେ ରାଜ୍ୟମାନଙ୍କରେ ପ୍ରଚଳିତ କର ଧାର୍ଯ୍ୟ ଆଇନରେ ଥିବା ପୁନଃ କର ଧାର୍ଯ୍ୟ ପଦ୍ଧତିର ନିରାକରଣ ହୋଇପାରିବ;
- ଅନ୍ୟାନ୍ୟ କରଗୁଡିକର ଉଚ୍ଛେଦ ପୂର୍ବକ ସାମଗ୍ରିକ କର ଧାର୍ଯ୍ୟ ଯୁକ୍ତିଯୁକ୍ତ ହୋଇପାରିବ ଏବଂ କେନ୍ଦ୍ରୀୟ ବିକ୍ରୟ କର ପର୍ଯ୍ୟାୟ କ୍ରମେ ଅପସରିଯିବ;

- କର ପରିମାଣ ସର୍ବୋପରି ବୃଦ୍ଧିପାଇ ରାଜସ୍ୱର ଅଭିବୃଦ୍ଧି ହେବ;
- ବ୍ୟବସାୟୀମାନଙ୍କ ଦ୍ୱାରା ନିଜର କର ଦେୟ ନିର୍ଦ୍ଧାରଣ ହୋଇ ପୂର୍ବ କ୍ରୟଗୁଡିକ ଉପରେ ନିବେଶ ଜମା ଓ ପ୍ରଦତ୍ତ କରର ପ୍ରତିବଦଳ ହୋଇପାରିବ ।

ଓଡିଶା ସରକାର ଓଡିଶା ବିକ୍ରୟ କର ଅଧିନିୟମ, 1947 କୁ ପ୍ରତ୍ୟାହୃତ କରି ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 କୁ 1 ଏପ୍ରିଲ 2005 ଠାରୁ ପ୍ରବର୍ତ୍ତନ କରିଥିଲେ ।

ନୂତନ ଭାବେ ପ୍ରବର୍ତ୍ତିତ ଓଭାଟ୍ ଅଧିନିୟମ ଏବଂ ପ୍ରତ୍ୟାହୃତ ହୋଇଥିବା ଅଧିନିୟମ ମଧ୍ୟରେ ଥିବା କେତେକ ଭିନ୍ନତା ନିମ୍ନରେ ଦର୍ଶାଗଲା :-

- ପ୍ରତ୍ୟାହୃତ ଅଧିନିୟମରେ ଏକକ କରଧାର୍ଯ୍ୟ ପଦ୍ଧତି ଥିଲା ବେଳେ ଭାଟ୍ ଏକ ବହୁସ୍ତର କରଧାର୍ଯ୍ୟ ପଦ୍ଧତି ଅଟେ;
- ଭାଟ୍ ପଦ୍ଧତିରେ ବ୍ୟବସାୟୀମାନେ ନିଜର କର ନିର୍ଦ୍ଧାରଣ କରି ରିଟର୍ଣ୍ଣ ଦାଖଲ ପୂର୍ବକ ସ୍ୱେଚ୍ଛାକୃତ ଭାବେ କର ପ୍ରଦାନ କରିଥାନ୍ତି । ମାତ୍ର ପ୍ରତ୍ୟାହୃତ ଅଧିନିୟମରେ ରିଟର୍ଣ୍ଣ ସହ ସମର୍ଥିତ ଦସ୍ତାବିଜ ଗୁଡିକର ଦାଖଲ ଆବଶ୍ୟକ ଥିଲା;
- ଭାଟ୍ ଅଧିନିୟମର ବ୍ୟବସ୍ଥାନୁଯାୟୀ 20 ପ୍ରତିଶତ ବ୍ୟବସାୟୀ[8] ମାନଙ୍କୁ କର ସମୀକ୍ଷା ନିମନ୍ତେ ଚିହ୍ନଟ କରାଯାଏ । ଏହା ବ୍ୟତୀତ ପୃଥକ ନିର୍ଦ୍ଧାରଣ ନିମନ୍ତେ କୌଣସି ମାନାଦର୍ଶ ସ୍ଥିର ହୋଇନାହିଁ ଏବଂ କର ସମୀକ୍ଷାର ଫଳ ଉପରେ ନିର୍ଦ୍ଧାରଣର ସଂଖ୍ୟା ନିର୍ଭର କରିଥାଏ । ମାତ୍ର ପ୍ରତ୍ୟାହୃତ ଅଧିନିୟମ ଅଧିନରେ ଶତ ପ୍ରତିଶତ ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ କରାଯାଉଥିଲା;
- ଭାଟ୍ ପ୍ରଚଳନ ପରେ ପ୍ରଶାସନିକ ଅଧିକାରୀମାନଙ୍କର ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ କମ୍ ହେଉଥିବା ସ୍ଥଳେ ପୂର୍ବରୁ ଅଧିକ ନିୟନ୍ତ୍ରଣ ରହୁଥିଲା ।

ଓଡିଶା ବିକ୍ରୟ କର ଅଧିନିୟମରେ ଦ୍ରବ୍ୟ ଗୁଡିକର କର ହାର ଦୁଇ ଗୋଟି ଅନୁସୂଚୀରେ ଧାର୍ଯ୍ୟ ଛଅ ଗୋଟି ଶ୍ରେଣୀରେ ବିଭକ୍ତ ଥିଲା ଯଥା :- ଏକ ପ୍ରତିଶତ, ଦୁଇ ପ୍ରତିଶତ, ଚାରି ପ୍ରତିଶତ, ଆଠ ପ୍ରତିଶତ, 12 ପ୍ରତିଶତ ଓ 20 ପ୍ରତିଶତ । ଏଥି ସହିତ ଘୋଷିତ ହୋଇଥିବା ଦ୍ରବ୍ୟ ବ୍ୟତୀତ ଅନ୍ୟ ସମସ୍ତ ଦ୍ରବ୍ୟଗୁଡିକର ନିର୍ଦ୍ଧାରିତ କର ଦେୟ ଉପରେ 10 ପ୍ରତିଶତ ଅଧିଭାର ଧାର୍ଯ୍ୟ ହେଉଥିଲା । ମାତ୍ର ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ଦ୍ରବ୍ୟଗୁଡିକ ଉପରେ ଦୁଇଗୋଟି ଅନୁସୂଚୀ ଅନୁସାରେ ଧାର୍ଯ୍ୟ ଚାରିଗୋଟି ଶ୍ରେଣୀରେ ଯଥା :- ଏକ ପ୍ରତିଶତ, ଚାରି ପ୍ରତିଶତ, 12.5 ପ୍ରତିଶତ ଏବଂ 20 ପ୍ରତିଶତ ହାରରେ କର ଧାର୍ଯ୍ୟ କରାଯାଏ ଏବଂ ଏଥି ସହିତ କୌଣସି ଅଧିଭାର ଧାର୍ଯ୍ୟ ହେବାର ବ୍ୟବସ୍ଥା ନାହିଁ ।

ଓଡିଶା ବିକ୍ରୟ କରରୁ ଓଡିଶା ମୂଲ୍ୟଯୁକ୍ତ କରକୁ ସହଜରେ ପରିବର୍ତ୍ତନ ନିମନ୍ତେ ସରକାର ଗ୍ରହଣ କରିଥିବା ପଦକ୍ଷେପର ପର୍ଯ୍ୟାଲୋଚନା ନିମନ୍ତେ 2005-06 ରୁ 2007-08 ବର୍ଷର କର ଅବଧିକୁ ଅନ୍ତର୍ଭୁକ୍ତ କରି ଏହି ପୁନର୍ବିଲୋକନଟି କରାଯାଇଥିଲା । ପୁନର୍ବିଲୋକନଟିରେ ପରିବର୍ତ୍ତନ ପ୍ରକ୍ରିୟାରେ ପରିଲକ୍ଷିତ ଅଭାବ ଓ ଅନ୍ୟାନ୍ୟ ବହୁବିଧ ଅସାମଞ୍ଜସ୍ୟ ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା ।

---

8 କୌଣସି ମଣ୍ଡଳର ଅଧିକ କର ପ୍ରଦାନକାରୀ ସମସ୍ତ ବ୍ୟବସାୟୀଙ୍କର କର ସମୀକ୍ଷା ଦ୍ୱିବାର୍ଷିକ କର ସମୀକ୍ଷାରେ ଅନ୍ତର୍ଭୁକ୍ତ ହେବ ।

## 2.2.2 ସାଙ୍ଗଠନିକ ବ୍ୟବସ୍ଥା

ଅର୍ଥ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ବାଣିଜ୍ୟ କର କମିଶନର (ସିସିଟି) ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମର ପରିଚାଳନା କରନ୍ତି । ତାଙ୍କୁ ଅତିରିକ୍ତ ବାଣିଜ୍ୟ କର କମିଶନର (ଆଡିସନାଲ ସିସିଟି), ଯୁଗ୍ମ ବାଣିଜ୍ୟ କର କମିଶନର (ଜେସିସିଟି), ସହକାରୀ ବାଣିଜ୍ୟ କର କମିଶନର (ଏସିସିଟି) ଏବଂ ବଣିଜ୍ୟ କର ଅଧିକାରୀ (ସିଟିଓ) ମାନେ ସାହାଯ୍ୟ କରିଥାଆନ୍ତି । ଓଡିଶା ବିକ୍ରୟ କର ଏବଂ ଓଡିଶା ମୂଲ୍ୟଯୁକ୍ତ କର ପ୍ରଶାସନରେ ବାଣିଜ୍ୟ କର ବିଭାଗର କ୍ଷେତ୍ର ସ୍ତରର ସାଙ୍ଗଠନିକ ବ୍ୟବସ୍ଥା ନିମ୍ନରେ ଦର୍ଶାଗଲା ।

| କର ପ୍ରଶାସନର ଇଉନିଟ | ଓଡିଶା ବିକ୍ରୟ କର ପ୍ରଶାସନ ଅଧିନରେ | | ଓଡିଶା ମୂଲ୍ୟଯୁକ୍ତ କର ପ୍ରଶାସନ ଅଧିନରେ | | | |
|---|---|---|---|---|---|---|
| | ସଂଖ୍ୟା | ମୁଖ୍ୟ ଅଧିକାରୀ | 31 ମାର୍ଚ୍ଚ 2008 ପର୍ଯ୍ୟନ୍ତ | | 31 ମାର୍ଚ୍ଚ 2008 ପରେ | |
| | | | ସଂଖ୍ୟା | ମୁଖ୍ୟ ଅଧିକାରୀ | ସଂଖ୍ୟା | ମୁଖ୍ୟ ଅଧିକାରୀ |
| ରେଞ୍ଜ | 9 | ସହକାରୀ ବଣିଜ୍ୟ କର କମିଶନର | 10 | ସହକାରୀ ବାଣିଜ୍ୟ କର କମିଶନର | 12 | 7 ଅଗଷ୍ଟ 2008 ପର୍ଯ୍ୟନ୍ତ ସହକାରୀ ବାଣିଜ୍ୟ କର କମିଶନର ଏବଂ ତତ୍‌ପରେ ଯୁଗ୍ମ ବାଣିଜ୍ୟ କର କମିଶନର ରୂପେ ନାମିତ |
| ମଣ୍ଡଳ | 29 | ବାଣିଜ୍ୟ କର ଅଧିକାରୀ | 44 | ବାଣିଜ୍ୟ କର ଅଧିକାରୀ | 44 | 7 ଅଗଷ୍ଟ 2008 ପର୍ଯ୍ୟନ୍ତ ବାଣିଜ୍ୟ କର ଅଧିକାରୀ ଏବଂ ତତ୍‌ପରେ ସହକାରୀ ବାଣିଜ୍ୟ କର କମିଶନର ରୂପେ ନାମିତ |

## 2.2.3 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନ ଉଦ୍ଦେଶ୍ୟ ନିରୂପଣ ନିମନ୍ତେ ପୁନର୍ବିଲୋକନଟି ସଂଚାଳିତ ହୋଇଥିଲା ।

(i) ଓଡିଶା ବିକ୍ରୟ କର ଅଧିନିୟମରୁ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମକୁ ପରିବର୍ତ୍ତନ ଏବଂ ଏଥି ନିମନ୍ତେ ପ୍ରବର୍ତ୍ତିତ ଯୋଜନା ଯଥା ସମୟରେ ହୋଇଥିଲା ଏବଂ ଏହା ଦକ୍ଷ ଓ ପ୍ରଭାବୀ ଥିଲା;

(ii) ସାଙ୍ଗଠନିକ ଢାଞ୍ଚା ଦକ୍ଷ ଓ ପର୍ଯ୍ୟାପ୍ତ ଥିଲା;

(iii) ରାଜ୍ୟ ରାଜସ୍ୱ ରକ୍ଷା କରିବାରେ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଓ ତଦଧିନ ପ୍ରଣୀତ ନିୟମାବଳୀ ପର୍ଯ୍ୟାପ୍ତ ଥିଲା ଓ ଉପଯୁକ୍ତ ରୂପେ ପ୍ରବର୍ତ୍ତନ ହୋଇଥିଲା,ଏବଂ

(iv) ରାଜସ୍ୱ ଗଳନକୁ ରୋକିବାରେ ବିଭାଗରେ ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ସଂକ୍ରୀୟା ଥିଲା ।

## 2.2.4 ସମୀକ୍ଷାର ପରିସର ଏବଂ କାର୍ଯ୍ୟପଦ୍ଧତି

ପୁନର୍ବିଲୋକନଟି 2005-06 ରୁ 2007-08 ବର୍ଷମାନଙ୍କୁ ଅନ୍ତର୍ଭୁକ୍ତ କରି ଅକ୍ଟୋବର 2008 ଏବଂ ଏପ୍ରିଲ 2009 ମଧ୍ୟରେ 15 ଗୋଟି ମଣ୍ଡଳ ଓ ସମ୍ପର୍କିତ ନଅ ଗୋଟି ରେଞ୍ଜ[9] ରେ କରାଯାଇଥିଲା । ଏହା ମଧ୍ୟରୁ 14

9 ବାଲେଶ୍ୱର, ବଲାଙ୍ଗୀର, କଟକ I, କଟକ II, ଗଞ୍ଜାମ, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ ।

ଗୋଟି ମଣ୍ଡଳ[10] ଏବଂ ସେମାନଙ୍କର ସମ୍ପର୍କିତ ରେଞ୍ଜ ଗୁଡିକ ସ୍ତରବିନ୍ୟାସ ନମୁନା ପଦ୍ଧତିରେ ଚୟନ କରାଯାଇଥିଲା ଏବଂ କଟକ II ମଣ୍ଡଳ ସର୍ବୋତ୍ତମ ବିଚାର ଆଧାରରେ ବଛାଯାଇଥିଲା । ରିଟର୍ଣ୍ଣ ଦାଖଲ ଓ ଏହାର ସମ୍ୟକ ପରୀକ୍ଷା, କର ସମୀକ୍ଷା ଏବଂ ସମୀକ୍ଷା ନିର୍ଦ୍ଧାରଣ ଏବଂ ଫେରସ୍ତ ମାମଲା ଗୁଡିକର ପର୍ଯ୍ୟାଲୋଚନା ଗୁଡିକୁ ଆଶଙ୍କାପୂର୍ଣ୍ଣ କ୍ଷେତ୍ର ରୂପେ ଚିହ୍ନଟ କରାଯାଇଥିଲା ।

## 2.2.5 ପ୍ରାପ୍ତି ସ୍ୱୀକାର

ଭାରତୀୟ ଲେଖା ପରୀକ୍ଷା ଓ ଲେଖା ବିଭାଗ ସମୀକ୍ଷା ନିମନ୍ତେ ଆବଶ୍ୟକୀୟ ସୂଚନା ପ୍ରଦାନରେ ଅର୍ଥ ବିଭାଗର ସହଯୋଗ ପ୍ରାପ୍ତି ସ୍ୱୀକାର କରୁଅଛି । ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ ଓ କାର୍ଯ୍ୟପଦ୍ଧତି ବାଣିଜ୍ୟ କର ବିଭାଗର ଅଧିକାରୀମାନଙ୍କ ସହିତ 22 ଅକ୍ଟୋବର 2008 ରେ ଏକ ପ୍ରାରମ୍ଭିକ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଅନୁରୋଧ କରାଯାଇଥିଲେ ମଧ୍ୟ ଅନ୍ତିମ ସମ୍ମିଳନୀ ହୋଇ ପାରିନଥିଲା ।

## ସମୀକ୍ଷା ସିଦ୍ଧାନ୍ତ

## 2.2.6 ଭାଟ୍ ପୂର୍ବରୁ ଏବଂ ଭାଟ୍ ପରେ ସଂଗୃହୀତ କର

ଭାଟ୍ ପ୍ରଚଳନ ପୂର୍ବରୁ (2002-03 ରୁ 2004-05) ସଂଗୃହୀତ ବିକ୍ରୟ କର ଏବଂ ଭାଟ୍ ପ୍ରଚଳନ ପରେ (2005-06 ରୁ 2007-08) ଆଦାୟ ହୋଇଥିବା ଭାଟ୍ ସମେତ ସଂଗୃହୀତ କରର ତୁଳାନତ୍ମକ ସ୍ଥିତି ଓ ପ୍ରତ୍ୟେକ ବର୍ଷର ଅଭିବୃଦ୍ଧି ହାର ନିମ୍ନରେ ଦର୍ଶାଗଲା ।

| ଭାଟ୍ ପୂର୍ବବର୍ତ୍ତୀ | | | ଭାଟ୍ ପରବର୍ତ୍ତୀ | | |
|---|---|---|---|---|---|
| ବର୍ଷ | ବାସ୍ତବ ସଂଗ୍ରହ (ଟଙ୍କା କୋଟି ଆକାରରେ) | ବୃଦ୍ଧିର ପ୍ରତିଶତ | ବର୍ଷ | ବାସ୍ତବ ସଂଗ୍ରହ (ଟଙ୍କା କୋଟି ଆକାରରେ) | ବୃଦ୍ଧିର ପ୍ରତିଶତ |
| 2002-03 | 1,532.69 | 13.49 | 2005-06 | 2,524.18 | 22.46 |
| 2003-04 | 1,546.47 | 0.90 | 2006-07 | 3,042.34 | 20.53 |
| 2004-05 | 2,061.23 | 33.28 | 2007-08 | 3,567.16 | 17.25 |



2002-03 to 2004-05



2005-06 to 2007-08

ଅପସାରିତ ହୋଇଥିବା ଅଧିନିୟମ ଅଧିନରେ 2002-03 ରୁ 2004-05 ବର୍ଷ ମଧ୍ୟରେ ହାରାହାରି ଅଭିବୃଦ୍ଧି ହାର 15.89 ପ୍ରତିଶତ ଥିବାବେଳେ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ 2005-06 ରୁ 2007-08

10 ଭଦ୍ରକ, ଭୁବନେଶ୍ୱର II, ଭୁବନେଶ୍ୱର IV, ବଲାଙ୍ଗୀର, କଟକ I (ସହର), କଟକ I (ପୂର୍ବ), ଢେଙ୍କାନାଳ, ଗଜପତି, ଗଞ୍ଜାମ II, କେନ୍ଦ୍ରାପଡା, ମାଲକାନଗିରି, ନୂଆପଡା, ରାଉରକେଲା II ଏବଂ ସମ୍ବଲପୁର II ।

ବର୍ଷରେ ହାରାହାରି ଅଭିବୃଦ୍ଧି ହାର 20.08 ପ୍ରତିଶତ ଥିଲା । ଅତଏବ ଭାଟ୍ ପରବର୍ତ୍ତୀ କାଳରେ ହାରାହାରି ଅଭିବୃଦ୍ଧି ହାର 4.19 ପ୍ରତିଶତ ବୃଦ୍ଧି ହୋଇଥିଲା । ମାତ୍ର ଅଭିବୃଦ୍ଧି ହାର ବର୍ଷକୁ ବର୍ଷ ନିମ୍ନଗାମୀ ହେଉଅଛି ।

## 2.2.7 ପ୍ରସ୍ତୁତି ଏବଂ ପରିବର୍ତ୍ତନ ପ୍ରକ୍ରିୟା

### *2.2.7.1 ରାଜ୍ୟରେ ମୂଲ୍ୟଯୁକ୍ତ କର ପ୍ରଚଳନ ନିମନ୍ତେ ଯୋଜନା*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 ରାଜ୍ୟ ବିଧାନସଭାରେ ଅଧିନିୟମିତ ହୋଇ ମାର୍ଚ୍ଚ 2005 ରେ ଭାରତର ରାଷ୍ଟ୍ରପତିଙ୍କ ସ୍ୱୀକୃତିଲାଭ କରିଥିଲା ଏବଂ ସେହି ମାସରେ ଓଡିଶା ଗେଜେଟ୍‌ରେ ପ୍ରକାଶିତ ହୋଇଥିଲା । ଅଧିନିୟମଟି 1 ଏପ୍ରିଲ 2005 ରୁ କାର୍ଯ୍ୟକାରୀ ହୋଇଥିଲା ।

### *2.2.7.2 ସମ୍ପର୍କିତ ବ୍ୟକ୍ତି/ସଂସ୍ଥାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ପ୍ରବର୍ତ୍ତନର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବ୍ୟବସାୟୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଧିନିୟମର ବିଷୟବସ୍ତୁ ଓ ଉଦ୍ଦେଶ୍ୟ ସ୍ଥାନୀୟ ସମ୍ବାଦପତ୍ର ଓ ଇଲେକ୍‌ଟ୍ରୋନିକ ଗଣ ମାଧ୍ୟମରେ ପ୍ରକାଶ କରିଥିଲେ ।

### *2.2.7.3 କର ଧାର୍ଯ୍ୟ ବିଭାଗର କମ୍ପ୍ୟୁଟରୀକରଣ*

ମୂଲ୍ୟଯୁକ୍ତ କର ସୂଚନା ପଦ୍ଧତି (ଭାଟିସ୍) ସଫ୍ଟୱେୟାର ପ୍ରୟୋଗ କରାଯାଇ ଭାଟ୍ ପରିଚାଳନା ପଦ୍ଧତିକୁ କମ୍ପ୍ୟୁଟରାଇଜ୍ କରାଯାଇଥିଲା । ଭାଟିସ୍ ରେ ନାନାବିଧ ଅଭାବ ଥିଲା ଯାହା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଓଡିଶା ସରକାରଙ୍କ 31 ମାର୍ଚ୍ଚ 2007 ରେ ସମାପ୍ତ ବର୍ଷର ରାଜସ୍ୱ ପ୍ରାପ୍ତି ପ୍ରତିବେଦନ[11] ର ଅନୁଚ୍ଛେଦ 2.2 ରେ ବର୍ଣ୍ଣିତ ହୋଇଥିଲା ।

ପୁନର୍ବିଲୋକନଟିରେ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥା ସମ୍ପୂର୍ଣ୍ଣରୂପେ ଭାଟିସ୍ ସଫ୍ଟୱେଆର ପଦ୍ଧତିରେ ଅନ୍ତର୍ଭୁକ୍ତ ନହେବା ଫଳରେ ବିଭିନ୍ନ ଅନିୟମିତତା ଯଥା ତ୍ରୁଟିପୂର୍ଣ୍ଣ ଏଣ୍ଟ୍ରି ଗ୍ରହଣ, ତ୍ରୁଟିପୂର୍ଣ୍ଣ ରିପୋର୍ଟ ଉତ୍ପନ୍ନ, ଅକାମୀ ପଞ୍ଜୀକରଣ ନମ୍ବର, ଯାନ ଓ ମାର୍ଗପତ୍ର ସଂଖ୍ୟା ଇତ୍ୟାଦିର ଗ୍ରହଣ ହୋଇଥିବାର ମନ୍ତବ୍ୟ ଦିଆଯାଇଥିଲା । ଏତଦ୍‌ବ୍ୟତୀତ ଉଚିତ ସୁରକ୍ଷା ନଥିବାରୁ ଅବାଧ ପହଞ୍ଚରେ ଥିବା ହେତୁ ତଥ୍ୟର ସାଧୁତାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।

ନିମ୍ନଲିଖିତ ସଂଶୋଧନାତ୍ମକ ଉପାୟମାନ ଗ୍ରହଣ କରାଯାଇଥିବାର ସରକାର ଜାନୁଆରୀ 2009 ରେ କହିଥିଲେ ।

- ସମୀକ୍ଷା ଓ ନିର୍ଦ୍ଧାରଣ ମୋଡ୍ୟୁଲଠାରୁ ଆରମ୍ଭ କରି ଭାଟିସ୍‌ର ଅନ୍ୟ ମୋଡ୍ୟୁଲର ବ୍ୟବହାରକୁ ସୁନିଶ୍ଚିତ କରିବା ଲାଗି ପ୍ରୟାସ ଆରମ୍ଭ;
- ଚାରୋଟି ବୃହତ ତନଖି ଫାଟକକୁ ଦୁଇ ଏମ୍‌ବିପିଏସ୍ କୁ ଉନ୍ନୀତ;
- ଲିଜଡ୍ ଲାଇନର କ୍ଷମତା ବୃଦ୍ଧି କରାଯାଇ ପଦ୍ଧତିର ଆବଶ୍ୟକ ସମନ୍ୱୟ; ଏବଂ
- ନିର୍ଭୁଲ ପରିଚାଳନା ସୂଚନା ପଦ୍ଧତି (ଏମ୍‌ଆଇଏସ୍) ରିପୋର୍ଟ ପ୍ରସ୍ତୁତି ନିମନ୍ତେ ସଫ୍ଟୱେୟାରର ସଂଶୋଧନ ।

11 ଏଚ୍‌ଟିଟିପି://ଡବ୍ଲୁଡବ୍ଲୁଡବ୍ଲୁ . ସିଏଜି. ଗଭ.ଇନ୍/ଏଚ୍‌ଟିଏମ୍‌ଏଲ୍/ସିଏଜି ରିପୋର୍ଟସ୍/ଓଡିଶା/ଆରଇପି 2007/ଆରଇଭି ଚାପଟର 2.ପିଡିଏଫ୍

### 2.2.7.4 ପୁନଃ ସଙ୍ଗଠନର କଚ୍ଛପ ଗତି

ଓଡିଶା ବିକ୍ରୟ କର ପରିଚାଳନାରେ ମଣ୍ଡଳ ଗୁଡିକୁ ବ୍ୟବସାୟୀଙ୍କର ପଞ୍ଜୀକରଣ, ନିର୍ଦ୍ଧାରଣ ଏବଂ କର ଆଦାୟ ଦାୟିତ୍ୱ ଦିଆଯାଇଥିବା ସ୍ଥଳେ ରେଞ୍ଜଗୁଡିକ ମୁଖ୍ୟତଃ ଅପିଲ ପ୍ରାଧିକାରୀ ରୂପେ ଏବଂ ରେଞ୍ଜ ଅଧିନରେ ଥିବା ମଣ୍ଡଳଗୁଡିକର ସାମଗ୍ରିକ ପର୍ଯ୍ୟବେକ୍ଷଣ ଦାୟିତ୍ୱ ବହନ କରୁଥିଲେ । ଭାଟ୍ ପରିଚାଳନାରେ ଟିନ୍ ବ୍ୟବସାୟୀ ମାନଙ୍କର ପଞ୍ଜିକରଣ, ନିର୍ଦ୍ଧାରଣ ଓ କର ଆଦାୟ ଦାୟିତ୍ୱ ରେଞ୍ଜଗୁଡିକର ନିର୍ଦ୍ଧାରଣ ଅଧିକାରୀମାନଙ୍କ ଉପରେ ନ୍ୟସ୍ତ ଥିବା ସ୍ଥଳେ ମଣ୍ଡଳଗୁଡିକର କାର୍ଯ୍ୟ ଶ୍ରିନ ବ୍ୟବସାୟୀ ମାନଙ୍କର ପଞ୍ଜୀକରଣ, ନିର୍ଦ୍ଧାରଣ ଓ କର ଆଦାୟ ତଥା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ଥିବା ସମସ୍ତ ବ୍ୟବସାୟୀଙ୍କର ରିଟର୍ଣ୍ଣ ଗ୍ରହଣ ଓ ରିଟର୍ଣ୍ଣର ସମ୍ୟକ ପରୀକ୍ଷା କରିବାରେ ସୀମାବଦ୍ଧ ଅଟେ ।

ଓଡିଶା ମୂଲ୍ୟଯୁକ୍ତ କର ନିୟମାବଳୀ ଅନୁସାରେ ସରକାରଙ୍କୁ କେତେକ ମଣ୍ଡଳକୁ ରେଞ୍ଜରେ ଏବଂ କେତେକ ଅଞ୍ଚଳକୁ ମଣ୍ଡଳରେ ପୁନର୍ଗଠନ କରି ଯୁଗ୍ମ ବାଣିଜ୍ୟ କର କମିଶନର/ ସହକାରୀ ବାଣିଜ୍ୟ କର କମିଶନରଙ୍କ ଅଧିନରେ ରଖିବା କଥା । ମାତ୍ର ଦେଖାଗଲା ଯେ ଯଦିଚ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏପ୍ରିଲ 2005 ରୁ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ପୁନର୍ଗଠନ କାର୍ଯ୍ୟ ଅକ୍ଟୋବର 2006 ରେ କରାଯାଇଥିଲା । ସେହି ଭଳି ଅପସାରିତ ଅଧିନିୟମ ଅଧିନରେ ବିଦ୍ୟମାନ ଅଧିକାରୀ ମାନଙ୍କର ପଦବୀ ଭାଟ୍ ପରିଚାଳନା ଉଦ୍ଦେଶ୍ୟରେ ଅଗଷ୍ଟ 2008 ରେ ବଦଳାଯାଇ ସ୍ଥିର କରାଯାଇଥିଲା । ନୂତନ ଭାବେ ସୃଷ୍ଟ ଭୁବନେଶ୍ୱର IV ମଣ୍ଡଳର ସହକାରୀ ବାଣିଜ୍ୟ କର କମିଶନର ଜାନୁଆରୀ 2009 ରେ ଜଣାଇଥିଲେ ଯେ ମଣ୍ଡଳଟିକୁ ଆବଶ୍ୟକୀୟ ଆସନ ସୁବିଧା ଓ କର୍ମଚାରୀ ଯୋଗାଇ ଦିଆଯାଇ ନଥିଲା ଏବଂ ମଣ୍ଡଳଟିରେ ନିର୍ଦ୍ଧାରଣ ହେବାକୁ ଥିବା ବ୍ୟବସାୟୀଙ୍କର ନଥିପତ୍ର ମୂଳ ମଣ୍ଡଳରୁ ଜାନୁଆରୀ 2009 ସୁଦ୍ଧା ଆସିନଥିଲା । ତିନିଗୋଟି ମଣ୍ଡଳରେ[12] କମ୍ପ୍ୟୁଟରୀକୃତ ଭାଟିସ୍ ନିମନ୍ତେ ଆବଶ୍ୟକ ସଂଯୋଗ ଉପଲବ୍ଧ ନଥିଲା ଏବଂ 8 ମାର୍ଚ୍ଚ 2009 ରୁ 18 ଏପ୍ରିଲ 2009 ମଧ୍ୟରେ ହୋଇଥିବା ସମୀକ୍ଷା ଦିନ ସୁଦ୍ଧା ବ୍ୟବସାୟୀମାନଙ୍କ ଦ୍ୱାରା ଦାଖଲ ରିଟର୍ଣ୍ଣଗୁଟିକର ଡାଟାଏଣ୍ଟ୍ରି ମୂଳ ମଣ୍ଡଳମାନଙ୍କରେ କରାଯାଉଥିଲା ।

ଉନ୍ନତ କର ଆଦାୟ ଦକ୍ଷତା ହାସଲ କରିବାକୁ ପ୍ରତ୍ୟେକ ରେଞ୍ଜରେ ଗୋଟିଏ କିମ୍ବା ଦୁଇଗୋଟି ବୃହତ କର ପ୍ରଦାନକାରୀ ଇଉନିଟ୍ (ଏଲଟିୟୁ) ଡିସେମ୍ବର 2005 ରେ ଗଠନ କରାଯାଇଥିଲେ ମଧ୍ୟ ବୃହତ କର ପ୍ରଦାନକାରୀ ବ୍ୟବସାୟୀମାନଙ୍କର ଚିହ୍ନଟ ସେପ୍ଟେମ୍ବର 2007 ରେ ଅଧିସୂଚିତ ହୋଇ ପିଛିଲା ଭାବରେ ଡିସେମ୍ବର 2005 ରୁ ଲାଗୁ କରାଯାଇଥିଲା ଏବଂ ବୃହତ କର ପ୍ରଦାନକାରୀଙ୍କ ନଥିପତ୍ର ରେଞ୍ଜ ଏଲଟିୟୁ ମାନଙ୍କୁ ଦିଆଯାଇଥିଲା । ପୁନଃସଙ୍ଗଠନ ଜନିତ ବିଳମ୍ବ ସହଜ ପରିବର୍ତ୍ତନରେ ବାଧକ ହୋଇଥିଲା ଯାହା ଫଳରେ କର ସମୀକ୍ଷା ଓ ସମୀକ୍ଷା ନିର୍ଦ୍ଧାରଣ ହ୍ରାସପାଇ ଭାଟ୍ ରାଜସ୍ୱ ଆଦାୟକୁ ପ୍ରଭାବିତ କରିଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚିତ ହେଲା ।

### 2.2.7.5 କର୍ମଚାରୀ ପରିଚାଳନା

କର୍ମଚାରୀ ପରିଚାଳନା କୌଣସି ବିଭାଗର କର୍ମ କୁଶଳତା ଓ କାର୍ଯ୍ୟଦକ୍ଷତାର ଚାବିକାଠି । କର୍ମଚାରୀ ସଂଖ୍ୟା ହ୍ରାସ ଦ୍ୱାରା ସାଂଘାତିକ ସମସ୍ୟା ସୃଷ୍ଟି ହୋଇ ବିଭାଗର କାର୍ଯ୍ୟ ଦକ୍ଷତା ହ୍ରାସ ପାଏ । ବାଣିଜ୍ୟ କର କମିଶନରଙ୍କ ଠାରୁ ଉପଲବ୍ଧ ତଥ୍ୟାନୁସାରେ ବିଭାଗରେ ମୋଟାମୋଟି ମଞ୍ଜୁରୀପ୍ରାପ୍ତ କର୍ମଚାରୀ ସଂଖ୍ୟା ତୁଳନାରେ ବର୍ଗ 'କ' ରୁ ବର୍ଗ 'ଗ' ଶ୍ରେଣୀ ପର୍ଯ୍ୟନ୍ତ ଖାଲିପଡିଥିବା ପଦବୀ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା ।

12 ଢେଙ୍କାନାଳ, ଗଜପତି ଓ କେନ୍ଦ୍ରାପଡା ।

| ବର୍ଷ | ପଦବୀର ବର୍ଗ | ମଞ୍ଜୁରୀ ପ୍ରାପ୍ତ କର୍ମଚାରୀ ସଂଖ୍ୟା | ମୁତୟନ କର୍ମଚାରୀ ସଂଖ୍ୟା | ଖାଲି ପଡିଥିବା ପଦବୀ ସଂଖ୍ୟା | ଶୂନ୍ୟସ୍ଥାନର ପ୍ରତିଶତ |
|---|---|---|---|---|---|
| 2004-05 | 'କ' ବର୍ଗ | 104 | 89 | 15 | |
| | 'ଖ' ବର୍ଗ | 244 | 201 | 43 | |
| | 'ଗ' ବର୍ଗ | 1,328 | 1,085 | 243 | |
| **ମୋଟ** | | **1,676** | **1,375** | **301** | **17.96** |
| 2005-06 | 'କ' ବର୍ଗ | 104 | 87 | 17 | |
| | 'ଖ' ବର୍ଗ | 244 | 203 | 41 | |
| | 'ଗ' ବର୍ଗ | 1,328 | 1,077 | 251 | |
| **ମୋଟ** | | **1,676** | **1,367** | **309** | **18.44** |
| 2007-08 | 'କ' ବର୍ଗ | 121 | 100 | 21 | |
| | 'ଖ' ବର୍ଗ | 468 | 164 | 304 | |
| | 'ଗ' ବର୍ଗ | 1,533 | 977 | 556 | |
| **ମୋଟ** | | **2,122** | **1,241** | **881** | **41.52** |

ଉପରୋକ୍ତ ବର୍ଷମାନଙ୍କରେ କର୍ମଚାରୀ ସଂଖ୍ୟାରେ ସ୍ୱଳ୍ପତା ହାର 17.96 ରୁ 41.52 ପ୍ରତିଶତ ଥିଲା ଯାହାଦ୍ୱାରା ପରିବର୍ତ୍ତନ ପ୍ରକ୍ରିୟାରେ ପ୍ରତିକୂଳ ପ୍ରଭାବ ପଡିଥିଲା । ଅପର ପକ୍ଷରେ 2007-08 ବର୍ଷରେ ମଞ୍ଜୁରୀ ପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା ବଢିଥିଲେ ହେଁ ଖାଲିଥିବା ସ୍ଥାନ ସଂଖ୍ୟା ମଧ୍ୟ ବଢିଥିଲା ।

### *2.2.7.6 ମାନୁଆଲ ସଙ୍କଳନ ଓ କର୍ମଚାରୀ ପ୍ରଶିକ୍ଷଣ*

ଭାଟ୍‌ର ସଫଳ ପ୍ରବର୍ତ୍ତନ ନିମନ୍ତେ କ୍ଷେତ୍ର କର୍ମଚାରୀ ମାନଙ୍କୁ ଦିଗ୍‌ଦର୍ଶନ ଦେବାପାଇଁ ବିଭାଗ ଆଠ ଗୋଟି ଖଣ୍ଡରେ ମାନୁଆଲ ପ୍ରକାଶନ କରିଥିଲେ । ବିଭାଗ ମଧ୍ୟ ଅଧିକାରୀ/କର୍ମଚାରୀ ମାନଙ୍କୁ କର ଧାର୍ଯ୍ୟ ପଦ୍ଧତିରେ ଜ୍ଞାନ ହାସଲ ପାଇଁ ନିୟମିତ ପ୍ରଶିକ୍ଷଣ ଦେଉଥିଲେ । ମାତ୍ର 2005-06 ରୁ 2007-08 ବର୍ଷ ମଧ୍ୟରେ କେତୋଟି ପାଠ୍ୟକ୍ରମ ପରିଚାଳିତ ହୋଇଥିଲା ଓ କେତେ ଜଣ କର୍ମଚାରୀ ତାଲିମ ପ୍ରାପ୍ତ ହୋଇଥିଲେ ତାହାର ବିଷଦ ବିବରଣୀ ବିଭାଗକୁ ଜୁଲାଇ 2009 ରେ ମଗାଯାଇଥିଲେ ମଧ୍ୟ ବିଭାଗ ତାହାର ହିସାବ ଦେଇପାରି ନଥିଲା ।

### *2.2.7.7 ଅପସାରିତ ଅଧିନିୟମ ଅଧିନରେ ନିର୍ଦ୍ଧାରଣ ଚୂଡାନ୍ତ*

ବିକ୍ରୟ କର ଅଧିନିୟମ ଅଧିନରେ ବହୁ ସଂଖ୍ୟାର ନିର୍ଦ୍ଧାରଣ ମାମଲା ଚୂଡାନ୍ତ କରିବାରେ ବିଭାଗ ଭାରାକ୍ରାନ୍ତ ହୋଇପଡିଥିଲା । ଦେଖାଗଲା ଯେ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ, ଓଡିଶା ପ୍ରବେଶ କର ଅଧିନିୟମ ସମେତ ଅପସାରିତ ହୋଇଥିବା ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ 2004-05 ବର୍ଷ ଓ ପୂର୍ବବର୍ତ୍ତୀ ବର୍ଷମାନଙ୍କର 9,68,846 ଗୋଟି ନିର୍ଦ୍ଧାରଣ ମାମଲା 2005-06 ରୁ 2007-08 ବର୍ଷ ମଧ୍ୟରେ ନିମ୍ନ ସାରଣୀରେ ଦର୍ଶାଯିବା ମତେ ଚୂଡାନ୍ତ ହୋଇଥିଲା ।

| ବର୍ଷ | ପ୍ରାରମ୍ଭିକ ଅବଶେଷ | ବର୍ଷ ମଧ୍ୟରେ ନିର୍ଦ୍ଧାରଣ ଯୋଗ୍ୟ ମାମଲା ସଂଖ୍ୟା | ମୋଟ | ବର୍ଷ ମଧ୍ୟରେ ଚୂଡାନ୍ତ ହୋଇଥିବା ମାମଲା ସଂଖ୍ୟା | ବର୍ଷ ଶେଷରେ ଅନ୍ତିମ ଅବଶେଷ |
|---|---|---|---|---|---|
| 2005-06 | 4,57,818 | 3,69,564 | 8,27,382 | 3,04,570 | 5,22,812 |
| 2006-07 | 5,22,812 | 1,38,081 | 6,60,893 | 3,00,643 | 3,60,250 |
| 2007-08 | 3,86,965[13] | 55,241 | 4,42,206 | 3,63,633 | 78,573 |

13 ଏଥିମଧ୍ୟରେ 26,715 ଗୋଟି କେନ୍ଦ୍ରୀୟ ବିକ୍ରୟ କର ମାମଲା ଅନ୍ତର୍ଭୁକ୍ତ ଯାହା ବିଭାଗ 2006-07 ସୁଦ୍ଧା ଉପଲବ୍ଧ କରାଇନଥିଲା ।

31 ମାର୍ଚ୍ଚ 2008 ସୁଦ୍ଧା ଓଡିଶା ବିକ୍ରୟ କର/କେନ୍ଦ୍ରୀୟ ବିକ୍ରୟ କର/ଓଡିଶା ପ୍ରବେଶ କର ଅଧିନିୟମ ଅନ୍ତର୍ଗତ 78,573 ଗୋଟି ନିର୍ଦ୍ଧାରଣ ମାମଲା ପଡି ରହିଥିଲା । ଏହା ସୂଚାଉ ଥିଲା ଯେ ବିଭାଗ ଅପସାରିତ ଅଧିନିୟମ ଅଧିନରେ ନିର୍ଦ୍ଧାରଣ ଚୂଡାନ୍ତ କରିବାକୁ ଉଚିତ ଯୋଜନା କରିନଥିବାରୁ ଏବଂ ଅଧିନିୟମରେ ବ୍ୟବସ୍ଥିତ ତିନି ବର୍ଷ ପର୍ଯ୍ୟନ୍ତ ଅପେକ୍ଷା ନକରି ଯଥୋଚିତ ନିର୍ଦ୍ଧାରଣ ଚୂଡାନ୍ତ କରାଯାଇଥିଲେ ପଡିରହିଥିବା ମାମଲାଗୁଡିକର ସଂଖ୍ୟା ବୃଦ୍ଧି ହୋଇନଥାଆନ୍ତା ।

### *2.2.7.8 ଅପସାରିତ ଅଧିନିୟମ ଅଧିନରେ ବକେୟା କର ସଂଗ୍ରହ*

ଅପସାରିତ ଅଧିନିୟମ ଅଧିନରେ ବିକ୍ରୟ କର ଅଧିକାରୀ (ଏସ୍‌ଟିଓ) ମାନେ ବକେୟା ପ୍ରବେଶ କର, ଆମୋଦ କର ଏବଂ ବୃତ୍ତି କର ସମେତ ବକେୟା ବିକ୍ରୟ କର ଅସୁଲ ନିମନ୍ତେ କର ଆଦାୟ ଅଧିକାରୀ ରୂପେ କାର୍ଯ୍ୟ ନିର୍ବାହ କରୁଥିଲେ । ଏତଦ୍‌ବ୍ୟତୀତ ଅଧିକାରୀମାନେ ମଧ୍ୟ ଅପିଲ ମାମଲାଗୁଡିକ ଚୂଡାନ୍ତ କରିବା ଏବଂ ଟ୍ରିବ୍ୟୁନାଲ ଓ ଉଚ୍ଚ ନ୍ୟାୟାଳୟରେ ବିଚାର ନିମନ୍ତେ ଥିବା ମାମଲାଗୁଡିକର ଆନୁସଙ୍ଗିକ କାର୍ଯ୍ୟ କରିବାରେ କାର୍ଯ୍ୟରତ ଥିଲେ । ଏହି କାରଣ ଗୁଡିକ ମଧ୍ୟ ଓଡିଶା ବିକ୍ରୟ କରରୁ ଓଡିଶା ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନର କଚ୍ଛପ ଗତି ନିମନ୍ତେ ଦାୟୀ ।

## 2.2.8 ବ୍ୟବସାୟୀଙ୍କର ପଞ୍ଜିକରଣ ଓ ଡାଟାବେସ୍

ପ୍ରତ୍ୟାହୃତ ହୋଇଥିବା ଅଧିନିୟମରେ ପଞ୍ଜୀକୃତ ହୋଇଥିବା ବ୍ୟବସାୟୀଙ୍କର 1 ଏପ୍ରିଲ 2005 ର ଠିକ ପୂର୍ବଦିନ ପର୍ଯ୍ୟନ୍ତ ପଞ୍ଜୀକରଣ କାଏମ ରହିଥିଲେ ଏବଂ ସେ ଧାର୍ଯ୍ୟ କର ଦେବାକୁ ଦାୟୀ ରହିଥିଲେ ତାଙ୍କୁ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ପଞ୍ଜୀକୃତ ହୋଇଛନ୍ତି ବୋଲି ବିବେଚନା କରାଯିବ । ଏତଦ୍‌ବ୍ୟତୀତ ଓଡିଶା ମୂଲ୍ୟଯୁକ୍ତ କର ନିୟମାବଳୀ ଓ କାର୍ଯ୍ୟ ନିର୍ବାହକ ଅନୁଦେଶ ଅନୁସାରେ ସର୍ବେକ୍ଷଣ କରାଯାଇ ବ୍ୟବସାୟୀମାନଙ୍କୁ ଚିହ୍ନଟ ପୂର୍ବକ ଏହି ଅଧିନିୟମ ଅଧିନରେ ପଞ୍ଜୀକରଣ କରାଯାଇପାରିବ । ଅଧିନିୟମ ଅଧିନରେ ପ୍ରତ୍ୟେକ ପାଇକାରୀ ବ୍ୟବସାୟୀ ଯାହାଙ୍କର ବାର୍ଷିକ ସ୍ଥୁଳ କାରବାର 20 ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ ଏବଂ ସରକାରଙ୍କ ଅଧିସୂଚନାରେ ନିର୍ଦ୍ଦେଶିତ କୌଣସି ବିନିର୍ଦ୍ଦିଷ୍ଟ ଶ୍ରେଣୀ କିମ୍ବା ବର୍ଗର ପ୍ରତ୍ୟେକ ପଞ୍ଜୀକୃତ ବ୍ୟବସାୟୀ କାରବାର କର ଦେବେ ଏବଂ ତାଙ୍କୁ ଏକ ଅଦ୍ୱିତୀୟ "କ୍ଷୁଦ୍ର ପାଇକାରୀ ଚିହ୍ନଟ ସଂଖ୍ୟା" (ଶ୍ରିନ୍) ଦିଆଯିବ । ଶ୍ରିନ୍ ବ୍ୟବସାୟୀଙ୍କ ବ୍ୟତୀତ ଅନ୍ୟ ପଞ୍ଜୀକୃତ ବ୍ୟବସାୟୀଙ୍କୁ "କର ପ୍ରଦାନକାରୀ" ଚିହ୍ନଟ ସଂଖ୍ୟା (ଟିନ୍) ପ୍ରଦାନ କରାଯିବ ।

### *2.2.8.1 ବ୍ୟବସାୟୀଙ୍କର ଡାଟାବେସ୍ ସର୍ଜନା*

ବାଣିଜ୍ୟ କର ବିଭାଗ ପଞ୍ଜୀକୃତ ବ୍ୟବସାୟୀ ମାନଙ୍କର ଡାଟାବେସ୍ ଭାଟିସ୍ ରେ ରକ୍ଷଣାବେକ୍ଷଣ କରେ ଏବଂ ପଞ୍ଜୀକରଣ ନିମନ୍ତେ ଦାୟୀ ଅଣପଞ୍ଜିକୃତ ବ୍ୟବସାୟୀ ମାନଙ୍କର ସର୍ବେକ୍ଷଣ କରାଯାଇ ଡାଟାବେସ୍ କୁ ଅପଡେଟ କରାଯାଏ । ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ ପଞ୍ଜିକୃତ ବ୍ୟବସାୟୀ ଯାହାଙ୍କର ପଞ୍ଜିକରଣ 1 ଏପ୍ରିଲ 2005 ସୁଦ୍ଧା ସେହି ଅଧିନିୟମ ଅଧିନରେ କାଏମ ରହିଥିଲା ସେମାନଙ୍କୁ ମଧ୍ୟ ଭାଟିସ୍ ଡାଟାବେସ୍ ରେ ରଖାଯାଇଥିଲା ।

### *2.2.8.2 ବ୍ୟବସାୟୀ ମାନଙ୍କର ପଞ୍ଜୀକରଣ ରଦ୍ଦ*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମରେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବ୍ୟବସାୟୀଙ୍କର ପ୍ରମାଣପତ୍ର ରଦ୍ଦ କରାଯିବା ନିମନ୍ତେ ବ୍ୟବସ୍ଥା ଥିଲେ ମଧ୍ୟ ବ୍ୟବସାୟୀଙ୍କ ଦ୍ୱାରା ରିଟର୍ଣ୍ଣ ଦାଖଲ କରାଯାଇ ନଥିଲେ ଏପରି ରଦ୍ଦ

କରିବା ନିମନ୍ତେ କୌଣସି ସମୟ ସୀମା ସ୍ଥିର ହୋଇନାହିଁ । ଏହା ଫଳରେ ବହୁ ସଂଖ୍ୟକ ବ୍ୟବସାୟୀ 2005-06 ରୁ 2007-08 ବର୍ଷ ମଧ୍ୟରେ ଲଗାତାର ଭାବେ ରିଟର୍ଣ୍ଣ ଦାଖଲ କରିନଥିଲେ ହେଁ ଡାଟାବେସ୍ ରେ ସେମାନେ ସକ୍ରିୟ ଥିଲେ ଏବଂ ସେମାନଙ୍କର ସ୍ଥିତିକୁ ସତ୍ୟାପନ କରି ପଞ୍ଜୀକରଣ ପ୍ରମାଣପତ୍ରକୁ ରଦ୍ଦ କରିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନଥିଲା ।

### 2.2.8.3 ସନ୍ଦିଗ୍ଧ/ସଂବେଦନଶୀଳ ବ୍ୟବସାୟୀଙ୍କ ଡାଟାବେସ୍

ବିଭାଗ ସନ୍ଦିଗ୍ଧ/ସମ୍ବେଦନଶୀଳ ବ୍ୟବସାୟୀଙ୍କର ଡାଟାବେସ୍ ରକ୍ଷଣାବେକ୍ଷଣ କରିନଥିଲା କିମ୍ବା ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ ଅତୀତ ଇତିହାସ ଆଧାରିତ ଏହିପରି ଲୁପ୍ତପ୍ରାୟ ବ୍ୟବସାୟୀଙ୍କ ଡାଟାବେସ୍ ମଧ୍ୟ ପ୍ରସ୍ତୁତ କରିନଥିଲା ।

### 2.2.8.4 ସର୍ବେକ୍ଷଣ ଓ ବ୍ୟବସାୟୀଙ୍କ ପଞ୍ଜୀକରଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମରେ ବ୍ୟବସ୍ଥାରେ କରଦାୟୀ କୌଣସି ବ୍ୟବସାୟୀ ଅଧିନିୟମ ଅଧିନରେ ପଞ୍ଜୀକୃତ ହୋଇ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିନଥିଲେ ବ୍ୟବସାୟ ଚାଲୁ ରଖିପାରିବେ ନାହିଁ ।

ଅଧିନିୟମ ଅଧିନରେ କରଦାୟୀ ଅଣପଞ୍ଜୀକୃତ ବ୍ୟବସାୟୀ ମାନଙ୍କର ଚିହ୍ନଟ ନିମନ୍ତେ ସାମୟିକ ସର୍ବେକ୍ଷଣ କରାଯିବା ପାଇଁ ବ୍ୟବସ୍ଥା ଅଛି । ବାଣିଜ୍ୟ କର କମିଶନର ସେପ୍ଟେମ୍ବର 2005 ରେ ରାଜ୍ୟସ୍ଥିତ ସମସ୍ତ କ୍ଷେତ୍ରୀୟ ରେଞ୍ଜମାନଙ୍କୁ ଅନୁଦେଶ ଜାରି କରି କହିଥିଲେ ଯେ ପ୍ରତ୍ୟେକ ବିକ୍ରୟ ସ୍ଥଳରେ ମୂଲ୍ୟଯୁକ୍ତ କର ଫାଙ୍କି ରୋକିବା ନିମନ୍ତେ ସମସ୍ତ ବ୍ୟବସାୟୀଙ୍କର ପଞ୍ଜୀକରଣ ଏକାନ୍ତ ଆବଶ୍ୟକ । ଏଥିପାଇଁ କାର୍ଯ୍ୟକାରୀ ଯୋଜନା ସ୍ଥିର କରାଯାଇ କରଦାୟୀ ଅଣପଞ୍ଜୀକୃତ ବ୍ୟବସାୟୀ ମାନଙ୍କର ସର୍ବେକ୍ଷଣ ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କର ଲକ୍ଷ୍ୟ ସ୍ଥିର କରାଯିବ । ବାଣିଜ୍ୟ କର କମିଶନର ଅନୁଦେଶରେ ପୁନଶ୍ଚ କହିଥିଲେ ଯେ ପ୍ରତ୍ୟେକ ରେଞ୍ଜର ନିରୀକ୍ଷକ (ବର୍ତ୍ତମାନର ସହକାରୀ ବାଣିଜ୍ୟକର ଅଧିକାରୀ) ମାନେ ପରିଦର୍ଶନ/ସର୍ବେକ୍ଷଣ କରିଥିବା ବ୍ୟବସାୟୀମାନଙ୍କର ଠିକଣା/ସର୍ବେକ୍ଷଣର ଫଳାଫଳ ଇତ୍ୟାଦି ଏକ ରେଜିଷ୍ଟରରେ ଲିପିବଦ୍ଧ କରି ପ୍ରତି ପନ୍ଦର ଦିନରେ ଥରେ ରେଞ୍ଜର ସହକାରୀ ବାଣିଜ୍ୟ କର କମିଶନର (ବର୍ତ୍ତମାନର ଯୁଗ୍ମ ବାଣିଜ୍ୟ କର କମିଶନର) ଙ୍କୁ ରିପୋର୍ଟ ପ୍ରଦାନ କରିବେ ।

ନମୁନା ଯାଞ୍ଚ ହୋଇଥିବା ଆଠ ଗୋଟି ମଣ୍ଡଳରେ ଦେଖାଗଲା ଯେ କରଦାୟୀ ଅଣପଞ୍ଜୀକୃତ ବ୍ୟବସାୟୀଙ୍କର ପଞ୍ଜୀକରଣ ନିମନ୍ତେ 2005-06 ବର୍ଷରେ ମଣ୍ଡଳ ଅନୁଯାୟୀ ଲକ୍ଷ୍ୟ ସ୍ଥିର କରାଯାଇଥିଲେ ମଧ୍ୟ ସ୍ଥିରୀକୃତ ଲକ୍ଷ୍ୟ ତୁଳନାରେ ସଫଳତା ବହୁତ କମ ହୋଇଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଗଲା ।

| କ୍ରମିକ ସଂଖ୍ୟା | ମଣ୍ଡଳର ନାମ | ବାଣିଜ୍ୟ କର କମିଶନରଙ୍କ ଦ୍ୱାରା ସ୍ଥିରୀକୃତ ଲକ୍ଷ୍ୟ | ସଫଳତା | କମତି | କମତିର ପ୍ରତିଶତ |
|---|---|---|---|---|---|
| 1. | ଭୁବନେଶ୍ୱର II | 6,500 | 1,514 | 4,986 | 77 |
| 2. | ବଲାଙ୍ଗୀର | 1,000 | 668 | 332 | 33 |
| 3. | କଟକ I (ପୂର୍ବ) | 1,550 | 492 | 1,058 | 68 |
| 4. | କଟକ II | 2,400 | 1,505 | 895 | 37 |
| 5. | ଢେଙ୍କାନାଳ | 2,400 | 1,403 | 997 | 42 |
| 6. | ଗଞ୍ଜାମ II | 1,650 | 741 | 909 | 55 |
| 7. | ରାଉରକେଲା II | 2,700 | 858 | 1,842 | 68 |
| 8. | ସମ୍ବଲପୁର II | 1,400 | 669 | 731 | 52 |
| | ମୋଟ | **19,600** | **7,850** | **11,750** | |

ଉପରୋକ୍ତ ସାରଣୀରୁ ଦେଖାଯିବ ଯେ ମଣ୍ଡଳ ଗୁଡିକରେ ବ୍ୟବସାୟୀ ମାନଙ୍କର ପଞ୍ଜୀକରଣ ହାରର ବିଫଳତା 33 ରୁ 77 ପ୍ରତିଶତ ମଧ୍ୟରେ ଥିବା ହେତୁ ସଫଳତାର ହାର ସନ୍ତୋଷଜନକ ନଥିଲା । ଏଥିରୁ ସୂଚିତ ହୁଏ ଯେ ଅବିରତ ସର୍ବେକ୍ଷଣ ଓ ବ୍ୟବସାୟୀଙ୍କର ପଞ୍ଜୀକରଣ ନିମନ୍ତେ ବାଣିଜ୍ୟ କର କମିଶନରଙ୍କ ଅନୁଦେଶ ମଣ୍ଡଳ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ପାଳନ ହୋଇନଥିଲା ।

## 2.2.9 ରିଟର୍ଣ୍ଣ

### *2.2.9.1 ରିଟର୍ଣ୍ଣ ଦାଖଲ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଅପୂର୍ଣ୍ଣତା*

ଏହା ଦେଖାଗଲା ଯେ ଅଧିନିୟମରେ ବ୍ୟବସ୍ଥିତ ରିଟର୍ଣ୍ଣ ଫର୍ମ (ଭାଟ୍ -201) ଠିକାଦାରମାନଙ୍କ ପାଇଁ ଅନୁପଯୁକ୍ତ ଥିଲା ଯେହେତୁ ଠିକା କାର୍ଯ୍ୟ ସମ୍ବନ୍ଧୀୟ ବିନିର୍ଦ୍ଦିଷ୍ଟ କାରବାର ବିଷୟରେ ସୂଚନା ଦେବା ପାଇଁ ଫର୍ମରେ ବ୍ୟବସ୍ଥା ନଥିଲା ।

### *2.2.9.2 ରିଟର୍ଣ୍ଣ ସହ ଦସ୍ତାବିଜ ସଂଗ୍ରହର ଅପର୍ଯ୍ୟାପ୍ତତା*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ କର ସମୀକ୍ଷା ନିମନ୍ତେ ବଛା ନହେବା ପର୍ଯ୍ୟନ୍ତ ବ୍ୟବସାୟୀମାନଙ୍କ ଦ୍ୱାରା ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣଗୁଡିକ ସମ୍ୟକ୍ ପରୀକ୍ଷା ପରେ ଗ୍ରହଣ କରାଯାଇଥାଏ । ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କର ମଧ୍ୟ କର ସମୀକ୍ଷା ନହେବା ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ଦ୍ୱାରା ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣଗୁଡିକ ଉପରେ ଭରସା କରିବା ବ୍ୟତୀତ ବ୍ୟବସାୟୀଙ୍କ ଠାରୁ କୌଣସି ସୂଚନା କିମ୍ବା ଦସ୍ତାବିଜ ତଲବ କରିବାର ଅବକାଶ ନାହିଁ । ଅତଏବ ଅଧିନିୟମରେ ବ୍ୟବସାୟୀଙ୍କୁ ରିଟର୍ଣ୍ଣ ସହିତ ସମର୍ଥିତ ଦସ୍ତାବିଜ କିମ୍ବା ପ୍ରମାଣ ଯଥା ପ୍ରାରମ୍ଭିକ ଓ ଅବଶେଷ ମହଜୁଦ ଭଣ୍ଡାରର ବିବରଣ, କ୍ରୟ ବିକ୍ରୟର ବିଶଦ ବିବରଣୀ ଓ କ୍ରୟ ବିକ୍ରୟ ହେଉଥିବା ଦ୍ରବ୍ୟର ପ୍ରକାର ଇତ୍ୟାଦି ଦାଖଲ କରିବାର ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବା ନିହାତି ଦରକାର ଥିଲା । ଅଧିନିୟମରେ ଏହି ସବୁ ବ୍ୟବସ୍ଥାମାନ ନଥିବାରୁ ରିଟର୍ଣ୍ଣ ଗୁଡିକର ସମ୍ୟକ ପରୀକ୍ଷା କେବଳ ଗାଣିତିକ ସଠିକତା ଉପରେ ପର୍ଯ୍ୟବେଶିତ ଥିଲା ଏବଂ କର ଫାଙ୍କି ଅନୁସନ୍ଧାନ କରିବାର କୌଣସି ସୁଯୋଗ ନଥିଲା ।

### *2.2.9.3 ବାର୍ଷିକ ରିଟର୍ଣ୍ଣ ଦାଖଲ ବ୍ୟବସ୍ଥାର ଅନୁପସ୍ଥିତି*

ଅଧିନିୟମରେ ବ୍ୟବସ୍ଥା ଅଛି ଯେ ପଞ୍ଜୀକୃତ ବ୍ୟବସାୟୀମାନେ କମିଶନରଙ୍କ ଦ୍ୱାରା ଅଧିସୂଚିତ କୌଣସି ବିନିର୍ଦ୍ଦିଷ୍ଟ ପରିମାଣ କିମ୍ବା ମୋଟା ମୋଟି ବାର୍ଷିକ କାରବାର 40 ଲକ୍ଷ ଟଙ୍କାରୁ ଅଧିକ ଥିଲେ ଚାର୍ଟାର୍ଡ ଆକାଉନ୍‌ଟାଣ୍ଟଙ୍କ ଠାରୁ ଯଥାବିଧି ପ୍ରମାଣିତ ବାର୍ଷିକ ସମୀକ୍ଷା ହୋଇଥିବା ହିସାବ ଫର୍ଦ୍ଦ ଦାଖଲ କରିବେ । ସମୀକ୍ଷିତ ବାର୍ଷିକ ହିସାବ ଫର୍ଦ୍ଦର ସଠିକତା ନିରୂପଣ କରିବା ନିମନ୍ତେ ବ୍ୟବସାୟୀଙ୍କର ବାର୍ଷିକ ରିଟର୍ଣ୍ଣ କିମ୍ବା ବାର୍ଷିକ କ୍ରୟ ବିକ୍ରୟ ତଥା ପ୍ରଦତ୍ତ କର ଇତ୍ୟାଦିର ବିବରଣୀ ଦାଖଲ କରିବାର ବ୍ୟବସ୍ଥା ଅଧିନିୟମରେ ନଥିଲା । ଫଳରେ ସମିକ୍ଷୀତ ବାର୍ଷିକ ହିସାବ ଫର୍ଦ୍ଦ ଦାଖଲରେ ବାସ୍ତବିକ କୌଣସି ଉଦ୍ଦେଶ୍ୟ ସାଧିତ ହୋଇ ନଥିଲା ।

### *2.2.9.4 ରିଟର୍ଣ୍ଣ ଗୁଡିକର ସତ୍ୟାପନ ଓ ସମ୍ୟକ ପରୀକ୍ଷା*

ଅଧିନିୟମର ବ୍ୟବସ୍ଥାନୁଯାୟୀ ସମସ୍ତ ବ୍ୟବସାୟୀଙ୍କ ରିଟର୍ଣ୍ଣ ଗୁଡିକ ହାତରେ କିମ୍ବା ଭାଟିସ୍ ପଦ୍ଧତିରେ ଯାଞ୍ଚ କରାଯାଏ । ମାତ୍ର ରିଟର୍ଣ୍ଣ ଗୁଡିକର ସମ୍ୟକ ପରୀକ୍ଷା ସମ୍ପୂର୍ଣ୍ଣ କରିବା ନିମନ୍ତେ ନିୟମାବଳୀରେ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇନାହିଁ । ରିଟର୍ଣ୍ଣ ଗୁଡିକର ପ୍ରାପ୍ତି ଏବଂ ସମ୍ୟକ ପରୀକ୍ଷା ଲିପିବଦ୍ଧ କରିବାକୁ କୌଣସି

ରେଜିଷ୍ଟରର ବ୍ୟବସ୍ଥା ମଧ୍ୟ ହୋଇନାହିଁ । ଫଳରେ ରିଟର୍ଣ୍ଣ ଗୁଡ଼ିକର ପ୍ରାପ୍ତି ଓ ସମ୍ୟକ୍ ପରୀକ୍ଷା ନିମନ୍ତେ ବିଭାଗ ନିକଟରେ କୌଣସି ପ୍ରଭାବୀ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ।

### 2.2.9.5 ରିଟର୍ଣ୍ଣ ଗୁଡ଼ିକର ପଦ୍ଧତିଗତ ସମ୍ୟକ ପରୀକ୍ଷା

ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ 2006-07 ବର୍ଷର ପ୍ରତିବେଦନ (ରାଜସ୍ୱ ପ୍ରାପ୍ତି) ର ଅନୁଚ୍ଛେଦ 2.2 ରେ ଭାଟିସ୍‌ରେ ଥିବା ପଦ୍ଧତିଗତ ତଥା ଅନ୍ୟାନ୍ୟ ଅଭାବ ବିଷୟରେ ବର୍ଣ୍ଣନା କରାଯାଇଥିଲା । ଏଥିରେ ବିଭାଗର କାର୍ଯ୍ୟକଳାପରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା କିପରି ସହାୟକ ହୋଇନଥିଲା ଏବଂ କମ୍ପ୍ୟୁଟରାଇଜଡ୍ ପ୍ରଚେଷ୍ଟା କିପରି ଆଶାନୁରୂପ ଫଳ ଦେଇନଥିଲା ତାହା ଉଲ୍ଲେଖ କରାଯାଇଥିଲା ।

ନମୁନା ଯାଞ୍ଚ ହୋଇଥିବା ରେଞ୍ଜ ଓ ମଣ୍ଡଳ ଗୁଡ଼ିକରୁ ଦେଖାଗଲା ଯେ ବ୍ୟବସାୟୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟର୍ଣ୍ଣ ଗୁଡ଼ିକର ପଦ୍ଧତିଗତ ସମ୍ୟକ ପରୀକ୍ଷା ନିମନ୍ତେ ଭାଟିସ୍ ମୋଡ୍ୟୁଲର ବିକାଶ କରାଯାଇଥିଲେ ମଧ୍ୟ ଏହା ଅବ୍ୟବହୃତ ରହିଥିଲା ଏବଂ ପୁନର୍ବିଲୋକନ ଅବଧିରେ ପଦ୍ଧତିଗତ ସମ୍ୟକ୍ ପରୀକ୍ଷା କରାଯାଇ ନଥିଲା ।

### 2.2.9.6 ବ୍ୟବସାୟୀମାନେ ରିଟର୍ଣ୍ଣ ଦାଖଲ ନକରିବା

ପୁନର୍ବିଲୋକନରେ ଦେଖାଗଲା ଯେ ଚାରିଗୋଟି[14] ରେଞ୍ଜ/ମଣ୍ଡଳରେ ବହୁ ସଂଖ୍ୟାରେ ଟିନ୍ ବ୍ୟବସାୟୀମାନେ 2005-06 ରୁ 2007-08 ମଧ୍ୟରେ କୌଣସି ରିଟର୍ଣ୍ଣ ଦାଖଲ କରିନଥିଲେ ଯାହା ନିମ୍ନ ସାରଣୀରେ ଦର୍ଶାଗଲା ।

| ବର୍ଷ | ରିଟର୍ଣ୍ଣ ଦାଖଲ କରିବାକୁ ଥିବା ଟିନ୍ ବ୍ୟବସାୟୀଙ୍କ ସଂଖ୍ୟା | ରିଟର୍ଣ୍ଣ ଦାଖଲ କରିନଥିବା ଟିନ୍ ବ୍ୟବସାୟୀଙ୍କ ସଂଖ୍ୟା | ରିଟର୍ଣ୍ଣ ଦାଖଲ କରିନଥିବା ବ୍ୟବସାୟୀଙ୍କ ପ୍ରତିଶତ |
|---|---|---|---|
| 2005-06 | 18,704 | 4,796 | 26 |
| 2006-07 | 22,412 | 5,903 | 26 |
| 2007-08 | 24,616 | 7,454 | 30 |

ଗଞ୍ଜାମ ରେଞ୍ଜ ଓ ରାଉରକେଲା II ଏବଂ କଟକ I(ପୂର୍ବ) ମଣ୍ଡଳରେ ଏହାମଧ୍ୟ ଦେଖାଗଲା ଯେ 1,431 ଜଣ ଟିନ୍ ବ୍ୟବସାୟୀ[15] କ୍ରମାନ୍ୱୟ ଭାବେ 2005-06 ରୁ 2007-08 ବର୍ଷ ନିମନ୍ତେ କୌଣସି ରିଟର୍ଣ୍ଣ ଦାଖଲ କରିନଥିଲେ । ରିଟର୍ଣ୍ଣ ଦାଖଲ ହୋଇ ନଥିବାରୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ନିଷ୍କ୍ରିୟ ବ୍ୟବସାୟୀଙ୍କର ପଞ୍ଜୀକରଣ ପ୍ରମାଣପତ୍ର ପ୍ରଥମେ ନିଲମ୍ବନ କରାଯାଇ ପରେ ସେମାନଙ୍କର ସ୍ଥିତି ଓ କର ଦାୟିତ୍ୱ ସତ୍ୟାପନ କରାଯାଇ ପ୍ରମାଣପତ୍ର ରଦ୍ଦ କରାଯିବା କଥା । ମାତ୍ର ରେଞ୍ଜ ବା ମଣ୍ଡଳମାନଙ୍କ ଦ୍ୱାରା ସେପରି କୌଣସି ପଦକ୍ଷେପ ନିଆଯାଇ ନଥିଲା ।

### 2.2.9.7 ଟିନ୍ ବ୍ୟବସାୟୀଙ୍କ ରିଟର୍ଣ୍ଣ ଗୁଡ଼ିକ ରେଞ୍ଜ କାର୍ଯ୍ୟାଳୟକୁ ଅପ୍ରେରଣ

ଓଡ଼ିଶା ମୂଲ୍ୟଯୁକ୍ତ କର ନିୟମାବଳୀର ବ୍ୟବସ୍ଥାନୁସାରେ ବାଣିଜ୍ୟ କର କମିଶନର ଅକ୍ଟୋବର 2005 ରେ କହିଥିଲେ ଯେ ମଣ୍ଡଳ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ଟିନ୍ ବ୍ୟବସାୟୀଙ୍କ ରିଟର୍ଣ୍ଣ ଗୁଡ଼ିକ ଡାଟାଏଣ୍ଟ୍ରି କରାଯାଇ ସମ୍ପୃକ୍ତ ରେଞ୍ଜ କାର୍ଯ୍ୟାଳୟକୁ ପଠାଯିବ । ନମୁନା ଯାଞ୍ଚ ହୋଇଥିବା ରେଞ୍ଜ ମାନଙ୍କରେ ଦେଖାଗଲା ଯେ ତାଙ୍କ ଅଧିନରେ ଥିବା ମଣ୍ଡଳ କାର୍ଯ୍ୟାଳୟ ଗୁଡ଼ିକ ଟିନ୍ ବ୍ୟବସାୟୀଙ୍କ ରିଟର୍ଣ୍ଣ ଗୁଡ଼ିକୁ ରେଞ୍ଜ କାର୍ଯ୍ୟାଳୟକୁ ପଠାଇ ନଥିଲେ । ସମ୍ପୃକ୍ତ ରେଞ୍ଜ କାର୍ଯ୍ୟାଳୟକୁ ରିଟର୍ଣ୍ଣ ଗୁଡ଼ିକର ଅପ୍ରେରଣ କେବଳ ନିୟମାବଳୀର ବ୍ୟବସ୍ଥାକୁ ଲଙ୍ଘନ

14 ବାଲେଶ୍ୱର ରେଞ୍ଜ, ଗଞ୍ଜାମ ରେଞ୍ଜ, କଟକ I (ପୂର୍ବ) ମଣ୍ଡଳ ଓ ରାଉରକେଲା II ମଣ୍ଡଳ ।

15 କଟକ I (ପୂର୍ବ) ମଣ୍ଡଳ – 367, ଗଞ୍ଜାମ ରେଞ୍ଜ - 457, ରାଉରକେଲା II ମଣ୍ଡଳ – 607 ।

କରିନଥିଲା ଅଧିକନ୍ତୁ ରେଞ୍ଜ ଗୁଡିକରେ ରିଟର୍ଣ୍ଣ ପ୍ରାପ୍ତିର ପର୍ଯ୍ୟାଲୋଚନା ଓ ସମ୍ୟକ ଯାଞ୍ଚ ପ୍ରକ୍ରିୟାକୁ ପ୍ରଭାବିତ କରିଥିଲା ।

ଏହା ଦର୍ଶାଯିବା ପରେ ବାଲେଶ୍ୱର ରେଞ୍ଜ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସମୀକ୍ଷା ମନ୍ତବ୍ୟକୁ ଭବିଷ୍ୟତ ଦିଗ୍‌ଦର୍ଶନ ନିମନ୍ତେ ଗ୍ରହଣ କଲେ । ସୁନ୍ଦରଗଡ ରେଞ୍ଜ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କହିଲେ ଯେ କର୍ମଚାରୀଙ୍କ ଅଭାବ ହେତୁ ରିଟର୍ଣ୍ଣ ଗୁଡିକ ପଠାଯାଇ ନଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଗଞ୍ଜାମ କହିଲେ ଯେ ବିଷୟଟିକୁ ନିୟମିତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଅଛି । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ବଲାଙ୍ଗୀର ଓ କଟକ I (ନଗର) ମଣ୍ଡଳ କହିଲେ ଯେ ଅଧିନିୟମର ସଂଶୋଧନ ହେବା ପରେ ସ୍ଥିତି ବଦଳି ଯାଇଛି । ଅନ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନିରୁତ୍ତର ରହିଥିଲେ ।

### *2.2.9.8 ନିର୍ଦ୍ଧାରଣ ନଥିପତ୍ରରେ ରିଟର୍ଣ୍ଣର ଅନୁପସ୍ଥିତି*

ଓଡିଶା ମୂଲ୍ୟଯୁକ୍ତ କର ନିୟମାବଳୀ ଅନୁସାରେ କୌଣସି ନିର୍ଦ୍ଧିଷ୍ଟ ବ୍ୟବସାୟୀଙ୍କର ନିର୍ଦ୍ଧାରଣ ନିମନ୍ତେ ଦରକାରୀ ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ[16] ଗୁଡିକ ନିର୍ଦ୍ଧାରଣ ନଥିପତ୍ର ରୂପେ ରଖାଯିବ ଏବଂ ଏହା ଛଅ ବର୍ଷ କିମ୍ବା ନିର୍ଦ୍ଧାରଣ ଚୂଡାନ୍ତ ହେବା ପର୍ଯ୍ୟନ୍ତ ରଖାଯିବ ।

ନଥିପତ୍ରର ନମୁନା ଯାଞ୍ଚକ୍ରମେ ଦେଖାଗଲା ଯେ ସାତଗୋଟି ମଣ୍ଡଳର[17] ବ୍ୟବସାୟୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟର୍ଣ୍ଣ ଗୁଡିକ ପ୍ରାୟ ସମସ୍ତ ନିର୍ଦ୍ଧାରଣ ନଥିପତ୍ରରେ ନଥିଲା । ଏହା ମଧ୍ୟ ଦେଖାଗଲା ଯେ ଭାଟ୍ ପ୍ରବର୍ତ୍ତନ ଦିନଠାରୁ ବ୍ୟବସାୟୀ ଅନୁଯାୟୀ ରିଟର୍ଣ୍ଣ ଗୁଡିକ ବଛା ହୋଇ ରଖାଯାଇନଥିଲା । ଆହୁରି ମଧ୍ୟ ଦେଖାଗଲା ଯେ ରିଟର୍ଣ୍ଣ ଗୁଡିକ ବିଡା ବନ୍ଧା ହୋଇ ରଖାଯାଇଥିଲା । ଯାହା ଫଳରେ ନିର୍ଦ୍ଧିଷ୍ଟ କୌଣସି ବ୍ୟବସାୟୀଙ୍କର ରିଟର୍ଣ୍ଣ ଖୋଜି ପାଇବା ସମ୍ଭବ ନଥିଲା । ଏହା ସୂଚାଉ ଥିଲା ଯେ ବ୍ୟବସାୟୀଙ୍କ ଦ୍ୱାରା ଦାଖଲ ରିଟର୍ଣ୍ଣ ଗୁଡିକ ଅଧିନିୟମର ବ୍ୟବସ୍ଥା ଅନୁସାରେ ହାତରେ ସମ୍ୟକ ପରୀକ୍ଷା ହୋଇ ନଥିଲା କିମ୍ବା ଭାଟିସ୍ ଡାଟାବେସ୍‌ରେ ଏଣ୍ଟ୍ରି ହୋଇନଥିଲା । ପରବର୍ତ୍ତୀ କାଳରେ ରିଟର୍ଣ୍ଣ ଗୁଡିକର ପଦ୍ଧତିଗତ ସମ୍ୟକ ପରୀକ୍ଷା ସମୟରେ ପରିଶିଷ୍ଟରେ ଦିଆଯାଇଥିବା ସୂଚନା କମ୍ପ୍ୟୁଟରରେ ସଠିକ ଦରଜ କରାଯାଇଥିବା ଓ ବ୍ୟବସାୟୀଙ୍କ ନିଜସ୍ୱ ନିର୍ଦ୍ଧାରଣ ନିର୍ଭୁଲ ଥିବା ସୁନିଶ୍ଚିତ କରିବା ନିମନ୍ତେ ଏହାକୁ ଦେଖିବା ଆବଶ୍ୟକ ଥିଲା ।

## 2.2.10 କର ସମୀକ୍ଷା

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାନୁଯାୟୀ କମିଶନର 31 ଜାନୁଆରୀ ସୁଦ୍ଧା କିମ୍ବା ବର୍ଷ ଶେଷ ହେବା ପୂର୍ବରୁ କୌଣସି ତାରିଖରେ ଅତିକମ୍‌ରେ 20 ପ୍ରତିଶତ ପଞ୍ଜୀକୃତ ବ୍ୟବସାୟୀଙ୍କୁ ପରବର୍ତ୍ତୀ ବର୍ଷରେ କର ସମୀକ୍ଷା ନିମନ୍ତେ ଅନିୟମିତ ଭାବେ ବାଛିବେ । ବୃହତ କରଦାତାଙ୍କ ନିର୍ଦ୍ଧାରଣର ସମୀକ୍ଷା ଯାଞ୍ଚ ଦ୍ୱିବାର୍ଷିକ ସମୀକ୍ଷାଚକ୍ର ମଧ୍ୟରେ କରାଇବା ନିମନ୍ତେ କମିଶନର ଏକ ଯୋଜନା କରିପାରିବେ । କର ସମୀକ୍ଷା ନିମନ୍ତେ ବ୍ୟକ୍ତିଗତ ବ୍ୟବସାୟୀ କିମ୍ବା ନିର୍ଦ୍ଧିଷ୍ଟ ଶ୍ରେଣୀର ବ୍ୟବସାୟୀଙ୍କ ଚିହ୍ନଟ କରାଯିବା ପରେ ସେହି ବ୍ୟବସାୟୀଙ୍କର କର ସମୀକ୍ଷା ସ୍ଥିର ହୋଇଥିବା କାର୍ଯ୍ୟକ୍ରମ ଅନୁସାରେ କରାଯିବ ।

16 ବ୍ୟବସାୟୀଙ୍କ ଦ୍ୱାରା ଦାଖଲ ରିଟର୍ଣ୍ଣ, ସମୀକ୍ଷା ପରିଦର୍ଶନ ରିପୋର୍ଟ (ଏଭିଆର), କର ସମୀକ୍ଷା ସମୟରେ ବ୍ୟବସାୟୀଙ୍କ ବିବରଣୀ, ନିର୍ଦ୍ଧାରଣ ସମୟରେ ଦାଖଲ କ୍ରୟ ବିକ୍ରୟର ବିବରଣୀ, ସମୀକ୍ଷା ପରିଦର୍ଶନ ରିପୋର୍ଟର ତଥ୍ୟ ସହିତ ତାଳମେଳ କରିବାକୁ ସମୀକ୍ଷା ନିର୍ଦ୍ଧାରଣ ସମୟରେ ବ୍ୟବସାୟୀଙ୍କ ଦ୍ୱାରା ଦିଆଯାଉଥିବା ବିବରଣୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ପ୍ରମାଣିତ ବ୍ୟବସାୟୀଙ୍କର ବାର୍ଷିକ ହିସାବ ଫର୍ଦ୍ଦ ଇତ୍ୟାଦି ।

17 କଟକ II, ଢେଙ୍କାନାଳ, ଗଜପତି, ଗଞ୍ଜାମ II, ନୂଆପଡା, ରାଉରକେଲା II ଏବଂ ସମ୍ବଲପୁର II ।

### 2.2.10.1 ସମୀକ୍ଷା ପ୍ରକ୍ରିୟା ଉପରେ ନଜର ରଖିବା ନିମନ୍ତେ ରେଜିଷ୍ଟର/ନଥିପତ୍ର ରକ୍ଷଣାବେକ୍ଷଣ ନହେବା

ଏହା ଦେଖାଗଲା ଯେ କର ସମୀକ୍ଷାର ଅଗ୍ରଗତି ଉପରେ ନଜର ରଖିବାକୁ କୌଣସି ରେଜିଷ୍ଟର/ନଥିପତ୍ର ରକ୍ଷଣାବେକ୍ଷଣ କରିବା ନିମନ୍ତେ ଏପ୍ରିଲ 2008 ପର୍ଯ୍ୟନ୍ତ ନିୟମାବଳୀ କିମ୍ବା କାର୍ଯ୍ୟ ନିର୍ବାହୀ ଅନୁଦେଶର ବ୍ୟବସ୍ଥା ନଥିଲା । ଏହା ଫଳରେ ନମୁନା ଯାଞ୍ଚ ହୋଇଥିବା ରେଞ୍ଜ ଓ ମଣ୍ଡଳ ଗୁଡିକରେ କର ସମୀକ୍ଷା ନିମନ୍ତେ ବଛାଯାଇଥିବା ବ୍ୟବସାୟୀଙ୍କ ସଂଖ୍ୟା, ସମୀକ୍ଷା ନିମନ୍ତେ ନିଯୁକ୍ତ ସମୀକ୍ଷକ ଦଳଙ୍କ ପରିଚୟ, ସମୀକ୍ଷା ନିମନ୍ତେ ଧାର୍ଯ୍ୟ ସମୟ ଓ ତା ତୁଳନାରେ କେତେ ସମୟର ବ୍ୟବହାର, ସମୀକ୍ଷା ଆରମ୍ଭ ତଥା ଶେଷ ହେବାର ତାରିଖ, ପ୍ରାପ୍ତ ସମୀକ୍ଷା ପରିଦର୍ଶନ ରିପୋର୍ଟ (ଏଭିଆର) ର ସଂଖ୍ୟା ଓ ପ୍ରାପ୍ତି ତାରିଖ ଏବଂ କରାଯାଇଥିବା ସମୀକ୍ଷା ନିର୍ଦ୍ଧାରଣ ସଂଖ୍ୟା ଇତ୍ୟାଦି ଲିପିବଦ୍ଧ କରିବା ନିମନ୍ତେ କୌଣସି ରେଜିଷ୍ଟର/ନଥିପତ୍ର ରକ୍ଷଣାବେକ୍ଷଣ ହୋଇ ନଥିଲା । ଫଳତଃ କର ସମୀକ୍ଷା ବିଷୟକ ସଠିକ୍ ତଥ୍ୟ ଜଣାପଡି ନଥିଲା ।

**2.2.10.2** ସମୀକ୍ଷା ପରିଦର୍ଶନ ରିପୋର୍ଟ ନିମନ୍ତେ ବିହିତ ଫର୍ମରେ କ୍ରୟର ବିଶଦ ବିବରଣୀ ଯଥା : ବ୍ୟବସାୟୀଦ୍ୱାରା ଦ୍ରବ୍ୟଗୁଡିକ କ୍ରୟର ବହନପତ୍ର ମୁତାବକ ବିଶଦ ବିବରଣୀ ଏବଂ ଯେଉଁ ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ ଦ୍ରବ୍ୟ କ୍ରୟ କରାଯାଇଅଛି ତାଙ୍କ ନାମ ଏବଂ ବ୍ୟବସାୟୀଙ୍କ ଦ୍ୱାରା ନିବେଶ କର ଜମା ନିମନ୍ତେ ତାଙ୍କ ଦାବିର ଯଥାର୍ଥତା ପ୍ରତିପାଦନ କରିବାକୁ ଓ ନିର୍ଦ୍ଧାରଣ କାଳରେ ଏହାର ସତ୍ୟାପନ କରିବାକୁ ବ୍ୟବସାୟୀ ଜଣକ କ୍ରୟ ସମୟରେ କେତେ କର ପ୍ରଦାନ କରିଛନ୍ତି ତାହା ଉଲ୍ଲେଖ କରିବାକୁ ବ୍ୟବସ୍ଥା ନଥିଲା । ଅତଏବ ବ୍ୟବସାୟୀଙ୍କ କ୍ରୟ ଉପରେ ପ୍ରଦତ୍ତ କର ଦାବିର ସମ୍ୟକ ପରୀକ୍ଷା ନହେବାରୁ ବ୍ୟବସାୟୀ ଜଣକ ନିଜର ହକ୍ ଠାରୁ ଅଧିକ ନିବେଶ କର ଜମା ପାଇବାର ଆଶଙ୍କା ଥିଲା ।

### 2.2.10.3 କର ସମୀକ୍ଷାରେ ହ୍ରାସ

ଏହା ଦେଖାଗଲା ଯେ କର ସମୀକ୍ଷା ନିମନ୍ତେ ବାର୍ଷିକ ବଛାବଛି/କାର୍ଯ୍ୟକ୍ରମ ପ୍ରସ୍ତୁତ ନହୋଇ ମାସିକ/ଦ୍ୱିମାସିକ ସମୀକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଥିଲା । କର ସମୀକ୍ଷା ଅଧିକାରୀମାନଙ୍କୁ ଯଥା ସମୟରେ ସମୀକ୍ଷା ଶେଷକରି ସମୀକ୍ଷା ପରିଦର୍ଶନ ରିପୋର୍ଟ ଗୁଡିକୁ ବିହିତ ସମୟ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉନଥିଲା । ନିୟମାବଳୀରେ ବ୍ୟବସାୟୀଙ୍କ ଅନୁରୋଧକ୍ରମେ ସମୀକ୍ଷା ଘୁଞ୍ଚାଇ ଦେବାର ବ୍ୟବସ୍ଥା ନଥିଲେ ମଧ୍ୟ ସମୀକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ନିଜେ ନିଜେ ସମୀକ୍ଷାକୁ ବାରମ୍ବାର ଘୁଞ୍ଚାଇ ଦେଉଥିବାରୁ କାର୍ଯ୍ୟକ୍ରମରେ ବ୍ୟାଘାତ ଘଟି କାର୍ଯ୍ୟ ଦିବସର ଅପଚୟ ହେଉଥିଲା । ଏହା ଫଳରେ କର ସମୀକ୍ଷାରେ ବହୁଳ ହ୍ରାସ ଘଟିଥିଲା । ବଛାଯାଇଥିବା ରେଞ୍ଜ/ମଣ୍ଡଳ ମଧ୍ୟରୁ ଆଠଗୋଟି ରେଞ୍ଜ/ମଣ୍ଡଳରେ ଏହି ହ୍ରାସର ପରିମାଣ 38 ରୁ 97 ପ୍ରତିଶତ ଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଗଲା । ବଛାଯାଇଥିବା ଅନ୍ୟ ରେଞ୍ଜ/ମଣ୍ଡଳ ଗୁଡିକରୁ ସୂଚନା ସମ୍ପୂର୍ଣ୍ଣ ରୂପେ ମିଳିନଥିଲା ।

| କ୍ରମିକ ସଂଖ୍ୟା | ରେଞ୍ଜ/ମଣ୍ଡଳର ନାମ | ବର୍ଷ | ସମୀକ୍ଷା ହେବାକୁ ଥିବା ବ୍ୟବସାୟୀଙ୍କ ସଂଖ୍ୟା | କର ସମୀକ୍ଷା ନିମନ୍ତେ ବଛାଯାଇଥିବା ବ୍ୟବସାୟୀଙ୍କ ସଂଖ୍ୟା | ସମୀକ୍ଷା ପରିଦର୍ଶନ ହୋଇଥିବା ସଂଖ୍ୟା | ସ୍ତମ୍ଭ 4 ତୁଳନାରେ ହ୍ରାସ | ହ୍ରାସର ପ୍ରତିଶତ |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| 1. | ଭଦ୍ରକ ମଣ୍ଡଳ | 2005-06 ରୁ 2007-08 | 1,428 | 60 | 54 | 1,374 | 96 |
| 2. | ବଲାଙ୍ଗୀର ରେଞ୍ଜ | 2005-06 ରୁ 2007-08 | 4,257 | 1,526 | 280 | 3,977 | 93 |
| 3. | କଟକ I ରେଞ୍ଜ | 2005-06 ରୁ 2007-08 | 4,657 | 341 | 156 | 4,501 | 97 |

| କ୍ରମିକ ସଂଖ୍ୟା | ରେଞ୍ଜ/ମଣ୍ଡଳର ନାମ | ବର୍ଷ | ସମୀକ୍ଷା ହେବାକୁ ଥିବା ବ୍ୟବସାୟୀଙ୍କ ସଂଖ୍ୟା | କର ସମୀକ୍ଷା ନିମନ୍ତେ ବଛାଯାଇଥିବା ବ୍ୟବସାୟୀଙ୍କ ସଂଖ୍ୟା | ସମୀକ୍ଷା ପରିଦର୍ଶନ ହୋଇଥିବା ସଂଖ୍ୟା | ସ୍ତମ୍ଭ 4 ତୁଳନାରେ ହ୍ରାସ | ହ୍ରାସର ପ୍ରତିଶତ |
|---|---|---|---|---|---|---|---|
| 4. | କଟକ II ରେଞ୍ଜ (ଏଲଟିୟୁ ବ୍ୟବସାୟୀ) | 2005-06 ରୁ 2007-08 | 150 | 150 | 93 | 57 | 38 |
| 5. | କଟକ II ମଣ୍ଡଳ | 2005-06 ରୁ 2007-08 | 1,906 | 170 | 98 | 1,808 | 95 |
| 6. | ଗଞ୍ଜାମ ରେଞ୍ଜ | 2005-06 ରୁ 2007-08 | 4,743 | 833 | 528 | 4,215 | 89 |
| 7. | ରାଉରକେଲା II ମଣ୍ଡଳ[18] | 2005-06 ରୁ 2007-08 | 2,120 | 1,956 | 106 | 2,014 | 95 |
| 8. | ସମ୍ବଲପୁର ରେଞ୍ଜ | 2005-06 ରୁ 2007-08 | 3,759 | 2,580 | 575 | 3,184 | 85 |
| | ମୋଟ | | **23,020** | **7,616** | **1,890** | **21,130** | |

କର ସମୀକ୍ଷା ଭାଟ୍ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେହେଁ କର ସମୀକ୍ଷା ପରିଚାଳନାର ବହୁଳ ହ୍ରାସ ଫଳରେ ଏହା ସୁନିଶ୍ଚିତ ହୋଇନଥିଲା ।

### 2.2.10.4 ଭାଟିସ୍‌ର ସମୀକ୍ଷା ମୋଡ୍ୟୁଲ କାର୍ଯ୍ୟକାରୀ ନହେବା

କମ୍ପ୍ୟୁଟରୀକୃତ ଭାଟିସ୍ ରେ କର ସମୀକ୍ଷା ନିମନ୍ତେ ଏକ ମୋଡ୍ୟୁଲର ବ୍ୟବସ୍ଥା କରାଯାଇଅଛି । ମୋଡ୍ୟୁଲଟି କାର୍ଯ୍ୟକାରୀ ହୋଇନଥିବା ବିଷୟ ସମୀକ୍ଷା ପ୍ରତିବେଦନ 2006-07 ର ଅନୁଚ୍ଛେଦ 2.2.3 ରେ ଦର୍ଶାଯାଇଥିଲେ ମଧ୍ୟ ମୋଡ୍ୟୁଲଟି ମାର୍ଚ୍ଚ 2009 ସୁଦ୍ଧା କାର୍ଯ୍ୟକାରୀ ହୋଇ ନଥିଲା । ଭାଟ୍ ପ୍ରଚଳନ ହୋଇ ତିନିବର୍ଷ ଅତିବାହିତ ହୋଇଥିଲେ ମଧ୍ୟ କର ସମୀକ୍ଷା ପଦ୍ଧତି ପରିଚାଳନା ତଥା ତତ୍ ସମ୍ବନ୍ଧୀୟ ରିପୋର୍ଟ ଉତ୍ପନ୍ନ ଭାଟିସ୍ ବ୍ୟବସ୍ଥାରେ ହୋଇଥିବା ମୋଡ୍ୟୁଲରୁ ମିଳିନଥିଲା କିମ୍ବା ଚିରାଚରିତ ପ୍ରଥାରୁ ମଧ୍ୟ ଉପଲବ୍ଧ ହୋଇନଥିଲା ।

### 2.2.10.5 ସମୀକ୍ଷା ପରିଦର୍ଶନ ରିପୋର୍ଟ ଦାଖଲରେ ବିଳମ୍ବ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀରେ ବ୍ୟବସ୍ଥିତ ଯେ କୌଣସି ବ୍ୟବସାୟୀଙ୍କର କର ସମୀକ୍ଷା ସମାପ୍ତ ହେବା ପରେ ଏହି ସମୀକ୍ଷା ପରିଚାଳନା କରିଥିବା ପ୍ରାଧିକୃତ ଅଧିକାରୀ କର ସମୀକ୍ଷା ସମ୍ପୂର୍ଣ୍ଣ ହେବାର ସାତଦିନ ମଧ୍ୟରେ ସମୀକ୍ଷା ପରିଦର୍ଶନ ରିପୋର୍ଟ ବିହିତ ଫର୍ମରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ । ଏଥି ସହିତ କ୍ରୟ କିମ୍ବା ବିକ୍ରୟ କିମ୍ବା ଉଭୟ ସଂଗୋପନ ହୋଇଥିଲେ ତତ୍ ସମ୍ବନ୍ଧୀୟ ପ୍ରାମାଣିକ ନଥିପତ୍ର ଓ ଲିପିବଦ୍ଧ ବିବରଣୀ, ନିବେଶ କର ଜମା, କର ଫାଙ୍କି (ଯଦି ହୋଇଥାଏ) ସମେତ ତ୍ରୁଟିପୂର୍ଣ୍ଣ ବିୟୋଗୀକରଣ ଦାବି ଇତ୍ୟାଦିର ଦସ୍ତାବିଜ ଯାହା ନିର୍ଦ୍ଧାରଣ କିମ୍ବା ଅନ୍ୟ ଏହିଭଳି ଉଦ୍ଦେଶ୍ୟ ଓ ଅନୁସନ୍ଧାନ ନିମନ୍ତେ ପ୍ରାସଙ୍ଗିକ ଦାଖଲ କରିବେ ।

ଆଠଗୋଟି ମଣ୍ଡଳ[19] ଏବଂ ସାତଗୋଟି ରେଞ୍ଜର[20] କର ସମୀକ୍ଷା ସମ୍ବନ୍ଧୀୟ ନଥିପତ୍ରର ସମ୍ୟକ ପରୀକ୍ଷାରୁ ଜଣାଗଲା ଯେ 244 ଗୋଟି ସମୀକ୍ଷା ପରିଦର୍ଶନ ରିପୋର୍ଟ ଦିନକଠାରୁ ଆରମ୍ଭ କରି 537 ଦିନ ବିଳମ୍ବରେ

18 ସୁନ୍ଦରଗଡ ରେଞ୍ଜର ଏଲଟିୟୁକୁ ଅନ୍ତର୍ଭୁକ୍ତ କରି ।

19 ଭୁବନେଶ୍ୱର II, କଟକ I (ପୂର୍ବ), କଟକ II, ଗଜପତି, ଗଞ୍ଜାମ II, ନୂଆପଡା, ରାଉରକେଲା II ଏବଂ ସମ୍ବଲପୁର II ।

20 ବାଲେଶ୍ୱର, ଭୁବନେଶ୍ୱର, ବଲାଙ୍ଗୀର, କଟକ I, କଟକ II, ଗଞ୍ଜାମ ଓ ସୁନ୍ଦରଗଡ ।

(ମଧ୍ୟବର୍ତ୍ତୀ ବିଳମ୍ବ 13 ରୁ 125 ଦିନ ମଧ୍ୟରେ) ଉପସ୍ଥାପିତ ହୋଇଥିଲା । ସମୀକ୍ଷା ପରିଦର୍ଶନ ରିପୋର୍ଟ ଗୁଡିକ ବିଳମ୍ବରେ ଉପସ୍ଥାପିତ ହେବାରୁ ସମୀକ୍ଷା ନିର୍ଦ୍ଧାରଣ ଚୂଡାନ୍ତ ହେବାରେ ମଧ୍ୟ ବିଳମ୍ବ ହୋଇଥିଲା ।

### *2.2.10.6 କର ସମୀକ୍ଷା ସମ୍ପୂର୍ଣ୍ଣ ନହେବା ହେତୁ ଫେରସ୍ତ ମାମଲାଗୁଡିକ ଚୂଡାନ୍ତ ନହେବା*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀ ଅନୁସାରେ କୌଣସି ବ୍ୟବସାୟୀ ବିକ୍ରୟ କ୍ଷେତ୍ରରେ ଭାରତ ବାହାରକୁ ଦ୍ରବ୍ୟ ଗୁଡିକ ରପ୍ତାନୀ କରି କର ଅବଧି ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ଫେରସ୍ତ ଦାବି କରନ୍ତି ତେବେ ସେ ମଣ୍ଡଳ କିମ୍ବା ରେଞ୍ଜର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କୁ ରିଟର୍ଣ୍ଣ ଦାଖଲର 30 ଦିନ ମଧ୍ୟରେ ଏକ ଦରଖାସ୍ତ ପ୍ରଦାନ କରିବେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଆବଶ୍ୟକୀୟ ନଥିପତ୍ର ସହ ଦରଖାସ୍ତଟି ପାଇବା ପରେ ଫେରସ୍ତ ଦାବିର ଯଥାର୍ଥତା ନିର୍ଣ୍ଣୟ କରିବାକୁ କର ସମୀକ୍ଷା ନିମନ୍ତେ ପଠାଇବେ । କର ସମୀକ୍ଷା ପରେ ଫେରସ୍ତ ଦାବି ଗ୍ରହଣୀୟ ହୋଇଥିଲେ ଏବଂ ଏହା ଆବଶ୍ୟକ ପ୍ରମାଣ ସହ ସମର୍ଥିତ ହୋଇଥିଲେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଫେରସ୍ତ ଦାବିକୁ ମଞ୍ଜୁର କରିବେ । ଫେରସ୍ତ ଦାବି ଗ୍ରହଣୀୟ ହୋଇଥିଲେ ଫେରସ୍ତ ଦରଖାସ୍ତ ପ୍ରାପ୍ତି ଦିନଠାରୁ 90 ଦିନ ମଧ୍ୟରେ ଫେରସ୍ତ ଦାବି ମଞ୍ଜୁର ହେବା କଥା । ଅଧିନିୟମରେ ଏହା ମଧ୍ୟ ବ୍ୟବସ୍ଥିତ ଯେ କୌଣସି ବ୍ୟବସାୟୀ ଫେରସ୍ତ ପାଇବା ନିମନ୍ତେ ଯୋଗ୍ୟଥିଲେ ଫେରସ୍ତ ଦରଖାସ୍ତ ପ୍ରାପ୍ତିର 90 ଦିନ ଶେଷ ହେବା ପର ଦିନଠାରୁ ଫେରସ୍ତ ଦାବି ମଞ୍ଜୁର ହେବା ଦିନ ପର୍ଯ୍ୟନ୍ତ ଫେରସ୍ତ ରାଶି ଉପରେ ଶତକଡା ବାର୍ଷିକ ଆଠ ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ହେବେ ।

କଟକ II ଓ ସୁନ୍ଦରଗଡ ରେଞ୍ଜ ଏବଂ ଗଞ୍ଜାମ II ମଣ୍ଡଳର ଫେରସ୍ତ ମାମଲା ଗୁଡିକର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ସାତଗୋଟି ବ୍ୟବସାୟୀଙ୍କର ମଇ 2005 ଓ ମଇ 2008 ମଧ୍ୟରେ ପ୍ରାପ୍ତ 3.84 କୋଟି ଟଙ୍କାର 51 ଗୋଟି ଫେରସ୍ତ ଦରଖାସ୍ତ କର ସମୀକ୍ଷା ହୋଇ ନପାରି ବିଚାରାର୍ଥେ ପଡିରହିଥିଲା । ଉପରୋକ୍ତ ଫେରସ୍ତ ମାମଲା ଗୁଡିକ ଫଏସଲାରେ ବିଳମ୍ବ ହେଉଥିବାରୁ ଫେରସ୍ତ ଯଦି ଗ୍ରହଣୀୟ ହୋଇଥାଏ ତେବେ ସୁଧ ଦେବାକୁ ପଡିପାରେ ।

ସୁନ୍ଦରଗଡ ରେଞ୍ଜରେ ଆହୁରି ମଧ୍ୟ ଦେଖାଗଲା ଯେ ଫେରସ୍ତ ଦରଖାସ୍ତ ଗୁଡିକର ପ୍ରାପ୍ତି ଓ ଫଏସଲା ନିମନ୍ତେ ଉଚିତ ନଜର ରଖାଯାଇ ନଥିଲା । ଏଥି ନିମନ୍ତେ ଥିବା ରେଜିଷ୍ଟରକୁ ସମୟୋପଯୋଗୀ କରାନଯିବା ହେତୁ ଫଏସଲା ନିମନ୍ତେ ପଡି ରହିଥିବା ମାମଲା ଗୁଡିକର ସଠିକ୍ ସ୍ଥିତି ଜଣାପଡି ନଥିଲା ।

ମାମଲା ଗୁଡିକ ଦର୍ଶାଯିବାପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କଟକ II ଏବଂ ସୁନ୍ଦରଗଡ ରେଞ୍ଜ ଡିସେମ୍ବର 2008 ରେ କହିଲେ ଯେ କର ସମୀକ୍ଷା ଚୂଡାନ୍ତ ହେବାପରେ ଫେରସ୍ତ ଦିଆଯିବ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଗଞ୍ଜାମ II ମଣ୍ଡଳ ଫେବୃଆରୀ 2009 ରେ କହିଲେ ଯେ ମାମଲା ଗୁଡିକ ଚୂଡାନ୍ତ କରିବାକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରାଯିବ । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନର ବିବରଣୀ ମିଳିନାହିଁ (ଅକ୍ଟୋବର 2009) ।

## 2.2.11 ନିବେଶ କର ଜମା

### *2.2.11.1 ରିଟର୍ଣ୍ଣ ଫର୍ମରେ ଅପୂର୍ଣ୍ଣତା*

ଅଧିନିୟମରେ ସ୍ଥିର ହୋଇଅଛି ଯେ ଜଣେ ପଞ୍ଜୀକୃତ ବ୍ୟବସାୟୀ ଯଦି ବିକ୍ରୟ କିମ୍ବା ପ୍ରେରଣ କରୁଥିବା ଦ୍ରବ୍ୟ ଗୁଡିକ ଅଧିନିୟମ ଅଧିନରେ ଉଭୟ କରଯୋଗ୍ୟ ଓ କରମୁକ୍ତ ହୋଇଥିବ ତେବେ କେବଳ କରଛାଡ ହୋଇନଥିବା ସମ୍ପର୍କିତ ଦ୍ରବ୍ୟର ସମାନୁପାତିକ ନିବେଶ କର ଜମା ମଞ୍ଜୁରୀ ପାଇବେ । ନିୟମାବଳୀରେ ଏହା ମଧ୍ୟ ବ୍ୟବସ୍ଥା ହୋଇଛି ଯେ ଏପରି କ୍ଷେତ୍ରରେ ବିହିତ ସୂତ୍ର ଅନୁସାରେ ସମାନୁପାତିକ ନିବେଶ କର ଜମା ହିସାବ

କରାଯିବ । ମାତ୍ର ବିହିତ ଫର୍ମ (ଭାଟ୍ - 201) ରେ ବ୍ୟବସାୟୀଙ୍କ ଦ୍ଵାରା ସମାନୁପାତିକ ନିବେଶ କର ଜମା ହିସାବ କରିବାକୁ କୌଣସି ସ୍ତମ୍ଭ ନଥିଲା ।

ଅଧିନିୟମ ଓ ନିୟମାବଳୀରେ ବ୍ୟବସାୟୀଙ୍କୁ ରିଟର୍ଣ୍ଣ ସହିତ କ୍ରୟର ବିଶଦ ବିବରଣୀ ଯଥା ଦ୍ରବ୍ୟଗୁଡିକର ବହନ ପତ୍ର ଅନୁଯାୟୀ କ୍ରୟର ବିବରଣୀ, ଦ୍ରବ୍ୟଗୁଡିକ ବିକ୍ରୟ କରିଥିବା ପଞ୍ଜୀକୃତ ବ୍ୟବସାୟୀଙ୍କ ନାମ ଓ ନିବେଶ କର ଜମାର ଯଥାର୍ଥତା ପ୍ରତିପାଦନ କରିବାକୁ ପ୍ରଦତ୍ତ କର ଇତ୍ୟାଦିର ବିଶଦ ବିବରଣ ଦାଖଲ କରିବାକୁ ବାଧ୍ୟ କରାଯାଇନଥିଲା ।

### *2.2.11.2 ପ୍ରାରମ୍ଭିକ ଷ୍ଟକ ଉପରେ ଅନିୟମିତ କର ଜମା ମଞ୍ଜୁରୀ*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀର ବ୍ୟବସ୍ଥାନୁସାରେ ଯଦି ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କର 1 ଏପ୍ରିଲ 2004 କିମ୍ବା ତତ୍‌ପରବର୍ତ୍ତୀ ଦିନଗୁଡିକରେ କ୍ରୟ ହୋଇଥିବା ଦ୍ରବ୍ୟଗୁଡିକ ଯାହା ଉପରେ ବିକ୍ରୟ କର ପ୍ରଦତ୍ତ ହୋଇଥିବ କିମ୍ବା ବିକ୍ରୟ ଦ୍ଵାରା ଭାରାକ୍ରାନ୍ତ ହୋଇଥିବ ଯଦି ତାହା 1 ଏପ୍ରିଲ 2005 ରେ ଷ୍ଟକରେ ରହିଥିଲା ସେହି ଦ୍ରବ୍ୟଗୁଡିକର ବିକ୍ରୟ କର ବାବଦକୁ ବ୍ୟବସାୟୀ କର ଜମା ପାଇବାକୁ ହକ୍‌ଦାର ଥିଲେ । ନିୟମାବଳୀରେ ଏହା ମଧ୍ୟ ବ୍ୟବସ୍ଥା ଅଛି ଯେ କ୍ରୟ ସମୟରେ ବିକ୍ରୟ କର ପ୍ରଦାନର ପ୍ରାମାଣିକ ଦସ୍ତାବିଜ କିମ୍ବା ବିକ୍ରୟ କର ଅଧିନିୟମ ଅଧିନରେ ପର୍ଯ୍ୟାୟକ୍ରମେ ବିକ୍ରୟର ପ୍ରଥମ ବିକ୍ରୟ ସ୍ଥଳରେ ଦ୍ରବ୍ୟଗୁଡିକ କର ଭାରାକ୍ରାନ୍ତ ହୋଇଥିବାର ପ୍ରମାଣ ପରୀକ୍ଷା ନିମନ୍ତେ ଉପସ୍ଥାପିତ ହେବ । ମାତ୍ର କାରବାର କର ଦେଉଥିବା ବ୍ୟବସାୟୀ ନିବେଶ କର ଜମା ପାଇବାକୁ ହକ୍‌ଦାର ନୁହଁନ୍ତି ଓ ଏହି ଜମା ପ୍ରଦତ୍ତ ଅଧିଭାର ଉପରେ ଗ୍ରହଣୀୟ ନୁହେଁ ।

ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ 139 ଗୋଟି ମାମଲାରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ 3.16 କୋଟି ଟଙ୍କାର ନିବେଶ କର ଜମା 1 ଏପ୍ରିଲ 2005 ଦିନର ପ୍ରାରମ୍ଭିକ ଷ୍ଟକ୍ ଉପରେ ମଞ୍ଜୁର କରିଥିଲେ । ଏହା ଦେଖାଗଲା ଯେ ଏଥିମଧ୍ୟରେ 46.97 ଲକ୍ଷ ଟଙ୍କାର ଅଗ୍ରାହ୍ୟ ଜମା ରହିଥିଲା ଯାହା ନିମ୍ନରେ ଆଲୋଚନା କରାଗଲା ।

- ଆଠଗୋଟି ମଣ୍ଡଳରେ[21] ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ 106 ଗୋଟି ମାମଲାରେ ଓଡିଶା ବିକ୍ରୟ କର ଅଧିନିୟମ ଧାରା 5(କ) ଅଧିନରେ ବିକ୍ରୟ କରରେ ପ୍ରଦତ୍ତ 21.05 ଲକ୍ଷ ଟଙ୍କାର ଅଧିଭାର ଉପରେ ଜମା ଅନିୟମିତ ଭାବେ ମଞ୍ଜୁର କରିଥିଲେ ।

- ତିନିଗୋଟି ମଣ୍ଡଳରେ[22] ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ 14 ଗୋଟି ମାମଲାରେ ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ ପର୍ଯ୍ୟାୟକ୍ରମେ ବିକ୍ରୟର ପ୍ରଥମ ବିକ୍ରୟ ସ୍ଥଳରେ ପ୍ରକୃତ କର ଭାରାକ୍ରାନ୍ତ ହୋଇଥିବାର ପ୍ରାମାଣିକ ଦସ୍ତାବିଜ ନଥିଲେ ମଧ୍ୟ 16.68 ଲକ୍ଷ ଟଙ୍କାର ଜମା ମଞ୍ଜୁର କରିଥିଲେ ।

- ପାଞ୍ଚଗୋଟି ମଣ୍ଡଳର[23] ନଅଗୋଟି ମାମଲାରେ 1 ଏପ୍ରିଲ 2004 ଓ 1 ଏପ୍ରିଲ 2005 ମଧ୍ୟରେ ଦ୍ରବ୍ୟ କ୍ରୟ ହୋଇଥିବାର ପ୍ରାମାଣିକ ଦସ୍ତାବିଜ ଦାଖଲ ହୋଇନଥିଲେ ମଧ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ 7.03 ଲକ୍ଷ ଟଙ୍କାର ଜମା ଅନିୟମିତ ଭାବେ ମଞ୍ଜୁର କରିଥିଲେ ।

---

21 ଭଦ୍ରକ (28 ଟି ମାମଲା), ଭୁବନେଶ୍ବର II (18 ଟି ମାମଲା), ବଲାଙ୍ଗୀର (4 ଟି ମାମଲା), କଟକ I (ପୂର୍ବ) (17 ଟି ମାମଲା), କଟକ II (5 ଟି ମାମଲା), ଗଞ୍ଜାମ II (14 ଟି ମାମଲା), ରାଉରକେଲା II (16 ଟି ମାମଲା) ଏବଂ ସମ୍ବଲପୁର II (4 ଟି ମାମଲା) ।

22 କଟକ I (ପୂର୍ବ) (ଗୋଟିଏ ମାମଲା), ଗଞ୍ଜାମ II (ଗୋଟିଏ ମାମଲା) ଏବଂ ରାଉରକେଲା II (12 ଟି ମାମଲା) ।

23 କଟକ I (ପୂର୍ବ) (ଗୋଟିଏ ମାମଲା), କଟକ II (ତିନୋଟି ମାମଲା), ଗଞ୍ଜାମ II (ଦୁଇଟି ମାମଲା), ରାଉରକେଲା II (ଦୁଇଟି ମାମଲା) ଏବଂ ସମ୍ବଲପୁର II ( ଗୋଟିଏ ମାମଲା) ।

- କାରବାର କର ଦେଉଥିବା ବ୍ୟବସାୟୀ ନିବେଶ କର ଜମା ପାଇବାକୁ ହକ୍‌ଦାର ନଥିଲେ ମଧ୍ୟ ସମ୍ବଲପୁର ମଣ୍ଡଳର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ତିନିଗୋଟି ମାମଲାରେ 76,873 ଟଙ୍କାର ନିବେଶ କର ଜମା ଅନିୟମିତ ଭାବେ ମଞ୍ଜୁର କରିଥିଲେ ।
- ଚାରିଗୋଟି ମଣ୍ଡଳର[24] ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ପାଞ୍ଚଗୋଟି ମାମଲାରେ 1 ଏପ୍ରିଲ 2004 ପୂର୍ବରୁ କ୍ରୟ ହୋଇଥିବା ଦ୍ରବ୍ୟ ଉପରେ 68,895 ଟଙ୍କାର ଜମା ଅନିୟମିତ ଭାବେ ମଞ୍ଜୁର କରିଥିଲେ ।
- ଗଜପତି ମଣ୍ଡଳର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଦୁଇଗୋଟି ମାମଲାରେ ବ୍ୟବସାୟୀଙ୍କ 1 ଏପ୍ରିଲ 2005 ଦିନ ପ୍ରାରମ୍ଭିକ ଷ୍ଟକରେ ନଥିବା ଦ୍ରବ୍ୟ ଉପରେ 56,845 ଟଙ୍କାର ନିବେଶ କର ଜମା ଅନିୟମିତ ଭାବେ ମଞ୍ଜୁର କରିଥିଲେ । ପ୍ରକୃତରେ ଏହି ଦ୍ରବ୍ୟଗୁଡିକ 1 ଏପ୍ରିଲ 2005 ପରେ ପ୍ରାପ୍ତହୋଇ ହିସାବକୁ ନିଆଯାଇଥିଲା ।

ଏହି ମାମଲାଗୁଡିକ ଦର୍ଶାଯିବା ପରେ ସମସ୍ତ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନଭେମ୍ବର 2008 ଏବଂ ମାର୍ଚ୍ଚ 2009 ମଧ୍ୟରେ କହିଥିଲେ ଯେ ମାମଲାଗୁଡିକ ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.2.12 ପ୍ରତିସତ୍ୟାପନର ବ୍ୟବସ୍ଥା

### ଟିନ୍‌କ୍ସିସ୍ (TINXSYS ) ରେ ଡାଟା ଅପଲୋଡିଂ ଓ ଅପଡେଟିଂର ଅଭାବ

ରାଜ୍ୟ ଅର୍ଥ ମନ୍ତ୍ରୀମାନଙ୍କର କ୍ଷମତାପନ୍ନ କମିଟି ଆନ୍ତଃରାଜ୍ୟ କାରବାରର ଭଣ୍ଡାର ରୂପେ କାର୍ଯ୍ୟକରିବା ନିମନ୍ତେ ଟିନ୍‌କ୍ସିସ୍ ଡଟ୍ କମ୍ (TINXSYS.com) ନାମକ ଏକ ୱେବସାଇଟ୍ ଖୋଲିଛନ୍ତି । ଆନ୍ତଃରାଜ୍ୟ ବଣିଜ୍ୟର ପର୍ଯ୍ୟାଲୋଚନା ନିମନ୍ତେ ବଣିଜ୍ୟ କର ବିଭାଗକୁ ସାହାଯ୍ୟକରିବା ଏହାର ମୂଳଲକ୍ଷ୍ୟ ଅଟେ । ନମୁନା ଯାଞ୍ଚ ହୋଇଥିବା ଚାରିଗୋଟି ରେଞ୍ଜର[25] ନଥିପତ୍ର ଏବଂ ସେମାନଙ୍କଠାରୁ ସଂଗୃହୀତ ସୂଚନାରୁ ଜଣାଗଲା ଯେ ସେମାନଙ୍କ ମଧ୍ୟରୁ କୌଣସି ରେଞ୍ଜ 2005-06 ରୁ 2007-08 ମଧ୍ୟରେ ଫର୍ମ 'ଗ' ଓ ଫର୍ମ 'ଚ' ଘୋଷଣାନାମା ଗୁଡିକର ଡାଟାକୁ ବ୍ୟବହାର ନିମନ୍ତେ ଭାଟିସ୍‌ରେ ସମୟୋପଯୋଗୀ କରିନଥିଲେ । ଏହାଫଳରେ ଘୋଷଣାପତ୍ର ଗୁଡିକର ନିର୍ଗମ ଏବଂ ବ୍ୟବହାର ବିଷୟକ ସୂଚନା ବାଣିଜ୍ୟ କର କମିଶନରଙ୍କ କାର୍ଯ୍ୟାଳୟର ୱେବସାଇଟ୍‌ରେ ଅପଲୋଡ୍/ଅପଡେଟ୍ ହୋଇପାରି ନଥିଲା ।

## 2.2.13 ବ୍ୟବସାୟୀଙ୍କ ଦ୍ୱାରା ବାର୍ଷିକ ସମୀକ୍ଷିତ ହିସାବର ଉପଲବ୍ଧତା

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାନୁସାରେ କୌଣସି ବ୍ୟବସାୟୀଙ୍କର ନିର୍ଦ୍ଦିଷ୍ଟ କୌଣସି ବର୍ଷର ମୋଟ କାରବାର 40 ଲକ୍ଷ ଟଙ୍କାରୁ ଅଧିକ କିମ୍ବା କମିଶନରଙ୍କ ଦ୍ୱାରା ଗେଜେଟରେ ଅଧିସୂଚିତ ବିନିର୍ଦ୍ଦିଷ୍ଟ ରାଶି ହୋଇଥିଲେ ବ୍ୟବସାୟୀଜଣକ ସେହି ବର୍ଷର ହିସାବକୁ କୌଣସି ଚାର୍ଟାର୍ଡ ଆକାଉନ୍‌ଟାଣ୍ଟଙ୍କ ଦ୍ୱାରା ସେହି ବର୍ଷ ଶେଷ ହେବାର ଛଅମାସ ମଧ୍ୟରେ ସମୀକ୍ଷା କରାଇ ଚାର୍ଟାର୍ଡ ଆକାଉନ୍‌ଟାଣ୍ଟଙ୍କ ଦ୍ୱାରା ସତ୍ୟାପିତ ଓ ସ୍ୱାକ୍ଷରିତ ସମୀକ୍ଷା ରିପୋର୍ଟର ଅବିକଳ ନକଲ ବିହିତ ଫର୍ମରେ ସବିଶେଷ ବିବରଣୀ ସହ କମିଶନରଙ୍କ ନିକଟରେ ସେହି ଛଅମାସ ଶେଷ ହେବାର ପରବର୍ତ୍ତୀ ମାସ ମଧ୍ୟରେ ଉପଲବ୍ଧ କରାଇବେ ।

24 ଭଦ୍ରକ (ଗୋଟିଏ ମାମଲା), କଟକ I (ପୂର୍ବ) (ଦୁଇଟି ମାମଲା), କଟକ II (ଗୋଟିଏ ମାମଲା) ଏବଂ ରାଉରକେଲା II (ଗୋଟିଏ ମାମଲା) ।

25 ଭୁବନେଶ୍ୱର, କଟକ I, କଟକ II ଏବଂ ଗଞ୍ଜାମ ।

ବ୍ୟବସାୟୀମାନଙ୍କ ଦ୍ୱାରା ସ୍ୱନିର୍ଦ୍ଧାରିତ ରିଟର୍ଣ୍ଣଗୁଡିକ ବ୍ୟବସାୟୀଙ୍କର କର ସମୀକ୍ଷା ହେବା ପର୍ଯ୍ୟନ୍ତ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଏ । ସେପର୍ଯ୍ୟନ୍ତ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ବ୍ୟବସାୟୀଙ୍କ ଘୋଷିତ କାରବାରର ସତ୍ୟତା ନିରୂପଣ ନିମନ୍ତେ ଋଟାର୍ଡ ଆକାଉନ୍‌ଟାଣ୍ଟଙ୍କ ଦ୍ୱାରା ସମୀକ୍ଷିତ ହିସାବକୁ ହତିଆର ରୂପେ ବ୍ୟବହାର କରୁଥିଲେ । ମାତ୍ର ବ୍ୟବସାୟୀମାନଙ୍କର ବାର୍ଷିକ ସମୀକ୍ଷିତ ହିସାବର ସମୟୋଚିତ ପ୍ରାପ୍ତିର ପର୍ଯ୍ୟାଲୋଚନା ନିମନ୍ତେ କୌଣସି ନଥିପତ୍ର କିମ୍ବା ରେଜିଷ୍ଟର ରକ୍ଷଣାବେକ୍ଷଣର ବ୍ୟବସ୍ଥା ନିୟମାବଳୀ କିମ୍ବା କୌଣସି ଅନୁଦେଶରେ କରାଯାଇ ନାହିଁ ।

## 2.2.14 ସମୀକ୍ଷା ନିର୍ଦ୍ଧାରଣ

### *2.2.14.1 ସମୀକ୍ଷା ନିର୍ଦ୍ଧାରଣରେ ବିଳମ୍ବ*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀର ବ୍ୟବସ୍ଥାନୁଯାୟୀ କର ସମୀକ୍ଷା ଫଳରେ କ୍ରୟ, ବିକ୍ରୟ କିମ୍ବା ଉଭୟର ସଂଗୋପନ, ତୃଟିପୂର୍ଣ୍ଣ ନିବେଶ କର ଜମା ଦାବି ସହ ବିୟୋଗୀକରଣ ଦାବି, କର ଫାଙ୍କି କିମ୍ବା ଅଧିନିୟମର କୌଣସି ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇ ବ୍ୟବସାୟୀଙ୍କର କରଦାୟ ଉପରେ ପ୍ରଭାବ ପଡିବାର ସନ୍ଧାନ ହୋଇଥିଲେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କୁ ପୂର୍ବରୁ ନୋଟିସ ଜାରି କରି ସମୀକ୍ଷା ପରିଦର୍ଶନ ରିପୋର୍ଟ ପ୍ରାପ୍ତିର ଛଅମାସ ମଧ୍ୟରେ ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ କରିବେ । ଅଧିନିୟମରେ ଏହା ମଧ୍ୟ ବ୍ୟବସ୍ଥା ଅଛି ଯେ କୌଣସି କାରଣ ବଶତଃ ଅଧିନିୟମର ବ୍ୟବସ୍ଥାନୁସାରେ ବିନିର୍ଦ୍ଦିଷ୍ଟ ଛଅମାସ ମଧ୍ୟରେ ନିର୍ଦ୍ଧାରଣ ଚୂଡାନ୍ତ ହୋଇ ନପାରିଲେ କମିଶନର ପ୍ରତ୍ୟେକ ମାମଲାର ଗୁରୁତ୍ୱକୁ ବିଋରକୁ ନେଇ ସର୍ବାଧିକ ଛଅମାସ ମଧ୍ୟରେ ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ କରିବାକୁ ଅନୁମତି ଦେଇପାରିବେ ।

ଏପ୍ରିଲ 2008 ପୂର୍ବରୁ ନିୟମାବଳୀ କିମ୍ବା କାର୍ଯ୍ୟନିର୍ବାହୀ ଅନୁଦେଶ ଜରିଆରେ ଚୂଡାନ୍ତ ସମୀକ୍ଷା ନିର୍ଦ୍ଧାରଣର ପର୍ଯାଲୋଚନା ନିମନ୍ତେ କୌଣସି ନଥିପତ୍ରର ବ୍ୟବସ୍ଥା ନଥିଲା । ତିନିଗୋଟି ରେଞ୍ଜ[26] ଏବଂ ଦୁଇଗୋଟି ମଣ୍ଡଳରେ[27] ଦେଖାଗଲା ଯେ 2006-07 ଏବଂ 2007-08 ବର୍ଷ ମଧ୍ୟରେ ପ୍ରାପ୍ତ 398 ଗୋଟି ମାମଲାର ସମୀକ୍ଷା ପରିଦର୍ଶନ ରିପୋର୍ଟମାନ ସମୀକ୍ଷା ନିର୍ଦ୍ଧାରଣ ନିମନ୍ତେ 31 ମାର୍ଚ୍ଚ 2008 ସୁଦ୍ଧା ପଡିରହିଥିଲା । ନଥିପତ୍ର ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ କୌଣସି ବ୍ୟବସ୍ଥା ନଥିବାରୁ ଏଗୁଡିକ ଅନିୟମିତ ଭାବେ ରକ୍ଷଣାବେକ୍ଷଣ ହୋଇଥିଲା । ଫଳରେ ପଡିରହିଥିବା ସମୀକ୍ଷା ପରିଦର୍ଶନ ରିପୋର୍ଟ ଗୁଡିକର ବର୍ଷ ଜଣାପଡି ନଥିଲା ।

ପାଞ୍ଚଗୋଟି ରେଞ୍ଜ[28] ଏବଂ ଛଅଗୋଟି ମଣ୍ଡଳରେ[29] ଏହାମଧ୍ୟ ଦେଖାଗଲା ଯେ 55 ଗୋଟି ମାମଲାରେ ସମୀକ୍ଷା ନିର୍ଦ୍ଧାରଣ କମିଶନରଙ୍କ ଅନୁମତି ବିନା ବିହିତ ଛଅମାସ ପରେ ଚୂଡାନ୍ତ ହୋଇ 2.51 କୋଟି ଟଙ୍କାର ଦାବି ଉତ୍‌ଥାପିତ ହୋଇଥିଲା । ଏଥିମଧ୍ୟରୁ ପାଞ୍ଚଗୋଟି ମାମଲାରେ ଜଡିତ 8.26 ଲକ୍ଷ ଟଙ୍କାର ଦାବିର ନିର୍ଦ୍ଧାରଣ ବର୍ଷକ ପରେ ହୋଇଥିଲା ।

---

26 ବଲାଙ୍ଗୀର, କଟକ I ଏବଂ ଗଞ୍ଜାମ ।

27 କଟକ II ଏବଂ ରାଉରକେଲା II ।

28 ବାଲେଶ୍ୱର, ବଲାଙ୍ଗୀର, କଟକ I, ଗଞ୍ଜାମ ଓ ସୁନ୍ଦରଗଡ ।

29 ଭୁବନେଶ୍ୱର II, କଟକ I (ପୂର୍ବ), କଟକ II, ଗଜପତି, ଗଞ୍ଜାମ II ଏବଂ ସମ୍ବଲପୁର II ।

### *2.2.14.2 ମଣ୍ଡଳ ଅଧିକାରୀଙ୍କ ଦ୍ୱାରା ଟିନ୍ ବ୍ୟବସାୟୀଙ୍କ ନିର୍ଦ୍ଧାରଣ ହେତୁ ସୀମା ଉଲ୍ଲଙ୍ଘନ*

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅନୁସାରେ ଶ୍ରିନ୍ ବ୍ୟବସାୟୀମାନଙ୍କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମଣ୍ଡଳର ବାଣିଜ୍ୟ କର ଅଧିକାରୀ (ବର୍ତ୍ତମାନ ଆସିଷ୍ଟାଣ୍ଟ ବାଣିଜ୍ୟ କର କମିଶନର) ଅଟନ୍ତି ଏବଂ ରେଞ୍ଜ ମାନଙ୍କର ସହକାରୀ ବାଣିଜ୍ୟ କର କମିଶନର (ବର୍ତ୍ତମାନ ଯୁଗ୍ମ ବାଣିଜ୍ୟ କର କମିଶନର) ଟିନ୍ ବ୍ୟବସାୟୀଙ୍କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅଟନ୍ତି ।

ରାଉରକେଲା I ଏବଂ ରାଉରକେଲା II ମଣ୍ଡଳରେ ଦେଖାଗଲା ଯେ ମଣ୍ଡଳ ଅଧିକାରୀମାନେ ଟିନ୍ ବ୍ୟବସାୟୀ ମାନଙ୍କର ରିଟର୍ଣ୍ଣଗୁଡିକ ରେଞ୍ଜ କାର୍ଯ୍ୟାଳୟକୁ ପଠାଇନଥିଲେ କିମ୍ବା ଏଲ୍‌ଟିୟୁ ମାମଲାଗୁଡିକ ବ୍ୟତୀତ ଟିନ୍ ବ୍ୟବସାୟୀ ମାନଙ୍କର ନିର୍ଦ୍ଧାରଣ ରେଞ୍ଜ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇନଥିଲା । କର ସମୀକ୍ଷା ପରେ ଟିନ୍ ବ୍ୟବସାୟୀ ମାନଙ୍କର ସମୀକ୍ଷା ନିର୍ଦ୍ଧାରଣ ମଣ୍ଡଳ ଗୁଡିକର ନିର୍ଦ୍ଧାରଣ ଅଧିକାରୀଙ୍କ ଦ୍ୱାରା ବିକ୍ରୟ କର ଅଧିକାରୀଙ୍କ ମୋହର ଓ ଦସ୍ତଖତ ଅଧିନରେ ହୋଇଥିଲା । ଏହା ଫଳରେ ଅଧିନିୟମରେ ବ୍ୟବସ୍ଥିତ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ସୀମା ଉଲ୍ଲଙ୍ଘନ ହୋଇଥିଲା ।

ସୁନ୍ଦରଗଡ ରେଞ୍ଜରେ ଏହା ମଧ୍ୟ ଦେଖାଗଲା ଯେ 2.92 କୋଟି ଟଙ୍କା ଜଡିତ ପାଞ୍ଚଗୋଟି ମାମଲାରେ ମଣ୍ଡଳ ନିର୍ଦ୍ଧାରଣ କର୍ତ୍ତୃପକ୍ଷ 2005-06 ରୁ 2007-08 ମଧ୍ୟରେ କ୍ଷେତ୍ରାଧିକାର ଉଲ୍ଲଙ୍ଘନ କରିଥିବାର ବ୍ୟବସାୟୀମାନେ ଆପତ୍ତି କରିଥିଲେ ଏବଂ ଓଡିଶାର ଉଚ୍ଚ ନ୍ୟାୟାଳୟ ଜାନୁଆରୀ ଓ ମାର୍ଚ୍ଚ 2008 ମଧ୍ୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କ୍ଷେତ୍ରାଧିକାର ଉଲ୍ଲଙ୍ଘନ କରିଥିବାର ଦର୍ଶାଇ ସମସ୍ତ ମାମଲାଗୁଡିକ ଖାରଜ କରିଥିଲେ । ଏହିପରି ଭାବରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବ୍ୟବସ୍ଥାର ଅନୁପାଳନ ନହେବା ହେତୁ 2.92 କୋଟି ଟଙ୍କାର ରାଜସ୍ୱ ଅବରୋଧ ହୋଇଥିଲା ।

## 2.2.15 ଆଭ୍ୟନ୍ତରୀଣ ସମୀକ୍ଷା

ଆଭ୍ୟନ୍ତରୀଣ ସମୀକ୍ଷା ଆନ୍ତଃନିୟନ୍ତ୍ରଣ କଳର ଅତି ଗୁରୁତ୍ୱପୂର୍ଣ୍ଣ ହତିଆର ଓ ପରିଚାଳନାର ଆଖି ଓ କାନ ରୂପେ କାର୍ଯ୍ୟ କରେ ଏବଂ କଳର ଦକ୍ଷତା ଓ ପ୍ରଭାବର ମୂଲ୍ୟାଙ୍କନ କରେ । ସଂଗଠନ/ବିଭାଗର କାର୍ଯ୍ୟକଳାପ ଦକ୍ଷ ଓ ପ୍ରଭାବଶାଳୀ ହେଉଛି କି ନାହିଁ ଏହା ସ୍ୱାଧୀନ ଭାବରେ ଜଣାଇ ଥାଏ ।

ଭାରତର ମହାଲେଖା ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକଙ୍କ 31 ମାର୍ଚ୍ଚ 2003 ରେ ସମାପ୍ତ ବର୍ଷର ଓଡିଶା ସରକାରଙ୍କ (ରାଜସ୍ୱ ପ୍ରାପ୍ତି) ପ୍ରତିବେଦନର ଅନୁଚ୍ଛେଦ 2.18 ଏବଂ 31 ମାର୍ଚ୍ଚ 2008 ରେ ସମାପ୍ତ ବର୍ଷର ପ୍ରତିବେଦନ ଅନୁଚ୍ଛେଦ 2.2.8 ରେ ଆନ୍ତଃସମୀକ୍ଷା ଅଙ୍ଗ କେବଳ 2001-02 ରେ 15 ଗୋଟି ଇଉନିଟ୍ ନିରୀକ୍ଷଣ ବ୍ୟତୀତ 1999-2000 ଠାରୁ କାର୍ଯ୍ୟକାରୀ ନହେବା ବିଷୟରେ ଉଲ୍ଲେଖ କରାଯାଇଥିଲା । ରାଜସ୍ୱ ଗଳନକୁ ରୋକିବା ନିମନ୍ତେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ବଳଶାଳୀ କରାଯିବା ସକାଶେ ସୁପାରିଶ କରାଯାଇଥିଲା । ମାତ୍ର ବିଭାଗ ମଧ୍ୟରେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ସରକାର ବର୍ତ୍ତମାନ ସୁଦ୍ଧା ପୁର୍ନଜୀବିତ କରିନଥିଲେ ।

ସରକାରଙ୍କ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ପୁର୍ନଜୀବିତ କରିବାରେ ବିଫଳତା ହେତୁ ବିଭାଗ ମଧ୍ୟରେ ତୃଟି ଓ ଅନିୟମିତତା କମ ହେବାର ଆଶଙ୍କା ସୁନିଶ୍ଚିତ ହୋଇନଥିଲା ।

## 2.2.16 ମୂଲ୍ୟଯୁକ୍ତ କରର ପ୍ରବର୍ତ୍ତନ ପରେ ରାଜସ୍ୱ ହାନି ଜନିତ କ୍ଷତିର ଭରଣା

ଭାଟ୍ କାର୍ଯ୍ୟାନ୍ୱୟନ ଜନିତ ରାଜ୍ୟ ସରକାରଙ୍କ ରାଜସ୍ୱ କ୍ଷତିର ଭରଣା କରିବାକୁ ଭାରତ ସରକାର ସମ୍ମତି ପ୍ରଦାନ କରିଥିଲେ । ଏହି ଉଦ୍ଦେଶ୍ୟରେ ଭାଟ୍‌ରେ ମିଳିଥିବା ରାଜସ୍ୱ ଭାଟ୍ ପୂର୍ବବର୍ତ୍ତୀ କାଳର ରାଜସ୍ୱ ସହ ତୁଳନା ହୋଇ ପୂର୍ବ ପାଞ୍ଚବର୍ଷର ହାରାହାରି ରାଜସ୍ୱ ବୃଦ୍ଧି ହାରକୁ ଆଧାର କରାଯାଇ ଉପଯୁକ୍ତ ଭାବେ ସ୍ଥିର ହେବା କଥା । ଭାଟ୍ କାର୍ଯ୍ୟାନ୍ୱୟନ ଜନିତ ପ୍ରଥମ ବର୍ଷରେ ହୋଇଥିବା ରାଜସ୍ୱ ହ୍ରାସର 100 ପ୍ରତିଶତ ଏବଂ ପରବର୍ତ୍ତୀ ଦୁଇବର୍ଷ ନିମନ୍ତେ ଯଥାକ୍ରମେ 75 ପ୍ରତିଶତ ଓ 50 ପ୍ରତିଶତ ପର୍ଯ୍ୟନ୍ତ କ୍ଷତିର ଭରଣା ଭାରତ ସରକାରଙ୍କ ଜୁନ୍ 2006 ମାର୍ଗଦର୍ଶକର ବ୍ୟବସ୍ଥା ଅନୁସାରେ ହିସାବ ହୋଇ ମଞ୍ଜୁର ହେବାର ବ୍ୟବସ୍ଥା ଥିଲା ।

ଏହା ଦେଖାଗଲା ଯେ 2006-07 ବର୍ଷରେ 103.32 କୋଟି ଟଙ୍କାର ରାଜସ୍ୱ ହାନି ନିମନ୍ତେ 77.49 କୋଟି ଟଙ୍କାର (75 ପ୍ରତିଶତ) କ୍ଷତିପୂରଣ ଦାବି ବିଳମ୍ବରେ ଜୁଲାଇ 2008 ରେ 2007-08 ବର୍ଷ ପାଇଁ 97.63 କୋଟି ଟଙ୍କାର (195.26 କୋଟି ଟଙ୍କାର 50 ପ୍ରତିଶତ) ଦାବି ସହିତ ଉତ୍‌ଥାପନ କରାଯାଇଥିଲା । ଉପରୋକ୍ତ ବର୍ଷ ଗୁଡିକର ଏହି କ୍ଷତିପୂରଣ ଦାବି ବାବଦକୁ ମାର୍ଚ୍ଚ ଓ ମଇ 2009 ରେ 142.59 କୋଟି ଟଙ୍କାର କାମଚଳା ଅର୍ଥ ମିଳିଥିଲା । ଏହା ବ୍ୟତୀତ ଜୁଲାଇ 2009 ରେ ଭାରତ ସରକାରଙ୍କ ଜୁନ୍ 2009 ରେ ଜାରି ଅତିରିକ୍ତ କ୍ଷତିପୂରଣ ଅନୁଦେଶ ଆଧାରରେ ଅଧିକ 39.66 କୋଟି ଟଙ୍କା କ୍ଷତିପୂରଣ ବାବଦକୁ ମିଳିଥିଲା ।

## 2.2.17 ଉପସଂହାର

ପରିବର୍ତ୍ତନ ପଦ୍ଧତିରେ କେତେକ ଅଭାବ ଯଥା:- ପ୍ରଶାସନିକ କଳ ପୁନର୍ଗଠନର କଛପଗତି, କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଓ ବିଦ୍ୟମାନ କର୍ମଚାରୀମାନଙ୍କୁ ନେଇ ଅପସାରଣ ହୋଇଥିବା ବିକ୍ରୟ କର ଅଧିନିୟମ ଅଧିନରେ ପଡିରହିଥିବା ନିର୍ଦ୍ଧାରଣ ମାମଲାର ଚୂଡାନ୍ତ ଓ ବକେୟା କର ସଂଗ୍ରହ କାର୍ଯ୍ୟରେ ନିୟୋଜନ ହେତୁ ଓଡିଶା ବିକ୍ରୟ କରରୁ ମୂଲ୍ୟଯୁକ୍ତ କରକୁ ପରିବର୍ତ୍ତନ ବାଧାପ୍ରାପ୍ତ ହୋଇଥିଲା । ବ୍ୟବସାୟୀ ମାନଙ୍କ ଦ୍ୱାରା ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣ ଗୁଡିକର ପ୍ରାପ୍ତି ଉପରେ ନଜର ରଖିବା ଏବଂ ଏହାର ସମ୍ୟକ ପରୀକ୍ଷା ନିମନ୍ତେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇ ନଥିଲା । କର ସମୀକ୍ଷା ଭାଟ୍ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହାର ଅବହେଳା ହେତୁ କର ସମୀକ୍ଷାର ବିହିତ ମାତ୍ରାରେ ସଫଳତା ହାସଲ ହୋଇନଥିଲା । ଅଧିନିୟମ ଓ ନିୟମାବଳୀର କେତେକ ଅଭାବ ଏବଂ କାର୍ଯ୍ୟନିର୍ବାହୀ ଅନୁଦେଶର ଅନୁପସ୍ଥିତି ମଧ ଅଧିନିୟମଟିକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବାରେ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କ ବିଫଳତାର କାରଣ ହୋଇଥିଲା ।

## 2.2.18 ସୁପାରିଶ

ଭାଟ୍ ପଦ୍ଧତିର ଫଳପ୍ରଦ କାର୍ଯ୍ୟାନ୍ୱୟନ ନିମନ୍ତେ ଓଡିଶା ସରକାର ନିମ୍ନ ଉପାୟମାନ ବିଚାର କରିପାରନ୍ତି ।

- ନିୟମାବଳୀର ସଂଶୋଧନ କରି ପ୍ରାରମ୍ଭିକ ଓ ଅନ୍ତିମ ଷ୍ଟକ ପରିମାଣ, କ୍ରୟ ଓ ବିକ୍ରୟ ଇତ୍ୟାଦିର ସମର୍ଥିତ ଦସ୍ତାବିଜ ବିବରଣୀ ସହ ବାର୍ଷିକ ରିଟର୍ଣ୍ଣ ଦାଖଲର ବ୍ୟବସ୍ଥା କରିବା;
- ରିଟର୍ଣ୍ଣ ଫର୍ମକୁ ସଂଶୋଧନ କରି ଫର୍ମରେ ସମାନୁପାତିକ ନିବେଶ କର ଜମା ହିସାବ ଓ ଠିକାକାର୍ଯ୍ୟ କାରବାରର ସମ୍ପୂର୍ଣ୍ଣ ବିବରଣ ନିମନ୍ତେ ଆବଶ୍ୟକୀୟ ସ୍ତମ୍ଭର ବ୍ୟବସ୍ଥା କରିବା;
- ରିଟର୍ଣ୍ଣ ଗୁଡିକର ସମ୍ୟକ ପରୀକ୍ଷା ନିମନ୍ତେ ସମୟ ସୀମା ଧାର୍ଯ୍ୟ କରିବା; ଏବଂ

- ବାର୍ଷିକ ସମୀକ୍ଷିତ ହିସାବ ଫର୍ଦ୍ଦର ସମୟୋଚିତ ପ୍ରାପ୍ତିର ପର୍ଯ୍ୟାଲୋଚନା ତଥା ଏଗୁଡିକ ଦାଖଲ ହୋଇ ନଥିଲେ ତାହାର ଅନୁସରଣ ସୁନିଶ୍ଚିତ କରିବା ନିମନ୍ତେ ନଥିପତ୍ର/ରେଜିଷ୍ଟର ରକ୍ଷଣାବେକ୍ଷଣର ବ୍ୟବସ୍ଥା କରିବା ।

## 2.3 ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ

*ବାଣିଜ୍ୟ କର ବିଭାଗର ବିକ୍ରୟ କର/ମୂଲ୍ୟଯୁକ୍ତ କର ଏବଂ ପ୍ରବେଶ କର ନିର୍ଦ୍ଧାରଣ ନଥିପତ୍ରର ସମ୍ୟକ ପରୀକ୍ଷାରୁ, ଅଧିନିୟମ/ନିୟମାବଳୀର ଅନୁପାଳନ ନହେବା, କର/ଜୋରିମାନା/ସୁଧ ଅନାରୋପଣ/ସ୍ୱଳ୍ପାରୋପଣ, କାରବାରର ଭ୍ରମାତ୍ମକ ବର୍ଗୀକରଣ/ଅବଧାରଣ ଏବଂ ଅନ୍ୟାନ୍ୟ ମାମଲା ଇତ୍ୟାଦି ପରିଲକ୍ଷିତ ହୋଇଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା । ଏହି ମାମଲା ଗୁଡିକ ଦୃଷ୍ଟାନ୍ତଯୁକ୍ତ ଓ ସମୀକ୍ଷାର ନମୁନା ଯାଞ୍ଚ ଉପରେ ଆଧାରିତ । ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହିଭଳି ତ୍ରୁଟି ପ୍ରତିବର୍ଷ ସମୀକ୍ଷାରେ ଦର୍ଶାଯାଉଥିଲେ ମଧ୍ୟ ଏହା କେବଳ ଲାଗିରହିନଥିଲା ବରଂ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ ହୋଇନଥିଲା । ସରକାରଙ୍କୁ ଆନ୍ତଃସମୀକ୍ଷା ଅଙ୍ଗକୁ ବଳଶାଳୀ କରିବା ସହିତ ଆନ୍ତଃନିୟନ୍ତ୍ରଣ ପଦ୍ଧତିର ବିକାଶ ଘଟାଇବା ଦରକାର ।*

## 2.4 ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ସ୍ଥାପିତ ନିଜସ୍ୱ ବିଦ୍ୟୁତ କେନ୍ଦ୍ରଗୁଡିକୁ ଅନୁଚିତ ରିଆତି ମଞ୍ଜୁରୀ

*ବିଚାର ବିଭାଗର ନିର୍ଣ୍ଣୟ ଅନୁସୃତ ନହେବା ଫଳରେ 139.51 କୋଟି ଟଙ୍କାର ଅଗ୍ରାହ୍ୟ ରିଆତି ଦିଆଯାଇଥିଲା ।*

କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ, 1956 ଓ ତଦଧୀନ ପ୍ରଣୀତ ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ପଞ୍ଜୀକୃତ ଶିକ୍ଷାନୁଷ୍ଠାନମାନେ ବିକ୍ରୟ ନିମନ୍ତେ ଦ୍ରବ୍ୟ ଗୁଡିକର ଉତ୍ପାଦନ କିମ୍ବା ପ୍ରକ୍ରିୟାକରଣ କିମ୍ବା ଟେଲିକମ୍ୟୁନିକେଶନ ନେଟୱାର୍କ କିମ୍ବା ଖଣିକାର୍ଯ୍ୟ କିମ୍ବା ବିଦ୍ୟୁତ କିମ୍ବା ଅନ୍ୟ କୌଣସି ଶକ୍ତିର ଉତ୍ପାଦନ ଓ ବିତରଣ ପାଇଁ ବ୍ୟବହାର କରିବା ନିମନ୍ତେ କଞ୍ଚାମାଲ, ପ୍ରକ୍ରିୟାକରଣ ସାମଗ୍ରୀ, କାରଖାନା ଓ ଯନ୍ତ୍ରପାତି, ହତିଆର ଓ ସରଞ୍ଜାମ, ଭଣ୍ଡାର, ଯନ୍ତ୍ରାଂଶ ଓ ଆନୁଷଙ୍ଗିକ ଉପକରଣ, ଇନ୍ଧନ ଓ ଘର୍ଷଣହ୍ରାସକ ତୈଳ ଇତ୍ୟାଦି ରିଆତି ହାରରେ ଉକ୍ତ ଦ୍ରବ୍ୟଗୁଡିକର ବିକ୍ରେତା ବ୍ୟବସାୟୀଙ୍କୁ ଫାରମ୍ 'ଗ' ଘୋଷଣାପତ୍ର ଉପଲବ୍ଧ କରାଇ କ୍ରୟ କରିପାରିବେ । ନିଜସ୍ୱ ବିଦ୍ୟୁତ କେନ୍ଦ୍ର (ସିପିପି)[30] ଚଳାଉଥିବା ଏକ କାଗଜକଳର ମାମଲାରେ ନ୍ୟାୟାଳୟରେ[31] ଏହା ସ୍ଥିର ହୋଇଅଛି ଯେ କାଗଜ ଓ ମଣ୍ଡ ଉତ୍ପାଦନ ନିମନ୍ତେ ବିଦ୍ୟୁତ ଶକ୍ତି କଞ୍ଚାମାଲ ନୁହେଁ । ନିଜସ୍ୱ ବିଦ୍ୟୁତ କେନ୍ଦ୍ର ଦ୍ୱାରା କାଗଜ ଉତ୍ପାଦନ ସହଜ ହୋଇପାରେ ମାତ୍ର ଏହି ବିଦ୍ୟୁତ କେନ୍ଦ୍ର ନିର୍ମାଣ କାଗଜ ଓ ମଣ୍ଡ ଉତ୍ପାଦନରେ ପୂର୍ଣ୍ଣାଙ୍ଗରୂପେ ଜଡିତ ନୁହେଁ । ଅତଏବ ନୂଆ ନିଜସ୍ୱ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ନିମନ୍ତେ କ୍ରୟ ହେଉଥିବା କାରଖାନା ଓ ଯନ୍ତ୍ରପାତି କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ ବ୍ୟବସ୍ଥିତ ଫାରମ 'ଗ'

---

30 ସିପିପି - ନିଜସ୍ୱ ବ୍ୟବହାର ନିମନ୍ତେ ସ୍ଥାପିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ।

31 ମେସର୍ସ ଓରିଏଣ୍ଟ କାଗଜ କଳ ଲିଃ ବନାମ ଓଡିଶା ରାଜ୍ୟ ଓ ଅନ୍ୟମାନେ {2007-10 ଭିଏସ୍ ଟି-547 (ଓଡିଶା)}

ଘୋଷଣାପତ୍ର ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ନ୍ୟାୟାଳୟ ଦ୍ୱାରା ଏହା ମଧ୍ୟ ସ୍ଥିର କରାଯାଇଅଛି ଯେ ବ୍ୟବସାୟୀ ଶିଳ୍ପାନୁଷ୍ଠାନ ସ୍ୱାଭାବିକ ହାରରେ ଦେୟ କର ଏବଂ ଫାରମ୍ 'ଗ' ଘୋଷନାନାମା ବ୍ୟବହାର କରି ପୂର୍ବରୁ ରିଆତି ହାରରେ ଦେଇଥିବା କରର ଭେଦାତ୍ମକ ପରିମାଣ ଦେବାକୁ ଦାୟୀ ରହିବେ ।

ଅକ୍ଟୋବର 2008 ରୁ ମାର୍ଚ୍ଚ 2009 ମଧ୍ୟରେ ଛଅଗୋଟି ରେଞ୍ଜ କାର୍ଯ୍ୟାଳୟ[32] ଏବଂ ଆଠଗୋଟି ମଣ୍ଡଳ କାର୍ଯ୍ୟାଳୟ[33] ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ ଲୌହ ଓ ଇସ୍ପାତ, ଆଲୁମିନିୟମ, ସ୍ପଞ୍ଜ ଲୁହା ଇତ୍ୟାଦି ଉତ୍ପାଦନ କରୁଥିବା 17 ଟି ଶିଳ୍ପାନୁଷ୍ଠାନ ଏପ୍ରିଲ 2000 ଏବଂ ଫେବୃଆରୀ 2009 ମଧ୍ୟରେ ଉତ୍ପାଦନରେ ବ୍ୟବହାର ନିମନ୍ତେ 1,603.83 କୋଟି ଟଙ୍କା ମୂଲ୍ୟର ଦ୍ରବ୍ୟ ଫାରମ 'ଗ' ଘୋଷଣାନାମା ଉପଲବ୍ଧ କରାଇ ରିଆତି କର ହାରରେ କ୍ରୟ କରିଥିଲେ । ବ୍ୟବସାୟୀମାନେ ଦେଇଥିବା ଫାରମ 'ଗ' ବ୍ୟବହାର ହିସାବରୁ ଦେଖାଗଲା ଯେ କ୍ରୟ ହୋଇଥିବା ଦ୍ରବ୍ୟଗୁଡିକ ସେମାନଙ୍କର ନିଜସ୍ୱ ବିଦ୍ୟୁତ କେନ୍ଦ୍ର ସ୍ଥାପନ ଓ ରକ୍ଷଣାବେକ୍ଷଣ ନିମନ୍ତେ ସଂଗ୍ରହ ହୋଇଥିଲା । ଯାଜପୁର ଓ ସୁନ୍ଦରଗଡ ରେଞ୍ଜର ତିନିଜଣ ବ୍ୟବସାୟୀ ଏପ୍ରିଲ 2007 ରୁ ଫେବୃଆରୀ 2009 ମଧ୍ୟରେ ସେମାନଙ୍କର ନିଜସ୍ୱ ବିଦ୍ୟୁତ କେନ୍ଦ୍ରର ବ୍ୟବହାର ନିମନ୍ତେ ବିକ୍ରେତା ବ୍ୟବସାୟୀଙ୍କୁ ଫାରମ 'ଗ' ଘୋଷଣାନାମା ଉପଲବ୍ଧ କରାଇବାର ସ୍ୱୀକୃତି ପ୍ରଦାନ କରି ରିଆତି କର ହାରରେ 17.60 କୋଟି ଟଙ୍କା ମୂଲ୍ୟର ଦ୍ରବ୍ୟ କ୍ରୟ କରିଥିବା ସ୍ୱୀକାର କରିଥିଲେ । ବିଦ୍ୟୁତ ଶକ୍ତି ଉତ୍ପାଦନ ଉତ୍ପାଦିତ ଦ୍ରବ୍ୟର ଉତ୍ପାଦନ ପ୍ରକ୍ରିୟାରେ ପୂର୍ଣ୍ଣାଙ୍ଗ ରୂପେ ଜଡିତ ନଥିବାରୁ ଉପରୋକ୍ତ ଶିଳ୍ପାନୁଷ୍ଠାନ ଗୁଡିକ ରିଆତି କର ହାରରେ ଦ୍ରବ୍ୟଗୁଡିକ କ୍ରୟ କରିବାକୁ ଯୋଗ୍ୟ ନଥିଲେ । ଅତଏବ ବ୍ୟବସାୟୀମାନଙ୍କର ରିଆତି ଲାଭ ଅନିୟମିତ ହୋଇଥିବାରୁ 139.51 କୋଟି ଟଙ୍କାର ଭେଦାତ୍ମକ କରଧାର୍ଯ୍ୟ ହେବା କଥା । ଭେଦାତ୍ମକ କର ଧାର୍ଯ୍ୟ ଓ ଆଦାୟ ନିମନ୍ତେ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ନଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ କଟକ II ଓ ଯାଜପୁର ରେଞ୍ଜର ଗୋଟିଏ ମାମଲା ଏବଂ ରାଉରକେଲା I ମଣ୍ଡଳର ଗୋଟିଏ ମାମଲା ବ୍ୟତୀତ ସମସ୍ତ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ନଭେମ୍ବର 2008 ଏବଂ ମାର୍ଚ୍ଚ 2009 ମଧ୍ୟରେ କହିଥିଲେ ଯେ ମାମଲାଗୁଡିକ ପରୀକ୍ଷା କରାଯିବ ଓ ଆଇନର ବ୍ୟବସ୍ଥାନୁସାରେ କାର୍ଯ୍ୟାନୁଷ୍ଠାନ କରାଯିବ । ମାମଲାଗୁଡିକର ଅଧିକତର ସ୍ଥିତି ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ମାର୍ଚ୍ଚ 2009 ରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5 ଅଧିନିୟମ/ନିୟମାବଳୀର ବ୍ୟବସ୍ଥା ପାଳନ ନହେବା

*ଓଡିଶା ବିକ୍ରୟ କର/ଓଡିଶା ମୂଲ୍ୟଯୁକ୍ତ କର/କେନ୍ଦ୍ରୀୟ ବିକ୍ରୟ କର/ଓଡିଶା ପ୍ରବେଶ କର ଅଧିନିୟମ/ନିୟମାବଳୀ ଗୁଡିକରେ ବ୍ୟବସ୍ଥା ଅଛି ଯେ :-*

*(i) ବିହିତ ହାରରେ କର/ଅଧିଭାର/ସୁଧ/ଜୋରିମାନା ଧାର୍ଯ୍ୟ;*

*(ii) ବିହିତ ସର୍ତ୍ତପୂରଣ ହୋଇଥିଲେ ନୂତନ ଶିଳ୍ପାନୁଷ୍ଠାନମାନଙ୍କୁ କର ଛାଡ;*

*(iii) ବିହିତ ଘୋଷଣାନାମା/ପ୍ରମାଣପତ୍ର ଉପଲବ୍ଧ ଥିଲେ ଆନ୍ତଃରାଜ୍ୟ ବିକ୍ରୟ ଉପରେ କର ଛାଡ;*

32 ଅନୁଗୁଳ, ଭୁବନେଶ୍ୱର, କଟକ II, ଯାଜପୁର, ସମ୍ବଲପୁର ଓ ସୁନ୍ଦରଗଡ ।

33 ଅନୁଗୁଳ, ବଡବିଲ, ଭୁବନେଶ୍ୱର III , ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ରାଉରକେଲା I ଏବଂ ସମ୍ବଲପୁର II ।

*(iv)* *ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟବସାୟୀଙ୍କ ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣର ସମ୍ୟକ ପରୀକ୍ଷା; ଏବଂ*

*(v)* *ଗ୍ରାହ୍ୟ ନିବେଶ କର ଜମା ମଞ୍ଜୁରୀ ହେବ ।*

*ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନିର୍ଦ୍ଧାରଣ ଚୂଡାନ୍ତ କାଳରେ ଉପରୋକ୍ତ ବ୍ୟବସ୍ଥା ମଧ୍ୟରୁ କେତେକ ପାଳନ କରିବାରେ ବିଫଳ ହୋଇଥିବା ଫଳରେ 35.05 କୋଟି ଟଙ୍କାର କର, ସୁଧ ଓ ଜୋରିମାନା ଇତ୍ୟାଦି ଅନାରୋପଣ/ ସ୍ୱଳ୍ପାରୋପଣ, ଅନାଦାୟ ରହିଥିଲା ଯାହା 2.5.1 ଠାରୁ 2.5.14 ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା ।*

## 2.5.1 କର ଓ ଜୋରିମାନା ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 ଅଧିନରେ ପ୍ରତ୍ୟେକ ବ୍ୟବସାୟୀ ନିଜର ବ୍ୟବସାୟକ୍ରମେ ଯଦି ରାଜ୍ୟ ମଧ୍ୟରେ ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ କୌଣସି ଦ୍ରବ୍ୟ କ୍ରୟ କରି ଏହିପ୍ରକାର କ୍ରୟ ପରେ ଦ୍ରବ୍ୟଗୁଡିକ ଅଧିନିୟମ ଅଧିନରେ କର ଛାଡ ଘୋଷିତ ଦ୍ରବ୍ୟଗୁଡିକର ଉତ୍ପାଦନରେ ବ୍ୟୟ କିମ୍ବା ବ୍ୟବହୃତ କରିଥାଆନ୍ତି ତେବେ ଏହି ଦ୍ରବ୍ୟର କ୍ରୟ ମୂଲ୍ୟ କିମ୍ବା ଉକ୍ତ ଦ୍ରବ୍ୟର ପ୍ରଚଳିତ ବଜାର ମୂଲ୍ୟ ଉପରେ କର ଦେବାକୁ ଦାୟୀ ରହିବେ । ଆଖୁ ବିନିର୍ଦ୍ଦିଷ୍ଟ ଦ୍ରବ୍ୟ ହୋଇନଥିବାରୁ 12.5 ପ୍ରତିଶତ ହାରରେ କରଯୋଗ୍ୟ ଅଟେ । ପୁନଶ୍ଚ ଅଧିନିୟମ ଅଧିନରେ ଚିନି ଓ ବୟନ ବସ୍ତ୍ର ଚାରି ପ୍ରତିଶତ କର ହାର ଶ୍ରେଣୀ ଅନ୍ତର୍ଭୁକ୍ତ ଥିଲେହେଁ ଯେ ପର୍ଯ୍ୟନ୍ତ ଏଗୁଡିକ ଅତିରିକ୍ତ ଉତ୍ପାଦ ଶୁଳ୍କ (ଏଡିଇ) ଯୋଗ୍ୟ ଥିଲା ସେ ପର୍ଯ୍ୟନ୍ତ ଏହା କରବସାଣ ସାପେକ୍ଷ ନଥିଲା । ଭାରତ ସରକାର ମାର୍ଚ୍ଚ 2006 ଅଧିସୂଚନାରେ ଚିନି ଓ ବୟନ ବସ୍ତ୍ର ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଛାଡ କରିଦେବାରୁ ଏହି ଦ୍ରବ୍ୟଗୁଡିକ ମାର୍ଚ୍ଚ 2006 ଠାରୁ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ କରଯୋଗ୍ୟ ହୋଇଥିଲା । ଏତଦ୍ ବ୍ୟତୀତ କ୍ରୟ କିମ୍ବା ବିକ୍ରୟ ଗୋପନ, କର ଫାଙ୍କି କିମ୍ବା ଅଧିନିୟମର କୌଣସି ବ୍ୟବସ୍ଥାର ଉଲ୍ଲଘଂନ ହୋଇଥିଲେ ନିର୍ଦ୍ଧାରିତ କରର ଦୁଇଗୁଣ ଜୋରିମାନା ଆକାରରେ ଧାର୍ଯ୍ୟ ହୋଇଥାଏ ।

***2.5.1.1*** ସେପ୍ଟେମ୍ବର 2008 ରେ କଟକ II ରେଞ୍ଜର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଜଣେ ଚିନି ଉତ୍ପାଦନକାରୀ ନଭେମ୍ବର 2005 ରୁ ଫେବୃଆରୀ 2006 ମଧ୍ୟରେ ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ 15.16 କୋଟି ଟଙ୍କାର ଆଖୁ କ୍ରୟ କରିଥିଲେ । ଉକ୍ତ ଆଖୁରୁ ଉତ୍ପାଦିତ ଚିନି ଫେବୃଆରୀ 2006 ପର୍ଯ୍ୟନ୍ତ ଅଧିନିୟମ ଅଧିନରେ କରଯୋଗ୍ୟ ନଥିଲେହେଁ ବ୍ୟବସାୟୀ ଜଣକ ଉକ୍ତ କାରବାର ଉପରେ କର ଦେଇ ନଥିଲେ । ଫେବୃଆରୀ 2007 ରେ କରାଯାଇଥିବା କର ସମୀକ୍ଷାରେ ବିଭାଗ ମଧ୍ୟ ଏହାକୁ ସନ୍ଧାନ କରିବାରେ ବିଫଳ ହୋଇଥିଲା ଏବଂ କ୍ରୟକର ଓ ଜୋରିମାନା ଧାର୍ଯ୍ୟ କରିନଥିଲା । ଏହା ଫଳରେ 5.69 କୋଟି ଟଙ୍କାର କର ଓ ଜୋରିମାନା ଅନାରୋପଣ ହୋଇଥିଲା ।

***2.5.1.2*** ସେପ୍ଟେମ୍ବର 2008 ଏବଂ ଫେବୃଆରୀ 2009 ମଧ୍ୟରେ କଟକ I, କଟକ II ଏବଂ ଗଞ୍ଜାମ ରେଞ୍ଜ ଓ କଟକ II ଏବଂ ବଲାଙ୍ଗୀର ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ପାଞ୍ଚଗୋଟି ପଞ୍ଜୀକୃତ ବ୍ୟବସାୟୀ ମାର୍ଚ୍ଚ 2006 ଏବଂ ଅଗଷ୍ଟ 2007 ମଧ୍ୟରେ 66.53 କୋଟି ଟଙ୍କା ମୂଲ୍ୟର ଚିନି ବିକ୍ରୟ କରିଥିଲେହେଁ ଏହା ଉପରେ କର ଦେଇ ନଥିଲେ । କର ସମୀକ୍ଷା ଦଳ ନଭେମ୍ବର 2006 ରୁ ଅଗଷ୍ଟ 2007 ମଧ୍ୟରେ ଚାରିଗୋଟି ମାମଲାରେ କର ସମୀକ୍ଷା ସଂଚାଳନ କଲାବେଳେ କର ଅନାଦାୟ ସନ୍ଧାନ କରିବାରେ ବିଫଳ ହୋଇଥିଲେ ଏବଂ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମଧ୍ୟ ଫେବୃଆରୀ 2007 ରୁ ଫେବୃଆରୀ 2008 ମଧ୍ୟରେ ମାମଲାଗୁଡିକର ନିର୍ଦ୍ଧାରଣ ଚୂଡାନ୍ତ କାଳରେ କରଧାର୍ଯ୍ୟ କରିବାରେ ବିଫଳ ହୋଇଥିଲେ । ଏହା ଫଳରେ 2.66

କୋଟି ଟଙ୍କାର କର ଅନାରୋପଣ ହୋଇଥିଲା । ଏହା ବ୍ୟତୀତ 5.32 କୋଟି ଟଙ୍କାର ଜୋରିମାନା ମଧ୍ୟ ଆରୋପଣ ଯୋଗ୍ୟ ଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ବଣିଜ୍ୟ କର କମିଶନର ମାର୍ଚ୍ଚ 2009 ରେ କହିଲେ ଯେ କାରବାରରୁ ପରିତ୍ରାଣ ପାଇଥିବା ଦୁଇଗୋଟି ମାମଲାର ନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ଯୁଗ୍ମ ବଣିଜ୍ୟ କର କମିଶନର, ଗଞ୍ଜାମ ଫେବୃଆରୀ 2009 ରେ ପୁନଃନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ସହକାରୀ ବାଣିଜ୍ୟ କର କମିଶନର, ବଲାଙ୍ଗୀର ମଣ୍ଡଳ ଫେବୃଆରୀ 2009 ରେ କହିଲେ ଯେ ମାମଲାଟି ପରୀକ୍ଷା କରାଯିବ । ସହକାରୀ ବଣିଜ୍ୟ କର କମିଶନର, କଟକ II ମଣ୍ଡଳ ନଭେମ୍ବର 2008 ରେ କହିଥିଲେ ଯେ ଚୂଡାନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାମଲାଗୁଡିକର ଅଧିକତର ବିବରଣ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ଜାନୁଆରୀ ଓ ଜୁଲାଇ 2009 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ସରକାର ଅଗଷ୍ଟ 2009 ରେ କହିଲେ ଯେ ଚିନି ଅତିରିକ୍ତ ଉତ୍ପାଦ ଶୁଳ୍କ (ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ) ଅଧିନିୟମର ଅନୁସୂଚୀରେ ନିରବିଚ୍ଛିନ୍ନ ଭାବେ ରହିଅଛି ମାତ୍ର ଅତିରିକ୍ର ଉତ୍ପାଦ ଶୁଳ୍କ ହାର ଶୂନ୍ୟକୁ ହ୍ରାସ ପାଇଅଛି ଏବଂ ଭାରତ ସରକାରଙ୍କର ଯେ କୌଣସି ସମୟରେ ଏହି ଶୁଳ୍କକୁ ଲାଗୁ କରିବା ନିମନ୍ତେ କ୍ଷମତା ରହିଅଛି । ମାତ୍ର ଏହା ସତ୍ୟ ଯେ ମାର୍ଚ୍ଚ 2006 ଠାରୁ ଚିନି ଉପରେ ଏଡିଇ କିମ୍ବା ଭାଟ୍ ଲାଗୁ ହୋଇନଥିଲା ।

***2.5.1.3*** ତିନିଗୋଟି ମଣ୍ଡଳର[34] ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଋରିଜଣ ବ୍ୟବସାୟୀ ମାର୍ଚ୍ଚ 2006 ରୁ ମାର୍ଚ୍ଚ 2007 ମଧ୍ୟରେ 5.53 କୋଟି ଟଙ୍କା ମୂଲ୍ୟର ବୟନ ବସ୍ତ୍ର ବିକ୍ରୟ କରି ତା ଉପରେ କର ଦେଇନଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ମଧ୍ୟ ଅକ୍ଟୋବର 2006 ଏବଂ ନଭେମ୍ବର 2007 ମଧ୍ୟରେ ନିର୍ଦ୍ଧାରଣ ଚୂଡାନ୍ତ କାଳରେ ଏହି କାରବାର ଉପରେ ଅନିୟମିତ ଭାବେ କରଛାଡ କରିଥିଲେ । ଏହା ଫଳରେ 22.11 ଲକ୍ଷ ଟଙ୍କାର କର ଅନାରୋପଣ ହୋଇଥିଲା । ଏହା ବ୍ୟତୀତ 44.22 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଆଦାୟ ଯୋଗ୍ୟଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଢେଙ୍କାନାଳ ମଣ୍ଡଳ ମାର୍ଚ୍ଚ 2009 ରେ କହିଲେ ଯେ ମାମଲାଟିକୁ ପରୀକ୍ଷା କରାଯିବ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, କଟକ II ମଣ୍ଡଳ ଡିସେମ୍ବର 2008 ରେ କହିଲେ ଯେ ମୁଖ୍ୟ କାର୍ଯ୍ୟାଳୟରୁ ମଞ୍ଜୁରୀ ମଳିବାପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଭୁବନେଶ୍ୱର II ମଣ୍ଡଳ କୌଣସି ଉତ୍ତର ଦେଇନଥିଲେ ।

ବିଷୟଟି ଜୁଲାଇ 2009 ରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5.2 ସମୀକ୍ଷିତ ହିସାବ ଉପସ୍ଥାପନ ନହେବା/ବିଳମ୍ବରେ ଉପସ୍ଥାପନ ହେବା ବାବଦରେ ଜୋରିମାନା ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାନୁସାରେ କୌଣସି ନିର୍ଦ୍ଦିଷ୍ଟ ବର୍ଷରେ କୌଣସି ବ୍ୟବସାୟୀଙ୍କର ମୋଟ କାରବାର 40 ଲକ୍ଷ ଟଙ୍କାରୁ ଅଧିକ କିମ୍ବା କମିଶନରଙ୍କ ଦ୍ୱାରା ଗେଜେଟ୍ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ହୋଇଥିବା ପରିମାଣ ହୋଇଥିଲେ ସେହି ବ୍ୟବସାୟୀମାନେ ସେହି ବର୍ଷର ହିସାବକୁ କୌଣସି ଋଟାର୍ଡ

34 ଭୁବନେଶ୍ୱର II, କଟକ II ଏବଂ ଢେଙ୍କାନାଳ ।

ଆକାଉନ୍‌ଟାଣ୍ଟଙ୍କ ଦ୍ୱାରା ସମୀକ୍ଷା କରାଇ ସେହି ବର୍ଷ ଶେଷ ହେବାର ଛଅମାସ ମଧ୍ୟରେ ସମୀକ୍ଷା ରିପୋର୍ଟକୁ ବିହିତ ଫର୍ମରେ ସବିଶେଷ ବିବରଣୀ ସହ ଚାର୍ଟାର୍ଡ ଆକାଉନ୍‌ଟାଣ୍ଟଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ସତ୍ୟାପିତ କରାଇ ଉକ୍ତ ରିପୋର୍ଟର ଏକ ଅବିକଳ ନକଲ କମିଶନରଙ୍କ ନିକଟରେ ସେହି ଛଅମାସ ଶେଷ ହେବାର ପରବର୍ତ୍ତୀ ଏକମାସ ମଧ୍ୟରେ ଦାଖଲ କରିବେ । ଅଧିନିୟମରେ ଏହା ମଧ୍ୟ ବ୍ୟବସ୍ଥା ଅଛି ଯେ ହିସାବ ସମୀକ୍ଷା କରାଇବାକୁ ଦାୟୀ ବ୍ୟବସାୟୀ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ ମଧ୍ୟରେ ଏହି ରିପୋର୍ଟର ଅବିକଳ ନକଲ ଦାଖଲ କରିବାରେ ବିଫଳ ହୋଇଥିଲେ କମିଶନର ବ୍ୟବସାୟୀଙ୍କୁ ଶୁଣାଣି ନିମନ୍ତେ ଯଥୋଚିତ ସୁଯୋଗ ଦେଇ ବିଳମ୍ବିତ ଦିନଗୁଡିକ ନିମନ୍ତେ ପ୍ରତ୍ୟେକ ଦିନକୁ 100 ଟଙ୍କା ହିସାବରେ ଜୋରିମାନା ଆରୋପଣ କରିବେ ।

ତିନିଗୋଟି[35] ରେଞ୍ଜ ଏବଂ ଆଠଗୋଟି[36] ମଣ୍ଡଳରୁ ପ୍ରାପ୍ତ ସୂଚନାରୁ ଦେଖାଗଲା ଯେ 5,308 ଜଣ ବ୍ୟବସାୟୀ 2005-06 ରୁ 2007-08 ବର୍ଷର ସମୀକ୍ଷିତ ହିସାବ ଦାଖଲ କରିନଥିଲେ ମଧ୍ୟ ଆରୋପଣ ଯୋଗ୍ୟ 11.57 କୋଟି ଟଙ୍କାର ଜୋରିମାନା ଆରୋପିତ ହୋଇନଥିଲା । ପୁନଶ୍ଚ ରାଉରକେଲା II ମଣ୍ଡଳର ନଥିପତ୍ର ଏବଂ ଚାରିଗୋଟି[37] ମଣ୍ଡଳରେ ସମୀକ୍ଷା ନିମନ୍ତେ ଉପସ୍ଥାପିତ ହୋଇଥିବା ସମୀକ୍ଷିତ ହିସାବଫର୍ଦ୍ଦ ଗୁଡିକରୁ ପରିଲକ୍ଷିତ ହେଲା ଯେ 148 ଜଣ ବ୍ୟବସାୟୀ ସମୀକ୍ଷିତ ହିସାବଫର୍ଦ୍ଦ ବିଳମ୍ବରେ ଦାଖଲ କରିଥିଲେ ମଧ୍ୟ ଏଥି ନିମନ୍ତେ 8.76 ଲକ୍ଷ ଟଙ୍କାର ଜୋରିମାନା ଆରୋପଣ ହୋଇନଥିଲା । ବାର୍ଷିକ ହିସାବଫର୍ଦ୍ଦର ସମୟୋଚିତ ପ୍ରାପ୍ତିର ପର୍ଯ୍ୟାଲୋଚନା ନିମନ୍ତେ କୌଣସି ପଦ୍ଧତି ନଥିବାରୁ ଏବଂ ପ୍ରାପ୍ତ ହୋଇନଥିବା ହିସାବଫର୍ଦ୍ଦର ଅନୁସରଣ ଅଭାବରୁ ଏହା ଘଟିଥିଲା ।

ବିଷୟଟି ଜୁଲାଇ 2009 ରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5.3 ନିମ୍ନତର କର ହାର ପ୍ରୟୋଗ ହେତୁ ଅବନିର୍ଦ୍ଧାରଣ

**2.5.3.1** ଓଡିଶା ବିକ୍ରୟ କର ଅଧିନିୟମ, 1947 ଅଧିନରେ ଥରକୁ ଥର ଜାରି ଅଧିସୂଚନା ଅନୁସାରେ ବିଭିନ୍ନ ଦ୍ରବ୍ୟଗୁଡିକର କର ହାର ବିନିର୍ଦ୍ଦିଷ୍ଟ ହୋଇଥାଏ । ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇ ନଥିବା ଦ୍ରବ୍ୟ 12 ପ୍ରତିଶତ ହାରରେ କରଯୋଗ୍ୟ ଅଟେ । ପୁନଶ୍ଚ, ଯଥେଷ୍ଟ କାରଣ ନଥାଇ ତ୍ରୁଟିପୂର୍ଣ୍ଣ ବିବରଣୀ ଦାଖଲ ହୋଇଥିଲେ ନିର୍ଦ୍ଧାରିତ କରର ଦେଢଗୁଣ ସହ ସମାନ ଜୋରିମାନା ଧାର୍ଯ୍ୟ ହୋଇପାରିବ ।

କଟକ I (ପୂର୍ବ) ଏବଂ କଟକ I (କେନ୍ଦ୍ର) ମଣ୍ଡଳଗୁଡିକର ନିର୍ଦ୍ଧାରଣ ନଥିପତ୍ରର ମଇ ଏବଂ ଅଗଷ୍ଟ 2008 ମଧ୍ୟରେ ହୋଇଥିବା ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଦୁଇଗୋଟି ମାମଲାରେ ବ୍ୟବସାୟୀମାନେ ଦ୍ରବ୍ୟ ଗୁଡିକର ଭୁଲ ଶ୍ରେଣୀ ବିଭାଗ କରି 2003-04 ଓ 2004-05 ବର୍ଷରେ 36.42 କୋଟି ଟଙ୍କାର ବିକ୍ରୟ ମୂଲ୍ୟ ଉପରେ ନିମ୍ନତର କର ହାରରେ କର ପୈଠ କରିଥିଲେ । ନିର୍ଦ୍ଧାରଣ ଅଧିକାରୀମାନେ ମଧ୍ୟ ରିଟର୍ଣ୍ଣ ଗୁଡିକ ଗ୍ରହଣ କରି ନଭେମ୍ବର 2006 ଏବଂ ମାର୍ଚ୍ଚ 2008 ମଧ୍ୟରେ ତଦନୁଯାୟୀ ନିର୍ଦ୍ଧାରଣ ଚୂଡାନ୍ତ କରିଥିଲେ । ଅନ୍ୟ ଏକ ମାମଲାରେ ଗଞ୍ଜାମ I ମଣ୍ଡଳର ନିର୍ଦ୍ଧାରଣ ଅଧିକାରୀ ମାର୍ଚ୍ଚ 2007 ରେ 2003-04 ବର୍ଷର ନିର୍ଦ୍ଧାରଣ ଚୂଡାନ୍ତ ସମୟରେ ଭ୍ରମାତ୍ମକ କରହାର ପ୍ରୟୋଗ କରିଥିଲେ । ଏହା ଫଳରେ ଅଧିଭାର ଜୋରିମାନା ସମେତ 1.93 କୋଟି ଟଙ୍କାର କର ଅବନିର୍ଦ୍ଧାରଣ ହୋଇଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଗଲା ।

---

35 ବାଲେଶ୍ୱର, କଟକ II ଏବଂ କୋରାପୁଟ ।

36 ଭଦ୍ରକ, ଭୁବନେଶ୍ୱର II, କଟକ II, ଗଜପତି, ଗଞ୍ଜାମ II, କେନ୍ଦ୍ରାପଡା, ରାଉରକେଲା II ଏବଂ ସମ୍ବଲପୁର II ।

37 ଢେଙ୍କାନାଳ, ଗଜପତି, ଗଞ୍ଜାମ II ଏବଂ ନୂଆପଡା ।

(ଟଙ୍କା ଲକ୍ଷ ଆକାରରେ)

| କ୍ରମିକ ସଂଖ୍ୟା | ମଣ୍ଡଳର ନାମ | ନିର୍ଦ୍ଧାରଣ ବର୍ଷ ନିର୍ଦ୍ଧାରଣ ମାସ | କରଯୋଗ୍ୟ କାରବାର | ଅଧିଭାର ଓ ଜୋରିମାନା ସମେତ ସ୍ୱଚ୍ଛାରୋପିତ କର | ମନ୍ତବ୍ୟ |
|---|---|---|---|---|---|
| 1. | କଟକ I (ପୂର୍ବ) | 2003-04 ଏବଂ 2004-05 ନଭେମ୍ବର 2006 ଓ ମାର୍ଚ୍ଚ 2008 | 3,172.59 | 139.59 | ଆସଫାଲଟ ଉପରେ 12 ପ୍ରତିଶତ ପରିବର୍ତ୍ତେ ଆଠ ପ୍ରତିଶତ ହାରରେ କର ନିର୍ଦ୍ଧାରଣ ହୋଇଥିଲା । |
| 2. | କଟକ I (କେନ୍ଦ୍ର) | 2004-05 ଡିସେମ୍ବର 2007 | 469.29 | 51.62 | ପ୍ୟାକେଟ ହୋଇଥିବା ଆଳୁଚିପ୍ସ ଏବଂ 'କୁରକୁରେ' 12 ପ୍ରତିଶତ ପରିବର୍ତ୍ତେ ଆଠ ପ୍ରତିଶତ ହାରରେ କର ନିର୍ଦ୍ଧାରଣ ହୋଇଥିଲା । |
| 3. | ଗଞ୍ଜାମ I | 2003-04 ମାର୍ଚ୍ଚ 2007 | 18.15 | 1.60 | ଏଆରକଣ୍ଡିସନର, ରେଫ୍ରିଜରେଟର, ଷ୍ଟାବିଲାଇଜର ଇତ୍ୟାଦି 12 ପ୍ରତିଶତ ପରିବର୍ତ୍ତେ ଚାରି ପ୍ରତିଶତ ହାରରେ କର ନିର୍ଦ୍ଧାରଣ ହୋଇଥିଲା । |
| ମୋଟ | | | | **192.81** | |

ଏହି ମାମଲାଗୁଡିକ ଦର୍ଶାଯିବା ପରେ, ସରକାର ଜୁଲାଇ 2009 ରେ କହିଲେ ଯେ କ୍ରମିକ ସଂଖ୍ୟା 1 ଓ 3 ମାମଲାରେ 1.41 କୋଟି ଟଙ୍କାର ଦାବି ଉତ୍ଥାପିତ ହୋଇଥିଲା ଏବଂ କ୍ରମିକ ସଂଖ୍ୟା 2 ରେ ଥିବା ମାମଲାରେ ଡିସେମ୍ବର 2008 ରେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । କ୍ରମିକ ସଂଖ୍ୟା 1 ଏବଂ 3 ମାମଲାରେ ଅସୁଲର ବିବରଣୀ ଏବଂ କ୍ରମିକ ସଂଖ୍ୟା 2 ମାମଲାର ଅଧିକତର ସ୍ଥିତି ହସ୍ତଗତ ହୋଇନଥିଲା (ଅକ୍ଟୋବର 2009) ।

***2.5.3.2*** ଓଡିଶା ସରକାରଙ୍କ ମାର୍ଚ୍ଚ 2001 ଅଧିସୂଚନା ଅନୁଯାୟୀ ଠିକା କାର୍ଯ୍ୟରେ ବ୍ୟବହାର ନିମନ୍ତେ କରମୁକ୍ତ ହୋଇ କ୍ରୟ ହୋଇଥିବା ଦ୍ରବ୍ୟଗୁଡିକର କ୍ରୟମୂଲ୍ୟ ଠିକା କାର୍ଯ୍ୟ କାରବାରର ଏକ ଅଂଶ ରୂପେ ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ ଉକ୍ତ ଦ୍ରବ୍ୟଗୁଡିକ ପ୍ରତି ପ୍ରଯୁଜ୍ୟ କର ହାରରେ କରଯୋଗ୍ୟ ଅଟେ । ପୁନଶ୍ଚ ଜାନୁଆରୀ 2002 ର ଅଧିସୂଚନା ଅନୁଯାୟୀ ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ କ୍ରୟ ହୋଇ ଠିକା କାର୍ଯ୍ୟରେ ବ୍ୟବହୃତ ଦ୍ରବ୍ୟମାନଙ୍କର କ୍ରୟମୂଲ୍ୟ ଉପରେ ବିକ୍ରୟର ଶେଷ ସ୍ଥଳରେ କର ଲାଗୁ ହୋଇଥାଏ । ଅଧିନିୟମ ଅଧିନରେ ବାଲି, ମୋରମ୍, ଚିପ୍ସ୍ ଓ ମେଟାଲ ବିନିର୍ଦ୍ଦିଷ୍ଟ ଦ୍ରବ୍ୟ ହୋଇ ନଥିବାରୁ 12 ପ୍ରତିଶତ ହାରରେ କରଯୋଗ୍ୟ ଅଟେ ।

ସେପ୍ଟେମ୍ବର 2008 ରେ କଟକ II ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ ଏବଂ ଜାନୁଆରୀ 2009 ରେ ହୋଇଥିବା ପରବର୍ତ୍ତୀ ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ଠିକାକାର୍ଯ୍ୟ ନିର୍ବାହ କରୁଥିବା ଜଣେ ପଞ୍ଜୀକୃତ ବ୍ୟବସାୟୀ 2003-04 ଏବଂ 2004-05 ବର୍ଷରେ 8.63 କୋଟି ଟଙ୍କା ମୂଲ୍ୟର ବାଲି, ମୋରମ, ଚିପ୍ସ୍ ଏବଂ ମେଟାଲ ରାଜ୍ୟ ମଧ୍ୟରୁ ଜଣେ ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ କରମୁକ୍ତ ଭାବେ କ୍ରୟ କରି ଠିକାକାର୍ଯ୍ୟରେ ବ୍ୟବହାର

କରିଥିଲେ । ନିର୍ଦ୍ଧାରଣ ଅଧିକାରୀ ମାର୍ଚ୍ଚ 2006 ରେ ନିର୍ଦ୍ଧାରଣ ଚୂଡାନ୍ତ ସମୟରେ ଠିକାକାର୍ଯ୍ୟରେ ବ୍ୟବହୃତ ଉକ୍ତ ଦ୍ରବ୍ୟଗୁଡିକ ଉପରେ ସମୁଚିତ 12 ପ୍ରତିଶତ ହାରରେ କର ଧାର୍ଯ୍ୟ ନକରି ଆଠ ପ୍ରତିଶତ ହାରରେ କରଧାର୍ଯ୍ୟ କରିଥିଲେ । ଏହା ଫଳରେ ଅଧିଭାର ସହ 37.98 ଲକ୍ଷ ଟଙ୍କାର କର ଅବନିର୍ଦ୍ଧାରଣ ହୋଇଥିଲା ।

ଏହା ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ଏପ୍ରିଲ 2009 ରେ ପୁନଃନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଚୂଡାନ୍ତ ହୋଇ 2003-04 ବର୍ଷ ନିମନ୍ତେ 1.71 ଲକ୍ଷ ଟଙ୍କା ଫେରସ୍ତ ଏବଂ 2004-05 ବର୍ଷ ନିମନ୍ତେ 5.65 ଲକ୍ଷ ଟଙ୍କାର ଅଧିକ ଦାବି ଉତ୍ଥାପନ ହୋଇଥିଲା । ଅସୁଲର ବିବରଣୀ ଓ ଫେରସ୍ତର କାରଣ ତଥା ଦାବିର ଭିନ୍ନତା ବିଷୟରେ ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.5.4 ଜୋରିମାନା ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ, ଅଧିନିୟମର ଅନ୍ୟ କୌଣସି ବ୍ୟବସ୍ଥାନୁସାରେ ଧାର୍ଯ୍ୟ କୌଣସି ଜୋରିମାନା କିମ୍ବା ସୁଧ ଉପରେ ପ୍ରତିକୂଳ ପ୍ରଭାବ ନପକାଇ ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କରର ଦୁଇଗୁଣ ଜୋରିମାନା ଆକାରରେ ଧାର୍ଯ୍ୟ ହୋଇପାରିବ । ପୁନଶ୍ଚ ଅଧିନିୟମ ଅଧିନରେ କୌଣସି ପଞ୍ଜୀକୃତ ବ୍ୟବସାୟୀ ତାଙ୍କର ଦେୟ କରଠାରୁ ଅଧିକ କର ସଂଗ୍ରହ କରିଥିଲେ ସେ ସଂଗ୍ରହ କରିଥିବା କର ସହିତ ଦୁଇଗୁଣ ଜୋରିମାନା ରୂପେ ଦେବାକୁ ଦାୟୀ ରହିବେ ।

***2.5.4.1*** କଟକ II ମଣ୍ଡଳର ସମୀକ୍ଷା ନିର୍ଦ୍ଧାରଣ ଗୁଡିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଏପ୍ରିଲ 2005 ରୁ ସେପ୍ଟେମ୍ବର 2007 ଅବଧି ନିମନ୍ତେ ଜଣେ ବ୍ୟବସାୟୀଙ୍କ ଉପରେ ମଇ 2008 ରେ 2.53 କୋଟି ଟଙ୍କାର କର ଦାବି ଉତ୍ଥାପନ କରାଯାଇଥିଲା । ଏହା ମଧ୍ୟରୁ 73.47 ଲକ୍ଷ ଟଙ୍କା ବ୍ୟବସାୟୀ ଜଣକ 7.42 କୋଟି ଟଙ୍କାର କାରବାର ନିଜସ୍ୱ ନିର୍ଦ୍ଧାରଣ ରିଟର୍ଣ୍ଣରେ ପ୍ରକାଶ କରିନଥିବା ହେତୁ ଆଦାୟଯୋଗ୍ୟ ଥିଲା । କାରବାର ଗୋପନ ହେତୁ 1.47 କୋଟି ଟଙ୍କା ଜୋରିମାନା ଆକାରରେ ଧାର୍ଯ୍ୟ ହେବାକୁ ଥିଲେ ମଧ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମଇ 2008 ରେ ନିର୍ଦ୍ଧାରଣ ଚୂଡାନ୍ତ କାଳରେ ଜୋରିମାନା ଧାର୍ଯ୍ୟ କରିନଥିଲେ । ଫଳରେ 1.47 କୋଟି ଟଙ୍କାର ଜୋରିମାନା ଅନାରୋପଣ ହୋଇଥିଲା ।

ଏହା ଦର୍ଶାଯିବା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଡିସେମ୍ବର 2008 ରେ କହିଲେ ଯେ ମାମଲାଟି ପରୀକ୍ଷା କରାଯିବ । ମାମଲାଟିର ଅଧିକତର ବିବବରଣୀ ମିଳିନଥିଲା (ଅକ୍ଟୋବର 2009) ।

***2.5.4.2*** କଟକ II ମଣ୍ଡଳର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଦୁଇଜଣ ବ୍ୟବସାୟୀ ଏପ୍ରିଲ 2005 ରୁ ମଇ 2006 ମଧ୍ୟରେ ନିର୍ଦ୍ଧାରିତ କରଠାରୁ ଅଧିକ 27,138 ଟଙ୍କା କର ବାବଦକୁ ଆଦାୟ କରିଥିଲେ । ଅକ୍ଟୋବର 2006 ରେ ନିର୍ଦ୍ଧାରଣ ସମୟରେ ଏଥି ନିମନ୍ତେ ଦାବି କରାଗଲା ନାହିଁ କିମ୍ବା 54,276 ଟଙ୍କାର ଜୋରିମାନା ଧାର୍ଯ୍ୟ କରାଗଲା ନାହିଁ । ଏହା ବ୍ୟତୀତ ନିର୍ଦ୍ଧାରଣରେ 1.06 ଲକ୍ଷ ଟଙ୍କା ପାଉଣା ଧାର୍ଯ୍ୟ ହୋଇଥିଲେ ମଧ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଦାବି ଉତ୍ଥାପନ କରିନଥିଲେ । ଏହା ଫଳରେ 54,276 ଟଙ୍କାର ଜୋରିମାନା ସହିତ 1.87 ଲକ୍ଷ ଟଙ୍କାର ସ୍ୱଳ୍ପ ଦାବି ହୋଇଥିଲା ।

ଏହା ଦର୍ଶାଯିବା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଡିସେମ୍ବର 2008 ରେ କହିଲେ ଯେ ମୁଖ୍ୟ କାର୍ଯ୍ୟାଳୟରୁ ମଞ୍ଜୁରୀ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ । ମାମଲାଟିର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ଜୁଲାଇ 2009 ରେ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5.5 ବିକ୍ରୟ କର ପ୍ରୋତ୍ସାହନ ପରିକଳ୍ପନାରେ ଅଧିକ ଅବ୍ୟାହତି ମଞ୍ଜୁରୀ

ଓଡିଶା ବିକ୍ରୟ କର ଅଧିନିୟମ ସହ ପଠିତ ଶିଳ୍ପନୀତି ସଂକଳ୍ପ, 1996 ଅଧିନରେ ଜୋନ୍ 'ସି'[38] ଅଞ୍ଚଳରେ ଅବସ୍ଥିତ କୌଣସି କ୍ଷୁଦ୍ର ଶିଳ୍ପାନୁଷ୍ଠାନ ତାହାର କଞ୍ଚାମାଲ, ଯନ୍ତ୍ରାଂଶ, ଅତିରିକ୍ତ ଯନ୍ତ୍ରାଂଶ ଏବଂ ପ୍ୟାକିଙ୍ଗ ନିମନ୍ତେ ବ୍ୟବହୃତ ଦ୍ରବ୍ୟଗୁଡିକର କ୍ରୟ ଏବଂ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ଉପରେ ସ୍ଥାୟୀ ପୁଞ୍ଜି ଲଗାଣର ଶତପ୍ରତିଶତ ସୀମା ପର୍ଯ୍ୟନ୍ତ ତାହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ଦେବା ଦିନଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କର ଅବ୍ୟାହତି ପାଇପାରିବ । କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମର ବ୍ୟବସ୍ଥାନୁଯାୟୀ ଅର୍ପିତ କ୍ଷମତା ବଳରେ ଜାରି ହୋଇଥିବା ଓଡିଶା ସରକାରଙ୍କ ମାର୍ଚ୍ଚ 2001 ଅଧିସୂଚନା ଅନୁସାରେ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଗୁଡିକର ଆନ୍ତଃରାଜ୍ୟ ବିକ୍ରୟରେ 1 ଏପ୍ରିଲ 2001 ଠାରୁ ଫାରମ୍ 'ଗ' ଘୋଷଣାପତ୍ର ଥିଲେ ଏକ ପ୍ରତିଶତ ରିଆତି ହାରରେ କର ଧାର୍ଯ୍ୟ ହୁଏ । ଫେବୃଆରୀ 2003 ରେ ବାଣିଜ୍ୟ କର କମିଶନର, ଓଡିଶାଙ୍କ ଦ୍ୱାରା ସ୍ପଷ୍ଟ ହୋଇଅଛି ଯେ ଶିଳ୍ପନୀତି ସଂକଳ୍ପ ଅଧିନରେ ବିକ୍ରୟ କର ଅବ୍ୟାହତି ଲାଭ କରୁଥିବା କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନମାନଙ୍କୁ ଏହି ରିଆତି ଲାଗୁ ହେବ ନାହିଁ ।

***2.5.5.1*** ସେପ୍ଟେମ୍ବର 2008 ରେ କଟକ II ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ ଏବଂ ଜାନୁଆରୀ 2009 ରେ ହୋଇଥିବା ପରବର୍ତ୍ତୀ ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଜୁଲାଇ 2007 ରେ ଶିଳ୍ପନୀତି ସଂକଳ୍ପ, 1996 ରେ ଅବ୍ୟାହତି ଲାଭ କରୁଥିବା ଏକ କ୍ଷୁଦ୍ର ଶିଳ୍ପାନୁଷ୍ଠାନର 2004-05 ବର୍ଷର ନିର୍ଦ୍ଧାରଣ ଚୂଡାନ୍ତ କାଳରେ 14.68 କୋଟି ଟଙ୍କାର ଆନ୍ତଃରାଜ୍ୟ କାରବାର ଉପରେ ଚାରି ପ୍ରତିଶତ ପରିବର୍ତ୍ତେ ଏକ ପ୍ରତିଶତ ରିଆତି ହାରରେ କର ହିସାବ କରିଥିଲେ । ଏହା ଫଳରେ 44.05 ଲକ୍ଷ ଟଙ୍କାର କର ସ୍ୱଳ୍ପ ହିସାବ ହୋଇଥିଲା । ଏହା ମଧ୍ୟ ଦେଖାଗଲା ଯେ 2002-03 ଏବଂ 2003-04 ବର୍ଷର 11.33 କୋଟି ଟଙ୍କାର ଆନ୍ତଃରାଜ୍ୟ କାରବାର ଉପରେ ଚାରି ପ୍ରତିଶତ ହାରରେ ନିର୍ଦ୍ଧାରିତ 45.30 ଲକ୍ଷ ଟଙ୍କାର କର ଅବ୍ୟାହତି ସୀମା ପର୍ଯ୍ୟନ୍ତ ଅବ୍ୟାହତି ମଞ୍ଜୁର କରିବା ନିମନ୍ତେ ହିସାବକୁ ନିଆଯାଇନଥିଲା । ଫଳରେ ମୋଟ 89.35 ଲକ୍ଷ ଟଙ୍କାର କର ସ୍ୱଳ୍ପ ହିସାବ ହୋଇ ପରିଣାମତଃ 89.35 ଲକ୍ଷ ଟଙ୍କାର ଅଧିକ କର ଅବ୍ୟାହତି ଲାଭ କରିଥିଲା ।

ପୁନଶ୍ଚ ଏହା ମଧ୍ୟ ଦେଖାଗଲା ଯେ 2.65 କୋଟି ଟଙ୍କା ସ୍ଥାୟୀ ପୁଞ୍ଜି ଲଗାଣ ଉପରେ ବ୍ୟବସାୟୀ 2002-03 ବର୍ଷରେ 1.66 କୋଟି ଟଙ୍କାର କର ଅବ୍ୟାହତି ପାଇଥିଲେ ଏବଂ ଅବଶିଷ୍ଟ 99.22 ଲକ୍ଷ ଟଙ୍କା ପରବର୍ତ୍ତୀ ଯୋଗ୍ୟତା ସମୟ ମଧ୍ୟରେ ଅବ୍ୟାହତି ପାଇବାକୁ ହକ୍‌ଦାର ଥିଲେ । ମାର୍ଚ୍ଚ 2005 ଏବଂ ଜୁଲାଇ 2007 ରେ ନିର୍ଦ୍ଧାରଣ ଅଧିକାରୀ ଉଭୟ ଓଡିଶା ବିକ୍ରୟ କର ଅଧିନିୟମ ଓ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ 2003-04 ଏବଂ 2004-05 ବର୍ଷର ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ 131.21 ଲକ୍ଷ ଟଙ୍କାର ଅବ୍ୟାହତି ମଞ୍ଜୁର କରିଥିଲେ । ଏହା ଫଳରେ 31.99 ଲକ୍ଷ ଟଙ୍କାର ଅଧିକ ଅବ୍ୟାହତି ଦିଆଯାଇଥିଲା । ଏହିଭଳି ମୋଟ 1.21 କୋଟି ଟଙ୍କାର ଅଧିକ ଅବ୍ୟାହତି ଦିଆଯାଇଥିଲା ।

---

38 ଜୋନ୍ ସି ଅଞ୍ଚଳ – ଶିଳ୍ପାନୁଷ୍ଠାନ ସ୍ଥାପନରେ ପଛୁଆ ଅବସ୍ଥାକୁ ନେଇ ଓଡିଶାକୁ ବିଭିନ୍ନ ଅଞ୍ଚଳ (ଜୋନ୍) ରେ ବିଭକ୍ତ କରାଯାଇଅଛି । ଜୋନ୍ ସି ଅଞ୍ଚଳରେ ଅନୁଗୁଳ, ବାଲେଶ୍ୱର, ବରଗଡ, ବ୍ରହ୍ମପୁର, ଭୁବନେଶ୍ୱର, ଛତ୍ରପୁର, କଟକ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, ପାନପୋଷ, ରାୟଗଡା, ସମ୍ବଲପୁର ଏବଂ ତାଳଚେର ଉପଖଣ୍ଡ ରହିଅଛି ।

ମାମଲାଟି ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ବ୍ୟବସାୟୀଙ୍କର ହିସାବ ଫର୍ଦ୍ଦର ସମ୍ୟକ ପରୀକ୍ଷା ନିମନ୍ତେ ପତ୍ର ପ୍ରେରଣ କାରାଯାଇଥିଲା ଯାହା ଫଏସଲା ନିମନ୍ତେ ବିଚାରାଧିନ ଥିଲା । ବିଷୟଟିର ଅଧିକତର ସ୍ଥିତି ମିଳିନଥିଲା (ଅକ୍ଟୋବର 2009 ) ।

***2.5.5.2*** ଜୁଲାଇ 2008 ରେ ଭୁବନେଶ୍ୱର III ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ ଏବଂ ମାର୍ଚ୍ଚ 2009 ରେ ସଂଗୃହୀତ ସୂଚନା ଆଧାରରେ ଜଣାଗଲା ଯେ ଶିଳ୍ପନୀତି ସଂକଳ୍ପ, 1996 ଅଧିନରେ ଥିବା ଏକ ପଞ୍ଜୀକୃତ କ୍ଷୁଦ୍ର ଶିଳ୍ପ ସଂସ୍ଥା ତାହାର ସ୍ଥାୟୀପୁଞ୍ଜି ଲଗାଣ ସୀମା ପର୍ଯ୍ୟନ୍ତ ଅର୍ଥାତ 45.68 ଲକ୍ଷ ଟଙ୍କାର କର ଅବ୍ୟାହତି ନିମନ୍ତେ ଯୋଗ୍ୟଥିଲା । ନିର୍ଦ୍ଧାରଣ ଅଧିକାରୀ ମାର୍ଚ୍ଚ 2003 ଏବଂ ଫେବୃଆରୀ 2007 ରେ ବ୍ୟବସାୟୀଙ୍କର 2001-02 ରୁ 2003-04 ବର୍ଷର ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା ସମୟରେ 6.21 କୋଟି ଟଙ୍କାର ଆନ୍ତଃରାଜ୍ୟ କାରବାର ଉପରେ ଚାରି ପ୍ରତିଶତ କର ହାର ବଦଳରେ ଏକ ପ୍ରତିଶତ ହାରରେ କର ହିସାବ କରିଥିଲେ । ଏହା ଫଳରେ କରର ସ୍ୱଳ୍ପ ହିସାବ ହୋଇ ପରିଣାମତଃ 18.63 ଲକ୍ଷ ଟଙ୍କା ଅଧିକ କର ଅବ୍ୟାହତି ମଞ୍ଜୁର ହୋଇଥିଲା ।

ଏହା ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ମଇ 2009 ରେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତ ହୋଇ 76.06 ଲକ୍ଷ ଟଙ୍କାର ଦାବି ଉତ୍ଥାପିତ ହୋଇଥିଲା ଯେଉଁଥିରେ ଅନ୍ୟାନ୍ୟ ବିଷୟ ବିଚାର ହୋଇଥିଲା । ଅସୁଲର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.5.6 କଚ୍ଚା ତମାଖୁ ଉପରେ କର ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ କଚ୍ଚା ତମାଖୁ 1 ଜୁଲାଇ 2005 ରୁ 31 ମଇ 2007 ପର୍ଯ୍ୟନ୍ତ ଚାରି ପ୍ରତିଶତ ହାରରେ କରଯୋଗ୍ୟ ଅଟେ । ପୁନଶ୍ଚ କର ଏଡାଇ ଦିଆଯାଇଥିଲେ କିମ୍ବା କରରୁ ନିସ୍ତାରଣ ହୋଇଥିଲେ ଅତିରିକ୍ତ ନିର୍ଦ୍ଧାରଣ ହୋଇଥିବା କରର ଦୁଇଗୁଣ ଜୋରିମାନା ଆକାରରେ ଲାଗୁହୁଏ ।

ସେପ୍ଟେମ୍ବର 2008 ରେ ସମ୍ବଲପୁର I ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ଦେଖାଗଲା ଯେ ଜଣେ ପଞ୍ଜୀକୃତ ବ୍ୟବସାୟୀ ଜୁଲାଇ 2005 ରୁ ମାର୍ଚ୍ଚ 2007 ମଧ୍ୟରେ 10.71 କୋଟି ଟଙ୍କା ମୂଲ୍ୟର କଚ୍ଚା (ଅଣଉତ୍ପାଦିତ) ତମାଖୁ ବିକ୍ରୟ ଉପରେ କର ଦେଇନଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଜୁଲାଇ 2007 ରେ ବ୍ୟବସାୟୀଙ୍କର ଏପ୍ରିଲ 2005 ରୁ ମାର୍ଚ୍ଚ 2007 ଅବଧିର ନିର୍ଦ୍ଧାରଣ ଚୂଡ଼ାନ୍ତ କଲାବେଳେ ଏହି ବିକ୍ରୟ କାରବାରକୁ କରମୁକ୍ତ ବିକ୍ରୟ ବିବେଚନା କରି କର ଧାର୍ଯ୍ୟ କରିନଥିଲେ । ଏହା ଫଳରେ 42.86 ଲକ୍ଷ ଟଙ୍କାର କର ଅନାରୋପଣ ହୋଇଥିଲା । ଏହା ବ୍ୟତୀତ 85.72 ଲକ୍ଷ ଟଙ୍କା ଜୋରିମାନା ଧାର୍ଯ୍ୟ ହେବାକୁ ଥିଲା ।

ମାମଲାଟି ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ନିସ୍ତାର ପାଇଥିବା କାରବାର ଉପରେ କର ନିର୍ଦ୍ଧାରଣ ନିମନ୍ତେ ଜାନୁଆରୀ 2009 ରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ବ୍ୟବସାୟୀ ଅଧିକ ସମୟ ମାଗିଥିବାରୁ ମାମଲାଟି ବିଚାରାଧିନ ଥିଲା । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.5.7 ବିଳମ୍ବରେ କର ପ୍ରଦାନ/ଅପ୍ରଦାନ ବାବଦରେ ସୁଧ ଓ ଜୋରିମାନା ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀ ଅନୁସାରେ ଯଦି ଅଧିନିୟମ ଅଧିନରେ ଜଣେ ବ୍ୟବସାୟୀ ରିଟର୍ଣ୍ଣ ଦାଖଲ କରିବା ଆବଶ୍ୟକ ଏବଂ ରିଟର୍ଣ୍ଣ, ପୁନଃରିକ୍ଷୀତ ରିଟର୍ଣ୍ଣ କିମ୍ବା ଚୂଡ଼ାନ୍ତ ରିଟର୍ଣ୍ଣ ମୁତାବକ କୌଣସି ସମୟର କରଦେୟ ଯଥେଷ୍ଟ କାରଣ ନଥାଇ ପ୍ରଦାନ କରିବାରେ ବିଫଳ ହୁଅନ୍ତି ତେବେ ସେହି ବ୍ୟବସାୟୀ ରିଟର୍ଣ୍ଣ

ମୁତାବକ ଯେଉଁ କର ପ୍ରଦାନ କରିବାକୁ ବିଫଳ ହୋଇଥିବେ ସେହି କର ପରିମାଣ ଉପରେ ରିଟର୍ଣ୍ଣ ଦାଖଲ ଦିନଠାରୁ କର ପ୍ରଦାନ ଦିନ କିମ୍ବା ନିର୍ଦ୍ଧାରଣ ଆଦେଶ ଦିନ ମଧ୍ୟରୁ ଯେଉଁଦିନ ଆଗ ହୋଇଥିବ ସେହିଦିନ ପର୍ଯ୍ୟନ୍ତ ଏକ ପ୍ରତିଶତ ହାରରେ (1 ଏପ୍ରିଲ 2005 ରୁ 30 ଜୁନ 2005 ପର୍ଯ୍ୟନ୍ତ ଦୁଇ ପ୍ରତିଶତ ହାରରେ) ସୁଧ ଦେବାକୁ ଦାୟୀ ରହିବେ । ନିୟମାବଳୀରେ ଏହା ମଧ୍ୟ ବ୍ୟବସ୍ଥା ଅଛି ଯେ ଯଦି ବ୍ୟବସାୟୀ କୌଣସି କର ଅବଧିର ରିଟର୍ଣ୍ଣ ସହ ଦେୟ କର ଏବଂ ଏହା ଉପରେ ଲାଗୁ ହେଉଥିବା ସୁଧ ଉଭୟ ପରିମାଣ ରିଟର୍ଣ୍ଣ ସହିତ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ଏହା ଉପରେ ନିର୍ଦ୍ଦିଷ୍ଟ ଦିନଠାରୁ ଦେୟ ପ୍ରଦାନ ଦିନ ପର୍ଯ୍ୟନ୍ତ କିମ୍ବା ନିର୍ଦ୍ଧାରଣ ଆଦେଶ ଦିନ ମଧ୍ୟରୁ ଯାହା ଶୀଘ୍ର ହେବ ସେହି ଦିନ ପର୍ଯ୍ୟନ୍ତ ମାସିକ ଦୁଇ ପ୍ରତିଶତ ହାରରେ ଜୋରିମାନା ପ୍ରଦାନ ନିମନ୍ତେ ପୂର୍ବରୁ ନୋଟିସ ଦିଆଯାଇ ଧାର୍ଯ୍ୟ କରାଯିବ ।

ଚାରିଗୋଟି ମଣ୍ଡଳ[39] ଏବଂ ଚାରିଗୋଟି ରେଞ୍ଜର[40] ସମୀକ୍ଷିତ ନିର୍ଦ୍ଧାରଣ ଏବଂ ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣ ଗୁଡ଼ିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ 30 ଜଣ ବ୍ୟବସାୟୀ 75.01 କୋଟି ଟଙ୍କାର କର ଦିନକଠାରୁ 442 ଦିନ ପର୍ଯ୍ୟନ୍ତ ବିଳମ୍ବରେ ପ୍ରଦାନ କରିଥିଲେ । ପୁନଶ୍ଚ କଟକ II ମଣ୍ଡଳରେ ଜଣେ ବ୍ୟବସାୟୀ ଏପ୍ରିଲ 2005 ରୁ ଡିସେମ୍ବର 2006 କର ଅବଧିର ସେ ସ୍ୱୀକାର କରିଥିବା 1.43 ଲକ୍ଷ ଟଙ୍କାର କର ରିଟର୍ଣ୍ଣ ସହିତ ପୈଠ କରିନଥିଲେ । ସୁଧ ଓ ଜୋରିମାନା ବାବଦକୁ ଯଥାକ୍ରମେ 39.35 ଲକ୍ଷ ଟଙ୍କା ଓ 50.30 ଲକ୍ଷ ଟଙ୍କା ଧାର୍ଯ୍ୟଯୋଗ୍ୟ ଥିଲେ ମଧ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଏହା ଧାର୍ଯ୍ୟ କରିନଥିଲେ ।

ବିଷୟଟି ସରକାରଙ୍କୁ ଜୁଲାଇ 2009 ରେ ଜଣାଇଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5.8 ପ୍ରବେଶ କର ଅନାରୋପଣ/ସ୍ୱଳ୍ପାରୋପଣ

ଓଡିଶା ପ୍ରବେଶ କର ଅଧିନିୟମ, 1999 ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ କୌଣସି ସ୍ଥାନୀୟ ଅଞ୍ଚଳକୁ ଉକ୍ତ ଅଞ୍ଚଳରେ ବିନିଯୋଗ, ବ୍ୟବହାର ଓ ବିକ୍ରୟ ନିମନ୍ତେ ପ୍ରବେଶ କରୁଥିବା ଅନୁସୂଚୀତ ଦ୍ରବ୍ୟଗୁଡିକ ଉପରେ ଅଧିନିୟମରେ ସନ୍ନିବେଶିତ ଅନୁସୂଚୀର ବିହିତ ହାରରେ ପ୍ରବେଶ କର ଧାର୍ଯ୍ୟ ହୁଏ । ଭୁଜିଆ, ମିକ୍ଶ୍ଚର ଏବଂ ଯନ୍ତ୍ରାଂଶ ଦୁଇ ପ୍ରତିଶତ ହାରରେ ଏବଂ ସିନ୍ଥେଟିକ୍ ରବର ଓ କାର୍ବନ ବ୍ଲାକ୍ (ରାସାୟନିକ ଦ୍ରବ୍ୟ) ଏକ ପ୍ରତିଶତ ହାରରେ ପ୍ରବେଶ କରଯୋଗ୍ୟ ଅଟେ । ପୁନଶ୍ଚ ଅନୁସୂଚୀତ ଦ୍ରବ୍ୟଗୁଡିକ କଞ୍ଚାମାଲ ରୂପେ ବ୍ୟବହୃତ ହେବାକୁ କୌଣସି ଉତ୍ପାଦନକାରୀଙ୍କ ଦ୍ୱାରା ସ୍ଥାନୀୟ ଅଞ୍ଚଳକୁ ପ୍ରଥମ ପ୍ରବେଶ ଭାବେ ଅଣାଯାଇଥିଲେ ବିହିତ ହାରର 50 ପ୍ରତିଶତ ରିଆତି ହାରରେ କରଯୋଗ୍ୟ ହୁଏ ।

ମଇ ଏବଂ ଅଗଷ୍ଟ 2008 ମଧ୍ୟରେ ତିନିଗୋଟି ମଣ୍ଡଳର[41] ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ତିନିଗୋଟି ବ୍ୟବସାୟୀଙ୍କର 2002-03 ଏବଂ 2004-05 ବର୍ଷର ନିର୍ଦ୍ଧାରଣ ମାର୍ଚ୍ଚ 2006 ଏବଂ ଜାନୁଆରୀ 2008 ମଧ୍ୟରେ ଚୂଡାନ୍ତ କରିବା ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ସିନ୍ଥେଟିକ୍ ରବର, କାର୍ବନ ବ୍ଲାକ୍, କୁରକୁରେ ଏବଂ ଭୁଜିଆ ଉପରେ କର ଧାର୍ଯ୍ୟ କରିନଥିଲେ ଏବଂ ଯନ୍ତ୍ରାଂଶ ଉପରେ ନିମ୍ନତର ହାରରେ କର ପ୍ରୟୋଗ କରିଥିଲେ । ଏହା ଫଳରେ 70.04 ଲକ୍ଷ ଟଙ୍କାର ପ୍ରବେଶ କର ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ।

---

39 କଟକ II, ଗଞ୍ଜାମ II, ନୂଆପଡା ଏବଂ ରାଉରକେଲା II ।

40 ବାଲେଶ୍ୱର, ଭୁବନେଶ୍ୱର, କଟକ II ଏବଂ ସୁନ୍ଦରଗଡ ।

41 ବାଲେଶ୍ୱର, କଟକ I (କେନ୍ଦ୍ର) ଏବଂ ଜଗତସିଂହପୁର ।

ମାମଲାଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ବ୍ୟବସାୟୀ ମାନଙ୍କର ପୁନଃନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇ ଫଏସଲା ନିମନ୍ତେ ବିଚାରାଧିନ ଥିଲା । ମାମଲାଗୁଡିକର ଅଧିକ ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.5.9 ଅନିୟମିତ ବିୟୋଗୀକରଣ ମଞ୍ଜୁରୀ ହେତୁ କର ଅବନିର୍ଦ୍ଧାରଣ

ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ ତାରଛଡ ଚାରି ପ୍ରତିଶତ ହାରରେ କରଯୋଗ୍ୟ ଏବଂ ଲୌହ ସାମାନ ଗୁଡିକ ଅବିନିର୍ଦ୍ଦିଷ୍ଟ ଦ୍ରବ୍ୟ ହୋଇଥିବାରୁ 12 ପ୍ରତିଶତ ହାରରେ କରଯୋଗ୍ୟ ଅଟେ । ଏତଦ୍‌ବ୍ୟତୀତ ଯଥେଷ୍ଟ କାରଣ ନଥାଇ ଭ୍ରମାତ୍ମକ ବିବରଣୀ ଦାଖଲ ହୋଇଥିଲେ ନିର୍ଦ୍ଧାରିତ ହୋଇଥିବା କରର ଦେଢଗୁଣ ଜୋରିମାନା ଧାର୍ଯ୍ୟ ହୋଇଥାଏ ।

ଅଗଷ୍ଟ 2008 ରେ ଗଞ୍ଜାମ II ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଜଣେ ପଞ୍ଜୀକୃତ ବ୍ୟବସାୟୀ କର ପ୍ରଦତ୍ତ ହୋଇଥିବା କଞ୍ଚାମାଲ ଯଥା ଲୁହାଛଡ ଏବଂ ଛାଞ୍ଚ ଚୂର୍ଣ୍ଣ ବ୍ୟବହାର କରି ଲୁହା କଣ୍ଟା, ବାଡ ନିର୍ମାଣ ନିମନ୍ତେ କଣ୍ଟାତାର ଏବଂ ତାରକୁଣ୍ଡଳୀ ଇତ୍ୟାଦି ଲୁହା ସାମାନ ମାନ ଉତ୍ପାଦନ କରି ସେଗୁଡିକର ବିକ୍ରୟ ଉପରେ କର ଦେଇନଥିଲେ । ବ୍ୟବସାୟୀ ଜଣଙ୍କ ଉତ୍ପାଦିତ ଦ୍ରବ୍ୟର ବିକ୍ରୟକୁ କର ଦିଆଯାଇଥିବା ଦ୍ରବ୍ୟ ଦର୍ଶାଇ କର ଅବ୍ୟାହତି ଦାବି କରିଥିଲେ । ମାର୍ଚ୍ଚ 2008 ରେ ନିର୍ଦ୍ଧାରଣ ଅଧିକାରୀ ନିର୍ଦ୍ଧାରଣ ଚୂଡାନ୍ତ କରିବା ସମୟରେ ପ୍ରଥମ ସ୍ଥଳରେ କର ପ୍ରଦତ୍ତ ହୋଇଥିବା ବିବେଚନା କରି ଉତ୍ପାଦିତ ଦ୍ରବ୍ୟର ସମସ୍ତ କାରବାରକୁ ବିୟୋଗ କରି 'ଶୂନ୍ୟ' କର ନିର୍ଦ୍ଧାରଣ କରିଥିଲେ । ଉତ୍ପାଦିତ ଦ୍ରବ୍ୟ ଓ କଞ୍ଚାମାଲ ଗୁଡିକ କର ହାର ତାଲିକାରେ ଭିନ୍ନ ଭିନ୍ନ ଶ୍ରେଣୀଭୁକ୍ତ ହୋଇଥିବାରୁ ଦିଆଯାଇଥିବା ବିୟୋଗୀକରଣ ମଞ୍ଜୁରୀ ଅନିୟମିତ ଥିଲା । ଏହା ଫଳରେ ଅଧିଭାର ସହିତ 13.27 ଲକ୍ଷ ଟଙ୍କାର କର ଅବନିର୍ଦ୍ଧାରଣ ହୋଇଥିଲା । ଏହାଛଡା 19.90 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଆରୋପଣ ଯୋଗ୍ୟ ଥିଲା ।

ମାମଲାଟି ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ମାମଲାଟି ଅଗଷ୍ଟ 2008 ରେ ପୁନଃଉନ୍ମୁକ୍ତ ହୋଇ ଫଏସଲା ଅପେକ୍ଷାରେ ଅଛି । ମାମଲାର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.5.10 ଚଳନ ବିକ୍ରୟର ଅନିୟମିତ ମଞ୍ଜୁରୀ ହେତୁ କର ଅବନିର୍ଦ୍ଧାରଣ

କେନ୍ଦ୍ରୀୟ ବିକ୍ରୟ କର ଅଧିନରେ ଆନ୍ତଃରାଜ୍ୟ ବାଣିଜ୍ୟ ଓ ବ୍ୟବସାୟ କ୍ରମେ କୌଣସି ଦ୍ରବ୍ୟର ବିକ୍ରୟ ଦସ୍ତାବିଜ ହସ୍ତାନ୍ତର ମାଧ୍ୟମରେ ହୋଇ ଏହାର ସତ୍ୱ ପରିବର୍ତ୍ତନ ହୋଇଥିଲେ ଏହା କରଯୋଗ୍ୟ ନୁହେଁ । ଏହି ଚଳନ ବିକ୍ରୟର ସମର୍ଥନ ନିମନ୍ତେ ଦ୍ରବ୍ୟର ସ୍ଥାନାନ୍ତର କରୁଥିବା ଓ ଗ୍ରହଣ କରୁଥିବା ବ୍ୟବସାୟୀମାନେ ଯଥାକ୍ରମେ ଫର୍ମ ଡ଼-I କିମ୍ବା ଫର୍ମ ଡ଼-II ପ୍ରମାଣପତ୍ର ଏବଂ ଫର୍ମ 'ଗ' ଘୋଷଣାନାମା ଦାଖଲ କରିବା ଆବଶ୍ୟକ । ଫର୍ମ 'ଗ' ଘୋଷଣାନାମା ଦ୍ୱାରା ସମର୍ଥିତ ଲୁହାଗୁଣ୍ଡ, ଲୁହା ଟୁକୁରା, କୋଇଲା ଓ କୋକ୍ ବିକ୍ରୟ ଉପରେ ଚାରି ପ୍ରତିଶତ ହାରରେ କର ଲାଗୁହୁଏ ।

ସେପ୍ଟେମ୍ବର 2008 ରେ ରାଉରକେଲା I ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଲୁହାଗୁଣ୍ଡ, ଲୁହା ଟୁକୁରା, କୋଇଲା ଓ କୋକ୍ ବ୍ୟବସାୟ କରୁଥିବା ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କର 2005-06 ବର୍ଷର ନିର୍ଦ୍ଧାରଣ ଫେବୃଆରୀ 2008 ରେ ଚୂଡାନ୍ତ କରାବେଳେ ନିର୍ଦ୍ଧାରଣ ଅଧିକାରୀ 7.97 କୋଟି ଟଙ୍କାର ବିକ୍ରୟ କାରବାରକୁ ଚଳନ ବିକ୍ରୟ ରୂପେ ବିବେଚନା କରି କେନ୍ଦ୍ରୀୟ ବିକ୍ରୟ କରରୁ ଅବ୍ୟାହତି ପ୍ରଦାନ କରିଥିଲେ ।

ନିର୍ଦ୍ଧାରଣ ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ଉପରୋକ୍ତ ବିକ୍ରୟ କାରବାର ଫର୍ମ 'ଗ' ଘୋଷଣାନାମା ଦ୍ୱାରା ସମର୍ଥିତ ହୋଇଥିଲେ ହେଁ ଫର୍ମ ଙ-I କିମ୍ବା ଫର୍ମ ଙ-II ପ୍ରମାଣପତ୍ର ଦ୍ୱାରା ସମର୍ଥିତ ହୋଇନଥିଲା । ଫଳରେ ଚଳନ ବିକ୍ରୟର ଅନିୟମିତ ମଞ୍ଜୁରୀ ହୋଇ 31.89 ଲକ୍ଷ ଟଙ୍କାର କର ଅବନିର୍ଦ୍ଧାରଣ ହୋଇଥିଲା ।

ମାମଲାଟି ଦର୍ଶାଯିବାପରେ ସରକାର ଜୁଲାଇ 2009 ରେ କହିଲେ ଯେ ବ୍ୟବସାୟୀ ଚଳନ ବିକ୍ରୟ ସମର୍ଥନରେ ମୂଳ ନିର୍ଦ୍ଧାରଣ କାଳରେ ଦାଖଲ କରିନଥିବା ଫର୍ମ ଙ-I ପ୍ରମାଣପତ୍ର ପୁନଃନିର୍ଦ୍ଧାରଣ ସମୟରେ ଦାଖଲ କରିଥିବାରୁ ବ୍ୟବସାୟୀଙ୍କର ପୁନଃନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇ ରଦ୍ଦ ହୋଇଥିଲା । ମାତ୍ର କେନ୍ଦ୍ରୀୟ ବିକ୍ରୟ କର (ପଞ୍ଜୀକରଣ ଓ କାରବାର) ନିୟମାବଳୀ, 1957 ରେ ବ୍ୟବସ୍ଥା ଅଛି ଯେ ପ୍ରଥମ ନିର୍ଦ୍ଧାରଣ ସମୟରେ ନିର୍ଦ୍ଧାରଣ ଅଧିକାରୀଙ୍କ ନିକଟରେ ଙ-I ଘୋଷଣାପତ୍ର ଦାଖଲ ହେବ । ଅତଏବ ଙ-I ଘୋଷଣାପତ୍ର ଗ୍ରହଣ ଅନିୟମିତ ଥିଲା ।

## 2.5.11 ଅଧିଭାର ଅନାରୋପଣ

ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ ବ୍ୟବସାୟୀଙ୍କର କର ଦେୟ ପରିମାଣ ଉପରେ 10 ପ୍ରତିଶତ ହାରରେ ଅଧିଭାର ଧାର୍ଯ୍ୟ ହୁଏ ।

ଜୁଲାଇ ଏବଂ ସେପ୍ଟେମ୍ବର 2008 ରେ କଟକ II ଏବଂ ଅନୁଗୁଳ ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ନିର୍ଦ୍ଧାରଣ ଅଧିକାରୀମାନେ ମାର୍ଚ୍ଚ ଏବଂ ଡିସେମ୍ବର 2007 ରେ ଦୁଇଜଣ ପଞ୍ଜୀକୃତ ବ୍ୟବସାୟୀଙ୍କର 2003-04 ଏବଂ 2004-05 ବର୍ଷର ନିର୍ଦ୍ଧାରଣ ଚୂଡାନ୍ତ ସମୟରେ 2.46 କୋଟି ଟଙ୍କାର ନିର୍ଦ୍ଧାରିତ କର ଉପରେ ଅଧିଭାର ଧାର୍ଯ୍ୟ କରିନଥିଲେ । ଏହା ଫଳରେ 24.58 ଲକ୍ଷ ଟଙ୍କାର ଅଧିଭାର ଅନାରୋପଣ ହୋଇଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ଗୋଟିଏ ମାମଲାରେ ସେପ୍ଟେମ୍ବର 2008 ରେ 4.09 ଲକ୍ଷ ଟଙ୍କାର ଦାବି ଉତ୍ଥାପନ ହୋଇଥିଲା ଏବଂ ଅନ୍ୟ ମାମଲାଟିରେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇ ଫଏସଲା ଅପେକ୍ଷାରେ ଥିଲା । ପ୍ରଥମ ମାମଲାର ଅସୁଲର ବିବରଣୀ ଓ ଦ୍ୱିତୀୟ ମାମଲାର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.5.12 ଉଚିତ ଯାଞ୍ଚ ନହେବା ହେତୁ ଅଧିକ ନିବେଶ କର ଜମାର ସମାୟୋଜନ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ବ୍ୟବସ୍ଥାନୁଯାୟୀ ପଞ୍ଜୀକୃତ ବ୍ୟବସାୟୀଙ୍କ ଦ୍ୱାରା ଦାଖଲ ହୋଇଥିବା କୌଣସି କର ଅବଧିର ରିଟର୍ଣ୍ଣ ଗୁଡିକରେ ହିସାବର ସଠିକତା, ସମୁଚିତ କର ଓ ସୁଧ ହାର ପ୍ରୟୋଗ, ଉଲ୍ଲେଖ ହୋଇଥିବା ନିବେଶ କର ଜମା ଦାବି ଏବଂ କର ପ୍ରଦାନର ବିବରଣୀ ଏବଂ ଦେୟ ସୁଧର ସତ୍ୟାପନ ନିମନ୍ତେ ନିର୍ଦ୍ଧାରଣ ଅଧିକାରୀମାନେ ଗୋଟି ଗୋଟି କରି ପ୍ରତ୍ୟେକ ରିଟର୍ଣ୍ଣର ସମ୍ୟକ ପରୀକ୍ଷା କରିବେ । ସମ୍ୟକ ପରୀକ୍ଷାରେ କୌଣସି ତ୍ରୁଟିର ସନ୍ଧାନ ହୋଇଥିଲେ ଅଧିନିୟମ ବ୍ୟବସ୍ଥାନୁଯାୟୀ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କୁ ବିହିତ ଫର୍ମରେ ନୋଟିସ୍ ଜାରି କରି ଏଥିରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ ମଧରେ ସୁଧ ସହ ଅଧିକ ଦେୟ କର ଦେବାକୁ ଆଦେଶ ଦେବେ ।

ରାଉରକେଲା II ମଣ୍ଡଳର ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣ ଗୁଡିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଜଣେ ବ୍ୟବସାୟୀ ତାଙ୍କର ମଇ 2007 ରିଟର୍ଣ୍ଣରେ 2.83 ଲକ୍ଷ ଟଙ୍କା ମୂଲ୍ୟର କ୍ରୟ ଉପରେ 11,316 ଟଙ୍କା ନିବେଶ

କର ଦର୍ଶାଇବା ସ୍ଥଳେ ଚାରି ପ୍ରତିଶତ କର ହାର ଶ୍ରେଣୀରେ ହିସାବ କରି ନିବେଶ କର 2.92 ଲକ୍ଷ ଟଙ୍କା ଦର୍ଶାଇଥିଲେ । ଉକ୍ତ 2.92 ଲକ୍ଷ ଟଙ୍କାର ନିବେଶ କର ତାଙ୍କର ସେହି ମାସର ଦେୟ କରର ସମାୟୋଜନ ହୋଇଥିଲା । ନିବେଶ କରର ତ୍ରୁଟିପୂର୍ଣ୍ଣ ପ୍ରଦର୍ଶନ ଓ ସମାୟୋଜନ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ୟକ ପରୀକ୍ଷା ସମୟରେ ସନ୍ଧାନ କରାଯାଇ ନଥିବାରୁ ଏହା ସୂଚିତ କରୁଅଛି ଯେ ରିଟର୍ଣ୍ଣ ଗୁଡ଼ିକର ଯାଞ୍ଚ ପର୍ଯ୍ୟାପ୍ତ ନଥିଲା । ଏହା ଫଳରେ 2.81 ଲକ୍ଷ ଟଙ୍କାର ଅଧିକ ନିବେଶ କର ମଞ୍ଜୁର ହୋଇଥିଲା । ବ୍ୟବସାୟୀ ଜଣକ ଅଧିକ ନିବେଶ କର ଘୋଷଣାକରି କର ପ୍ରଦାନ କରିନଥିବାରୁ ଏଥି ନିମନ୍ତେ ସେ ସୁଧ ଓ ଜୋରିମାନା ଆକାରେ 1.79 ଲକ୍ଷ ଟଙ୍କା ଦେବାକୁ ଦାୟୀ ଥିଲେ ।

ମାମଲାଟି ଦର୍ଶାଯିବା ପରେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଡିସେମ୍ବର 2008 ରେ କହିଲେ ଯେ ମାମଲାଟି ପୁନଃପରୀକ୍ଷା କରାଯିବ । ବିଷୟଟିର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ଜୁଲାଇ 2009 ରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5.13 ଦାବି ଉତ୍ଥାପନ ନହେବା

ଓଡ଼ିଶା ମୂଲ୍ୟଯୁକ୍ତ କର ନିୟମାବଳୀର ବ୍ୟବସ୍ଥାନୁସାରେ ବ୍ୟବସାୟୀଙ୍କଠାରୁ ପ୍ରାପ୍ତ ସମସ୍ତ ରିଟର୍ଣ୍ଣଗୁଡ଼ିକ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ୟକ ପରୀକ୍ଷା କରାଯିବ । ଯାଞ୍ଚ ସମୟରେ କୌଣସି କର ଅବଧିରେ ବ୍ୟବସାୟୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟର୍ଣ୍ଣ ମୁତାବକ ଦେୟ କରଠାରୁ କମ ପରିମାଣର କର ପ୍ରଦାନ ହୋଇଥିବାର ଦେଖାଗଲେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବିହିତ ଫର୍ମରେ ନୋଟିସ୍ ଜାରି କରି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅବଶିଷ୍ଟ କର ଏବଂ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବେ ।

ଗଞ୍ଜାମ II ମଣ୍ଡଳର ସମ୍ୟକ ପରିକ୍ଷୀତ ହୋଇଥିବା ରିଟର୍ଣ୍ଣ ଗୁଡ଼ିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଯଦିଚ ବିବିଧ ଅସାମଞ୍ଜସ୍ୟତା ଯଥା 11 ଗୋଟି ମାମଲାରେ 1.53 ଲକ୍ଷ ଟଙ୍କାର ସ୍ୱଳ୍ପ କର ପ୍ରଦାନ, ଛଅଗୋଟି ମାମଲାରେ 57,752 ଟଙ୍କାର ଅଗ୍ରାହ୍ୟ ନିବେଶ କର ଜମା ଓ ଗୋଟିଏ ମାମଲାରେ 2,000 ଟଙ୍କାର ହିସାବ ତ୍ରୁଟି ଦେଖାଯାଇଥିଲେ ମଧ୍ୟ ଅଧିନିୟମ ଅଧିନରେ ଆବଶ୍ୟକଥିବା ବୈଧାନିକ ନୋଟିସ୍ ଜାରି ହୋଇନଥିଲା ।

ଫେବୃଆରୀ 2009 ରେ ଏହା ଦର୍ଶାଯିବା ପରେ ସେହି ମାସରେ ସମସ୍ତ ମାମଲାରେ ବୈଧାନିକ ନୋଟିସ୍ ଜାରି କରାଯାଇଥିଲା । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ଜୁଲାଇ 2009 ରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.5.14 କରଛାଡ ହୋଇଥିବା ବିକ୍ରୟ ଉପରେ ଅନିୟମିତ ନିବେଶ କର ଜମା ମଞ୍ଜୁରୀ

ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମର ବ୍ୟବସ୍ଥାନୁସାରେ ବ୍ୟବସାୟୀଙ୍କର ବିନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ରାଜ୍ୟ ଭିତର ପଞ୍ଜୀକୃତ ବ୍ୟବସାୟୀଙ୍କଠାରୁ କ୍ରୟ ହୋଇଥିବା ଦ୍ରବ୍ୟ ମୂଲ୍ୟ ଉପରେ ନିବେଶ କର ଜମା ଗ୍ରହଣୀୟ । ପଞ୍ଜୀକୃତ ବ୍ୟବସାୟୀ ଅଧିନିୟମ ଅଧିନରେ ଉଭୟ କରଯୋଗ୍ୟ ଓ କରଛାଡ ଦ୍ରବ୍ୟର ବିକ୍ରୟ କିମ୍ବା ପ୍ରେରଣ କରୁଥିଲେ ନିବେଶ କର ଜମା ସମାନୁପାତିକ ଭାବେ କେବଳ କରଛାଡ ହୋଇନଥିବା ଦ୍ରବ୍ୟର ମୂଲ୍ୟ ଉପରେ ମଞ୍ଜୁର ହୋଇଥାଏ ।

କଟକ II ମଣ୍ଡଳର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଦୁଇଗୋଟି ମାମଲାରେ ବ୍ୟବସାୟୀମାନେ 2005-06 ଏବଂ 2006-07 ବର୍ଷରେ ଉଭୟ କରଯୋଗ୍ୟ ଓ କରଛାଡ ଦ୍ରବ୍ୟ ବିକ୍ରୟ କରିଥିଲେ । ମାତ୍ର ବିହିତ ସୂତ୍ର ଅନୁସାରେ ସମାନୁପାତିକ ହାରରେ ହିସାବ କରାନଯିବା ହେତୁ ସମସ୍ତ ନିବେଶ କର ଜମା ମଞ୍ଜୁର ହୋଇଥିଲା । ଫଳରେ 2.07 ଲକ୍ଷ ଟଙ୍କାର ଅଧିକ ନିବେଶ କର ଜମା ମଞ୍ଜୁର ହୋଇଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ନଭେମ୍ବର 2008 ରେ କହିଲେ ଯେ ମାମଲାଗୁଡିକର ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ହେବ । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ଜୁଲାଇ 2009 ରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.6 ଅଧିନିୟମ/ନିୟମାବଳୀର ଅନୁପାଳନ ନହେବା

*ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ଓଡିଶା ପ୍ରବେଶ କର ଅଧିନିୟମ ଏବଂ ନିୟମାବଳୀ ବ୍ୟବସ୍ଥା କରେ ଯେ :-*

*(i) ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣ ଫର୍ମରେ ବ୍ୟବସାୟୀମାନଙ୍କ ଦ୍ୱାରା ପ୍ରକୃତ କାରବାରର ପ୍ରକାଶ; ଏବଂ*

*(ii) ନିର୍ଦ୍ଧାରଣ ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା କାରବାରର ନିର୍ଭୁଲ ଅବଧାରଣା ।*

*ବ୍ୟବସାୟୀ ତଥା ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କଦ୍ୱାରା ଉପରୋକ୍ତ ବିଷୟ ମଧ୍ୟରୁ କେତେକ ପାଳନ ନହେବା ଫଳରେ 3.61 କୋଟି ଟଙ୍କାର କର ଅନାଦାୟ ହୋଇଥିଲା ଯାହା ପରବର୍ତ୍ତୀ 2.6.1 ଏବଂ 2.6.2 ଅନୁଚ୍ଛେଦରେ ଆଲୋଚନା କରାଗଲା ।*

## 2.6.1 କରଯୋଗ୍ୟ କାରବାରର ସ୍ୱଳ୍ପଅବଧାରଣ ହେତୁ ପ୍ରବେଶ କର ଅବନିର୍ଦ୍ଧାରଣ

ଓଡିଶା ପ୍ରବେଶ କର ଅଧିନିୟମ ଓ ତଦଧିନ ପ୍ରଣୀତ ନିୟମାବଳୀର ବ୍ୟବସ୍ଥାନୁସାରେ ସ୍ଥାନୀୟ ଅଞ୍ଚଳକୁ ଅନୁସୂଚୀତ ଦ୍ରବ୍ୟଗୁଡିକ ବିନିଯୋଗ, ବ୍ୟବହାର କିମ୍ବା ବିକ୍ରୟ ପାଇଁ ପ୍ରବେଶ କରିଥିଲେ ଏହାର କ୍ରୟ ମୂଲ୍ୟ ଉପରେ ପ୍ରବେଶ କର ବିହିତ ହାରରେ ଧାର୍ଯ୍ୟ ହୁଏ । ଏହି କ୍ରୟ ମୂଲ୍ୟ ମଧ୍ୟରେ ବୀମା ଦେୟ, ଉତ୍ପାଦଶୁଳ୍କ, କାଉଣ୍ଟରଭେଲିଙ୍ଗ ଦେୟ, ବିକ୍ରୟ କର, ମୂଲ୍ୟଯୁକ୍ତ କର, ପରିବହନ ଖର୍ଚ୍ଚ, ମାଲ ଭଡା ଓ ଉକ୍ତ ଦ୍ରବ୍ୟଗୁଡିକର କ୍ରୟ ନିମନ୍ତେ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଅନ୍ତର୍ଭୁକ୍ତ ହୋଇଥାଏ । ଆମୋନିଆ, ରକ୍ ଫସ୍‌ଫେଟ୍, ଗନ୍ଧକ ଓ କୋଇଲା ଉପରେ ଏକ ପ୍ରତିଶତ କର ହାର ପ୍ରଯୁଜ୍ୟ ଅଟେ । ପୁନଶ୍ଚ, ଉତ୍ପାଦନକାରୀମାନଙ୍କ ଦ୍ୱାରା କଞ୍ଚାମାଲ ରୂପେ ବ୍ୟବହୃତ ହେବାକୁ ଆନୀତ ଅନୁସୂଚୀତ ଦ୍ରବ୍ୟଗୁଡିକ ଉପରେ ବିହିତ ହାରର 50 ପ୍ରତିଶତ ରିଆତି ହାରରେ କରଯୋଗ୍ୟ ଅଟେ । ଏତଦ୍‌ବ୍ୟତୀତ ବ୍ୟବସାୟୀଙ୍କ ଦ୍ୱାରା ରିଟର୍ଣ୍ଣରେ ଅପ୍ରକାଶିତ କାରବାର ଉପରେ ଦେୟ କରର ଦେଢଗୁଣ ଜୋରିମାନା ଧାର୍ଯ୍ୟ କରାଯାଏ । 19 ମଇ 2005 ରୁ ଲାଗୁ ହୋଇଥିବା ଅଧିନିୟମର ସଂଶୋଧିତ ବ୍ୟବସ୍ଥା ଅନୁସାରେ ବ୍ୟବସାୟୀଙ୍କ ଦ୍ୱାରା ଆନୀତ ସମସ୍ତ କିମ୍ବା କୌଣସି ଅନୁସୂଚୀତ ଦ୍ରବ୍ୟ କୌଣସି କାରଣରୁ ନିସ୍ତାର ପାଇଥିଲେ କିମ୍ବା ସମସ୍ତ ଅଥବା କୌଣସି ଦ୍ରବ୍ୟର ମୂଲ୍ୟ ଅବନିର୍ଦ୍ଧାରଣ ହୋଇଥିଲେ ବ୍ୟବସାୟୀ କର ସହ ନିର୍ଦ୍ଧାରିତ କରର ଦୁଇଗୁଣ ଜୋରିମାନା ଦେବା ଆବଶ୍ୟକ ।

***2.6.1.1*** ମଇ 2008 ରେ ଜଗତସିଂହପୁର ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଜଣେ ପଞ୍ଜୀକୃତ ଉତ୍ପାଦନକାରୀ 2003-04 ବର୍ଷରେ 480.88 କୋଟି ଟଙ୍କା ମୂଲ୍ୟର ଆମୋନିଆ, ରକ୍ ଫସଫେଟ ଓ ଗନ୍ଧକ ଆମଦାନୀ କରିଥିଲେ । ବ୍ୟବସାୟୀ ଜଣକ ମଧ୍ୟ ଦ୍ରବ୍ୟଗୁଡିକର ଆମଦାନୀ ବାବଦରେ

2003-04 ବର୍ଷରେ 23.53 କୋଟି ଟଙ୍କା ସୀମାଶୁଳ୍କ ପ୍ରଦାନ କରିଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କର 2003-04 ବର୍ଷର ନିର୍ଦ୍ଧାରଣ ମାର୍ଚ୍ଚ 2007 ରେ ଚୂଡାନ୍ତ କଲାବେଳେ ସୀମାଶୁଳ୍କ ବାବଦରେ ପ୍ରଦତ୍ତ ପରିମାଣକୁ ହିସାବକୁ ନେଇ ନଥିଲେ ଏବଂ ଆମୋନିଆ, ରକ୍ ଫସଫେଟ ଓ ଗନ୍ଧକ ଇତ୍ୟାଦି ଦ୍ରବ୍ୟର କ୍ରୟମୂଲ୍ୟକୁ 480.88 କୋଟି ସ୍ଥଳେ 392.98 କୋଟି ଟଙ୍କାରେ ସ୍ଥିର କରି ବ୍ୟବସାୟୀଙ୍କର ପ୍ରବେଶ କର ଦେୟ ହିସାବ କରିଥିଲେ । ଅନ୍ୟ ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କର 2003-04 ବର୍ଷର ନିର୍ଦ୍ଧାରଣ ଚୂଡାନ୍ତ ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କର ଗଭୀର ସମୁଦ୍ର ମଧ୍ୟରେ କୋଇଲା ବିକ୍ରୟ ଦାବିକୁ ଖାରଜ କରି ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ କାରବାରକୁ 13.99 କୋଟି ଟଙ୍କାରେ ପୁନଃନିର୍ଦ୍ଧାରଣ ଚୂଡାନ୍ତ କରିଥିଲେ ମଧ୍ୟ ଉକ୍ତ କାରବାର ଉପରେ ଓଡିଶା ପ୍ରବେଶ କର ଅଧିନିୟମ ଅନୁସାରେ ନିର୍ଦ୍ଧାରଣ କରିନଥିଲେ ।

ଉପରୋକ୍ତ ତୃଟି ଫଳରେ 125.42 କୋଟି ଟଙ୍କାର କରଯୋଗ୍ୟ କାରବାର ସ୍ୱଳ୍ପଅବଧାରଣ ହୋଇ ପରିଣାମ ସ୍ୱରୂପ 69.70 ଲକ୍ଷ ଟଙ୍କାର ପ୍ରବେଶ କର ଅବନିର୍ଦ୍ଧାରିତ ହୋଇଥିଲା । ଏତଦ୍‌ବ୍ୟତୀତ 1.05 କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ମଧ୍ୟ ଧାର୍ଯ୍ୟ ହେବାକୁ ଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ଉଭୟ ମାମଲାରେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇ ଫଏସଲା ହେବାକୁ ଥିଲା । ମାମଲାଗୁଡିକର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

***2.6.1.2*** ସେପ୍ଟେମ୍ବର 2008 ଓ ଫେବୃଆରୀ 2009 ରେ କଟକ II ରେଞ୍ଜର ନଥିପତ୍ର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ସାର ଉତ୍ପାଦନ କରୁଥିବା ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କର ଏପ୍ରିଲ 2005 ରୁ ଫେବୃଆରୀ 2006 ସମୟର ନିର୍ଦ୍ଧାରଣ ଅଗଷ୍ଟ 2006 ରେ ଚୂଡାନ୍ତ କରିବା ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କ ଅନୁସୂଚୀତ ଦ୍ରବ୍ୟ କ୍ରୟ କାରବାରକୁ 1,325.92 କୋଟି ଟଙ୍କାରେ ସ୍ଥିରକରି ସେହି ଅନୁସାରେ କର ନିର୍ଦ୍ଧାରଣ କରିଥିଲେ । ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ 2005-06 ବର୍ଷର କର ନିର୍ଦ୍ଧାରଣ ନଥିପତ୍ରର ପ୍ରତିସତ୍ୟାପନରୁ ଜଣାଗଲା ଯେ ବ୍ୟବସାୟୀ ଜଣକ ଏପ୍ରିଲ 2005 ରୁ ଫେବୃଆରୀ 2006 ମଧ୍ୟରେ 1,448.22 କୋଟି ଟଙ୍କା ମୂଲ୍ୟର ଦ୍ରବ୍ୟ କ୍ରୟ କରିଥିଲେ । ଅତଏବ ପ୍ରବେଶ କର ବାବଦକୁ ଦିଆଯାଇଥିବା 6.55 କୋଟି ଟଙ୍କାକୁ ବାଦ କରିଦେଇ ବ୍ୟବସାୟୀଙ୍କର କରଯୋଗ୍ୟ କାରବାରରେ 115.75 କୋଟି ଟଙ୍କା ସ୍ୱଳ୍ପଅବଧାରିତ ହୋଇଥିଲା । ଏହା ଫଳରେ 57.87 ଲକ୍ଷ ଟଙ୍କାର ପ୍ରବେଶ କର ଅବନିର୍ଦ୍ଧାରିତ ହୋଇଥିଲା । ଏଥିସହ ବ୍ୟବସାୟୀ ମଧ୍ୟ 1.16 କୋଟି ଟଙ୍କା ଜୋରିମାନା ଦେବାକୁ ଦାୟୀ ଥିଲେ ।

ମାମଲାଟି ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ଆରମ୍ଭ ହୋଇଥିବା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଫଏସଲା ହେବାକୁ ଥିଲା । ମାମଲାଟିର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 2.6.2 ବିକ୍ରୟ ଗୋପନ ହେତୁ କର ନିସ୍ତାର

ଓଡିଶା ମୂଲ୍ୟଯୁକ୍ତ କର ନିୟମାବଳୀରେ ବିହିତ ରିଟର୍ଣ୍ଣ ଫର୍ମରେ ବ୍ୟବସାୟୀଙ୍କ ନିର୍ଦ୍ଦିଷ୍ଟ କର ଅବଧିର କର/ପାଇକାରୀ ବହନପତ୍ର ଓ ସମସ୍ତ ବିକ୍ରୟର ମୂଲ୍ୟ ଦାଖଲ କରିବାର ବ୍ୟବସ୍ଥା ଅଛି । ବ୍ୟବସାୟୀ ବିକ୍ରୟ ବହନପତ୍ର ଗୁଡିକ ଆଧାରରେ କରଦେୟ ହିସାବକରି ପ୍ରଦତ୍ତ କର କିମ୍ବା କର ପ୍ରଦାନର ପ୍ରମାଣ ସହ ରିଟର୍ଣ୍ଣ ଦାଖଲ କରିବା ଆବଶ୍ୟକ । ଅଧିନିୟମ ଅଧିନରେ କରଦେୟ ଦିନଠାରୁ କରପ୍ରଦାନ ହେବା ଦିନ ପର୍ଯ୍ୟନ୍ତ ମାସିକ ଦୁଇ ପ୍ରତିଶତ ହାରରେ ସୁଧ ଧାର୍ଯ୍ୟ ହୁଏ ।

କଟକ II ରେଞ୍ଜ ଏବଂ ରାଉରକେଲା II ମଣ୍ଡଳର 2005-06 ରୁ 2007-08 ମଧ୍ୟରେ ହୋଇଥିବା ନିର୍ଦ୍ଧାରଣ ନଥିପତ୍ର ଏବଂ ବ୍ୟବସାୟୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟର୍ଣ୍ଣଗୁଡିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଚାରିଗୋଟି ମାମଲାରେ ବ୍ୟବସାୟୀମାନେ ଉତ୍ପାଦ କର, ବହନପତ୍ରରେ ଦର୍ଶାଯାଇଥିବା କରଠାରୁ ଉଣା ହିସାବ କରି ତଦନୁଯାୟୀ ନିବେଶ କର ଜମା ସମାୟୋଜନ କରି କମ୍ କରପ୍ରଦାନ କରିଥିଲେ । ଏଥିରୁ ସୂଚିତ ହୁଏ ଯେ କର ସମୀକ୍ଷା ଦଳ ବ୍ୟବସାୟୀଙ୍କର ନିର୍ଦ୍ଧାରଣ ମାମଲାଗୁଡିକର କର ସମୀକ୍ଷା କଲାବେଳେ ବ୍ୟବସାୟୀଙ୍କ ବହନପତ୍ର ଅନୁସାରେ ଥିବା ବିକ୍ରୟ ମୂଲ୍ୟ ସହ ସେ ହିସାବ କରି ଦର୍ଶାଇଥିବା ଉତ୍ପାଦନ କରର ତୁଳନାତ୍ମକ ପରୀକ୍ଷା କରିନଥିଲେ କିମ୍ବା ଏହି କାରବାର ଗୋପନକୁ ସମୀକ୍ଷା ପରିଦର୍ଶନ ରିପୋର୍ଟରେ ଦର୍ଶାଇନଥିଲେ । ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣରେ ବ୍ୟବସାୟୀମାନଙ୍କ ଦ୍ୱାରା କରାଯାଇଥିବା ସଂଗୋପନକୁ ମଧ୍ୟ ସମ୍ୟକ ପରୀକ୍ଷାର ନିଷ୍ଫଳତା ହେତୁ ସନ୍ଧାନ କରାଯାଇ ପାରିନଥିଲା । ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ସମୀକ୍ଷା ପରିଦର୍ଶନ ରିପୋର୍ଟରେ ଉତ୍ଥାପିତ ବିଷୟଗୁଡିକ ବିଚାର କରିଥିଲେ ଏବଂ ରିଟର୍ଣ୍ଣରେ ଦର୍ଶାଯାଇଥିବା ବିକ୍ରୟ କାରବାରର ବହନପତ୍ର ଜାରି ମୁତାବକ ବିକ୍ରୟ କର କାରବାର ଏବଂ/ଅଥବା ବ୍ୟବସାୟୀମାନେ ଦାଖଲ କରିଥିବା ବିକ୍ରୟ ବିବରଣୀ ସହିତ ସତ୍ୟାପନ କରିନଥିଲେ । ବିଭାଗୀୟ ଅଧିକାରୀମାନଙ୍କର ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣ ତଥା କରସମୀକ୍ଷା ଏବଂ ସମୀକ୍ଷା ନିର୍ଦ୍ଧାରଣରେ ସମ୍ୟକ ପରୀକ୍ଷାରେ ବିଫଳତା ହେତୁ 10.36 ଲକ୍ଷ ଟଙ୍କାର କର ନିସ୍ତାର ପାଇଯାଇଥିଲା । ଏହା ବ୍ୟତୀତ 1.94 ଲକ୍ଷ ଟଙ୍କାର ସୁଧ ମଧ୍ୟ ଆରୋପଣ ଯୋଗ୍ୟଥିଲା ।

ମାମଲାଟି ଦର୍ଶାଯିବା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନଭେମ୍ବର 2008 ରେ କହିଲେ ଯେ ମାମଲାଗୁଡିକ ପରୀକ୍ଷା କରାଯିବ । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ଜୁଲାଇ 2009 ରେ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 2.7 ସରକାରଙ୍କ ଅଧିସୂଚନା ଗୁଡିକ ପାଳନ ନହେବା

*ସରକାରଙ୍କ ଏପ୍ରିଲ 1991, ଏପ୍ରିଲ 2001 ଏବଂ ମଇ 2002 ଅଧିସୂଚନା ଗୁଡିକ ବ୍ୟବସ୍ଥା କରେ ଯେ :-*

*(i) ବିହିତ ସର୍ତ୍ତପୂରଣ ହୋଇଥିଲେ ଆନ୍ତଃରାଜ୍ୟ ବିକ୍ରୟ ଉପରେ କର ଅବ୍ୟାହତି; ଏବଂ*

*(ii) ବାଧ୍ୟତାମୂଳକ ଘୋଷଣାନାମା ଫର୍ମ ଦାଖଲ ।*

*ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଉପରୋକ୍ତ ବ୍ୟବସ୍ଥା ଗୁଡିକର ପାଳନ ନହେବା ହେତୁ 1.18 କୋଟି ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା ଯାହା 2.7.1 ଏବଂ 2.7.2 ଅନୁଚ୍ଛେଦରେ ଆଲୋଚନା କରାଗଲା ।*

### 2.7.1 ବିକ୍ରୟ ଉପରେ ଅନିୟମିତ କରଛାଡ ମଞ୍ଜୁରୀ

କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ ପ୍ରାପ୍ତ କ୍ଷମତା ବଳରେ ଓଡିଶା ସରକାର 1 ଏପ୍ରିଲ 1991 ରୁ ବୈଧାନିକ ଫର୍ମ 'ଗ' ଘୋଷଣାନାମା ନଥାଇ ବିହିତ ସର୍ତ୍ତପୂରଣ ହୋଇଥିଲେ ଆନ୍ତଃରାଜ୍ୟ ଲୌହ ଓ ଇସ୍ପାତ ବିକ୍ରୟ ଉପରୁ କର ଛାଡ କରିଥିଲେ । 14 ମଇ 2002 ରୁ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମର ସଂଶୋଧନ କରାଯାଇ ଫର୍ମ 'ଗ' ଘୋଷଣାନାମା ଦାଖଲକୁ ବଧ୍ୟତାମୂଳକ କରାଗଲା । ବୈଧ ଘୋଷଣାନାମା ନଥିଲେ ଲୌହ ଓ ଇସ୍ପାତ ଏବଂ ଧାନର ଆନ୍ତଃରାଜ୍ୟ ବିକ୍ରୟ ଆଠ ପ୍ରତିଶତ ହାରରେ କରଯୋଗ୍ୟ ଅଟେ ।

**2.7.1.1** ମାର୍ଚ୍ଚ 2008 ରେ ରାଉରକେଲା II ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ ପାଞ୍ଚଗୋଟି ପଞ୍ଜୀକୃତ ବ୍ୟବସାୟୀଙ୍କର 2002-03 ରୁ 2004-05 ବର୍ଷର ନିର୍ଦ୍ଧାରଣ ମାର୍ଚ୍ଚ 2006 ରୁ ମାର୍ଚ୍ଚ 2007 ମଧ୍ୟରେ ଚୂଡାନ୍ତ ସମୟରେ ନିର୍ଦ୍ଧାରଣ ଅଧିକାରୀମାନେ ଚାରିଗୋଟି ମାମଲାରେ 2003-04 ଏବଂ 2004-05 ବର୍ଷରେ ହୋଇଥିବା 8.32 କୋଟି ଟଙ୍କାର ଲୌହ ଓ ଇସ୍ପାତ ବିକ୍ରୟ କାରବାରକୁ ଫର୍ମ 'ଗ' ଘୋଷଣାନାମା ନଥିଲେ ମଧ୍ୟ କରଛାଡ ବିକ୍ରୟ ରୂପେ ମଞ୍ଜୁର କରିଥିଲେ । ଅନ୍ୟ ଏକ ମାମଲାରେ ନିର୍ଦ୍ଧାରଣ ଅଧିକାରୀ 2002-03 ବର୍ଷର 2.09 କୋଟି ଟଙ୍କାର ଲୌହ ଓ ଇସ୍ପାତ ବିକ୍ରୟ କାରବାରକୁ ପ୍ରତିରୂପ ଫର୍ମ 'ଗ' ଘୋଷଣାନାମା ଗ୍ରହଣ କରି କରଛାଡ ମଞ୍ଜୁର କରିଥିଲେ । କରଛାଡର ଅନିୟମିତ ମଞ୍ଜୁରୀ ହେବା ଫଳରେ 83.29 ଲକ୍ଷ ଟଙ୍କାର କର ଅବନିର୍ଦ୍ଧାରଣ ହୋଇଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଗଲା ।

**(ଟଙ୍କା ଲକ୍ଷ ଆକାରରେ)**

| ବ୍ୟବସାୟୀଙ୍କ ସଂଖ୍ୟା | ନିର୍ଦ୍ଧାରିତ ବର୍ଷ<br>ନିର୍ଦ୍ଧାରଣ ମାସ | କାରବାର | ଅବନିର୍ଦ୍ଧାରିତ କରର ପରିମାଣ | ଅନିୟମିତତାର ସ୍ୱରୂପ |
|---|---|---|---|---|
| 3 | 2003-04<br>ମାର୍ଚ୍ଚ 2007 | 816.96 | 65.36 | ଫର୍ମ 'ଗ' ଘୋଷଣାନାମା ନଥାଇ ଅବ୍ୟାହତି ମଞ୍ଜୁରୀ |
| 1 | 2004-05<br>ଜାନୁଆରୀ 2007 | 15.44 | 1.24 | ଫର୍ମ 'ଗ' ଘୋଷଣାନାମା ନଥାଇ ଅବ୍ୟାହତି ମଞ୍ଜୁରୀ |
| **ଉପମୋଟ** | | **832.40** | **66.60** | |
| 1 | 2002-03<br>ମାର୍ଚ୍ଚ 2006 | 208.68 | 16.69 | ପ୍ରତିରୂପ 'ଗ' ଘୋଷଣାନାମା ବଳରେ ଅବ୍ୟାହତି ମଞ୍ଜୁରୀ |
| **ଗାଏ ମୋଟ** | | **1,041.08** | **83.29** | |

ମାମଲାଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ସମସ୍ତ ମାମଲାଗୁଡିକର ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇ ଫଏସଲା ଅପେକ୍ଷାରେ ଥିଲା । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

***2.7.1.2*** ଫେବୃଆରୀ 2008 ରେ ବଲାଙ୍ଗୀର ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ନିର୍ଦ୍ଧାରଣ ଅଧିକାରୀ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କର 2003-04 ବର୍ଷର ନିର୍ଦ୍ଧାରଣ ଜାନୁଆରୀ 2007 ରେ ଚୂଡାନ୍ତ କରିବା ସମୟରେ 2.85 କୋଟି ଟଙ୍କାର ଆନ୍ତଃରାଜ୍ୟ ଧାନ ବିକ୍ରୟ କାରବାକୁ ବ୍ୟବସାୟୀ ଫର୍ମ 'ଗ' କିମ୍ବା 'ଘ' ଘୋଷଣାନାମା ଦାଖଲ କରିନଥିଲେ ମଧ୍ୟ କର ଅବ୍ୟାହତି ପଞ୍ଜୁର କରିଥିଲେ । ଅବ୍ୟାହତିର ଅନିୟମିତ ମଞ୍ଜୁରୀ ଫଳରେ 22.80 ଲକ୍ଷ ଟଙ୍କାର କେନ୍ଦ୍ରୀୟ ବିକ୍ରୟ କର ଅବନିର୍ଦ୍ଧାରିତ ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ସରକାର ଏପ୍ରିଲ 2009 ରେ କହିଲେ ଯେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଚୂଡାନ୍ତ କରାଯାଇ 12.95 ଲକ୍ଷ ଟଙ୍କାର ଦାବି ଉତ୍ଥାପିତ ହୋଇଥିଲା । ଆଦାୟର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

### 2.7.2 ଭ୍ରମାତ୍ମକ ରିଆତି କରହାର ପ୍ରୟୋଗ ହେତୁ ଅବନିର୍ଦ୍ଧାରଣ

କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ ଅର୍ପିତ ବ୍ୟବସ୍ଥାନୁଯାୟୀ 1 ଏପ୍ରିଲ 2001 ରୁ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ମାନଙ୍କରୁ ଉତ୍ପାଦିତ ଦ୍ରବ୍ୟମାନ ଫର୍ମ 'ଗ' ଘୋଷଣାନାମା ବଳରେ ଏକ ପ୍ରତିଶତ ରିଆତି ହାରରେ କରଯୋଗ୍ୟ ଅଟେ । ଏହି ରିଆତି ଫର୍ମ 'ଘ' ଘୋଷଣାନାମା ବଳରେ ସରକାରୀ ବିଭାଗକୁ ବିକ୍ରୟ ହୋଇଥିବା ଦ୍ରବ୍ୟକୁ ସଂପ୍ରସାରିତ ହୋଇନାହିଁ । ଫର୍ମ 'ଘ' ଘୋଷଣା ବଳରେ ବିକ୍ରୟ ହୋଇଥିବା ଏହିସବୁ ଦ୍ରବ୍ୟ କେନ୍ଦ୍ରୀୟ ବିକ୍ରୟ କର ଅଧିନରେ ଚାରି ପ୍ରତିଶତ ହାରରେ କରଯୋଗ୍ୟ ଅଟେ ।

ମାର୍ଚ୍ଚ 2008 ରେ ରାଉରକେଲା II ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଦୁଇଜଣ ପଞ୍ଜୀକୃତ କ୍ଷୁଦ୍ରଶିଳ୍ପାନୁଷ୍ଠାନର 2002-03 ଏବଂ 2003-04 ବର୍ଷର ନିର୍ଦ୍ଧାରଣ ମାର୍ଚ୍ଚ ଏବଂ ଡିସେମ୍ବର 2006 ରେ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ ଚୂଡାନ୍ତ କରିବା ସମୟରେ ନିର୍ଦ୍ଧାରଣ ଅଧିକାରୀ 4.05 କୋଟି ଟଙ୍କାର ବିକ୍ରୟ କାରବାର ଉପରେ ସମୁଚିତ ଚାରି ପ୍ରତିଶତ କରହାର ପ୍ରୟୋଗ ନକରି ଏକ ପ୍ରତିଶତ ରିଆତି ହାରରେ କରଧାର୍ଯ୍ୟ କରିଥିଲେ । ଏହା ଫଳରେ 12.14 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ଉଭୟ ମାମଲାରେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇ ଫଏସଲା ହେବାକୁ ଥିଲା । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

# ଅଧ୍ୟାୟ –III : ମୋଟର ଯାନ କର

## 3.1 ସମୀକ୍ଷାର ପରିଣାମ

ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ଆଳିକ ପରିବହନ ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ମୋଟରଯାନ କର ନିର୍ଦ୍ଧାରଣ ଓ ଆଦାୟ ସମ୍ପର୍କିତ ନଥିପତ୍ରର ନମୁନା ଯା ସମୟରେ 2008-09 ବର୍ଷ ମଧ୍ୟରେ 1,77,339 ଗୋଟି ମାମଲାରେ 75.24 କୋଟି ଟଙ୍କାର କର ଏବଂ ଫିସ୍, ଜୋରିମାନାର ଅନାଦାୟ, ସ୍ୱଳ୍ପାଦାୟ, ଅନାରୋପଣ, ସ୍ୱଳ୍ପାରୋପଣ, ଇତ୍ୟାଦି ପରିଲକ୍ଷିତ ହୋଇଥିଲା ଯାହାର ବର୍ଗୀକରଣ ନିମ୍ନରେ ପ୍ରଦ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ଓଡିଶା ପରିବହନ ବିଭାଗର ବାହନ ଉପରେ ସୂଚନା ପ୍ରଯୁକ୍ତିବିଦ୍ୟା ସମୀକ୍ଷା (ଏକ ପୁନର୍ବିଲୋକନ) | 1 | 7.57 |
| 2. | ମୋଟରଯାନ କର/ଅତିରିକ୍ତ କର ଓ ଜୋରିମାନାର ଅନାରୋପଣ/ଅନାଦାୟ | 30,834 | 64.66 |
| 3. | ମିଶ୍ରଣ/ପରମିଟ/ପ୍ରକ୍ରିୟା ଫିସ୍ ଅନାଦାୟ/ସ୍ୱଳ୍ପାଦାୟ | 1,44,579 | 1.55 |
| 4. | ମିଶ୍ରିତ କର ଓ ଜୋରିମାନାର ଅନାଦାୟ/ସ୍ୱଳ୍ପାଦାୟ | 923 | 0.39 |
| 5. | ମୋଟର ଯାନ କର/ଅତିରିକ୍ତ କର ଓ ଜୋରିମାନାର ସ୍ୱଳ୍ପାରୋପଣ/ ସ୍ୱଳ୍ପାଦାୟ | 232 | 0.28 |
| 6. | ବ୍ୟବସାୟୀକ ପ୍ରମାଣପତ୍ର କର/ଫିସ୍‌ର ଅନାଦାୟ/ସ୍ୱଳ୍ପାଦାୟ | 143 | 0.05 |
| 7. | ଅନ୍ୟାନ୍ୟ ଅନିୟମିତତା | 627 | 0.74 |
| **ମୋଟ** | | **1,77,339** | **75.24** |

2008-09 ବର୍ଷ ମଧ୍ୟରେ ବିଭାଗ 2008-09 ଏବଂ ଏହାର ପୂର୍ବବର୍ଷ ମାନଙ୍କରେ ଦର୍ଶାଯାଇଥିବା 61,313 ଗୋଟି ମାମଲାରେ 60.26 କୋଟି ଟଙ୍କାର କର ଅନାଦାୟ/ସ୍ୱଳ୍ପାଦାୟ, ଅନାରୋପଣ/ ସ୍ୱଳ୍ପାରୋପଣ ଏବଂ ଅନ୍ୟାନ୍ୟ ଅନିୟମିତତା ଗ୍ରହଣ କରିଥିଲା । ବିଭାଗ 1,548 ଗୋଟି ମାମଲାରେ 77.61 ଲକ୍ଷ ଟଙ୍କା ଆଦାୟ କରିଥିଲା ।

**"ଓଡିଶା ମୋଟରଯାନ ବିଭାଗର 'ବାହନ' ଉପରେ ସୂଚନା ପ୍ରଯୁକ୍ତିବିଦ୍ୟା ସମୀକ୍ଷା"** ଉପରେ ଏକ ପୁନର୍ବିଲୋକନ କରାଯାଇଥିଲା ଯେଉଁଥିରେ 7.57 କୋଟି ଟଙ୍କା ଜଡିତ ଥିଲା । ଉକ୍ତ ପୁନର୍ବିଲୋକନ ବ୍ୟତୀତ 66.49 କୋଟି ଟଙ୍କା ଜଡିତ ଅଳ୍ପ କେତେକ ସମୀକ୍ଷା ଅବଲୋକନ ନିମ୍ନ ଅନୁଚ୍ଛେଦ ମାନଙ୍କରେ ବର୍ଣ୍ଣନା କରାଗଲା ।

## 3.2 ଓଡିଶା ପରିବହନ ବିଭାଗର 'ବାହନ' ଉପରେ ସୂଚନା ପ୍ରଯୁକ୍ତିବିଦ୍ୟା ସମୀକ୍ଷା

**ମୁଖ୍ୟାଂଶ**

ସ୍ମାଟ୍‌କାର୍ଡ ପରିଯୋଜନାରେ ପଞ୍ଜୀକରଣ ପ୍ରମାଣପତ୍ର ସମାପନରେ ବିଳମ୍ବ ନିମନ୍ତେ 1.87 କୋଟି ଟଙ୍କାର ଜୋରିମାନା/ଦୈନିକ କ୍ଷତି ଅନାରୋପଣ ।

***(ଅନୁଚ୍ଛେଦ 3.2.8.1)***

ଅନୁମତିପ୍ରାପ୍ତ ରିଆତିଦାତା ଦ୍ୱାରା ନିର୍ଦ୍ଧାରିତ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ ନହେବା ନିମନ୍ତେ 1.06 କୋଟି ଟଙ୍କାର ଜୋରିମାନା ଅନାରୋପଣ ।

***(ଅନୁଚ୍ଛେଦ 3.2.8.2)***

ଅନୁମତିପ୍ରାପ୍ତ ରିଆତିଦାତା ଦ୍ୱାରା ସ୍ମାଟ୍‌କାର୍ଡ ପଞ୍ଜୀକରଣ ପ୍ରମାଣପତ୍ର ଜାରି ହେବାରେ ବିଳମ୍ବ ନିମନ୍ତେ 29.31 ଲକ୍ଷ ଟଙ୍କାର ବିଳମ୍ବ ଜନିତ ଜୋରିମାନା ଅନାରୋପଣ ।

***(ଅନୁଚ୍ଛେଦ 3.2.9)***

ଡାଟାବେସ୍‌ରେ ପ୍ରବେଶ କର ତଥ୍ୟ ରହିବାର ବ୍ୟବସ୍ଥା ନଥିବା ହେତୁ ଏକକାଳୀନ ଟିକସ ସ୍ୱଳ୍ପାଦାୟ ଓ ପ୍ରବେଶ କର ଅନାଦାୟ ।

***(ଅନୁଚ୍ଛେଦ 3.2.13.1)***

ନିବେଶ ନିୟନ୍ତ୍ରଣର ଅପର୍ଯ୍ୟାପ୍ତତା ହେତୁ ଇଞ୍ଜିନ ଓ ଚେସିସ୍ ସଂଖ୍ୟାର ଦୋହରିକରଣ ।

***(ଅନୁଚ୍ଛେଦ 3.2.13.2)***

ନିବେଶ ନିୟନ୍ତ୍ରଣର ଅପର୍ଯ୍ୟାପ୍ତତା ହେତୁ ଗୋଟିଏ ଇନସ୍ୟୁରାନସ୍ କଭର ନୋଟରେ ଦୁଇ ବା ତତୋଧିକ ଯାନର ପଞ୍ଜୀକରଣ ।

***(ଅନୁଚ୍ଛେଦ 3.2.13.3)***

ଆଂଶିକ ତଥ୍ୟ ଦରଜ ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭ୍ରମାତ୍ମକ ତଥ୍ୟର ଉପସ୍ଥିତି ।

***(ଅନୁଚ୍ଛେଦ 3.2.13.4)***

ବିଧିମାନ୍ୟ ନିୟନ୍ତ୍ରଣର ଅପର୍ଯ୍ୟାପ୍ତତା ହେତୁ ବିଭିନ୍ନ କ୍ଷେତ୍ରରେ ଅବାସ୍ତବ ତାରିଖ ଏବଂ ଭ୍ରମାତ୍ମକ ମୂଲ୍ୟର ପ୍ରବେଶ ଡାଟାବେସ୍‌କୁ ନିର୍ଭରଯୋଗ୍ୟ କରିନଥିଲା ।

***(ଅନୁଚ୍ଛେଦ 3.2.13.5)***

### 3.2.1 ଉପକ୍ରମ

ଏକ ଦକ୍ଷ ସାର୍ବଜନିକ ପରିବହନ ପଦ୍ଧତି ବ୍ୟବସ୍ଥା, ଯାନଗୁଡିକର ପଞ୍ଜୀକରଣ, ଡ୍ରାଇଭିଙ୍ଗ ଲାଇସେନ୍ସ, ଫିଟନେସ ପ୍ରମାଣପତ୍ର ଓ ରୋଡ ପରମିଟ୍ ଇତ୍ୟାଦି ଜାରି ଏବଂ ରୋଡ ଟ୍ୟାକ୍ସ ଆଦାୟ କରିବା ନିମନ୍ତେ ମୋଟରଯାନ ଅଧିନିୟମ, 1988 ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛି । ରାଜ୍ୟ ପରିବହନ ବିଭାଗ ଉକ୍ତ କାର୍ଯ୍ୟକଳାପ ଗୁଡିକ ପରିଚାଳନା ଓ ପ୍ରବର୍ତ୍ତନ କରିଥାଏ । ଏହା ଉପରେ ମଧ୍ୟ ନୀତିନିର୍ଦ୍ଧାରଣ, ସମନ୍ୱୟ,

ପ୍ରବର୍ତ୍ତନ, ପର୍ଯ୍ୟାଲୋଚନା ଏବଂ ପରିବହନ ସମ୍ପର୍କିତ ସମସ୍ତ କ୍ରିୟାକଳାପର ନିୟନ୍ତ୍ରଣ ଏବଂ ପରିବହନ ନିୟମାବଳୀ ପ୍ରବର୍ତ୍ତନ ପୂର୍ବକ କର ଓ ଫିସ୍ ର ଆଦାୟ ଦାୟିତ୍ୱ ନ୍ୟସ୍ତ । ଆଞ୍ଚଳିକ ପରିବହନ ଅଧିକାରୀମାନେ ରାଜ୍ୟରେ ଓଡିଶା ମୋଟରଯାନ କର (ଓଏମ୍‌ଭିଟି) ଅଧିନିୟମ ଓ ନିୟମାବଳୀର କାର୍ଯ୍ୟାନ୍ୱୟନ କରିଥାଆନ୍ତି ।

## 3.2.2 ସାଙ୍ଗଠନିକ ବ୍ୟବସ୍ଥା

ପରିବହନ କମିଶନର ତଥା ଚେୟାରପରସନ୍, ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ଓଡିଶା, ବିଭାଗର ମୁଖ୍ୟ ଏବଂ ଶୀର୍ଷ ନିୟନ୍ତ୍ରଣ ଓ ପର୍ଯ୍ୟାଲୋଚନା କର୍ତ୍ତୃପକ୍ଷ ଅଟନ୍ତି । ତାଙ୍କୁ ତିନିଜଣ ଅତିରିକ୍ତ କମିଶନର, ଜଣେ ସଚିବ, ଆଞ୍ଚଳିକ ସ୍ତରରେ କାର୍ଯ୍ୟରତ ତିନିଜଣ ଉପ କମିଶନର, ଆଞ୍ଚଳିକ ସ୍ତରରେ 26[42] ଜଣ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ତିନିଜଣ[43] ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାହାଯ୍ୟ କରନ୍ତି । ଓଡିଶା ମୋଟରଯାନ ବିଭାଗ (ଓଏମଭିଡି) ରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ରୂପେ ଅତିରିକ୍ତ କମିଶନର (ବୈଷୟିକ) ଅଛନ୍ତି । ନ୍ୟାସାନାଲ ଇନ୍‌ଫରମେଟିକସ୍ ସେଣ୍ଟର (ଓଡିଶା ଶାଖା) ବାହନର ବିକାଶ ଓ ପରବର୍ତ୍ତୀ ସମନ୍ୱୟ ନିମନ୍ତେ ବୈଷୟିକ ସହାୟତା ଯୋଗାଇ ଦେଉଛି ।

## 3.2.3 ପଦ୍ଧତିର ବିହଙ୍ଗାବଲୋକନ

ଇ-ଗର୍ଭନାନ୍ସ ଅଧିନରେ ବାହନ ସଫ୍ଟୱେଆର ପ୍ରୟୋଗ କରାଯାଇ ସ୍ମାର୍ଟକାର୍ଡ ଜରିଆରେ ମୋଟରଯାନ ଗୁଡିକର ପଞ୍ଜୀକରଣ ପ୍ରବର୍ତ୍ତନ କରାଯାଇଅଛି । ଏହି ବାହନରେ ଫ୍ରଣ୍ଟ ଏଣ୍ଡ ପ୍ରୋଗ୍ରାମରେ ଜାଭା ଏବଂ ବ୍ୟାକ ଏଣ୍ଡ ଡାଟାବେସରେ ଓରାକଲ 10 ଜି ପ୍ରୟୋଗ ହୋଇଅଛି । ପରିଯୋଜନାଟିକୁ ଅନୁମତିଧାରୀ ମେସର୍ସ ସ୍ମାର୍ଟ ଚିପ୍ ଲିମିଟେଡ (ଏସସିଏଲ) ଙ୍କୁ ବିଲଡ୍-ଓନ୍-ଅପରେଟ-ଟ୍ରାନସ୍‌ଫର (ବିଓଓଟି) ଆଧାରରେ 15 ବର୍ଷ ନିମନ୍ତେ ଆଉଟ୍‌ସୋର୍ସ କରାଯାଇଅଛି ।

ପଦ୍ଧତିରେ ଜଡିତ ପ୍ରକ୍ରୀୟାର ସଂକ୍ଷିପ୍ତସାର ନିମ୍ନରେ ବର୍ଣ୍ଣିତ ହେଲା ।




42 ଆଞ୍ଚଳିକ ପରିବହନ ଅଧିକାରୀ – ଅନୁଗୁଳ, ବରଗଡ, ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନୟାଗଡ, ବନରଙ୍ଗପୁର, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା, ସମ୍ବଲପୁର, ଏବଂ ସୁନ୍ଦରଗଡ ।

43 ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ - ବଡବିଲ, ଖୋର୍ଦ୍ଧା ଏବଂ ରାଇରଙ୍ଗପୁର ।

## 3.2.4 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନଲିଖିତ ବିଷୟ ଆକଳନ କରିବା ପୁନର୍ବିଲୋକନର ଉଦ୍ଦେଶ୍ୟ ଥିଲା ।

- ପରିଯୋଜନାଟି ଯଥୋଚିତ ସମୟ ମଧ୍ୟରେ ପ୍ରାଧିକୃତ ହୋଇଥିଲା;
- ସରକାରଙ୍କ ସହ ସ୍ୱାକ୍ଷରିତ ଚୁକ୍ତି ମୁତାବକ ଅନୁମତିପ୍ରାପ୍ତ ରିଆତିଦାତା ଦ୍ୱାରା କାର୍ଯ୍ୟ ସମ୍ପାଦନ ହୋଇଥିଲା;
- ଯାନଗୁଡିକର ପଞ୍ଜୀକରଣ ଏବଂ ଟିକସ/ଫିସ୍‌ର ଆଦାୟରେ ସଫ୍ଟୱେଆରର ଫଳପ୍ରଦ ବ୍ୟବହାର ନିମନ୍ତେ ବିଭାଗ ସକ୍ଷମ ଥିଲା;
- "ବାହନ" ସଫ୍ଟୱେଆର ମୋଟରଯାନ ଅଧିନିୟମ, 1988, ଓଡିଶା ମୋଟରଯାନ କର ଅଧିନିୟମ, 1975 ଏବଂ ତଦଧିନ ପ୍ରଣୀତ ନିୟମାବଳୀର ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପର ସମକାଳୀକ ଥିଲା; ଏବଂ
- ଧରି ରଖିଥିବା ତଥ୍ୟକୁ ପ୍ରାମାଣିକ, ସମ୍ପୂର୍ଣ୍ଣ ଏବଂ ନିର୍ଭୁଲ ସୁନିଶ୍ଚିତ କରିବା ନିମନ୍ତେ ପଦ୍ଧତିରେ ଉଚିତ ନିବେଶ, ବିଧିମାନ୍ୟ ଓ ପ୍ରକ୍ରିୟାଗତ ନିୟନ୍ତ୍ରଣ ଥିଲା ।

## 3.2.5 ସମୀକ୍ଷାର ପରିସର ଓ କାର୍ଯ୍ୟପଦ୍ଧତି

ବାହନ ସଫ୍ଟୱେଆରରେ ପ୍ରୟୋଗ ହୋଇଥିବା ନିୟନ୍ତ୍ରଣର ପରୀକ୍ଷା ଏବଂ ପ୍ରବର୍ତ୍ତନ ଯଥା ଏହାର ପ୍ରବର୍ତ୍ତନ ଦିନଠାରୁ ଅକ୍ଟୋବର 2008 ପର୍ଯ୍ୟନ୍ତ ଯାନଗୁଡିକର ପଞ୍ଜୀକରଣ ଏବଂ ଆନୁସଙ୍ଗିକ କ୍ରିୟାକଳାପ ତଥା କର/ଫିସ୍‌ର ଆଦାୟ ଏବଂ ଅନୁମତିଧାରୀଙ୍କ କାର୍ଯ୍ୟକଳାପର ସମୀକ୍ଷା ସୂଚନା ଓ ପ୍ରଯୁକ୍ତିବିଦ୍ୟା ପୁନର୍ବିଲୋକନର ପରିସର ଥିଲା ।

ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଆଠଗୋଟି[44] ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଯାଦୃଚ୍ଛିକ ନମୁନାରେ ସମୀକ୍ଷା ନିମନ୍ତେ ବଛାଯାଇଥିଲା । ଏହି ଆଞ୍ଚଳିକ କାର୍ଯ୍ୟାଳୟ ଗୁଡିକର ଡାଟାବେସକୁ ପରିବହନ ବିଭାଗର ଡିଏମ୍‌ପି ନଥିରେ ଯୋଗାଇ ଦିଆଯାଇଥିଲା ଯାହାକୁ ଅଣାଯାଇ କମ୍ପ୍ୟୁଟର ଆସିସ୍‌ଟେଡ୍ ଅଡିଟ ଟେକ୍‌ନିକ୍ ଦ୍ୱାରା ବିଶ୍ଳେଷଣ କରାଯାଇଥିଲା ।

## 3.2.6 ସମୀକ୍ଷାର ମାନଦଣ୍ଡ

ନିମ୍ନଲିଖିତ ଅଧିନିୟମ ଏବଂ ନିୟମାବଳୀ ଗୁଡିକର ବ୍ୟବସ୍ଥାକୁ ସମୀକ୍ଷାର ମାନଦଣ୍ଡ ରୂପେ ବ୍ୟବହାର କରାଯାଇଥିଲା ।

- ମୋଟରଯାନ ଅଧିନିୟମ, 1988
- କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, 1989
- ଓଡିଶା ମୋଟରଯାନ କର ଅଧିନିୟମ, 1975
- ଓଡିଶା ମୋଟରଯାନ ନିୟମାବଳୀ, 1993

---

44 ଅନୁଗୁଳ, ଭୁବନେଶ୍ୱର, କଟକ, ଝାରସୁଗୁଡା, ନବରଙ୍ଗପୁର, ରାୟଗଡା, ରାଉରକେଲା ଏବଂ ସୁନ୍ଦରଗଡ ।

- ଓଡିଶା ସରକାର ଏବଂ ମେସର୍ସ ସ୍ମାର୍ଟଚିପ୍ ଲିମିଟେଡ, ନୂଆଦିଲ୍ଲୀଙ୍କ ମଧ୍ୟରେ 29 ଜୁଲାଇ 2006 ରେ ହୋଇଥିବା ରିଆତି ରାଜିନାମା
- ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରବର୍ତ୍ତନ ନିମନ୍ତେ ବ୍ୟବହୃତ ଉତ୍ତମ କାର୍ଯ୍ୟପଦ୍ଧତି

## 3.2.7 ସ୍ୱୀକୃତି

ସୂଚନା ଓ ପ୍ରଯୁକ୍ତିବିଦ୍ୟା ପୁନର୍ବିଲୋକନ ନିମନ୍ତେ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେବାରେ ରାଜ୍ୟ ପରିବହନ ପ୍ରାଧିକରଣର ସହଯୋଗକୁ ସ୍ୱୀକାର କରାଯାଉଅଛି । ସମୀକ୍ଷାର ମନ୍ତବ୍ୟଗୁଡିକୁ ଜୁନ୍ 2009 ରେ ବିଭାଗକୁ ଜଣାଇ ଦିଆଯାଇଥିଲା । ବିଭାଗର ଜୁଲାଇ 2009 ର ଉତ୍ତର ପାରସ୍ପରିକ ଅନୁଚ୍ଛେଦ ମାନଙ୍କରେ ଉପଯୁକ୍ତ ଭାବେ ଅନ୍ତର୍ଭୁକ୍ତ କରାଯାଇଅଛି ।

## ସମୀକ୍ଷା ସିଦ୍ଧାନ୍ତ

## 3.2.8 ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଦ୍ୱାରା ପରିଯୋଜନା କାର୍ଯ୍ୟ ନିଷ୍ପାଦନରେ ଅଭାବ

***3.2.8.1 ସମୀକ୍ଷାର ସମ୍ୟକ ପରୀକ୍ଷାରେ ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଦ୍ୱାରା ପରିଯୋଜନା କାର୍ଯ୍ୟ ନିଷ୍ପାଦନରେ ନିମ୍ନଲିଖିତ ଅଭାବ ଥିବା ପରିଲକ୍ଷିତ ହୋଇଥିଲା ।***

ଅନୁମତିପ୍ରାପ୍ତ ରିଆତିଦାତା ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ କରିବାକୁ ପରିଯୋଜନା ସମ୍ପୂର୍ଣ୍ଣ କରିବାର ସମୟସୀମା ମଧ୍ୟରେ ନିର୍ଦ୍ଧାରିତ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ 11 ଡିସେମ୍ବର 2006 କିମ୍ବା ତାହା ପୂର୍ବରୁ ଅର୍ଥାତ ଚୁକ୍ତି ସ୍ୱାକ୍ଷରିତ ହେବାର 135 ଦିନ ମଧ୍ୟରେ ପରିଯୋଜନାର ପ୍ରବର୍ତ୍ତନ ଓ ସୁବିଧାମାନ ସ୍ଥାପନ କରିବାର ଥିଲା । ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ବ୍ୟତୀତ ନିର୍ଦ୍ଧାରିତ ଦିବସର 30 ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅସଫଳ ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଅନୁମତିପ୍ରାପ୍ତ ରିଆତିଦାତା ଦୈନିକ 20,000 ଟଙ୍କା ହିସାବରେ ଓଡିଶା ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଦେବାକୁ ଦାୟୀ ରହିବାର ଥିଲା ।

ନିମ୍ନ ସାରଣୀଟି ଅନୁମତିପ୍ରାପ୍ତ ରିଆତିଦାତା ହାସଲ କରିଥିବା କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ବ୍ୟାପ୍ତି ସୂଚିତ କରୁଛି ।

| କାର୍ଯ୍ୟ ପରିସର | କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଧାର୍ଯ୍ୟ ତାରିଖ | 31 ଜୁଲାଇ 2009 ର ସ୍ଥିତି |
|---|---|---|
| ବିଗତ 14 ବର୍ଷର ପଞ୍ଜୀକରଣ ପ୍ରମାଣ ପତ୍ର ଏବଂ ମୋଟରଯାନ କର ଓ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସର ପାଞ୍ଚ ବର୍ଷ ପୂର୍ବରୁ ଜାରି ପରମିଟ ଗୁଡିକର ପିଛିଲା କାମର ଦରଜ | 11 ଡିସେମ୍ବର 2006 | ସମ୍ପୂର୍ଣ୍ଣ ହୋଇନଥିଲା |
| ୱେବସାଇଟ ସ୍ଥାପନ କରିବା | 11 ଡିସେମ୍ବର 2006 | ସ୍ଥାପିତ ହୋଇନଥିଲା |
| ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟର ଅନଲାଇନ ସଂଯୋଗ ଏବଂ ବାସ୍ତବକାଳୀନ ନଥିପତ୍ରର ରକ୍ଷଣାବେକ୍ଷଣ ନିମନ୍ତେ କେନ୍ଦ୍ରୀୟ ଡାଟାବେସ୍ ପ୍ରସ୍ତୁତି | 11 ଡିସେମ୍ବର 2006 | ହୋଇନଥିଲା |

ରାଜିନାମା ଅନୁସାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେତୁ ଓଡିଶା ରାଜ୍ୟ ସରକାର ଅନୁମତିପ୍ରାପ୍ତ ରିଆତି ଦାତାଙ୍କ ଉପରେ 1.87[45] କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିବା ଆବଶ୍ୟକ ଥିଲା । ରାଜ୍ୟ ସରକାର ରାଜିନାମାର ଧାରା ଅନୁସାରେ ଜୋରିମାନା ଦାବି କରିନଥିଲେ ।

***3.2.8.2*** ରାଜିନାମା ମୁତାବକ ରାଜ୍ୟର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡିକରେ 11 ଡିସେମ୍ବର 2006 ସୁଦ୍ଧା ଅର୍ଥାତ ରାଜିନାମା ସ୍ୱାକ୍ଷରିତ ହେବାର 135 ଦିନ ମଧ୍ୟରେ ଅନୁମତିପ୍ରାପ୍ତ ରିଆତି ଦାତା ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରି ସ୍ମାର୍ଟକାର୍ଡ ପଞ୍ଜୀକରଣ ପ୍ରମାଣପତ୍ର ଯୋଗାଇଦେବା ଆବଶ୍ୟକ ଥିଲା । ଯଦି ନିର୍ଦ୍ଧାରିତ ବାଣିଜ୍ୟିକ କାର୍ଯ୍ୟ ସମ୍ପାଦନ ଦିବସ ସୁଦ୍ଧା ଫୋର୍ସ ମାଜ୍ୟୁରେ ବ୍ୟତୀତ ଅନ୍ୟ କୌଣସି କାରଣ ବଶତଃ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ ହୋଇନଥାଏ ତେବେ ଅନୁମତିପ୍ରାପ୍ତ ରିଆତିଦାତା ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ଦିବସ ହାସଲ ନହେବା ହେତୁ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ ହେବା ପର୍ଯ୍ୟନ୍ତ ଓଡିଶା ରାଜ୍ୟ ସରକାରଙ୍କୁ ଦୈନିକ ଏକ ଲକ୍ଷ ଟଙ୍କା ହିସାବରେ କ୍ଷତିପୂରଣ ଦେବେ ।

ଓଡିଶା ରାଜ୍ୟ ସରକାର ସେପ୍ଟେମ୍ବର 2006 ର ଅଧିସୂଚନାରେ ମଧ୍ୟ 11 ଡିସେମ୍ବର 2006 ଦିନକୁ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ରୂପେ ଅଧିସୂଚିତ କରି ଅନୁମତିପ୍ରାପ୍ତ ରିଆତିଦାତାଙ୍କୁ ବ୍ୟବହାରକାରୀଙ୍କ ଠାରୁ ବିନିର୍ଦ୍ଦିଷ୍ଟ ହାରରେ ସେବା ଦେୟ ଆଦାୟ କରିବା ସହିତ ରାଜ୍ୟ ସରକାରଙ୍କ ପାଇଁ ଓ ପକ୍ଷରୁ ମୋଟରଯାନ କର ପଞ୍ଜୀକରଣ ଫିସ୍, ପରମିଟ୍ ଫିସ୍ ଇତ୍ୟାଦି ଆଦାୟ କରି ସରକାରୀ ରାଜସ୍ୱକୁ ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଖୋଲାଯାଇଥିବା ନାମିତ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ ପ୍ରାଧିକୃତ କରିଥିଲେ ।

ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ 23 ନଭେମ୍ବର 2006 ରୁ 26 ମାର୍ଚ୍ଚ 2007 ମଧ୍ୟରେ ଭିନ୍ନ ଭିନ୍ନ ଥିଲା ଏବଂ ବିଳମ୍ବର ବିସ୍ତାର ନିର୍ଦ୍ଧାରିତ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସରୁ ଦୁଇ ରୁ 106 ଦିନ ପର୍ଯ୍ୟନ୍ତ ରହିଥିଲା । ଅତଏବ ଓଡିଶା ରାଜ୍ୟ ସରକାରଙ୍କୁ ଦୈନିକ ଏକ ଲକ୍ଷ ହିସାବରେ 106 ଦିନ ନିମନ୍ତେ 1.06 କୋଟି ଟଙ୍କାର ଜୋରିମାନା ଆରୋପଣ କରିବାର ଆବଶ୍ୟକ ଥିଲା । ମାତ୍ର ରାଜ୍ୟ ସରକାର ଜୋରିମାନା ଆରୋପଣ ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ କରିନଥିଲେ (ଫେବୃଆରୀ 2009) । ଜୋରିମାନା ଅନାରୋପଣର କାରଣ ଉପଲବ୍ଧ କରାଯାଇ ନଥିଲା । ତେବେ ବିଭାଗ ଏହି ବିଷୟରେ ଅନୁମତିପ୍ରାପ୍ତ ରିଆତି ଦାତାଙ୍କୁ ମାର୍ଚ୍ଚ 2009 ରେ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା ।

ଅନୁମତିପ୍ରାପ୍ତ ରିଆତିଦାତାଙ୍କ ପକ୍ଷରୁ ପରିଯୋଜନାର ବିଭିନ୍ନ ଦିଗ ଅସମ୍ପୂର୍ଣ୍ଣ ରହିଥିବାର ସ୍ୱୀକାର କରି ବିଭାଗ କହିଥିଲା (ଜୁଲାଇ 2009) ଯେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ପର୍ଯ୍ୟନ୍ତ ଦୈନିକ 20,000 ଟଙ୍କାର କ୍ଷତିପୂରଣ ଦେବାକୁ ରାଜିନାମାର ଧାରା ଗୁଡିକରେ ବ୍ୟବସ୍ଥା କରାଯାଇ ନଥିଲା । ମାତ୍ର ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ ନହେବା ପର୍ଯ୍ୟନ୍ତ ଦୈନିକ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବ୍ୟବସ୍ଥା ଅଛି । ବିଭାଗ ଆହୁରି ମଧ୍ୟ କହିଥିଲା ଯେ ଅନୁମତିପ୍ରାପ୍ତ ରିଆତି ଦାତାଙ୍କୁ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ କରିବା ନିମନ୍ତେ ରାଜିନାମା ମୁତାବକ ଏକ ଲକ୍ଷ ଟଙ୍କା ଜୋରିମାନା ସହ ଅଧିକ 60 ଦିନ ସମୟ ମଞ୍ଜୁର ହୋଇଥିଲା । ବିଭାଗର ଏହି ଯୁକ୍ତି ଗ୍ରହଣୀୟ ନୁହେଁ ଯେହେତୁ ରାଜିନାମାର ପୃଥକ ଉପଧାରା[46] ଗୁଡିକରେ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ବ୍ୟତୀତ ପରିଯୋଜନାର ବିଭିନ୍ନ ବିନିର୍ଦ୍ଦିଷ୍ଟ ଦିଗ ସମ୍ପୂର୍ଣ୍ଣ ହୋଇନଥିଲେ ଦୈନିକ 20,000 ଟଙ୍କା ହାରରେ ଓ ନିର୍ଦ୍ଧାରିତ

---

45 ଦୈନିକ 20,000 ଟଙ୍କା x 933 ଦିନ (11 ଜାନୁଆରୀ 2007 ରୁ 31 ଜୁଲାଇ 2009 ପର୍ଯ୍ୟନ୍ତ) = 1.87 କୋଟି ଟଙ୍କା ।

46 ଉପଧାରା 14.1.3 - 20,000 ଟଙ୍କା ନିମନ୍ତେ ଏବଂ ଉପଧାରା 14.1.4 – ଦୈନିକ ଏକ ଲକ୍ଷ ଟଙ୍କା ନିମନ୍ତେ ।

ସମୟରେ ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ ହାସଲ ହୋଇନଥିଲେ ଦୈନିକ ଏକ ଲକ୍ଷ ଟଙ୍କା ହାରରେ କ୍ଷତି ପୂରଣ ଦେବାର ବ୍ୟବସ୍ଥା ଥିଲା । ଅଧିକନ୍ତୁ ଅନୁମତିପ୍ରାପ୍ତ ରିଆତିଦାତାଙ୍କୁ ସମ୍ପ୍ରସାରିତ ସମୟ ମଞ୍ଜୁର ସମର୍ଥନରେ ସରକାରଙ୍କର କୌଣସି କାର୍ଯ୍ୟନିର୍ବାହୀ ଆଦେଶ ନଥିଲା ।

### *3.2.8.3 ସୂଚନା ଓ ପ୍ରଯୁକ୍ତିବିଦ୍ୟା କର୍ମଚାରୀଙ୍କ ସ୍ୱଳ୍ପନିୟୋଜନ*

ରାଜିନାମା ମୁତାବକ ପରିବହନ ବିଭାଗ ନ୍ୟାସନାଲ ଇନଫରମେଟିକସ୍ ସେଣ୍ଟରରୁ ତାଲିମପ୍ରାପ୍ତ ସୂଚନା ଓ ପ୍ରଯୁକ୍ତବିଦ୍ୟା କର୍ମଚାରୀ ମାନଙ୍କୁ ନିୟୋଜନ କରିବା କଥା ଯେଉଁମାନେ ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମାନଙ୍କରେ ଓ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ସିଷ୍ଟମ ପରିଚାଳନା ନିମନ୍ତେ ଦାୟୀ ରହିବେ । ସେମାନଙ୍କର ମାସିକ ପାରିଶ୍ରମିକ ଅନୁମତିପ୍ରାପ୍ତ ରିଆତି ଦାତାଙ୍କ ଦ୍ୱାରା ପରିବହନ ବିଭାଗ ମାଧ୍ୟମରେ ଦିଆଯିବ ।

ସିଷ୍ଟମଟି ରାଜ୍ୟ ପରିବହନ ପ୍ରାଧିକରଣ ସମେତ 30 ଗୋଟି ସ୍ଥାନରେ କାର୍ଯ୍ୟକାରୀ ହେଉଅଛି । ସିଷ୍ଟମ ପରିଚାଳନା ଓ ଡାଟାବେସ୍ ଦେଖାଚାହାଁ ନିମନ୍ତେ ଅତି କମ୍‌ରେ 30 ଜଣ ସହକାରୀ ପ୍ରୋଗ୍ରାମରଙ୍କ ଆବଶ୍ୟକ ଥିବା ସ୍ଥଳେ ଜୁଲାଇ 2007 ଠାରୁ 18 ଜଣ ସହକାରୀ ପ୍ରୋଗ୍ରାମରଙ୍କୁ ମୁତୟନ କରାଯାଇଥିଲା ଏବଂ 12 ଜଣ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କୌଣସି ପ୍ରୋଗ୍ରାମର ଦିଆଯାଇ ନଥିଲା । ଏହି ଆଞ୍ଚଳିକ ପରିବହନ ଅଧିକାରୀ ମାନେ କୌଣସି ପ୍ରୋଗ୍ରାମରଙ୍କ ସେବାରୁ ବଞ୍ଚିତ ହେଉଥିବାରୁ ଏହା ଡାଟାବେସ୍ ଓ ପଦ୍ଧତି ପରିଚାଳନାରେ ପ୍ରତିକୂଳ ପ୍ରଭାବ ପକାଇଥିଲା ଏବଂ ଅନୁମତିପ୍ରାପ୍ତ ରିଆତିଦାତାଙ୍କୁ 30 ଲକ୍ଷ ଟଙ୍କାର (ପ୍ରୋଗ୍ରାମରଙ୍କ ପିଛା ମାସିକ 10,000 ଟଙ୍କା ହାରରେ ଜୁଲାଇ 2007 ରୁ ଜୁଲାଇ 2009 ପର୍ଯ୍ୟନ୍ତ) ଅନୁଚିତ ଫାଇଦା ମିଳିଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରିଥିଲା (ଜୁଲାଇ 2009) ।

## 3.2.9 ଅନୁମତିପ୍ରାପ୍ତ ରିଆତିଦାତାଙ୍କ କାର୍ଯ୍ୟ ସମ୍ପାଦନ ମାନକ ପ୍ରତି ଆନୁଗତ୍ୟ ନଥିବା ଏବଂ ନାଗରିକ ସେବାରେ ଅବହେଳା

**ସ୍ମାର୍ଟକାର୍ଡ ପଞ୍ଜୀକରଣ ପ୍ରମାଣପତ୍ର/ଫିଟନେସ୍ ପ୍ରମାଣପତ୍ର ଜାରିରେ ବିଳମ୍ବ**

ରାଜିନାମା ମୁତାବକ ଅନୁମତିପ୍ରାପ୍ତ ରିଆତିଦାତା କର ଓ ଫିସ୍ ଆଦାୟର ଗୋଟିଏ ଦିନ ମଧରେ ଅଣପରିବହନ ଯାନଗୁଡିକର ସ୍ମାର୍ଟକାର୍ଡ ପଞ୍ଜୀକରଣ ପ୍ରମାଣ ପତ୍ର ଏବଂ ପରିବହନ ଯାନଗୁଡିକର ଫିଟନେସ୍ ଯାଞ୍ଚର ଗୋଟିଏ ଦିନ ପରେ ସ୍ମାର୍ଟକାର୍ଡ ଫିଟନେସ୍ ପ୍ରମାଣପତ୍ର/ପଞ୍ଜୀକରଣ ପ୍ରମାଣ ପତ୍ର ଜାରି କରିବେ । ଏଥିରେ ବିଫଳ ହେଲେ ରାଜ୍ୟ ସରକାର ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଦ୍ୱାରା ପ୍ରତ୍ୟେକ ବ୍ୟବହାରକାରୀଙ୍କ ନିକଟରୁ ସେବା ବାବଦରେ ଆଦାୟ ହୋଇଥିବା 167.01 ଟଙ୍କାର ସେବା ଦେୟ ଉପରେ 10 ପ୍ରତିଶତ ହାରରେ ବିଳମ୍ବ ଜନିତ ଜୋରିମାନା ଆରୋପଣ କରିବେ ।

ସାତଗୋଟି[47] ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କର ଡାଟାବେସ୍‌ର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ଅଣପରିବହନ ଯାନର ପଞ୍ଜୀକରଣ ପ୍ରମାଣପତ୍ର ଏବଂ ପରିବହନ ଯାନଗୁଡିକର ଫିଟନେସ/ପଞ୍ଜୀକରଣ ପ୍ରମାଣପତ୍ର ଜାରିର ମଧ୍ୟବର୍ତ୍ତୀ ବିଳମ୍ବ ଦୁଇରୁ ସାତ ଦିନ ପର୍ଯ୍ୟନ୍ତ ହୋଇଥିବାରୁ ରାଜ୍ୟ ସରକାର ନିମ୍ନରେ

47 ଅନୁଗୁଳ, ଭୁବନେଶ୍ୱର, କଟକ, ଝାରସୁଗୁଡା, ରାୟଗଡା, ରାଉରକେଲା ଏବଂ ସୁନ୍ଦରଗଡ ।

ଦର୍ଶାଯାଇଥିବା ମତେ ବିଳମ୍ବ ଜନିତ କାରଣରୁ 29.31 ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରିବାର ଆବଶ୍ୟକ ଥିଲା । ମାତ୍ର ଏହା ହୋଇ ନଥିଲା ।

| ବର୍ଗ | ଯାନ ସଂଖ୍ୟା | ପଞ୍ଜୀକରଣ/ ଫିଟନେସ୍ ପ୍ରମାଣପତ୍ର ଜାରିର ମଧ୍ୟବର୍ତ୍ତୀ ବିଳମ୍ବ | ଆରୋପଣ ଯୋଗ୍ୟ ଜୋରିମାନା (ଟଙ୍କା ଆକାରରେ) |
|---|---|---|---|
| ପରିବହନ | 41,056 | 2 ରୁ 7 ଦିନ | 6,85,676 |
| ଅଣପରିବହନ | 1,34,427 | 2 ରୁ 5 ଦିନ | 22,45,065 |
| **ମୋଟ** | **1,75,483** | | **29,30,741** |

ବ୍ୟବହାରକାରୀଙ୍କୁ ସେବା ପ୍ରଦାନରେ ଅତିରିକ୍ତ ବିଳମ୍ବ ଏବଂ ସମୟୋଚିତ ସେବା ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ ବିଭାଗରେ ପର୍ଯ୍ୟାଲୋଚନାର ଅନୁପସ୍ଥିତି ଇ-ଗଭର୍ଣ୍ଣାନସ୍ ଉଦ୍ଦେଶ୍ୟକୁ ବିଫଳ କରିଥିଲା ଏବଂ ଫଳତଃ ନାଗରିକ ସେବା ଉପେକ୍ଷିତ ହୋଇଥିଲା । ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଦ୍ୱାରା ବିଳମ୍ବରେ ପଞ୍ଜୀକରଣ ପ୍ରମାଣପତ୍ର/ ଫିଟନେସ୍ ପ୍ରମାଣ ପତ୍ର ଜାରି ହେଉଥିବାର ଅଭିଯୋଗ ଆଞ୍ଚଳିକ ଅଧିକାରୀମାନଙ୍କ ନିକଟରୁ ପାଇବା ପରେ ବିଭାଗ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମୀକ୍ଷା ସଞ୍ଚାଳନ ନିମନ୍ତେ ମହାଲେଖାକାରଙ୍କୁ ଅନୁରୋଧ କରିଥିଲେ ହେଁ ବ୍ୟବହାରକାରୀଙ୍କ ଅଭିଯୋଗ ଲିପିବଦ୍ଧ କରିବା ନିମନ୍ତେ କୌଣସି ଅଭିଯୋଗ ପୁସ୍ତକର ରକ୍ଷଣାବେକ୍ଷଣ ହୋଇନଥିଲା ।

ପୁନଶ୍ଚ ରାଜିନାମା ମୁତାବକ ଅନୁମତିପ୍ରାପ୍ତ ରିଆତିଦାତାଙ୍କ ବିଳମ୍ବରେ ଜାରି ହୋଇଥିବା ପଞ୍ଜୀକରଣ ପ୍ରମାଣପତ୍ର/ ଫିଟନେସ୍ ପ୍ରମାଣପତ୍ରର ସୂଚନା ଏବଂ ଏଥି ନିମନ୍ତେ ଆରୋପଣ ଯୋଗ୍ୟ ଜୋରିମାନା ଜଣାଇ ସଠିକ ମାସିକ ରିପୋର୍ଟ ଦାଖଲ କରିବାର ଥିଲା । ମାତ୍ର ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଏହି ରିପୋର୍ଟ ଦାଖଲ କରିନଥିଲେ କିମ୍ବା ବିଭାଗ ମଧ୍ୟ ଏହାକୁ ମାଗିନଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରିଥିଲା (ଜୁଲାଇ 2009) ।

## 3.2.10 ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଦ୍ୱାରା ଅନିୟମିତ ସେବା ଦେୟ ସଂଗ୍ରହ

ରିଆତି ରାଜିନାମାର ସର୍ତ୍ତ ମୁତାବକ ସ୍ମାର୍ଟକାର୍ଡ ପଞ୍ଜୀକରଣ ପ୍ରମାଣପତ୍ର ଉପଲବ୍ଧ ହେବା ପର୍ଯ୍ୟନ୍ତ କାଗଜର ପଞ୍ଜୀକରଣ ପ୍ରମାଣପତ୍ର 15 ଟଙ୍କା ସେବା ଚାର୍ଜ ହାରରେ ଯୋଗାଇ ଦିଆଯାଉଥିଲା । ପୁନଶ୍ଚ ଏହା ସ୍ଥିର କରାଗଲା ଯେ କାଗଜ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିବା ଇଚ୍ଛାଧିନ ଏବଂ ଏହା ଉପରେ ସେବା ଦେୟ ବାଧ୍ୟତାମୂଳକ ନୁହେଁ । ଏଥି ନିମନ୍ତେ ଓଡିଶା ସରକାରଙ୍କ ପରିବହନ ବିଭାଗ ମଇ 2008 ରେ ଏକ ଅଧିସୂଚନା ଜାରି କରିଥିଲେ ।

ସାତଗୋଟି[48] ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର ଡାଟାବେସ୍‌ର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ସ୍ମାର୍ଟକାର୍ଡ ଉପଲବ୍ଧ ଥିଲେ ମଧ୍ୟ ପ୍ରାରମ୍ଭିକ ଅବସ୍ଥାରେ ଅର୍ଥାତ ଅନୁମତିଧାରୀଙ୍କ ଦ୍ୱାରା କର/ଫିସ୍ ଆଦାୟ କାଳରେ ବ୍ୟବହାରକାରୀଙ୍କ ଠାରୁ କାଗଜ ପଞ୍ଜୀକରଣ ପ୍ରମାଣପତ୍ର ବାବଦ ସେବା ଦେୟ ଆଦାୟ କରାଯାଉଥିଲା । ଯାହା ରାଜିନାମା ସର୍ତ୍ତର ବିରୁଦ୍ଧାଚରଣ କରୁଥିଲା । ପୁନଶ୍ଚ କାଗଜ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିବା ବ୍ୟବହାରକାରୀଙ୍କ ଇଚ୍ଛାଧିନ ଥିଲେହେଁ ଉକ୍ତ ଦେୟ ଆଦାୟ କରାଯିବାର ଥିଲା । ଅଧିକନ୍ତୁ ନିଜ ପସନ୍ଦର ସୂଚନା

48 ଅନୁଗୁଳ, ଭୁବନେଶ୍ୱର, କଟକ, ଝାରସୁଗୁଡା, ରାୟଗଡା, ରାଉରକେଲା ଏବଂ ସୁନ୍ଦରଗଡ ।

ଦେବାକୁ ଦରଖାସ୍ତ ଫର୍ମରେ ଆବଶ୍ୟକ ବ୍ୟବସ୍ଥା ନଥିବାରୁ କାଗଜ ପଞ୍ଜୀକରଣ ପ୍ରମାଣପତ୍ର (ଦସ୍ତାବିଜ) ବାବଦରେ ସେବା ଦେୟ ମୋଟ ଦେୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀମାନେ ଦରଖାସ୍ତକାରୀଙ୍କ ପସନ୍ଦକୁ ବିଚାର ନକରି କାଗଜ ପଞ୍ଜୀକରଣ ପ୍ରମାଣପତ୍ର ଜାରି ଚାଲୁ ରଖିଥିଲେ । ପରିଯୋଜନାର ବାଣିଜ୍ୟିକ କାର୍ଯ୍ୟାରମ୍ଭ ଦିବସ 26 ମାର୍ଚ୍ଚ 2007 ରୁ ସମୀକ୍ଷା ଦିନ ପର୍ଯ୍ୟନ୍ତ ସାତଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ 1,50,136 ଗୋଟି ନୂତନ ପଞ୍ଜୀକରଣ ପ୍ରମାଣପତ୍ର ସ୍ମାର୍ଟକାର୍ଡ ଜରିଆରେ ଜାରି କରାଯାଇଥିଲା ଏବଂ ସେବା ଦେୟ ବାବଦକୁ ଅନୁମତିଧାରୀଙ୍କ ଦ୍ୱାରା ଦରଖାସ୍ତକାରୀଙ୍କ ଠାରୁ 22.52 ଲକ୍ଷ ଟଙ୍କା (1,50,136 x 15 ଟଙ୍କା) ଅନିୟମିତ ଭାବେ ଆଦାୟ ହୋଇଥିଲା ।

ବିଭାଗ ସତ୍ୟତାକୁ ସ୍ୱୀକାର କରି କହିଥିଲା ଯେ ଏହି ଅବସ୍ଥା ମଧ୍ୟ ଲାଗି ରହିଥିଲା (ଜୁଲାଇ 2009) ।

## 3.2.11 ହ୍ୟାଣ୍ଡ ହେଲଡ୍ ଟରମିନାଲ ବ୍ୟବହାର ନହେବା

ହ୍ୟାଣ୍ଡ ହେଲଡ୍ ଟରମିନାଲ ଯନ୍ତ୍ରରେ ସ୍ଥାପିତ ସଫ୍ଟୱେଆର ଜରିଆରେ ପରିବହନ ବିଭାଗର ପ୍ରବର୍ତ୍ତନ ଅଙ୍ଗ ଦ୍ୱାରା ସ୍ମାର୍ଟକାର୍ଡ ଗୁଡିକ ଅସଲି କିମ୍ବା ନକଲି, କର ପ୍ରଦାନର ବିବରଣୀ, ପରମିଟ ଓ ଫିଟନେସ୍‌ର ବୈଧତା ଏବଂ ଯଦି କୌଣସି ପୂର୍ବ ଅପରାଧ ଥାଏ ତାହା ଯାଞ୍ଚ କରିବା ନିମନ୍ତେ ବ୍ୟବହୃତ ହେବାକୁ ଥିଲା । ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟର ଦ୍ୱାରା ପ୍ରସ୍ତୁତ ସଫ୍ଟୱେଆର ସଂସ୍ଥାପନ କରି, ଅନୁମତିପ୍ରାପ୍ତ ରିଆତିଦାତାଙ୍କ ଏହି ହ୍ୟାଣ୍ଡ ହେଲଡ୍ ଟରମିନାଲ ଗୁଡିକ ଯୋଗାଇ ଦେବାର ଥିଲା । ଯଦିଚ ସଫ୍ଟୱେଆରଟି ଏନ୍‌ଆଇସି ଦ୍ୱାରା ଅନୁମୋଦିତ ହୋଇଥିଲା (ଫେବୃଆରୀ 2009) ଏହା ଯନ୍ତ୍ର ଗୁଡିକରେ ସଂସ୍ଥାପିତ ହୋଇନଥିଲା ।

ପ୍ରବର୍ତ୍ତନ ଦଳ ସ୍ମାର୍ଟକାର୍ଡ ଜରିଆରେ ଯାନଗୁଡିକର ବାସ୍ତବିକ ଯାଞ୍ଚ କରିବା ସ୍ଥିତିରେ ନଥିବାରୁ ହାର୍ଡୱେଆରଟି ରଖିବାର ଉଦ୍ଦେଶ୍ୟ ବିଫଳ ହୋଇଥିଲା । ଫଳରେ ସ୍ମାର୍ଟକାର୍ଡ କୌଣସି ସାର୍ଥକ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରି ନଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରିଥିଲା (ଜୁଲାଇ 2009) ।

## 3.2.12 ଚୁକ୍ତି ପରିଚାଳନାର ଅନ୍ୟାନ୍ୟ ଦିଗ

- ରାଜିନାମା ମୁତାବକ ଅନୁମତିଧାରୀ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ପରିଯୋଜନାର ଆସବାବପତ୍ରର ଚଳନ୍ତି ବୀମା କରି ଏହାର ରକ୍ଷଣାବେକ୍ଷଣ କରିବା ଏବଂ ବୀମା ସମର୍ଥନରେ ନଥିପତ୍ର ଇତ୍ୟାଦି ସରକାରଙ୍କ ନିକଟରେ ଦାଖଲ କରିବା କଥା । ସରକାରଙ୍କ ନିକଟରେ ସରକାରୀ ରାଜସ୍ୱ ଓ ପରିଯୋଜନାର ଆସବାବପତ୍ରର ବୈଧ ବୀମା ହୋଇଥିବା ସୁନିଶ୍ଚିତ କରିବା ନିମନ୍ତେ କୌଣସି ନଥିପତ୍ର ନଥିବା ଫଳରେ ରାଜସ୍ୱ ଓ ପରିଯୋଜନାର ଆସବାବପତ୍ରର ସୁରକ୍ଷା ସନ୍ଦେହଜନକ ଥିଲା ।
- ଡାଟା ପ୍ରୋସେସିଙ୍ଗ୍ ଓ ସର୍‌ଭର୍ ଥିବା କୌଣସି କୋଠରୀରେ ଅଗ୍ନି ନିର୍ବାପକ ଯନ୍ତ୍ର, ବିପଦ ଘଣ୍ଟି ଏବଂ ଧୂଆଁ ସନ୍ଧାନ କରିବା ଯନ୍ତ୍ର ପରି ସୁରକ୍ଷା ଉପାୟମାନ ନଥିଲା ଯାହା ରାଜିନାମାର ଖିଲାପ କରିଥିଲା । ଆକସ୍ମିକ ନିଆଁ ଲାଗିଗଲେ ହାର୍ଡୱେଆର ଏବଂ ଡାଟା ହାନିର ଆଶଙ୍କା ରହିଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରିଥିଲା (ଜୁଲାଇ 2009) ।

## 3.2.13 ପରିକଳ୍ପନାରେ ଅଭାବ

### *3.2.13.1 ରେଜିଷ୍ଟ୍ରେସନ ଡାଟାବେସ୍‌ରେ ପ୍ରବେଶ କର କ୍ଷେତ୍ର ଅନ୍ତର୍ଭୁକ୍ତ ନହେବାରୁ ଏକକାଳିନ ଟିକସ ସ୍ୱଳ୍ପାଦାୟ ଓ ପ୍ରବେଶ କର ଅନାଦାୟ*

ଓଡିଶା ପ୍ରବେଶ କର ନିୟମାବଳୀ ଏବଂ ପରିବହନ ବିଭାଗର ବିଭିନ୍ନ ପରିପତ୍ରର ବ୍ୟବସ୍ଥାନୁଯାୟୀ ଅନ୍ୟ ରାଜ୍ୟ ଗୁଡିକରୁ କ୍ରୟ ହୋଇ ଆସୁଥିବା ଯାନ ଗୁଡିକ ଉପରେ ପ୍ରଚଳିତ ହାରରେ ପ୍ରବେଶ କର ଲାଗୁ ହୁଏ ଏବଂ ଏହି ଯାନଗୁଡିକର କ୍ରୟମୂଲ୍ୟ ଏବଂ ଲାଗୁ ହେଉଥିବା ପ୍ରବେଶ କରକୁ ଅନ୍ତର୍ଭୁକ୍ତ କରି ଏହା ଉପରେ ଏକକାଳିନ ଟିକସ (ଓଟିଟି) [49] ଲାଗୁ କରାଯାଏ । ସମୀକ୍ଷାର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ପଦ୍ଧତିଟିରେ ପ୍ରବେଶ କର ଡାଟା ରଖିବାର କୌଣସି ସୁବିଧା ନଥିଲା ଯାହା ଫଳରେ ଅନ୍ୟ ରାଜ୍ୟରୁ କ୍ରୟ ହୋଇଥିବା ଦୁଇଚକିଆ ଯାନ, ମୋଟରକାର ଏବଂ ମୋଟର କ୍ୟାବ୍ ଗୁଡିକରୁ ପ୍ରବେଶ କର ଆଦାୟ ହୋଇନଥିଲା ଏବଂ ଏକକାଳିନ ଟିକସ ସ୍ୱଳ୍ପାଦାୟ ହୋଇଥିଲା । ନମୁନା ଯାଞ୍ଚ ହୋଇଥିବା ରାଉରକେଲା ବ୍ୟତୀତ ଅନ୍ୟ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡିକରେ ଏକକାଳିନ ଟିକସ ହିସାବ ନିମନ୍ତେ ପ୍ରବେଶ କର ଦେୟ ମାନୁଆଲି କରାଯାଇଥିଲା ଏବଂ ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅନ୍ୟ ରାଜ୍ୟରୁ କ୍ରୟ ହୋଇଥିବା ଯାନଗୁଡିକରୁ ପ୍ରବେଶ କର ଆଦାୟ ହୋଇନଥିଲା । ଯାହା ଫଳରେ ଏକକାଳିନ ଟିକସ ସ୍ୱଳ୍ପାଦାୟ ହୋଇଥିଲା । ବାହନର ବିକାଶ ଓ ଲୋକାର୍ପଣ ସମୟରେ ଯାନଗୁଡିକର କ୍ରୟମୂଲ୍ୟ ସହିତ ଏକକାଳିନ ଟିକସ ଆଦାୟ ନିମନ୍ତେ ଆବଶ୍ୟକୀୟ ଫିଲଡ୍ ଏବଂ ଏହାର ସଂଯୋଗ କରାଯାଇନଥିଲା କିମ୍ବା ବିଭାଗ ପରବର୍ତ୍ତୀ ସମୟରେ ଏହାର ବିକାଶ ଓ ସମନ୍ୱୟ ନିମନ୍ତେ ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟରକୁ ଜଣାଇ ନଥିଲା ।

ଅଧିକ ବିଶ୍ଳେଷଣରୁ ଜଣାଗଲା ଯେ 1083 ଜଣ ବ୍ୟବସାୟୀଙ୍କ କ୍ଷେତ୍ରରେ ବ୍ୟବସାୟୀ 'କୋର୍ଡ' କୋଡିଫାଏଡ୍ ହୋଇଥିଲା । ତନ୍ମଧ୍ୟରୁ ଚାରିଜଣ ଅନ୍ୟ ରାଜ୍ୟର ବ୍ୟବସାୟୀ ଥିଲେ (କୋର୍ଡ ସଂଖ୍ୟା – 4080, 99001, 4044 ଏବଂ 4062) । ଅନ୍ୟ ରାଜ୍ୟର କ୍ରୟ ହୋଇଥିବା ଯାନଗୁଡିକରୁ ଅଧିକାଂଶ କ୍ଷେତ୍ରରେ ବ୍ୟବସାୟୀଙ୍କ ନାମ, ଠିକଣା ଓ ରାଜ୍ୟ ନାମ ଉଲ୍ଲେଖ ନଥାଇ ବ୍ୟବସାୟୀ 'କୋର୍ଡ' 50 – "ଅନ୍ୟାନ୍ୟ" ବ୍ୟବହାର ହୋଇଥିଲା । ବ୍ୟବସାୟୀ 'କୋର୍ଡ' 50 ଉଭୟ ଓଡିଶା ରାଜ୍ୟର ଏବଂ ଅନ୍ୟ ରାଜ୍ୟର କୋଡିଫାଇ ହୋଇନଥିବା ବ୍ୟବସାୟୀ ଥିବାରୁ ପ୍ରବେଶ କର ଦେୟ ଏବଂ ଏକକାଳିନ ଟିକସ ଦେୟ ଉଚିତ ରୂପେ ହିସାବ ହୋଇପାରି ନଥିଲା । ଯାହା ଫଳରେ ପ୍ରବେଶ କର ଏବଂ ଏକକାଳିନ ଟିକସ ଫାଙ୍କିର ସମ୍ଭାବନା ଥିଲା ।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରାଉରକେଲାରେ ବ୍ୟବସାୟୀ କୋର୍ଡ '50' ଅଧିନରେ 26 ମାର୍ଚ୍ଚ 2007 ପରେ ଅନ୍ୟ ରାଜ୍ୟରୁ କ୍ରୟ ହୋଇଥିବା ଏକକାଳିନ କରଯୋଗ୍ୟ ଯାନ ଯଥା ଦୁଇଚକିଆ, ମୋଟରକାର ଏବଂ ମୋଟର କ୍ୟାବ ଗୁଡିକରୁ ଏକକାଳିନ ଟିକସ ସ୍ୱଳ୍ପାଦାୟ ହୋଇଥିଲା । ମାନୁଆଲ ନଥିପତ୍ରର ନମୁନା ଯାଞ୍ଚରୁ ପ୍ରବେଶ କର ଅନ୍ତର୍ଭୁକ୍ତ ହୋଇନଥିବାରୁ ଏକକାଳିନ ଟିକସର ସ୍ୱଳ୍ପାଦାୟ ପ୍ରମାଣିତ ହୋଇଥିଲା । ଏତଦ୍‌ବ୍ୟତୀତ ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଉକ୍ତ ଯାନଗୁଡିକ ଠାରୁ ପ୍ରବେଶ କର ମଧ୍ୟ ଆଦାୟ ହୋଇନଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟ ସ୍ୱୀକାର କରି ଅନ୍ୟ ରାଜ୍ୟରୁ କ୍ରୟ ହୋଇଥିବା ଯାନଗୁଡିକର ପ୍ରବେଶ କର ଦେୟକୁ ଅନ୍ତର୍ଭୁକ୍ତ କରି ଏକକାଳିନ ଟିକସ ହିସାବ ସୁନିଶ୍ଚିତ କରିବାକୁ ଏହାର କ୍ଷେତ୍ରୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲା । ଏହି ସମ୍ବନ୍ଧରେ ଏକ ପରିପତ୍ର ମଧ୍ୟ ଜୁଲାଇ 2009 ରେ ଜାରି ହୋଇଥିଲା ଏବଂ ପରିପତ୍ରର

49 ଓଟିଟି - ଦୁଇଚକିଆ ଯାନ, ମୋଟରକାର ଏବଂ ମୋଟର କ୍ୟାବର ପଞ୍ଜୀକରଣ ସମୟରେ ଯାନର ସମ୍ପୂର୍ଣ୍ଣ କାର୍ଯ୍ୟକାଳ ନିମନ୍ତେ ଆଦାୟ ହେଉଥିବା ଟିକସ ।

ନକଲ ଅନୁମତିପ୍ରାପ୍ତ ରିଆତିଦାତା, ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟର, ଓଡିଶା ଶାଖା ଏବଂ ଏହାର ମୁଖ୍ୟ କାର୍ଯ୍ୟାଳୟ, ନୂଆଦିଲ୍ଲୀଙ୍କୁ ପ୍ରେରଣ ହୋଇଥିଲା ।

## ନିବେଶ, ପ୍ରକ୍ରିୟା ଏବଂ ବିଧିମାନ୍ୟ ନିୟନ୍ତ୍ରଣର ଅଭାବ

### 3.2.13.2 ଦୋହରା ଏଣ୍ଟ୍ରିର ଅସ୍ତିତ୍ୱ

କୌଣସି ମୋଟରଯାନର ଚେସିସ୍ ସଂଖ୍ୟା, ଇଞ୍ଜିନ ସଂଖ୍ୟା ଏବଂ ପଞ୍ଜୀକରଣ ସଂଖ୍ୟାଗୁଡିକ ଯାନ ଚିହ୍ନଟର ନିର୍ଦ୍ଧିଷ୍ଟ ପୃଥକ ସଂଖ୍ୟା ଯାହା ମୋଟରଯାନ ଅଧିନିୟମ ଅଧିନରେ ଯାନର ପଞ୍ଜୀକରଣ ଉଦ୍ଦେଶ୍ୟରେ ଏକାନ୍ତ ଆବଶ୍ୟକ ।

ଡାଟାବେସ୍‌ର ବିଶ୍ଲେଷଣରେ ପରିଲକ୍ଷିତ ହେଲା ଯେ ଡାଟାବେସରେ ଦୋହରା ଏଣ୍ଟ୍ରି କରାହୋଇଥିଲା । ନମୁନା ଯାଞ୍ଚ ହୋଇଥିବା ଆଠଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା 5,01,967 ଗୋଟି ଯାନ ମଧ୍ୟରୁ 26 ଗୋଟି ଯାନର ପଞ୍ଜୀକରଣ ଦୋହରା ଚେସିସ୍ ସଂଖ୍ୟାରେ ଏବଂ 109 ଗୋଟି ଯାନର ପଞ୍ଜୀକରଣ ଦୋହରା ଇଞ୍ଜିନ ସଂଖ୍ୟାରେ ହୋଇଥିଲା ଏବଂ ଏକା ସଂଖ୍ୟାରେ ଦୁଇ ବା ତିନୋଟି ଗାଡି ପଞ୍ଜୀକରଣ ହୋଇଥିଲା । ପଞ୍ଜୀକରଣ କ୍ଷେତ୍ରରେ ପାଞ୍ଚଗୋଟି ମାମଲାରେ ଏକା ରେଜିଷ୍ଟ୍ରେସନ ନମ୍ବରରେ ଦୁଇଥର ଲେଖାଏଁ ଏବଂ ଅନ୍ୟ ଏକ କ୍ଷେତ୍ରରେ ସମାନ ରେଜିଷ୍ଟ୍ରେସନ ନମ୍ବର ଥାଇ ପାଞ୍ଚଗୋଟି ଯାନର ପଞ୍ଜୀକରଣ ହୋଇଥିଲା । ଅନ୍ୟ ଏକ ମାମଲାରେ ଗୋଟିଏ ଯାନ ଦୁଇଥର ପଞ୍ଜୀକରଣ ହୋଇ ଦୁଇଟି ଭିନ୍ନ ଭିନ୍ନ ପଞ୍ଜୀକରଣ ସଂଖ୍ୟା ଆବଣ୍ଟନ ହୋଇଥିଲା ।

ଏହା ସୂଚିତ କରାଉଥିଲା ଯେ ନିର୍ଭୁଲ ଡାଟା ସୁନିଶ୍ଚିତ କରିବା ନିମନ୍ତେ ସିଷ୍ଟମରେ ବିଧିମାନ୍ୟ ଯାଞ୍ଚର ଅନୁପସ୍ଥିତି ଏବଂ ଇନପୁଟ୍ ଉପରେ ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣର ଅଭାବ ରହିଥିଲା । ଏହିଭଳି ଦୋହରା ନମ୍ବରରେ ପଞ୍ଜୀକରଣ କେବଳ ଅବୈଧ ନୁହଁ ବରଂ ଏହା ଫଳରେ ଅକାମୀ/ଚୋରି ହୋଇଥିବା ଯାନର ଚଳାଚଳ ଆଶଙ୍କା, ସମ୍ଭାବ୍ୟ କର ଫାଙ୍କି ଏବଂ ଦୁର୍ଘଟଣା ଓ ଚୋରି ଇତ୍ୟାଦି ମାମଲାରେ ସାଧୁ ମାଲିକମାନଙ୍କୁ ଆଇନର ଜଟିଳତା ମଧ୍ୟକୁ ଠେଲି ଦେବା ସହ ମିସ୍ (MIS) ଡାଟା ଉତ୍ପନ୍ନ ହୋଇପାରେ । ବିଷୟଟି ବିଭାଗ ଦ୍ୱାରା ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ହେବା ଦରକାର ।

ମନ୍ତବ୍ୟକୁ ସ୍ୱୀକାର କରି ବିଭାଗ କହିଥିଲା (ଜୁଲାଇ 2009) ଯେ ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟର ଏବଂ ଅନୁମତିପ୍ରାପ୍ତ ରିଆତିଦାତାଙ୍କୁ ତ୍ରୁଟିର ଯାଞ୍ଚ ନିମନ୍ତେ ସୂଚନା ଦିଆଯାଇଥିଲା । ବିଭାଗ ଉତ୍ତରରେ ତାଙ୍କର ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣ ଜନିତ ତ୍ରୁଟି ସୁଧାରିବାର ସୂଚନା ନଥିଲା ।

### *3.2.13.3 ଗୋଟିଏ ବୀମା କଭର ନୋଟରେ ଦୁଇ ବା ତତୋଧିକ ଯାନର ପଞ୍ଜୀକରଣ*

ମୋଟରଯାନ ଅଧିନିୟମ, 1988 ର ବ୍ୟବସ୍ଥାନୁଯାୟୀ କୌଣସି ବ୍ୟକ୍ତି ବୀମା ହୋଇନଥିବା ମୋଟରଯାନ ବ୍ୟବହାର କରିପାରିବେ ନାହିଁ । ଏତଦ୍‌ବ୍ୟତୀତ ମୋଟରଯାନ ଗୁଡିକ ପଞ୍ଜୀକରଣ ପୂର୍ବରୁ ବୀମା ହୋଇଥିବା ଆବଶ୍ୟକ ।

ସମୀକ୍ଷା ବିଶ୍ଲେଷଣରୁ ପରିଲକ୍ଷିତ ହେଲା ଯେ 3,596 ଗୋଟି କଭର ନୋଟ ଜଡିତ ଥାଇ 16,609 ଗୋଟି ନଥିପତ୍ର ଥିଲା ଏବଂ ଗୋଟିଏ କଭର ନୋଟ ଦୁଇ ରୁ 524 ଗୋଟି ଯାନର ପଞ୍ଜୀକରଣରେ ବ୍ୟବହାର ହୋଇଥିଲା । ଅଧିକ ବିଶ୍ଲେଷଣ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡିକର ମାନୁଆଲ ନଥିପତ୍ରର ନମୁନା ଯାଞ୍ଚରୁ ପରିଶିଷ୍ଟ 'କ' ରେ ଦର୍ଶାଯାଇଥିବା ମୁତାବକ ସେହି ଏକା କଭର ନୋଟ ଏକାଧିକ ଯାନର

ପଞ୍ଜୀକରଣରେ ବ୍ୟବହୃତ ହୋଇଥିବାର ପ୍ରମାଣ ମିଳିଥିଲା । ପଞ୍ଜୀକରଣ ଦରଖାସ୍ତ ସହିତ ଦାଖଲ ହୋଇଥିବା ବୀମା କଭର ନୋଟ ଗୁଡ଼ିକର ବୈଧତାକୁ ପରିବହନ କର୍ତ୍ତୃପକ୍ଷମାନେ ମଧ୍ୟ ପରୀକ୍ଷା କରିନଥିଲେ ।

ଦୋହରା କଭର ନୋଟ ବ୍ୟବହାର ରୋକିବା ଲାଗି ପଦ୍ଧତିରେ ବିଧିମାନ୍ୟ ଯାଞ୍ଚ ଓ ଇନପୁଟ ପର୍ଯ୍ୟବେକ୍ଷଣର ଅନୁପସ୍ଥିତି ଫଳରେ କଭର ନୋଟ ଗୁଡ଼ିକର ପ୍ରବଞ୍ଚନାତ୍ମକ ବ୍ୟବହାର ହୋଇଥିଲା ଏବଂ ଆଇନଗତ ଜଟିଳତା ଉପୁଜିବାର ସମ୍ଭାବନା ଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରି କହିଥିଲା (ଜୁଲାଇ 2009) ଯେ ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟର ଏବଂ ଅନୁମତିପ୍ରାପ୍ତ ରିଆତିଦାତାଙ୍କୁ ବିଷୟଟି ଯାଞ୍ଚ କରିବାକୁ ସୂଚିତ କରାଯାଇଥିଲା ।

### 3.2.13.4 ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଡାଟାଏଣ୍ଟ୍ରି ନହେବା

ମୋଟରଯାନ ଅଧିନିୟମ, 1988 ଅନୁସାରେ କେତେକ ମାନଦଣ୍ଡ ଯଥା ମୋଟର ସାଇକେଲ ଏବଂ ଘରୋଇ ମୋଟରକାର ଗୁଡ଼ିକ ନିମନ୍ତେ କ୍ରୟ ମୂଲ୍ୟ ଓ ଅଲଦା ଓଜନ, ପରିବହନ ଯାନଗୁଡ଼ିକ ଯଥା ଷ୍ଟେଜ କ୍ୟାରେଜ ଏବଂ ଠିକା ଯାନ କ୍ଷେତ୍ରରେ ଆସନ ସ୍ଥାନ ଏବଂ ମାଲବାହୀ ଯାନଗୁଡ଼ିକର ଲଦା ଓଜନ ଆଧାରରେ ମୋଟରଯାନ କର ଆରୋପଣ ହୋଇଥାଏ ।

ନମୁନା ଯାଞ୍ଚ ହୋଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡ଼ିକରେ ପରିଲକ୍ଷିତ ହେଲା ଯେ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଡାଟା ଗୁଡ଼ିକ 'ଶୂନ୍ୟ' ଦର୍ଶାଯାଇଥିଲା ଯାହାର ବିଶଦ ବିବରଣୀ ପରିଶିଷ୍ଟ-'ଖ' ରେ ଦର୍ଶାଗଲା । ସମୀକ୍ଷା ମନ୍ତବ୍ୟର ସଂକ୍ଷିପ୍ତସାର ନିମ୍ନରେ ବର୍ଣ୍ଣନା କରାଗଲା :-

- 4,883 ଗୋଟି ମାମଲାରେ ଆସନ ସଂଖ୍ୟାର ଡାଟା ନଥିଲା ଏବଂ ଏଥିମଧ୍ୟରୁ 109 ଟି ଯାନ ଯାତ୍ରୀବାହି ଯାନ ଥିଲା ।
- 1,96,245 ଗୋଟି ମାମଲାରେ ଯାନଗୁଡ଼ିକର ବିକ୍ରୟ ମୂଲ୍ୟ ନଥିଲା ।
- 14,822 ଗୋଟି ମାମଲାରେ ଯାନର କ୍ୟୁବିକ କାପାସିଟି ନଥିଲା ।
- 5,764 ଗୋଟି ମାମଲାରେ ଯାନର ଅଲଦା ଓଜନ ନଥିଲା ଏବଂ ଏଥି ମଧ୍ୟରୁ 4,233 ଗୋଟି ଘରୋଇ ଯାନ ଥିଲା ।
- 88,982 ଗୋଟି ମାମଲାରେ ଯାନର ଲଦା ଓଜନ ନଥିଲା ଏବଂ ଏଥି ମଧ୍ୟରୁ 337 ଗୋଟି ମାଲବାହି ଯାନ ଥିଲା ।
- ବିକ୍ରୟ ମୂଲ୍ୟ ଓ ଆସନ ସଂଖ୍ୟା 2,385 ଗୋଟି ଅଣପରିବହନ/ଘରୋଇଯାନ ଗୁଡ଼ିକରେ ନଥିଲା ।

ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା ଗୁଡ଼ିକ ଏଣ୍ଟ୍ରି ନହେବା ଇନପୁଟ କଣ୍ଟ୍ରୋଲର ଅଭାବ ଏବଂ ପର୍ଯ୍ୟବେକ୍ଷଣର ଅନୁପସ୍ଥିତିର ସୂଚନା ଦେଉଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରି କହିଥିଲା (ଜୁଲାଇ 2009) ଯେ ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟର ଏବଂ ଅନୁମତିପ୍ରାପ୍ତ ରିଆତିଦାତାଙ୍କୁ ମାମଲାଗୁଡ଼ିକୁ ଯାଞ୍ଚ କରିବାକୁ କୁହାଯାଇଥିଲା ।

### 3.2.13.5 ଡାଟାର ବିଧିମାନ୍ୟରେ ଅଭାବ

ମୋଟରଯାନ ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାନୁଯାୟୀ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ ଓ ବର୍ଗର ଯାନଗୁଡ଼ିକ ନିମନ୍ତେ ନିର୍ଦ୍ଦିଷ୍ଟ ମୌଳିକ ମାନଦଣ୍ଡ ରହିଅଛି । ଉଦାହରଣ ସ୍ୱରୂପ - ଘରୋଇଯାନ ଗୁଡ଼ିକର ଫିଟ୍‌ନେସ୍

ବିଧିମାନ୍ୟତା ଏହା ମଞ୍ଜୁର ହେବାର 15 ବର୍ଷ ପର୍ଯ୍ୟନ୍ତ ବୈଧ ରହେ, ମାଲବାହିଯାନ ଗୁଡିକର ଲଦା ଓଜନ 49,000 କିଲୋଗ୍ରାମରୁ ଅଧିକ ହେବ ନାହିଁ । ଦୁଇଚକିଆ ଯାନର ଆସନ ସଂଖ୍ୟା ତିନିରୁ ଅଧିକ ହେବ ନାହିଁ ଏବଂ ଯାନଗୁଡ଼ିକର ପଞ୍ଜୀକରଣ ସଂଖ୍ୟା 'ଶୂନ୍ୟ' ଆର ନହୋଇ ରାଜ୍ୟ କୋର୍ଡ 'ଓ' ଆର ହେବ ।

ବଛାଯାଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡିକରେ ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ବହୁ ପରିମାଣରେ ଅସାଧାରଣ ଏବଂ ଅସମ୍ଭାବ୍ୟ/ଅଶୁଦ୍ଧ ଡାଟା ମାନ ଡାଟାବେସ୍‌ରେ ଥିଲା ଯାହା ଡାଟାର ଅବିଶ୍ୱାସନୀୟ ତଥ୍ୟ ଏବଂ ପର୍ଯ୍ୟାଲୋଚନାର ଅଭାବକୁ ପରିଶିଷ୍ଟ 'ଗ' ରେ ଦର୍ଶାଯାଇଥିବା ମତେ ସୂଚିତ କରାଉଥିଲା ।

ସମୀକ୍ଷାରେ ଅବଲୋକନ ହେଲା ଯେ :-

- ଅକାମୀ/ସମୟାତୀତ ବୀମା କଭର ନୋଟ ଗୁଡିକ 33 ଗୋଟି ଯାନର ପଞ୍ଜୀକରଣ କାଳରେ କର ଓ ଫିସ୍ ସହିତ ଗ୍ରହଣ ହୋଇଥିଲା (ପରିଶିଷ୍ଟ 'ଘ') ।
- 66 ଗୋଟି ଯାନର ଫିଟନେସ୍‌ର ବୈଧତା ଯାନଗୁଡ଼ିକର ପଞ୍ଜୀକରଣ ଦିନ ଠାରୁ 15 ବର୍ଷରୁ ଅଧିକଥିଲା ।
- 27 ଗୋଟି ମାମଲାରେ ଇନସୁରେନସ୍‌ର ବୈଧତା ପଞ୍ଜୀକରଣ ଦିନଠାରୁ 15 ବର୍ଷରୁ ଅଧିକ ଥିଲା ।
- ସାତ ଗୋଟି ମାମଲାରେ ବୀମାର ସମୟ ଅତିକ୍ରାନ୍ତ ଦିବସ ବୀମା କାର୍ଯ୍ୟକାରୀ ହେଉଥିବା ଦିନ ସହ ସମାନ ଥିଲା ।
- 18 ଗୋଟି ମାମଲାରେ ଯାନଗୁଡ଼ିକର ପଞ୍ଜୀକରଣ ଦିନଠାରୁ କର ପ୍ରଦାନର ବୈଧ ସମୟ 15 ବର୍ଷରୁ ଅଧିକ ଥିଲା ।
- 38 ଗୋଟି ହାଲୁକା ମୋଟରଯାନ - ଘରୋଇ କାର ଗୁଡ଼ିକର ଆସନ ସଂଖ୍ୟା 25 ରୁ 796 ମଧ୍ୟରେ ଥିଲା ଯଦିଚ ଏଗୁଡ଼ିକର ଅଧିକତମ ଆସନ ସଂଖ୍ୟା 12 ଥିଲା ।
- 84 ଗୋଟି ମାମଲାରେ ମାଲବାହୀ ଗାଡ଼ିଗୁଡ଼ିକର ଲଦା ଓଜନ 49,000 କୋଲୋଗ୍ରାମରୁ ଅଧିକ ଥିଲା ।
- 1,069 ଗୋଟି ଦୁଇଚକିଆ ଯାନର ଆସନ ସଂଖ୍ୟା ତିନିରୁ ଅଧିକ ଥିଲା ।
- ଯାତ୍ରୀବାହି ଅଟୋରିକ୍ସା ଗୁଡ଼ିକର ଆସନ ସଂଖ୍ୟା ଅଧିକତମ ତିନି ଥିଲେ ମଧ୍ୟ ତାହା 14 ଗୋଟି କ୍ଷେତ୍ରରେ 125 ରୁ 417 ମଧ୍ୟରେ ଦର୍ଶାଯାଇଥିଲା ।
- 4,668 ଗୋଟି ଦୁଇଚକିଆ ଯାନର କ୍ୟୁବିକ କାପାସିଟି 25 ସିସିରୁ କମ ଦର୍ଶାଯାଇଥିଲା । ଯଦିଚ ଏଭଳି ଯାନ ବଜାରରେ ଉପଲବ୍ଧ ନଥିଲା ।
- 67 ଗୋଟି ମାମଲାରେ ପଞ୍ଜୀକରଣ ସଂଖ୍ୟା "ଓଆର" ରେ ଆରମ୍ଭ ନହୋଇ ଶୂନ୍ୟ (0) ଆର୍ ରେ ଆରମ୍ଭ ହୋଇଥିଲା ।
- 1,382 ଗୋଟି ଯାନ ରବିବାର ଦିନ ପଞ୍ଜୀକରଣ ହୋଇଥିଲା ।
- ଗୋଟିଏ ମାମଲାରେ ଫିଟନେସ୍ ଫିସ୍ ରବିବାର ଦିନ ଆଦାୟ ହୋଇଥିବା ଦର୍ଶାଯାଇଥିଲା ।
- 3,749 ଗୋଟି ମାମଲାରେ କର/ଫିସ୍ ଅଫିସ ସମୟ ପରେ ଗ୍ରହଣ କରାଯାଇଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟ ସ୍ୱୀକାର କରିବା ସହିତ ସମସ୍ତ କ୍ଷେତ୍ରୀୟ କର୍ମକର୍ତ୍ତାଙ୍କୁ ସତର୍କ ରହିବାକୁ ଓ ତ୍ରୁଟିର ପୁନରାବୃତ୍ତି ନହେବା ସୁନିଶ୍ଚିତ କରିବାକୁ ଅନୁଦେଶ ଜାରି କରିଥିଲେ ଏବଂ ନ୍ୟାସନାଲ ଇନ୍‌ଫରମେଟିକସ୍ ସେଣ୍ଟରକୁ ଆବଶ୍ୟକ ଭ୍ୟାଲିଡେସନ୍ ଚେକ୍ ରଖିବାକୁ ଅନୁରୋଧ କରିଥିଲା (ଜୁଲାଇ 2009) ।

### *3.2.13.6 ପଞ୍ଜୀକରଣ ସଂଖ୍ୟାରେ ଧାରାବାହିକତାର ଅଭାବ*

***3.2.13.6.1*** ମୋଟରଯାନ ଅଧିନିୟମର ବ୍ୟବସ୍ଥାନୁସାରେ ପଞ୍ଜୀକରଣ କର୍ତ୍ତୃପକ୍ଷ ପ୍ରତ୍ୟେକ ଯାନକୁ ପଞ୍ଜୀକରଣ ସମୟରେ କୌଣସି ପର୍ଯ୍ୟାୟର ଗୋଟିଏ ଅଦ୍ୱିତୀୟ ସଂଖ୍ୟା (ପଞ୍ଜୀକରଣ ସଂଖ୍ୟା) ପ୍ରଦାନ କରିବେ । ନିଜ ପସନ୍ଦର କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ନିମନ୍ତେ ଯାନର ମାଲିକ ଆବେଦନ କରିଥିଲେ ଆଗୁଆ ପଞ୍ଜୀକରଣ ସଂଖ୍ୟା ଆବଣ୍ଟନ କରାଯାଏ । ଯାନ ମାଲିକଙ୍କ ଅନୁରୋଧ କ୍ରମେ ଆରକ୍ଷିତ କିମ୍ବା ଅବରୋଧ ହୋଇଥିବା ନିର୍ଦ୍ଦିଷ୍ଟ କେତେକ ନମ୍ବରକୁ ଛାଡି ଗୋଟିଏ ପର୍ଯ୍ୟାୟରେ ଧାରାବାହିକ ଭାବେ 9,999 ଗୋଟି ନମ୍ବର ଯାନଗୁଡିକୁ ଆବଣ୍ଟନ କରାଯାଏ ।

ଚାରିଗୋଟି[50] ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ ଡାଟାବେସ୍‌ର ବିଶ୍ଳେଷଣରୁ ପରିଶିଷ୍ଟ –ଙ ରେ ଦର୍ଶାଯାଇଥିବା ମତେ 1,114 ଗୋଟି ନମ୍ବର ଫାଙ୍କା ରହିଥିବା ଦେଖାଗଲା । ଏହା ସୂଚିତ କରୁଥିଲା ଯେ ପଞ୍ଜୀକରଣ ନମ୍ବର ଆବଣ୍ଟନରେ ଧାରାବାହିକତା ନଥିଲା ଏବଂ ଏହା ଫଳରେ ଯାନଗୁଡିକର ପଞ୍ଜୀକରଣ ସଠିକ ଭାବରେ ପରିଚାଳନା ହୋଇନଥିଲା । ଅଧିକନ୍ତୁ, ଆବଣ୍ଟନ ହୋଇ ନଥିବା ନମ୍ବରଗୁଡିକର ଅପବ୍ୟବହାର ଆଶଙ୍କା ମଧ୍ୟ ଥିଲା ।

ଏହା ସୂଚିତ କରୁଥିଲା ଯେ ଯାନଗୁଡିକର ପଞ୍ଜୀକରଣ ସଂଖ୍ୟା ସ୍ୱୟଂକ୍ରିୟ ଭାବେ ଉତ୍ପନ୍ନ ହେବା ସୁନିଶ୍ଚିତ କରିବାକୁ ପଦ୍ଧତିଟିରେ ବ୍ୟବସାୟିକ ନିୟମ ସ୍ଥାପିତ ହୋଇନଥିଲା ।

ବିଭାଗ ଜୁଲାଇ 2009 ରେ କହିଥିଲା ଯେ ପଞ୍ଜୀକରଣ ସଂଖ୍ୟାର ଧାରାବାହିକତା ସୁନିଶ୍ଚିତ କରିବା ନିମନ୍ତେ ବାହନ ସଫ୍ଟୱେଆରରେ ଲକିଙ୍ଗ ସିଷ୍ଟମ ବ୍ୟବସ୍ଥା ହୋଇଅଛି । ବିଭାଗର ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ପଞ୍ଜୀକରଣ ସଂଖ୍ୟା ମଧ୍ୟରେ ଫାଙ୍କା ଥିଲା ।

***3.2.13.6.2*** ଅଧିକ ବିଶ୍ଳେଷଣରୁ ପରିଲକ୍ଷିତ ହେଲା ଯେ 26 ମାର୍ଚ୍ଚ 2007 ପରେ ପଞ୍ଜୀକରଣ ହୋଇଥିବା ଯାନଗୁଡିକ କ୍ଷେତ୍ରରେ କର/ଫିସ୍ ଜମା ହୋଇଥିବା ଦିନ ଏବଂ ପଞ୍ଜୀକରଣ ସଂଖ୍ୟା ଆବଣ୍ଟନ ଦିନ ମଧ୍ୟରେ ଦୀର୍ଘ ସମୟ (ଭୁବନେଶ୍ୱର ଆରଟିଓ କାର୍ଯ୍ୟାଳୟରେ 3,892 ଗୋଟି ମାମଲାରେ ସାତ ଦିନରୁ 207 ଦିନ) ଅତିବାହିତ ହୋଇଥିଲା । ନମ୍ବର ଗୁଡିକର ଆବଣ୍ଟନ/ନିରୂପଣ ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କ ଦ୍ୱାରା ମାନୁଆଲି ହେଉଥିବାରୁ ଜମା ତାରିଖରୁ ପଞ୍ଜୀକରଣ ତାରିଖ ମଧ୍ୟରେ ଥିବା ଫାଙ୍କ ହେତୁ ପସନ୍ଦ ନମ୍ବର ଗୁଡିକ ଉଚିତ ଫିସ୍ ଆଦାୟ ନହୋଇ ଆବଣ୍ଟନ ହୋଇଥିବାର ସମ୍ଭବନା ଥିଲା । ରାଜିନାମାର ସର୍ତ୍ତ ମୁତାବକ ଅନୁମତିପ୍ରାପ୍ତ ରିଆତିଦାତାଙ୍କ ପଦ୍ଧତିଟିରୁ ପଞ୍ଜୀକରଣ ସଂଖ୍ୟା ଉତ୍ପନ୍ନ କରିବା ବ୍ୟବସ୍ଥାର ଏହା ବିରୁଦ୍ଧାଚରଣ କରୁଥିଲା ।

ବିଭାଗ ଜୁଲାଇ 2009 ରେ କହିଥିଲା ଯେ ଥରେ ପଞ୍ଜୀକରଣ ସଂଖ୍ୟା ସ୍ୱୟଂକ୍ରୀୟ ଭାବେ ଉତ୍ପନ୍ନ ହୋଇଗଲେ ଉପରୋକ୍ତ ସମୀକ୍ଷା ମନ୍ତବ୍ୟର ସ୍ୱତଃ ସମାଧାନ ହୋଇଯିବ । ଆଶା କରାଯାଏ ଯେ ସ୍ୱୟଂକ୍ରୀୟ ଭାବେ ପଞ୍ଜୀକରଣ ସଂଖ୍ୟାରେ ଉତ୍ପନ୍ନ ଯଥାଶୀଘ୍ର ହେବ ।

---

50 ଭୁବନେଶ୍ୱର, କଟକ, ଝାରସୁଗୁଡା ଓ ରାଉରକେଲା ।

### *3.2.13.7 ଆରକ୍ଷିତ ନମ୍ବରର ଅନିୟମିତ ଆବଣ୍ଟନ ଓ ଗ୍ରହଣ*

ରାଜ୍ୟ ପରିବହନ ପ୍ରାଧିକରଣଙ୍କର ଅଗଷ୍ଟ 2002 ର ଅଧିସୂଚନା ଅନୁସାରେ ପର୍ଯ୍ୟାୟର ଶେଷ ପଞ୍ଜୀକୃତ ସଂଖ୍ୟାଠାରୁ 1,000 ପରେ ଏବଂ ପର୍ଯ୍ୟାୟର ଶେଷ ପଞ୍ଜୀକୃତ ସଂଖ୍ୟାର 10,000 ମଧ୍ୟରେ ଦୁଇଚକିଆ ଏବଂ ଦୁଇଚକିଆ ବ୍ୟତୀତ ଅନ୍ୟ ମୋଟରଯାନ ଠାରୁ ଯଥାକ୍ରମେ 2,000 ଟଙ୍କା ଏବଂ 4,000 ଟଙ୍କା ଆଦାୟ କରାଯାଇ ପଞ୍ଜୀକରଣ ସଂଖ୍ୟା ଆବଣ୍ଟନ କରାଯାଇପାରିବ ।

ସୁନ୍ଦରଗଡ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମୁଖ୍ୟ ଡାଟାବେସ୍‌ର ବିଶ୍ଳେଷଣରୁ ପରିଲକ୍ଷିତ ହେଲା ଯେ 19 ଅଗଷ୍ଟ 2008 ଦିନ ଓଆର-16-ସି-2820 ନମ୍ବର ବଳବତ୍ତର ଥିଲାବେଳେ ସେହିଦିନ ଆରକ୍ଷିତ ନମ୍ବର ରୂପେ ଓଆର-16-ବି-6060, ଓଆର-16-ଏଚ୍-0632 ଏବଂ ଓଆର-16-ଜେ-0632 ନମ୍ବରଗୁଡିକ ଆବଣ୍ଟନ ହୋଇଥିଲା । ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ 16-ବି, 16-ସି, 16-ଏଚ୍ ଏବଂ 16-ଜେ ପର୍ଯ୍ୟାୟର ନମ୍ବର ଆବଣ୍ଟନ ହୋଇଥିବାରୁ ଜଣାଯାଏ ଯେ ଚାଲୁ ରହିଥିବା ପର୍ଯ୍ୟାୟର 10,000 ସଂଖ୍ୟା ପରେ ନମ୍ବର ଆବଣ୍ଟନ ସୀମିତ ରଖିବାକୁ ପଦ୍ଧତିରେ ଇନ୍‌ବିଲଟ୍ କଣ୍ଟ୍ରୋଲ ନଥିଲା ।

ବିଭାଗ ସମୀକ୍ଷା ମନ୍ତବ୍ୟ ସ୍ୱୀକାର କରି ଏପରି ତ୍ରୁଟି ନଦୋହରାଇବାକୁ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ଅନୁଦେଶ ଦେଇଥିଲା (ଜୁଲାଇ 2009) ।

### *3.2.13.8 ଅଣପରିବହନ ଯାନଗୁଡିକର ପଞ୍ଜୀକରଣ ସମାପ୍ତି*

ମୋଟରଯାନ ଅଧିନିୟମ, 1988 ର ବ୍ୟବସ୍ଥା ଅନୁସାରେ ପରିବହନ ଯାନଗୁଡିକ ବ୍ୟତୀତ ଅନ୍ୟ ସମସ୍ତ ଯାନଗୁଡିକର ପଞ୍ଜୀକରଣ ପ୍ରମାଣପତ୍ର ଏହା ଜାରିହେବା ଦିନଠାରୁ 15 ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ଏହାକୁ ନବୀକରଣ କରାଯାଇପାରିବ । ଅଣପରିବହନ ଯାନଗୁଡିକର ପଞ୍ଜୀକରଣ ନବୀକରଣ ପୂର୍ବରୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଫିଟନେସ୍ ପ୍ରମାଣପତ୍ର ଆଣିବା ନିହାତି ଆବଶ୍ୟକ । ପଞ୍ଜୀକରଣ ପ୍ରମାଣପତ୍ର ନବୀକରଣ ହୋଇନଥିଲେ ଯାନଗୁଡିକ ପଞ୍ଜୀକରଣ ହୋଇନାହିଁ ବୋଲି ବିବେଚନା କରାଯାଇ ବିନା ପଞ୍ଜୀକରଣରେ ଚାଲୁଥିବା ମନେ କରି ପ୍ରଥମ ଅପରାଧ ନିମନ୍ତେ 2,000 ଟଙ୍କା ଏବଂ ପରବର୍ତ୍ତୀ ପ୍ରତ୍ୟେକ ଅପରାଧ ନିମନ୍ତେ 5,000 ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରାଯିବ । ଏତଦ୍‌ବ୍ୟତୀତ ପଞ୍ଜୀକରଣ, ନବୀକରଣ, ଫିଟନେସ୍ ପରୀକ୍ଷା ଏବଂ ଫିଟନେସ୍ ପ୍ରମାଣପତ୍ର ଜାରି ନିମନ୍ତେ ବିହିତ ହାରରେ ଫିସ୍ ଆଦାୟ ଯୋଗ୍ୟ ଅଟେ ।

ଚାରିଗୋଟି[51] ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର 31 ଅକ୍ଟୋବର 2008 ସୁଦ୍ଧା ଡାଟାବେସ୍‌ର ବିଶ୍ଳେଷଣରୁ ପରିଲକ୍ଷିତ ହେଲା ଯେ 9,326 ଗୋଟି ଅଣପରିବହନ ଯାନ ଯଥା ଦୁଇଚକିଆ ଯାନ ଏବଂ ଘରୋଇ କାର ଗୁଡିକର ପଞ୍ଜୀକରଣ ସମାପ୍ତ ହୋଇଥିଲା ଯାହାର ବିଶଦ ବିବରଣୀ ପରିଶିଷ୍ଟ-'ଚ' ରେ ଦିଅଗଲା । ପୁନଃପଞ୍ଜୀକରଣର କୌଣସି ତଥ୍ୟ ପଦ୍ଧତିଟିରେ ଉପଲବ୍ଧ ହୋଇନଥିଲା । ଏହି ଯାନଗୁଡିକ ବୈଧ ପଞ୍ଜୀକରଣ ବିନା ଚଳାଚଳ କରୁଥିଲେ । ଅନ୍ୟ ପକ୍ଷରେ ଏହି ଯାନଗୁଡିକର ପୁନଃପଞ୍ଜୀକରଣ ହୋଇଥିଲେ ପୁନଃପଞ୍ଜୀକରଣ, ଫିଟନେସ୍ ପରୀକ୍ଷା ଓ ଫିଟନେସ୍ ଫିସ୍ ବାବଦକୁ ଯାନଗୁଡିକର ମାଲିକ ମାନଙ୍କଠାରୁ 24.73 ଲକ୍ଷ ଟଙ୍କା ଆଦାୟ ହୋଇ ପାରିଥାଆନ୍ତା । ଏତଦ୍‌ବ୍ୟତୀତ ଅତିକମ୍ ରେ 1.87 କୋଟି ଟଙ୍କାର (9,326 x 2,000 ଟଙ୍କା) ଜୋରିମାନା ଧାର୍ଯ୍ୟ ହୋଇପାରିଥାନ୍ତା ।

51 ଭୁବନେଶ୍ୱର, କଟକ, ରାୟଗଡା ଏବଂ ସୁନ୍ଦରଗଡ ।

ବିଭାଗ ଜୁଲାଇ 2009 ରେ କହିଥିଲା ଯେ ସାଧାରଣ ପଞ୍ଜୀକରଣ ରେଜିଷ୍ଟରରେ ଉପଲବ୍ଧ ଡାଟା ଅନୁସାରେ ରାଜସ୍ୱ ଅନାଦାୟର ସିଦ୍ଧାନ୍ତ ଠିକ ନୁହଁ ଯେହେତୁ ବହୁ ସଂଖ୍ୟକ ଯାନଗୁଡିକ ନଷ୍ଟ ହୋଇ ଖର୍ଚ୍ଚ ଦୃଷ୍ଟିରୁ ମରାମତି ଯୋଗ୍ୟ ହୋଇନଥିବ । ବିଭାଗର ମନ୍ତବ୍ୟକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହା କୁହାଯାଉଅଛି ଯେ ପଞ୍ଜୀକରଣ ସମାପ୍ତ ହୋଇଥିବା ଯାନଗୁଡିକର ସନ୍ଧାନ କରିବାକୁ ସଫ୍ଟୱେଆରର ଅଧିକତମ ବ୍ୟବହାର କରାଯିବା ଏବଂ ପଞ୍ଜୀକୃତ ମାଲିକମାନଙ୍କ ନିକଟରେ ଦାବି ଉତ୍ଥାପନ କରାଯିବା ଆବଶ୍ୟକ ଯାହା ଫଳରେ ନଷ୍ଟ ହୋଇଥିବା ମରାମତି ଅଯୋଗ୍ୟ ଯାନଗୁଡିକର ପଞ୍ଜୀକରଣ ଓଡିଶା ମୋଟରଯାନ ନିୟମାବଳୀ ବ୍ୟବସ୍ଥାନୁଯାୟୀ ରଦ୍ଦ ହେବା ସୁଗମ ହେବ ।

### *3.2.13.9 ଫିଟନେସ୍ ପ୍ରମାଣପତ୍ର ବିନା ପରିବହନ ଯାନ*

ମୋଟରଯାନ କର ଅଧିନିୟମ, 1988 ର ବ୍ୟବସ୍ଥାନୁଯାୟୀ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କଦ୍ୱାରା ଜାରି ଫିଟନେସ୍ ପ୍ରମାଣପତ୍ର ବହନ କରୁନଥିଲେ କୌଣସି ପରିବହନ ଯାନର ପଞ୍ଜୀକରଣକୁ ଅବୈଧ ଧରାଯିବ । ବିନା ପଞ୍ଜୀକରଣ ଓ ବିନା ଫିଟନେସ୍ ପ୍ରମାଣପତ୍ରରେ କୌଣସି ଯାନ ଚଳାଚଳ କରୁଥିଲେ ଉକ୍ତ ଅପରାଧ ନିମନ୍ତେ ପ୍ରଥମ ଥର 2,000 ଟଙ୍କା ଏବଂ ପରବର୍ତ୍ତୀ ପ୍ରତ୍ୟେକ ଅପରାଧ ନିମନ୍ତେ 5,000 ଟଙ୍କା କରି ଜୋରିମାନା ଆଦାୟ ହୋଇପାରିବ ।

ନମୁନା ଯାଞ୍ଚ ହୋଇଥିବା ଆଠଗୋଟି ପରିବହନ କାର୍ଯ୍ୟାଳୟର 31 ଅକ୍ଟୋବର 2008 ସୁଦ୍ଧା ଡାଟାବେସ୍‌ର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ବିଭିନ୍ନ ବର୍ଗର 8,093 ଗୋଟି ପରିବହନ ଯାନଗୁଡିକର ଫିଟନେସ୍ ପ୍ରମାଣ ପତ୍ରର ଅବଧି ସମାପ୍ତ ହୋଇଯାଇଥିଲା । ଯାନଗୁଡିକର ଫିଟନେସ୍ ପ୍ରମାଣପତ୍ର 31 ଅକ୍ଟୋବର 2008 ସୁଦ୍ଧା ନବୀକରଣ ହୋଇନଥିଲା । ଏହା ଫଳରେ ବହୁ ଅନୁପଯୁକ୍ତ ଯାନ ରାସ୍ତାରେ ଚଳପ୍ରଚଳ କରୁଥିବାରୁ ପରିବେଶ ଦୂଷିତ ହେବା ସହ ସଡକ ସୁରକ୍ଷାରେ ପ୍ରଭାବ ପକାଉଥିଲା । ଅଧିକନ୍ତୁ ଏହା ଫଳରେ ଉପରୋକ୍ତ ବର୍ଗର ଯାନ (ତିନିଚକିଆ ଯାନ, ହାଲୁକା ମୋଟରଯାନ, ମଧ୍ୟମ ମାଲବାହୀ ମୋଟରଯାନ, ଭାରୀ ମାଲବାହୀ ମୋଟରଯାନ) ଗୁଡିକର ଫିଟନେସ୍ ଫିସ୍ ଅନାଦାୟ ରହିଥିଲା । ବିଭାଗର ପ୍ରବର୍ତ୍ତନ କର୍ମଚାରୀମାନେ ମଧ୍ୟ ବାହନ ଡାଟାବେସ୍‌ରେ ଥିବା ତଥ୍ୟକୁ ବ୍ୟବହାର କରି ନପାରିବାରୁ ଅତିକମରେ 1.62 କୋଟି ଟଙ୍କାର ଜୋରିମାନା ଅନାଦାୟ ରହିଥିଲା । ଏତଦ୍‌ବ୍ୟତୀତ ଫିଟନେସ୍ ଫିସ୍ ବାବଦରେ 31.04 ଲକ୍ଷ ଟଙ୍କା ମଧ୍ୟ ଆଦାୟ ହୋଇ ନଥିଲା ।

ବିଭାଗ ଜୁଲାଇ 2009 ରେ କହିଥିଲା ଯେ ସାଧାରଣ ପଞ୍ଜୀକରଣ ରେଜିଷ୍ଟରରେ ଉପଲବ୍ଧ ଡାଟା ଅନୁସାରେ ରାଜସ୍ୱ ଅନାଦାୟର ସିଦ୍ଧାନ୍ତ ଠିକ୍ ନୁହେଁ ଯେହେତୁ ଅଧିକାଂଶ ଯାନଗୁଡିକ ଚିରଦିନ ନିମନ୍ତେ ଚଳାଚଳ ଅନୁପଯୁକ୍ତ ହୋଇଥାଇ ପାରନ୍ତି । ବିଭାଗର ମତକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହା କୁହାଯାଉଛି ଯେ ଫିଟନେସ୍ ନଥିବା ଯାନଗୁଡିକର ସନ୍ଧାନ ନିମନ୍ତେ ସଫ୍ଟୱେଆରର ଅଧିକତମ ବ୍ୟବହାର କରି ଏବଂ ପଞ୍ଜୀକୃତ ମାଲିକମାନଙ୍କୁ ନୋଟିସ୍ ଜାରି କରି କିମ୍ବା ଦାବି ଉତ୍ଥାପନ କରି ରାଜସ୍ୱ ବୃଦ୍ଧି କରାଯିବା ସହିତ ଓଡିଶା ମୋଟରଯାନ ନିୟମାବଳୀ ଅନୁସାରେ ଫିଟନେସ୍ ପ୍ରମାଣପତ୍ରର ନବୀକରଣ କରାଯାଇପାରିବ ।

## 3.2.14 ସିଷ୍ଟମର ଆଂଶିକ ବ୍ୟବହାର

ଯାନଗୁଡିକର ପଞ୍ଜୀକରଣ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟର ସ୍ୱୟଂକ୍ରୀୟ ପରିଚାଳନା ନିମନ୍ତେ ବାହନ ସଫ୍ଟୱେଆର ପରିକଳ୍ପନା କରାଯାଇଥିଲା ।

ଅଧୁନା ସିଷ୍ଟମଟି ଯାନର ପଞ୍ଜୀକରଣ, ମାଲିକ ଓ ଯାନର ବିଶଦ ବିବରଣୀ, କର/ଫିସ୍‌ର ଆଦାୟ ଏବଂ ଫିଟନେସ୍ ସମ୍ପର୍କିତ ତଥ୍ୟ ଧରିରଖିଥିଲେ ମଧ୍ୟ ନିମ୍ନଲିଖିତ ମୋଡ୍ୟୁଲମାନ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନଥିଲା ।

- ଆନ୍ତଃରାଜ୍ୟ ଚଳାଚଳ ସହିତ ପରମିଟ
- ପ୍ରବର୍ତ୍ତନ/ଯାନ ଯାଞ୍ଚ ରିପୋର୍ଟ
- ଅସ୍ଥାୟୀ ପଞ୍ଜୀକରଣ
- ଦାବି, ଆଦାୟ ଓ ଅବଶେଷର ବିବରଣୀ

ଏହା ଫଳରେ ବିଭାଗ ମ୍ୟାନେଜମେଣ୍ଟ ଇନଫରମେସନ ସିଷ୍ଟମ ସାଧନ ରୂପେ ସିଷ୍ଟମଟିକୁ ସମ୍ପୂର୍ଣ୍ଣ ବ୍ୟବହାର କରିବାରେ ସଫଳ ହୋଇନଥିଲା ।

ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରି ବିଭାଗ କହିଥିଲା (ଜୁଲାଇ 2009) ଯେ ପରମିଟ୍ ମୋଡ୍ୟୁଲର ଲୋକାଗ୍ରର ନିମନ୍ତେ ବିକାଶ କରାଯାଉଅଛି । ମାତ୍ର ଅନ୍ୟ ମୋଡ୍ୟୁଲଗୁଡିକ ନିମନ୍ତେ ଉତ୍ତର ମିଳିନଥିଲା ।

## 3.2.15 ସିଷ୍ଟମର ସୁରକ୍ଷା

**ବସ୍ତୁଗତ ଏବଂ ଯୁକ୍ତିଯୁକ୍ତ ପ୍ରବେଶ ନିୟନ୍ତ୍ରଣ**

ସରଭର, ନେଟୱାର୍କ ଏବଂ ସ୍ୱିଚରସ୍ ଇତ୍ୟାଦି ସମେତ ସିଷ୍ଟମଟି ଅବାଧ ପହଞ୍ଚରେ ଥିବା ହେତୁ ଅପ୍ରାଧିକୃତ ବ୍ୟକ୍ତିଙ୍କ ଦ୍ୱାରା ବସ୍ତୁଗତ ହସ୍ତକ୍ଷେପର ଭୟ ଥିଲା । ସିଷ୍ଟମରେ ବାରମ୍ବାର ଲଗ୍ଇନ୍ ଉଦ୍ୟମ କରି ଭ୍ରମାତ୍ମକ ଆଇଡି ଏବଂ ପାସ୍‌ୱାର୍ଡ ପ୍ରବେଶ କରାଇ କୌଣସି ଅପ୍ରାଧିକୃତ ବ୍ୟବହାର ଉପରେ କଟକଣା ନଥିଲା ।

ସିଷ୍ଟମରେ କେବଳ ପ୍ରାଧିକୃତ ବ୍ୟବହାରକାରୀଙ୍କ ପହଞ୍ଚ ସୀମିତ କରିବା ନିମନ୍ତେ କୌଣସି ପାସ୍‌ୱାର୍ଡ ନୀତି ପ୍ରଣୟନ ହୋଇ ପ୍ରବର୍ତ୍ତନ କରାହୋଇ ନଥିଲା । ସାମୟିକ ଭାବେ ପାସ୍‌ୱାର୍ଡ ବଦଳ କରିବାକୁ ବ୍ୟବହାରକାରୀଙ୍କୁ ମଧ୍ୟ ସଚେତ କରାଯାଇ ନଥିଲା ।

## 3.2.16 ଧାରାବାହିକ ବ୍ୟବସାୟ ଯୋଜନାର ଅନୁପସ୍ଥିତି

କୌଣସି ବିପର୍ଯ୍ୟୟ ଘଟିଲେ ବ୍ୟବସାୟରେ ସର୍ବନିମ୍ନ କ୍ଷତି ପହଞ୍ଚାଇ ଏବଂ ଅତି କମ ସମୟରେ ବ୍ୟବସାୟ ପ୍ରକ୍ରିୟାକୁ ପୁନଃପ୍ରତିଷ୍ଠା କରିବାକୁ ଧାରାବାହିକ ବ୍ୟବସାୟ ଯୋଜନା ଆବଶ୍ୟକ । ବ୍ୟବସାୟର ଧାରାବାହିକତା ସୁନିଶ୍ଚିତ କରିବାକୁ ସିଷ୍ଟମର ସଂକଟକୁ ବିଚାର କରି ବିଭାଗକୁ ପରୀକ୍ଷିତ ବିପର୍ଯ୍ୟୟ ପୁନରୁଦ୍ଧାର ଉପାୟମାନ ବ୍ୟବସ୍ଥା କରିବା ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନ କରିବା ଆବଶ୍ୟକ ଥିଲା ।

ବିଭାଗ ବ୍ୟବସାୟ ଧାରାବାହିକତା ଏବଂ ବିପର୍ଯ୍ୟୟ ପୁନରୁଦ୍ଧାର ଉପାୟର ବ୍ୟବସ୍ଥା କରିନଥିଲା । ଗୁରୁତ୍ୱପୂର୍ଣ୍ଣ ଡାଟାର ବ୍ୟାକ୍‌ଅପ୍ ନିୟମିତ ଭାବେ କାଢିନେଇ ଏବଂ କୌଣସି ବିପର୍ଯ୍ୟୟ ଘଟିଲେ ବ୍ୟବସାୟର ଧାରାବାହିକତା ବଜାୟ ରଖିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଅପହଞ୍ଚ ସ୍ଥାନରେ ସାଇତି ରଖିବାର କୌଣସି ନୀତି ପ୍ରସ୍ତୁତ କରାଯାଇ ନଥିଲା ।

ବିଭାଗ କହିଥିଲା ଯେ ବ୍ୟାକ୍‌ଅପ୍ ପ୍ରକ୍ରିୟାର ଭିନ୍ନ ଭିନ୍ନ ସ୍ତର ରହିଥିଲା । ସୁଦୂର ସ୍ଥାନରେ ସାଇତି ରଖିବା, ତତ୍‌କ୍ଷଣାତ ପୁନରୁଦ୍ଧାର ଏବଂ ବ୍ୟାକ୍‌ଅପ୍ ଡାଟାର ଉଦ୍ଧାର ନିମନ୍ତେ ସାମୟିକ ପରୀକ୍ଷଣ ବିଷୟରେ ବିଭାଗ ନିରୁତ୍ତର ରହିଥିଲା (ଜୁଲାଇ 2009) ।

## 3.2.17 ଦୀର୍ଘମିଆଦି କୌଶଳର ଅଭାବ

ଉଚିତ ପରିଚାଳନା ନିମନ୍ତେ ବିଭାଗ ସମ୍ଭାବ୍ୟ ଅର୍ଜନ, ରକ୍ଷଣାବେକ୍ଷଣ ଏବଂ ଇନଫରମେସନ୍ ସିଷ୍ଟମର ବ୍ୟବହାର ନିମନ୍ତେ କୌଣସି ବ୍ୟବସ୍ଥା କିମ୍ବା ଯଥୋଚିତ କୌଶଳ ସ୍ଥିର କରିନଥିଲା ଏବଂ ଏହାର କ୍ରିୟାକଳାପ ନିମନ୍ତେ ଅନୁମତିଧାରୀଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା । କୌଣସି ବିଭାଗୀୟ ଅଧିକାରୀ ସିଷ୍ଟମର କାର୍ଯ୍ୟକଳାପ ଚାଲୁ ରଖିବା ନିମନ୍ତେ ସମକାଳୀନ ତାଲିମ ନେଇନଥିଲେ ।

କୌଣସି ସମୟରେ ଅନୁମତିଧାରୀ ଅଚାନକ କାର୍ଯ୍ୟ ଛାଡି ଚାଲିଗଲେ ବିଭାଗ ସ୍ୱାଧୀନ ଭାବରେ କାର୍ଯ୍ୟ ତୁଲାଇବା ସମ୍ଭବ ନଥିଲା ଯାହା ଫଳରେ ପରିବହନ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ଥିଲା ।

## 3.2.18 ଉପସଂହାର

ପରିବହନ ବିଭାଗର କାର୍ଯ୍ୟଗୁଡିକୁ ଇ-ଗର୍ଭନାନ୍ସ ଅଧିନରେ ଆଉଟ ସୋରସିଙ୍ଗ କରାଯାଇ ଏବଂ ସ୍ମାର୍ଟକାର୍ଡ ଆଧାରରେ ପଞ୍ଜୀକରଣ ପ୍ରମାଣ ଜାରି କରାଯାଇ ଉତ୍ତମ ସୂଚନା ପ୍ରଦାନ, ବ୍ୟବହାରକାରୀଙ୍କୁ ଯଥା ସମୟରେ ସେବା ଯୋଗାଇ ଦେବା ତଥା ରାଜସ୍ୱ ଗଳନକୁ ରୋକିବା ଉଦ୍ଦେଶ୍ୟରେ କରାଯାଇଥିଲା । ମାତ୍ର ପଞ୍ଜୀକରଣ ପ୍ରମାଣ ପତ୍ର ଜାରିରେ ବିଳମ୍ବ, ଦରଜ କରାଯାଇଥିବା ଡାଟାର ଅସମ୍ପୂର୍ଣ୍ଣତା, ସଠିକତା ଏବଂ ସଂହତି ରକ୍ଷା, କଣ୍ଟ୍ରୋଲ ବ୍ୟବହାରର ଅପର୍ଯ୍ୟାପ୍ତତା ଏବଂ ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣର ଅଭାବ ହେତୁ ଏହି ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା । ମୋଡ୍ୟୁଲ ଗୁଡିକର କେତେକ ଉପାଦାନ କାର୍ଯ୍ୟକ୍ଷମ ନହେବାରୁ ସଫ୍ଟୱେଆରରେ କେତେକ ଅଭାବ ଦେଖା ଦେଇଥିଲା ଯାହା ମାନୁଆଲି ସଂଶୋଧିତ ହେବା ଫଳରେ ସିଷ୍ଟମଟି ଅବିଶ୍ୱାସନୀୟ ହୋଇଥିଲା । ବାଣିଜ୍ୟିକ କାର୍ଯ୍ୟାରମ୍ଭର ଦୁଇବର୍ଷ ପରେ ମଧ୍ୟ ସିଷ୍ଟମଟିରେ ସେଣ୍ଟ୍ରାଲ ଡାଟାବେସ୍‌ର ସର୍ଜନା ଏବଂ ନଥିଗୁଡିକର ଅପଲୋଡିଂ ସମ୍ପୂର୍ଣ୍ଣ ହୋଇନଥିଲା । ଅତଏବ ବାହାନ କାର୍ଯ୍ୟାନ୍ୱୟନର ଉଦ୍ଦେଶ୍ୟ ଯଥା:- ଉନ୍ନତତର ନାଗରିକ ସେବା, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପ୍ରବର୍ତ୍ତନ ଅଙ୍ଗର କାର୍ଯ୍ୟ ସମ୍ପାଦନାରେ ଉନ୍ନତି, ଦକ୍ଷ ଏବଂ ରାଜସ୍ୱ ଆଦାୟରେ ସ୍ୱଚ୍ଛତା ଇତ୍ୟାଦି ସମ୍ପୂର୍ଣ୍ଣରୂପେ ହାସଲ ହୋଇନଥିଲା ।

## 3.2.19 ସୁପାରିଶ

ସରକାର ନିମ୍ନଲିଖିତ ବିଷୟ ବିଚାର କରିପାରନ୍ତି :-

- ସୁରକ୍ଷା, ବ୍ୟାକ୍‌ଅପ୍ ନୀତି ଏବଂ ଧାରାବାହିକ ବ୍ୟବସାୟ ଯୋଜନା ନିର୍ଦ୍ଦିଷ୍ଟ କରିବାକୁ ବ୍ୟବସ୍ଥା କରିବା;
- ପ୍ରୋସେସ୍ ମାପିଙ୍ଗରେ ଫାଙ୍କଗୁଡିକୁ ଚିହ୍ନଟ କରି ବ୍ୟବହାରରେ ସାମିଲ କରିବା;
- ଇନପୁଟ କଣ୍ଟ୍ରୋଲ ଏବଂ ଭାଲିଡେସନ୍ କଣ୍ଟ୍ରୋଲ ଫିଏଚରକୁ ବଳଶାଳୀ କରି ଅସମ୍ପୂର୍ଣ୍ଣ ଓ ଭ୍ରମାତ୍ମକ ଡାଟାକୁ ସିଷ୍ଟମରେ ପ୍ରବେଶ ନକରାଇବା;
- ଡାଟାକୁ ନିରାପଦ ଓ ସୁରକ୍ଷିତ ରଖିବା ନିମନ୍ତେ ପର୍ଯ୍ୟାପ୍ତ ବସ୍ତୁଗତ ଓ ଯୁକ୍ତିଯୁକ୍ତ ଆକ୍‌ସେସ କଣ୍ଟ୍ରୋଲ ସୁନିଶ୍ଚିତ କରିବା;
- ପଦ୍ଧତିର ଯଥୋଚିତ ପର୍ଯ୍ୟାଲୋଚନା ଏବଂ ନିୟନ୍ତ୍ରଣ ସୁନିଶ୍ଚିତ କରିବା ;

- ବିଭାଗୀୟ ଅଧିକାରୀମାନଙ୍କୁ ପଦ୍ଧତିର ପରିଚାଳନା ଏବଂ ଡାଟାବେସ୍ ଅପରେସନ ନିମନ୍ତେ ପ୍ରଶିକ୍ଷିତ କରିବା; ଏବଂ
- ଅନୁମତିପ୍ରାପ୍ତ ରିଆତିଧାରୀଙ୍କ ଦ୍ୱାରା ବ୍ୟବହାରକାରୀଙ୍କୁ ଅବିଳମ୍ବେ ଦକ୍ଷ ସେବା ଯୋଗାଇ ଦେବା ସୁନିଶ୍ଚିତ କରିବା ।

## 3.3 ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ

*ରାଜ୍ୟ ପରିବହନ ପ୍ରାଧିକରଣ, ଓଡିଶା ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ମୋଟରଯାନ କର ନିର୍ଦ୍ଧାରଣ ତଥା ଆଦାୟ ସମ୍ପର୍କୀତ ନଥିପତ୍ରର ନମୁନା ଯାଞ୍ଚରୁ ଅଧିନିୟମ/ନିୟମାବଳୀର ବ୍ୟବସ୍ଥା ପାଳନ ହୋଇନଥିବା ଏବଂ ଅନ୍ୟାନ୍ୟ ଘଟଣାମାନ ପରିଲକ୍ଷିତ ହୋଇଥିଲା ଯାହା ଉକ୍ତ ଅଧ୍ୟାୟରେ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଦର୍ଶାଗଲା । ଉକ୍ତ ମାମଲାଗୁଡିକ କେବଳ ଦୃଷ୍ଟାନ୍ତଯୁକ୍ତ ଏବଂ ସମୀକ୍ଷାରେ କରାଯାଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ । ଏ ପ୍ରକାର ତ୍ରୁଟିଗୁଡିକ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ ନହୋଇ ରହିଯାଇଥିଲା । ଏ ପ୍ରକାର ତ୍ରୁଟିଗୁଡିକୁ ଏଡାଇବା ଏବଂ ସନ୍ଧାନ କରି ସଂଶୋଧନ କରିବା ସକାଶେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ସମେତ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିରେ ଉନ୍ନତି ଆଣିବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦେବା କଥା ସରକାର ବିଚାର କରିବା ଆବଶ୍ୟକ ଅଛି ।*

## 3.4 ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥାର ଅନୁପାଳନ ନହେବା

*ଓଡିଶା ମୋଟରଯାନ କର ଧାର୍ଯ୍ୟ ଅଧିନିୟମ ଏବଂ ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ :-*

(i) *ଗାଡି ମାଲିକ ମୋଟରଯାନ କର/ଅତିରିକ୍ତ କର ସମୁଚିତ ଦରରେ ଦେବେ;*

(ii) *ବ୍ୟବସ୍ଥା କରାଯାଇଥିବା ଅନୁଗ୍ରହ ସମୟ ଭିତରେ କର/ଅତିରିକ୍ତ କର ଅଗ୍ରିମ ଆକାରରେ ଦେବେ;*

(iii) *ଚଳାଚଳ ରହିତ ଘୋଷଣାନାମା ଅନ୍ତର୍ଭୁକ୍ତ ଅବଧିରେ କୌଣସି ଗାଡି ରାସ୍ତାରେ ଚଳାଚଳ କରୁଥିବା ଅବସ୍ଥାରେ ଦେଖିବାକୁ ମିଳିରେ କିମ୍ବା ପୂର୍ବ ପ୍ରକାଶିତ ସ୍ଥାନରେ ନଥିଲେ ଉକ୍ତ ଅବଧିପାଇଁ କର/ଅତିରିକ୍ତ କର ପ୍ରଯୋଜ୍ୟ ଜୋରିମାନା ସହିତ ଦେବେ;*

(iv) *ଯଦି କୌଣସି ଗାଡି ଅନୁମତି ପତ୍ର ବିନା ଯାତାୟତ କରୁଥିବା ଅବସ୍ଥାରେ ଧରାପଡେ, ତେବେ ଅନୁସୂଚୀତ ସର୍ବୋଚ୍ଚ ହାରରେ କର/ଅତିରିକ୍ତ କର ଦେବେ ; ଏବଂ*

(v) *ବ୍ୟବସାୟିକ ପ୍ରମାଣପତ୍ର ଧାରକ କର/ଫିସ୍ ଦେବେ ।*

*ଅଧିନିୟମ/ନିୟମାବଳୀରେ ଥିବା କେତେକ ବ୍ୟବସ୍ଥାମାନଙ୍କର ଅନୁପାଳନ ନହେବା ହେତୁ 64.51 କୋଟି ଟଙ୍କା ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ଯାହା 3.4.1 ଠାରୁ 3.4.6 ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଗଲା ।*

### 3.4.1 ମୋଟରଯାନ କର ଏବଂ ଅତିରିକ୍ତ କରର ଅନାଦାୟ/ସ୍ୱଳ୍ପାଦାୟ

ଓଡିଶା ମୋଟରଯାନ କର ଧାର୍ଯ୍ୟ ଅଧିନିୟମ, 1975 ଅନୁଯାୟୀ ମୋଟରଯାନ ଗୁଡିକର ଦେୟ କର/ଅତିରିକ୍ତ କର, ଗାଡି ଗୁଡିକ ଚଳାଚଳ ରହିତ ଘୋଷଣାନାମାର ଅନ୍ତର୍ଭୁକ୍ତ ହୋଇ କର/ଅତିରିକ୍ତ କର ଛାଡ ନିମନ୍ତେ ଅନୁମତି ପ୍ରାପ୍ତ ହୋଇ ନଥିଲେ, ଧାର୍ଯ୍ୟ ଅବଧି ମଧ୍ୟରେ ଓ ଅଧିନିୟମରେ ଉଲ୍ଲେଖଥିବା ହାରରେ ଅଗ୍ରୀମ ପୈଠ ହେବା ଉଚିତ । ପୁନଶ୍ଚ, ଯଦି ଗୋଟିଏ ଗାଡିର ମୋଟରଯାନ କର/ଅତିରିକ୍ତ କର ପଞ୍ଜୀକରଣ ପ୍ରମାଣପତ୍ର ଅନୁସାରେ କୌଣସି ଅବଧି ପାଇଁ ଦାଖଲ କରାଯାଇଥାଏ ଓ ଗାଡିଟି ଉଚ୍ଚତର ହାରରେ ମୋଟରଯାନ କର/ଅତିରିକ୍ତ କର ପ୍ରଦେୟ ହେଉଥିବା ଭାବରେ ବ୍ୟବହୃତ ହେବାପାଇଁ ପ୍ରସ୍ତାବିତ ହୋଇଥାଏ, ତେବେ ଗାଡି ମାଲିକଙ୍କୁ ସେଥିପାଇଁ ଭେଦାତ୍ମକ କର ଦେବାକୁ ପଡେ । 15 ଦିନର ଅନୁଗ୍ରହ ସମୟ ସମାପ୍ତିର ପରବର୍ତ୍ତୀ ଦୁଇମାସ ମଧ୍ୟରେ ଯଦି ମୋଟରଯାନ କର/ଅତିରିକ୍ତ କର ପୈଠ କରାନଯାଏ, ତେବେ କର/ଅତିରିକ୍ତ କରର ଦୁଇଗୁଣ ଜୋରିମାନା ଆକାରରେ ଆଦାୟ କରାଯିବ । କର/ଅତିରିକ୍ତ କର ପୈଠ ନିମନ୍ତେ ଥିବା ଅନୁଗ୍ରହ ସମୟ ପରିସମାପ୍ତିର 30 ଦିନ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀମାନେ ଦାବି ନୋଟିସ୍ ଜାରି କରିବା ଆବଶ୍ୟକ ।

ଜୁନ 2008 ଏବଂ ମାର୍ଚ୍ଚ 2009 ମଧ୍ୟରେ 26 ଗୋଟି ପରିବହନ ଅଞ୍ଚଳ[52] ମାନଙ୍କର ପଞ୍ଜୀକରଣ ପ୍ରମାଣପତ୍ର ରେଜିଷ୍ଟର (ଜିଆର) ଏବଂ ଚଳାଚଳ ରହିତ ରେଜିଷ୍ଟର ଗୁଡିକର ସମ୍ୟକ ପରୀକ୍ଷା କ୍ରମେ ଜଣାଗଲା ଯେ ଜାନୁଆରୀ 2006 ଠାରୁ ମାର୍ଚ୍ଚ 2008 ଅବଧି ନିମନ୍ତେ ଯାନଗୁଡିକ ଚଳାଚଳ ରହିତ ଘୋଷଣାନାମାର ଅନ୍ତର୍ଭୁକ୍ତ ନଥାଇ ମଧ୍ୟ 30,521 ଗୋଟି ମାମଲାରେ 21.19 କୋଟି ଟଙ୍କାର ମୋଟରଯାନ କର/ଅତିରିକ୍ତ କର ଅନାଦାୟ ଅବା ସ୍ୱଳ୍ପାଦାୟ ହୋଇଥିଲା । ଫଳସ୍ୱରୂପ 42.39 କୋଟି ଟଙ୍କାର ଜୋରିମାନା ସମେତ 63.58 କୋଟି ଟଙ୍କାର ରାଜସ୍ୱ ଅନାଦାୟ/ ସ୍ୱଳ୍ପାଦାୟ ଥିଲା ଯାହାର ବିଶଦ ବିବରଣ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

**(ଟଙ୍କା କୋଟି ଆକାରରେ)**

| କ୍ରମିକ ସଂଖ୍ୟା | ଯାନର ପ୍ରକାର | ମୋଟରଯାନ ସଂଖ୍ୟା | ଅନାଦାୟ କର/ ଅତିରିକ୍ତ କର | ଆଦାୟଯୋଗ୍ୟ ଜୋରିମାନା | ମୋଟ |
|---|---|---|---|---|---|
| 1. | ମାଲବାହୀ ଗାଡି | 14,820 | 14.97 | 29.93 | 44.90 |
| 2. | ଠିକା ଗାଡି | 5,962 | 3.30 | 6.60 | 9.90 |
| 3. | ଅନୁଯାନ ସଂଯୁକ୍ତ କଳଲଙ୍ଗଳ | 9,184 | 2.48 | 4.97 | 7.45 |
| 4. | ଯାତ୍ରୀବାହୀ ଗାଡି | 428 | 0.40 | 0.80 | 1.20 |
| 5. | ଠିକାଗାଡି ଭାବରେ ବ୍ୟବହୃତ ଯାତ୍ରୀବାହୀ ଗାଡି | 127 | 0.04 | 0.09 | 0.13 |
| | **ମୋଟ** | **30,521** | **21.19** | **42.39** | **63.58** |

ବିଷୟଟି ପରିବହନ କମିଶନର ଓଡିଶାଙ୍କ ଗୋଚରାର୍ଥେ ଏପ୍ରିଲ 2009 ରେ ପଠାଯାଇଥିଲା । ଜୁଲାଇ 2009 ରେ ପରିବହନ କମିଶନର କହିଲେ ଯେ କ୍ରମିକ ସଂଖ୍ୟା ପାଞ୍ଚରେ ଦର୍ଶାଯାଇଥିବା ମାମଲାରୁ ଗୋଟିଏ ମାମଲାରେ ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝର 4,266 ଟଙ୍କା ଆଦାୟ କରିଥିଲେ । ଏହା ମଧ୍ୟ କହିଥିଲେ ଯେ କ୍ରମିକ ସଂଖ୍ୟା ଚାରି ଓ ପାଞ୍ଚରେ ଦର୍ଶାଯାଇଥିବା ମାମଲାରୁ 47 ଗୋଟି ମାମଲାରେ ଆଞ୍ଚଳିକ ପରିବହନ ଅଧିକାରୀ, କଟକ 7.79 ଲକ୍ଷ ଟଙ୍କାର ଦେୟ ଦାବି ଉପସ୍ଥାପନ କରିଥିଲେ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଢେଙ୍କାନାଳ ଓ ଭଦ୍ରକ କ୍ରମିକ ସଂଖ୍ୟା ଚାରି ଏବଂ ପାଞ୍ଚରେ ଦର୍ଶାଯାଇଥିବା ମାମଲା ମଧ୍ୟରୁ 19 ଗୋଟି

52 ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ ।

ମାମଲାରେ 3.31 ଲକ୍ଷ ଟଙ୍କାର କର ଅସୁଲି ମାମଲା ଦାଏର୍ କରିଥିଲେ । ଉପରୋକ୍ତ ମାମଲା ଗୁଡିକର ଅଧିକତର ଉତ୍ତର ଏବଂ ଅବଶିଷ୍ଟ ମାମଲା ଗୁଡିକର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ଏପ୍ରିଲ 2009 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ହସ୍ତଗତ ହୋଇନଥିଲା (ଅକ୍ଟୋବର 2009) ।

## 3.4.2 ଚଳାଚଳ ରହିତ ଘୋଷଣାନାମାକୁ ଅବଜ୍ଞା କରିଥିବା ବାବଦ ମୋଟରଯାନ କର/ଅତିରିକ୍ତ କର ଅନାଦାୟ

ଓଡିଶା ମୋଟରଯାନ କର ଧାର୍ଯ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଓଡିଶା ରାଜ୍ୟ ମଧ୍ୟରେ ବ୍ୟବହୃତ ହେଉଥିବା କିମ୍ଵା ବ୍ୟବହାର ହେବା ନିମନ୍ତେ ରଖାଯାଇଥିବା ପ୍ରତ୍ୟେକ ମୋଟରଯାନ ଉପରେ ଏହା ବ୍ୟବହାର ରହିତ ହେଲା ବୋଲି ସମ୍ପୃକ୍ତ କର ନିର୍ଦ୍ଧାରଣ ଅଧିକାରୀଙ୍କୁ ପୂର୍ବ ସୂଚନା ଦିଆଯାଇ ନଥିଲେ ମୋଟରଯାନ କର/ଅତିରିକ୍ତ କର ଲାଗୁ କରାଯିବ । ଯଦି ଉକ୍ତ ଚଳାଚଳ ରହିତ ଘୋଷଣାନାମା ଅନ୍ତର୍ଭୁକ୍ତ ଅବଧିରେ ଗାଡିଟି ରାସ୍ତାରେ ଚଳାଚଳ କରୁଥିବା ଅବସ୍ଥାରେ କୌଣସି ସମୟରେ ଦେଖିବାକୁ ମିଳେ କିମ୍ବା ପୂର୍ବ ପ୍ରକାଶିତ ସ୍ଥାନରେ ନଥାଏ, ଏହା ଉକ୍ତ ସମଗ୍ର ଅବଧିରେ ବ୍ୟବହୃତ ହେଉଥିଲା ବୋଲି ଧରାଯିବ । ସେଭଳି ପରିସ୍ଥିତିରେ ଗାଡି ମାଲିକମାନେ ଚଳାଚଳ ରହିତ ସମଗ୍ର ଅବଧି ପାଇଁ କର/ଅତିରିକ୍ର କର ଏବଂ ପ୍ରଯୋଜ୍ୟ ଜୋରିମାନା ଦେବାକୁ ଦାୟୀ ରହିବେ ।

ମଇ ଓ ନଭେମ୍ବର 2008 ମଧ୍ୟରେ ଛଅ[53] ଗୋଟି ପରିବହନ ଅଞ୍ଚଳର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଜଣାଗଲା ଯେ ଏପ୍ରିଲ 2007 ଏବଂ ମାର୍ଚ୍ଚ 2008 ମଧ୍ୟରେ ଚଳାଚଳ ରହିତ ଘୋଷଣାନାମା ଅନ୍ତର୍ଭୁକ୍ତ 29 ଗୋଟି ମୋଟରଯାନ ପ୍ରବର୍ତ୍ତନ କର୍ମଚାରୀମାନଙ୍କ ଦ୍ୱାରା ଚଳାଚଳ ରହିତ ଅବଧିରେ ଚଳାଚଳ କରୁଥିବା ଅବସ୍ଥାରେ ଧରା ପଡିଥିଲା କିମ୍ବା ପୂର୍ବ ପ୍ରକାଶିତ ସ୍ଥାନରେ ଦେଖିବାକୁ ମିଳିନଥିଲା । ଚଳାଚଳ ରହିତ ଘୋଷଣାନାମା ଉଲଙ୍ଘନ କରିଥିବା ପାଇଁ କର ନିର୍ଦ୍ଧାରଣ ଅଧିକାରୀଙ୍କ ଦ୍ୱାରା କର ଆଦାୟ ଓ ଜୋରିମାନା ଲାଗୁ କରିବାକୁ କୌଣସି ପଦକ୍ଷେପ  ନିଆଯାଇନଥିଲା । ଫଳସ୍ୱରୂପ 19.69 ଲକ୍ଷ ଟଙ୍କାର ଜୋରିମାନା ସମେତ 29.53 ଲକ୍ଷ ଟଙ୍କାର କର ଏବଂ ଅତିରିକ୍ତ କର ଆଦାୟ ହୋଇନଥିଲା ।

ଏହି ମାମଲାଗୁଡିକ ଦର୍ଶାଯାନ୍ତେ, ଆଞ୍ଚଳିକ ପରିବହନ ଅଧିକାରୀ, ବାଲେଶ୍ୱର ଏବଂ ଝାରସୁଗୁଡା 1.48 ଲକ୍ଷ ଟଙ୍କାର ଦେୟ ଦାବି ଉତ୍ଥାପିତ କରିଥିଲେ । ଜୁଲାଇ 2009 ରେ ରାଜ୍ୟ ପରିବହନ କମିଶନର କହିଲେ ଯେ, ଆଞ୍ଚଳିକ ପରିବହନ ଅଧିକାରୀ, କଟକ ଚାରି ଗୋଟି ମାମଲାରେ 1.42 ଲକ୍ଷ ଟଙ୍କାର ଦେୟ ଦାବି ଉପସ୍ଥାପିତ କରିଥିଲେ । ଆଦାୟର ବିବରଣୀ ଏବଂ ଅନ୍ୟ ମାମଲା ଗୁଡିକର ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ଏପ୍ରିଲ 2009 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

## 3.4.3 ପରମିଟ ବିନା ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକ ବାବଦ କର ଅନାଦାୟ/ସ୍ୱଳ୍ପାଦାୟ

ଓଡିଶା ମୋଟରଯାନ କରଧାର୍ଯ୍ୟ ଅଧିନିୟମ ଅନୁଯାୟୀ ପ୍ରତି ଯାତ୍ରୀବାହୀ ଗାଡି ବାବଦ ମୋଟରଯାନ କର ଓ ଅତିରିକ୍ତ କର ସେହି ଗାଡିର ଅନୁମୋଦିତ ଯାତ୍ରୀ ପରିବହନ ସଂଖ୍ୟା ଓ ଅନୁମତି ପତ୍ରରେ ସେହି ଗାଡି ପ୍ରତ୍ୟେହ

53 ବାଲେଶ୍ୱର, ଭୁବନେଶ୍ୱର, କଟକ, ଗଜପତି, ଗଞ୍ଜାମ ଓ ଝାରସୁଗୁଡା ।

ଅତିକ୍ରମ କରିବାକୁଥିବା ଦୂରତା ଆଧାରରେ ସ୍ଥିର କରାଯାଏ । ଯଦି କୌଣସି ଗାଡି ଅନୁମତି ପତ୍ର ବିନା ଯାତାୟାତ କରୁଥିବା ଅବସ୍ଥାରେ ଧରାପଡେ, ତେବେ ଦେୟ କର/ଅତିରିକ୍ତ କର ସେହି ଗାଡିର ସର୍ବାଧିକ ଯାତ୍ରୀ ପରିବହନ ସଂଖ୍ୟା ଓ ଅନୁସୂଚିତ ସର୍ବୋଚ୍ଚ ହାରରେ ଅର୍ଥାତ ସେହି ଗାଡି ପ୍ରତ୍ୟହ 320 କି.ମି. ରୁ ଅଧିକ ଅତିକ୍ରମ କରୁଥିବ ବୋଲି ହିସାବକୁ ନିଆଯାଇ କର ନିର୍ଦ୍ଧାରଣ କରାଯିବ । ଏଥିଲେ ଖିଲାପ ହେଲେ ଦେୟ କରର ଦୁଇଗୁଣ ଜୋରିମାନା ଆରୋପ ଯୋଗ୍ୟ ହେବ ।

ମଇ 2008 ଓ ମାର୍ଚ୍ଚ 2009 ମଧ୍ୟରେ 16 ଗୋଟି ପରିବହନ ଅଞ୍ଚଳ[54] ର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଦେଖାଗଲା ଯେ ଏପ୍ରିଲ 2007 ଓ ମାର୍ଚ୍ଚ 2008 ଅବଧି ମଧ୍ୟରେ ବିଭିନ୍ନ ସମୟରେ ବିନା ଅନୁମତି ପତ୍ରରେ ଚଳାଚଳ କରୁଥିବା ଅବସ୍ଥାରେ 56 ଗୋଟି ଯାତ୍ରୀବାହୀ ଗାଡି ପ୍ରବର୍ତ୍ତନ ଅଙ୍ଗ ଦ୍ୱାରା ଧରା ପଡିଥିଲେ ଏବଂ ଗାଡି ଯାଞ୍ଚ ରିପୋର୍ଟ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ପଠାଯାଇଥିଲା । ମାତ୍ର ଏହି ଗାଡି ଗୁଡିକ ବାବଦରେ ମୋଟରଯାନ କର/ଅତିରିକ୍ତ କର ଆଦାୟ ହୋଇନଥିଲା ଅଥବା କମ୍ ହାରରେ ଆଦାୟ ହୋଇଥିଲା । ଫଳରେ 7.16 ଲକ୍ଷ ଟଙ୍କାର କର ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା । ଏହାଛଡା 14.31 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଆଦାୟ ଯୋଗ୍ୟ ଥିଲା ।

ଏହି ମାମଲା ଗୁଡିକ ଦର୍ଶାଯାନ୍ତେ, ପରିବହନ କମିଶନର ଜୁଲାଇ 2009 ରେ କହିଲେ ଯେ ଆଞ୍ଚଳିକ ପରିବହନ ଅଧିକାରୀ, କଟକ ଦୁଇଗୋଟି ମାମଲାରେ 48,024 ଟଙ୍କାର ଦାବି ନୋଟିସ୍ ଜାରି କରିଥିଲେ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ, ଭଦ୍ରକ ଗୋଟିଏ ମାମଲାରେ 16,590 ଟଙ୍କାର କର ଅସୁଲି ମାମଲା ଦାଏର୍ କରିଥିଲେ । ଉପରୋକ୍ତ ମାମଲା ଗୁଡିକର ଅଧିକତର ଉତ୍ତର ଏବଂ ଅବଶିଷ୍ଟ ମାମଲାର ବିବୃତି ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ଏପ୍ରିଲ 2009 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ହସ୍ତଗତ ହୋଇ ନଥିଲା (ଅକ୍ଟୋବର 2009) ।

### 3.4.4 ବିଳମ୍ବରେ ପୈଠ ହୋଇଥିବା ମୋଟରଯାନ କର ଏବଂ ଅତିରିକ୍ତ କର ବାବଦରେ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ

ଓଡିଶା ମୋଟରଯାନ କରଧାର୍ଯ୍ୟ ଅଧିନିୟମ ଓ ତଦଧିନ ପ୍ରଣୀତ ନିୟମାବଳୀ ଅନୁଯାୟୀ ଯଦି ଜଣେ ଗାଡି ମାଲିକ ବିନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ କର ଓ ଅତିରିକ୍ତ କର ପୈଠ ନକରନ୍ତି, ତେବେ ବିଳମ୍ବର ବ୍ୟାପ୍ତି ଉପରେ ଆଧାର କରି କର/ଅତିରିକ୍ତ କରର 25 ରୁ 200 ପ୍ରତିଶତ ପର୍ଯ୍ୟନ୍ତ ଜୋରିମାନା ଆଦାୟ ଯୋଗ୍ୟ ।

ଜୁନ୍ 2008 ଓ ମାର୍ଚ୍ଚ 2009 ମଧ୍ୟରେ 26 ଗୋଟି ପରିବହନ ଅଞ୍ଚଳ[55] ର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଜଣାଗଲା ଯେ 195 ଗୋଟି ମୋଟରଯାନର ଏପ୍ରିଲ 2003 ଓ ମାର୍ଚ୍ଚ 2008 ଅବଧି ନିମନ୍ତେ କର ଦୁଇ ଦିନରୁ 59 ମାସ ବିଳମ୍ବରେ ପୈଠ କରା ହୋଇଥିଲେ ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କ ଦ୍ୱାରା 70 ଗୋଟି ଯାନ କ୍ଷେତ୍ରରେ 7.32 ଲକ୍ଷ ଟଙ୍କାର ଜୋରିମାନା ଆରୋପଣ କରାଯାଇ ନଥିବା ବେଳେ 125 ଗୋଟି

54 ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର, କଟକ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନବାରଙ୍ଗପୁର, ନୟାଗଡ, ଫୁଲବାଣୀ, ରାୟଗଡା, ରାଉରକେଲା ଏବଂ ସମ୍ବଲପୁର ।

55 ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ ।

ମାମଲାରେ 14.42 ଲକ୍ଷ ଟଙ୍କାର ଜୋରିମାନା ସ୍ୱଳ୍ପାରୋପିତ ହୋଇଥିଲା । ଫଳସ୍ୱରୂପ 21.74 ଲକ୍ଷ ଟଙ୍କାର ଜୋରିମାନା ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ।

ମାମଲାଗୁଡିକ ଦର୍ଶାଯାନ୍ତେ, ପରିବହନ କମିଶନର ଜୁଲାଇ 2009 ରେ କହିଲେ ଯେ ଆଞ୍ଚଳିକ ପରିବହନ ଅଧିକାରୀ, ଢେଙ୍କାନାଳ ସମସ୍ତ ନଅ ଗୋଟି ମାମଲାରେ 1.90 ଲକ୍ଷ ଟଙ୍କା ନିମନ୍ତେ କର ଅସୁଲି ମାମଲା ଦାଏର କରିଛନ୍ତି । ଆଦାୟର ବିବରଣୀ ଏବଂ ଅନ୍ୟ ମାମଲା ଗୁଡିକର ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ଏପ୍ରିଲ 2009 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

## 3.4.5 ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡି ଗୁଡିକ ବାବଦ ମୋଟରଯାନ କର/ଅତିରିକ୍ତ କର ଅନାଦାୟ/ସ୍ୱଳ୍ପାଦାୟ

ଯେତେବେଳେ ଗୋଟିଏ ଯାତ୍ରୀବାହୀ ଗାଡି ଓଡିଶା ସରକାର ଓ ଅନ୍ୟ କୌଣସି ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ରାଜିନାମା ବଳରେ ତାହାର ଗତିପଥରେ କିଛିବାଟ ଓଡିଶାରେ ଚଳାଚଳ କରେ, ସେହି ଗାଡି ବାବଦ ଦେୟ ମୋଟରଯାନ କର/ଅତିରିକ୍ତ କର ଓଡିଶା ମୋଟରଯାନ କରଧାର୍ଯ୍ୟ ଅଧିନିୟମ ଓ ତଦ୍‌ଧୀନ ପ୍ରଣୀତ ନିୟମାବଳୀରେ ଉଲ୍ଲେଖିତ ପ୍ରଣାଳୀ ଓ ହାରରେ ଏବଂ ଗାଡିଟି ଓଡିଶାରେ ତାର ଅନୁମୋଦିତ ମାର୍ଗରେ ଅତିକ୍ରମ କରୁଥିବା ମୋଟ ଦୂରତା ଅନୁସାରେ ନିର୍ଦ୍ଧାରିତ ହୁଏ । ଅନୁଗ୍ରହୀତ ଅବଧି 15 ଦିନକୁ ବାଦ୍ ଦେଇ ଦୁଇମାସ ମଧ୍ୟରେ କର ପୈଠ ନହେଲେ ଦେୟ କରର ଦୁଇଗୁଣ ଜୋରିମାନା ଆକାରରେ ଦେବାକୁ ପଡେ ।

ଜୁନ୍ ଏବଂ ଡିସେମ୍ବର 2008 ମଧ୍ୟରେ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ତିନିଗୋଟି[56] ପରିବହନ ଅଞ୍ଚଳର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଜଣାଗଲା ଯେ ଏପ୍ରିଲ 2007 ରୁ ମାର୍ଚ୍ଚ 2008 ଅବଧିରେ ପାରସ୍ପରିକ ରାଜିନାମା ଅନୁଯାୟୀ ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରିବାକୁ କ୍ଷମତାପ୍ରାପ୍ତ 20 ଗୋଟି ଯାତ୍ରୀବାହୀ ଗାଡି ମଧ୍ୟରୁ 15 ଗୋଟି ଯାନ ବାବଦରେ 5.32 ଲକ୍ଷ ଟଙ୍କାର ମୋଟରଯାନ କର/ଅତିରିକ୍ତ କର ଅନାଦାୟ ଥିଲା । ଅବଶିଷ୍ଟ ପାଞ୍ଚ ଗୋଟି ମାମଲାରେ 40,663 ଟଙ୍କାର ମୋଟରଯାନ କର/ଅତିରିକ୍ତ କର ସ୍ୱଳ୍ପାଦାୟ ହୋଇଥିଲା । ଫଳରେ 5.73 ଲକ୍ଷ ଟଙ୍କାର ମୋଟରଯାନ କର/ଅତିରିକ୍ତ କର ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା । ଏହା ବ୍ୟତୀତ 11.46 ଲକ୍ଷ ଟଙ୍କାର ଜୋରିମାନା ଆଦାୟଯୋଗ୍ୟ ଥିଲା ।

ମାମଲାଗୁଡିକ ଦର୍ଶାଯାନ୍ତେ, ପରିବହନ କମିଶନର ଏବଂ ସମ୍ପୃକ୍ତ ସମସ୍ତ ପରିବହନ ଅଧିକାରୀ ଜୁନ ଏବଂ ଡିସେମ୍ବର 2008 ମଧ୍ୟରେ କହିଲେ ଯେ ଦେୟ ଆଦାୟ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ କରାଯିବ । ଅସୁଲିର ବିବରଣୀ ପ୍ରାପ୍ତ ହୋଇନଥିଲା (ଅକ୍ଟୋବର 2009) ।

ଏପ୍ରିଲ 2009 ରେ ବିଷୟଟିକୁ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

## 3.4.6 ବ୍ୟବସାୟିକ ପ୍ରମାଣପତ୍ର ଉପରେ କର/ଫିସ୍ ଅନାଦାୟ

ଓଡିଶା ମୋଟରଯାନ କରଧାର୍ଯ୍ୟ ଅଧିନିୟମ ସହ ପଠିତ ସଂଶୋଧିତ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, 1989 ଅନୁଯାୟୀ ମୋଟରଯାନ ବିକ୍ରୟ କରୁଥିବା ବ୍ୟବସାୟୀ ଅଗ୍ରିମ ଆକାରରେ ବାର୍ଷିକ ଆବଶ୍ୟକୀୟ

56 କେନ୍ଦୁଝର, ମୟୂରଭଞ୍ଜ ଓ ରାଉରକେଲା ।

କର/ଫିସ୍ ପୈଠ କରି ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କଠାରୁ ବ୍ୟବସାୟୀକ ପ୍ରମାଣପତ୍ର ହାସଲ କରିବା ବିଧେୟ । ମୋଟରଯାନ ଅଧିନିୟମ, 1988 ଅନୁସାରେ ମୋଟରଯାନ ବ୍ୟବସାୟୀ କହିଲେ ଚେସିସ୍ ଉପରେ ଗାଡିର ମୁଖ୍ୟାଂଶ ନିର୍ମାଣ କରୁଥିବା କିମ୍ବା ମୋଟରଯାନ ଗୁଡିକର ବନ୍ଧକ ବ୍ୟବସାୟ କରୁଥିବା ଭଡାରେ ବା କିସ୍ତିବନ୍ଦି ଖରିଦ ସୂତ୍ରରେ ଦେଇ ବ୍ୟବସାୟ କରୁଥିବା ବ୍ୟକ୍ତି ବିଶେଷକୁ ବୁଝାଏ ।

ଜୁନ୍ 2008 ଓ ଜାନୁଆରୀ 2009 ମଧ୍ୟରେ ସାତଗୋଟି ପରିବହନ ଅଞ୍ଚଳ[57] ର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଜଣାଗଲା ଯେ ଏପ୍ରିଲ 2007 ଠାରୁ ମାର୍ଚ୍ଚ 2008 ମଧ୍ୟରେ 92 ଜଣ ବ୍ୟବସାୟୀଙ୍କ ଠାରୁ ବ୍ୟବସାୟିକ ପ୍ରମାଣପତ୍ର ବାବଦରେ କର ଓ ଫିସ୍ ଆଦାୟ ହୋଇନଥିଲା । ଏହା ଫଳରେ କର ଓ ଫିସ୍ ବାବଦରେ 3.29 ଲକ୍ଷ ଟଙ୍କା ଅନାଦାୟ ଥିଲା ।

ମାମଲାଗୁଡିକ ଦର୍ଶାଯାନ୍ତେ, ଜୁଲାଇ 2009 ରେ ପରିବହନ କମିଶନର କହିଲେ ଯେ, ଆଞ୍ଚଳିକ ପରିବହନ ଅଧିକାରୀ, କଟକ 12 ଗୋଟି ମାମଲାରେ 36,000 ଟଙ୍କାର ଦେୟ ଆଦାୟ ନିମନ୍ତେ ଦାବି ନୋଟିସ୍ ଜାରି କରିଛନ୍ତି । ଉପରୋକ୍ତ ମାମଲା ଗୁଡିକରେ ଆଦାୟର ସ୍ଥିତି ଓ ଅନ୍ୟାନ୍ୟ ମାମଲା ଗୁଡିକର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ଏପ୍ରିଲ 2009 ରେ ସରକାରଙ୍କ ଗୋଚରାର୍ଥେ ଅଣାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

## 3.5 ସରକାରୀ ଅଧିସୂଚନା/ନିଷ୍ପତ୍ତିର ଅନୁପାଳନ ନହେବା

*ସରକାରଙ୍କ 2001 ଏବଂ 2003 ମସିହାରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ :-*

*(i) ଓଡିଶାରେ ଚଳାଚଳ କରୁଥିବା ଆନ୍ଧ୍ରପ୍ରଦେଶର ଗାଡି ଏକକାଳିନ ମିଶ୍ରିତ କର ଦେବେ; ଏବଂ*

*(ii) ବିହିତ ହାରର ପ୍ରତିସ୍ୱାକ୍ଷରିତ ଫିସ୍ / ପ୍ରକ୍ରିୟା ଫିସ୍ ଆଦାୟ ହେବ ।*

*ଏହି ନିଷ୍ପତ୍ତିର ଅନନୁପାଳନ ନହେବା ହେତୁ 1.98 କୋଟି ଟଙ୍କା ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ଯାହା ଅନୁଚ୍ଛେଦ 3.5.1 ଏବଂ 3.5.2 ରେ ଦର୍ଶାଗଲା ।*

### 3.5.1 ପ୍ରତିସ୍ୱାକ୍ଷରିତ ଫିସ୍ / ପ୍ରକ୍ରିୟା ଫିସ୍‌ର ସ୍ୱଳ୍ପାଦାୟ/ଅନାଦାୟ

ମୋଟରଯାନ ଅଧିନିୟମ ଏବଂ ତତ୍‌ସହିତ ପଠିତ ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ (ପରିବହନ) ବିଭାଗର 24 ଜାନୁଆରୀ 2003 ରେ ଜାରି ଅଧିସୂଚନା ଅନୁଯାୟୀ 28 ଜାନୁଆରୀ 2003 ଠାରୁ ପ୍ରତିସ୍ୱାକ୍ଷରିତ ଫିସ୍‌ର ହାର ବୃଦ୍ଧି କରାଗଲା ଏବଂ ପ୍ରତ୍ୟେକ ଦରଖାସ୍ତ ନିମନ୍ତେ 100 ଟଙ୍କା ହିସାବରେ ପ୍ରକ୍ରିୟା ଫିସ୍ ପ୍ରବର୍ତ୍ତନ ହୋଇଥିଲା । ମାତ୍ର ମାର୍ଚ୍ଚ 2003 ର ଏକ ଆଦେଶ ବଳରେ ବିଭାଗ ଅଧିସୂଚନାରେ ବ୍ୟବସ୍ଥିତ ହାରରେ ଫିସ୍ ଆଦାୟକୁ ସ୍ଥଗିତ ରଖିଥିଲା ।

ମଇ 2008 ଓ ମାର୍ଚ୍ଚ 2009 ମଧ୍ୟରେ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ 12 ଗୋଟି ତନଖିଫାଟକ ସମେତ 25 ଗୋଟି ପରିବହନ ଅଞ୍ଚଳ[58] ର ନଥିପତ୍ରର ନମୂନା ଯାଞ୍ଚକ୍ରମେ ଜଣାଗଲା ଯେ 214 ଗୋଟି ମାଲବାହୀ ଗାଡି

---

57 ବରଗଡ, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଗଞ୍ଜାମ, ଝରସୁଗୁଡା ଏବଂ ସମ୍ବଲପୁର ।

58 ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ ।

ଠାରୁ ପ୍ରତିସ୍ୱାକ୍ଷରିତ ଫିସ୍ ସଂଶୋଧନ ପୂର୍ବବର୍ତ୍ତୀ ହାରରେ ଆଦାୟ ହୋଇଥିଲା ଏବଂ ଏପ୍ରିଲ 2007 ଠାରୁ ମାର୍ଚ୍ଚ 2008 ଅବଧି ପାଇଁ 1.44 ଲକ୍ଷ ମାମଲାରେ ପ୍ରକ୍ରିୟା ଫିସ୍ ଆଦାୟ ହୋଇନଥିଲା । ଫଳସ୍ୱରୂପ 1.55 କୋଟି ଟଙ୍କାର ଫିସ୍ ସ୍ୱଳ୍ପାଦାୟ/ଅନାଦାୟ ଥିଲା ।

ମାମଲାଗୁଡିକ ଦର୍ଶାଯାନ୍ତେ, ପରିବହନ କମିଶନର ଜୁଲାଇ 2009 ରେ ଜଣାଇଲେ ଯେ ଓଡିଶା ସରକାରଙ୍କ ମାର୍ଚ୍ଚ 2003 ର ଆଦେଶ ଭିତ୍ତିରେ ଉକ୍ତ ଫିସ୍‌ର ଆଦାୟ ସ୍ଥଗିତ ରଖାଯାଇଥିଲା । ଏହା ମଧ୍ୟ ଜଣାଇଥିଲେ ଯେ ସ୍ଥିତି ସ୍ପଷ୍ଟକରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଥିଲା । ପ୍ରକୃତ କଥା ହେଉଛି ଯେ ରାଜପତ୍ରରେ ପ୍ରକାଶିତ ହାର କାର୍ଯ୍ୟକ୍ଷମ ହୋଇଥିଲା ଏବଂ କାର୍ଯ୍ୟନିର୍ବାହୀ ଆଦେଶାନୁସାରେ ପୂର୍ବ ନିର୍ଦ୍ଧାରିତ ହାରରେ ଫିସ୍ ଆଦାୟ ଅନିୟମିତ ଥିଲା ଯେହେତୁ କାର୍ଯ୍ୟନିର୍ବାହୀ ଆଦେଶ ବୈଧାନିକ ବ୍ୟବସ୍ଥାକୁ ନାମଞ୍ଜୁର କରିବା ବିଧି ସମ୍ମତ ନୁହେଁ ।

ଏପ୍ରିଲ 2009 ରେ ବିଷୟଟି ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

## 3.5.2 ପାରସ୍ପରିକ ରାଜିନାମା ଅନ୍ତର୍ଗତ ମାଲବାହୀ ଗାଡିଗୁଡିକ ବାବଦ ମିଶ୍ରିତ କର ଅନାଦାୟ

ଓଡିଶା ସରକାରଙ୍କ ଫେବୃଆରୀ 2001 ର ନିଷ୍ପତ୍ତି ଅନୁସାରେ ପାରସ୍ପରିକ ରାଜିନାମା ବଳରେ ଓଡିଶାରେ ଚଳାଚଳ କରିବାକୁ ଅନୁମତିପ୍ରାପ୍ତ ଆନ୍ଧ୍ର ପ୍ରଦେଶର ପ୍ରତି ମାଲବାହୀ ଗାଡି ପିଛା ପ୍ରତ୍ୟେକ ପ୍ରବେଶ ନିମନ୍ତେ ଅତିରିକ୍ତ କର ପରିବର୍ତ୍ତେ ବାର୍ଷିକ 3,000 ଟଙ୍କା ମିଶ୍ରିତ କର ପ୍ରଦାନ ଆବଶ୍ୟକ । ଏହି କର ପ୍ରତିବର୍ଷ ଏପ୍ରିଲ ମାସ 15 ତାରିଖ ବା ତା'ର ପୂର୍ବରୁ ଅଗ୍ରିମ ଆକାରରେ ଓଡିଶା ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିକଟରେ ଜମା ଦେବା ଆବଶ୍ୟକ । ଦେୟ ବିଳମ୍ବିତ ହେଲେ ପ୍ରତି ପୂର୍ଣ୍ଣାଙ୍ଗ ମାସ ବା ତା'ର ଅଂଶ ବିଶେଷ ପାଇଁ 100 ଟଙ୍କା ହିସାବରେ ଜୋରିମାନା ମିଶ୍ରିତ କରସହ ଆରୋପଣ ଯୋଗ୍ୟ ।

ଅଗଷ୍ଟ 2008 ରେ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନଥିପତ୍ରର ନମୁନା ଯାଞ୍ଚକ୍ରମେ ଜଣାଗଲା ଯେ 2007-08 ବର୍ଷ ମଧ୍ୟରେ ବିଧିମାନ୍ୟ ପରମିଟ ବଳରେ ପାରସ୍ପରିକ ରାଜିନାମା ଅନୁସାରେ ଓଡିଶାରେ ଚଳାଚଳ କରିବାକୁ ଅନୁମତିପ୍ରାପ୍ତ ଆନ୍ଧ୍ର ପ୍ରଦେଶର 1,334 ଗୋଟି ମାଲବାହୀ ଗାଡି ମଧ୍ୟରୁ 923 ଗୋଟି ଗାଡି ବାବଦ 27.69 ଲକ୍ଷ ଟଙ୍କାର ମିଶ୍ରିତ କର ଆଦାୟ ହୋଇନଥିଲା । ଏହା ବ୍ୟତୀତ ଜୁଲାଇ 2008 ପର୍ଯ୍ୟନ୍ତ ହିସାବ କରାଯାଇଥିବା ଜୋରିମାନା ବାବଦ 14.77 ଲକ୍ଷ ଟଙ୍କା ମଧ୍ୟ ଆଦାୟ ଯୋଗ୍ୟଥିଲା ।

ମାମଲାଟି ଦର୍ଶାଯାନ୍ତେ, ଜୁଲାଇ 2009 ରେ ରାଜ୍ୟ ପରିବହନ କମିଶନର କହିଲେ ଯେ ପରିବହନ ପ୍ରାଧିକରଣ, ଆନ୍ଧ୍ର ପ୍ରଦେଶଙ୍କ ନିକଟରେ ଜୁଲାଇ 2009 ରେ ମିଶ୍ରିତ କର ଆଦାୟ ବିଷୟ ଆଗତ କରାଯାଇଥିଲା । ଏ ଦିଗରେ ଅଧିକତର ବିବରଣୀ ଆସିନଥିଲା (ଅକ୍ଟୋବର 2009) ।

ଡିସେମ୍ବର 2008 ରେ ବିଷୟଟି ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2009) ।

# ଅଧ୍ୟାୟ-IV: ଭୂ-ରାଜସ୍ୱ, ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍

## 4.1 ସମୀକ୍ଷାର ପରିଣାମ

ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ ଆଦିର ନିର୍ଦ୍ଧାରଣ ଓ ଆଦାୟ ସମ୍ପର୍କିତ ନଥିପତ୍ରର 2008-09 ବର୍ଷରେ ହୋଇଥିବା ନମୁନା ଯାଞ୍ଚ 75,141 ଗୋଟି ମାମଲାରେ 434.47 କୋଟି ଟଙ୍କାର ଅନାଦାୟ, ଅବନିର୍ଦ୍ଧାରଣ/ସ୍ୱଳ୍ପନିର୍ଦ୍ଧାରଣ, ରାଜସ୍ୱ ହାନି, ରାଜସ୍ୱ ଅବରୋଧ ଇତ୍ୟାଦି ହୋଇଥିବାର ପରିଲକ୍ଷିତ ହୋଇଥିଲା, ଯାହାର ବର୍ଗୀକରଣ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ଭୂ-ରାଜସ୍ୱ** | | | |
| 1. | ସ୍ଥାନୀୟ ସଂସ୍ଥା/ଘରୋଇ ସଂସ୍ଥା ଦ୍ୱାରା ଅଧିକୃତ ଜମିର ଅଧିମୂଲ୍ୟ ଇତ୍ୟାଦି ଅନାଦାୟ | 52 | 99.62 |
| 2. | ଓଡ଼ିଶା ଜମିଦାରୀ ଉଚ୍ଛେଦ (ବେବନ୍ଦୋବସ୍ତ) ମାମଲାଗୁଡ଼ିକର ଫଏସଲାରେ ବିଳମ୍ବ ହେତୁ ରାଜସ୍ୱ ଅନାଦାୟ | 11,529 | 8.40 |
| 3. | ଓଡ଼ିଶା ଭୂ-ସଂସ୍କାର ମାମଲାଗୁଡ଼ିକ ଫଏସଲା ନହେବା ହେତୁ ରାଜସ୍ୱ ଅବରୋଧ | 2,463 | 1.98 |
| 4. | ସୈରାତ ଉତ୍ସଗୁଡ଼ିକ ପଟ୍ଟା ଦିଆନଯିବା/ଅନିୟମିତ ପଟ୍ଟା ପ୍ରଦାନ | 365 | 1.10 |
| 5. | ଅନ୍ୟାନ୍ୟ ଅନିୟମିତତା | 3,585 | 11.41 |
| | **ମୋଟ** | **17,994** | **122.51** |
| **ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍** | | | |
| 1. | 47 'କ' ମାମଲାଗୁଡ଼ିକ ଫଏସଲା ନହେବା ହେତୁ ରାଜସ୍ୱ ଅବରୋଧ | 52,566 | 258.46 |
| 2. | ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍ ଆରୋପଣ ଓ ଆଦାୟ | 1 | 48.58 |
| 3. | ନିବନ୍ଧନ ସମୟରେ ଜମିର ସର୍ବୋଚ୍ଚ ମୂଲ୍ୟ ବିଚାରକୁ ନନେବା ହେତୁ ରାଜସ୍ୱ ହାନି (ଅବମୂଲ୍ୟାଙ୍କନ ମାମଲା) | 3,232 | 2.20 |
| 4. | ବିଚାରାଧିନ ଅବରୁଦ୍ଧ ମାମଲା ହେତୁ ରାଜସ୍ୱ ଅବରୋଧ | 633 | 1.10 |
| 5. | ବେଞ୍ଚମାର୍କ ମୂଲ୍ୟ ପୁନରୀକ୍ଷଣ ନହେବା ହେତୁ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ | 123 | 0.21 |
| 6. | ଓହର ଓ ସହରାଞ୍ଚଳ ଯୋଜନା ଦେୟର ଅବନିର୍ଦ୍ଧାରଣ | 528 | 0.12 |
| 7. | ଅନ୍ୟାନ୍ୟ ଅନିୟମିତତା | 64 | 1.29 |
| | **ମୋଟ** | **57,147** | **311.96** |
| | **ଗାଏମୋଟ** | **75,141** | **434.47** |

2008-09 ବର୍ଷରେ ବିଭାଗ ସେହି ବର୍ଷର ଦର୍ଶାଯାଇଥିବା 22,128 ଗୋଟି ମାମଲାରେ ଜଡ଼ିତ 38.15 କୋଟି ଟଙ୍କାର ଅବନିର୍ଦ୍ଧାରଣ, ରାଜସ୍ୱ ଅନାଦାୟ ଓ ଅନ୍ୟାନ୍ୟ ଅନିୟମିତତାକୁ ଗ୍ରହଣ କରିଥିଲା । ବିଭାଗ 2008-09 ବର୍ଷ ଏବଂ ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ଦର୍ଶାଯାଇଥିବା 3,899 ଗୋଟି ମାମଲାରେ 173.85 କୋଟି ଟଙ୍କା ଆଦାୟ କରିଥିଲା ।

75.51 କୋଟି ଟଙ୍କା ଜଡ଼ିତ ଅଳ୍ପ କେତୋଟି ଦୃଷ୍ଟାନ୍ତଯୁକ୍ତ ସମୀକ୍ଷା ଅବଲୋକନ ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

## 4.2 ସମୀକ୍ଷା ମନ୍ତବ୍ୟ

*ଭୂ-ରାଜସ୍ୱ, ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ନିର୍ଦ୍ଧାରଣ ଓ ଆଦାୟ ସମ୍ପର୍କୀତ ନଥିପତ୍ରର ସମ୍ୟକ ପରୀକ୍ଷାରୁ ରାଜସ୍ୱ ଅନାଦାୟ, ଅବନିର୍ଦ୍ଧାରଣ/ସ୍ୱଳ୍ପନିର୍ଦ୍ଧାରଣ, ରାଜସ୍ୱ ହାନି, ରାଜସ୍ୱ ଅବରୋଧ ଏବଂ ଅନ୍ୟାନ୍ୟ ମାମଲାମାନ ପରିଲକ୍ଷିତ ହୋଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ବର୍ଣ୍ଣନା କରାଗଲା । ଏହି ମାମଲା ଗୁଡିକ ଦୃଷ୍ଟାନ୍ତଯୁକ୍ତ ଓ ସମୀକ୍ଷାର ନମୁନା ଯାଞ୍ଚ ଉପରେ ଆଧାରିତ । ଏହି ତୃଟି ଗୁଡିକ ସମୀକ୍ଷାରେ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ଲାଗିରହିଥିଲା ଏବଂ ସମୀକ୍ଷା ପରିଚାଳନା ହେବା ପର୍ଯ୍ୟନ୍ତ ସନ୍ଧାନ ହୋଇ ନଥିଲା । ଏହି ତୃଟି ଗୁଡିକୁ ସନ୍ଧାନ କରି ସଜାଡିବାକୁ ଏବଂ ଏଡାଇଦେବାକୁ ସରକାରଙ୍କୁ ଆନ୍ତଃନିୟନ୍ତ୍ରଣ ପଦ୍ଧତିର ବିକାଶ ଘଟାଇ ଆନ୍ତଃସମୀକ୍ଷା ବିଭାଗକୁ ବଳଶାଳୀ କରିବା ଆବଶ୍ୟକ ।*

**ଭୂ-ରାଜସ୍ୱ**

## 4.3 ସରକାରଙ୍କ ଆଦେଶ/ଅନୁଦେଶ ପାଳନ ନହେବା

*ସରକାରୀ ଜମି ହସ୍ତାନ୍ତକରଣ[59] ରେ ସରକାରଙ୍କ ଆଦେଶ/ଅନୁଦେଶରେ ଥିବା ଆବଶ୍ୟକତା ଅନୁଯାୟୀ :-*

*(i)* *ଜମିର ବଜାର ଦର ସମତୁଲ୍ୟ ଅଧିମୂଲ୍ୟ, ଖଜଣା ଓ ସେସ୍ ବିହିତ ହାରରେ ଦିଆଯାଇଥିଲେ ବିଭିନ୍ନ ସଂସ୍ଥା/ସଂଗଠନକୁ ସରକାରୀ ଜମି ହସ୍ତାନ୍ତକରଣ ହୋଇପାରିବ; ଏବଂ*

*(ii)* *କେନ୍ଦ୍ର ସରକାରଙ୍କ ସଂଗଠନ ଗୁଡିକୁ ଜମି ହସ୍ତାନ୍ତକରଣ କ୍ଷେତ୍ରରେ ଖଜଣା ଓ ସେସ୍‌ର 25 ଗୁଣ ପୁଞ୍ଜୀକୃତ ମୂଲ୍ୟ ରୂପେ ପ୍ରଦେୟ ।*

*ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଉପରୋକ୍ତ କେତେକ ବ୍ୟବସ୍ଥାମାନ ପାଳନ ନହେବାରୁ 34.33 କୋଟି ଟଙ୍କାର ରାଜସ୍ୱ ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ଯାହା ଅନୁଚ୍ଛେଦ 4.3.1 ଏବଂ 4.3.2 ରେ ଉଲ୍ଲେଖ କରାଗଲା ।*

### 4.3.1 ସରକାରୀ ଜମି ହସ୍ତାନ୍ତକରଣରେ ରାଜସ୍ୱ ଅନାଦାୟ/ସ୍ୱଳ୍ପାଦାୟ

ସରକାରଙ୍କ ଅକ୍ଟୋବର 1961, ମଇ 1963, ଫେବୃଆରୀ 1966, ରାଜସ୍ୱ ବିଭାଗର 22 ମାର୍ଚ୍ଚ 1978 ଏବଂ 22 ଜାନୁଆରୀ 2005 ର ଚିଠି ଅନୁଯାୟୀ ସରକାରୀ ଜମିକୁ ସ୍ଥାନୀୟ ସଂସ୍ଥା, ସରକାରୀ ଉଦ୍ୟୋଗ, ଶିକ୍ଷା ଓ ଦାତବ୍ୟ ଅନୁଷ୍ଠାନ ଓ ରାଜ୍ୟ ସରକାରୀ ବିଭାଗମାନଙ୍କୁ ଜମିର ବଜାର ଦର ଆଧାରରେ ଧାର୍ଯ୍ୟ ଅଧିମୂଲ୍ୟ ଓ ଉକ୍ତ ବଜାର ଦରର ଏକ ପ୍ରତିଶତ ହାରରେ ବାର୍ଷିକ ଖଜଣା ଏବଂ 1993-94 ପର୍ଯ୍ୟନ୍ତ ବାର୍ଷିକ ଖଜଣାର 50 ପ୍ରତିଶତ ହାରରେ ସେସ୍ ଆକାରରେ ଏବଂ ପରବର୍ତ୍ତୀ କାଳରେ ବାର୍ଷିକ ଖଜଣାର 75 ପ୍ରତିଶତ ହାରରେ ସେସ୍ ପ୍ରଦାନ କରାଯାଇଥିଲେ ସରକାରୀ ଜମି ପଟ୍ଟା ସୂତ୍ରେ ହସ୍ତାନ୍ତକରଣ ହୋଇପାରିବ । କେନ୍ଦ୍ର ସରକାରଙ୍କ ସଂଗଠନ ଗୁଡିକୁ ପଟ୍ଟା ସୂତ୍ରେ ଜମିର ହସ୍ତାନ୍ତକରଣ ସ୍ଥଳେ ଅଧିମୂଲ୍ୟ ସହିତ ବାର୍ଷିକ ଖଜଣା ଓ ସେସ୍‌ର 25 ଗୁଣ ପୁଞ୍ଜିକୃତ ମୂଲ୍ୟ ଆକାରରେ ଆଦାୟ କରାଯିବ । ପୁନଶ୍ଚ 27 ନଭେମ୍ବର 1992 ପର୍ଯ୍ୟନ୍ତ ଛଅ ପ୍ରତିଶତ ହାରରେ ଏବଂ ତତ୍ପରେ 12 ପ୍ରତିଶତ ହାରରେ ସୁଧ ଜମିର ଭୋଗ ଦଖଲ ଦିନଠାରୁ ଦେୟ ପ୍ରଦାନ ଦିନ ପର୍ଯ୍ୟନ୍ତ ଆଦାୟଯୋଗ୍ୟ ।

59 ଜମିର ପଟ୍ଟାସୂତ୍ରେ ହସ୍ତାନ୍ତକରଣ ।

### *4.3.1.1 ହସ୍ତାନ୍ତକରଣ ମାମଲା ଗୁଡିକ ଫଏସଲା ନହେବା*

ମଇ ଓ ଅଗଷ୍ଟ 2008 ରେ ତିନିଗୋଟି ତହସିଲର ନଥିପତ୍ରର ନମୁନା ଯାଞ୍ଚକ୍ରମେ ପରିଲକ୍ଷିତ ହେଲା ଯେ ଚାରିଗୋଟି ମାମଲାରେ ଭୋଗ ଦଖଲକାରୀ ମାନେ 23 ମାସରୁ 44 ବର୍ଷ ପର୍ଯ୍ୟନ୍ତ 335.220 ଏକର ପରିମିତ ଜମି ଦଖଲ କରୁଥିଲେ ମଧ୍ୟ ଏହାକୁ ନିୟମିତ କରାଯାଇନଥିଲା । ହସ୍ତାନ୍ତକରଣ ମାମଲା ଗୁଡିକ ଫଏସଲା ନହେବା ହେତୁ ଅଧିମୂଲ୍ୟ, ଖଜଣା, ସେସ୍ ଏବଂ ସୁଧ ବାବଦରେ 29.26 କୋଟି ଟଙ୍କାର ସରକାରୀ ରାଜସ୍ୱ ଅନାଦାୟ ରହିଥିଲା ଯାହା ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

(ଟଙ୍କା କୋଟି ଆକାରରେ)

| କ୍ର. ସଂ. | ତହସିଲର ନାମ<br>ଭୋଗ ଦଖଲକାରୀଙ୍କ ନାମ | ଭୋଗଦଖଲ ବର୍ଷ/ମାସ | ଜମିର ପରିମାଣ (ଏକରରେ) | ଅନାଦାୟ ରାଜସ୍ୱ | | | ମୋଟ |
|---|---|---|---|---|---|---|---|
| | | | | ଅଧିମୂଲ୍ୟ | ଖଜଣା<br>ସେସ୍ | ସୁଧ | |
| 1. | ବ୍ରହ୍ମପୁର<br>ଗ୍ରିଡକୋ[60] | 1964 | 10.000 | 2.75 | 1.21<br>0.70 | 13.39 | 18.05 |
| ବିଭାଗ 35 ବର୍ଷ ଧରି କୌଣସି କାର୍ଯ୍ୟାନୁଷ୍ଠାନ କରିନଥିଲା । ଭୋଗ ଦଖଲକାରୀ ସେପ୍ଟେମ୍ବର 1999 ରେ ହସ୍ତାନ୍ତକରଣ ନିମନ୍ତେ ଦରଖାସ୍ତ କରିଥିଲେ । ଆଠ ବର୍ଷରୁ ଅଧିକ ଅତିବାହିତ ହୋଇଥିଲେ ମଧ୍ୟ ମାମଲାଟି ଫଏସଲା ହୋଇନଥିଲା (ମଇ 2008) । | | | | | | | |
| 2. | କନିଷ୍ଠି<br>ଏଡିଜିଏମ୍[61]<br>ସ୍କୁଲ | 1985 | 320.590 | 1.84 | 0.46<br>0.35 | 6.03 | 8.68 |
| 1985 ରେ ଜମିର ଆଗୁଆ ଦଖଲ ଦିଆଯାଇଥିଲା । 23 ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ମାମଲାଟି ଚୂଡାନ୍ତ ହୋଇନଥିଲା (ଜୁଲାଇ 2008) । | | | | | | | |
| 3. | ଟାଙ୍ଗି<br>ଗ୍ରିଡକୋ | 1970 | 1.630 | 0.24 | 0.09<br>0.06 | 1.05 | 1.44 |
| ଗ୍ରିଡକୋ ଦ୍ୱାରା 1970 ଠାରୁ ଜମି ଜବରଦଖଲ ହୋଇଥିଲା । ନିର୍ବାହୀ ଯନ୍ତ୍ରୀ ଗ୍ରିଡକୋ କହିଥିଲେ ଯେ 1991 ମସିହାରେ ବାଣପୁର ତହସିଲଦାରଙ୍କୁ ଜମି ହସ୍ତାନ୍ତକରଣ ନିମନ୍ତେ ଦରଖାସ୍ତ ହୋଇଥିଲା କିନ୍ତୁ ବାଣପୁର ତହସିଲ ପକ୍ଷରୁ କୌଣସି ହସ୍ତାନ୍ତକରଣ ମାମଲା ହୋଇନଥିଲା । ଟାଙ୍ଗି ତହସିଲ ଗଠନ ହେବା ପରେ ଜମିଟି ବାଣପୁର ତହସିଲ ଅଧିନରୁ ଟାଙ୍ଗି ତହସିଲ ଇଲାକାକୁ ଆସିଥିଲା । ତହସିଲଦାର, ବାଣପୁର ଜୁଲାଇ 1996 ରେ ଜବରଦଖଲ ମାମଲା ଆରମ୍ଭ କରିଥିଲେ (ମାମଲା ସଂଖ୍ୟା 167/96-97) ଏବଂ ଗ୍ରିଡକୋକୁ ନଭେମ୍ବର 2001 ରେ ହସ୍ତାନ୍ତକରଣ ନିମନ୍ତେ ଦରଖାସ୍ତ କରିବାକୁ ଆଦେଶ ଦେଇଥିଲେ । ମାତ୍ର ମାମଲାଟି ଫଏସଲା ହୋଇନଥିଲା (ମଇ 2008) । | | | | | | | |
| 4. | ବ୍ରହ୍ମପୁର<br>ସଫଟ୍‌ୱେଆର ଟେକନୋଲଜି ପାର୍କ ଅଫ ଇଣ୍ଡିଆ, ଭୁବନେଶ୍ୱର | ମଇ 2006 | 3.000 | 0.86 | 0.02<br>0.01 | 0.20 | 1.09 |
| ସଂଗଠନଟି ଅଗଷ୍ଟ 2005 ରେ ଜମି ହସ୍ତାନ୍ତକରଣ ନିମନ୍ତେ ଦରଖାସ୍ତ କରିଥିଲା । ଜମିର ଆଗୁଆ ଦଖଲ ମଇ 2006 ରେ ଦିଆଯାଇଥିଲା । ହସ୍ତାନ୍ତକରଣ ମାମଲା ଫଏସଲା ହୋଇନଥିବା ନଭେମ୍ବର 2006 ରେ ସମୀକ୍ଷାରେ ଦର୍ଶାଯାଇଥିଲେ ମଧ୍ୟ ଏବଂ ଦୁଇ ବର୍ଷ 10 ମାସ ଅତିବାହିତ ହୋଇଥିଲେ ମଧ୍ୟ ମାମଲାଟି ଫଏସଲା ହୋଇନଥିଲା (ମଇ 2008) । | | | | | | | |
| ମୋଟ | | | **335.220** | **5.69** | **1.78**<br>**1.12** | **20.67** | **29.26** |

ମାମଲାଗୁଡିକ ଦର୍ଶାଯିବା ପରେ ତହସିଲଦାର, ବ୍ରହ୍ମପୁର ମଇ 2008 ରେ କହିଲେ ଯେ କାର୍ଯ୍ୟାନୁଷ୍ଠାନ ହୋଇ ମାମଲାଗୁଡିକ ଫଏସଲା କରାଯିବ ଓ ଦାବି ଉତ୍ଥାପନ ହେବ । କନିଷ୍ଠି ତହସିଲଦାର ଅଗଷ୍ଟ 2008 ରେ କହିଲେ

60 ଗ୍ରିଡ୍ କରପୋରେସନ୍ ଅଫ୍ ଓଡିଶା ଲିମିଟେଡ ।

61 ଏୟାର ଡିଫେନସ୍ ଗାଇଡେଡ୍ ମିସାଇଲ ସ୍କୁଲ, ଗୋଳାବନ୍ଧ ।

ଯେ ମାମଲାଟି ସରକାରଙ୍କ ବିଚାରାଧିନ ଥିଲା ଏବଂ ପଟ୍ଟା ମଞ୍ଜୁରୀ ପରେ ଦେୟ ଆଦାୟ ହେବ । ତହସିଲଦାର, ଟାଙ୍ଗି ଜୁନ୍ 2008 ରେ କହିଲେ ଯେ ଗ୍ରିଡକୋ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମି ହସ୍ତାନ୍ତକରଣ ନିମନ୍ତେ ଦରଖାସ୍ତ ଦାଖଲ ହୋଇନଥିଲା । ମାତ୍ର ଏହା ସତ୍ୟ ଯେ ଜମି ଗ୍ରିଡକୋ ଦଖଲରେ 1970 ରୁ ରହିଥିଲେ ହେଁ ବିଭାଗ ମାମଲାଟିର ଫଏସଲା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲା । ଅନ୍ୟ ମାମଲାଗୁଡ଼ିକର ଅଧିକତର ବିବରଣୀ ପ୍ରାପ୍ତ ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ନଭେମ୍ବର 2008 ଏବଂ ଫେବୃଆରୀ 2009 ମଧ୍ୟରେ ଜଣାଇ ଦିଆଯାଇଥିଲା । କ୍ରମିକ ସଂଖ୍ୟା ଏକରେ ଥିବା ମାମଲା ସମ୍ପର୍କରେ ସରକାର ଅଗଷ୍ଟ 2009 ରେ କହିଲେ ଯେ ଗୋଟିଏ ପ୍ଲଟ ଜମିର କିସମ ଗୋଚରରୁ ପତିତକୁ ପରିବର୍ତ୍ତନର ଫଏସଲା ହୋଇପାରିନଥିବାରୁ ଆରମ୍ଭ କରାଯାଇଥିବା ଜମି ହସ୍ତାନ୍ତରଣ ମାମଲାଟିର ଫଏସଲା ହୋଇପାରିନଥିଲା । ମାତ୍ର କିସମ ପରିବର୍ତ୍ତନ ଫଏସଲା ହୋଇନଥିବା ପ୍ଲଟ ଉକ୍ତ ମାମଲାରେ ସମ୍ପୃକ୍ତ ନଥିବାରୁ ସରକାରଙ୍କ ଉକ୍ତି ଗ୍ରହଣୀୟ ନଥିଲା । ପୁନଶ୍ଚ ଗ୍ରିଡକୋର ନିର୍ବାହୀ ଯନ୍ତ୍ରୀ ତାଙ୍କର ଜମି ହସ୍ତାନ୍ତରଣ ନିମନ୍ତେ କରିଥିବା ଦରଖାସ୍ତ (ସେପ୍ଟେମ୍ବର 1999) ମତେ ଗ୍ରିଡକୋ 1964 ମସିହାରୁ ଉକ୍ତ ଜମି ଦଖଲରେ ଅଛି । ଅନ୍ୟ ମାମଲାଗୁଡ଼ିକ ସମ୍ପର୍କରେ ଉତ୍ତର ହସ୍ତଗତ ହୋଇନଥିଲା (ଅକ୍ଟୋବର 2009) ।

### *4.3.1.2 ପୁଞ୍ଜିକୃତ ମୂଲ୍ୟର ସ୍ୱଳ୍ପଦାବି*

ପାଞ୍ଚଗୋଟି ତହସିଲ ନଥିପତ୍ରର ମଇ ଓ ଅଗଷ୍ଟ 2008 ରେ ହୋଇଥିବା ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ 176.607 ଏକର ସରକାରୀ ଜମି ଦୁଇଟି କେନ୍ଦ୍ର ସରକାରଙ୍କ ସଂଗଠନମାନଙ୍କୁ ହସ୍ତାନ୍ତକରଣ ହୋଇଥିଲା । ସରକାରୀ ଦେୟ ହିସାବ କଲାବେଳେ ତହସିଲଦାରମାନେ ଜମିର ପୁଞ୍ଜିକୃତ ମୂଲ୍ୟ ଉଭୟ ଖଜଣା ଓ ସେସ୍ ଉପରେ ଧାର୍ଯ୍ୟ ନକରି କେବଳ ଖଜଣା ଉପରେ ଧାର୍ଯ୍ୟ କରିଥିଲେ । ଏହା ଫଳରେ ମାର୍ଚ୍ଚ 2008 ସୁଦ୍ଧା ହିସାବ କରାଯାଇଥିବା ସୁଧ ସହ 3.61 କୋଟି ଟଙ୍କାର ସ୍ୱଳ୍ପଦାବି ଉତ୍ଥାପିତ ହୋଇଥିଲା ଯାହା ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

(ଟଙ୍କା ଲକ୍ଷ ଆକାରରେ)

| କ୍ରମିକ ସଂଖ୍ୟା | ତହସିଲର ନାମ | ଭୋଗ ଦଖଲକାରୀଙ୍କ ନାମ | ଭୋଗଦଖଲ ବର୍ଷ | ଜମିର ପରିମାଣ (ଏକରରେ) | ଧାର୍ଯ୍ୟ ହୋଇନଥିବା ସେସ୍‌ର ପରିମାଣ | ଆରୋପଣ ଯୋଗ୍ୟ ସୁଧ | ମୋଟ |
|---|---|---|---|---|---|---|---|
| 1. | କେନ୍ଦୁଝର | ଇଷ୍ଟକୋଷ୍ଟ ରେଲୱେ | 2003-04 | 67.330 | 72.55 | 34.83 | 107.38 |
| 2. | ଖଲିକୋଟ | ଏନ୍.ଏଚ୍.ଏ.ଆଇ[62] | 2003-04 | 50.799 | 95.36 | 57.22 | 152.58 |
| 3. | କନିଷି | ଏନ୍.ଏଚ୍.ଏ.ଆଇ | 2005-06 | 19.030 | 59.02 | 14.16 | 73.18 |
| 4. | ଟାଙ୍ଗି | ଏନ୍.ଏଚ୍.ଏ.ଆଇ | 2004-05 | 31.165 | 14.58 | 5.25 | 19.83 |
| 5. | ଭଦ୍ରକ | ଏନ୍.ଏଚ୍.ଏ.ଆଇ | 2006-07 | 8.283 | 7.07 | 0.85 | 7.92 |
| **ମୋଟ** | | | | **176.607** | **248.58** | **112.31** | **360.89** |

ମାମଲାଗୁଡ଼ିକ ଦର୍ଶାଯିବା ପରେ ତହସିଲଦାର, ଭଦ୍ରକ ଓ ତହସିଲଦାର, ଖଲିକୋଟ ଯଥାକ୍ରମେ ଜୁଲାଇ 2008 ଓ ମଇ 2009 ରେ ଦାବି ଉତ୍ଥାପନ କରିଥିବା ବେଳେ ତହସିଲଦାର ଟାଙ୍ଗି ମଇ 2008 ରେ କହିଲେ ଯେ ଦେୟ ଆଦାୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ କରାଯିବ । ତହସିଲଦାର, କନିଷି ଅଗଷ୍ଟ 2008 ରେ କହିଲେ ଯେ

62 ନ୍ୟାସାନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଜାତୀୟ ରାଜପଥ ପ୍ରାଧିକରଣ) ।

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଦାବି ବିଷୟରେ ଜଣାଇଦିଆଯିବ । ତହସିଲଦାର, କେନ୍ଦୁଝର ଅଗଷ୍ଟ 2008 ରେ କହିଲେ ଯେ ସରକାରଙ୍କ ନିକଟରୁ ସ୍ପଷ୍ଟୀକରଣ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ । କ୍ରମିକ ସଂଖ୍ୟା ଦୁଇ ଏବଂ ପାଞ୍ଚ ମାମଲାରେ ଆଦାୟର ବିବରଣୀ ଓ ଅବଶିଷ୍ଟ ମାମଲାଗୁଡିକର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ମାର୍ଚ୍ଚ 2009 ରେ ଜଣାଇଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

### *4.3.1.3 ଅଧିମୂଲ୍ୟ ଓ ପୁଞ୍ଜିକୃତ ମୂଲ୍ୟର ସ୍ୱଳ୍ପଦାବି*

ନଭେମ୍ବର 2008 ରେ ତହସିଲଦାର, ହେମଗିରିଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର କୋଇଲା ବିଭାଗ କୋଇଲା ଗଚ୍ଛିତ ଅଞ୍ଚଳ (ଅର୍ଜନ ଓ ଉନ୍ନୟନ) ଅଧିନିୟମ 1957 ଅଧିନରେ ହେମଗିରି ତହସିଲର 7,632.93 ଏକର ଜମି ଅଧିଗ୍ରହଣ କରିବାକୁ 11 ଫେବୃଆରୀ 1987 ରେ ଅଧିସୂଚନା ଜାରି କରିଥିଲେ । ଏଥି ମଧ୍ୟରୁ 48.64 ଏକର ପରିମିତ ରାଜସ୍ୱ ଜଙ୍ଗଲ ଜମି ମହାନଦୀ କୋଲ୍ ଫିଲ୍ଡସ୍‌କୁ ମାର୍ଚ୍ଚ 1995 ରେ ହସ୍ତାନ୍ତରିତ ହୋଇଥିଲା । ତହସିଲଦାର ମାର୍ଚ୍ଚ 2003 ରେ ଏହି ଜମିର 13 ବର୍ଷ ପାଇଁ 10 ପ୍ରତିଶତ ମୂଲ୍ୟ ବୃଦ୍ଧିର ଅନୁସରଣ କରି ଅଧିମୂଲ୍ୟ ଓ ପୁଞ୍ଜିକୃତ ମୂଲ୍ୟ ବାବଦରେ 21.29 ଲକ୍ଷ ଟଙ୍କାର ଦାବି ଉତ୍ଥାପନ କରିଥିଲେ । ମାତ୍ର ଜମିର ପ୍ରତ୍ୟେକ ପରବର୍ତ୍ତୀ ବର୍ଷରେ 10 ପ୍ରତିଶତ ମୂଲ୍ୟବୃଦ୍ଧି ହିସାବରେ 1995-96 ଠାରୁ 2002-03 ପର୍ଯ୍ୟନ୍ତ ସୁଧ ସହ ଏହି ଦାବି 40.67 ଲକ୍ଷ ଟଙ୍କା ହେବା କଥା । ଏହି ତ୍ରୁଟି ଫଳରେ ଅଧିମୂଲ୍ୟ, ପୁଞ୍ଜିକୃତ ମୂଲ୍ୟ ଏବଂ ସୁଧ ମିଶାଇ 19.38 ଲକ୍ଷ ଟଙ୍କାର ସ୍ୱଳ୍ପଦାବି ହୋଇଥିଲା । ଏତଦ୍‌ବ୍ୟତୀତ 2003-04 ରୁ ମାର୍ଚ୍ଚ 2008 ସୁଦ୍ଧା 11.63 ଲକ୍ଷ ଟଙ୍କାର ସୁଧ ଆରୋପଣ ଯୋଗ୍ୟ ଥିଲା ।

ମାମଲାଟି ଦର୍ଶାଯିବା ପରେ ତହସିଲଦାର ନଭେମ୍ବର 2008 ରେ କହିଲେ ଯେ ପୁନରିକ୍ଷୀତ ଦାବି ଉତ୍ଥାପନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାମଲାର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବଷୟଟି ସରକାରଙ୍କୁ ଜାନୁଆରୀ 2009 ରେ ଜଣାଇଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 4.3.2 ସରକାରୀ ଜମିର ଅପ୍ରାଧିକୃତ ଦଖଲ ଉପରେ ଦାବି ଉତ୍ଥାପିତ ନହେବା

ଓଡିଶା ସରକାରଙ୍କ ରାଜସ୍ୱ ବିଭାଗର ଫେବୃଆରୀ 1966 ଚିଠି ଅନୁସାରେ ସରକାରୀ ଜମି ସରକାରଙ୍କ ବିନାନୁମତିରେ ଦଖଲ ହୋଇଥିଲେ ଏହାକୁ ସାଧାରଣତଃ ଜମିର ଅପ୍ରାଧିକୃତ ଦଖଲ ରୂପେ ଧରିନିଆଯିବ ଏବଂ ଦଖଲକାରୀଙ୍କୁ ଓଡିଶା ଜମି ଜବରଦଖଲ ନିବାରଣ (ଓପିଇଏଲ୍) ଅଧିନିୟମର ବ୍ୟବସ୍ଥାନୁଯାୟୀ ଦଖଲଚ୍ୟୁତ କରାଯିବ । ଏହିଭଳି ମାମଲାରେ କେତେକ ଉତ୍ତମ ଓ ଯଥେଷ୍ଟ କାରଣ ଥିଲେ ଦଖଲକାରୀଙ୍କ ଠାରୁ ତହସିଲଦାରଙ୍କ ସୁପାରିଶ ଦିନ କିମ୍ବା ଜମି ଦଖଲ ଦିନ ମଧ୍ୟରୁ ଜମିର ବଜାର ଦର ଯେଉଁଦିନ ଅଧିକ ଥିବ ସେହି ବଜାରଦର ଆଧାରରେ ଅଧିମୂଲ୍ୟ ଇତ୍ୟାଦି ଆଦାୟ କରି ଜମି ଦଖଲକାରୀଙ୍କ ନାମରେ ବନ୍ଦୋବସ୍ତ କରିବା ଲାଗି ସରକାର ବିଚାର କରିପାରିବେ । ଏହାଛଡା ଦଖଲ ଦିନଠାରୁ 12 ପ୍ରତିଶତ ହାରରେ ସୁଧ ଧାର୍ଯ୍ୟ ହୋଇଥାଏ ।

ସେପ୍ଟେମ୍ବର 2008 ରେ ଟିଟିଲାଗଡ ତହସିଲ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ 0.664 ଏକର ପରିମିତ ସରକାରୀ ଜମି ଟିଟିଲାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା 2002 ମସିହା ଠାରୁ ଅପ୍ରାଧିକୃତ

ଭାବେ ଦଖଲ ହୋଇ ଏଥିରେ ଏକ ମାର୍କେଟ କମ୍ପ୍ଲେକସ୍ ନିର୍ମାଣ ହୋଇଥିଲା । ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଜମିର ହସ୍ତାନ୍ତକରଣ ନିମନ୍ତେ ଦରଖାସ୍ତ କରିନଥିଲେ କିମ୍ବା ତହସିଲଦାର ମଧ୍ୟ ଓଡିଶା ଜବରଦଖଲ ନିବାରଣ ଅଧିନିୟମ ଅଧିନରେ ଜବରଦଖଲ ମାମଲା ଆରମ୍ଭ କରି ଦଖଲଚ୍ୟୁତ କରିବାକୁ କିମ୍ବା ପଟ୍ଟା ମଞ୍ଜୁରୀ କରି ଅପ୍ରାଧିକୃତ ଦଖଲକୁ ନିୟମିତ କରିବା ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଜମିର ହସ୍ତାନ୍ତରଣରେ ବିଗତ ଛଅବର୍ଷ ଧରି ବିଭାଗର ନିଷ୍କ୍ରିୟତା ଫଳରେ ମାର୍ଚ୍ଚ 2008 ସୁଦ୍ଧା ହିସାବ ହୋଇଥିବା 41.93 ଲକ୍ଷ ଟଙ୍କା ସୁଧକୁ ମିଶାଇ 1.15 କୋଟି ଟଙ୍କାର ରାଜସ୍ୱ ଦେୟ ଅବରୋଧ ହୋଇରହିଥିଲା ।

ମାମଲାଟି ଦର୍ଶାଯିବା ପରେ ତହସିଲଦାର ସେପ୍ଟେମ୍ବର 2008 ରେ କହିଲେ ଯେ ଜବରଦଖଲ ମାମଲା ଆରମ୍ଭ କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ହେବ ଏବଂ ଅଧିମୂଲ୍ୟ, ଖଜଣା ଇତ୍ୟାଦି ଆଦାୟ କରାଯାଇ ଜମିର ହସ୍ତାନ୍ତକରଣ କରାଯିବ । ମାମଲାଟିର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ଫେବୃଆରୀ 2009 ରେ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 4.4 କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ପରିବର୍ତ୍ତନରେ ଅଧିମୂଲ୍ୟ ସ୍ୱଳ୍ପାଦାୟ

*କୃଷି ଜମିର ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ଜନିତ ପରିବର୍ତ୍ତନରେ ବିହିତ ହାରରେ ଅଧିମୂଲ୍ୟ ଆଦାୟ ନହେବା ହେତୁ 15.41 ଲକ୍ଷ ଟଙ୍କାର ରାଜସ୍ୱ ସ୍ୱଳ୍ପାଦାୟ ।*

କୃଷିଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ ଓଡିଶା ଭୂ-ସଂସ୍କାର (ଓଏଲଆର) ଅଧିନିୟମ ଅଧିନରେ ଜଣେ ରୟତଙ୍କୁ[63] ଦଖଲଚ୍ୟୁତ କରାଯାଇପାରିବ । ମାତ୍ର 5 ଅକ୍ଟୋବର 2004 ଠାରୁ ପୁନରିକ୍ଷୀତ ହୋଇଥିବା ବିହିତ ହାରରେ ଅଧିମୂଲ୍ୟ ଆଦାୟ କରାଯାଇ ସେହି ଜମି ମଧ୍ୟ ରୟତଙ୍କ ନାମରେ ପୁନଃବନ୍ଦୋବସ୍ତ ହୋଇପାରିବ ।

ସେପ୍ଟେମ୍ବର 2008 ଏବଂ ଜାନୁଆରୀ 2009 ମଧ୍ୟରେ ପାଞ୍ଚଗୋଟି[64] ତହସିଲର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ତହସିଲଦାରମାନେ 77 ଗୋଟି ମାମଲାରେ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ 10.165 ଏକର ପରିମିତ କୃଷି ଜମିର ପରିବର୍ତ୍ତନକୁ ଅକ୍ଟୋବର 2004 ପରେ ପୁନରିକ୍ଷୀତ ହାରର ପୂର୍ବ ହାରରେ ଅଧିମୂଲ୍ୟ ଆଦାୟ କରି ମଞ୍ଜୁର କରିଥିଲେ । ଏହା ଫଳରେ 15.41 ଲକ୍ଷ ଟଙ୍କାର ରାଜସ୍ୱ ସ୍ୱଳ୍ପାଦାୟ ହୋଇଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ତହସିଲଦାରମାନେ ଅକ୍ଟୋବର 2008 ଏବଂ ଜାନୁଆରୀ 2009 ମଧ୍ୟରେ କହିଲେ ଯେ ନିଅଣ୍ଟ ପରିମାଣକୁ ନୋଟିସ୍ ଜାରି କରି ଆଦାୟ କରାଯିବ । ମାମଲାଗୁଡିକର ଅଧିକତର ସ୍ଥିତି ପ୍ରାପ୍ତ ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କ ଦୃଷ୍ଟିକୁ ଫେବୃଆରୀ 2009 ରେ ଅଣାଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

63 ପ୍ରଜାସତ୍ତ୍ୱ ଆଇନ ଅନୁସାରେ ଦଖଲ ସତ୍ତ୍ୱ ପାଇଥିବା ଚାଷ ଉଦ୍ଦେଶ୍ୟରେ ଜମି ରଖିଥିବା ବ୍ୟକ୍ତି ।

64 ଭବାନୀପାଟଣା, ଜୟପୁର, କେଶିଙ୍ଗା, ପାନପୋଷ ଏବଂ ଟିଟିଲାଗଡ ।

## ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍

## 4.5 ଅଧିନିୟମ/ନିୟମାବଳୀ/ସରକାରଙ୍କ ଅନୁଦେଶ ପାଳନ ନହେବା

*ଭାରତୀୟ ଷ୍ଟାମ୍ପଶୁଳ୍କ ଅଧିନିୟମ, 1899, ଭାରତୀୟ ନିବନ୍ଧନ ଅଧିନିୟମ, 1908, ଓଡିଶା ଷ୍ଟାମ୍ପ ନିୟମାବଳୀ, 1952 ଏବଂ ଓଡିଶା ଷ୍ଟାମ୍ପଶୁଳ୍କ (ସଂଶୋଧିତ) ନିୟମାବଳୀ 2001 ଅଧିନରେ ବ୍ୟବସ୍ଥିତ ବଜାର ଦର ମାର୍ଗଦର୍ଶିକା ଅନୁସାରେ ଆବଶ୍ୟକ ଯେ :-*

*(i) ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ବିହିତ ହାରରେ ଲାଗୁହେବା;*

*(ii) ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ବେଞ୍ଚମାର୍କ ଅନୁସାରେ ଲାଗୁହେବା;*

*(iii) ଲିଜ ଦଲିଲ/ବିକ୍ରୟ ଚୁକ୍ତିପତ୍ରର ନିବନ୍ଧନ; ଏବଂ*

*(iv) କେତେକ ବିହିତ ସର୍ତ୍ତ ପୂରଣ ହୋଇଥିଲେ ଷ୍ଟାମ୍ପଶୁଳ୍କରୁ ଅବ୍ୟାହତି ।*

*ଉପରୋକ୍ତ ବ୍ୟବସ୍ଥା ମଧ୍ୟରୁ କେତେକ ପାଳନ କରାଯାଇ ନଥିବାରୁ ନିମ୍ନ ଅନୁଚ୍ଛେଦ ଗୁଡ଼ିକରେ ଦର୍ଶାଯାଇଥିବା ମତେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍‌ର ଅନାରୋପଣ/ସ୍ୱଳ୍ପାରୋପଣ ଏବଂ ବେଞ୍ଚମାର୍କ ମୂଲ୍ୟ ପ୍ରବର୍ତ୍ତନରେ ବିଳମ୍ବ ହେତୁ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ହାନି, ଅନିୟମିତ ଅବ୍ୟାହତି ଘଟିଥିଲା ଯାହା ଅନୁଚ୍ଛେଦ 4.6 ରେ ଦର୍ଶାଗଲା ।*

## 4.6 ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍‌ର ଆରୋପଣ ଓ ଆଦାୟ

### 4.6.1 ଉପକ୍ରମ

ଓଡିଶାରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସର ଆଦାୟ ଭାରତୀୟ ଷ୍ଟାମ୍ପ୍ ଅଧିନିୟମ (ଆଇଏସ ଆକ୍ଟ), 1899, ଭାରତୀୟ ନିବନ୍ଧନ ଅଧିନିୟମ (ଆଇଆର ଆକ୍ଟ), 1908, ଓଡିଶା ଷ୍ଟାମ୍ପ ନିୟମାବଳୀ 1952 ଏବଂ ଓଡିଶା ଷ୍ଟାମ୍ପ (ସଂଶୋଧିତ) ନିୟମାବଳୀ 2001 ଅଧିନରେ ବିହିତ ବଜାରଦର ମାର୍ଗଦର୍ଶିକା ଅନୁଯାୟୀ ନିୟନ୍ତ୍ରିତ ହୋଇଥାଏ । ଷ୍ଟାମ୍ପଶୁଳ୍କ (ଏସ୍‌ଡି) 4 ଅଗଷ୍ଟ 2008 ପର୍ଯ୍ୟନ୍ତ ଆଠ ପ୍ରତିଶତ ହାରରେ ଏବଂ ତତ୍ପରେ ପାଞ୍ଚ ପ୍ରତିଶତ ହାରରେ ଲାଗୁ ହେଉଥିବା ସ୍ଥଳେ ନିବନ୍ଧନ ଫିସ ଦୁଇ ପ୍ରତିଶତ ହାରରେ ଲାଗୁ ହୁଏ । ଓଡିଶା ସହର ଯୋଜନା ଓ ଉନ୍ନୟନ ନ୍ୟାସ ଅଧିନିୟମ, 1956 ଅଧିନରେ ସ୍ଥାନାନୁସାରେ ପ୍ରଯୁଜ୍ୟ ଅତିରିକ୍ତ ଷ୍ଟାମ୍ପଶୁଳ୍କ ଦୁଇ କିମ୍ବା ତିନି ପ୍ରତିଶତ ହାରରେ 24 ମଇ 2005 ପର୍ଯ୍ୟନ୍ତ ଏବଂ ତତ୍ପରେ 4 ଅଗଷ୍ଟ 2008 ପର୍ଯ୍ୟନ୍ତ ତିନି ପ୍ରତିଶତ ହାରରେ ଲାଗୁ ହେଉଥିଲା ।

### 4.6.2 ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍‌ର ଅନାରୋପଣ/ସ୍ୱଳ୍ପାରୋପଣ

2003 ରେ ସଂଶୋଧିତ ଭାରତୀୟ ଷ୍ଟାମ୍ପ (ଓଡିଶା ସଂଶୋଧନ) ଅଧିନିୟମ, 2001 ଧାରା 23 ର ନିମ୍ନରେ ପ୍ରଦତ୍ତ ସ୍ପଷ୍ଟୀକରଣ ଅନୁସାରେ କୌଣସି ସ୍ଥାବର ଜମିର ବିକ୍ରୟ ନିମନ୍ତେ ରାଜିନାମା କିମ୍ବା କ୍ଷମତାପତ୍ର ଭୁକ୍ତ ସମ୍ପତ୍ତିର ଭୋଗଦଖଲର ପରିବର୍ତ୍ତନ ହେବାକଥା ରାଜିନାମା କିମ୍ବା କ୍ଷମତାପତ୍ର ପୂର୍ବରୁ ହୋଇଥିଲେ କିମ୍ବା ସେହି ସମୟରେ କିମ୍ବା ପରେ ହେବାକୁଥିଲେ ଉକ୍ତ ରାଜିନାମା କିମ୍ବା କ୍ଷମତାପତ୍ର ହସ୍ତାନ୍ତରଣ ପତ୍ର ରୂପେ ବିବେଚିତ ହେବ ଏବଂ ତଦନୁଯାୟୀ ଷ୍ଟାମ୍ପଶୁଳ୍କ ଲାଗୁ ହେବ । ମାତ୍ର ଭାରତୀୟ ଷ୍ଟାମ୍ପ ଅଧିନିୟମର ଧାରା 47-ଗ ଏହି ସମ୍ପତି ବନ୍ଧକପତ୍ର କିମ୍ବା କ୍ଷମତାପତ୍ର କ୍ଷେତ୍ରରେ ପ୍ରଯୁଜ୍ୟ ହୁଏନାହିଁ । ଅନ୍ୟ ପକ୍ଷରେ ଉକ୍ତ ଅଧିନିୟମର ଧାରା 23(ଖ) ର

ବ୍ୟବସ୍ଥାନୁସାରେ ସ୍ଥାବର ସମ୍ପତ୍ତିର ହସ୍ତାନ୍ତରଣପତ୍ର କ୍ଷେତ୍ରରେ ଏହି ଦଲିଲରେ ଦର୍ଶାଯାଇଥିବା ଜରସମନ କିମ୍ବା ବଜାରଦର ଯାହା ଅଧିକ ହୁଏ ସେହି ପରିମାଣ ଉପରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଲାଗୁ ହୁଏ ।

### *4.6.2.1 ସାଧାରଣ କ୍ଷମତାପତ୍ର*

ତିନିଗୋଟି[65] ନିବନ୍ଧନ କାର୍ଯ୍ୟାଳୟର 2006 ରୁ 2008 ମଧ୍ୟରେ ସମ୍ପାଦିତ କ୍ଷମତାପତ୍ର ଦଲିଲଗୁଡ଼ିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ 21 ଗୋଟି ମାମଲାରେ ଭୋଗଦଖଲ ପରିବର୍ତ୍ତନ ହୋଇଥିବାର ତଥ୍ୟ ଦଲିଲଗୁଡ଼ିକରେ କଥନ ହୋଇଥିଲେ ମଧ୍ୟ ହସ୍ତାନ୍ତକରଣ ପତ୍ର ରୂପେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଧାର୍ଯ୍ୟ କରାନଯାଇ ଦଲିଲଗୁଡ଼ିକରେ ସାଧାରଣ କ୍ଷମତାପତ୍ର ଭଳି ଷ୍ଟାମ୍ପ ଓ ନିବନ୍ଧନ ଫିସ୍ ଧାର୍ଯ୍ୟ କରାଯାଇଥିଲା । ଏହା ଫଳରେ 20.36 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ ହୋଇଥିଲା ।

ମାମଲାଗୁଡ଼ିକ ଦର୍ଶାଯିବା ପରେ ନିବନ୍ଧନ ଅଧିକାରୀମାନେ କହିଲେ ଯେ ଓଡ଼ିଶା ସଂଶୋଧିତ ଅଧିନିୟମ 2003 ର ବ୍ୟବସ୍ଥାରେ "ଏହି ମାମଲାଗୁଡ଼ିକରେ ଭାରତୀୟ ଷ୍ଟାମ୍ପ ଅଧିନିୟମର ଧାରା 47-କ ଲାଗୁହେବ ନାହିଁ " ଅନ୍ତର୍ଭୁକ୍ତ ଥିବାରୁ ଏହା ସେମାନଙ୍କୁ ହସ୍ତାନ୍ତରଣ ପତ୍ର ଭଳି ବଜାର ଦରରେ ଶୁଳ୍କ ଧାର୍ଯ୍ୟ କରିବାରୁ ନିବୃତ୍ତ କରିଛି ଏବଂ ନିବନ୍ଧନ ଅଧିକାରୀମାନଙ୍କର ପକ୍ଷମାନଙ୍କୁ ଦଲିଲରେ ସମ୍ପତ୍ତିର ବଜାରଦର ଉଲ୍ଲେଖ କରିବାକୁ ବାଧ୍ୟ କରିବାର କ୍ଷମତା ନାହିଁ । ଜିଲ୍ଲା ଉପ ନିବନ୍ଧକ, ସମ୍ବଲପୁର ଜୁନ୍ 2009 ରେ କହିଲେ ଯେ ଦଲିଲଗୁଡ଼ିକର ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସଂଶୋଧିତ ବ୍ୟବସ୍ଥାରେ ଏହିଭଳି ଏକ ଅସଙ୍ଗତ ବ୍ୟବସ୍ଥା ଫଳରେ ସରକାରଙ୍କୁ 20.36 କୋଟି ଟଙ୍କା ହରାଇବାକୁ ପଡ଼ିଥିଲା ।

### *4.6.2.2 ବିକ୍ରୟ ନିମନ୍ତେ ରାଜିନାମା*

ଆଠଗୋଟି[66] ନିବନ୍ଧନ କାର୍ଯ୍ୟାଳୟରେ 2004 ଏବଂ 2008 ମଧ୍ୟରେ ସମ୍ପାଦିତ ହୋଇଥିବା ବିକ୍ରୟ ନିମନ୍ତେ ରାଜିନାମା ଦଲିଲଗୁଡ଼ିକର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ 37 ଗୋଟି ମାମଲାରେ ଦଲିଲଗୁଡ଼ିକରେ ମୋଟ ଜରସମନ ପରିମାଣ ଉଲ୍ଲେଖ ହୋଇ ତଥ୍ୟ କଥନରେ ଭୋଗଦଖଲ ପରିବର୍ତ୍ତନର ସଂକେତ ମିଳୁଥିଲେ ମଧ୍ୟ ଅଗ୍ରୀମ ଦେୟ ଉପରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଧାର୍ଯ୍ୟ କରାଯାଇଥିଲା ଯଦିଚ ଦଲିଲଗୁଡ଼ିକରେ ମୋଟ ଜରସମନ ପରିମାଣ ଉଲ୍ଲେଖ ହୋଇଥିବାରୁ ଏଗୁଡ଼ିକୁ ହସ୍ତାନ୍ତକରଣ ଦଲିଲ ଶ୍ରେଣୀଭୁକ୍ତ କରିବାର ଥିଲା । ଏହା ଫଳରେ 1.18 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ ହୋଇଥିଲା ।

ମାମଲାଗୁଡ଼ିକ ଦର୍ଶାଯିବା ପରେ ନିବନ୍ଧନ ଅଧିକାରୀମାନେ କହିଲେ ଯେ ଭାରତୀୟ ଷ୍ଟାମ୍ପ ଅଧିନିୟମ ବ୍ୟବସ୍ଥାନୁଯାୟୀ ଅଗ୍ରୀମ ଦେୟ ଉପରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଧାର୍ଯ୍ୟ ହୋଇଥିଲା । ମାତ୍ର ଏହା ସତ୍ୟ ଯେ ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ଅଧିନିୟମ 2003 ଧାରା 23(ଖ) ଅନୁସାରେ ତଥ୍ୟ କଥନରେ ଭୋଗଦଖଲ ପରିବର୍ତ୍ତନର ସଂକେତ ଥିଲେ ଦଲିଲଗୁଡ଼ିକ ହସ୍ତାନ୍ତକରଣ ପତ୍ର ରୂପେ ସମ୍ପାଦିତ ହେବା କଥା ।

## 4.6.3 ଲିଜ୍ ଦଲିଲ/ବିକ୍ରୟ ରାଜିନାମା ସମ୍ପାଦିତ ନହେବା

ଭାରତୀୟ ନିବନ୍ଧନ ଅଧିନିୟମ ଧାରା 17 ଅଧିନରେ ଏକ ବର୍ଷରୁ ଉର୍ଦ୍ଧ ଲିଜ ରାଜିନାମାଗୁଡ଼ିକର ରେଜିଷ୍ଟ୍ରୀକରଣ ବାଧ୍ୟତାମୂଳକ ହୋଇଅଛି । ପୁନଶ୍ଚ ଭାରତୀୟ ଷ୍ଟାମ୍ପ ଅଧିନିୟମର ଧାରା 2(16) ଅନୁଯାୟୀ ରାସ୍ତା ମାହାସୁଲ

65 କଟକ, ଖୋର୍ଦ୍ଧା ଏବଂ ସମ୍ବଲପୁର ।

66 ବାଲେଶ୍ୱର, ବ୍ରହ୍ମପୁର, କଟକ, ଗଞ୍ଜାମ, ଖୋର୍ଦ୍ଧା, ମୟୁରଭଞ୍ଜ, ପୁରୀ ଏବଂ ସମ୍ବଲପୁର ।

ଆଦାୟ ଜନିତ ଠିକା ଦଲିଲକୁ ଏକ ଲିଜ ଦଲିଲ ହିସାବରେ ବିଚାର କରାଯାଇ ସମୁଚିତ ହାରରେ ଷ୍ଟାମ୍ପଶୁଳ୍କ ଆଦାୟ ହେବ । ଅଧିକନ୍ତୁ ଭାରତୀୟ ଷ୍ଟାମ୍ପ ଅଧିନିୟମ ଧାରା 2(10) ଅନୁଯାୟୀ ବିକ୍ରୟ ହସ୍ତାନ୍ତକରଣ ପତ୍ର ଏବଂ ପ୍ରତ୍ୟେକ ଦଲିଲ ଯାହାଦ୍ୱାରା ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିବର୍ତ୍ତନ ହୁଏ ଏବଂ ଯାହା ଅଧିନିୟମର ଅନୁସୂଚୀ-1 ରେ ଅନ୍ୟରୂପେ ବିନିର୍ଦ୍ଦିଷ୍ଟ ହୋଇନାହିଁ, ସେ ସମସ୍ତ ଦଲିଲ ହସ୍ତାନ୍ତକରଣ ପତ୍ରର ଅନ୍ତର୍ଭୁକ୍ତ ଅଟେ ।

ବିଭିନ୍ନ ସୂତ୍ରରୁ ଯଥା ସରକାରୀ ବିଭାଗ, ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡକୋ), ଓଡିଶା ଶିଳ୍ପ ଉନ୍ନୟନ ନିଗମ (ଇଡକଲ୍) ଏବଂ ନିବନ୍ଧକ, ସମବାୟ ସମିତି ସମୁହ ଠାରୁ ବିକ୍ରୟ ସମ୍ମତି ବନ୍ଧପତ୍ର ଏବଂ ଲିଜ ସମ୍ପର୍କୀତ ନଥିପତ୍ରରୁ ସଗୃହୀତ ତଥ୍ୟରୁ ପରିଲକ୍ଷିତ ହେଲା ଯେ ଜୁନ୍ 2005 ଏବଂ ଜାନୁଆରୀ 2007 ମଧ୍ୟରେ ତିନିଗୋଟି ସମ୍ମତି ବନ୍ଧପତ୍ର ନିଷ୍ପାଦିତ ହୋଇଥିଲା ଏବଂ ମଇ 1992 ଓ ଏପ୍ରିଲ 2008 ମଧ୍ୟରେ 10,405.204 ଏକର ପରିମିତ ଜମି ହସ୍ତାନ୍ତରିତ ହୋଇଥିଲା । ଏହି ଦଲିଲଗୁଡିକର ରେଜିଷ୍ଟ୍ରୀକରଣ ବାଧ୍ୟତାମୂଳକ ଥିଲେ ମଧ୍ୟ ଏଗୁଡିକ ରେଜିଷ୍ଟ୍ରି କରାଯାଇ ନଥିଲା । ଏହା ଫଳରେ 14.80 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଅନାଦାୟ ରହିଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ପଟ୍ଟାଦାତାଙ୍କ ନାମ | ଜମି/ସମ୍ପତ୍ତିର ଅବସ୍ଥିତି | ଜମିର ପରିମିତି (ଏକରରେ) ଜରସମନ ପରିମାଣ | ଧାର୍ଯ୍ୟ ହେବାକୁଥିବା ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ | ମନ୍ତବ୍ୟ |
|---|---|---|---|---|---|
| 1. | ତହସିଲଦାର, କଟକ | କଟକ | 185.970<br>6.00<br>(ବଜାର ଦର 65.25 କୋଟି) | 4.57 | ଡିସେମ୍ବର 2007 ରେ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ବାଙ୍ଗାଲୋରକୁ କଟକରେ ଏକ ବହୁମୁଖୀ ଶିକ୍ଷା ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ସରକାରୀ ଜମି ରିଆତି ହାର ଜରସମନ ମୂଲ୍ୟରେ ନଭେମ୍ବର 2007 ରେ ହସ୍ତାନ୍ତର ହୋଇଥିଲା । |
| 2. | ଜିଲ୍ଲାପାଳ, ଗଞ୍ଜାମ | ଗୋପାଳପୁର | 3,733.464<br>39.65 | 3.57 | ଗଞ୍ଜାମର ଗୋପାଳପୁର ଠାରେ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ଅକ୍ଟୋବର 1996 ଓ ଫେବୃଆରୀ 1999 ମଧ୍ୟରେ ଜମି ହସ୍ତାନ୍ତର ହୋଇଥିଲା ଏବଂ ଜମିର ମୂଲ୍ୟ ନଭେମ୍ବର 1995 ରୁ ଡିସେମ୍ବର 2006 ମଧ୍ୟରେ ପୈଠ ହୋଇଥିଲା । |
| 3. | ପୂର୍ତ୍ତ ବିଭାଗ | ପଲାଶପଙ୍ଗା, ବାମେବାରୀ ରୋଡ | ଜଣାନାହିଁ<br>48.20 | 3.37 | ରିଆତି 15 ବର୍ଷ ଅବଧି ନିମନ୍ତେ ବିଲଡ ଅପରେଟ ଆଣ୍ଡ ଟ୍ରାନ୍ସଫରେ (ବିଓଟି) ସମ୍ମତିବନ୍ଧ ପତ୍ର 100 ଟଙ୍କାର ଷ୍ଟାମ୍ପ କାଗଜରେ ଜୁଲାଇ 2006 ରେ ନିଷ୍ପାଦନ ହୋଇଥିଲା । |
| 4. | ଶିଳ୍ପ ଉନ୍ନୟନ ନିଗମ ଲିଃ (ଇଡକଲ) | ଆସିକା, ବାରିପଦା ଓ ସୋନପୁର | ଜଣାନାହିଁ<br>15.65 | 1.56 | ଗୋଟିଏ ସମ୍ମତିବନ୍ଧ ପତ୍ର ଦଲିଲ ସମ୍ପାଦନ ହୋଇ ଏବଂ ସେହି ଦିନରେ ଜରସମନ ପରିମାଣ ଆଦାୟ ହୋଇ ତିନିଗୋଟି ସୂତାକଳ 15 ଜାନୁଆରୀ 2007 ରେ ବେସରକାରୀ ବ୍ୟକ୍ତିଙ୍କୁ ହସ୍ତାନ୍ତରିତ ହୋଇଥିଲା । |
| 5. | ବଡମ୍ବା ସମବାୟ ଚିନିକଳ ଲିଃ | ବଡମ୍ବା | ଜଣାନାହିଁ<br>8.29 | 0.83 | 27 ଜୁନ୍ 2005 ରେ 100 ଟଙ୍କାର ଷ୍ଟାମ୍ପ କାଗଜରେ ଗୋଟି ସମ୍ମତିବନ୍ଧ ପତ୍ର ନିଷ୍ପାଦନ ହୋଇ ସେହିଦିନ ପ୍ରଥମ କିସ୍ତି ବାବଦକୁ ଏକ କୋଟି ଟଙ୍କା ଆଦାୟ ହୋଇ ଦଖଲ ଦିଆଯାଇଥିଲା । |

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ପଟ୍ଟାଦାତାଙ୍କ ନାମ | ଜମି/ସମ୍ପତ୍ତିର ଅବସ୍ଥିତି | ଜମିର ପରିମିତି (ଏକରରେ) ଜରସମନ ପରିମାଣ | ଧାର୍ଯ୍ୟ ହେବାକୁଥିବା ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ | ମନ୍ତବ୍ୟ |
|---|---|---|---|---|---|
| 6. | ଜିଲ୍ଲାପାଳ, ଯାଜପୁର | ଯାଜପୁର ତହସିଲ | 6,241.660<br>28.49 | 0.61 | ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାରୀ ଜମି ଇଡକୋକୁ ହସ୍ତାନ୍ତରିତ ହୋଇଥିଲା ଯାହା ପରବର୍ତ୍ତୀ କାଳରେ ମଇ 1992 ରୁ ଏପ୍ରିଲ 2008 ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କୁ ହସ୍ତାନ୍ତରିତ ହୋଇଥିଲା । |
| 7. | ତହସିଲଦାର, ପୁରୀ | ପୁରୀ | 244.110<br>4.09 | 0.29 | ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଜରସମନ ମୂଲ୍ୟ ପ୍ରଦାନ ପରେ ସେପ୍ଟେମ୍ବର 2007 ରେ ସରକାରୀ ଜମି ହସ୍ତାନ୍ତରିତ ହୋଇଥିଲା । |
| ମୋଟ | | | **10,405.204**<br>**209.62** | **14.80** | |

ଉପରୋକ୍ତ ସମସ୍ତ ମାମଲାରେ ସରକାରୀ ବିଭାଗ/ଅର୍ଦ୍ଧସରକାରୀ ସଙ୍ଗଠନ ଗୁଡିକ ଦ୍ୱାରା ସରକାରୀ ଜମି ହସ୍ତାନ୍ତରିତ ହୋଇଥିଲେ ହେଁ ବିଭାଗଗୁଡିକ ରାଜସ୍ୱ ସ୍ୱାର୍ଥରକ୍ଷା କରିବାରେ ସେମାନଙ୍କ କର୍ତ୍ତବ୍ୟ ପାଳନରେ ଅସଫଳ ହୋଇଥିଲେ ।

## 4.6.4 ବେଞ୍ଚମାର୍କ ମୂଲ୍ୟାଙ୍କନ କାର୍ଯ୍ୟାନ୍ୱୟନରେ ବିଳମ୍ବ ହେତୁ ରାଜସ୍ୱ ହାନି

ଓଡିଶା ଷ୍ଟାମ୍ପ ନିୟମାବଳୀରେ ସଂଶୋଧନ କରାଯାଇ ନଭେମ୍ବର 2001 ରେ ବଜାର ମୂଲ୍ୟ ମାର୍ଗଦର୍ଶିକା ପ୍ରବର୍ତ୍ତନ ପରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଆରୋପଣ ଉଦ୍ଦେଶ୍ୟରେ ପ୍ଲଟ ଆଧାରରେ ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟ ସ୍ଥିର କରିବା ନିମନ୍ତେ ମୂଲ୍ୟାଙ୍କନ କମିଟିମାନ ଗଠନ କରାଗଲା । ନିୟମ ଅନୁଯାୟୀ, ସ୍ଥିର ହୋଇଥିବା ବେଞ୍ଚମାର୍କ ମୂଲ୍ୟ ଦୁଇବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ପ୍ରତି ଦୁଇ ବର୍ଷରେ ଏହାର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ପୁନରୀକ୍ଷିତ ହେବ । ଯଦି ମୂଲ୍ୟାଙ୍କନ କମିଟି ବେଞ୍ଚମାର୍କ ମୂଲ୍ୟର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ଏହାକୁ ପୁନରୀକ୍ଷିତ କରିବାରେ ଅସଫଳ ହୁଅନ୍ତି ତେବେ ଜିଲ୍ଲାପାଳ ଏହି କମିଟିର ଚେୟାରମ୍ୟାନ ରୂପେ ବେଞ୍ଚମାର୍କ ମୂଲ୍ୟର 10 ପ୍ରତିଶତ ବୃଦ୍ଧି କରିବେ । ପରିକଳ୍ପନାଟି ପ୍ରବର୍ତ୍ତନ ହେବାରେ ବିଳମ୍ବ ହେବାରୁ ସରକାର ଜୁଲାଇ 2004 ରେ ନିର୍ଦ୍ଦେଶ ଦେଇଥିଲେ ଯେ ବଜାର ମୂଲ୍ୟ ମାର୍ଗଦର୍ଶିକା ଶେଷତମ ସେପ୍ଟେମ୍ବର 2004 ସୁଦ୍ଧା ପ୍ରବର୍ତ୍ତନ ହେବ । ନିବନ୍ଧନ କାର୍ଯ୍ୟାଳୟ ଗୁଡ଼ିକରୁ ସଂଗୃହୀତ ତଥ୍ୟ ଏବଂ ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ 2001 ରୁ 2003 କିମ୍ବା 2002 ରୁ 2004 ବର୍ଷର ଜମି ବିକ୍ରୟ ମୂଲ୍ୟର ପରିସଂଖ୍ୟାନ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟକୁ ଆଧାର କରି 2005 ବର୍ଷଠାରୁ ପ୍ରବର୍ତ୍ତନ ହେବାକୁଥିବା ବେଞ୍ଚମାର୍କ ମୂଲ୍ୟ ସ୍ଥିର କରାଯାଇଥିଲା । ମାତ୍ର ବେଞ୍ଚମାର୍କ ମୂଲ୍ୟ ବିଭିନ୍ନ ଜିଲ୍ଲାଗୁଡିକରେ 2006 ରୁ 2008 ମଧ୍ୟରେ ପ୍ରବର୍ତ୍ତନ ହୋଇଥିଲା ।

***4.6.4.1*** ଜୁନ୍ 2009 ରେ ପାଞ୍ଚଗୋଟି ନିବନ୍ଧନ କାର୍ଯ୍ୟାଳୟର ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ବେଞ୍ଚମାର୍କ ମୂଲ୍ୟଠାରୁ ଜମିର ମୂଲ୍ୟ କମ୍ ଥାଇ 440 ଗୋଟି ଦଲିଲ 2005 ରୁ 2007 ମଧ୍ୟରେ ରେଜିଷ୍ଟ୍ରି କରାଯାଇଥିଲା । ଏହା ଫଳରେ ଭେଦାତ୍ମକ ମୂଲ୍ୟ ଉପରେ ହିସାବ ହୋଇଥିବା 8.54 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ କ୍ଷତି ହୋଇଥିଲା ଯାହାର ବିବରଣୀ ନିମ୍ନ ସାରଣୀରେ ଦର୍ଶାଗଲା ।

(ଟଙ୍କା ଲକ୍ଷ ଆକାରରେ)

| କ୍ରମିକ ସଂଖ୍ୟା | ଜିଲ୍ଲା ଉପ ନିବନ୍ଧକ/ ଉପ ନିବନ୍ଧକଙ୍କ ନାମ | ଦଲିଲ ସଂଖ୍ୟା | ଆରୋପଣ ଯୋଗ୍ୟ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ | ଆରୋପିତ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ | ସ୍ୱଳ୍ପାରୋପିତ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ |
|---|---|---|---|---|---|
| 1. | ଜିଲ୍ଲା ଉପନିବନ୍ଧକ, ଖୋର୍ଦ୍ଧା | 140 | 672.89 | 145.71 | 527.18 |
| 2. | ଜିଲ୍ଲା ଉପନିବନ୍ଧକ, ସମ୍ବଲପୁର | 152 | 322.04 | 74.41 | 247.63 |
| 3. | ଉପନିବନ୍ଧକ, ବ୍ରହ୍ମପୁର (ସହର) | 36 | 59.20 | 11.05 | 48.15 |
| 4. | ଜିଲ୍ଲା ଉପନିବନ୍ଧକ, ନୟାଗଡ | 87 | 29.21 | 6.58 | 22.63 |
| 5. | ଜିଲ୍ଲା ଉପନିବନ୍ଧକ, କଟକ | 25 | 25.48 | 17.10 | 8.38 |
| | **ମୋଟ** | **440** | **1,108.82** | **254.85** | **853.97** |

ମାମଲାଗୁଡିକ ଦର୍ଶାଯିବା ପରେ ଜିଲ୍ଲା ଉପନିବନ୍ଧକ ଏବଂ ଉପନିବନ୍ଧକ ମାନେ କହିଲେ ଯେ ସରକାରଙ୍କ ମଞ୍ଜୁରୀ ପରେ ବେଞ୍ଚମାର୍କ ମୂଲ୍ୟ ପ୍ରବର୍ତ୍ତନ ହୋଇଥିଲା । କିନ୍ତୁ ଏହା ସତ୍ୟ ଯେ ବେଞ୍ଚମାର୍କ ମୂଲ୍ୟ ମଞ୍ଜୁରୀ ଓ ପ୍ରବର୍ତ୍ତନରେ ବିଳମ୍ବ ହେତୁ ରାଜସ୍ୱ ହାନି ହୋଇଥିଲା ।

***4.6.4.2*** ଏପ୍ରିଲ ଏବଂ ଜୁନ୍ 2009 ମଧ୍ୟରେ ପାଞ୍ଚଗୋଟି ଜିଲ୍ଲା ଉପନିବନ୍ଧକ ଓ ତିନିଗୋଟି ଉପନିବନ୍ଧକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ କଟକ ଓ ପୁରୀ ଜିଲ୍ଲାରେ 2002, 2003 ଏବଂ 2004 ବର୍ଷର କ୍ଷେତ୍ର ତଥ୍ୟକୁ ଆଧାର କରି ବେଞ୍ଚମାର୍କ ମୂଲ୍ୟ ପ୍ରସ୍ତୁତ କରାଯାଇଥିବା ବେଳେ ଗଞ୍ଜାମ, ଯାଜପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ 2001, 2002 ଏବଂ 2003 ବର୍ଷର ତଥ୍ୟକୁ ଆଧାର କରାଯାଇଥିଲା । ଉପରୋକ୍ତ ଜିଲ୍ଲାଗୁଡିକରେ ପୁନରୀକ୍ଷଣ କିମ୍ୱା ଜିଲ୍ଲାପାଳଙ୍କ ଦ୍ୱାରା ସ୍ଥିର ହୋଇଥିବା ମୂଲ୍ୟରେ ବୃଦ୍ଧି ନଘଟାଇ ବେଞ୍ଚମାର୍କ ମୂଲ୍ୟର ପ୍ରବର୍ତ୍ତନ ହୋଇଥିଲା । ଉପରୋକ୍ତ ଜିଲ୍ଲାମାନଙ୍କରେ ବେଞ୍ଚମାର୍କ ମୂଲ୍ୟ ପୁନରୀକ୍ଷଣ କରାନଯାଇ ବା ନିର୍ଦ୍ଧାରିତ ମୂଲ୍ୟକୁ ଜିଲ୍ଲାପାଳମାନଙ୍କ ଦ୍ୱାରା ବୃଦ୍ଧି କରାନଯାଇ କାର୍ଯ୍ୟାନ୍ୱିତ କରାଯାଇଥିଲା । 2001 ରୁ 2004 ବର୍ଷର କ୍ଷେତ୍ରିୟ ତଥ୍ୟକୁ ଗ୍ରହଣକରି ସ୍ଥିର କରାଯାଇଥିବା ବେଞ୍ଚମାର୍କ ମୂଲ୍ୟରେ ଅଗଷ୍ଟ 2006 ରୁ ଡିସେମ୍ବର 2008 ମଧ୍ୟରେ 637 ଗୋଟି ଦଲିଲ ସମ୍ପାଦନ ହୋଇଥିଲା । ବେଞ୍ଚମାର୍କ ମୂଲ୍ୟରେ ପୁନରୀକ୍ଷଣ/ବୃଦ୍ଧି ନଘଟାଇ ଦଲିଲ ସମ୍ପାଦନ ହେତୁ 41.65 ଲକ୍ଷ ଟଙ୍କାର ରାଜସ୍ୱ ହାନି ହୋଇଥିଲା । ବେଞ୍ଚମାର୍କ ମୂଲ୍ୟର 10 ପ୍ରତିଶତ ବୃଦ୍ଧି ଘଟାଇ ସମୀକ୍ଷା କରିଥିବା ହିସାବ ନିମ୍ନ ସାରଣୀରେ ଦର୍ଶାଗଲା ।

(ଟଙ୍କା ଲକ୍ଷ ଆକାରରେ)

| କ୍ରମିକ ସଂଖ୍ୟା | ଜିଲ୍ଲା ଉପନିବନ୍ଧକ/ ଉପନିବନ୍ଧକଙ୍କ ନାମ | ଦଲିଲ ସଂଖ୍ୟା | ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ | | ଷ୍ଟାମ୍ପଶୁଳ୍କ ନିବନ୍ଧନ ଫିସ୍ ବାବଦରେ ରାଜସ୍ୱ ହାନି |
|---|---|---|---|---|---|
| | | | ଆରୋପଣ ଯୋଗ୍ୟ | ଆରୋପିତ | |
| 1. | ଜିଲ୍ଲା ଉପନିବନ୍ଧକ, କଟକ | 171 | 109.09 | 99.18 | 9.91 |
| 2. | ଜିଲ୍ଲା ଉପନିବନ୍ଧକ, ପୁରୀ | 177 | 104.39 | 94.86 | 9.53 |
| 3. | ଉପନିବନ୍ଧକ, ଡୋଲିପୁର | 116 | 78.81 | 71.65 | 7.16 |
| 4. | ଜିଲ୍ଲା ଉପନିବନ୍ଧକ, ଝାରସୁଗୁଡା | 44 | 53.15 | 48.32 | 4.83 |
| 5. | ଜିଲ୍ଲା ଉପନିବନ୍ଧକ, ସୁନ୍ଦରଗଡ | 39 | 26.24 | 22.42 | 3.82 |
| 6. | ଉପନିବନ୍ଧକ, ବ୍ରହ୍ମପୁର (ସହର) | 23 | 39.44 | 35.83 | 3.61 |
| 7. | ଉପନିବନ୍ଧକ, ବଣାଇ | 34 | 14.73 | 13.19 | 1.54 |
| 8. | ଜିଲ୍ଲା ଉପନିବନ୍ଧକ, ଗଞ୍ଜାମ | 33 | 13.81 | 12.56 | 1.25 |
| | **ମୋଟ** | **637** | **439.66** | **398.01** | **41.65** |

ମାମଲାଗୁଡିକ ଦର୍ଶାଯିବା ପରେ ଜିଲ୍ଲା ଉପନିବନ୍ଧକ ଏବଂ ଉପନିବନ୍ଧକମାନେ ଏପ୍ରିଲ ଓ ଜୁନ୍ 2009 ମଧ୍ୟରେ କହିଲେ ଯେ ସରକାରଙ୍କ ମଞ୍ଜୁରୀ ପରେ ବେଞ୍ଚମାର୍କ ମୂଲ୍ୟ ପ୍ରବର୍ତ୍ତନ କରାଯାଇଥିଲା ଏବଂ ଏହାର ବୃଦ୍ଧି ପ୍ରବର୍ତ୍ତନର ଦୁଇବର୍ଷ ପରେ ହେବାକଥା । ମାତ୍ର ଏହା ସତ୍ୟ ଯେ ମୂଲ୍ୟରେ ବୃଦ୍ଧି ନଘଟାଇ ବିଳମ୍ବିତ ସରକାରୀ ମଞ୍ଜୁରୀ ଫଳରେ ରାଜସ୍ୱ ହାନି ହୋଇଥିଲା ।

## 4.6.5 ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍‌ର ନିସ୍ତାରଣ

ଭାରତୀୟ ଷ୍ଟାମ୍ପ (ଓଡିଶା ସଂଶୋଧନ) ଅଧିନିୟମର ଧାରା 27 ଅନୁଯାୟୀ ଜରସମନ ଯଦି ଥାଏ, ସମ୍ପତ୍ତିର ବଜାର ଦର ଏବଂ ଅନ୍ୟାନ୍ୟ ତଥ୍ୟ ଏବଂ ପରିସ୍ଥିତି ଯାହା କୌଣସି ଦଲିଲର ଶୁଳ୍କ ଆଦେୟ କିମ୍ବା ଶୁଳ୍କର ପରିମାଣ ଉପରେ ପ୍ରଭାବ ପକାଇ ଥାଏ ତାହାସବୁ ସମ୍ପୂର୍ଣ୍ଣ ଓ ଠିକ୍ ଭାବରେ ଦଲିଲରେ ଉଲ୍ଲେଖିତ ହେବା ବାଞ୍ଛନୀୟ ।

***4.6.5.1*** ଇଡକୋରୁ ହାସଲ ହୋଇଥିବା ସରକାରୀ ଜମି ଆବଣ୍ଟନ ସମ୍ପର୍କୀତ ତଥ୍ୟସହ ଜିଲ୍ଲା ଉପନିବନ୍ଧକ ଯାଜପୁରଙ୍କ ନଥିପତ୍ରର ପ୍ରତିସତ୍ୟାପନରୁ ପରିଲକ୍ଷିତ ହେଲା ଯେ ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ଇଡକୋ ଦୁଇଗୋଟି ଶିଳ୍ପାନୁଷ୍ଠାନକୁ 1,563.520 ଏକର ସରକାରୀ ଜମି ଆବଣ୍ଟନ କରି 29.39 କୋଟି ଟଙ୍କାର ଜରସମନ ପରିମାଣ ଉଲ୍ଲେଖ ଥାଇ ତିନିଗୋଟି ଦଲିଲ ଅଗଷ୍ଟ 2004 ଏବଂ ନଭେମ୍ବର 2005 ମଧ୍ୟରେ ନିଷ୍ପାଦନ କରିଥିଲେ । ଦଲିଲର କଥନ ସହ ଆବଣ୍ଟନ ଆଦେଶର ସମ୍ବନ୍ଧରୁ ଜଣାଗଲା ଯେ ଉନ୍ନୟନ ଦେୟ, ଖଜଣା, ସେସ୍ ଓ ଏକ୍ସଗ୍ରାସିଆ ବାବଦକୁ 7.92 କୋଟି ଟଙ୍କାର ମୋଟ ଜରସମନ ପରିମାଣରେ ଅନ୍ତର୍ଭୁକ୍ତ ହୋଇନଥିଲା । ଏହା ବ୍ୟତୀତ ଦଲିଲରେ ଉଲ୍ଲିଖିତ ଜରସମନ ପରିମାଣ ଉପରେ ମଧ୍ୟ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ବାବଦରେ ସ୍ୱଳ୍ପାରୋପଣ ହୋଇଥିଲା । ଏହା ଫଳରେ 1.57 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ନିସ୍ତାର ପାଇଥିଲା ।

ମାମଲାଟି ଦର୍ଶାଯିବା ପରେ ଜିଲ୍ଲା ଉପନିବନ୍ଧକ ଜୁନ୍ 2009 ରେ କହିଲେ ଯେ ମାମଲାଟି ପୁନର୍ବିଲୋକନ ହେବ ଏବଂ ସମ୍ପୃକ୍ତ କମ୍ପାନୀମାନଙ୍କୁ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଜମା କରିବାକୁ କୁହାଯିବ । ମାମଲାଟିର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

***4.6.5.2*** ଅନୁରୂପ ଭାବେ ନଭେମ୍ବର 2007 ରେ ଖୋର୍ଦ୍ଧା ଜିଲ୍ଲାପାଳ ଇଡକୋକୁ 500 ଏକର ଜମି ମଞ୍ଜୁର କରିଥିଲେ । ଅକ୍ଟୋବର 2008 ରେ ମାନ୍ୟବର ରାଜ୍ୟପାଳ, ଓଡିଶା ଏବଂ ଇଡକୋ, ଭୁବନେଶ୍ୱର ମଧ୍ୟରେ 2.50 କୋଟି ଟଙ୍କା ଆନୁଷଙ୍ଗିକ ଦେୟକୁ ବାଦ ଦେଇ 29.89 କୋଟି ଟଙ୍କାର ଜରସମନ ମୂଲ୍ୟରେ ସମ୍ମତି ବନ୍ଧପତ୍ର ଦଲିଲ ନିଷ୍ପାଦନ ଓ ରେଜିଷ୍ଟ୍ରୀକରଣ ହୋଇଥିଲା । ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଦ୍ୱାରା ଇଡକୋ ଠାରୁ ଆନୁଷଙ୍ଗିକ ଦେୟ ଆଦାୟ ହୋଇଥିଲେ ମଧ୍ୟ ଏହି ଦେଣନେଣ ଦଲିଲ ସମ୍ପାଦନ ବେଳେ ବିବେଚନା ନହେବାରୁ ପାଞ୍ଚ ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ନିସ୍ତାର ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ଉପନିବନ୍ଧକ, ଜଟଣୀ ଜୁନ୍ 2009 ରେ କହିଲେ ଯେ ଅନୁପୂରକ ଦଲିଲ ନିଷ୍ପାଦନ ହୋଇପାରିବ । ମାତ୍ର ଅନୁପୂରକ ଦଲିଲ ନିଷ୍ପାଦନ ନହେବାରୁ ନିବନ୍ଧନ ଫିସ୍‌ର ନିସ୍ତାର ହୋଇଥିଲା ।

## 4.6.6 ବେଞ୍ଚମାର୍କ ମୂଲ୍ୟରୁ କମ୍ ମୂଲ୍ୟାଙ୍କନ ହେତୁ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାଦାୟ

ଓଡିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ, 2001 ଅନୁସାରେ କୌଣସି ଜମିର ଅନୁସୂଚିତ ବେଞ୍ଚମାର୍କ ମୂଲ୍ୟ ଉକ୍ତ ଜମିର ବିକ୍ରୟ/ହସ୍ତାନ୍ତକରଣ ଦଲିଲ ସମ୍ପାଦନରେ ଗ୍ରହଣ ହୁଏ ।

ନଭେମ୍ବର 2008 ଏବଂ ଏପ୍ରିଲ 2009 ରେ ଦୁଇଗୋଟି ଜିଲ୍ଲା ଉପନିବନ୍ଧକ ଏବଂ ଦୁଇଗୋଟି ଉପନିବନ୍ଧକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ବେଞ୍ଚମାର୍କ ମୂଲ୍ୟ ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରି ଜାନୁଆରୀ 2007 ରୁ ଡିସେମ୍ବର 2008 ମଧ୍ୟରେ ଜିଲ୍ଲାସ୍ତରୀୟ ମୂଲ୍ୟାଙ୍କନ କମିଟି ଦ୍ୱାରା ସ୍ଥିରୀକୃତ ବେଞ୍ଚମାର୍କ ମୂଲ୍ୟ ତୁଳନାରେ କମ ଦରରେ 52 ଗୋଟି ଦଲିଲ ସମ୍ପାଦନ ହେବା ଫଳରେ ଅବମୂଲ୍ୟାଙ୍କନ ହୋଇ ପରିଣାମ ସ୍ୱରୂପ 100.12 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ/ସ୍ୱଳ୍ପାଦାୟ ହୋଇଥିଲା ଯାହା ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

(ଟଙ୍କା ଲକ୍ଷ ଆକାରରେ)

| କ୍ରମିକ ସଂଖ୍ୟା | ଉପନିବନ୍ଧକ/ ଜିଲ୍ଲା ନିବନ୍ଧକଙ୍କ ନାମ | ଦଲିଲ ସଂଖ୍ୟା | ଅବଧି | ଧାର୍ଯ୍ୟଯୋଗ୍ୟ ଷ୍ଟାମ୍ପଶୁଳ୍କ/ ନିବନ୍ଧନ ଫିସ୍ | ଧାର୍ଯ୍ୟ ହୋଇଥିବା ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ | ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ |
|---|---|---|---|---|---|---|
| 1. | ଜିଲ୍ଲା ଉପନିବନ୍ଧକ, ସମ୍ବଲପୁର | 49 | ଜାନୁଆରୀ 2007 ରୁ ଡିସେମ୍ବର 2008 | 108.80 | 13.35 | 95.45 |
| 2. | ଉପନିବନ୍ଧକ, କରଞ୍ଜିଆ | 1 | ମଇ 2008 | 3.35 | 1.54 | 1.81 |
| 3. | ଉପନିବନ୍ଧକ, ଡୋଲିପୁର | 1 | ଜାନୁଆରୀ 2007 ରୁ ଡିସେମ୍ବର 2008 | 1.53 | 0.04 | 1.49 |
| 4. | ଜିଲ୍ଲା ଉପନିବନ୍ଧକ, ମୟୁରଭଞ୍ଜ | 1 | ଅକ୍ଟୋବର 2008 | 4.93 | 3.56 | 1.37 |
| ମୋଟ | | **52** | | **118.61** | **18.49** | **100.12** |

ମାମଲାଗୁଡିକ ଦର୍ଶାଯିବା ପରେ ସମସ୍ତ ଜିଲ୍ଲା ଉପନିବନ୍ଧକ ଓ ଉପନିବନ୍ଧକ ମାନେ କହିଲେ ଯେ ଅବମୂଲ୍ୟାଙ୍କନ ମାମଲାମାନ ଦାଏର ହେବ ଏବଂ ଦେୟ ପରିମାଣ ଆଦାୟ କରାଯିବ । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 4.6.7 ନିମ୍ନତର ହାର ପ୍ରୟୋଗ ହେତୁ ଷ୍ଟାମ୍ପଶୁଳ୍କ ସ୍ୱଳ୍ପାଦାୟ

ଓଡିଶା ସହର ଯୋଜନା ଓ ଉନ୍ନୟନ ଟ୍ରଷ୍ଟ ଅଧିନିୟମ, 1956 ର ବ୍ୟବସ୍ଥାନୁଯାୟୀ ଏହି ଅଧିନିୟମ ଲାଗୁ ହେଉଥିବା ଅଞ୍ଚଳରେ କୌଣସି ଦଲିଲ ସମ୍ପାଦନ ହେଲେ ଉକ୍ତ ଦଲିଲର ଜରସମନ ମୂଲ୍ୟ ଉପରେ ସାଧାରଣତଃ ଲାଗୁ ହେଉଥିବା ଆଠ ପ୍ରତିଶତ ଷ୍ଟାମ୍ପଶୁଳ୍କ ସହ ଅତିରିକ୍ତ ଦୁଇ ପ୍ରତିଶତ ହାରରେ ଷ୍ଟାମ୍ପଶୁଳ୍କ ଧାର୍ଯ୍ୟ ହୁଏ । ଓଡିଶା ସରକାର 25 ମଇ 2005 ରେ ଏକ ଗେଜେଟ୍ ଅଧିସୂଚନା ଜରିଆରେ ଅତିରିକ୍ତ ଷ୍ଟାମ୍ପଶୁଳ୍କକୁ ଦୁଇ ରୁ ତିନି ପ୍ରତିଶତକୁ ବୃଦ୍ଧିକରି ତତ୍‌କ୍ଷଣାତ ଲାଗୁହେବା ନିମନ୍ତେ ଆଦେଶ କରିଥିଲେ ।

ମାର୍ଚ୍ଚ 2008 ଏବଂ ମଇ 2009 ରେ ଦଶଗୋଟି[67] ଜିଲ୍ଲା ଉପନିବନ୍ଧକ ଏବଂ ସାତଟି[68] ଉପନିବନ୍ଧକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ମଇ 2005 ରୁ ଜୁଲାଇ 2008 ମଧ୍ୟରେ ସମ୍ପାଦିତ ହୋଇଥିବା 3,066 ଗୋଟି ଦଲିଲରେ ଜିଲ୍ଲା ଉପନିବନ୍ଧକ ଓ ଉପନିବନ୍ଧକ ମାନଙ୍କ ଦ୍ୱାରା ବୃଦ୍ଧି ହାରରେ ଷ୍ଟାମ୍ପଶୁଳ୍କ ଆଦାୟ ହୋଇନଥିଲା ଏବଂ ଜିଲ୍ଲା ଉପନିବନ୍ଧକ, ନୟାଗଡ 86 ଗୋଟି ଦଲିଲରେ ଅତିରିକ୍ତ ଷ୍ଟାମ୍ପଶୁଳ୍କ ଆଦାୟ କରିନଥିଲେ । ଏହା ଫଳରେ 45.72 ଲକ୍ଷ ଟଙ୍କାର ଅତିରିକ୍ତ ଷ୍ଟାମ୍ପଶୁଳ୍କ ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ଜିଲ୍ଲା ଉପନିବନ୍ଧକ, ନୟାଗଡ ଓ ଉପନିବନ୍ଧକ, ଲଖନପୁରଙ୍କ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ଉପନିବନ୍ଧକ ଓ ଉପନିବନ୍ଧକ ମାନେ ମାର୍ଚ୍ଚ 2008 ରୁ ମଇ 2009 ମଧ୍ୟରେ କହିଲେ ଯେ ରାଜସ୍ୱ ପର୍ଷଦଙ୍କ ଦ୍ୱାରା ଡିସେମ୍ବର 2006 ରେ ଅଧିସୂଚନାଟି ପ୍ରସାରଣ ହୋଇଥିଲା ଏବଂ ଅଧିସୂଚନା ପ୍ରାପ୍ତି ପରେ ବୃଦ୍ଧିହାର ପ୍ରବର୍ତ୍ତନ କରାହୋଇଥିଲା । ଜିଲ୍ଲା ଉପନିବନ୍ଧକ, ବୌଦ୍ଧ, ଦେବଗଡ, କଳାହାଣ୍ଡି, ସୁବର୍ଣ୍ଣପୁର ଏବଂ ଉପନିବନ୍ଧକ, ବାସୁଦେବପୁର ସେପ୍ଟେମ୍ବର ଏବଂ ଡିସେମ୍ବର 2008 ମଧ୍ୟରେ କହିଲେ ଯେ ଭେଦାତ୍ମକ ପରିମାଣ ଆଦାୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉପନିବନ୍ଧକ, ଲଖନପୁର ଏପ୍ରିଲ 2009 ରେ କହିଲେ ଯେ ଅତିରିକ୍ତ ଷ୍ଟାମ୍ପଶୁଳ୍କ ବୃଦ୍ଧି ପରିପତ୍ର ଜୁଲାଇ 2008 ସୁଦ୍ଧା ତାଙ୍କ ଦ୍ୱାରା ପ୍ରାପ୍ତି ହୋଇନଥିଲା । ଜିଲ୍ଲା ଉପନିବନ୍ଧକ, ନୟାଗଡ ଜୁନ୍ 2008 ରେ କହିଲେ ଯେ ବିଷୟଟି ପୁନର୍ବିଲୋକନ ହେବ ଏବଂ ଆବଶ୍ୟକ ନିର୍ଦ୍ଦେଶ ନିମନ୍ତେ ସରକାରଙ୍କ ଦୃଷ୍ଟିକୁ ଅଣାଯିବ । ମାତ୍ର ଷ୍ଟାମ୍ପଶୁଳ୍କର ବର୍ଦ୍ଧିତ ହାର ଅଧିସୂଚନାଟି ଜାରିହେବା ଦିନଠାରୁ ଲାଗୁ ହେବା କଥା ଏବଂ ବର୍ଦ୍ଧିତ ହାର ଲାଗୁ ନହେବା ଫଳରେ ରାଜସ୍ୱ ଅନାଦାୟ ହୋଇଥିଲା । ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

## 4.6.8 ପୃଥକ ବିଷୟ ଅନ୍ତର୍ଗତ ହୋଇଥିବା ଦଲିଲରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ

ଭାରତୀୟ ଷ୍ଟାମ୍ପ ଅଧିନିୟମ ଧାରା 5 ଅଧିନରେ କୌଣସି ଦଲିଲ କେତେକ ପୃଥକ ବିଷୟକୁ ନେଇ ଗଠିତ କିମ୍ବା ସମ୍ପର୍କିତ ହୋଇଥିଲେ ଭିନ୍ନ ଭିନ୍ନ ବିଷୟକୁ ନେଇ ଗଠିତ କିମ୍ବା ସମ୍ପର୍କିତ ଦଲିଲରେ ଲାଗୁ ହେଉଥିବା ଶୁଳ୍କର ସର୍ବମୋଟ ପରିମାଣ ଉକ୍ତ ଦଲିଲଟିରେ ଶୁଳ୍କ ଭାବରେ ଆରୋପଣ ହେବ ।

କଟକ ଜିଲ୍ଲା ଉପନିବନ୍ଧକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଫେବୃଆରୀ 2008 ରେ ପରିଲକ୍ଷିତ ହେଲା ଯେ 11 ମଇ 2006 ରେ ଚାରିଗୋଟି ଦଲିଲ ନିଷ୍ପାଦନ ଓ ସମ୍ପାଦନ ହୋଇଥିଲା । ହସ୍ତାନ୍ତରଣ ହୋଇଥିବା ସମ୍ପତ୍ତି ପୂର୍ବରୁ ଲିଜ ଦିଆଯାଇଥିଲା ଏବଂ ଲିଜଧାରୀ ପ୍ରତ୍ୟେକ ସମ୍ପତ୍ତିରେ ଗୋଦାମ ଘର ନିର୍ମାଣ କରିଥିଲେ । ଲିଜ ସମର୍ପଣ ସମୟରେ ଲିଜଧାରୀଙ୍କୁ ଗୋଦାମ ଘର ମୂଲ୍ୟ ବାବଦରେ 84 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ବିକ୍ରୟ ଦଲିଲ ଗୁଡିକର କଥନରୁ ଦେଖାଗଲା ଯେ ବିକ୍ରୟ ଦେଣନେଣକୁ ଛାଡି ଲିଜଧାରୀଙ୍କୁ ଲିଜ୍ ସମର୍ପଣ ମାମଲା ସମ୍ପର୍କିତ ନିର୍ମିତ ଗୋଦାମ ଘର ଗୁଡିକର ମୂଲ୍ୟ ବାବଦରେ 21 ଲକ୍ଷ ଟଙ୍କା କରି ଜରସମନ ମୂଲ୍ୟ ପ୍ରଦାନ ହୋଇଥିବାର ପ୍ରତ୍ୟେକ ଦଲିଲରେ ଅନ୍ତର୍ଭୁକ୍ତ ହୋଇଥିଲା । ଲିଜ୍ ସମର୍ପଣ ଏକ ପୃଥକ ବିଷୟ ଏବଂ ଏହା ବିକ୍ରୟ ଦଲିଲରେ ଉଲ୍ଲେଖ ହୋଇଥିବା ସତ୍ତ୍ୱେ ଏହାକୁ ଦଲିଲ ସମ୍ପାଦନ ସମୟରେ ବିଚାର କରାଯାଇ ନଥିଲା । ଏହା ଫଳରେ 10.92 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାରୋପଣ ହୋଇଥିଲା ।

---

67 ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଗଜପତି, କଳାହାଣ୍ଡି, କେନ୍ଦ୍ରାପଡା, ମୟୁରଭଞ୍ଜ, ନୟାଗଡ, ଫୁଲବାଣୀ ଓ ସୁବର୍ଣ୍ଣପୁର ।

68 ଆନନ୍ଦପୁର, ବାସୁଦେବପୁର, ଗୁଣୁପୁର, ହିଞ୍ଜିଳିକାଟୁ, ଲଖନପୁର, ନୀଳଗିରି ଏବଂ ପାଟଣାଗଡ ।

ଏହା ଦର୍ଶାଯିବା ପରେ ଜିଲ୍ଲା ଉପନିବନ୍ଧକ ଫେବୃଆରୀ 2008 ରେ କହିଲେ ଯେ ଲିଜ ସମର୍ପଣ ଦ୍ୱାରା ମାଲିକାନା ସତ୍ତ୍ୱ ବଦଳି ନଥିଲା । ମାତ୍ର ଏହା ସତ୍ୟ ଯେ ପ୍ରତ୍ୟେକ କ୍ଷେତ୍ରରେ ଲିଜଧାରୀଙ୍କ ଦ୍ୱାରା ନିର୍ମିତ ଗୋଦାମ ଘର ମୂଲ୍ୟ ବାବଦରେ ଜରସମନ ମୂଲ୍ୟ ପ୍ରଦାନ ହୋଇଥିବାରୁ ଏହା ସ୍ପଷ୍ଟରୂପେ ଏକ ହସ୍ତାନ୍ତକରଣ ଦଲିଲ ଏବଂ ଅନୁରୂପ ଭାବେ ଷ୍ଟାମ୍ପ ହେବା ଯୋଗ୍ୟ, ଯେହେତୁ ଏହା ଉକ୍ତ ସମ୍ପତ୍ତିର ବିକ୍ରୟ ସମ୍ପର୍କିତ ଏକ ପୃଥକ ବିଷୟ ଥିଲା ।

## 4.6.9 ଷ୍ଟାମ୍ପଶୁଳ୍କର ଅନିୟମିତ ଅବ୍ୟାହତି

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର 7 ମଇ 2007 ର ଆଦେଶ ଅନୁସାରେ ଶିଳ୍ପନୀତି ସଂକଳ୍ପ (ଆଇପିଆର) 2007 ଅଧିନରେ ସରକାରଙ୍କ ଦ୍ୱାରା ଇଡକୋକୁ ଜମି ଆବଣ୍ଟନ ନିମନ୍ତେ ନିଷ୍ପାଦନ ହେଉଥିବା ଦଲିଲ ଗୁଡିକ ଉପରୁ ଷ୍ଟାମ୍ପଶୁଳ୍କ ସମ୍ପୂର୍ଣ୍ଣ ଛାଡ ମଞ୍ଜୁର କରାଯିବ । କିନ୍ତୁ ଏଥି ନିମିତ୍ତ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି), ଇଡକୋଙ୍କ ସୁପାରିଶ ଦଲିଲ ଉପରେ ଦଲିଲଟିର ନିଷ୍ପାଦନ ସମୟରେ ଉପଲବ୍ଧ ହେବା ଦରକାର ।

ସେପ୍ଟେମ୍ବର 2007 ଏବଂ ଡିସେମ୍ବର 2008 ରେ ଉପନିବନ୍ଧକ, ବ୍ରହ୍ମପୁର (ସହର) ଏବଂ ଜିଲ୍ଲା ଉପନିବନ୍ଧକ, ସୁନ୍ଦରଗଡଙ୍କ କାର୍ଯ୍ୟାଳୟରେ ସରକାର ଏବଂ ଇଡକୋ ମଧ୍ୟରେ ହୋଇଥିବା ସମ୍ମତିବନ୍ଧପତ୍ର ଗୁଡିକର ନମୁନା ଯାଞ୍ଚରୁ ଦେଖାଗଲା ଯେ ପରିଚାଳନା ନିର୍ଦ୍ଦେଶକ ଇଡକୋଙ୍କ ଆବଶ୍ୟକୀୟ ସୁପାରିଶ ଦଲିଲ ଉପରେ ନଥାଇ ଦୁଇଗୋଟି ଦଲିଲରେ 9.99 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଅବ୍ୟାହତି ମଞ୍ଜୁରୀ ହୋଇଥିଲା ।

ସମୀକ୍ଷାରେ ଏହା ଦର୍ଶାଯାନ୍ତେ ସମ୍ପୃକ୍ତ ନିବନ୍ଧକ ଅଧିକାରୀମାନେ ଅନିୟମିତତାକୁ ସ୍ୱୀକାର କଲେ ଏବଂ ଆବଶ୍ୟକୀୟ ସୁପାରିଶ ନିମନ୍ତେ ପରିଚାଳନା ନିର୍ଦ୍ଦେଶକ ଇଡକୋଙ୍କୁ ଅନୁରୋଧ କରିଥିଲେ । ମାମଲାଗୁଡ଼ିକର ଅଧିକତର ବିବରଣୀ ମିଳିନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ଜୁଲାଇ 2009 ରେ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

## 4.7 ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାଦାୟ

*ଜମିର ଉଚ୍ଚତମ ମୂଲ୍ୟ ସତ୍ୟାପନ ନକରି ଦଲିଲ ଗୁଡିକ ପଞ୍ଜୀକରଣ କରାଯାଇଥିବାରୁ 97.84 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାଦାୟ ହୋଇଥିଲା ।*

ଭାରତୀୟ ଷ୍ଟାମ୍ପ ଅଧିନିୟମର ଧାରା 47(କ) ବ୍ୟବସ୍ଥା ସହ ପଠିତ ନିବନ୍ଧନ ମହାନିରୀକ୍ଷକଙ୍କ ସେପ୍ଟେମ୍ବର 1993 ଏବଂ ଅକ୍ଟୋବର 2002 ନିର୍ଦ୍ଦେଶ ଅନୁଯାୟୀ ଦଲିଲ ସମ୍ପାଦନ କାଳରେ ସେହି ଗ୍ରାମର ସେହି କିସମ ଜମିର ସର୍ବାଧିକ ମୂଲ୍ୟ ଦଲିଲ ସମ୍ପାଦନ ଉଦ୍ଦେଶ୍ୟରେ ଜମିର ବିକ୍ରୟ ମୂଲ୍ୟ ହୁଏ । ଦଲିଲ ସମ୍ପାଦନର ପୂର୍ବମାସ ପର୍ଯ୍ୟନ୍ତ କ୍ରମାଗତ ପୂର୍ବ ତିନିବର୍ଷ ମଧ୍ୟରେ ଜମିର ସର୍ବୋଚ୍ଚ ମୂଲ୍ୟକୁ ମୂଲ୍ୟାଙ୍କନରେ ବିଚାର କରାଯାଏ ।

ମାର୍ଚ୍ଚ ଏବଂ ଅକ୍ଟୋବର 2008 ମଧ୍ୟରେ ଜିଲ୍ଲା ଉପନିବନ୍ଧକ, କଳାହାଣ୍ଡି ଏବଂ ଛଅଗୋଟି[69] ଉପନିବନ୍ଧକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଦଲିଲ ପେଶ୍ ହେବାର ପୂର୍ବମାସ ପର୍ଯ୍ୟନ୍ତ କ୍ରମାଗତ ତିନିବର୍ଷର ସର୍ବୋଚ୍ଚ ମୂଲ୍ୟକୁ ବିଚାରକୁ ନିଆନଯାଇ ମାର୍ଚ୍ଚ 2006 ଓ ଡିସେମ୍ବର 2007 ମଧ୍ୟରେ 87 ଗୋଟି ଦଲିଲରେ ଉଲ୍ଲିଖିତ ହୋଇଥିବା ଜରସମନ ମୂଲ୍ୟ ଆକାରରେ ଧାର୍ଯ୍ୟ 19.05 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ

69 ବିରମିତ୍ରପୁର, ବଣାଇ, ଜି. ଉଦୟଗିରି, ଖଣ୍ଡଗିରି, ପାଟଣାଗଡ ଏବଂ ରାଜଗାଙ୍ଗପୁର ।

ନିବନ୍ଧନ ଫିସ୍ ଆଦାୟ ହୋଇଥିଲା । ଅଧିକ ସମ୍ୟକ ପରୀକ୍ଷାରୁ ଜଣାଗଲା ଯେ ପୂର୍ବ ତିନିବର୍ଷର ସର୍ବୋଚ୍ଚ ମୂଲ୍ୟ ଆଧାରରେ 1.17 କୋଟି ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଆରୋପଣ ଯୋଗ୍ୟ ଥିଲା । ନିବନ୍ଧନ ଅଧିକାରୀମାନଙ୍କ ବିଫଳତାରୁ 97.84 ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାଦାୟ ହୋଇଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ ସମସ୍ତ ନିବନ୍ଧନ ଅଧିକାରୀମାନେ ମାର୍ଚ୍ଚ ଏବଂ ଅକ୍ଟୋବର 2008 ମଧ୍ୟରେ କହିଥିଲେ ଯେ ମାମଲାଗୁଡିକ ପରୀକ୍ଷା କରାଯିବ ଓ ଧାରା 47(କ) ଅଧିନରେ ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍ ଆଦାୟ ନିମନ୍ତେ ମାମଲା ଦାଏର କରଯିବ । ଅଧିକତର ବିବରଣୀ ହସ୍ତଗତ ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ମାର୍ଚ୍ଚ 2009 ରେ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳିନଥିଲା (ଅକ୍ଟୋବର 2009) ।

# ଅଧ୍ୟାୟ-V: ଅନ୍ୟାନ୍ୟ କର ପ୍ରାପ୍ତି

## 5.1 ସମୀକ୍ଷାର ପରିଣାମ

2008-09 ବର୍ଷରେ ବାଣିଜ୍ୟ କର କାର୍ଯ୍ୟାଳୟ ମାନଙ୍କରେ ବୃତ୍ତି କର ସଂକ୍ରାନ୍ତୀୟ ଏବଂ ଅବକାରୀ କମିଶନର, ଉପ କମିଶନର ଓ ଅବକାରୀ ଅଧିକ୍ଷକମାନଙ୍କ କାର୍ଯ୍ୟାଳୟରେ ଅବକାରୀ ଶୁଳ୍କ/ଫିସ୍ ସଂକ୍ରାନ୍ତୀୟ ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ 17,007 ଗୋଟି ମାମଲାରେ 27.29 କୋଟି ଟଙ୍କାର କର ଜୋରିମାନା, ଶୁଳ୍କ ଓ ଫିସ୍ ଇତ୍ୟାଦି ଅନାଦାୟ/ସ୍ୱଳ୍ପାଦାୟ, ରାଜସ୍ୱ ହାନି ଇତ୍ୟାଦି ଘଟିଥିଲା ଯାହାର ବର୍ଗୀକରଣ ନମ୍ନରେ ପ୍ରଦ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ବୃତ୍ତି କର** | | | |
| 1. | କର ଓ ଜୋରିମାନା ଅନାରୋପଣ | 16,597 | 14.00 |
| **ରାଜ୍ୟ ଅବକାରୀ** | | | |
| 1. | ଆଇଏମ୍ଏଫ୍ଏଲ ଉପରେ ଭେଦାତ୍ମକ ଶୁଳ୍କ ଅନାରୋପଣ | 6 | 3.11 |
| 2. | ଅବକାରୀ ଦୋକାନମାନ ସ୍ଥିରୀକୃତ ନହେବା/ବିଳମ୍ୱରେ ହେବା/ନବୀକରଣ ନହେବା ହେତୁ ରାଜସ୍ୱ ହାନି | 31 | 3.06 |
| 3. | ଅବକାରୀ ଶୁଳ୍କ/ପରିବହନ ଫିସ୍ ଅନାଦାୟ/ସ୍ୱଳ୍ପାଦାୟ | 186 | 0.27 |
| 4. | ଆଦ୍ୟ ଫିସ୍ (ଆବେଦନ ଫିସ୍, ବ୍ୟବହାରକାରୀ ଦେୟ ଓ ଲାଇସେନସ୍ ବଦଳ ପାଇଁ ଲେବଲ ରେଜିଷ୍ଟ୍ରେସନ ଫିସ୍) ଅନାଦାୟ/ଅନାରୋପଣ | 31 | 0.04 |
| 5. | ଅନ୍ୟାନ୍ୟ ଅନିୟମିତତା | 156 | 6.81 |
| | **ମୋଟ** | **410** | **13.29** |
| | **ଗାଏ ମୋଟ** | **17,007** | **27.29** |

2008-09 ବର୍ଷର ସମୀକ୍ଷାରେ ଦର୍ଶାଯାଇଥିବା 208 ଗୋଟି ମାମଲାରେ 79.14 ଲକ୍ଷ ଟଙ୍କାର ଶୁଳ୍କ ଓ ଫିସ୍ ଅନାଦାୟ/ସ୍ୱଳ୍ପାଦାୟ ରାଜସ୍ୱହାନି ଓ ଅନ୍ୟାନ୍ୟ ଅନିୟମିତତା ବିଭାଗ 2008-09 ରେ ଗ୍ରହଣ କରିଥିଲା । 2008-09 ଏବଂ ବିଗତ ବର୍ଷମାନଙ୍କରେ ଦର୍ଶାଯାଇଥିବା ଆଠଗୋଟି ମାମଲାରେ ବିଭାଗ 88,000 ଟଙ୍କା ଆଦାୟ କରିଥିଲା ।

ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ପ୍ରେରଣ ହେବା ପରେ ବିଭାଗ 2008-09 ବର୍ଷ ସମୀକ୍ଷାରେ ଦର୍ଶାଯାଇଥିବା ଗୋଟିଏ ଅବଲୋକନ ପ୍ରସଙ୍ଗରେ 4.59 ଲକ୍ଷ ଟଙ୍କା ଅସୁଲ କରିଥିଲା ।

ଦୃଷ୍ଟାନ୍ତଯୁକ୍ତ 14.57 କୋଟି ଟଙ୍କା ଜଡିତ ଥିବା ଅଳ୍ପ କେତୋଟି ମାମଲା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

## 5.2 ସମୀକ୍ଷା ମନ୍ତବ୍ୟ

*ବୃତ୍ତିକର ସମ୍ପର୍କରେ ବାଣିଜ୍ୟ କର କାର୍ଯ୍ୟାଳୟ ଏବଂ ଅବକାରୀ ଶୁଳ୍କ/ଫିସ୍ ସମ୍ପର୍କରେ ଅବକାରୀ କମିଶନର, ଅବକାରୀ ଉପ କମିଶନର ଓ ଅବକାରୀ ଅଧିକ୍ଷକ ମାନଙ୍କ କାର୍ଯ୍ୟାଳୟ ମାନଙ୍କରେ ନଥିପତ୍ରର ଯାଞ୍ଚରୁ ଅଧିନିୟମ/ ନିୟମାବଳୀରେ ଥିବା ବ୍ୟବସ୍ଥାର ପାଳନ ହୋଇନଥିବାରୁ ବୃତ୍ତିକର ଓ ବଟଲିଙ୍ଗ୍ ଲାଇସେନସ୍ ଫିସ୍ର ଅନାରୋପଣ ଇତ୍ୟାଦି ପରିଲକ୍ଷିତ ହୋଇଥିଲା ଯାହା ଉକ୍ତ ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଦର୍ଶାଗଲା । ବୃତ୍ତିକର ଆଦାୟ ନିମନ୍ତେ ପ୍ରଭାବୀ ପଦ୍ଧତିର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅନୁଦେଶ ଜାରି କରିବା ସକାଶେ ସରକାର ବିଚାର କରିପାରନ୍ତି ।*

**ବୃତ୍ତି କର**

## 5.3 ବୃତ୍ତି କର ଅନାରୋପଣ

*ଓଡିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିଯୁକ୍ତିଗତ କର ଅଧିନିୟମର ବ୍ୟବସ୍ଥା ଏବଂ ବାଣିଜ୍ୟ କର କମିଶନରଙ୍କର ଅନୁଦେଶକୁ ନିର୍ଦ୍ଧାରଣ ଅଧିକାରୀମାନେ ପାଳନ ନକରିବା ହେତୁ କର ଓ ଜୋରିମାନା ବାବଦକୁ 14.00 କୋଟି ଟଙ୍କା ଆରୋପଣ କରାଯାଇପାରି ନଥିଲା ।*

ଓଡିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିଯୁକ୍ତିଗତ କର ଅଧିନିୟମ, 2000 ଅନୁଯାୟୀ କର ପ୍ରଦାନ ଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତି ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଠାରୁ ତାଲିକାଭୁକ୍ତ ପ୍ରମାଣପତ୍ର  ହାସଲ କରିବା ଆବଶ୍ୟକ । ଉକ୍ତ ଅଧିନିୟମରେ ମଧ ବ୍ୟବସ୍ଥା ଅଛି ଯେ ଯଦି ଜଣେ ତାଲିକାଭୁକ୍ତ ହେବା ଯୋଗ୍ୟ ବ୍ୟକ୍ତି ଏଭଳି ପ୍ରମାଣପତ୍ର ପାଇବା ପାଇଁ ଆବେଦନ ନକରନ୍ତି ତେବେ ପ୍ରତିଦିନର ବିଳମ୍ବ ପାଇଁ ସର୍ବାଧିକ ପାଞ୍ଚ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆରୋପଣ ହେବ ।

ରାଜସ୍ୱ ସଂଗ୍ରହ ବୃଦ୍ଧି ନିମନ୍ତେ ସରକାରଙ୍କୁ ଠକୁଥିବା ଓ ପ୍ରତାରଣା କରୁଥିବା ବ୍ୟବସାୟୀ ଓ ସଂସ୍ଥାମାନଙ୍କ ସମ୍ପର୍କରେ ଯଥେଷ୍ଟ ଓ ଗୁଣାତ୍ମକ ଗୁପ୍ତସୂଚନା ସଂଗ୍ରହ କରିବାକୁ ଏବଂ ନିର୍ଦ୍ଦିଷ୍ଟ ସୂତ୍ରରୁ ତଥ୍ୟ ସଂଗ୍ରହ କରି କର ଦେବାକୁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ରେଜିଷ୍ଟ୍ରୀଭୁକ୍ତ କରିବାକୁ ଓଡିଶା ବାଣିଜ୍ୟ କର କମିଶନର ନଭେମ୍ବର 2004 ରେ ତାଙ୍କ କ୍ଷେତ୍ର କର୍ମକର୍ତ୍ତାମାନଙ୍କୁ ଅନୁଦେଶ ଦେଇଥିଲେ । ପୁନଶ୍ଚ, କର ସଂଗ୍ରହକୁ ଗତିଶିଳ କରିବା ପାଇଁ ସମ୍ଭାବ୍ୟ କରଦାତାଙ୍କୁ ଚିହ୍ନଟ କରିବା ଏବଂ ଉଠାଣ ଓ ବିତରଣ ଅଧିକାରୀ ଓ କରଦାତାଙ୍କୁ ସହାୟତା ଦେବା ତଥା ତାଲିକା ପ୍ରସ୍ତୁତି ଓ ପଞ୍ଜୀକରଣ କାର୍ଯ୍ୟ ପାଇଁ ସରକାର ଡିସେମ୍ବର 2004 ରେ ପ୍ରତି ମଣ୍ଡଳରେ ଗୋଟିଏ ଲେଖାଁଏ ବୃତ୍ତି କର ସେଲ୍ ପ୍ରତିଷ୍ଠା କରିବାକୁ ସ୍ଥିର କରିଥିଲେ ।

ଅଧିନିୟମରେ ସଂଲଗ୍ନ ଅନୁସୂଚୀରେ ଉଲ୍ଲିଖିତ ନିର୍ଦ୍ଦିଷ୍ଟ ଶ୍ରେଣୀର କରଦାତା ପରିସରଭୁକ୍ତ ସମସ୍ତ ବ୍ୟକ୍ତିଙ୍କୁ ନିରୂପଣ କରି ଟିକସ ପରିସରକୁ ଅଣାଯାଇଛି କି ନାହିଁ ଦେଖିବା ଲକ୍ଷରେ ସେବା ପ୍ରଦାନକାରୀମାନଙ୍କ ବାବଦରେ କେନ୍ଦ୍ରୀୟ ଅବକାରୀ ବିଭାଗ, ବୀମା ଏଜେଣ୍ଟ ମାନଙ୍କ ବାବଦରେ ଭାରତୀୟ ଜୀବନ ବୀମା ନିଗମ, ଏସ୍‌ଟିଡି ବୁଥ୍ ମାଲିକମାନଙ୍କ ବାବଦରେ ଭାରତ ସଂଚାର ନିଗମ ଲିଃ ଏବଂ ନର୍ସିଂହୋମ ଓ ଡାକ୍ତରୀ କ୍ଲିନିକ୍ ଇତ୍ୟାଦି ବାବଦରେ ରାଜ୍ୟ ଡାକ୍ତରୀ ଶିକ୍ଷା ଓ ପ୍ରସିକ୍ଷଣ ନିର୍ଦ୍ଦେଶାଳୟଙ୍କ ଠାରୁ ସବିଶେଷ ବିବରଣୀ ସଂଗ୍ରହ କରାଯାଇଥିଲା । ସେହିଭଳି ବିଉଟିପାର୍ଲର, ବିଜ୍ଞାପନ ସଂସ୍ଥା, ଭ୍ରମଣ ଏଜେଣ୍ଟ, ପରିବହନ ଠିକାଦାର, କ୍ଲିୟରିଂ ଏବଂ ଫରୱାଡିଙ୍ଗ୍ ଏଜେଣ୍ଟ, ଘରୋଇ ଡାକ୍ତର, ବୈଷୟିକ ଓ ବୃତ୍ତିଗତ ପରାମର୍ଶଦାତା, ଟ୍ୟୁଟୋରିଆଲ୍ ଅନୁଷ୍ଠାନ, କମ୍ପ୍ୟୁଟର ଶିକ୍ଷା ଅନୁଷ୍ଠାନ ପ୍ରଭୃତି ସମ୍ପର୍କରେ ପୀତପୃଷ୍ଠା (ୟେଲୋ ପେଜେସ୍) ଏବଂ ୱେବସାଇଟ୍‌ରୁ ତଥ୍ୟ ସଂଗ୍ରହ କରାଯାଇଥିଲା ।

ସଂଗୃହିତ ବିଶଦ ବିବରଣ ଗୁଡିକୁ ନଭେମ୍ବର 2008 ରୁ ମାର୍ଚ୍ଚ 2009 ମଧ୍ୟରେ ବାଣିଜ୍ୟ କର ବିଭାଗର 11 ଗୋଟି[70] ମଣ୍ଡଳର ବୃତ୍ତିକର ପଞ୍ଜୀକରଣ ଓ ନିର୍ଦ୍ଧାରଣ ସମ୍ପର୍କିତ 2003-04 ରୁ 2007-08 ବର୍ଷର ନଥିପତ୍ର ସହିତ ପ୍ରତିସତ୍ୟାପନ କରାଯିବାରୁ ଜଣାଗଲା ଯେ 16,597 ଜଣ ବ୍ୟକ୍ତି ଉକ୍ତ ଅଧିନିୟମ ଅନୁସାରେ ସେମାନଙ୍କୁ ତାଲିକାଭୁକ୍ତ କରିନଥିଲେ । ଏହି ବ୍ୟକ୍ତିମାନେ ତାଲିକାଭୁକ୍ତ ନହେବା କାରଣରୁ 3.52 କୋଟି ଟଙ୍କାର ରାଜସ୍ୱ ଅନାରୋପଣ ହୋଇଥିଲା । ଏହା ଛଡା ମାର୍ଚ୍ଚ 2008 ପର୍ଯ୍ୟନ୍ତ ହିସାବ କରାଯାଇଥିବା 10.48 କୋଟି ଟଙ୍କାର ଜୋରିମାନା ମଧ୍ୟ ଆରୋପଣଯୋଗ୍ୟ ଥିଲା । ଏହାର ସବିଶେଷ ବର୍ଗୀକରଣ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

| କ୍ରମିକ ସଂଖ୍ୟା | ଅନୁସୂଚୀ ପ୍ରବେଶ ସଂଖ୍ୟା ଓ କରଦାତାଙ୍କ ବର୍ଗୀକରଣ | କର ଅବଧି (ମଧ୍ୟରେ) | ତାଲିକାଭୁକ୍ତ ହୋଇନଥିବା ବ୍ୟକ୍ତିଙ୍କ ସଂଖ୍ୟା | ବାର୍ଷିକ କର ହାର (ଟଙ୍କାରେ) | ବସାଣଯୋଗ୍ୟ କର (ଟଙ୍କା କୋଟି ଆକାରରେ) | ଜୋରିମାନା (ଟଙ୍କା କୋଟି ଆକାରରେ) | ସମୁଦାୟ (ଟଙ୍କା କୋଟି ଆକାରରେ) |
|---|---|---|---|---|---|---|---|
| 1. | 5<br>ବୀମା ଏଜେଣ୍ଟ | ଏପ୍ରିଲ 2003 ରୁ ମାର୍ଚ୍ଚ 2008 | 7,723 | 350[71] | 1.20 | 6.30 | 7.50 |
| 2. | 13<br>ଏସ୍‌ଟିଡି/ଆଇଏସ୍‌ଡି/ ଲୋକାଲ ବୁଥ | ନଭେମ୍ବର 2004 ଓ ମାର୍ଚ୍ଚ 2008 | 4,512 | 600 | 0.87 | 2.63 | 3.50 |
| 3. | 6(ଖ)<br>ଯେ କୌଣସି କାମରେ ନିଯୁକ୍ତ ଯେ କୌଣସି ପ୍ରକାର ଠିକାଦାର | ଏପ୍ରିଲ 2003 ଓ ମାର୍ଚ୍ଚ 2008 | 1,434 | 1,500[71] | 0.32 | 0.41 | 0.73 |
| 4. | 16<br>କ୍ଲିୟରିଙ୍ଗ୍ ଏବଂ ଫରଓ୍ୱାଡିଙ୍ଗ ଏଜେନସି ସହିତ ପରିବହନ ଠିକାଦାର/ଏଜେନସି | ନଭେମ୍ବର 2004 ଓ ମାର୍ଚ୍ଚ 2008 | 797 | 2,500 | 0.36 | 0.28 | 0.64 |
| 5. | 17<br>ବିଜ୍ଞାପନ ଫାର୍ମ/ ଏଜେନସି ଏବଂ ଭ୍ରମଣ ଏଜେଣ୍ଟ | ନଭେମ୍ବର 2004 ଓ ମାର୍ଚ୍ଚ 2008 | 450 | 2,500 | 0.21 | 0.16 | 0.37 |
| 6. | 11 (i)<br>ନର୍ସିଂ ହୋମ/ଡାକ୍ତରୀ କ୍ଲିନିକ୍, ପାଥଲୋଜିକାଲ ଲାବୋରେଟୋରୀ, ଡାଇଗ୍ନୋଷ୍ଟିକ୍, ଏକସ୍‌ରେ ଏବଂ ସ୍କାନିଙ୍ଗ୍ ସେଣ୍ଟର | ନଭେମ୍ବର 2004 ଓ ମାର୍ଚ୍ଚ 2008 | 442 | 2,500 | 0.21 | 0.16 | 0.37 |
| 7. | 9<br>ଆଇସିସି ପରାମର୍ଶଦାତା, ଆର୍କିଟେକ୍ଟ, ଇଞ୍ଜିନିୟର, ଟିକସ ପରାମର୍ଶଦାତା, ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ଏବଂ କଷ୍ଟ ଏକାଉଣ୍ଟାଣ୍ଟକୁ ମିଶାଇ ବୈଷୟିକ ଓ ବୃତ୍ତିଗତ ପରାମର୍ଶଦାତା | ଏପ୍ରିଲ 2003 ଓ ମାର୍ଚ୍ଚ 2008 | 338 | 1,200[71] | 0.13 | 0.20 | 0.33 |
| 8. | 10<br>ଟ୍ୟୁଟୋରିଆଲ ଅନୁଷ୍ଠାନ, କମ୍ପ୍ୟୁଟର ଟ୍ରେନିଂକୁ ମିଶାଇ ପ୍ରଶିକ୍ଷଣ ଅନୁଷ୍ଠାନ | ନଭେମ୍ବର 2004 ଓ ମାର୍ଚ୍ଚ 2008 | 367 | 2,500 | 0.12 | 0.10 | 0.22 |

70 ଭୁବନେଶ୍ୱର I, ଭୁବନେଶ୍ୱର II, ଭୁବନେଶ୍ୱର III, ଭୁବନେଶ୍ୱର IV, କଟକ I (ପୂର୍ବ), କଟକ I (ପଶ୍ଚିମ), କଟକ I (କେନ୍ଦ୍ର), କଟକ I (ନଗର), କଟକ II , ରାଉରକେଲା I ଏବଂ ରାଉରକେଲା II ।

71 ବର୍ଷିକ ଆୟ, ଟର୍ଣ୍ଣଓଭର/ବ୍ୟକ୍ତିଙ୍କର ବ୍ୟବସାୟରେ ଅବସ୍ଥିତି ସମ୍ପର୍କରେ ତଥ୍ୟ ନଥିବାରୁ ହାରାହାରୀ ଟିକସ୍ ହାରର ନିକଟତମ ଟିକସ ସ୍ଲାବକୁ ଗ୍ରହଣ କରାଯାଇଛି ।

| କ୍ରମିକ ସଂଖ୍ୟା | ଅନୁସୂଚୀ ପ୍ରବେଶ ସଂଖ୍ୟା ଓ କରଦାତାଙ୍କ ବର୍ଗୀକରଣ | କର ଅବଧି (ମଧ୍ୟରେ) | ତାଲିକାଭୁକ୍ତ ହୋଇନଥିବା ବ୍ୟକ୍ତିଙ୍କ ସଂଖ୍ୟା | ବାର୍ଷିକ କର ହାର (ଟଙ୍କାରେ) | ବସାଣଯୋଗ୍ୟ କର (ଟଙ୍କା କୋଟି ଆକାରରେ) | ଜୋରିମାନା (ଟଙ୍କା କୋଟି ଆକାରରେ) | ସମୁଦାୟ (ଟଙ୍କା କୋଟି ଆକାରରେ) |
|---|---|---|---|---|---|---|---|
| 9. | 6 (i)<br>ଇଷ୍ଟେଟ ଏଜେଣ୍ଟ, ପ୍ରମୋଟର, ବ୍ରୋକର ଓ କମିଶନ ଏଜେଣ୍ଟ | ଏପ୍ରିଲ 2003 ଓ ମାର୍ଚ୍ଚ 2008 | 297 | 1,000 | 0.06 | 0.11 | 0.17 |
| 10. | 8(i)<br>ବିଉଟି ପାର୍ଲର | ଏପ୍ରିଲ 2003 ଓ ମାର୍ଚ୍ଚ 2008 | 100 | 1,000 (ବିନା ଶିତତାପ ଦର) | 0.02 | 0.10 | 0.12 |
| 11. | 3<br>ଡାକ୍ତରୀ ପରାମର୍ଶଦାତା ସମେତ ଡାକ୍ତରୀ ପେଶାଜୀବି | ଏପ୍ରିଲ 2003 ଓ ମାର୍ଚ୍ଚ 2008 | 137 | 1,200 [71] | 0.02 | 0.03 | 0.05 |
| ମୋଟ | | | **16,597** | | **3.52** | **10.48** | **14.00** |

ଏହାମଧ୍ୟ ଦେଖାଗଲା ଯେ ଟିକସ ଫାଙ୍କୁଥିବା ବ୍ୟକ୍ତିମାନଙ୍କୁ ଟିକସ ପରିସରକୁ ଆଣିବା ପାଇଁ ସର୍ବେକ୍ଷଣ ପରିଚାଳନା କରିବା ଏବଂ ବିଭିନ୍ନ ସୁତ୍ରରୁ ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏକ ପୃଥକ ସଂସ୍ଥା ସୃଷ୍ଟି କରାଯାଇ ନଥିବାରୁ ରାଜ୍ୟରେ ବୃତ୍ତିକର ଅଧିନିୟମର ପ୍ରଶାସନ କ୍ଷତିଗ୍ରସ୍ତ ହେଲା ।

ଏହି ମାମଲାଗୁଡିକ ଦର୍ଶାଯିବା ପରେ ସମସ୍ତ ନିର୍ଦ୍ଧାରଣ ଅଧିକାରୀମାନେ ଜାନୁଆରୀ ଓ ମାର୍ଚ୍ଚ 2009 ମଧ୍ୟରେ କହିଲେ ଯେ ପ୍ରତ୍ୟେକ ମାମଲାକୁ ପରୀକ୍ଷାକରି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତାଲିକାଭୁକ୍ତ ଓ ନିର୍ଦ୍ଧାରଣ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଧିକତର ବିବରଣ ହସ୍ତଗତ ହୋଇନଥିଲା (ଅକ୍ଟୋବର 2009) ।

ବିଷୟଟି ବୃତ୍ତିକର କମିଶନର/ସରକାରଙ୍କୁ ଏପ୍ରିଲ 2009 ରେ ପ୍ରତିବେଦିତ କରାଯାଇଥିଲା; ତାଙ୍କର ଉତ୍ତର ପ୍ରାପ୍ତ ହୋଇନଥିଲା (ଅକ୍ଟୋବର 2009) ।

## ରାଜ୍ୟ ଅବକାରୀ

## 5.4 ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଅନାରୋପଣ

*ବଟଲିଙ୍ଗ୍ ଲାଇସେନସ୍ ଫିସ୍‌ର ଅନାରୋପଣ ହେତୁ 57.39 ଲକ୍ଷ ଟଙ୍କାର ରାଜସ୍ୱ ଅନାଦାୟ ହୋଇଥିଲା ।*

ଅବକାରୀ ନୀତି 2007-08 ଅନୁଯାୟୀ ବ୍ରାଣ୍ଡ ଓ ଉଦ୍ଦେଶ୍ୟ ନିର୍ବିଶେଷରେ ଉତ୍ପାଦିତ ହେଉଥିବା ବିଅର ଉପରେ ପ୍ରତି ବଲକ୍ ଲିଟର (ବିଏଲ୍) ପାଇଁ ତିନି ଟଙ୍କା ହାରରେ ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଆରୋପଣ ହେବ । ଏହା ବ୍ୟତୀତ ରପ୍ତାନୀ ମାର୍କା କ୍ଷେତ୍ରରେ ପ୍ରତି ବିଏଲ ବିଅର ଉପରେ ଏକ ଟଙ୍କା ହାରରେ ବଟଲିଙ୍ଗ୍ ଫିସ୍ ମଧ୍ୟ ଆଦାୟ ଯୋଗ୍ୟ ଅଟେ ।

ଜୁଲାଇ ଓ ସେପ୍ଟେମ୍ବର 2008 ରେ ଖୋର୍ଦ୍ଧା ଓ ବଲାଙ୍ଗୀର ଅବକାରୀ ଅଧିକ୍ଷକଙ୍କ ନଥିପତ୍ର ସମ୍ୟକ ପରୀକ୍ଷାରୁ ଜଣାଗଲା ଯେ ଦୁଇଗୋଟି ମଦଭାଟି 2007-08 ବର୍ଷରେ ପ୍ରସ୍ତୁତ କରିଥିବା 64.50 ଲକ୍ଷ ବିଏଲ ବିଅର ମଧ୍ୟରୁ 19.13 ଲକ୍ଷ ବିଏଲ ରପ୍ତାନୀ ମାର୍କ ଥିଲା । ଏହା ଦେଖାଗଲା ଯେ ସମ୍ପୃକ୍ତ ମଦଭାଟି ରପ୍ତାନୀ ମାର୍କ ବିଅର

71 ବର୍ଷିକ ଆୟ, ଟର୍ଣ୍ଣଓଭର/ବ୍ୟକ୍ତିଙ୍କର ବ୍ୟବସାୟରେ ଅବସ୍ଥିତି ସମ୍ପର୍କରେ ତଥ୍ୟ ନଥିବାରୁ ହାରାହାରୀ ଟିକସ୍ ହାରର ନିକଟତମ ଟିକସ ସ୍ଲାବକୁ ଗ୍ରହଣ କରାଯାଇଛି ।

ଉପରେ ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଦେଇ ନଥିଲେ କିମ୍ବା ବିଭାଗ ସେଥିପାଇଁ ଦାବି ଉପସ୍ଥାପନ କରିନଥିଲା । ଫଳରେ 57.39 ଲକ୍ଷ ଟଙ୍କାର ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଅନାରୋପଣ ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ସରକାର ମଇ 2009 ରେ କହିଲେ ଯେ ରପ୍ତାନୀ ହୋଇଥିବା ପ୍ରତି ବିଏଲ ବିଅର ପାଇଁ ଏକ ଟଙ୍କା ହିସାବରେ ବଟଲିଙ୍ଗ୍ ଫିସ୍ ଆଦାୟ ହୋଇଥିଲା ଏବଂ ସେହି ଏକା ଉତ୍ପାଦ ଉପରେ ଦ୍ୱିତୀୟବାର ବଟଲିଙ୍ଗ୍ ଫିସ୍ ଆଦାୟ କରିବା ଆଇନସମ୍ମତ ନୁହେଁ । ମାତ୍ର ପ୍ରକୃତକଥା ହେଉଛି ଯେ ଅବକାରୀ ନୀତି ଅନୁଯାୟୀ ବଟଲିଙ୍ଗ୍ ଲାଇସେନସ୍ ଫିସ୍ ଓ ବଟଲିଙ୍ଗ୍ ଫିସ୍ ଏହିପରି ଦୁଇଟି ଅଲଗା ଫିସ୍ ସହିତ ରପ୍ତାନୀ ଫିସ୍ ଆରୋପଣ ହେବ ।

# ଅଧ୍ୟାୟ- VI : ବନ ପ୍ରାପ୍ତି

## 6.1 ସମୀକ୍ଷାର ପରିଣାମ

ବିଭିନ୍ନ ବନଖଣ୍ଡ ତଥା ପ୍ରମୁଖ ମୁଖ୍ୟ ବନସଂରକ୍ଷକ, ଓଡିଶାଙ୍କ କାର୍ଯ୍ୟାଳୟର 2008-09 ବର୍ଷରେ ନଥିପତ୍ର ନମୁନା ଯାଞ୍ଚରେ 3,314 ଗୋଟି ମାମଲାରେ 3.69 କୋଟି ଟଙ୍କାର ରାଜଭାଗ ଅନାଦାୟ, ସୁଧ ଅନାରୋପଣ/ସ୍ୱଳ୍ପାରୋପଣ, ରାଜସ୍ୱହାନି ଇତ୍ୟାଦି ଅନିୟମିତତା ପରିଲକ୍ଷିତ ହୋଇଥିଲା ଯାହାର ବର୍ଗୀକରଣ ନିମ୍ନରେ ପ୍ରଦ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ବନଜାତ ଦ୍ରବ୍ୟର ସ୍ୱଳ୍ପ ହସ୍ତାନ୍ତର/ସ୍ୱଳ୍ପତା ହେତୁ ରାଜସ୍ୱ ହାନି | 24 | 0.81 |
| 2. | ରାଜଭାଗ ଅନାଦାୟ | 1.351 | 0.48 |
| 3. | ବିଳମ୍ବରେ ପ୍ରଦ ରାଜଭାଗ ଉପରେ ସୁଧ ଅନାରୋପଣ/ ସ୍ୱଳ୍ପାରୋପଣ | 1,302 | 0.38 |
| 4. | ଅନ୍ୟାନ୍ୟ ଅନିୟମିତତା | 637 | 2.02 |
| ମୋଟ | | **3,314** | **3.69** |

2008-09 ବର୍ଷ ମଧ୍ୟରେ 1,856 ଗୋଟି ମାମଲାରେ 85.95 ଲକ୍ଷ ଟଙ୍କାର ରାଜଭାଗ ଓ ସୁଧ ଅନାରୋପଣ/ସ୍ୱଳ୍ପାରୋପଣ ଏବଂ ଅନ୍ୟାନ୍ୟ ଅନିୟମିତତା ବିଭାଗ ଗ୍ରହଣ କରିଥିଲା ଯାହା 2008-09 ବର୍ଷର ସମୀକ୍ଷାରେ ଦର୍ଶାଯାଇଥିଲା । ବିଗତ ବର୍ଷମାନଙ୍କରେ ଦର୍ଶାଯାଇଥିବା ଦୁଇଟି ମାମଲାରେ ବିଭାଗ 60,625 ଟଙ୍କା ଆଦାୟ କରିଥିଲା ।

ଦୃଷ୍ଟାନ୍ତଯୁକ୍ତ 79.80 ଲକ୍ଷ ଟଙ୍କା ସମ୍ବଳିତ ଅଳ୍ପ କେତୋଟି ସମୀକ୍ଷା ଅବଲୋକନ ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

## 6.2 ସମୀକ୍ଷା ମନ୍ତବ୍ୟ

*ବିଭିନ୍ନ ବନଖଣ୍ଡ ତଥା ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ମାନଙ୍କରେ ଅନୁରକ୍ଷଣ କରାଯାଇଥିବା ନଥିପତ୍ରର ସମ୍ୟକ ପରୀକ୍ଷାରୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶ ଗୁଡିକର ପାଳନ ହେଉନଥିବା ହେତୁ ରାଜସ୍ୱ ଅନାଦାୟ ରହିଥିବା ଦେଖାଯାଇଥିଲା ଯାହା ଉକ୍ତ ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା । ଉକ୍ତ ମାମଲା ଗୁଡିକ ଦୃଷ୍ଟାନ୍ତମୂଳକ ଯାହା ସମୀକ୍ଷାର ନମୁନା ଯାଞ୍ଚ ଉପରେ ଆଧାରିତ । ଏ ପ୍ରକାର ତ୍ରୁଟି ସମୀକ୍ଷାରେ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ଏହା କେବଳ ଲାଗିରହି ନଥିଲା ବରଂ ସମୀକ୍ଷା କରାଯିବା ପର୍ଯ୍ୟନ୍ତ ଏଗୁଡିକ ବିଭାଗ ଦ୍ୱାରା ସନ୍ଧାନ କରାଯାଇ ନଥିଲା । ସରକାରଙ୍କ ଆଦେଶ/ଅନୁଦେଶ ଗୁଡିକ କଡା କଡି ଅନୁପାଳନ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଉନ୍ନତି କରିବା ସକାଶେ ଅନୁଦେଶ ଜାରି କରିବା କଥା ସରକାର ବିଚାର କରିପାରନ୍ତି ।*

## 6.3 ସରକାରଙ୍କ ଆଦେଶ ଅନୁପାଳନ ନହେବା

*ସରକାରଙ୍କ ଫେବୃଆରୀ 1977, ଜୁଲାଇ 1989 ଏବଂ ଅଗଷ୍ଟ 2005 ର ଆଦେଶ ବିହିତ କରେକି:*

*(i) ବିଳମ୍ବରେ ପ୍ରଦତ୍ତ ରାଜଭାଗ ସକାଶେ ଓଡିଶା ବନ ଉନ୍ନୟନ ନିଗମ ଉପରେ ସୁଧ ଆରୋପଣ; ଏବଂ*

*(ii) ଜବତ ହୋଇଥିବା ଦ୍ରବ୍ୟ ଗୁଡିକର ତତ୍ପର ନିକାଶ ।*

*ପ୍ରଭାଗୀୟ ବନ ଅଧିକାରୀମାନଙ୍କ ଦ୍ୱାରା ଉପରୋକ୍ତ ଆଦେଶ ଗୁଡିକରୁ କେତେକ ଅନୁପାଳନ ନହେବା ଫଳରେ 79.80 ଲକ୍ଷ ଟଙ୍କାର ରାଜସ୍ୱ ଅନାଦାୟ ରହିଥିଲା ଯାହା ଅନୁଚ୍ଛେଦ 6.3.1 ଏବଂ 6.3.2 ରେ ଦର୍ଶାଗଲା ।*

### 6.3.1 ଗଡ଼ିକାଠ ଓ ଖୁଣ୍ଟଗୁଡିକର ଅଣନିକାଶ

ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଜୁଲାଇ 1989 ଏବଂ ଅଗଷ୍ଟ 2005 ନିର୍ଦ୍ଦେଶାନୁସାରେ ଅନୁସନ୍ଧାନହୀନ ବନ ଅପରାଧ ମାମଲାରେ ଜବତ ଗଡିକାଠ ଓ ଖୁଣ୍ଟଗୁଡିକ ଜବତ ହୋଇଥିବା ଦିନଠାରୁ ଦୁଇମାସ ମଧ୍ୟରେ ଓଡିଶା ବନ ଉନ୍ନୟନ ନିଗମ ଲିଃ କୁ ତତ୍ପର ନିକାଶ ଅଥବା ସର୍ବସାଧାରଣରେ ନିଲାମ ହେବା କଥା ଯଦ୍ୱାରା ଅଯଥାରେ ଦୀର୍ଘଦିନ ଧରି ପଡିରହିବା ଦ୍ୱାରା ସେଗୁଡିକର ଗୁଣାତ୍ମକ ମୂଲ୍ୟହ୍ରାସ ଜନିତ ରାଜସ୍ୱ ହାନିକୁ ରୋକାଯାଇପାରିବ ।

ଏପ୍ରିଲ ଓ ନଭେମ୍ବର 2008 ମଧ୍ୟରେ 35 ଗୋଟି ବନଖଣ୍ଡର[72] ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ 2006-07 ଏବଂ 2007-08 ମଧ୍ୟରେ ପଞ୍ଜୀକୃତ ହୋଇଥିବା 1,266 ଟି ଅନୁସନ୍ଧାନହୀନ ବନ ଅପରାଧ ମାମଲାରେ ଜବତ ହୋଇଥିବା 41.66 ଲକ୍ଷ ଟଙ୍କା ମୂଲ୍ୟର 19,026.75 ଘନଫୁଟ ଗଡିକାଠ ଏବଂ 214 ଗୋଟି ଖୁଣ୍ଟ ନିକାଶ ନହୋଇ ପଡିରହିଥିଲା । ବନ ଉନ୍ନୟନ ନିଗମକୁ ହସ୍ତାନ୍ତର କିମ୍ବା ସର୍ବସାଧାରଣ ନିଲାମ ମାଧ୍ୟମରେ ଗଡିକାଠ ଓ ଖୁଣ୍ଟଗୁଡିକୁ ନିକାଶ କରିବାରେ ବିଭାଗର ନିଷ୍କ୍ରିୟତା ହେତୁ 41.66 ଲକ୍ଷ ଟଙ୍କାର ରାଜସ୍ୱ ଅନାଦାୟ ହୋଇରହିଲା ।

72 ଅନୁଗୁଳ, ଆଠଗଡ, ଆଠମଲ୍ଲିକ, ବାଲେଶ୍ୱର (ବ.ପ୍ରା.), ବାଲିଗୁଡା, ବାମରା (ବ.ପ୍ରା.), ବରଗଡ, ବାରିପଦା, ବ୍ରହ୍ମପୁର, ଭଦ୍ରଖ (ବ.ପ୍ରା.), ବଲାଙ୍ଗିର (ପୂ.), ବଲାଙ୍ଗିର (ପ.), ବଣାଇ, ବୌଦ୍ଧ, କଟକ, ଦେବଗଡ, ଢେଙ୍କାନାଳ, ଘୁମସୁର (ଉ.), ଘୁମସୁର (ଦ.), ଜୟପୁର, କଳାହାଣ୍ଡି (ଦ.), କରଞ୍ଜିଆ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ, ଫୁଲବାଣୀ, ରେଢାଖୋଲ, ରାୟଗଡା, ରାଉରକେଲା, ସମ୍ବଲପୁର(ଉ.), ସମ୍ବଲପୁର (ଦ.) ଏବଂ ସୁନ୍ଦରଗଡ ।

ଏହି ମାମଲା ଗୁଡ଼ିକ ଦର୍ଶାଯାନ୍ତେ ସରକାର ମଇ 2009 ରେ କହିଲେ ଯେ 431 ଗୋଟି ମାମଲାରେ 11.51 ଲକ୍ଷ ଟଙ୍କା ମୂଲ୍ୟର 6,533.36 ଘନଫୁଟ ଗଡ଼ିକାଠ ଓ 85 ଗୋଟି ଖୁଣ୍ଟ ନିକାଶ ହୋଇଅଛି ଏବଂ ଅବଶିଷ୍ଟ ଜବତ ଗଡ଼ିକାଠ ଓ ଖୁଣ୍ଟଗୁଡ଼ିକୁ ସରକାରଙ୍କ ଆଦେଶ ମୁତାବକ ନିକାଶ ସକାଶେ ପ୍ରଭାଗୀୟ ବନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ଅଗ୍ରଗତି ସମ୍ପର୍କରେ ବିବରଣୀ ହସ୍ତଗତ ହୋଇନାହିଁ (ଅକ୍ଟୋବର 2009) ।

## 6.3.2 ବିଳମ୍ବରେ ପ୍ରଦତ୍ତ ରାଜଭାଗ ଉପରେ ସୁଧ ଅନାରୋପଣ

ଓଡ଼ିଶା ବନ ଠିକା ନିୟମାବଳୀ, 1966 ଅନୁଯାୟୀ କୌଣସି ଠିକାଦାର ବନଜାତ ଦ୍ରବ୍ୟର ବିକ୍ରି ଉପରେ ପ୍ରଦତ୍ତ ରାଜଭାଗ କିସ୍ତି ଧାର୍ଯ୍ୟ ତାରିଖ ସୁଦ୍ଧା ପୈଠ ନକଲେ ତାଙ୍କୁ ଖିଲାପ କିସ୍ତି ଉପରେ ବାର୍ଷିକ 6.25 ପ୍ରତିଶତ ହାରରେ ସୁଧ ଦେବାକୁ ପଡେ । ଓଡିଶା ସରକାରଙ୍କର ଫେବୃଆରୀ 1977 ର ଆଦେଶରେ ଥିବା ବ୍ୟବସ୍ଥାନୁସାରେ ଓଡିଶା ବନ ଉନ୍ନୟନ ନିଗମ ମଧ୍ୟ ରାଜଭାଗ ପ୍ରଦାନରେ ଖିଲାପ କିସ୍ତି ପାଇଁ ସୁଧ ଦେବାକୁ ଦାୟୀ ଅଟେ ।

ଏପ୍ରିଲ ଓ ଡିସେମ୍ବର 2008 ମଧ୍ୟରେ 32 ଗୋଟି ବନଖଣ୍ଡର[73] ନଥିପତ୍ରର ନମୁନା ଯାଞ୍ଚରେ ଜଣାଗଲା ଯେ ଓଡିଶା ବନ ଉନ୍ନୟନ ନିଗମ 1997-98 ରୁ 2006-07 ବର୍ଷପାଇଁ 5.83 କୋଟି ଟଙ୍କାର ରାଜଭାଗ ଡିସେମ୍ବର 2006 ଓ ମାର୍ଚ୍ଚ 2008 ମଧ୍ୟରେ ଆଠ ଦିନରୁ 118 ମାସ ପର୍ଯ୍ୟନ୍ତ ବିଳମ୍ବରେ ପୈଠ କରିଥିଲେ । ଏହି ବିଳମ୍ବିତ ପ୍ରଦାନ ନିମନ୍ତେ 38.14 ଲକ୍ଷ ଟଙ୍କାର ସୁଧ ଲାଗୁ ହେବାକୁ ଥିଲେ ମଧ୍ୟ ପ୍ରଭାଗୀୟ ବନ ଅଧିକାରୀମାନେ ଓଡିଶା ବନ ଉନ୍ନୟନ ନିଗମ ଉପରେ ସୁଧ ଲାଗୁ କରିନଥିଲେ । ଏହାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା ଲକ୍ଷ ଆକାରରେ)

| ବିଳମ୍ବ ଅବଧି | ଥୋକ ସଂଖ୍ୟା | ପ୍ରଦତ୍ତ ରାଜଭାଗ ପରିମାଣ | ଦେୟ ସୁଧର ପରିମାଣ |
|---|---|---|---|
| 12 ମାସ ମଧ୍ୟରେ | 877 | 407.93 | 11.90 |
| 13 ରୁ 24 ମାସ | 259 | 114.29 | 11.11 |
| 25 ରୁ 118 ମାସ | 166 | 60.82 | 15.13 |
| ମୋଟ | 1,302 | 583.04 | 28.14 |

ଏହି ମାମଲା ଗୁଡ଼ିକ ଦର୍ଶାଯିବା ପରେ ସରକାର ମଇ 2009 ରେ କହିଲେ ଯେ ଓଡିଶା ବନ ଉନ୍ନୟବ ନିଗମ ଉପରେ ପ୍ରଭାଗୀୟ ବନ ଅଧିକାରୀମାନେ 27.75 ଲକ୍ଷ ଟଙ୍କାର ଦାବି ଉତ୍ଥାପନ କରିଛନ୍ତି । ଏହା ମଧ୍ୟ କହିଲେ ଯେ ଫେବୃଆରୀ 2007 ରେ ବନ ଉନ୍ନୟନ ନିଗମ ସରକାରଙ୍କୁ ସୁଧ ଦେୟ ଛାଡ କରିବା ପାଇଁ ଅନୁରୋଧ କରିଥିଲେ । ଅଧିକତର ଅଗ୍ରଗତି ସମ୍ପର୍କରେ ବିବରଣୀ ହସ୍ତଗତ ହୋଇନାହିଁ (ଅକ୍ଟୋବର 2009) ।

73 ଅନୁଗୁଳ, ଆଠଗଡ, ଆଠମଲ୍ଲିକ, ବାମରା (ବ.ପ୍ରା.), ବରଗଡ, ବାରିପଦା, ବଲାଙ୍ଗିର (ପୂ.), ବଲାଙ୍ଗିର (ପ.), ବଣାଇ, ବୌଦ୍ଧ, କଟକ, ଦେବଗଡ, ଢେଙ୍କାନାଳ, ଘୁମସୁର (ଉ.), ହୀରାକୁଦ (ବ.ପ୍ରା.), ଜୟପୁର, କଳାହାଣ୍ଡି (ଉ.), କଳାହାଣ୍ଡି (ଦ.), ଖଡିଆଳ, ଖୋର୍ଦ୍ଧା, କେନ୍ଦୁଝର, କେନ୍ଦୁଝର (ବ.ପ୍ରା.), କୋରାପୁଟ, ମାଲକାନଗିରି, ନୟାଗଡ, ନବରଙ୍ଗପୁର, ଫୁଲବାଣୀ, ପୁରୀ (ବ.ପ୍ରା.) ରେଢାଖୋଲ, ରାୟଗଡା, ରାଉରକେଲା ଏବଂ ସୁନ୍ଦରଗଡ ।

# ଅଧ୍ୟାୟ - VII : ଖଣିଜ ପ୍ରାପ୍ତି

## 7.1 ସମୀକ୍ଷାର ପରିଣାମ

2008-09 ବର୍ଷରେ ଖଣି ଉପନିର୍ଦ୍ଦେଶକ ଓ ଖଣି ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ ହେଉଥିବା ନଥିପତ୍ର ଗୁଡିକର ନମୁନା ଯାକ୍ରମେ 188 ଗୋଟି ମାମଲାରେ 202.52 କୋଟି ଟଙ୍କାର ରାଜଭାଗ/ଅଚଳକର/ପୃଷ୍ଠକର ଇତ୍ୟାଦିର ଅନାରୋପଣ/ସ୍ୱଳ୍ପାରୋପଣ, ସୁଧ ଅନାଦାୟ/ସ୍ୱଳ୍ପାଦାୟ/ଅନାରୋପଣ ଓ ଅନ୍ୟାନ୍ୟ ଅନିୟମିତତାମାନ ପରିଲକ୍ଷିତ ହୋଇଥିଲା, ଯାହାର ବର୍ଗୀକରଣ ନିମ୍ନରେ ପଦ ହେଲା ।

**(ଟଙ୍କା କୋଟି ଆକାରରେ)**

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ରାଜଭାଗ/ଅଚଳକର/ପୃଷ୍ଠକରର ଅନାରୋପଣ/ସ୍ୱଳ୍ପାରୋପଣ | 45 | 13.68 |
| 2. | ସୁଧ ଅନାଦାୟ/ସ୍ୱଳ୍ପାଦାୟ ଓ ଅନାରୋପଣ | 14 | 0.21 |
| 3. | ଅନ୍ୟାନ୍ୟ ଅନିୟମିତତା | 129 | 188.63 |
| **ମୋଟ** | | **188** | **202.52** |

2008-09 ବର୍ଷରେ ସଂପୃକ୍ତ ବିଭାଗ ସେହି ବର୍ଷରେ ଦର୍ଶାଯାଇଥିବା 69 ଗୋଟି ମାମଲାରେ 6.94 କୋଟି ଟଙ୍କାର ରାଜଭାଗ/ଅଚଳକର/ପୃଷ୍ଠକର ଇତ୍ୟାଦିର ଅନାରୋପଣ/ସ୍ୱଳ୍ପାରୋପଣ, ସୁଧ ଅନାଦାୟ/ସ୍ୱଳ୍ପାଦାୟ/ଅନାରୋପଣ ଓ ଅନ୍ୟାନ୍ୟ ଅନିୟମିତତା ଗ୍ରହଣ କରିଥିଲେ । ବିଭାଗ 12 ଗୋଟି ମାମଲାରେ 9.21 ଲକ୍ଷ ଟଙ୍କା ମଧ୍ୟ ଆଦାୟ କରିଥିଲେ ଯାହା 2007-08 ବର୍ଷରେ ଦର୍ଶାଯାଇଥିଲା ।

ଦୃଷ୍ଟାନ୍ତମୂଳକ 6.39 କୋଟି ଟଙ୍କା ସମ୍ବଳିତ ଅଳ୍ପ କେତୋଟି ସମୀକ୍ଷା ଅବଲୋକନ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଗଲା ।

## 7.2 ସମୀକ୍ଷା ମନ୍ତବ୍ୟ

*ଖଣି ଉପ ନିର୍ଦ୍ଦେଶକ ଓ ଖଣି ଅଧିକାରୀ ମାନଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ କରାଯାଉଥିବା ନଥିପତ୍ରର ସମ୍ୟକ ପରୀକ୍ଷାରେ ରାଜଭାଗର ସ୍ୱଳ୍ପାରୋପଣ ଓ ସୁଧର ଅନାରୋପଣ ପରିଲକ୍ଷିତ ହୋଇଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଦର୍ଶାଯାଇଅଛି । ଉକ୍ତ ମାମଲା ଗୁଡ଼ିକ ଦୃଷ୍ଟାନ୍ତମୂଳକ ଯାହା ସମୀକ୍ଷାର ନମୁନା ଯାଞ୍ଚ ଉପରେ ଆଧାରିତ । ଏ ପ୍ରକାର ତ୍ରୁଟି ସମୀକ୍ଷାରେ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ଏହା କେବଳ ଲାଗିରହି ନଥିଲା ବରଂ ସମୀକ୍ଷା କରାଯିବା ପର୍ଯ୍ୟନ୍ତ ଏଗୁଡ଼ିକ ବିଭାଗ ଦ୍ୱାରା ସନ୍ଧାନ କରାଯାଇ ନଥିଲା । ଏ ପ୍ରକାର ତ୍ରୁଟିର ପୁନରାବୃତ୍ତିକୁ ରୋକିବା ନିମନ୍ତେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ପ୍ରଭାବଶାଳୀ କରିବା ସକାଶେ ଅନୁଦେଶ ଜାରି କରିବା କଥା ସରକାର ବିଚାର କରିପାରନ୍ତି ।*

## 7.3 ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁପାଳନ ନହେବା

*ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ ଏବଂ ଖଣିଜ ରିଆତି ନିୟମାବଳୀରେ ନିମ୍ନଲିଖିତ କରବସାଣ ପାଇଁ ବ୍ୟବସ୍ଥା ଅଛି:*

*(i)* *ପଟ୍ଟାଭୁକ୍ତ ଅଞ୍ଚଳରୁ ଖଣିଜ ପଦାର୍ଥ ଅପସାରଣ ଉପରେ ରାଜଭାଗ ;*

*(ii)* *ରନ୍ ଅଫ ମାଇନ୍* [74] *ଖଣିଜ ବ୍ୟତୀତ ଅନ୍ୟ ଖଣିଜର ପ୍ରକ୍ରୀୟାକରଣ କ୍ଷେତ୍ରରେ ଅଣପ୍ରକ୍ରୀୟାକୃତ ଖଣିଜ ଉପରେ ରାଜଭାଗ ;*

*(iii)* *ଖଣିଜର ଉପଯୁକ୍ତ ଗ୍ରେଡ ଆଧାରରେ ରାଜଭାଗ ; ଏବଂ*

*(iv)* *ବିଳମ୍ବରେ ପ୍ରଦ ରାଜଭାଗ ଉପରେ ସୁଧ ।*

*ଉପରୋକ୍ତ ବ୍ୟବସ୍ଥା ମଧ୍ୟରୁ କେତେକ ପାଳନ ନହେବା ଫଳରେ ଅନୁଚ୍ଛେଦ 7.3.1 ଠାରୁ 7.3.3 ରେ ଉଲ୍ଲେଖ କରାଯାଇଥିବା ମତେ 4.97 କୋଟି ଟଙ୍କା ରାଜଭାଗର ସ୍ୱଳ୍ପାରୋପଣ ଓ ସୁଧର ଅନାରୋପଣ ହୋଇଥିଲା ।*

### 7.3.1 କୋଇଲା ଉପରେ ରାଜଭାଗ ସ୍ୱଳ୍ପାରୋପଣ

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ, 1957 ର ବ୍ୟବସ୍ଥାନୁଯାୟୀ ପଟ୍ଟାଭୁକ୍ତ ଅଞ୍ଚଳରୁ କୌଣସି ଖଣିଜ ପଦାର୍ଥ ଅପସାରଣ ହୋଇଥିଲେ କିମ୍ବା ସେହି ସ୍ଥାନରେ ବ୍ୟବହୃତ ହୋଇଥିଲେ ଖଣି ପଟ୍ଟାଧାରୀ ଉକ୍ତ ଖଣିଜ ପଦାର୍ଥ ବାବଦରେ ରାଜଭାଗ ଦେବାକୁ ଦାୟୀ । ଅଗଷ୍ଟ 2007 ରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରାଣାଳୟ ଦ୍ୱାରା ଜାରି ସଂଶୋଧିତ ରାଜଭାଗ ହାର ଅଧିସୂଚନା ଅନୁଯାୟୀ କୋଇଲା କ୍ଷେତ୍ରରେ ରାଜଭାଗ ବିନିର୍ଦ୍ଦିଷ୍ଟ ଏବଂ ମୂଲ୍ୟାନୁଯାୟୀ ରାଜଭାଗ ହାରର ସଂଯୋଗ ଅଟେ । ଏଫ୍ ଗ୍ରେଡ କୋଇଲା ଉପରେ ଏହା ଟନ୍ ପ୍ରତି 55 ଟଙ୍କା ଏବଂ ରନ୍ ଅଫ୍ ମାଇନ କୋଇଲାର ମୌଳିକ ଖଣିମୁହଁ ମୂଲ୍ୟର ପାଞ୍ଚ ଶତାଂଶର ଯୋଗଫଳ ଅଟେ ।

***7.3.1.1*** ଜାନୁଆରୀ 2009 ରେ ରାଉରକେଲା ଖଣି ଉପନିର୍ଦ୍ଦେଶକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲାଯେ 2007-08 ବର୍ଷରେ ଜଣେ ଖଣି ପଟ୍ଟାଧାରୀ ତାଙ୍କ ଅଧିନରେ ଥିବା ଏକ ଖଣିର ପଟ୍ଟାଦାରୀ

74 ଗୁଣ୍ଡ କରିବା ସଂଯନ୍ତ୍ରକୁ ଅଣାଯାଇଥିବା ବିସ୍ଫୋରିତ ଲୁହାପଥର ଖଣ୍ଡମାନ ଯେଉଁଥିରେ କି ଅନ୍ୟାନ୍ୟ ପଥର ମିଶି ରହିଥାଏ ।

କ୍ଷେତ୍ରରୁ 31.39 ଲକ୍ଷ ମେଟ୍ରିକ୍ ଟନ୍‌ର ଏଫ୍ ଗ୍ରେଡ କୋଇଲା ପ୍ରେରଣ କରିଥିଲେ । ମାତ୍ର ଖଣି ଉପ ନିର୍ଦ୍ଦେଶକ 30.12 ଲକ୍ଷ ମେଟ୍ରିକ୍ ଟନ୍ ଉପରେ ରାଜଭାଗ ଆରୋପଣ କଲେ । ଫଳରେ 1.94 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହେଇଥିଲା ।

ମାମଲାଟି ଦର୍ଶାଯାନ୍ତେ, ଖଣି ଉପନିର୍ଦ୍ଦେଶକ ଜାନୁଆରୀ 2009 ରେ କହିଲେ ଯେ ରେଳବାଇ ସାଇଡିଙ୍ଗରୁ ପ୍ରେରଣ ହେଲା ପରେ ରେକ୍‌ଓ୍ୱାରି ଉପଲବ୍ଧ ମୂଲ୍ୟ ଉପରେ ତ୍ରୈମାସିକ ନିର୍ଦ୍ଧାରଣ ହୋଇଥାଏ । କାରଣ ଏହା ଏକ ସୁବିଧାଜନକ ବ୍ୟବସ୍ଥା ଏବଂ ଏହି କାରଣରୁ ଭିନ୍ନତା ରହୁଅଛି । ମାତ୍ର ପ୍ରକୃତ କଥା ହେଉଛି ଯେ ପଟ୍ଟାଦାରୀ କ୍ଷେତ୍ରରୁ ପ୍ରେରଣ ହେଉଥିବା କୋଇଲାର ପରିମାଣ ଉପରେ ହିଁ ରାଜଭାଗ ନିର୍ଦ୍ଧାରଣ ହେବାର ଥିଲା ।

***7.3.1.2*** ଜାନୁଆରୀ 2009 ରେ ଖଣି ଉପନିର୍ଦ୍ଦେଶକ, ସମ୍ବଲପୁରଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ ଅଗଷ୍ଟ 2007 ରୁ ମାର୍ଚ୍ଚ 2008 ମଧ୍ୟରେ ଜଣେ ପଟ୍ଟାଧାରୀ 11.18 ଲକ୍ଷ ମେଟ୍ରିକ ଟନ୍ ଏଫ୍ ଗ୍ରେଡ କୋଇଲା ଖଣି ସ୍ଥଳରେ ବ୍ୟବହାର କରିଥିଲେ । ଏହି ପରିମାଣ କୋଇଲା ଉପରେ ରାଜଭାଗ ପ୍ରତି ମେଟ୍ରିକ୍ ଟନ୍‌କୁ 79 ଟଙ୍କା ହାରରେ 8.83 କୋଟି ଟଙ୍କା ନିର୍ଦ୍ଧାରଣ କରାଯାଇଥିଲା । ମାତ୍ର ଏହା ଦେଖାଗଲା ଯେ ଜୁଲାଇ 2008 ରେ ଖଣି ଉପନିର୍ଦ୍ଦେଶକ ଖଣି ନିର୍ଦ୍ଦେଶକଙ୍କୁ ଜଣାଇ ଥିବା 2007-08 ବର୍ଷ ପାଇଁ ପ୍ରଯୁଜ୍ୟ ମୌଳିକ ଖଣିମୁହଁ ମୂଲ୍ୟ ପ୍ରତି ମେଟ୍ରିକ୍ ଟନ୍ 605 ଟଙ୍କା ହାରରେ ଧରାଯାଇ ରାଜଭାଗ ପ୍ରତି ମେଟ୍ରିକ୍ ଟନ୍‌କୁ 85.25 ଟଙ୍କା ହିସାବରେ 9.53 କୋଟି ଟଙ୍କା ନିର୍ଦ୍ଧାରଣ ହେବାର ଥିଲା । ସୁତରାଂ କମ ମୂଲ୍ୟ ଅଧାରରେ ରାଜଭାଗ ହିସାବ କରାଯିବାରୁ 69.85 ଲକ୍ଷ ଟଙ୍କାର ରାଜଭାଗ ସ୍ୱଳ୍ପାଦାୟ ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ଖଣି ଉପନିର୍ଦ୍ଦେଶକ କହିଲେ ଯେ ଏଫ୍ ଗ୍ରେଡ ରନ୍ ଅଫ ମାଇନ୍‌ର ମୌଳିକ ଖଣିମୁହଁ ମୂଲ୍ୟ କୋଲ୍ ଇଣ୍ଡିଆ ଲିଃଙ୍କ ଦ୍ୱାରା ପ୍ରତି ମେଟ୍ରିକ୍ ଟନ୍ 440 ଟଙ୍କା ଧାର୍ଯ୍ୟ ହୋଇଥିଲା ଏବଂ 605 ଟଙ୍କା ପ୍ରତି ମେଟ୍ରିକ୍ ଟନ୍ ଦର ଏଫ୍ ଗ୍ରେଡ ଷ୍ଟିମ କୋଇଲା ପାଇଁ ଉଦ୍ଦିଷ୍ଟ ଥିଲା । ଏହା ପଟ୍ଟାଧାରୀ ପଠାଇଥିବା ଏଫ୍ ଗ୍ରେଡ ରନ୍ ଅଫ ମାଇନ୍ କୋଇଲା ପାଇଁ ପଯୁଜ୍ୟ ନଥିଲା । ଯାହାହେଉ, ପ୍ରକୃତ କଥା ଏହା ଯେ ଖଣି ନିର୍ଦ୍ଦେଶକଙ୍କୁ ଦିଆଯାଇଥିବା ସୂଚନା ଅନୁଯାୟୀ ସଂପୃକ୍ତ ଖଣିର 2007-08 ବର୍ଷ ପାଇଁ ସମସ୍ତ ଏଫ୍ ଗ୍ରେଡ କୋଇଲାର ବିକ୍ରି ମୂଲ୍ୟ 605 ଟଙ୍କା ଥିଲା ।

ବିଷୟଟି ଫେବୃଆରୀ 2009 ରେ ସରକାରଙ୍କୁ ପ୍ରତିବେଦିତ ହୋଇଥିଲା; ତାଙ୍କଠାରୁ ଉତ୍ତର ମିଳିନାହିଁ (ଅକ୍ଟୋବର 2009) ।

## 7.3.2 ଲୁହାପଥର ଉପରେ ରାଜଭାଗ ସ୍ୱଳ୍ପାରୋପଣ

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମର ବ୍ୟବସ୍ଥାନୁଯାୟୀ ଜଣେ ଖଣି ପଟ୍ଟାଧାରୀଙ୍କୁ ପଟ୍ଟାଦାରୀ କ୍ଷେତ୍ରରୁ ଖଣିଜ ପଦାର୍ଥ ଅପସାରଣ କିମ୍ବା ପଟ୍ଟାଦାରୀ କ୍ଷେତ୍ରରେ ବ୍ୟବହାର କଲେ ସେଥିପାଇଁ ତାଙ୍କୁ ନିର୍ଦ୍ଧାରିତ ହାରରେ ରାଜଭାଗ ଦେବାକୁ ପଡିବ । ଆହୁରି ମଧ୍ୟ, ଖଣିଜ ରିଆତି ନିୟମାବଳୀ ଅନୁଯାୟୀ ଯଦି ପଟ୍ଟାଦାରୀ କ୍ଷେତ୍ରରେ ରନ୍ ଅଫ ମାଇନ୍ ଖଣିଜର ପ୍ରକ୍ରୀୟାକରଣ କରାଯାଏ ତେବେ ପଟ୍ଟାଦାରୀ କ୍ଷେତ୍ରରୁ ଅପସାରିତ ପ୍ରକ୍ରୀୟାକୃତ ଖଣିଜ ଉପରେ ରାଜଭାଗ ପ୍ରଦେୟ । ମାତ୍ର ରନ୍ ଅଫ ମାଇନ୍ ଖଣିଜ ବ୍ୟତୀତ ଅନ୍ୟ ଖଣିଜ ପ୍ରକ୍ରୀୟାକରଣ କ୍ଷେତ୍ରରେ ରାଜଭାଗ ଅଣପ୍ରକ୍ରୀୟାକୃତ ଖଣିଜ ଅର୍ଥାତ୍ ଖଣିରୁ ଉତ୍ତୋଳିତ ଖଣିଜ ଉପରେ ପ୍ରଦେୟ ଅଟେ । ଅଗଷ୍ଟ 1974 ରେ ଓଡିଶା ସରକାରଙ୍କ ଖଣି ଓ ଭୂତତ୍ତ୍ୱ ବିଭାଗ ଦ୍ୱାରା ଜାରି ଅଧିସୂଚନା ଅନୁଯାୟୀ ଖଣି ଅଧିକାରୀ ପ୍ରତି ତିନି ମାସରେ ପଟ୍ଟାଧାରୀଙ୍କ ମାସିକ ରିଟର୍ଣ୍ଣ ତାଙ୍କଦ୍ୱାରା ଅନୁରକ୍ଷଣ ହେଉଥିବା ହିସାବ ଓ ଅନ୍ୟ ନଥିପତ୍ର ସହିତ ସତ୍ୟାପନ କରିବେ ।

**7.3.2.1** ଜାନୁଆରୀ 2009 ରେ ଖଣି ଉପନିର୍ଦ୍ଦେଶକ, କୋଇଡାଙ୍କ ଖଣି ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ 2006-07 ଓ 2007-08 ବର୍ଷରେ ଜଣେ ପଟ୍ଟାଧାରୀ 37.63 ଲକ୍ଷ ମେଟ୍ରିକ୍ ଟନ୍ ଅଣପ୍ରକ୍ରୀୟାକୃତ ଖଣିଜକୁ ତାଙ୍କର ପ୍ରକ୍ରୀୟାକରଣ ପ୍ଲାଣ୍ଟରେ ପ୍ରକ୍ରୀୟାକରଣ ନିମନ୍ତେ ଯୋଗାଇ ଥିବାର ଘୋଷଣା କରି ଏହାକୁ ରନ୍ ଅଫ ମାଇନ୍ ଖଣିଜ ହିସାବରେ ଶ୍ରେଣୀ ବିଭାଗ କରି ରାଜଭାଗ ବାବଦକୁ 5.70 କୋଟି ଟଙ୍କା ପ୍ରଦାନ କରିଥିଲେ । ନିର୍ଦ୍ଧାରଣ ଅଧିକାରୀ ପଟ୍ଟାଧାରୀ ଦେଇଥିବା ରିଟର୍ଣ୍ଣକୁ ଗ୍ରହଣ କରି ତଦନୁସାରେ ରାଜଭାଗ ଧାର୍ଯ୍ୟ କରିଥିଲେ । ସମୀକ୍ଷା ଯାଞ୍ଚରୁ ଜଣାଗଲା ଯେ ପ୍ରକ୍ରୀୟାକୃତ ଉତ୍ପାଦର ପରିମାଣ ପ୍ରକ୍ରୀୟାକରଣ ନିମନ୍ତେ ଯୋଗାଇ ଦିଆଯାଇଥିବା ପରିମାଣ ଅର୍ଥାତ 37.63 ଲକ୍ଷ ମେଟ୍ରିକ୍ ଟନ୍ ସହ ସମାନ ଥିଲା । ଏଥିରୁ ଅନୁମେୟ ଯେ ପ୍ରକ୍ରୀୟାକରଣ ନିମନ୍ତେ ଯୋଗାଇ ଦିଆଯାଇଥିବା ଖଣିଜ ରନ୍ ଅଫ ମାଇନ୍ ଖଣିଜ ନଥିଲା । ସୁତରାଂ ଏହା ଉପରେ ଅଣପ୍ରକ୍ରୀୟାକୃତ ଖଣିଜ ହିସାବରେ 7.55 କୋଟି ଟଙ୍କାର ରାଜଭାଗ ଆରୋପଣ କରିବା ଉଚିତ ଥିଲା । ଏହା ଫଳରେ 1.85 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ଖଣି ଉପନିର୍ଦ୍ଦେଶକ ଜାନୁଆରୀ 2009 ରେ କହିଲେ ଯେ ପଟ୍ଟାଦାରୀଙ୍କ ଖଣି ଯୋଜନା ଭାରତୀୟ ଖଣି ସଂସ୍ଥା (ଆଇବିଏମ୍) ଙ୍କ ଦ୍ୱାରା ରନ୍ ଅଫ ମାଇନ୍ ଖଣିଜ ଉତ୍ପାଦନ ପାଇଁ ମଞ୍ଜୁର ହୋଇଥିଲା ଏବଂ ସେଥିପାଇଁ ପ୍ରକ୍ରୀୟାକୃତ ଖଣିଜ ଉପରେ ରାଜଭାଗ ଦେୟ ଲଗାଯାଇଥିଲା । ମାତ୍ର ପ୍ରକୃତ କଥା ହେଉଛି ଯେ ଯୋଗାଯାଇଥିବା ଖଣିଜ ରନ୍ ଅଫ ମାଇନ୍ ଖଣିଜ ନୁହେଁ କାରଣ ପ୍ରକ୍ରୀୟାକରଣ ପରେ ମିଳିଥିବା ପ୍ରକ୍ରୀୟାକୃତ ଉତ୍ପାଦରେ କୌଣସି ବହିରାଗତ ପଦାର୍ଥ ନଥାଇ ଏହା ମାନଯୁକ୍ତ, ଆକାରଯୁକ୍ତ ଖଣିଜ ଓ ଗୁଣ୍ଡ ଖଣିଜ ଥିଲା ଯାହାକି ପ୍ରକ୍ରୀୟାକରଣ ନିମନ୍ତେ ଯୋଗାଇ ଦିଆଯାଇଥିବା ପରିମାଣ ସହିତ ସମାନ ଥିଲା ।

**7.3.2.2** ଡିସେମ୍ବର 2008 ରେ କେନ୍ଦୁଝରର ଖଣି ଅଧିକାରୀଙ୍କ ନଥିପତ୍ର ନମୁନା ଯାଞ୍ଚରୁ ଜଣାଗଲା ଯେ ଜଣେ ପଟ୍ଟାଧାରୀ ତାଙ୍କ ରିଟର୍ଣ୍ଣରେ ଅଣପ୍ରକ୍ରୀୟାକୃତ ଖଣିଜ କ୍ରସର ପ୍ଲାଣ୍ଟକୁ ଯୋଗାଇଥିବା ଦର୍ଶାଇଥିଲେ ଏବଂ ସେହି ଆଧାରରେ ତାଙ୍କର 2007-08 ବର୍ଷର ରାଜଭାଗ ନିର୍ଦ୍ଧାରଣ ସମ୍ପନ୍ନ ହୋଇଥିଲା । ରିଟର୍ଣ୍ଣଗୁଡିକ ସମ୍ୟକ ପରୀକ୍ଷାରୁ ଜଣାଗଲା ଯେ ପଟ୍ଟାଧାରୀ ଉଚ୍ଚମାନର 2.36 ଲକ୍ଷ ମେଟ୍ରିକ୍ ଟନ୍ ଓ ନିମ୍ନମାନର 3.52 ଲକ୍ଷ ମେଟ୍ରିକ୍ ଟନ୍ ଖଣିଜ ଯୋଗଇଥିବାର ବ୍ୟକ୍ତ କରିଥିଲେ ଓ ତଦନୁଯାୟୀ ରାଜଭାଗ ପ୍ରଦାନ କରିଥିଲେ । ମାତ୍ର ପ୍ରକ୍ରୀୟାକରଣ ପରେ ଉଚ୍ଚମାନର ଉତ୍ପାଦ 3.76 ଲକ୍ଷ ମେଟ୍ରିକ୍ ଟନ୍ ଦର୍ଶାଯାଇଥିଲା । ଏଥିରୁ ପ୍ରତୀୟମାନ ହେଉଛି ଯେ ଦର୍ଶାଯାଇଥିବା ଉଚ୍ଚମାନ ଖଣିଜ ଯୋଗାଣର ପରିମାଣ ଯାହା ଉପରେ କି ରାଜଭାଗ ନିର୍ଦ୍ଧାରଣ ହୋଇଥିଲା ତାହା ଠିକ୍ ନଥିଲା ଏବଂ ପଟ୍ଟାଧାରୀ 1.40 ଲକ୍ଷ ମେଟ୍ରିକ୍ ଟନ୍ ଉଚ୍ଚମାନ ଖଣିଜ ଉପରେ 15.47 ଲକ୍ଷ ଟଙ୍କାର ଭେଦାତ୍ମକ ରାଜଭାଗ ଦେବାକୁ ଦାୟୀ ଅଟନ୍ତି ।

ମାମଲାଟି ଦର୍ଶାଯିବା ପରେ ଖଣି ଅଧିକାରୀ ଡିସେମ୍ବର 2008 ରେ କହିଲେ ଯେ ସଂପୃକ୍ତ ପଟ୍ଟାଧାରୀଙ୍କ ନଥିପତ୍ର ସତ୍ୟାପନ ପରେ ତାଙ୍କୁ ଭେଦାତ୍ମକ ରାଜଭାଗ ଦେବାକୁ କୁହାଯିବ । ଅଧିକତର ବିବରଣୀ ମିଳି ନଥିଲା (ଅକ୍ଟୋବର 2009) ।

**7.3.2.3** କୋଇଡା ଖଣି ମଣ୍ଡଳରେ ଏହା ମଧ୍ୟ ଦେଖାଗଲା ଯେ ଜଣେ ପଟ୍ଟାଧାରୀଙ୍କର ପଟ୍ଟାଦାରୀ ଅଞ୍ଚଳରୁ ଅପସାରିତ ହୋଇଥିବା ପ୍ରକ୍ରୀୟାକୃତ ଖଣିଜର ପରିମାଣ ଉପରେ ମାର୍ଚ୍ଚ 2005 ପର୍ଯ୍ୟନ୍ତ ରାଜଭାଗ ନିର୍ଦ୍ଧାରଣ କରାଯାଇଥିଲା । ଏକ ଏପ୍ରିଲ 2005 ରୁ ନିର୍ଦ୍ଧାରଣ ପଦ୍ଧତି ପରିବର୍ତ୍ତନ ହେଲା ଏବଂ ସେହି ତାରିଖରୁ ପ୍ରକ୍ରୀୟାକରଣ ପ୍ଲାଣ୍ଟକୁ ଯୋଗାଯାଉଥିବା ଖଣିଜ ପଦାର୍ଥର ପରିମାଣ ଉପରେ ରାଜଭାଗ ନିର୍ଦ୍ଧାରଣ ଆବଶ୍ୟକ ହେଲା । ମାତ୍ର ଦେଖାଗଲା ଯେ ଖଣି ଉପ ନିର୍ଦ୍ଦେଶକ ମାର୍ଚ୍ଚ 2005 ଶେଷସୁଦ୍ଧା ନିର୍ଦ୍ଧାରଣ ନହୋଇ ରହିଥିବା

ବଳକା 86,356 ମେଟ୍ରିକ୍ ଟନ୍ ପ୍ରକ୍ରୀୟାକୃତ ଖଣିଜ ଉପରେ ରାଜଭାଗ ଆରୋପଣ କରିନଥିଲେ ।ଏହା ଫଳରେ 11.53 ଲକ୍ଷ ଟଙ୍କାର ରାଜଭାଗ ଅନାରୋପଣ ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ଖଣି ଉପନିର୍ଦ୍ଦେଶକ ଜାନୁଆରୀ 2009 ରେ କହିଲେ ଯେ ସଂପୃକ୍ତ ପଟ୍ଟାଧାରୀ ପ୍ରଚଳିତ ନିର୍ଦ୍ଧାରଣ ପଦ୍ଧତିକୁ ଆପତ୍ତି କରି ଖଣି ରିଆତି ନିୟମାବଳୀର 64-ଖ ନିୟମ ଅନୁସାରେ ନିର୍ଦ୍ଧାରଣ ବିଚାର କରିବାକୁ ଖଣି ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ । ମାତ୍ର ପ୍ରକୃତ କଥା ଏହା ଯେ ବଳକାଥିବା ପ୍ରକ୍ରୀୟାକୃତ ଖଣିଜ ରାଜଭାଗ ଆରୋପଣରୁ ଖସି ଯାଇଥିଲା ।

ମାମଲା ଗୁଡିକ ମାର୍ଚ୍ଚ 2009 ରେ ସରକାରଙ୍କୁ ପ୍ରତିବେଦିତ କରାଯାଇଥିଲା; ତାଙ୍କର ଉତ୍ତର ମିଳିନାହିଁ (ଅକ୍ଟୋବର 2009) ।

## 7.3.3 ବିଳମ୍ବରେ ପ୍ରଦତ୍ତ ଖଣିଜ ଦେୟ ଉପରେ ସୁଧ ଅନାରୋପଣ

ସମୟକୁ ସମୟ ସଂଶୋଧିତ ଖଣିଜ ରିଆତି ନିୟମାବଳୀରେ ଥିବା ବ୍ୟବସ୍ଥା କ୍ରମେ ବିଳମ୍ବିତ ରାଜଭାଗ ପ୍ରଦାନ ପାଇଁ ଅପ୍ରଦତ୍ତ ରାଶି ଉପରେ ଧାର୍ଯ୍ୟ ତାରିଖ ସମାପ୍ତିର 60 ତମ ଦିନଠାରୁ ଖିଲାପ ଚାଲୁରହିବା ଦିନ ପର୍ଯ୍ୟନ୍ତ ବାର୍ଷିକ 24 ପ୍ରତିଶତ ହାରରେ ସରଳ ସୁଧ ପ୍ରଦେୟ ।

ଜୁନ 2008 ଓ ଜାନୁଆରୀ 2009 ମଧ୍ୟରେ ଛଅଗୋଟି[75] ଖଣି ମଣ୍ଡଳ ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ କର ପୈଠ କରିବାର ଧାର୍ଯ୍ୟ ତାରିଖ ଜାନୁଆରୀ 2004 ରୁ ଏପ୍ରିଲ 2008 ମଧ୍ୟରେ ଥିଲେ ମଧ୍ୟ 4.27 କୋଟି ଟଙ୍କାର ରାଜଭାଗ ଜୁଲାଇ 2006 ଓ ଜୁନ୍ 2008 ମଧ୍ୟରେ ପୈଠ କରାଯାଇଥିଲା । ଏହି ଦେୟ ଏକ ଦିନରୁ 1,458 ଦିନ ପର୍ଯ୍ୟନ୍ତ ବିଳମ୍ବରେ ପ୍ରଦତ୍ତ ହୋଇଥିଲେ ମଧ୍ୟ ସୁଧ ବାବଦ 20.99 ଲକ୍ଷ ଟଙ୍କା ଆରୋପିତ ହୋଇ ନଥିଲା ।

ଏହା ଦର୍ଶାଯିବା ପରେ ଖଣି ଅଧିକାରୀ ବାରିପଦା, ବଲାଙ୍ଗୀର, କଟକ ଓ ଖଣି ଉପନିର୍ଦ୍ଦେଶକ, କୋଇଡା ଏଥିପାଇଁ ଦାବି ଉପସ୍ଥାପନ କରିବାକୁ ସମ୍ମତ ହୋଇଥିଲେ ଏବଂ ଖଣି ଉପ ନିର୍ଦ୍ଦେଶକ, ଯାଜପୁର ରୋଡ ନଭେମ୍ବର 2008 ରେ 1.54 ଲକ୍ଷ ଟଙ୍କାର ଦାବି ଉପସ୍ଥାପନ କରିଥିଲେ । ପୂର୍ବୋକ୍ତ ମାମଲାଗୁଡିକର ଅଗ୍ରଗତି ଏବଂ ପରବର୍ତ୍ତୀ ମାମଲାଟିରେ ଆଦାୟ ସମ୍ପର୍କରେ ବିବରଣୀ ମିଳି ନଥିଲା (ଅକ୍ଟୋବର 2009) । ଖଣି ଉପନିର୍ଦ୍ଦେଶକ, ସମ୍ବଲପୁର ଜାନୁଆରୀ 2009 ରେ କହିଲେ ଯେ ପଟ୍ଟାଧାରୀ ନିର୍ଦ୍ଧାରିତ ଅବଧି 74 ଦିନ ମଧ୍ୟରେ ଦେୟ ଭରଣା କରିଥିଲେ । ମାତ୍ର ପ୍ରକୃତ କଥା ଏହା ଯେ ଅଗଷ୍ଟ 2007 ରୁ ମାର୍ଚ୍ଚ 2008 ଅବଧି ସମ୍ବନ୍ଧୀତ ଭେଦାତ୍ମକ ରାଜଭାଗ ମଇ 2008 ରେ ପୈଠ ହୋଇଥିଲା ।

ବିଷୟଟି ମାର୍ଚ୍ଚ 2009 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ତାଙ୍କର ଉତ୍ତର ହସ୍ତଗତ ହୋଇନାହିଁ (ଅକ୍ଟୋବର 2009) ।

## 7.4 ଚୁନପଥର ଉପରେ ରାଜଭାଗ ସ୍ୱଳ୍ପାଦାୟ

*ଭାରତ ସରକାରଙ୍କ ଦ୍ୱାରା ଜାରି ଅନୁଦେଶର ପାଳନ ନହେବା ହେତୁ 1.42 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପିତ ହୋଇଥିଲା ।*

75 ବାରିପଦା, ବଲାଙ୍ଗୀର, କଟକ, ଯାଜପୁର ରୋଡ, କୋଇଡା ଏବଂ ସମ୍ବଲପୁର ।

ଭାରତ ସରକାରଙ୍କ ଦ୍ୱାରା ସେପ୍ଟେମ୍ବର 1961 ରେ ଜାରି କରାଯାଇଥିବା ଅଧିସୂଚନା ଅନୁସାରେ ଚୂନପଥରକୁ କେବଳ ଭାଟିରେ ବ୍ୟବହାର ହୋଇ ନିର୍ମାଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ଚୂନ ତିଆରି କ୍ଷେତ୍ରରେ ଲଘୁ ଖଣିଜ ପଦାର୍ଥ ଭାବରେ ବିବେଚନା କରାଯାଏ ଏବଂ ଅନ୍ୟ ସମସ୍ତ କ୍ଷେତ୍ରରେ ଏହା ଗୁରୁ ଖଣିଜ ପଦାର୍ଥ ରୂପେ ବିବେଚନା କରାଯାଏ ।

ଜାନୁଆରୀ 2009 ରେ ଖଣି ଉପନିର୍ଦ୍ଦେଶକ, ରାଉରକେଲାଙ୍କ ନଥିପତ୍ର ସମ୍ୟକ ପରୀକ୍ଷାରୁ ଜଣାଗଲା ଯେ ତିନି ଜଣ ପଟ୍ଟାଧାରୀ 2006-07 ଓ 2007-08 ରେ 8.56 ଲକ୍ଷ ମେଟ୍ରିକ୍ ଟନ୍ ଚୂନପଥରକୁ ଖାରଜ ଚୂନପଥର ଖଣ୍ଡ ନାମରେ ନାମିତ କରି ଅପସାରଣ କରିଥିଲେ ଓ ଏହା ଉପରେ ଓଡିଶା ଲଘୁ ଖଣିଜ ରିଆତି ନିୟମାବଳୀ ଅନୁସାରେ ସାଧାରଣ ପଥରଖଣ୍ଡ ପାଇଁ ଲାଗୁ ହେଉଥିବା ହାରରେ ରାଜଭାଗ ପ୍ରଦାନ କରିଥିଲେ । ଯେହେତୁ ସଂପୃକ୍ତ ଚୂନପଥର ଖଣିରୁ ଗୁରୁ ଖଣିଜ ପଦାର୍ଥ ଉତ୍ତୋଳନ ନିମନ୍ତେ ଖଣି ପଟ୍ଟା ମଞ୍ଜୁର ହୋଇଥିଲା ଏବଂ ଚୂନପଥର ଖଣ୍ଡଗୁଡିକ ଚୂନ ଉତ୍ପାଦନ ପାଇଁ ଭାଟିରେ ବ୍ୟବହୃତ ନହୋଇ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥିଲା, ଏହା ଗୁରୁ ଖଣିଜ ପଦାର୍ଥ ଭାବରେ ବିବେଚିତ ହୋଇ 3.85 କୋଟି ଟଙ୍କାର ରାଜଭାଗ ଆରୋପଣ ଯୋଗ୍ୟଥିଲା । ମାତ୍ର ଏହା ଉପରେ 2.43 କୋଟି ଟଙ୍କାର ରାଜଭାଗ ଆରୋପଣ ହୋଇଥିଲା । ଏହା ଫଳରେ 1.42 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ।

ଏହା ଦର୍ଶାଯିବା ପରେ, ଖଣି ଉପନିର୍ଦ୍ଦେଶକ ଜାନୁଆରୀ 2009 ରେ କହିଲେ ଯେ ବିଷୟଟିର ସ୍ପଷ୍ଟୀକରଣ ପାଇଁ ଖଣି ନିର୍ଦ୍ଦେଶକଙ୍କ ବିଚାରାର୍ଥେ ପଠାଯିବ । ଅଧିକତର ବିବରଣୀ ପ୍ରାପ୍ତ ହୋଇନାହିଁ (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ମାର୍ଚ୍ଚ 2009 ରେ ପ୍ରତିବେଦିତ ହୋଇଥିଲା; ତାଙ୍କଠାରୁ ଉତ୍ତର ପ୍ରାପ୍ତ ହୋଇନାହିଁ (ଅକ୍ଟୋବର 2009) ।

# ଅଧ୍ୟାୟ - VIII : ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି

## 8.1 ସମୀକ୍ଷାର ପରିଣାମ

ଜଳ ସମ୍ପଦ, ଶକ୍ତି, ସମବାୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ (ଶୁଳ୍କ), ଇସ୍ପାତ ଓ ଖଣି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଆଦି ବିଭାଗର ବିଭାଗୀୟ ପ୍ରାପ୍ତି ସମ୍ବନ୍ଧୀୟ ନିର୍ଦ୍ଧାରଣ ନଥିପତ୍ର ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଦିର ନମୁନା ଯାଞ୍ଚରେ 2008-09 ବର୍ଷରେ 5,754 ଗୋଟି ମାମଲାରେ 448.87 କୋଟି ଟଙ୍କାର ରାଜସ୍ୱ ଅନାଦାୟ, ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ ଇତ୍ୟାଦି ପରିଲକ୍ଷିତ ହୋଇଥିଲା ଯାହାର ବର୍ଗୀକରଣ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| ଜଳ ସମ୍ପଦ ବିଭାଗ | | | |
| 1. | ଜଳ କର/ଲାଇସେନସ୍ ଫିସ୍‌ର ନିର୍ଦ୍ଧାରଣ, ଧାର୍ଯ୍ୟ ଓ ଅସୁଲ | 1 | 208.49 |
| ଶକ୍ତି ବିଭାଗ | | | |
| 1. | ରାଜସ୍ୱ ଅନାଦାୟ | 609 | 45.56 |
| 2. | ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ | 33 | 50.70 |
| 3. | ଅନ୍ୟାନ୍ୟ ଅନିୟମିତତା | 38 | 85.25 |
| | **ମୋଟ** | **680** | **181.51** |
| ସମବାୟ ବିଭାଗ | | | |
| 1. | ରାଜସ୍ୱ ଅନାଦାୟ | 39 | 1.16 |
| 2. | ଅନ୍ୟାନ୍ୟ ଅନିୟମିତତା | 3,199 | 40.33 |
| | **ମୋଟ** | **3,238** | **41.49** |
| ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | | | |
| 1. | ରାଜସ୍ୱ ଅନାଦାୟ | 7 | 0.55 |
| 2. | ଅନ୍ୟାନ୍ୟ ଅନିୟମିତତା | 220 | 12.24 |
| | **ମୋଟ** | **227** | **12.79** |
| ସାଧାରଣ ପ୍ରଶାସନ (ଶୁଳ୍କ) ବିଭାଗ | | | |
| 1. | ରାଜସ୍ୱ ଅନାଦାୟ | 8 | 3.61 |
| 2. | ଅନ୍ୟାନ୍ୟ ଅନିୟମିତତା | 42 | 0.16 |
| | **ମୋଟ** | **50** | **3.77** |
| ଇସ୍ପାତ ଏବଂ ଖଣି ବିଭାଗ | | | |
| 1. | ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ | 2 | 0.82 |
| ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ | | | |
| 1. | ରାଜସ୍ୱ ଅନାଦାୟ | 5 | 0.001 |
| 2. | ଅନ୍ୟାନ୍ୟ ଅନିୟମିତତା | 1,551 | 0.003 |
| | **ମୋଟ** | **1,556** | **0.004** |
| | **ଗାଏ ମୋଟ** | **5,754** | **448.87** |

ସମ୍ପୃକ୍ତ ବିଭାଗମାନେ 2008-09 ବର୍ଷରେ 108 ଗୋଟି ମାମଲାରେ 6.33 କୋଟି ଟଙ୍କାର ଅନାଦାୟ/ସ୍ୱଳ୍ପାଦାୟ, ରାଜସ୍ୱ ହାନି ଇତ୍ୟାଦି ଗ୍ରହଣ କରିଥିଲେ ଯାହା 2008-09 ଏବଂ ପୂର୍ବବର୍ତ୍ତୀ ବର୍ଷ ମଧ୍ୟରେ ଦର୍ଶାଯାଇଥିଲା । ଏଥି ମଧ୍ୟରୁ ସମବାୟ ଏବଂ ଇସ୍ପାତ ଓ ଖଣି ବିଭାଗ ତିନିଗୋଟି ମାମଲାରେ 79 ଲକ୍ଷ ଟଙ୍କା ଆଦାୟ କରିଥିଲେ ।

ଚିଠା ଅନୁଚ୍ଛେଦ ଗୁଡିକ ପଠାଯିବା ପରେ ଜଳ ସମ୍ପଦ ଏବଂ ଶକ୍ତି ବିଭାଗ 2008-09 ର ସମୀକ୍ଷାରେ ଦର୍ଶାଯାଇଥିବା ଦୁଇଗୋଟି ମାମଲାରେ 3.49 କୋଟି ଟଙ୍କା ଆଦାୟ କରିଥିଲେ ।

ଦୃଷ୍ଟାନ୍ତଯୁକ୍ତ 221.23 କୋଟି ଟଙ୍କାର କେତେକ ସମୀକ୍ଷା ମନ୍ତବ୍ୟ ନିମ୍ନ ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଗଲା ।

## 8.2 ସମୀକ୍ଷା ମନ୍ତବ୍ୟ

*ଜଳ ସମ୍ପଦ, ଶକ୍ତି, ଗୃହ ଓ ନଗର ଉନ୍ନୟନ ଏବଂ ସାଧାରଣ ପ୍ରସାଶନ (ରେଣ୍ଟ) ବିଭାଗ ମାନଙ୍କରେ ବିଭାଗୀୟ ପ୍ରାପ୍ତି ସମ୍ପର୍କିତ ରାଜସ୍ୱ ନିର୍ଦ୍ଧାରଣ ତଥା ଅନ୍ୟାନ୍ୟ ଅନୁସଙ୍ଗିକ ଦସ୍ତାବିଜ ଗୁଡ଼ିକର ସମ୍ୟକ ପରୀକ୍ଷାରୁ ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍‌ର ଅନାରୋପଣ/ସ୍ୱଳ୍ପାରୋପଣ/ଅନିୟମିତ ଅବ୍ୟାହତି, ସଂଘରଣ ଓ ବିତରଣ ଜନିତ କ୍ଷତି ଉପରେ ବିଦ୍ୟୁତ ଶୁଳ୍କ ଅନାରୋପଣ, ନିରୀକ୍ଷଣ ଫିସ୍‌ର ଦାବି ଉତ୍ଥାପନ ନହେବା, ସ୍ୱେରେଜ ଦେୟ ଅନାଦାୟ ଏବଂ ଜଳ ଦେୟ ସ୍ୱଳ୍ପାଦାୟ ଇତ୍ୟାଦି ପରିଲକ୍ଷିତ ହୋଇଥିଲା ଯାହା ଉକ୍ତ ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା । ଏସବୁ ମାମଲା ଗୁଡ଼ିକ କେବଳ ଦୃଷ୍ଟାନ୍ତଯୁକ୍ତ ଏବଂ ଏହା ସମୀକ୍ଷାରେ କରାଯାଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ । ଏପ୍ରକାର ଅକୃତିମାନ ସମୀକ୍ଷାରେ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ଏହା କେବଳ ଲାଗି ରହିନାହିଁ ବରଂ ଏଗୁଡ଼ିକ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ କରାଯାଇନଥିଲା । ଏପ୍ରକାର ଅକୃତିମାନ ପୁନର୍ବାର ଘଟିବାକୁ ନଦେବା ଏବଂ ଯଥା ସମୟରେ ଏହାର ସନ୍ଧାନ କରାଯାଇ ସଂଶୋଧନ କରିବା ସକାଶେ ପ୍ରଭାବୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ପାଇଁ ଅନୁଦେଶ ଜାରି କରିବା କଥା ସରକାର ବିଚାର କରିପାରନ୍ତି ।*

**ଜଳ ସମ୍ପଦ ବିଭାଗ**

## 8.3 ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍‌ର ନିର୍ଦ୍ଧାରଣ, ଧାର୍ଯ୍ୟ ଓ ଅସୁଲ

ଓଡିଶାରେ ସ୍ୱତନ୍ତ୍ର ଜଳକରର ନିର୍ଦ୍ଧାରଣ, ଧାର୍ଯ୍ୟ ଓ ଅସୁଲ କାର୍ଯ୍ୟ ଓଡିଶା ସେଚ ଅଧିନିୟମ, 1959, ଓଡିଶା ସେଚ ନିୟମାବଳୀ, 1961 ଏବଂ ସମୟକୁ ସମୟ ଜାରି କାର୍ଯ୍ୟନିର୍ବାହକ ଅନୁଦେଶ ଜରିଆରେ ପରିଚାଳନା କରାଯାଇଥାଏ । ଉପରୋକ୍ତ ଅଧିନିୟମ ଓ ନିୟମାବଳୀର ସଂଶୋଧନ କରାଯାଇ ସରକାରୀ ଉତ୍ସରୁ[76] ସେଚନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଜଳ ଉପରେ "ଲାଇସେନସ୍ ଫିସ୍" ନାମକ ଏକ ନୂତନ ପ୍ରକାର ଜଳକର ସେପ୍ଟେମ୍ବର 1994 ଠାରୁ ପ୍ରବର୍ତ୍ତନ କରାଗଲା । ଉପରୋକ୍ତ ନିୟମାବଳୀକୁ 1998 ରେ ପୁନର୍ବାର ସଂଶୋଧନ କରାଯାଇ ସ୍ୱତନ୍ତ୍ର ଜଳକରର ହାରକୁ 18 ଜୁଲାଇ 1998 ଠାରୁ ବଦଳାଗଲା । ଏହିପରି ଭାବରେ ରାଜ୍ୟରେ ବର୍ତ୍ତମାନ ଦୁଇ ପ୍ରକାର ଜଳକର ଯଥା – ସେଚ ପ୍ରକଳ୍ପରୁ ବ୍ୟବହୃତ ଜଳ ନିମନ୍ତେ "ସ୍ୱତନ୍ତ୍ର ଜଳକର" ଏବଂ ସରକାରୀ ଉତ୍ସରୁ ଶିଳ୍ପ/ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହୃତ ଜଳ ଉପରେ "ଲାଇସେନସ୍ ଫିସ୍" ପ୍ରଚଳିତ ଅଛି ।

### *8.3.1 ଓଡିଶା ଜଳ ବିଦ୍ୟୁତ ନିଗମ ଉପରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ବାବଦ ସ୍ୱତନ୍ତ୍ର ଜଳକରର ଦାବି ନଉଠାଇବା*

ଓଡିଶା ସେଚ ଅଧିନିୟମ ଏବଂ ତଦଧିନ ପ୍ରଣୀତ ନିୟମାବଳୀର ବ୍ୟବସ୍ଥା ଅନୁସାରେ ବ୍ୟୟ ନହୋଇ ବ୍ୟବହାର ହେଉଥିବା ଜଳ ଉପରେ ଏକ ଲକ୍ଷ ଗ୍ୟାଲନ୍ ପିଛା 60 ଟଙ୍କା ହିସାବରେ ସ୍ୱତନ୍ତ୍ର ଜଳକର ବସାଣଯୋଗ୍ୟ ଅଟେ । ନବମ ଜଳସମ୍ପଦ ବୋର୍ଡ ଏହାର 20 ସେପ୍ଟେମ୍ବର 2004 ବୈଠକରେ ମଧ୍ୟ ଦୋହରାଇଥିଲେ ଯେ ସରକାରୀ ଓ ଘରୋଇ ଶକ୍ତି ଉତ୍ପାଦନ ସଂସ୍ଥାଗୁଡ଼ିକ ବିଦ୍ୟୁତ ଉତ୍ପାଦନ ପାଇଁ ବ୍ୟବହୃତ ଜଳ ନିମନ୍ତେ ପ୍ରାପ୍ୟ ପ୍ରଦାନ କରିବେ ।

76 ପ୍ରାକୃତିକ ତଥା ଅନ୍ୟ କୌଣସି ପ୍ରକାରେ ଜମାହୋଇ ସୃଷ୍ଟି ହୋଇଥିବା ଜଳଉତ୍ସ, ମାଟିତଳ ଜଳ କିମ୍ବା ଜଳ ପ୍ରବାହରେ ଚାଲୁଥିବା ଜଳ ।

ଡିସେମ୍ବର 2008 ରେ ମୁଖ୍ୟ ଯନ୍ତ୍ରୀ, ଉପର ଇନ୍ଦ୍ରାବତୀ ସେଚ ପ୍ରକଳ୍ପ, ଖଡିଗୁଡାଙ୍କ ନଥିପତ୍ର ଏବଂ ଫେବୃଆରୀ 2009 ରେ ସଂଗୃହୀତ ପରବର୍ତ୍ତୀ ସୂଚନାକୁ ଯାଞ୍ଚ କଲାବେଳେ ଜଣାପଡିଲା ଯେ 2003-04 ଠାରୁ 2007-08 ମଧ୍ୟରେ ବିଦ୍ୟୁତ ଉତ୍ପାଦନ ପାଇଁ ଓଡିଶା ଜଳ ବିଦ୍ୟୁତ ନିଗମର ଏକ ୟୁନିଟ୍ (ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ) 15.15 ଲକ୍ଷ ହେକ୍ଟୋମିଟର ଜଳ ବ୍ୟବହାର କରିଥିଲା । ଏପରି ବ୍ୟୟ ନହୋଇ ବ୍ୟବହୃତ ଜଳ ନିମନ୍ତେ ଓଡିଶା ଜଳ ବିଦ୍ୟୁତ ନିଗମ 200.03 କୋଟି ଟଙ୍କାର ଜଳକର ଦେବାକୁ ଦାୟୀଥିଲା । ଏହା ଦେଖାଗଲା ଯେ ଓଡିଶା ଜଳ ବିଦ୍ୟୁତ ନିଗମ ପାଉଣା ଦେଇନଥିଲା କିମ୍ବା ବିଭାଗ ଏଥି ନିମନ୍ତେ ଦାବି ଉତ୍ଥାପନ କରିନଥିଲା । ଏହା ଫଳରେ 200.03 କୋଟି ଟଙ୍କାର ସ୍ୱତନ୍ତ୍ର ଜଳକର ଅନାରୋପଣ ହୋଇଥିଲା ।

ଏହି ମାମଲାଟି ଦର୍ଶାଯିବା ପରେ, ମୁଖ୍ୟ ଯନ୍ତ୍ରୀ ଡିସେମ୍ବର 2008 ରେ କହିଥିଲେ ଯେ ଓଡିଶା ଜଳ ବିଦ୍ୟୁତ ନିଗମ ବନ୍ଧ ଓ ଜଳ ଭଣ୍ଡାରର ରକ୍ଷଣାବେକ୍ଷଣା କରୁଥିବାରୁ ଦାବି ଉତ୍ଥାପନର ପ୍ରଶ୍ନ ଉଠୁନଥିଲା । ମାତ୍ର ଅଧିନିୟମରେ ଏପରି ଅବ୍ୟାହତି ନିମନ୍ତେ ବ୍ୟବସ୍ଥା ନାହିଁ ।

ଏହି ବିଷୟଟି ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ଓ ଶାସନ ସଚିବ, ଜଳସମ୍ପଦ ବିଭାଗଙ୍କର ଅବଗତି ନିମନ୍ତେ ଏପ୍ରିଲ 2009 ରେ ଜଣାଇ ଦିଆଯାଇଥିଲା । ଜଳସମ୍ପଦ ବିଭାଗର ଶାସନ ସଚିବ ମଇ 2009 ରେ କହିଥିଲେ ଯେ ଜଳ ବିଦ୍ୟୁତ ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ଜଳ ଉପରେ କୌଣସି ସ୍ୱତନ୍ତ୍ର ଜଳକର ବିନିର୍ଦ୍ଦିଷ୍ଟ କରାଯାଇନାହିଁ । ଏହା ମଧ୍ୟ କହିଥିଲେ ଯେ ମନ୍ତ୍ରୀମଣ୍ଡଳ ଓଡିଶା ଜଳ ବିଦ୍ୟୁତ ନିଗମକୁ ଜଳକର ଅବ୍ୟାହତି ପାଇଁ ଏହାର 9 ଜୁଲାଇ 2002 ବୈଠକରେ ଅନୁମୋଦନ କରିଥିଲା । ଏହା ମଧ୍ୟ କହିଥିଲେ ଯେ ଓଡିଶା ସେଚ ନିୟମରେ ଆବଶ୍ୟକ ସଂଶୋଧନ ଆଣିବାକୁ ଏକ ସ୍ମାରକ ଚିଠା ମନ୍ତ୍ରୀମଣ୍ଡଳର ଅନୁମୋଦନ ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଇ ଦିଆଯାଇଥିଲା । ସରକାରଙ୍କ ଜବାବ ପରସ୍ପରକୁ ବିରୋଧାତ୍ମକ ଦେଖାଗଲା କାରଣ ଗୋଟିଏ ପଟେ ଏହା କୁହାଗଲା ଯେ କରବସାଣ ପାଇଁ ଏପରି ବ୍ୟବସ୍ଥା ନଥିଲା ଏବଂ ଅନ୍ୟପଟେ ଏହା ବ୍ୟକ୍ତ କରାଗଲା ଯେ ପୁନରୀକ୍ଷଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେ ଯାହାହେଉ ଜଳକର ପୁନରୀକ୍ଷଣ ନିମନ୍ତେ ଏପର୍ଯ୍ୟନ୍ତ ଅଧିନିୟମରେ ସଂଶୋଧନ ସକାଶେ ଅଧିସୂଚନା ଜାରି ହୋଇନଥିଲା । ଅର୍ଥ ବିଭାଗର ଜବାବ ଅକ୍ଟୋବର 2009 ସୁଦ୍ଧା ମିଳିନଥିଲା ।

### *8.3.2 ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ଅନାରୋପଣ*

ଓଡିଶା ସେଚ ଅଧିନିୟମ ଓ ତଦଧିନ ପ୍ରଣୀତ ଏବଂ ସମୟକୁ ସମୟ ସଂଶୋଧିତ ନିୟମାବଳୀର ବ୍ୟବସ୍ଥା ଅନୁସାରେ ସେଚ ପ୍ରକଳ୍ପ/ସରକାରୀ ଜଳ ଉତ୍ସରୁ ଶିଳ୍ପ ସମ୍ବନ୍ଧୀ, ବାଣିଜ୍ୟିକ ତଥା ପିଇବା ଓ ଧୁଆଧୋଇ ଉଦ୍ଦେଶ୍ୟରେ ବିନିର୍ଦ୍ଦିଷ୍ଟ ଉତ୍ସରୁ ଜଳ ବ୍ୟବହାର ନିମନ୍ତେ ବ୍ୟବହାରକାରୀ ଲାଇସେନସ୍ ପାଇବା ପାଇଁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ବିହିତ ରୂପରେ ଦରଖାସ୍ତ କରିବେ । ଲାଇସେନସ୍ ପାଇବା ପରେ ବ୍ୟବହାରକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ ଏକ ରାଜିନାମା ସମ୍ପାଦନ କରିବେ ଏବଂ ନିଜ ଖର୍ଚ୍ଚରେ ଜଳର ଅନ୍ତଃଗ୍ରହଣ ସ୍ଥାନରେ ଏକ ଜଳପ୍ରବାହ ମାପକ ସଂସ୍ଥାପନ କରିବେ । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବ୍ୟବହାର/ଉତ୍ତୋଳିତ ହୋଇଥିବା ଜଳର ପରିମାଣ ଆଧାରରେ ଜଳକର/ଲାଇସେନସ୍ ଫିସ୍ ନିର୍ଦ୍ଧାରଣ କରି ତଦନୁସାରେ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦାବି ଉପସ୍ଥାପନ କରିବେ ଯାହା ସେହି ମାସରେ ପ୍ରଦେୟ ଅଟେ ।

ଅକ୍ଟୋବର ଠାରୁ ଡିସେମ୍ବର 2008 ମଧ୍ୟରେ 11 ଗୋଟି ସେଚ ଡିଭିଜନର[77] ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ 2003-04 ଠାରୁ 2007-08 ଅବଧି ପାଇଁ 41 ଗୋଟି ଶିଳ୍ପ/ବାଣିଜ୍ୟିକ ସଂଗଠନ

---

77 ଅନୁଗୁଳ ସେଚ ଡିଭିଜନ, ବ୍ରହ୍ମପୁର ସେଚ ଡିଭିଜନ, ହେଡ୍ ଓ୍ୟାର୍କସ୍ ଡିଭିଜନ, କୋଲାବନଗର, ଜାରକା ସେଚ ଡିଭିଜନ, ଖୋର୍ଦ୍ଧା ସେଚ ଡିଭିଜନ, ମହାନଦୀ ଦକ୍ଷିଣ ଡିଭିଜନ, ମହାନଦୀ ଉତ୍ତର ଡିଭିଗନ, ମୁଖ୍ୟ ବନ୍ଧ ଡିଭିଜନ, ବୁର୍ଲା, ପ୍ରାଚୀ ସେଚ ଡିଭିଜନ, ଭୁବନେଶ୍ୱର, ସମ୍ବଲପୁର ସେଚ ଡିଭିଜନ ଏବଂ ସୁନ୍ଦରଗଡ ସେଚ ଡିଭିଜନ ।

ଉପରେ 7.09 କୋଟି ଟଙ୍କାର ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ଦାବି କରାଯାଇ ନଥିଲା । କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ରାଜିନାମା ସମ୍ପାଦନ କରିବା ପାଇଁ ବା ତିନୋଟି ମାମଲା ବ୍ୟତୀତ ଅନ୍ୟ କ୍ଷେତ୍ରରେ ଜଳ ପ୍ରବାହ ମାପକ ସଂସ୍ଥାପନ କିମ୍ବା ସରକାରୀ ଜଳ ଉତ୍ସ/ସେଚ ପ୍ରକଳ୍ପରୁ ଅପ୍ରାଧିକୃତ ଜଳ ବ୍ୟବହାରର ତଦନ୍ତ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନଙ୍କର ପ୍ରଭାବୀ ପର୍ଯ୍ୟାଲୋଚନା ଏବଂ ଅନୁସରଣର ଅଭାବ ହେତୁ ପାଉଣା ଅନାଦାୟ ରହିଥିଲା ।

ନଥିପତ୍ରର ନମୁନା ଯାଞ୍ଚରୁ ନିମ୍ନଲିଖିତ ପଦ୍ଧତିଗତ ଅଭାବ ଦୃଷ୍ଟିଗୋଚର ହୋଇଥିଲା ।

- ଅପ୍ରାଧିକୃତ ଭାବେ ସରକାରୀ ଜଳ ଉତ୍ସ/ସେଚ ପ୍ରକଳ୍ପରୁ ଜଳ ବ୍ୟବହାର କରି ଜଳକର/ଲାଇସେନସ୍ ଫିସ୍ ଦେଉନଥିବା ଶିଳ୍ପ ସଂସ୍ଥା/ବାଣିଜ୍ୟିକ ସଂଗଠନ/ସରକାରୀ ସଂସ୍ଥା ମାନଙ୍କର ସର୍ବେକ୍ଷଣ କରିବା ପରେ ଏହାର ଏକ ବ୍ୟାପକ ତାଲିକା ବିଭାଗ ପ୍ରସ୍ତୁତ କରିନାହାନ୍ତି । ଏହା ଫଳରେ ସରକାରୀ ଜଳ ଉତ୍ସରୁ ସମ୍ଭାବ୍ୟ ଜଳ ବ୍ୟବହାରକାରୀ ଯଥା:- ହୋଟେଲ ଓ ରେଷ୍ଟୋରାଁ, ରେଳବାଇ, କେନ୍ଦ୍ର ଓ ରାଜ୍ୟ ସରକାରୀ ବିଭାଗଗୁଡିକୁ କର ପରିସରକୁ ଅଣାଯାଇ ପାରିନଥିଲା । ପୁନଶ୍ଚ, ସମ୍ଭାବ୍ୟ ରାଜସ୍ୱର ଉତ୍ସଗୁଡିକୁ ଅଧିକତର ବଢାଇବା ପାଇଁ ଜଳସମ୍ପଦ ବିଭାଗର ଅନ୍ୟ ବିଭାଗ ଯଥା:- ନିଜସ୍ୱ ଶକ୍ତି କ୍ଷେତ୍ରରେ ଶକ୍ତି ବିଭାଗ, ଶିଳ୍ପ ସଂସ୍ଥାଗୁଡିକ କ୍ଷେତ୍ରରେ ଶିଳ୍ପ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ଡିଭିଜନ କ୍ଷେତ୍ରରେ ଗୃହ ଓ ନଗର ଉନ୍ନୟନ ବିଭାଗର ସମନ୍ୱୟର ଅଭାବ ଥିଲା ।
- ନମୁନା ଯାଞ୍ଚ କରାଯାଇଥିବା ଡିଭିଜନ ଗୁଡିକରେ ଏହା ମଧ୍ୟ ଦେଖାଗଲା ଯେ ଜଳକର ପ୍ରଦାନରେ ଖିଲାପକାରୀ ସଂସ୍ଥା/ଅପ୍ରାଧିକୃତ ଭାବେ ଜଳ ବ୍ୟବହାର କରୁଥିବା ସଂସ୍ଥା ମାନଙ୍କର ଜଳ ଯୋଗାଣ ବିଚ୍ଛିନ୍ନ କରିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା ।
- ରାଜସ୍ୱ ଆଦାୟ ସୁନିଶ୍ଚିତ କରିବା ତଥା ରାଜସ୍ୱ ପତନକୁ ପ୍ରତିହତ କରିବା ନିମନ୍ତେ ଜଳ ବ୍ୟବହାରକାରୀଙ୍କ ସମ୍ବନ୍ଧରେ ମୂଳତଥ୍ୟ ପ୍ରସ୍ତୁତ ଓ ବିକାଶ କରାଯାଇ ନଥିଲା ।

ମାମଲାଗୁଡିକ ଦର୍ଶାଯିବା ପରେ, ଅପ୍ରାଧିକୃତ ଜଳ ବ୍ୟବହାରକାରୀ ମାନେ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଠାରୁ ଅନୁମତି ନପାଇ ଜଳ ବ୍ୟବହାର କରୁଥିବା କଥା ସରକାର ସ୍ୱୀକାର କରି ଜୁଲାଇ 2009 ରେ ବ୍ୟକ୍ତ କଲେ ଯେ ମାନବ ସମ୍ବଳର ଅଭାବ ଜନିତ ଭିତ୍ତି ସଂରଚନାରେ ଅଭାବ ହେତୁ ଏହାକୁ ସମାଧାନ କରିବା ସମ୍ଭବ ନଥିଲା । ଏହା ମଧ୍ୟ କହିଥିଲେ ଯେ ଅପ୍ରାଧିକୃତ ଜଳ ବ୍ୟବହାରକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିନିୟମ ଓ ନିୟମର ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିଲା ଏବଂ ଏହାର ସଂଶୋଧିତ ପ୍ରଣାଳୀ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିଲା । ସେ ଯାହା ହେଉ ବିଭାଗର ନିଷ୍କ୍ରିୟତା ଯୋଗୁଁ ସରକାରଙ୍କ ରାଜସ୍ୱ ଅନାଦାୟ ରହିଥିଲା ।

### *8.3.3 ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ସ୍ୱଳ୍ପାଦାୟ*

ନଭେମ୍ବର ଓ ଡିସେମ୍ବର 2008 ରେ ଦୁଇଗୋଟି ସେଚ ଡିଭିଜନର[78] ନଥିପତ୍ର ନମୁନା ଯାଞ୍ଚକ୍ରମେ ଦେଖାଗଲା ଯେ ଦୁଇଗୋଟି ମାମଲାରେ 1.29 କୋଟି ଟଙ୍କାର ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ବସାଣଯୋଗ୍ୟ ଥିବା ସ୍ଥଳେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ 85.61 ଲକ୍ଷ ଟଙ୍କାର ଦାବି ଉପସ୍ଥାପନ କରିଥିଲେ । ଯାହା ଫଳରେ 43.05 ଲକ୍ଷ ଟଙ୍କାର ସ୍ୱଳ୍ପଦାବି ହୋଇଥିଲା । ଏହା ମଧ୍ୟ ଦେଖାଗଲା ଯେ ଜଳ ବ୍ୟବହାରକାରୀ ମାନେ ବିଭାଗ ସହିତ ରାଜିନାମା ନିଷ୍ପାଦନ କରି ନଥିଲେ ଏବଂ ଜଳ ପ୍ରବାହ ମାପଯନ୍ତ୍ର ସଂସ୍ଥାପନ କରି ନଥିଲେ । ଯାହା ଦ୍ୱାରା ଓଡିଶା ସେଚ ଅଧିନିୟମ/ନିୟମାବଳୀର ଉପଯୁକ୍ତ କାର୍ଯ୍ୟାନ୍ୱୟନ ହୋଇ ନପାରି ଜଳକର ସ୍ୱଳ୍ପାଦାୟ ହୋଇଥିଲା ।

78 ଅନୁଗୁଳ ସେଚ ଡିଭିଜନ ଏବଂ ବାଲେଶ୍ୱର ସେଚ ଡିଭିଜନ ।

ମାମଲା ଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କୁ ପାଉଣା ଅସୁଲ କରିବା ପାଇଁ ଅନୁଦେଶ ଦିଆଯାଇଥିଲା । ଅଧିକତର ବିବରଣୀ ମିଳି ନଥିଲା (ଅକ୍ଟୋବର 2009) ।

### *8.3.4 ସୁଧ ଅନାରୋପଣ*

ଓଡିଶା ସେଚ ନିୟମାବଳୀର ସଂଶୋଧିତ ବ୍ୟବସ୍ଥା ଅନୁସାରେ ଜଳ ବ୍ୟବହାରକାରୀ ଦାବି ମୁତାବକ ଭରଣା ଦେବାରେ ଖିଲାପ କଲେ ମାସକୁ ଦୁଇ ପ୍ରତିଶତ ହାରରେ ଚକ୍ରବୃଦ୍ଧି ସୁଧ ବସାଣଯୋଗ୍ୟ ଅଟେ ।

ନଭେମ୍ବର ଓ ଡିସେମ୍ବର 2008 ରେ ଚାରିଗୋଟି ସେଚ ଡିଭିଜନର[79] ନଥିପତ୍ରର ନମୁନା ଯାଞ୍ଚରୁ ଜଣାଗଲା ଯେ ଏପ୍ରିଲ 2003 ରୁ ଜାନୁଆରୀ 2008 ଅବଧି ପାଇଁ 4.35 କୋଟି ଟଙ୍କାର ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ମଇ 2003 ଓ ମାର୍ଚ୍ଚ 2008 ମଧ୍ୟରେ ଏକ ମାସରୁ 59 ମାସ ପର୍ଯ୍ୟନ୍ତ ବିଳମ୍ବରେ ପଇଠ ହୋଇଥିଲା । ଏହି ବିଳମ୍ବିତ ପ୍ରଦାନ ନିମନ୍ତେ 86.71 ଲକ୍ଷ ଟଙ୍କାର ସୁଧ ବସାଣଯୋଗ୍ୟ ଥିଲେ ମଧ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ଏଥି ନିମନ୍ତେ ଦାବି ଉପସ୍ଥାପନ କରି ନଥିଲେ ।

ଏହି ମାମଲାଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ ଶିକ୍ଷାନୁଷ୍ଠାନ ମାନଙ୍କ ବିରୁଦ୍ଧରେ ଦାବି ଉପସ୍ଥାପନ କରାଯାଇଥିଲା । ଅସୁଲିର ବିବରଣ ହସ୍ତଗତ ହୋଇ ନଥିଲା (ଅକ୍ଟୋବର 2009) ।

### *8.3.5 ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ର ଅନିୟମିତ ଅବ୍ୟାହତି*

ସମୟକୁ ସମୟ ପ୍ରଖ୍ୟାପିତ ଶିଳ୍ପନୀତି ସଂକଳ୍ପ ଅନୁସାରେ ଶିଳ୍ପସଂସ୍ଥା ଗୁଡିକ ବିହିତ ସର୍ତ୍ତାବଳୀ ପୂରଣ କଲେ ବିନିର୍ଦ୍ଦିଷ୍ଟ ସମୟ ପାଇଁ ଜଳକର ଦେୟରୁ ଅବ୍ୟାହତି ଯୋଗ୍ୟ ହେବେ ।

ସୁନ୍ଦରଗଡ ସେଚ ଡିଭିଜନରେ ଦେଖାଗଲା ଯେ ତିନିଗୋଟି ଶିଳ୍ପସଂସ୍ଥାକୁ ଅଗଷ୍ଟ 2003 ଓ ମାର୍ଚ୍ଚ 2008 ମଧ୍ୟରେ ଶିଳ୍ପନୀତି ସଂକଳ୍ପ 2001 ଅନୁସାରେ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ରରୁ ଯୋଗ୍ୟତା ପ୍ରମାଣପତ୍ର ଏବଂ ରାଜିନାମାରେ ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥାଇ ଲାଇସେନସ୍ ଫିସ୍‌ର 50 ପ୍ରତିଶତ ଅବ୍ୟାହତି ଦିଆଯାଇଥିଲା । ଏହା ଫଳରେ 7.55 ଲକ୍ଷ ଟଙ୍କାର ଲାଇସେନସ୍ ଫିସ୍‌ର ଅନିୟମିତ ଅବ୍ୟାହତି ହୋଇଥିଲା ।

ଏହି ମାମଲା ଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଶିଳ୍ପ ଗୁଡିକର ଯୋଗ୍ୟତା ପ୍ରମାଣ କରିବା ଏବଂ ଯୋଗ୍ୟତା ପ୍ରମାଣପତ୍ର ହାସଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ମଧ କୁହାଯାଇଥିଲା ଯେ ଯଦି ଶିଳ୍ପସଂସ୍ଥା ଗୁଡିକ ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରି ନଥିବେ ତେବେ ଦାବିଗୁଡିକ ପୁନରୀକ୍ଷଣ କରାଯିବ । ଅଧିକତର ବିବରଣ ହସ୍ତଗତ ହୋଇ ନଥିଲା (ଅକ୍ଟୋବର 2009) ।

### *8.3.6 ବକେୟା ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍*

ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍ ବାବଦ ବକେୟା 31 ମାର୍ଚ୍ଚ 2008 ସୁଦ୍ଧା ବିଭାଗ ଦ୍ୱାରା 107.56 କୋଟି ଟଙ୍କା ଦର୍ଶାଯାଇ ଥିଲା । ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କର ଦାବି, ସଂଗ୍ରହ ଏବଂ ଅବଶେଷ ଅବସ୍ଥା (ଡି.ସି.ବି.) ରୁ ଦେଖାଗଲା ଯେ ସେହିଦିନ ପର୍ଯ୍ୟନ୍ତ ଓଡିଶା ଜଳ ବିଦ୍ୟୁତ ନିଗମ ଉପରେ ଥିବା 4,220.37 କୋଟି[80] ଟଙ୍କାର ବକେୟା ପାଉଣା ଉପରୋକ୍ତ ବକେୟାରେ ଅନ୍ତର୍ଭୁକ୍ତ ହୋଇ ନଥିଲା । ବକେୟା ଦାବି ସମ୍ପର୍କିତ ନଥିପତ୍ରର ଯାଞ୍ଚରୁ ଦେଖାଗଲା ଯେ :-

---

79 ଅନୁଗୁଳ ସେଚ ଡିଭିଜନ, ଜାରକା ସେଚ ଡିଭିଜନ, ମୂଖ୍ୟ ବନ୍ଧ ଡିଭିଜନ, ବୁର୍ଲା ଓ ସୁନ୍ଦରଗଡ ସେଚ ଡିଭିଜନ ।

80 ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପର 2006-07 ଏବଂ 2007-08 ର ବକେୟାକୁ ବାଦଦେଇ ।

- ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କର ନଥିପତ୍ରକୁ ସମ୍ପୃକ୍ତ ଡିଭିଜନ ମାନଙ୍କର ନଥିପତ୍ର ସହିତ ତୁଳନା କଲେ ଦୁଇଗୋଟି ଶିଳ୍ପର ବକେୟା ସ୍ଥିତି 3.78 କୋଟି ଟଙ୍କା ଅଧିକ ଥିବା ଦେଖାଗଲା । ସେହିପରି, ଚାରିଗୋଟି ମାମଲାରେ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କର ଦାବି, ସଂଗ୍ରହ ଓ ଅବଶେଷରେ ଦର୍ଶାଯାଇଥିବା ବକେୟା 20.79 କୋଟି ଟଙ୍କା କମ୍ ଦର୍ଶାଯାଇଥିଲା । ଏହି ଅସାମଞ୍ଜସ୍ୟତା ଗୁଡିକ ମିଳାମିଶା କରି ସମାଧାନ କରାଯିବା ଆବଶ୍ୟକ ।

- ଓଡିଶା ସେଚ ଅଧିନିୟମର ବ୍ୟବସ୍ଥା ଅନୁସାରେ ସ୍ୱତନ୍ତ୍ର ଜଳକର/ଲାଇସେନସ୍ ଫିସ୍‌ର ବକେୟା ଭୂ-ରାଜସ୍ୱର ବକେୟା ପରି ଧରାଯାଇ ଅସୁଲ କରାଯାଏ । ଏହା ଦେଖାଗଲା ଯେ 1994 ପରଠାରୁ କୋର୍ଟ ମାମଲାରେ ଜଡିତ ଥିବା 81 କୋଟି ଟଙ୍କାର ବକେୟାକୁ ବାଦ ଦେଇ 26.56 କୋଟି ଟଙ୍କାର ବକେୟା ଥିବା ସତ୍ତ୍ୱେ ବିଭାଗ ପାଉଣା ଆଦାୟ ପାଇଁ କୌଣସି ସାର୍ଟିଫିକେଟ୍ କାର୍ଯ୍ୟବିଧି ଆରମ୍ଭ କରି ନଥିଲେ । ଏଥିମଧ୍ୟରୁ 9.05 କୋଟି ଟଙ୍କାର ବକେୟା ବନ୍ଦ କିମ୍ବା ବଦଳି ହୋଇଯାଇଥିବା ସଂସ୍ଥା ଉପରେ ଥିବାରୁ ଏହାର ଆଦାୟ ସୁଦୁର ଥିଲା ।

ଏହି ମାମଲା ଗୁଡିକ ଦର୍ଶାଯିବା ପରେ ସରକାର ଜୁଲାଇ 2009 ରେ କହିଲେ ଯେ :-

- ଅସାମଞ୍ଜସ୍ୟର ମିଳାମିଶା ନିମନ୍ତେ କାର୍ଯ୍ୟ କରାଯାଉଥିଲା;
- ବିଚାରାଧିନ ମାମଲା ଗୁଡିକର ସମୀକ୍ଷା କରାଯାଉଥିଲା ଏବଂ ସମ୍ପୃକ୍ତ ଡିଭିଜନ ଗୁଡିକୁ ବକେୟା ପାଉଣା ଅସୁଲ କରିବା ନିମନ୍ତେ ଉପଯୁକ୍ତ କାର୍ଯ୍ୟ ଆରମ୍ଭ କରିବାକୁ ସୂଚିତ କରାଯିବ; ଏବଂ
- କ୍ଷେତ୍ର କାର୍ଯ୍ୟକର୍ତ୍ତା ମାନଙ୍କୁ ଶୀଘ୍ର କାର୍ଯ୍ୟ କରିବାକୁ ସମୀକ୍ଷା ମନ୍ତବ୍ୟ ଗୁଡିକ ଜଣାଇ ଦିଆଯାଇଥିଲା ।

ଅଧିକତର ବିବରଣୀ ମିଳି ନଥିଲା (ଅକ୍ଟୋବର 2009) ।

**ଶକ୍ତି ବିଭାଗ**

## 8.4 ଅଧିସୂଚନା/ନିଷ୍ପତ୍ତିର ପାଳନ ନହେବା

*ଓଡିଶା ବିଦ୍ୟୁତ ନିୟାମକ କମିଶନ (ଓଇଆରସି) ର ବିଦ୍ୟମାନ ନିଷ୍ପତ୍ତି ଏବଂ ଓଡିଶା ସରକାରଙ୍କ ଅଧିସୂଚନାର ବ୍ୟବସ୍ଥା ଅନୁଯାୟୀ :-*

*(i) ନର୍ଥ ଇଷ୍ଟର୍ଣ୍ଣ ଇଲେକ୍ଟ୍ରିସିଟି ସପ୍ଲାଇ କମ୍ପାନୀ ଅଫ୍ ଓଡିଶା ଲିମିଟେଡ (ନେସ୍‌କୋ) ନିମନ୍ତେ ବିଦ୍ୟୁତ ଶକ୍ତିର ସଂଚରଣ ଏବଂ ବିତରଣ ଜନିତ କ୍ଷତିକୁ 2006-07 ଏବଂ 2007-08 ରେ ଯଥାକ୍ରମେ 32 ପ୍ରତିଶତ ଏବଂ 29 ପ୍ରତିଶତକୁ ସୀମିତ;*

*(ii) ସେବା ସଂଯୋଗର ନିରୀକ୍ଷଣ ବାବଦରେ ନିରୀକ୍ଷଣ ଫିସ୍ ଆଦାୟ ହେବ;*

*(iii) ବିଳମ୍ବରେ ପ୍ରଦତ୍ତ ବିଦ୍ୟୁତ ଶୁଳ୍କ ନିମନ୍ତେ ସୁଧ ବସାଣ ହେବ ।*

*ଉପରୋକ୍ତ ବ୍ୟବସ୍ଥା ମଧ୍ୟରୁ କେତେକ ପାଳନ ନହେବାରୁ 8.5 ରୁ 8.7 ଅନୁଚ୍ଛେଦରେ ଉଲ୍ଲେଖ ହୋଇଥିବା ମତେ 9.25 କୋଟି ଟଙ୍କାର ରାଜସ୍ୱ ଅନାରୋପଣ/ଅନାଦାୟ ହୋଇଥିଲା ।*

## 8.5 ସଂଚରଣ ଏବଂ ବିତରଣ ଜନିତ କ୍ଷତି ଉପରେ ବିଦ୍ୟୁତ ଶୁଳ୍କ ଅନାରୋପଣ

ଓଡିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ (ଓଇଡି ଆକ୍ଟ), 1961 ସହ ପଠିତ ଓଡିଶା ସରକାରଙ୍କ ଶକ୍ତି ବିଭାଗର ଜାନୁଆରୀ 2006 ଅଧିସୂଚନାର ବ୍ୟବସ୍ଥାନୁଯାୟୀ ଲାଇସେନ୍ସ ଧାରୀ କିମ୍ବା ବୋର୍ଡ ଦ୍ୱାରା ନିଜ ପରିସରରେ ବ୍ୟବହୃତ ବିଦ୍ୟୁତ ଶକ୍ତି ନିମନ୍ତେ ୟୁନିଟ୍ ପିଛା ଛଅ ପଇସା ହାରରେ ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ ହେବ । ପୁନଶ୍ଚ, ଓଡିଶା ବିଦ୍ୟୁତ ନିୟାମକ କମିଶନ ନେସ୍‌କୋ ନିମନ୍ତେ ଏକ୍ସଟ୍ରା ହାଇଟେନସନ୍ (ଇଏଚ୍‌ଟି) ବର୍ଗର ଗ୍ରାହକମାନଙ୍କୁ ବିକ୍ରି ହୋଇଥିବା ବିଦ୍ୟୁତ ଶକ୍ତିକୁ ବାଦ ଦେଇ ବିଦ୍ୟୁତ ଶକ୍ତି ସଞ୍ଚାରଣ ଏବଂ ବିତରଣ ଜନିତ କ୍ଷତି 2006-07 ଏବଂ 2007-08 ବର୍ଷ ନିମନ୍ତେ ଯଥାକ୍ରମେ 32 ଏବଂ 29 ପ୍ରତିଶତ ଧାର୍ଯ୍ୟ କରିଥିଲେ ।

ସେପ୍ଟେମ୍ବର 2008 ରେ ବାଲେଶ୍ୱର ବିଦ୍ୟୁତ ନିରୀକ୍ଷକ (ଇଆଇ), ସଞ୍ଚାରଣ ଏବଂ ବିତରଣ (ଟିଆଣ୍ଡଡି) ଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଏବଂ ନେସ୍‌କୋ କର୍ପୋରେଟ କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟରୁ ପରିଲକ୍ଷିତ ହେଲା ଯେ ନେସ୍‌କୋ 2006-07 ଏବଂ 2007-08 ବର୍ଷରେ 8,653.267 ମେଗା ୟୁନିଟ ଶକ୍ତି କ୍ରୟ କରିଥିଲା । ଏଥି ମଧ୍ୟରୁ 3,014.667 ମେଗା ୟୁନିଟ ଶକ୍ତି ଇଏଚ୍‌ଟି ବର୍ଗର ଖାଉଟିଙ୍କୁ ବିକ୍ରୟ ହୋଇଥିଲା । ଅବଶିଷ୍ଟ 5,638.600 ମେଗା ୟୁନିଟ ଶକ୍ତିରୁ 2,859.288 ମେଗା ୟୁନିଟ ଶକ୍ତି ଲୋ ଟେନସନ୍ ଏବଂ ହାଇ ଟେନସନ୍ ବର୍ଗର ଖାଉଟି ମାନଙ୍କୁ ଉପରୋକ୍ତ ସମୟରେ ବିକ୍ରୟ କରାଯାଇ 2,779.312 ମେଗା ୟୁନିଟ ଶକ୍ତି ବଳକା ରହିଥିଲା । ଓଡିଶା ବିଦ୍ୟୁତ ନିୟାମକ କମିଶନଙ୍କ ଦ୍ୱାରା ସ୍ଥିରୀକୃତ ମାନଦଣ୍ଡ ଅନୁସାରେ ସଞ୍ଚାରଣ ଏବଂ ବିତରଣ ଜନିତ କ୍ଷତି ବାବଦକୁ 1,715.216 ମେଗା ୟୁନିଟ ବାଦ ଦେବା ପରେ ଅବଶିଷ୍ଟ 1,064.096 ମେଗା ୟୁନିଟ ଶକ୍ତି ଉପରେ କମ୍ପାନୀ ବିଦ୍ୟୁତ ଶୁଳ୍କ(ଇଡି) ଦେବାକୁ ଦାୟୀ ଥିଲା । ମାତ୍ର ଏହା ଦେଖାଗଲା ଯେ କମ୍ପାନୀ ବିଦ୍ୟୁତ ଶୁଳ୍କ ପୈଠ କରି ନଥିଲା କିମ୍ବା ବିଭାଗ ମଧ୍ୟ ଏଥି ନିମନ୍ତେ କୌଣସି ଦାବି ଉତ୍ଥାପନ କରି ନଥିଲା । ଏହା ଫଳରେ 6.38 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଅନାରୋପଣ ହୋଇଥିଲା ।

ମାମଲାଟି ଦର୍ଶାଯିବା ପରେ ସରକାର ଜୁନ୍ 2009 ରେ କହିଲେ ଯେ ସଞ୍ଚାରଣ ଓ ବିତରଣ ଜନିତ କ୍ଷତି ବାବଦରେ ବିଦ୍ୟୁତ ଶୁଳ୍କ ଆଦାୟ ଯୋଗ୍ୟ ନୁହଁ କାରଣ ଏହା ଖାଉଟିଙ୍କ ଦ୍ୱାରା ବ୍ୟବହୃତ ହୋଇ ନଥିଲା । ମାତ୍ର ଏହା ସତ୍ୟ ଯେ ସଞ୍ଚାରଣ ଓ ବିତରଣ ଜନିତ କ୍ଷତିର ଗ୍ରହଣଯୋଗ୍ୟ ସୀମାରୁ ଅଧିକ କ୍ଷତି ହୋଇଥିବା ଶକ୍ତି ଲାଇସେନସ୍ ଧାରୀଙ୍କ ଦ୍ୱାରା ବ୍ୟବହୃତ ହୋଇଥିବାର ଧରାଯିବ ଏବଂ ଏହି ବାବଦରେ ସେ ବିଦ୍ୟୁତ ଶୁଳ୍କ ଦେବାକୁ ଦାୟୀ ଥିଲେ ।

## 8.6 ନିରୀକ୍ଷଣ ଫିସ୍ ବାବଦରେ ଦାବି ଉତ୍ଥାପିତ ନହେବା

ଓଡିଶା ସରକାରଙ୍କ ଡିସେମ୍ବର 2001 ଅଧିସୂଚନା ଅନୁଯାୟୀ ସେବା ଜନିତ ସମସ୍ତ ବିଦ୍ୟୁତ ସଂଯୋଗ ଗୁଡିକର ନିରୀକ୍ଷଣ ନିମନ୍ତେ ବାର୍ଷିକ ନିରୀକ୍ଷଣ ଫିସ୍ ବିହିତ ହାରରେ ଧାର୍ଯ୍ୟ ହୁଏ । ବିତରକ କମ୍ପାନୀମାନଙ୍କ ଦ୍ୱାରା ଏହି ଫିସ୍ ଆଦାୟ ହୋଇ ସରକାରୀ ତହବିଲରେ ଜମା କରାଯିବା କଥା ।

ସେପ୍ଟେମ୍ବର 2008 ରେ ବାଲେଶ୍ୱର ବିଦ୍ୟୁତ ନିରୀକ୍ଷକ (ଟିଆଣ୍ଡଡି) ଙ୍କ ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ 2007-08 ବର୍ଷର ନିରୀକ୍ଷଣ ଫିସ୍ ବିତରଣ କମ୍ପାନୀ ନେସ୍‌କୋ ଦ୍ୱାରା ଜମା କରାଯାଇ ନଥିଲା କିମ୍ବା ବିଭାଗ ମଧ୍ୟ ଏଥି ନିମନ୍ତେ କୌଣସି ଦାବି ଉତ୍ଥାପନ କରିନଥିଲା । ଏହା ଫଳରେ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଅନୁସାରେ 1.18 କୋଟି ଟଙ୍କା ଅନାଦାୟ ରହିଥିଲା ।

(ଟଙ୍କା କୋଟି ଆକାରରେ)

| ବିଦ୍ୟୁତ ନିରୀକ୍ଷକ (ଟି ଆଣ୍ଡ ଡି)ଙ୍କ ନାମ ବିତରକ କମ୍ପାନୀ | ବର୍ଷ | ଘରୋଇ | | ବାଣିଜ୍ୟିକ | | ଆଦାୟଯୋଗ୍ୟ ମୋଟ ଫିସ୍ |
|---|---|---|---|---|---|---|
| | | ଖାଉଟିଙ୍କ ସଂଖ୍ୟା | ଆଦାୟଯୋଗ୍ୟ ଫିସ୍ | ଖାଉଟିଙ୍କ ସଂଖ୍ୟା | ଆଦାୟଯୋଗ୍ୟ ଫିସ୍ | |
| ବାଲେଶ୍ୱର ନେସ୍କୋ | 2007-08 | 4,84,421 | 0.97 | 42.656 | 0.21 | 1.18 |

ମାମଲାଟି ଦର୍ଶାଯିବା ପରେ ବିଦ୍ୟୁତ ନିରୀକ୍ଷକ ସେପ୍ଟେମ୍ବର 2008 ରେ କହିଲେ ଯେ ଦାବି ଉତ୍ଥାପନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ହେବ । ମାମଲାର ଅଧିକତର ବିରରଣୀ ମିଳି ନଥିଲା (ଅକ୍ଟୋବର 2009) ।

ବିଷୟଟି ସରକାରଙ୍କୁ ଫେବୃଆରୀ 2009 ରେ ଜଣାଇ ଦିଆଯାଇଥିଲା; ସରକାରଙ୍କ ଉତ୍ତର ମିଳି ନଥିଲା (ଅକ୍ଟୋବର 2009) ।

## 8.7 ସୁଧ ଅନାରୋପଣ

ଓଡିଶା ବିଦ୍ୟୁତ ଶୁଳ୍କ ଅଧିନିୟମ ଓ ତଦଧିନ ପ୍ରଣୀତ ନିୟମାବଳୀ ଅନୁସାରେ ଅନୁମତିଧାରୀ ଖାଉଟି ମାନଙ୍କଠାରୁ ଆଦାୟ କରିଥିବା ବିଦ୍ୟୁତ ଶୁଳ୍କକୁ ଆଦାୟ ହୋଇଥିବା ମାସ ଶେଷ ହେବାର 30 ଦିନ ମଧ୍ୟରେ ସରକାରୀ ତହବିଲରେ ଜମା କରିବା ଆବଶ୍ୟକ । ଏହା ଜମା କରିବାରେ ବିଳମ୍ବ ହୋଇଥିଲେ ଅନୁମତିଧାରୀ ବାର୍ଷିକ 18 ପ୍ରତିଶତ ହାରରେ ସୁଧ ଦେବାକୁ ଦାୟୀ ରହିବେ ।

ସେପ୍ଟେମ୍ବର 2008 ରେ ବିଦ୍ୟୁତ ନିରୀକ୍ଷକ (ଟିଆଣ୍ଡଡି), ବାଲେଶ୍ୱରଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ଏପ୍ରିଲ 2001 ରୁ ଏପ୍ରିଲ 2007 ଅବଧି ସମ୍ପର୍କିତ 3.79 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଡିସେମ୍ବର 2002 ଏବଂ ଅଗଷ୍ଟ 2008 ମଧ୍ୟରେ ସରକାରୀ ତହବିଲରେ ଜମା କରାଯାଇଥିଲା । ଶୁଳ୍କ ଜମା ହେବାରେ ବିଳମ୍ବର ବ୍ୟାପ୍ତି 22 ଦିନରୁ 70 ମାସ ହୋଇଥିଲେ ମଧ୍ୟ ଏଥି ନିମନ୍ତେ ଲାଗୁ ହେବାକୁ ଥିବା 1.69 କୋଟି ଟଙ୍କାର ସୁଧ ଦାବି କରାଯାଇ ନଥିଲା ।

ମାମଲାଟି ଦର୍ଶାଯିବା ପରେ ସରକାର ମଇ 2009 ରେ କହିଲେ ଯେ ମାର୍ଚ୍ଚ 2009 ରେ ସୁଧ ବାବଦକୁ 1.60 କୋଟି ଟଙ୍କାର ଦାବି ଉତ୍ଥାପିତ ହୋଇଥିଲା । ଆଦାୟର ବିବରଣୀ ଏବଂ ଦାବିର ଭିନ୍ନତାର କାରଣ ମିଳି ନଥିଲା (ଅକ୍ଟୋବର 2009) ।

# ଗୃହ ଓ ନଗର ଉନ୍ନୟନ ବିଭାଗ

## 8.8 ସ୍ୱେରେଜ ଦେୟ ଅନାଦାୟ ଏବଂ ଜଳ ଦେୟ ସ୍ୱଳ୍ପାଦାୟ

*ସରକାରୀ ବାସଗୃହ ବାବଦ ଜଳ ଦେୟର ବାର୍ଷିକ ବୃଦ୍ଧି ନହେବା ଏବଂ ସ୍ୱେରେଜ ଦେୟ ଆଦାୟ ନହେବା ହେତୁ 3.49 କୋଟି ଟଙ୍କା ଅନାଦାୟ ରହିଥିଲା ।*

ସମୟକୁ ସମୟ ସଂଶୋଧିତ ଓଡିଶା ଜଳ ଯୋଗାଣ ସଂସ୍ଥା (ସ୍ଥାନୀୟ ନଗର ନିକାୟ) ନିୟମାବଳୀ, 1980 ଅଧିନରେ ସରକାରୀ ବାସଗୃହରେ ରହିଥିବା ବ୍ୟକ୍ତିଙ୍କ ଠାରୁ ବିହିତ ହାରରେ ଜଳ ଦେୟ ଆଦାୟ ଯୋଗ୍ୟ । ଗୃହ ଓ ନଗର ଉନ୍ନୟନ ବିଭାଗର ଜୁନ୍ 2005 ସଂକଳ୍ପ ଅନୁସାରେ ସମସ୍ତ ବର୍ଗର ଖାଉଟିଙ୍କ ନିମନ୍ତେ ଜଳ ଦେୟ ପ୍ରତ୍ୟେକ ବର୍ଷ ସ୍ୱୟଂକ୍ରିୟ ପାଞ୍ଚ ପ୍ରତିଶତ ହାରରେ ବୃଦ୍ଧି ହେବା କଥା । ପୁନଶ୍ଚ, ଗୃହ ଓ ନଗର ଉନ୍ନୟନ

ବିଭାଗର ଅଗଷ୍ଟ 1996 ସଂକଳ୍ପ ଅନୁସାରେ ବ୍ୟବହାରକାରୀଙ୍କ ନିକଟରୁ ପ୍ରତ୍ୟେକ ସ୍ୱେରେଜ ସଂଯୋଗ ନିମନ୍ତେ ପ୍ରତ୍ୟେକ ମାସରେ 20 ଟଙ୍କା ଲେଖାଏଁ ସ୍ୱେରେଜ ଦେୟ ଆଦାୟ ହେବ ।

ଡିସେମ୍ବର 2008 ରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ଡିଭିଜନ II ଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଏବଂ ସାଧାରଣ ପ୍ରଶାସନ (ଜିଏ) ବିଭାଗର ରେଣ୍ଟ ଅଧିକାରୀଙ୍କ ଠାରୁ ଫେବୃଆରୀ 2009 ରେ ସଂଗୃହୀତ ତଥ୍ୟରୁ ଜଣାଗଲା ଯେ ଜଳ ଦେୟର ବାର୍ଷିକ ବୃଦ୍ଧି ସରକାରୀ ବାସଗୃହ ଗୁଡିକ କ୍ଷେତ୍ରରେ ଲାଗୁ କରାଯାଇ ନଥିଲା । ଏହା ମଧ୍ୟ ଦେଖାଗଲା ଯେ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ବାସଗୃହ ଗୁଡିକର ଭୋଗଦଖଲକାରୀଙ୍କ ଠାରୁ ସ୍ୱେରେଜ ଦେୟ ଆଦୌ ଆଦାୟ ହୋଇ ନଥିଲା । ଏହା ଫଳରେ ଏପ୍ରିଲ 2006 ରୁ ନଭେମ୍ବର 2008 ଅବଧି ପାଇଁ 16.77 ଲକ୍ଷ ଟଙ୍କାର ଜଳ ଦେୟ ସ୍ୱଳ୍ପାଦାୟ ହୋଇଥିଲା ଏବଂ ସେପ୍ଟେମ୍ବର 1996 ରୁ ନଭେମ୍ବର 2008 ଅବଧି ପାଇଁ 3.32 କୋଟି ଟଙ୍କାର ସ୍ୱେରେଜ ଦେୟ ଅନାଦାୟ ରହିଥିଲା ।

ଏହା ଦର୍ଶାଯିବା ପରେ ସରକାର ଅଗଷ୍ଟ 2009 ରେ କହିଲେ ଯେ ସାଧାରଣ ପ୍ରଶାସନ ବିଭାଗର ଅଧୀନରେ ଥିବା ସରକାରୀ ବାସଗୃହ ଗୁଡିକରେ ବିଭିନ୍ନ ବିଭାଗର କର୍ମଚାରୀମାନେ ରହୁଅଛନ୍ତି । ଅତଏବ କର୍ମଚାରୀଙ୍କ ଭୋଗଦଖଲ କାଳ ଉପରେ ନଜର ରଖି ବିଭାଗଗୁଡିକ ଉପରେ ଦାବି ଉତ୍ଥାପନ କରିବା କାର୍ଯ୍ୟତଃ ଅସମ୍ଭବ । ଏହା ମଧ୍ୟ କୁହାଯାଇଥିଲା ଯେ ଅସୁବିଧା ଏଡାଇବା ଲାଗି ଜଳ ଦେୟ ଓ ସ୍ୱେରେଜ ଦେୟ ଦାବି ସାଧାରଣ ପ୍ରଶାସନ ବିଭାଗ ଉପରେ ବିହିତ ହାରରେ ଉତ୍ଥାପନ କରାଯାଉଥିଲା । ମାତ୍ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏବଂ ରେଣ୍ଟ ଅଧିକାରୀ, ସାଧାରଣ ପ୍ରଶାସନ ବିଭାଗ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ବାର୍ଷିକ ଜଳ ଦେୟ ବୃଦ୍ଧି ଏବଂ ସ୍ୱେରେଜ ଦେୟ ଲାଗୁ ହେବା ନିମନ୍ତେ ସରକାରୀ ଆଦେଶ ପାଳନ ହୋଇନଥିବା ଫେବୃଆରୀ 2009 ରେ କହିଥିଲେ ।

**ଭୁବନେଶ୍ୱର** | **(ଆତ୍ରେୟୀ ଦାସ)**
**ତାରିଖ** | **ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଏବଂ ପ୍ରାପ୍ତି ସମୀକ୍ଷା)**
**ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** | **(ବିନୋଦ ରାୟ)**
**ତାରିଖ** | **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

©
ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ
**2009**

ମୂଲ୍ୟ

ଅର୍ନ୍ତଦେଶୀୟ **65** ଟଙ୍କା

ବିଦେଶ ୟୁ.ଏସ **$ 5**

(ଡ଼ାକ/ବିମାନ ଖର୍ଚ୍ଚ ସହିତ)

# ପରିଶିଷ୍ଟ – କ

## ଦୋହରାଯାଇଥିବା ବୀମା କଭରନୋଟର ମାନୁଆଲ ଯାଞ୍ଚ

(ଅନୁଚ୍ଛେଦ 3.2.13.3 ପ୍ରସଙ୍ଗରେ)

| କ୍ରମିକ ସଂଖ୍ୟା | ବୀମା କଭର ନୋଟ ନମ୍ବର | ବୀମା କମ୍ପାନୀ ନାମ | ବୀମା କଭର ନୋଟ ବ୍ୟବହାର ହୋଇ ପଞ୍ଜୀକରଣ ହୋଇଥିବା ପ୍ରଥମ ଯାନ | | ସମାନ ବୀମା କଭର ନୋଟ ବ୍ୟବହାର ହୋଇ ପଞ୍ଜୀକରଣ ହୋଇଥିବା ଦ୍ୱିତୀୟ ଯାନ | | ମନ୍ତବ୍ୟ |
|---|---|---|---|---|---|---|---|
| ଅନୁଗୁଳ | | | | | | | |
| 1. | 208575 | ଓରିଏଣ୍ଟାଲ ବୀମା କମ୍ପାନୀ | OR-19F-7956 | ଏମ୍. ଆର. ସାହୁ ଟ 3,688 ଙ୍କା | OR-16F-8141 | ଏସ୍. କେ. ଯାଦବ ଟ 11,905 ଙ୍କା | |
| କଟକ | | | | | | | |
| 2. | 231542 | ଓରିଏଣ୍ଟାଲ ବୀମା କମ୍ପାନୀ | OR-05AD-3729 | ଇଲାରାଣୀ ଘୋଷ ଟ 960 ଙ୍କା | OR-05AD-3679 | ଜଗବନ୍ଧୁ ପଣ୍ଡା ଟ 960 ଙ୍କା | |
| 3. | 219921 | ଓରିଏଣ୍ଟାଲ ବୀମା କମ୍ପାନୀ | OR-05AD-3678 | ଦୁଷ୍ମନ୍ତ କୁ. ସାହୁ ଟ 1,774 ଙ୍କା | OR-05AD-3709 | ତ୍ରିଲୋଚନ ପତ୍ରି ଟ 774 ଙ୍କା | |
| ରାଉରକେଲା | | | | | | | |
| 4. | CW 0610036059 | ବାଜାଜ ଅଲିଆଞ୍ଜ୍ | OR-14S-1173 | ମହମ୍ମଦ ସାହାଜାହାନ ଶେଖ ଟ 4,123 ଙ୍କା | OR-14S-1172 | ବି. କେ. ପାଣ୍ଡେ ଟ 4,213 ଙ୍କା | |
| 5. | 200700952416 | ରେଲିଆନସ୍ | OR-14S-1486 | ବେଦବ୍ୟାସ ମିନେରାଲସ୍ ଟ 877 ଙ୍କା | OR-14S-1484 | ବେଦବ୍ୟାସ ମିନେରାଲସ୍ ଟ 877 ଙ୍କା | |
| 6. | 200700508420 | ରେଲିଆନସ୍ | OR-14S-1597 | ଅଭିମନ୍ୟୁ ଦାସ ଟ 3,230 ଙ୍କା | OR-14S-1595 | ସଞ୍ଜୟ ଓରାମ୍ ଟ 4,232 ଙ୍କା | |

| କ୍ରମିକ ସଂଖ୍ୟା | ବୀମା କଭର ନୋଟ ନମ୍ବର | ବୀମା କମ୍ପାନୀ ନାମ | ବୀମା କଭର ନୋଟ ବ୍ୟବହାର ହୋଇ ପଞ୍ଜୀକରଣ ହୋଇଥିବା ପ୍ରଥମ ଯାନ | | ସମାନ ବୀମା କଭର ନୋଟ ବ୍ୟବହାର ହୋଇ ପଞ୍ଜୀକରଣ ହୋଇଥିବା ଦ୍ୱିତୀୟ ଯାନ | | ମନ୍ତବ୍ୟ |
|---|---|---|---|---|---|---|---|
| ସୁନ୍ଦରଗଡ | | | | | | | |
| 7. | 55015260 | ଆଇସିଆଇସିଆଇ ଲୋମ୍ବାର୍ଡ | OR-16C-3118 | ଏମ୍. କେ. ପଟେଲ ଟ 27,501 ଙ୍କା | OR-16C-3117 | କେ. କେ. ପଟେଲ ଟ 27,501 ଙ୍କା | |
| 8. | 201839808790 | ଆଇସିଆଇସିଆଇ ଲୋମ୍ବାର୍ଡ | OR-16C-2510 | ଆର୍. କେ. ସାହୁ ଟ 20,600 ଙ୍କା | OR-16C-2509 | ଏସ୍. ସି. ସରାଫ ଟ 20,600 ଙ୍କା | କଭର ନୋଟ ପରିବର୍ତ୍ତେ ଏହା ଏକ ମିସ୍‌ଯାନ ପ୍ୟାକେଜ୍ କୋଟେସନ୍ |
| 9. | 201067589279 | ଆଇସିଆଇସିଆଇ ଲୋମ୍ବାର୍ଡ | OR-16C-1927 | ଏସ୍. କେ. ଚୌଧୁରୀ ଟ 20,600 ଙ୍କା | OR-16C-1928 | ଏସ. କେ. ଚୌଧୁରୀ ଟ 20,600 ଙ୍କା | କଭର ନୋଟ ପରିବର୍ତ୍ତେ ଏହା ଏକ ମାଲବାହୀ ଯାନ ପ୍ୟାକେଜ କୋଟେସନ୍ |
| 10. | 200702907775 | ରେଲିଆନସ୍ | OR-16C-2497 | ରାଧେଶ୍ୟାମ ଜେନା ଟ 877 ଙ୍କା | OR-16C-3015 | ନିରତୀ ପଟେଲ ଟ 877 ଙ୍କା | |

# ପରିଶିଷ୍ଟ – ଖ

## ମୁଖ୍ୟ ସ୍ଥାନରେ ତଥ୍ୟ ଦରଜ ହୋଇନଥିବା

(ଅନୁଚ୍ଛେଦ 3.2.13.4 ପ୍ରସଙ୍ଗରେ)

| କ୍ରମିକ ସଂଖ୍ୟା | ତଥ୍ୟ ସ୍ଥାନର ନାମ | ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ନାମ | | | | | | | | ମୋଟ |
|---|---|---|---|---|---|---|---|---|---|---|
| | | ଅନୁଗୁଳ | ଭୁବନେଶ୍ୱର | କଟକ | ଝାରସୁଗୁଡା | ନବରଙ୍ଗପୁର | ରାୟଗଡା | ରାଉରକେଲା | ସୁନ୍ଦରଗଡ | |
| 1. | ଅଲଦା ଓଜନ | 3,202 | 225 | 379 | 496 | 240 | 185 | 119 | 918 | 5,764 |
| 2. | ଲଦା ଓଜନ | 549 | 32,423 | 24,172 | 3,700 | 9,568 | 3,455 | 13,908 | 1,207 | 88,982 |
| 3. | ଆସନ ସଂଖ୍ୟା | 1,118 | 3,058 | 11 | 19 | 30 | 62 | 44 | 541 | 4,883 |
| 4. | ବିକ୍ରୟ ମୂଲ୍ୟ | 57,393 | 41,769 | 17,318 | 11,016 | 11,457 | 11,418 | 12,279 | 33,595 | 1,96,245 |
| 5. | କ୍ୟୁବିକ କ୍ଷମତା | 11,612 | 802 | 797 | 154 | 748 | 257 | 102 | 350 | 14,822 |
| 6. | ମାଲବାହୀ ଯାନ ଯାହାର ଲଦା ଓଜନ ଶୁନ୍ୟ | 151 | 09 | 03 | 08 | 45 | 36 | 02 | 83 | 337 |
| 7. | ଅଣପରିବହନ/ଘରୋଇ ଯାନ ଯାହାର ଆସନ ସଂଖ୍ୟା ଓ ବିକ୍ରୟ ମୂଲ୍ୟ ଶୁନ୍ୟ ଅଟେ | 988 | 1,220 | 02 | 06 | 09 | 25 | 04 | 131 | 2,385 |
| 8. | ଘରୋଇ ଯାନ ଯାହାର ଅଲଦା ଓଜନ ଶୁନ୍ୟ ଅଟେ | 2,832 | 163 | 76 | 444 | 56 | 90 | 14 | 558 | 4,233 |
| 9. | ଯାତ୍ରୀବାହୀ ଯାନ ଯାହାର ଆସନ ସଂଖ୍ୟା ଶୁନ୍ୟ | 45 | 32 | - | 01 | 02 | 03 | - | 26 | 109 |
| | | **77,890** | **79,701** | **42,758** | **15,844** | **22,155** | **15,531** | **26,472** | **37,409** | **3,17,760** |

# ପରିଶିଷ୍ଟ – ଗ

**ତଥ୍ୟ ବିଧିମାନ୍ୟତାରେ ଅଭାବ**

(ଅନୁଚ୍ଛେଦ 3.2.13.5 ପ୍ରସଙ୍ଗରେ)

| କ୍ରମିକ ସଂଖ୍ୟା | ସ୍ଥାନର ଥିବା ତଥ୍ୟ | ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ନାମ | | | | | | | | ମୋଟ |
|---|---|---|---|---|---|---|---|---|---|---|
| | | ଅନୁଗୁଳ | ଭୁବନେଶ୍ୱର | କଟକ | ଝାରସୁଗୁଡା | ନବରଙ୍ଗପୁର | ରାୟଗଡା | ରାଉରକେଲା | ସୁନ୍ଦରଗଡ | |
| 1. | ପଞ୍ଜୀକରଣର ରାଜ୍ୟ କୋର୍ଡ ସ୍ଥାନରେ ଓଆର ବଦଳରେ ଶୁନ୍ୟ ଆର୍ | - | - | 63 | 04 | - | - | - | - | 67 |
| 2. | ମାଲବାହୀ ଗାଡିର ଲଦା ଓଜନ 49,000 କି. ଗ୍ରା. ରୁ ଅଧିକ | 12 | 4 | 1 | - | - | 1 | 20 | 46 | 84 |
| 3. | ଦୁଇଚକିଆ ଯାନର ଆସନ ସଂଖ୍ୟା ତିନିରୁ ଅଧିକ | 167 | 330 | 167 | 37 | 54 | 28 | 57 | 229 | 1,069 |
| 4. | ଘରୋଇ କାରର ଆସନ ସଂଖ୍ୟା 12 ରୁ ଅଧିକ | 1 | 21 | 10 | - | 1 | - | 3 | 2 | 38 |
| 5. | କ୍ୟୁବିକ କ୍ଷମତା 01 ସିସି ରୁ 25 ସିସି ମଧ୍ୟରେ | 418 | 397 | 340 | 48 | 44 | 134 | 75 | 3,212 | 4,668 |
| 6. | ଘରୋଇ ଯାନ କ୍ଷେତ୍ରରେ ଫିଟନେସ୍ ପ୍ରମାଣ ପତ୍ର ବିଧିମାନ୍ୟତା 2024 ମସିହା ଠାରୁ ଅଧିକ | 31 | 26 | 9 | - | - | - | - | - | 66 |
| 7. | ବୀମା ବିଧିମାନ୍ୟତା 2024 ମସିହା ପରେ | 2 | 11 | 7 | - | - | - | 3 | 4 | 27 |
| 8. | ଟିକସ୍ ବିଧିମାନ୍ୟତା 2024 ପରେ | - | - | 3 | 4 | - | - | 4 | 7 | 18 |
| 9. | ବୀମା ଆରମ୍ଭ ତାରିଖ, ବୀମା ଶେଷ ତାରିଖ ସହିତ ସମାନ କିମ୍ବା ଅଧିକ | - | 7 | - | - | - | - | - | - | 7 |
| 10. | ରବିବାରରେ ଯାନ ପଞ୍ଜୀକରଣ | 164 | 189 | 623 | 22 | 18 | 36 | - | 330 | 1,382 |
| 11. | ରବିବାରରେ ଯାନ ଫିଟନେସ୍ ଫିସ୍ ଆଦାୟ | - | - | 1 | - | - | - | - | - | 1 |
| 12. | ଅଫିସ ସମୟ ବାହାରେ ଫିସ୍ ଗ୍ରହଣ | 421 | 1,411 | 1,077 | 132 | 15 | 134 | 195 | 364 | 3,749 |
| 13. | ଯାତ୍ରୀବାହୀ ଯାନର ଆସନ ସଂଖ୍ୟା 100 ରୁ ଅଧିକ | - | 14 | - | - | - | - | - | - | 14 |

# ପରିଶିଷ୍ଟ – ଘ

**ଅକାମୀ ବୀମା କାଗଜରେ ଯାନ ପଞ୍ଜୀକରଣ**

(ଅନୁଚ୍ଛେଦ 3.2.13.5 ପ୍ରସଙ୍ଗରେ)

| କ୍ରମିକ ସଂଖ୍ୟା | ପଞ୍ଜୀକରଣ ନମ୍ବର | କ୍ରୟ ତାରିଖ | ରସିଦ ତାରିଖ | ପଞ୍ଜୀକରଣ ତାରିଖ | ବୀମା ଆରମ୍ଭ ତାରିଖ | ବୀମା ଶେଷ ତାରିଖ |
|---|---|---|---|---|---|---|
| **ପରିବହନ ଅଞ୍ଚଳ – ଭୁବନେଶ୍ୱର (ବାହନ – 2)** | | | | | | |
| 1. | OR-02-AP-0475 | 22/03/2006 | 14/06/2007 | 16/06/2007 | 22/03/2006 | 21/03/2007 |
| 2. | OR-02-AP-5060 | 19/05/2006 | 25/07/2007 | 28/07/2007 | 19/05/2006 | 18/05/2007 |
| 3. | OR-02-AP-6756 | 24/07/2006 | 14/08/2007 | 16/08/2007 | 24/07/2006 | 23/07/2007 |
| 4. | OR-02-AP-6953 | 21/01/2005 | 17/08/2007 | 18/08/2007 | 21/01/2005 | 20/01/2006 |
| 5. | OR-02-AQ-1448 | 17/08/2006 | 06/10/2007 | 08/10/2007 | 17/08/2006 | 16/08/2007 |
| 6. | OR-02-AQ-8444 | 15/07/2006 | 14/11/2007 | 19/11/2007 | 15/07/2006 | 14/07/2007 |
| 7. | OR-02-AR-2913 | 31/12/2007 | 01/01/2008 | 02/01/2008 | 31/12/2007 | 31/12/2007 |
| 8. | OR-02-AR-5193 | 12/01/2008 | 18/01/2008 | 24/01/2008 | 12/01/2008 | 13/01/2008 |
| 9. | OR-02-AR-6051 | 01/09/2007 | 21/01/2008 | 30/01/2008 | 01/09/2007 | 31/12/2007 |
| 10. | OR-02-AR-7425 | 06/02/2008 | 12/02/2008 | 14/02/2008 | 06/02/2008 | 06/02/2008 |
| 11. | OR-02-AR-7935 | 20/10/2006 | 18/02/2009 | 19/02/2008 | 20/10/2006 | 19/10/2007 |
| 12. | OR-02-AS-1559 | 28/09/2006 | 15/03/2008 | 25/03/2008 | 28/09/2006 | 27/09/2007 |
| 13. | OR-02-AS-1909 | 20/02/2007 | 17/03/2008 | 28/03/2008 | 20/02/2007 | 19/02/2008 |
| 14. | OR-02-AS-5030 | 11/04/2008 | 15/04/2008 | 21/04/2008 | 11/04/2008 | 11/04/2008 |
| 15. | OR-02-AS-5159 | 29/06/2006 | 11/04/2008 | 22/04/2008 | 29/06/2006 | 28/06/2007 |
| 16. | OR-02-AT-0046 | 30/11/2004 | 23/05/2008 | 30/05/2008 | 30/11/2004 | 29/11/2005 |
| **ରାଉରକେଲା (ବାହନ-14)** | | | | | | |
| 1. | OR-14-P-7435 | 27/01/2006 | 13/06/2007 | 13/06/2007 | 27/01/2006 | 26/01/2007 |
| 2. | OR-14-Q-3077 | 31/01/2006 | 02/11/2007 | 14/11/2007 | 27/02/2006 | 26/02/2007 |
| 3. | OR-14-Q-5730 | 27/12/2007 | 04/01/2008 | 05/01/2008 | 27/12/2007 | 01/01/2008 |

| କ୍ରମିକ ସଂଖ୍ୟା | ପଞ୍ଜୀକରଣ ନମ୍ବର | କ୍ରୟ ତାରିଖ | ରସିଦ ତାରିଖ | ପଞ୍ଜୀକରଣ ତାରିଖ | ବୀମା ଆରମ୍ଭ ତାରିଖ | ବୀମା ଶେଷ ତାରିଖ |
|---|---|---|---|---|---|---|
| 4. | OR-14-Q-6872 | 25/01/2008 | 28/01/2008 | 28/01/2008 | 25/01/2008 | 27/01/2008 |
| 5. | OR-14-Q-9129 | 26/12/2007 | 17/03/2008 | 17/03/2008 | 26/12/2007 | 25/01/2008 |
| 6. | OR-14-R-0070 | 23/03/2007 | 08/04/2008 | 08/04/2008 | 26/3/2007 | 25/03/2008 |
| 7. | OR-14-R-0483 | 03/04/2008 | 16/04/2008 | 16/04/2008 | 3/4/2008 | 08/04/2008 |
| 8. | OR-14-R-0825 | 21/12/2007 | 22/04/2008 | 23/04/2008 | 21/12/2007 | 21/03/2008 |
| 9. | OR-14-R-5445 | 12/06/2008 | 28/07/2008 | 29/07/2008 | 12/6/2008 | 20/06/2008 |
| 10. | OR-14-R-5590 | 30/07/2008 | 02/08/2008 | 02/08/2008 | 30/7/2008 | 31/07/2008 |
| 11. | OR-14-R-5591 | 30/07/2008 | 02/08/2008 | 02/08/2008 | 30/7/2008 | 01/08/2008 |
| 12. | OR-14-R-7853 | 06/10/2007 | 21/08/2008 | 30/09/2008 | 6/10/2007 | 26/09/2008 |
| **କଟକ (ବାହନ-05)** | | | | | | |
| 1. | OR-05-AB-4861 | 23/07/2006 | 28/12/2007 | 01/01/2008 | 23/07/2006 | 22/07/2007 |
| 2. | OR-05-AB-9345 | 09/03/2007 | 11/03/2008 | 14/03/2008 | 09/03/2007 | 08/03/2008 |
| 3. | OR-05-AC-4565 | 12/07/2006 | 24/05/2008 | 27/05/2008 | 12/07/2006 | 11/07/2007 |
| 4. | OR-05-AC-5728 | 22/12/2006 | 03/06/2008 | 09/06/2008 | 22/12/2006 | 21/12/2007 |
| 5. | OR-05-AC-6237 | 21/04/2006 | 11/06/2008 | 30/06/2008 | 21/04/2006 | 20/04/2007 |

# ପରିଶିଷ୍ଟ – ଙ

## ପଞ୍ଜୀକରଣ ନମ୍ବରରେ ଧାରାବାହିକତାର ଅଭାବ

(ଅନୁଚ୍ଛେଦ 3.2.13.6.1 ପ୍ରସଙ୍ଗରେ)

| କ୍ରମିକ ସଂଖ୍ୟା | ଅନୁକ୍ରମର ନାମ | ଛଡାଯାଇଥିବା ସଂଖ୍ୟା |
|---|---|---|
| ଭୁବନେଶ୍ୱର | | |
| 1. | OR02AR | 34 |
| 2. | OR02AS | 34 |
| 3. | OR02AT | 27 |
| କଟକ | | |
| 1. | OR05AB | 291 |
| 2. | OR05AC | 193 |
| ଝାରସୁଗୁଡା | | |
| 1. | OR23B | 112 |
| ରାଉରକେଲା | | |
| 1. | OR14Q | 229 |
| 2. | OR14R | 194 |

# ପରିଶିଷ୍ଟ – ଚ

## ପଞ୍ଜୀକରଣ ଅତିକ୍ରାନ୍ତ ହୋଇଥିବା ଅଣପରିବହନ ଯାନ

(ଅନୁଚ୍ଛେଦ 3.2.13.8 ପ୍ରସଙ୍ଗରେ)

| କ୍ରମିକ ସଂଖ୍ୟା | ବିରରଣ | ଭୁବନେଶ୍ୱର | କଟକ | ରାୟଗଡା | ସୁନ୍ଦରଗଡ | ମୋଟ |
|---|---|---|---|---|---|---|
| 1. | ତଥ୍ୟ ଆଧାରରେ ଥିବା ଦୁଇଚକିଆ ଓ ଘରୋଇ ହାଲୁକା ମୋଟର ଯାନ ଯାହାର ଫିଟନେସ୍/ପଞ୍ଜୀକରଣ ଅତିକ୍ରାନ୍ତ ହୋଇଯାଇଛି | 137 | 213 | 104 | 8,872 | 9,326 |
| 2. | ଦୁଇଚକିଆ ଯାନ | 84 | 95 | 91 | 8,853 | 9,123 |
| | (i) 60 ଟଙ୍କା କରି ଫିସ୍ ଅନାଦାୟ | | | | | |
| | (ii) ଉପଯୁକ୍ତତା ପ୍ରମାଣପତ୍ର ପରୀକ୍ଷା ନିମନ୍ତେ 100 ଟଙ୍କା ହିସାବରେ ଫିସ୍ ଅନାଦାୟ | | | | | |
| | (iii) ନବୀକରଣ ଉପଯୁକ୍ତତା ପ୍ରମାଣପତ୍ର ନିମନ୍ତେ 100 ଟଙ୍କା ହିସାବରେ ଫିସ୍ ଅନାଦାୟ | | | | | |
| 3. | ହାଲୁକା ମୋଟର ଯାନ (ଘରୋଇ) | 53 | 118 | 13 | 19 | 203 |
| | (i) 200 ଟଙ୍କା ହିସାବରେ ପଞ୍ଜୀକରଣ ଫିସ୍ ଅନାଦାୟ | | | | | |
| | (ii) 200 ଟଙ୍କା ହିସାବରେ ଉପଯୁକ୍ତତା ପ୍ରମାଣପତ୍ର ପରୀକ୍ଷା ଫିସ୍ ଅନାଦାୟ | | | | | |
| | (iii) 100 ଟଙ୍କା ହିସାବରେ ନବୀକରଣ ଉପଯୁକ୍ତତା ପ୍ରମାଣପତ୍ର ଫିସ୍ ଅନାଦାୟ | | | | | |
| **ସମୁଦାୟ ଫିସ୍ ଅନାଦାୟ** | | **48,340** | **83,700** | **30,160** | **23,11,280** | **24,73,480** |